ଜୟକାନ୍ତନଙ୍କ କଥା ଓ କାହାଣୀ

ଅନ୍ତର୍ଭାରତୀୟ ପୁସ୍ତକମାଳା

ଜୟକାନ୍ତନଙ୍କ କଥା ଓ କାହାଣୀ

ଡ.ଜୟକାତନ

ଅନୁବାଦ

ନାରାୟଣ ପୃଷେଠ୍

ନ୍ୟାସ୍‌ନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ

ISBN-81-237-1835-7

1996 (ଶକାବ୍ଦ 1918)

© ଡ ଜୟକାନ୍ତନ

ଓଡ଼ିଆ ଅନୁବାଦ © ନ୍ୟାସନାଲ ବୁକ ଟ୍ରଷ୍ଟ ଇଣ୍ଡିଆ 1996

Original Title Jayakantan Chirukthaikal (*Tamil*)

Oriya Translation Jayakantananka Katha O Kahani

ଟ 40 00

ନିର୍ଦ୍ଦେଶକ ନ୍ୟାସନାଲ ବୁକ ଟ୍ରଷ୍ଟ ଇଣ୍ଡିଆ ଏ-5, ଗ୍ରୀନପାର୍କ,
ନୂଆଦିଲ୍ଲୀ-110 016 କର୍ତ୍ତୃକ ପ୍ରକାଶିତ ।

ସୂଚୀପତ୍ର

ଭୂମିକା	vii
ଅଗ୍ନିପ୍ରବେଶ	1
ସାକ୍ଷାତ୍କାର	19
ଅଚରଙ୍କ ପବିତ୍ର ହୋଇଥାଏ	30
ଅନ୍ଧାର ପଥେ	46
ଗୁରୁପୀଠ	62
ମୁଁ ବଞ୍ଚିଛି	71
ଆତ୍ମ ଦର୍ଶନ	84
ଭୁଲ, ଅପରାଧ ନୁହେଁ	98
ଆମ ସାହିର ମାର୍ଜାର	111
ଦିନବେଳା ପାସେଞ୍ଜର ଗାଡ଼ିରେ	122
ବହିଷ୍କୃତ	135
କ୍ରୁଶ	149
ଆପଣ କୁହନ୍ତୁ, ମୁଁ କ'ଣ କରିବି ?	157
ନୂଆ ଜୋତା	167
ନୀତି	178

ଭୂମିକା

ଏଇ ଗଳ୍ପ ସଂଗ୍ରହରେ ଗ୍ରନ୍ଥିତ ମୋ କାହାଣୀଗୁଡ଼ିକ 1956 ରୁ 1972 ମଧ୍ୟରେ ତାମିଲନାଡୁର ବିଭିନ୍ନ ପତ୍ରିକାରେ ପ୍ରକାଶିତ ହୋଇଥିଲା । 1950-60 ଦଶକରେ ତାମିଲ ଭାଷାରେ, ବହୁ ପ୍ରସାରିତ ଓ ଲୋକପ୍ରିୟ ପତ୍ରିକାମାନଙ୍କରେ 'ଉଚ୍ଚସ୍ତରର ଭଲ ଗଳ୍ପ ପଢ଼ିବାକୁ ମିଳୁନାହିଁ'—ଏ ଅଭିଯୋଗକୁ ମୁଁ ମିଥ୍ୟା ପ୍ରମାଣିତ କରିଛି । ସେ ସମୟରେ ତାମିଲ ପତ୍ରିକାରେ ଭଲ କାହାଣୀ ମୋ ପାଇଁ ମିଳି ପାରିଲା କିମ୍ବା କୁହାଯାଇପାରେ ଯେ, ଭଲ କାହାଣୀ ଯୋଗୁଁ ତାମିଲ ପତ୍ରିକା ପଢ଼ିବା ଭଳି ହେଲା । ସେଥିପାଇଁ ସମୁଚିତ କୃତଜ୍ଞତା ସହ ପାଠକ ଓ ପତ୍ରିକାବାଲା ମୋତେ ସମାଦୃତ କରୁଥିଲେ ।

ଗଲା ପଚାଶବର୍ଷ ଭିତରେ ତାମିଲ କଥା ସାହିତ୍ୟରେ ଏଭଳି କେତେକ ସାର୍ଥକ କଥାକାର ସୃଷ୍ଟି ହୋଇଛନ୍ତି —ଯେଉଁମାନେ ବିଶ୍ୱ—କଥା—ସାହିତ୍ୟସ୍ତରର କାହାଣୀ ଲେଖି କେବଳ ତାମିଲ ଭାଷାର ଯେ ମାନ ଉଚ୍ଚ କରିଛନ୍ତି, ତା' ନୁହେଁ, ନିଜର ବି ଉନ୍ନତି ସାଧନ କରିଛନ୍ତି । ସେମାନଙ୍କ ମଧ୍ୟରୁ ମୁଁ ବି ଜଣେ । ଏ ସତ୍ୟକୁ ଯାହା କୁହାଗଲେ ମଧ୍ୟ ତା' କେବଳ ଆତ୍ମପ୍ରଶଂସା ନୁହେଁ । କଥାଟି ମୁଁ କହୁଛି ବୋଲି ତାକୁ ଆତ୍ମଶ୍ଳାଘା ବୋଲି ଧରାଯିବା ଉଚିତ ନୁହେଁ । ଭୂମିକାରେ କଥାଟି କହୁଛି ଏଥିପାଇଁ ଯେ, ଏ ଖବରଟି ତାମିଳେତର ଭାଷାଭାଷୀ ପାଠକମାନଙ୍କ ପାଖରେ ପହଞ୍ଚିବା ଦରକାର ।

ତାମିଲ ଭାଷାର ଏପରି କିଛି ବିଶେଷତ୍ୱ ଅଛି, ଯାହା ଅନ୍ୟ ଭାଷାରେ ମିଳେ ନାହିଁ । ଏପରିଭାବେ ଦୋଷତ୍ରୁଟି ମଧ୍ୟ ଅଛି । ମଣିଷ ଓ ଜୀବନକୁ ଭଲ ପାଇବାଟା ହିଁ ମୋର ସିଦ୍ଧାନ୍ତ । ମଣିଷ ଓ ଜୀବନ ସହ ସମ୍ପୃକ୍ତ ରହିବା ହିଁ ଭାଷାର ବିଶେଷତ୍ୱ ଓ ଶ୍ରେଷ୍ଠ ଗୁଣ । ନିଜ ଭାଷାର ପରିଧି ଭିତରେ କେବଳ ସାର୍ଥକ ହେବାଟା କୌଣସି ରଚନା ପାଇଁ ଶ୍ରେଷ୍ଠ ଗୁଣ ହୋଇ ପାରେନା । ଗୋଟିଏ ମଣିଷ ବିଷୟରେ ଅନ୍ୟ ମଣିଷର ଚିନ୍ତା, ବୟସ, ଭାଷା ଓ ପ୍ରଦେଶର ସୀମା ପାରିହୋଇ ଆତ୍ମୀୟତାକୁ ଯଦି ଯୋଡ଼ି ଦେଇପାରେ ତା'ହେଲେ ତାହା ହିଁ ସଭ୍ୟତାର ବିକାଶ ତଥା ସାହିତ୍ୟ—ସଭ୍ୟତାର କଷଟି ପଥର । ମୋର ଏଇ କାହାଣୀଗୁଡ଼ିକର ପ୍ରକାଶ କାଳରେ ହିଁ କଡ଼ା ଆଲୋଚନା ହୋଇଥିଲା, ଉଚ୍ଚକୁ ଅଭିନନ୍ଦନ ମଧ୍ୟ ମିଳିଥିଲା । ମୁଁ ନିଜର ବିଚାର ଅନୁସାରେ ଆଲୋଚନାରେ ବିବାଦଗ୍ରସ୍ତ ଚର୍ଚ୍ଚା—ପରିଚର୍ଚ୍ଚା ଗୁଡ଼ିକରେ ଅଂଶ ଗ୍ରହଣ କରି ଉତ୍ତର ଦେଇଥିଲି । କେତେକ ସ୍ଥାନରେ ଚୁପ୍‌ଚାପ୍ ରହିଛି । କିନ୍ତୁ କେବେ ନିଷ୍କ୍ରିୟ ହୋଇ ରହିନାହିଁ ।

ପତ୍ର ପତ୍ରିକା ମାଧ୍ୟମରେ ହିଁ ମୁଁ ଲୋକଙ୍କ ଭିତରେ ପରିଚିତ ହୋଇ ପାରିଲି। ତାମିଲନାଡୁର ଅବସ୍ଥା ଏମିତି। ଖେଚୁଡ଼ି ଭଳି ରଚିକୁ 'ସାହିତ୍ୟିକ ରଚି' ମାନୁଥିବା ତାମିଲ ପାଠକମାନଙ୍କ ସଂପର୍କରେ ପ୍ରକୃତ ସାହିତ୍ୟପ୍ରେମୀଙ୍କୁ ବେଶି ମୁଣ୍ଡ ଖେଳାଇବାର ଦରକାର ନାହିଁ, କାହିଁକିନା, ଖେଚୁଡ଼ି ଭଳି କୌଣସି ଜିନିଷ ତିଆରି କରି ଦେବା ପାଇଁ ସେମାନେ କୌଣସି ସୃଷ୍ଟିଶୀଳ ସାହିତ୍ୟିକ ପାଖରେ ଦାବୀ କରନ୍ତି ନାହିଁ। ତଥାପି ବହୁ ଲେଖକ ସେମିତି ଜିନିଷ ଲେଖି ପାଠକମାନଙ୍କୁ ନିଜଆଡ଼କୁ ଟାଣିବାର ବ୍ୟର୍ଥ ଚେଷ୍ଟା କରନ୍ତି। ନିଜେ ଦେଖାଶିଖା ଚମତ୍କାରିତା ଦେଖାନ୍ତି ଆଉ ସେଇ ଚମତ୍କାରିତାର ସହଜ ପରିଣାମ ସ୍ୱରୂପ ପତନର ଶିକାର ହୁଅନ୍ତି। ନିଜ ପତନରେ ରାଗି ଅଯଥା 'ପାଠକମାନେ ସାହିତ୍ୟ ପ୍ରତି ବିମୁଖ' ବୋଲି କେତେ ଯୁକ୍ତି ବାଢ଼ନ୍ତି।

ମୋତେ ଯେଉଁ ସୁଯୋଗ ମିଳିଛି, ତା'ର ପୂରା ଉପଯୋଗ କରିବାଲାଗି ମୁଁ ଚେଷ୍ଟା କରିଛି। ମୋ ଲିଖିତ କାହାଣୀ ଛାପୁଥିବା ତାମିଲ ପତ୍ରିକାଗୁଡିକ ସାହିତ୍ୟର ଉଦ୍ଧାର କରୁଛନ୍ତି ନା ନାହିଁ, ସେ ଭିନ୍ନ କଥା। ବ୍ୟବସାୟୀ ପତ୍ରିକାଗୁଡ଼ିକ ଯେ ସାହିତ୍ୟର ଅବଶ୍ୟ ଉଦ୍ଧାର କରିବେ ଏ କଥା ଦାବୀ କରିବାର ଅଧିକାର ମୋର ନାହିଁ। ମୁଁ ସେ ପତ୍ରିକାଗୁଡ଼ିକର ଚାକର ନୁହେଁ କି ଅଂଶୀଦାର ବି ନୁହେଁ। ସେମାନେ ନିଜ ପତ୍ରିକା ମାଧ୍ୟମରେ ବ୍ୟବସାୟ କରନ୍ତି। ଏମିତି ଚାଲୁ ଚାଲୁ ସେମାନେ ବ୍ୟବସାୟର କଦର୍ଯ୍ୟ ରଙ୍ଗଢଙ୍ଗ ଗ୍ରହଣ କରିବା ଆରମ୍ଭ କରିସାରିଲେଣି। ସେମାନଙ୍କ ସହ ମୋର ଘନିଷ୍ଠ ସଂପର୍କ ଥିଲାବେଳେ ମୁଁ ବହୁବାର ମୋର ମତାମତ ସେଇ ପତ୍ରିକାଗୁଡ଼ିକର ମାଧ୍ୟମରେ ହିଁ ବ୍ୟକ୍ତ କରିଛି।

ଜଣେ ଲେଖକ ଭାବରେ ନିଜ ଅଧିକାର ଲଢ଼ିବାକୁ ମୋତେ ଲଜ୍ଜ୍ୟାସ୍ପଦ ଜଣାପଡ଼େ। କାହିଁକିନା ସାଂପ୍ରତିକ ଦୁନିଆରେ ଅସଲି ହକଦାର୍ ଲୋକେ କୌଣସି ଅଧିକାର ବିନା, ଆନ୍ଦୋଳନର ନାଁରେ ପରିବର୍ତ୍ତିତ ହୋଇପାରନ୍ତି, ଏକଥା ମୁଁ ଜାଣେ। ସବୁ ଲୋକଙ୍କୁ ଉଚିତ ସୁବିଧା ଓ ଅଧିକାର ମିଳି ସାରିଲା ପରେ ଶେଷରେ ବୁଦ୍ଧିଜୀବୀମାନଙ୍କ ପାଇଁ ସେଇ ଅଧିକାର ଓ ସୁବିଧା କଥା ବୋଧହୁଏ ଚିନ୍ତା କରାଯାଇପାରେ। ଏହି କ୍ରମ ବିନା ସବୁ ମିଳିଗଲେ ସୁଦ୍ଧା ସେଥିରେ ପ୍ରକୃତ ବୁଦ୍ଧିଜୀବୀଙ୍କ ମନ ପୂରିବ ସିନା, ତାଙ୍କ ଆତ୍ମିକ ପରିତୋଷ ହୋଇପାରିବନି। ଅପରପକ୍ଷେ, ତାଙ୍କ ଅନ୍ତଃ ଚେତନାରେ ଅପରାଧବୋଧର ସୃଷ୍ଟି ହେବ।

ଏଇ ପୁସ୍ତକରେ ସନ୍ନିବେଶିତ କାହାଣୀଗୁଡ଼ିକ ମଧ୍ୟରୁ 'ଅଗ୍ନି ପ୍ରବେଶ' ୧୨୬୬ରେ ଲୋକପ୍ରିୟ ତାମିଲ ସାପ୍ତାହିକ 'ଆନନ୍ଦ ବିକଟନ୍'ରେ ପ୍ରକାଶିତ ହୋଇଥିଲା। ଏଇ କାହାଣୀର 'ଥିମ୍' ଯେମିତି ପୁରାପୁରି ବୈପ୍ଳବିକ ବୋଲି କୁହାଯାଉଛି, ଠିକ୍ ସେପରି ନୁହେଁ। କିନ୍ତୁ ସାହିତ୍ୟିକ ରଚିଥିବା ସାଧାରଣ ପାଠକମାନଙ୍କ ମଧ୍ୟରେ ଏମିତି **କାହାଣୀ** ବୈପ୍ଳବିକ' ଚିନ୍ତା, ଖୁବ୍ ଉଦ୍‌ବେଳନ ସୃଷ୍ଟି କଲା। **ମୋର** ଏ କାହାଣୀର ମୂଳକଥାରେ ସାମାନ୍ୟ ପରିବର୍ତ୍ତନ କରି ଏହାର 'ମୁଖ୍ୟ ଚରିତ୍ର'କୁ ଆତ୍ମହତ୍ୟା କରାଇ, ଏଇ ଶୀର୍ଷକ ଦେଇ କାହାଣୀ ଲେଖାଗଲା। ସେଇ କାହାଣୀକୁ ଛାପି ବଡ଼ ବଡ଼ ପତ୍ରିକାଗୁଡ଼ିକ

ସେଇ ପ୍ରତିକ୍ରିୟାକୁ ପ୍ରୋତ୍ସାହିତ ମଧ୍ୟ କଲେ। ଖୁବ୍ ଶାନ୍ତ ଓ ସହନଶୀଳ ମନୋଭାବ ନେଇ ମୁଁ ସେଇସବୁ ପ୍ରବଳ ଆକ୍ରମଣ ଖାଲି ଦେଖୁଥାଏଁ। ସୃଷ୍ଟିଧର୍ମି ପ୍ରବୃତ୍ତି ଲାଗି ଧୈର୍ଯ୍ୟ ଓ ସହନଶୀଳତା ଅନିବାର୍ଯ୍ୟ ଗୁଣ ବୋଲି ମୁଁ ଭାବେ। ସେ ଝଡ଼ ଶାନ୍ତ ହେଲା ପରେ ମୁଁ ଏଇ କାହାଣୀକୁ ଆଗେଇ ନେଇ, ମୂଳକଥା ଉପରେ ଖୁବ୍ ଯୋର୍ ଦେଇ, ଏକ ଉପନ୍ୟାସ ରଚନା କଲି। ଉପନ୍ୟାସର ପରିଣତି ପାଇଁ ସେଇ ଆକ୍ରମଣ କରିଥିବା ବନ୍ଧୁମାନଙ୍କୁ କୃତଜ୍ଞତା ଜଣାଉଛି।

'ସାକ୍ଷାତକାର' (ନନ୍ଦବତଭିଳ ଓ ଆଣ୍ଡି) 1956 ରେ ମୋ ଲିଖିତ ପ୍ରାରମ୍ଭିକ କାହାଣୀ ମଧ୍ୟରୁ ଅନ୍ୟତମ। ମୋତେ ଲେଖକର ସ୍ୱାଧୀନତା ସଙ୍ଗେ ଲେଖିବା ପାଇଁ ସୁଯୋଗ ଦେଇଥିବା ମାର୍କ୍ସବାଦୀ ବନ୍ଧୁମାନଙ୍କ ପ୍ରଚେଷ୍ଟାରେ ପ୍ରକାଶିତ ସାହିତ୍ୟିକ ପତ୍ରିକା 'ସରସ୍ୱତୀ' ରେ ପ୍ରକାଶିତ ହୋଇଥିଲା।

'ଅନ୍ତରଙ୍ଗ ପବିତ୍ର ହୋଇଥାଏ' (ଅନ୍ତରଙ୍ଗମ୍ ପୁନିଦମାନଦୁ) 1967 ରେ ''ଆନନ୍ଦ ବିକଟନ୍'' ରେ ଛାପା ହୋଇଥିଲା।

'ଅନ୍ଧାର ପଥେ' (ଇରୁଲୈତ ତେଡ଼ି) 1964 ରେ 'ଆନନ୍ଦ ବିକଟନ୍' ରେ ଛପା ହେବା ପରେ ମୋ ନାଁରେ ଗୁଜବ ଉଠିଲା ଯେ, ବ୍ରାହ୍ମଣ ଝିଅମାନେ ଖରାପ ହେବା ଲାଗି ମୁଁ କୁଆଡ଼େ ଦାୟୀ '

'ଆନନ୍ଦ ବିକଟନ୍'ର 1970 ଦୀପାବଳୀ ବିଶେଷାଙ୍କରେ 'ଟୁରୁପୀଠ' (ଗୁରୁପୀଟମ୍) ପ୍ରକାଶିତ ହୋଇଥିଲା। 'ମୁଁ ବଞ୍ଚିଛି' (ନାନଇର ଙ୍କିରେନ୍) 1962 ରେ 'ଆନନ୍ଦ ବିକଟନ୍'ରେ ପ୍ରକାଶିତ ହୋଇ ସବୁ ଶ୍ରେଣୀର ପାଠକମାନଙ୍କ ଦ୍ୱାରା ପ୍ରଶଂସିତ ହୋଇଥିଲା। ଏଇଟା ମୋର ଅନ୍ୟ ଏକ ପ୍ରାରମ୍ଭିକ କାହାଣୀ।

'ଆତ୍ମଦର୍ଶନ' (ସୁୟଦରିଶନମ୍) 'ଆନନ୍ଦବିକଟନ୍'ରେ 1965 ରେ ପ୍ରକାଶିତ ହୋଇଥିଲା। ଏଇ କାହାଣୀ ମୁଁ ବ୍ରାହ୍ମଣ ପରିବାରର ଲୋକ ବୋଲି ପାଠକ ମନରେ ଭ୍ରମ ସୃଷ୍ଟିକରେ। ମୋର ଆଶଙ୍କା ଥିଲା, ବ୍ରାହ୍ମଣ ସମାଜ ଭିତରୁ ମୋ ଉପରେ ପ୍ରଚଣ୍ଡ ଆକ୍ଷେପ ହେବ। ଆଶ୍ଚର୍ଯ୍ୟର କଥା, ସେମିତି କିଛି ହେଲା ନାହିଁ। ଫଳରେ ତାମିଲନାଡୁର ବ୍ରାହ୍ମଣମାନଙ୍କ ସଂପର୍କରେ, ମୋ ମନଭିତରେ ଏକ ନୂତନ ଆଶା ଜାଗ୍ରତ ହେଲା।

'ଭୁଲ, ପାପନୁହେଁ (ତବରୁଗଲି କୁଟ୍ରଂଗଲଲ୍ଲ) 1966 ରେ 'ଆନନ୍ଦ ବିକଟନ୍' ରେ ଏବଂ 'ଆମ ସାହିତ ମାଜାଟ' (ଅଗ୍ରହାରତ୍ତୁପ ପୁନୈ) 1968 ରେ 'ଆନନ୍ଦ ବିକଟନ'ର ଦୀପାବଳୀ ବିଶେଷାଙ୍କରେ ପ୍ରକାଶିତ ହୋଇଥିଲା।

'ଦିନବେଳାର ପାସେଞ୍ଜର ଗାଡ଼ିରେ ' (ଓରୁ ପକଲନେରପ ପାସେଞ୍ଜର ବଣ୍ଡିୟିଲ) 1964 ରେ 'ଆନନ୍ଦ ବିକଟନ୍'ରେ ଛାପା ହୋଇଥିଲା। ଏକ ବୃହତ୍ ଉପନ୍ୟାସର ବିଷୟ ବସ୍ତୁର ଏଇଟା ହେଉଛି ସଂକ୍ଷିପ୍ତ ରୂପ। ଏଇ କାହାଣୀଟି ଦୀର୍ଘ ଭାବରେ ପରେ 'ପ୍ରଳୟ' (ପ୍ରଳୟମ୍) ନାମରେ 'ଆନନ୍ଦ ବିକଟନ୍'ର ଦୀପାବଳୀ ସଂଖ୍ୟାରେ ଧାରାବାହିକ ଭାବେ ପ୍ରକାଶିତ ହୋଇଥିଲା। 'ପ୍ରଳୟ'କୁ ଏକ ଲଘୁ ଉପନ୍ୟାସ କୁହାଯାଇଛି।

‘ବହିଷ୍କୃତ’ (ଓରୁବାଡ଼ି ପୁଚ୍ଛିକ୍ଷିତ୍ତକିରବୁ) ୧୯୬୯ର ‘ଆନନ୍ଦ ବିକଟନ୍’ରେ ବାହାରିଥିଲା। କବିତା ନାଟକ ଓ ଲଳିତ ନିବନ୍ଧ ଭଳି ଏକ କାହାଣୀ ଲେଖିବା ପାଇଁ ମୋର ଇଚ୍ଛାଥିଲା। ଉଦ୍ଦେଶ୍ୟ ଥିଲା ଯେ, ଏଇ ବହୁରଙ୍ଗୀ କାହାଣୀରେ କବିତା ଆଦିର ସ୍ପର୍ଶ ରହୁ କିନ୍ତୁ କାହାଣୀ ଉପରେ କୌଣସି ଆଞ୍ଚ ନ ଆସୁ। ଏଭଳି କେତୋଟି କାହାଣୀ ମୁଁ ପୂର୍ବରୁ ମଧ୍ୟ ଲେଖିଥିଲି। ଏଇ କାହାଣୀଟି ଏକ ଏକାଙ୍କିକା ଭଳି ମୋ ମନ ଭିତରେ ରେଖାପାତ କରିଛି।

‘କ୍ରୁଶ’ (ସିଲୁବେ) ୧୯୫୪ରେ କମ୍ୟୁନିଷ୍ଟ ଦଳର ସାହିତ୍ୟିକ ପ୍ରତିକା ‘ତାମରୈ’ରେ ପ୍ରକାଶିତ ହୋଇଥିଲା।

ନୀଳି (ନୀଲି) ୧୯୬୯ରେ ସାହିତ୍ୟିକ ମାସିକ ‘କଲେମଗଳ’ରେ ପ୍ରକାଶିତ ହୋଇଥିଲା। ଘରପୋଷା ପଶୁମାନଙ୍କ ଉପରେ ଆଉ କେତୋଟି ଗଳ୍ପ ମୁଁ ଲେଖିଛି। ସେଇ ପଶୁମାନଙ୍କ ସହ ଖେଳିବା ଲାଗି ମୋତେ ଖୁବ୍ ଭଲ ଲାଗେ। ତଥାପି ଯେ ମୁଁ ସେମାନଙ୍କୁ ବୁଝିବା ପାଇଁ ଚେଷ୍ଟା କରେ, ସେମାନଙ୍କୁ ଖୁବ ନିବିଡ଼ ଭାବେ ଚିହ୍ନିପାରେ, ଏଇ ତଥ୍ୟଟିକୁ ଏଇ କାହାଣୀଟି ପ୍ରତିଷ୍ଠିତ କରିଛି।

ମୋର ଏଇ କାହାଣୀଗୁଡ଼ିକର ସାହିତ୍ୟିକ ମୂଲ୍ୟାୟନ କରିବା ମୋ କାମ ନୁହେଁ। ପ୍ରତ୍ୟେକ କାହାଣୀର ପୃଷ୍ଠଭୂମିରେ ତାର ଲେଖକ ଓ ସମାଜ ସହ ତା'ର ସଂପର୍କର ନିଜର ଏକ କାହାଣୀ ଥାଏ। ସେ ସଂପର୍କରେ କହିବା ମଧ୍ୟ ଏ ‘ଭୂମିକାର’ ଉଦ୍ଦେଶ୍ୟ ନୁହେଁ। ଏଇଠି କେବଳ ସୂଚନା ମାତ୍ର ଦେଉଛି। କାହାଣୀଗୁଡ଼ିକ ମୋର ପ୍ରତିଷ୍ଠିତ ନୀତିକୁ ଆଉ ମୋର ଚିନ୍ତାଧାରାକୁ କେବଳ ପ୍ରଚାର ନ କରି, ଏଗୁଡ଼ିକ ସାଂପ୍ରତିକ ଜୀବିତ ଭାରତୀୟ ସମାଜର ସାଧାରଣ ଲୋକର ପ୍ରକୃତ ଛବି ତାର ଅନ୍ତରାଳରେ ଥିବା ମଣିଷ ମଣିଆର ପ୍ରକୃତ ଛବିକୁ ଚିହ୍ନି ଯଦି ଅନ୍ୟାନ୍ୟ ଭାଷାରେ ମଧ୍ୟ ପ୍ରକାଶ କରିପାରିଛି, ତାହେଲେ ମୁଁ ଖୁସି ହେବି।

କାହାଣୀଗୁଡ଼ିକୁ ଅନ୍ୟାନ୍ୟ ଭାଷାରେ ପ୍ରକାଶ କରିବାର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନେଇ ମୋତେ ଓ ମୋର ଭାଷାକୁ ଗୌରବାନ୍ୱିତ କରିଥିବା ନ୍ୟାସନାଲ ବୁକ ଟ୍ରଷ୍ଟ ଇଣ୍ଡିଆଙ୍କ ନିକଟରେ ମୁଁ ସର୍ବଦା କୃତଜ୍ଞ ରହିବି।

ଡ଼ ଜୟକାନ୍ତନ୍

ଅଗ୍ନିପ୍ରବେଶ

ଦିନ ଦିପହରରୁ ତୁହାକୁ ତୁହା ବର୍ଷା ଲାଗି ରହିଥିଲା । ସଂଧ୍ୟାବେଳକୁ ସେଇ ମହିଳା କଲେଜ ସାମ୍ନାରେ ଝିଅମାନଙ୍କ ଇନ୍ଦ୍ରଧନୁର ରଙ୍ଗ ବେରଙ୍ଗ ଭିଡ଼ ବସ ଅପେକ୍ଷାରେ ଲାଗି ରହିଥିଲା । ଧନୀ ଘରର ଝିଅମାନେ ଭିଡ଼ ପାଖରେ ନିଜ ନିଜ କାର୍ ଅଟକାଇ ନିଜର ଅନ୍ତରଙ୍ଗ ବାନ୍ଧବୀମାନଙ୍କୁ ଗାଡ଼ିରେ ବସେଇ ନେଇ ଯାଉଥିଲେ । ପ୍ରତ୍ୟେକ ଦିନ ଝିଅମାନଙ୍କୁ ନିଆଅଣା କରୁଥିବା ଧୂସର ରଙ୍ଗର କଲେଜ ଭ୍ୟାନ୍‌ଟି ମଧ୍ୟ ଚାଲିଯାଇଥିଲା । ପ୍ରାୟ ଅଧଘଣ୍ଟା ଧରି ହର୍ଣ୍ଣର ଆବାଜ ଓ ଥଣ୍ଡାରେ ଥରି ଉଠୁଥିବା ଗଛଉଦା ଝିଅମାନଙ୍କ ମଧୁରହାସ୍ୟରୋଳ, ବର୍ଷାର ଶବ୍ଦ ସହିତ ଏକାକାର ଭାବେ ଗୁଞ୍ଜରି ଉଠୁଥିଲା । ସାଢେ ପାଞ୍ଚଟା ପରେ, ବସ୍‌ଷ୍ଟାଣ୍ଡ ପାଖ ଗଛତଳେ ପ୍ରାୟ ପନ୍ଦର କୋଡ଼ିଏ ଜଣ ଛାତ୍ରୀ ଦଶବାରଟା ଛତା ତଳେ ଛିଡ଼ା ହୋଇଥିଲେ ଗୁଞ୍ଜି ଗୁଞ୍ଜି ହୋଇ ।

ସହର ଭିତର ହେଲେ ସୁଦ୍ଧା ସେଇ ରାସ୍ତାଟିରେ ଏତେ ଚଳପ୍ରଚଳ ବା କୋଳାହଳ ନାହିଁ । କେତୋଟି ବଙ୍ଗଳା ଓ ଘନବୃକ୍ଷର ଛାୟାତଳ ଦେଇ ମାଡିଯାଇଥିବା ସେଇ ରାସ୍ତାରେ ବର୍ଷାରୁ ବଞ୍ଚିବା ପାଇଁ ଆଡ କୌଣସି ଜାଗା ନାହିଁ । ବହିଗୁଡିକ ଛାତିରେ ଜାକି ଧରି, ଶାଢୀ କଳିଗୋଡରୁ ସମାନ୍ୟ ଉପରକୁ ଟେକି ଦୁଇ ଆଣ୍ଠୁ ମଝିରେ ଚପେଇଧରି ସେଇ ଛାତ୍ରୀମାନେ ଦୀର୍ଘ ସମୟ ଧରି ସେଇ ବର୍ଷା ମାଡ଼ରେ ସୁଦ୍ଧା ନିଜ ନିଜ ବସ୍‌ର ପ୍ରତୀକ୍ଷାରେ ଥିଲେ ।

ରାସ୍ତାର ଅପର ପାର୍ଶ୍ୱରୁ ବସ୍‌ର ଘର୍‌ର୍ ଘର୍‌ର୍ ଶବ୍ଦ ଶୁଭୁଛି । 'ହେ ! ବସ୍ ଆସୁଛି' ଏକାଥରକେ ବହୁକଣ୍ଠର ମିଳିତ ଧ୍ୱନି ।

'ବାଇ, ବାଇ ।'

'ସି ୟୁ '

'ଚିରିଓ '

ତାପରେ କଣ୍ଡକ୍ଟରର ହୁଇସିଲର ଆବାଜ । ଅଧାଭିଡ କାଟି, ଦମ ନେଇ ପୁଣି ବସ ଚାଲିଗଲା । ବସ୍‌ଷ୍ଟାଣ୍ଡରେ କେବଳ ଦଶବାର ଜଣ ଝିଅ ରହିଗଲେ । ବର୍ଷାଦିନ ଯୋଗୁଁ ଦିନ ବି ଖୁବ୍ ଶିଘ୍ର ଅତିକ୍ରାନ୍ତ ହୋଇଗଲାଣି । ବରସାତି ପିନ୍ଧି କୌଣସି ଏକ ରିକ୍ସାବାଲା ବସ୍‌ଷ୍ଟାଣ୍ଡ ପାଖରେ ଛିଡା ହୋଇଥିବା ଷଣ୍ଢକୁ ଆଡେଇବା ପାଇଁ

ଖୁବ୍ କମ୍ ଶବ୍ଦ କରୁଥିବା ରିକ୍ସା ଘଣ୍ଟି ବଜେଇ ବଜେଇ ଆସିଲା। ତଥାପି ଷଣ୍ଢକୁ ନିଜ ଜାଗାରୁ ସାମାନ୍ୟ ସୁଦ୍ଧା ଘୁଞ୍ଚୁଥିବା ନଦେଖି, ପାଖରେ ଝିଅମାନଙ୍କ ଉପସ୍ଥିତି ଭୁଲିଯାଇ ଅତି ଅଶ୍ଳୀଳ ଭାଷାରେ ଗାଳି ଦେଇ ଦେଇ ଆଗକୁ ଚାଲିଗଲା। ସେ କିଛି ଦୂର ଗଲାପରେ ତାର ଅଶ୍ରାବ୍ୟ ଗାଳି ସଂପର୍କରେ ଲଘୁ ଆଲୋଚନା କରି ଝିଅମାନେ ଦୀର୍ଘ ସମୟ ଧରି ତଥାପି ହସୁ ଥିଲେ।

ତାପରେ କୌଣସି ଉଲ୍ଲେଖଯୋଗ୍ୟ ଘଟଣା ଘଟି ନାହିଁ। ମନଦୋହଲା ସେଇ ନିର୍ଜନତା ଭିତରେ ଝିଅମାନେ ବୁଡ଼ି ରହିଥିଲେ। ପାଣିରେ ଦୀର୍ଘ ସମୟ ଧରି ଛିଡ଼ା ହେବା ଯୋଗୁ ପାଦରେ ଦରଜ ଆରମ୍ଭ ହେଲାଣି।

ବସ୍‌ର ତଥାପି ଦେଖା ଦର୍ଶନ ନାହିଁ।

ରାସ୍ତାର ଠିକ୍ ମଝିରେ ସେଇ ଷଣ୍ଢଟି ଛିଡ଼ା ହୋଇଛି। ବୁଢ଼ା ଷଣ୍ଢ। ଗୋଟିଏ ଶିଙ୍ଗ ମୁଣ୍ଡ ଉପରେ ଲଦି ହୋଇ ଗଲାଣି। ମୋତି ଝରିଲା ଭଳି ବର୍ଷା ପାଣି ତା ଦେହରୁ ଝରୁଛି। ବିଶାଳ ପେଟର ଦୁଇ ପାଖେ ଥିବା କଳାରେଖା ଉପରେ ପାଣି ଧାର ହୋଇ ଗଡ଼ି ଯାଉଛି। ତା ଶରୀରର ଏକାଧିକ ଅଂଶ, ବିଶେଷ କରି ଡ଼ାହାଣ ଜଙ୍ଘର ଉପର ଭାଗ ଥଣ୍ଡାଯୋଗୁଁ ମଝିରେ ମଝିରେ ଶିହରି ଉଠୁଥିଲା।

କେତେ ସମୟ ଧରି ଜଣେ ଆଉ ସେଇ ବୁଢ଼ା ଷଣ୍ଢକୁ ମନ ଭରି ଦେଖି ପାରେ? କୋହଲା ପାଗ ଯୋଗୁଁ ମନରେ ଥରେ ସିହ୍ଲାର ଭରି, ଏ ଭିଡ଼ରେ ସମସ୍ତଙ୍କଠୁଁ ଅଲଗା ରହିଥିବା ସେଇ ଝିଅଟି ମୁହଁ ଟେକି ସେ ଷଣ୍ଢକୁ ଦେଖିଲା।

ରାସ୍ତାର ଅପର ମୁଣ୍ଡରୁ ପୁଣି ଥରେ ବସ୍‌ର ଘର୍‌ର୍ ଘର୍‌ର୍ ଶବ୍ଦ ଶୁଣାଯାଉଥିଲା।

ବୁଢ଼ାଷଣ୍ଢଟି ଧୀରେ ଧୀରେ ଝିଅମାନଙ୍କ ଆଡ଼କୁ ଆସି ବସ୍ ପାଇଁ ଜାଗା ଛାଡ଼ି ସେଇ ପ୍ଲାଟଫର୍ମ ପାଖରେ ନିଜପାଇଁ ଖୁବ୍ ଅଳ୍ପ ଜାଗା ସଂରକ୍ଷିତ କରି ଛିଡ଼ା ହୋଇଗଲା।

"ହେ. ଆମ ବସ୍ ଆସିଗଲା" ଭିଡ଼ ଭିତରେ ଛିଡ଼ା ହୋଇଥିବା ବଡ଼ ଝିଅଟି ନିହାତି ପିଲାଙ୍କ ଭଳି ପାଟି କରି ଉଠିଲା

'ବାଇ, ବାଇ।'

'ଟା ଟା '

ନିଜ ଦେହ ଭିତରେ ପୁଣି ଭିଡ଼ ଲଦି ବସ୍‌ଟି ଚାଲିଗଲା ପରେ ବସ୍‌ଷ୍ଟାଣ୍ଡରେ କେବଳ ଦୁଇଟି ଝିଅ ରହିଗଲେ। ସେ ଭିତରେ ଥିଲା ଖୁବ୍ ସୁନ୍ଦର ଛୋଟିଆ ଝିଅଟିଏ। ଅନ୍ୟ ଝିଅଟି ବଡ଼। ଦେଖିବାକୁ ସାଧାରଣ କଲେଜ ଗାର୍ଲ ଟାଇପ୍। ତା ପାଖରେ ଛତା ଥିଲା, ତା ପାଖକୁ ଲାଗି ଛତା ତଳେ ଛୋଟ ଝିଅଟି ମଧ୍ୟ ଛିଡ଼ା ହୋଇଥିଲା। ତାକୁ ଦେଖି ବିଶ୍ବାସ ହେଉ ନଥିଲା ଯେ, ସେ କଲେଜରେ ପଢୁଥିବ। ଚେହେରାରୁ ହାଇସ୍କୁଲ ପଢ଼ା ଝିଅ ଭଳି ଦେଖାଯାଉଥିଲା। ଦେଖିଲେ ସହଜରେ ଜାଣି ହେଉଥିଲା, ସେ ଗରିବ ଘରର ବୋଲି। ସବୁଜ ରଙ୍ଗର ଘାଘରା,

ତା'ଉପରେ ମ୍ୟାଚ ହେଉନଥିବା ଦେଖି ପ୍ରାୟ ଲାଲ ରଙ୍ଗର ଓଢ଼ଣୀ ବୋଧ ହୁଏ ମା'ର ଶାଢ଼ୀ କାଟି ଓଢ଼ଣୀଟି ତିଆରି କରାଯାଇଛି ଫିକା ପଡ଼ିଯାଇଥିବା ଯୋଗୁଁ ରଙ୍ଗ ଚିହ୍ନିବା ବି କଷ୍ଟକର ଗଳାରେ କଳା କପଡ଼ା ଫିତା ପ୍ରେସବଟନ ଦେଇ ପିନ୍ଧିଛି କାନରେ ଯେପରି ତେଲ ଖସିବା ପାଇଁ ତିଆରି ହୋଇଥିବା ତିନି ପଥର ବସା 'କଣ୍ଢଇ' ଥିଲା। ସେଥିରୁ ବି ଗୋଟାଏ ପଥର କୁଆଡ଼େ ଖସି ଗଲାଣି। ଆଜ ଆଖି ଅନ୍ଧାରରେ ଯେମିତି ଚମକି ଉଠିଛି, ଶିଶୁ ଭଳି ନିଷ୍ପାପ ଦୃଷ୍ଟି। ସେଇ ନିରୀହ ଚକ୍ଷୁ ଯୁଗଳ ଦେଖି ମନେ ହେଉଥିଲା ଯେ, ଏଭଳି ସୁଶ୍ରୀଭରା ରୂପଥିଲେ ଗହଣା ଲଗାଇବା ଦରକାର ନାହିଁ।

ଦୁନିଆର କୌଣସି ମୂଲ୍ୟବାନ ବସ୍ତୁ ସହ ଅତୁଳନୀୟ ତାର ହାସ୍ୟ—ଲାବଣ୍ୟ ଭରା ରୂପ ଠିକ୍ ଏକ ନବୋନ୍ମିଳିତ ଫୁଲର ହସିତ ସୁଷମା ଭଳି। ବର୍ଷାଭିଜା ଥଣ୍ଡାରେ ଥରି ଥରି ତାର ଶଙ୍ଖମର୍ମର ଭଳି ପାଦ ଈଷଦ୍ ନୀଳାଭ ହୋଇଆସୁଥିଲା। ଜଳସିକ୍ତ ବ୍ଲାଉଜ ଓ ଓଢ଼ଣୀ ତା' ଦେହରେ ଚିପି ହୋଇଯାଇଥିଲା। ଦେବୀ ଭଳି ଏ ଛୋଟିଆ ମୂର୍ତ୍ତିଟିକୁ ସେଇଠି ସେଭଳି ଭାବେ ଛିଡ଼ା ହେବା ଦେଖି ଯେ କେହି ହେଲେ ହାତରେ ଟେକି ନେଇ ଯିବାକୁ ଚାହିଁବ।

"ବସ୍ ତ ଆସୁନି। କେତେ ବାଜିଲାଣି ?" ଛୋଟ ଝିଅଟି ମୁଣ୍ଡ ଉପରକୁ କରି ଛତା ଧରିଥିବା ଝିଅକୁ ପଚାରିଲା।

'ଛ ଟା ବାଜିବ।' ନିଜ ହାତବନ୍ଧା ଘଣ୍ଟା ଦେଖି ଦବିଲା ସ୍ୱରରେ ଉତ୍ତର ଦେଲା ବଡ଼ ଝିଅଟି। ଛତା ବନ୍ଦ କରୁ କରୁ ପୁଣି କହିଲା "ହେ ବସ୍ ଆସୁଛି। ମୋ ବସ୍ ହୋଇଥିଲେ ମୁଁ ଚାଲିଯିବି।" "ହଁ ହଁ । ବର୍ଷାବି ତ ଛାଡ଼ି ଆସିଲାଣି। ମୋ ବସ୍ ବି ଆସିଯିବ। ଛ'ଟା ପନ୍ଦରରେ ଟାର୍ମିନସ୍‌ରୁ ଗୋଟେ ବସ୍ ଛାଡ଼େ। ଆସୁଥିବା ବସ୍‌ଟି ମୋର ହୋଇଥିଲେ ମୁଁ ବି ଚାଲିଯିବି।" ଛୋଟ ଝିଅଟି କହିଲା। ତାର ସ୍ୱରରେ ମିଠା ଆକର୍ଷଣ ଥିଲା। ତାର ଏଭଳି କଥାରେ ବଡ଼ ଝିଅଟିକୁ ସେ ଆହୁରି ଛୋଟ ଭଳି ଜଣାଗଲା। ତାର ଗାଲ ମୃଦୁଭାବେ ଚିପି ବଡ଼ ଝିଅଟି କହିଲା, "ଭଲ ଝିଅଟେ ତୁଇ। ଘରେ ଠିକ ଠିକ୍ ପହଞ୍ଚିବୁ। ବୁଝିଲୁ ?" ଏତକ କହି ଗାଲ ଛୁଇଁଥିବା ତାର ଆଙ୍ଗୁଠି ଗୁଡ଼ିକୁ ନିଜ ଓଠରେ ସ୍ପର୍ଶ କଲା।

'ବାଇ ବାଇ '

"ଧନ୍ୟବାଦ। ମୋ ବସ୍ ଆସିଗଲା।" କହି କହି ବଡ଼ ଝିଅଟିକୁ ବିଦାୟ ଦେଇ ସାରିଲା ପରେ ପଛରୁ ଆସିଥିବା ବସ୍ ନମ୍ବର ଦେଖି ଛୋଟ ଝିଅଟି ନିରାଶ ହୋଇଗଲା। ମୁହଁରେ ତାର ନିରାଶ ଭାବ ଦେଖି ବସ୍ ଡ୍ରାଇଭର ଜାଣିଲା ଯେ, ଝିଅଟି ଏ ବସ୍‌ର ପ୍ରତୀକ୍ଷାରେ ନାହିଁ। ଷ୍ଟାଣ୍ଡରେ ଆଉ କେହି ନାହିଁ। ତେଣୁ ଗାଡ଼ି ନ ଅଟକାଇ ଆଗକୁ ଚାଲିଗଲା।

ଜନଶୂନ୍ୟ ନିର୍ଜନଭରା ସେଇ ପ୍ରଶସ୍ତ ରାସ୍ତା ଉପରେ ଝିଅଟି ଏକଲା ହୋଇଗଲା। ବୁଢ଼ା ଷଣ୍ଢଟି ଯାହା ସାଙ୍ଗଭଳି ଛିଡ଼ା ହୋଇଛି। ସାମ୍ନାରେ ଥିବା ଦୂର କଲେଜ

ଜମାଜଣରେ ଜଣେ ଅଧେ ଖାଁ ଖାଁ ଦେଖାଯାଉଛନ୍ତି। ହଠାତ୍ ପରଦା ପଡନ ଭଳି ଅନ୍ଧକାର ଛାଇଗଲା। ତା ସହିତ ପ୍ରବଳ ଗତିରେ ପବନ ମାଡ଼ିଆସି ରାସ୍ତା ଉପରେ ପଡ଼ିଥିବା ଗଛର ପତ୍ରମାନଙ୍କ ଉପରେ ପାଣିବୁନ୍ଦା ଟପ୍ ଟପ୍ ପଡ଼ିବାକୁ ଲାଗିଲା। କିଛି ସମୟ ପୂର୍ବରୁ ବନ୍ଦ ହୋଇ ଯାଇଥିବା ବର୍ଷା ପୁଣି ଆରମ୍ଭ ହୋଇଗଲା। ମଝିରାସ୍ତା ଡ଼େଇଁ ପୁଣି ଥରେ କଲେଜ ହତା ଭିତରକୁ ଚାଲିଯିବା ଆଶାରେ ରାସ୍ତାଉପରେ ଛିଡ଼ା ହୋଇ ଏପାଖ ସେପାଖ ଦେଖିଲା ବେଳକୁ ହଠାତ୍ ଏକ ବଡ଼ କାର ଆସିଗଲା। କିଂକର୍ତ୍ତବ୍ୟ ବିମୂଢ଼ ଭାବେ ସେ ପୁରାପୁରି କାର ପାଖକୁ ଲାଗି ଛିଡ଼ା ହୋଇଥିଲା।

ଆଶ୍ଚର୍ଯ୍ୟ ଓ ବିସ୍ମିତ ଭାବେ ସୁନ୍ଦର କାର୍‌ଟିର ପଛରୁ ଆଗର ଡ୍ରାଇଭିଂ ସିଟ୍ ଯାଏ ଆଖି ଘୁରେଇଲା।

କାର୍ ଚଳାଉଥିବା ଯୁବକଟି ଆକର୍ଷଣ ଭରା ହସ ହସି ନିଜ ସିଟ୍‌ରୁ ବାଁ ପାଖକୁ ଝୁଙ୍କି ପଡ଼ି ପଛ ସିଟ୍‌ର କବାଟ ଖୋଲି ଦେଲା।

"ପ୍ଲିଜ ଗେଟ୍ ଇନ୍। ଆଇ କେନ୍ ଡ୍ରପ୍ ୟୁ ଏଟ୍‌ୟୋର୍ ପ୍ଲେସ୍।" କହି କହି ଝିଅଟିକୁ ଏପରି ଭାବେ ଦେଖିଲା ଯେପରି ଠିକ୍ କିଛି ମୁହୂର୍ତ୍ତ ପୂର୍ବରୁ ଝିଅଟି କାର୍‌ଟିକୁ ଦେଖୁଥିଲା।

ଯୁବକକୁ ଦେଖି ଝିଅର ମୁହଁ ଲାଜରେ ଲାଲ ପଡ଼ିଗଲା। "ନୋ ଥେଙ୍କ୍ସ୍। ବର୍ଷା ଛାଡ଼ିଗଲା ପରେ ମୁଁ ବସ୍‌ରେ ଚାଲିଯିବି।"

"ଓ ଇଟ୍ ଇଜ୍ ଅଲ୍‌ରାଇଟ୍, ଗେଟ୍‌ଇନ୍।" ଏତେ ଅଧୀର ଭାବେ ଯୁବକ କହିଲା ଯେ, ସତେ ଯେପରି ମୁଷଳ ଧାର ବର୍ଷାରେ ତିନି ରାସ୍ତା ଉପରେ ଛିଡ଼ା ହୋଇଥିବା ଝିଅର ହାତଧରି ଟାଣି ଆଣିବା କେବଳ ବାକି ରହିଗଲା।

ଝିଅଟି ପୁଣି ଥରେ ପଛକୁ ଅନେଇଲା। ବର୍ଷାରୁ ବଞ୍ଚିବା ପାଇଁ ସେଇ ଗଛତଳର ଆଶ୍ରୟସ୍ଥଳଟି ସୁଦ୍ଧା ବର୍ତ୍ତମାନ ଷଣ୍ଢର ଅଧିକାରରେ ରହିଗଲାଣି। ତାରି ଆଗରେ କାର୍‌ର କବାଟ ଖୋଲା ଅଛି। ସେଇବାଟେ ବର୍ଷା ପାଣି ବାଜି ସିଟ୍ ଓଦା ହେବାର ଦେଖି ଝିଅଟି ଯେମିତି କବାଟ ବନ୍ଦ କରିବାକୁ ଲାଗିଲା, ଯୁବକ ହଠାତ୍ ତା ହାତଉପରେ ହାତ ରଖି ଉଦ୍ଭଟଭାବେ ମୃଦୁସ୍ପର୍ଶ ଦେଲା। ଡରିଯାଇ ଝିଅଟି ନିଜହାତ ଟାଣି ନେଇ ଯୁବକ ଆଡ଼କୁ ଅନେଇଲା. . "କେତେ ସୁନ୍ଦର ହସ". .ଯୁବକଟି ନିଜେ ଭିଜି ଭିଜି କାର୍ ବାହାରେ ଆସି ଛିଡ଼ା ହେଲା।

'ହୁଁ। ଗେଟ୍‌ଇନ୍—' ଭିତରକୁ ଆସ

ଝିଅଟି ଆଉ ଏ ନିମନ୍ତ୍ରଣକୁ ଅସ୍ୱୀକାର କରିପାରିଲା ନାହିଁ। ତାକୁ କଏଦୀ କରି ରଖିଲା ଭଳି ଯୁବକ ନିଜ ହାତରେ କାରର କବାଟ ବନ୍ଦ କଲା।

କାର୍ ଭିତରେ ଝିଅର ଆଖି ଘୁରିବୁଲୁଛି। ଭିତରର ହାଲୁକା ନୀଳ ଆଲୋକର ପରିବେଶରେ ଥିଲା ସ୍ୱପ୍ନର ସୁରଭି। ଏଡେ ଡ଼େରିଯାଏ.. ବାହାରେ ବର୍ଷାମାଡ଼ରେ କମ୍ପିତା ଅଳକନ୍ଦ୍ରାକୁ କାର ଭିତରର ଉଷୁମ ପରିବେଶ ଖୁବ୍ ଭଲ ଲାଗୁଥିଲା।

ବିଶ୍ୱାସ ହେଉଥିଲା ଯେ କାରଟି ରାସ୍ତା ଉପରେ ଚାଲୁଛି। ଜଣାପଡୁଥିଲା ଭୂଇଁରୁ ଏକ ଫୁଟ୍ ଉପରେ କାର୍‌ଟି ଉଡୁଛି।

"ସିଟ୍ ଗୁଡ଼ିକ କେତେ ଚଉଡ଼ା। ଜଣେ ଲୋକ ଆରାମରେ ଶୋଇ ପାରେ।" ବହି ଗୁଡ଼ିକ ଛାତିରେ ଜାକି ଧରି ସିଟ୍‌ର ଗୋଟିଏ କୋଣକୁ ଜାକିଯୁକି ହୋଇ ବସିବାଟା ତାକୁ ଗାଉଁଲିଆ ଭଳି ଲାଗୁଥାଏ। ବହିଗୁଡ଼ିକ ଓ ନିଜର ଛୋଟ ଟିଫିନ୍ କେରିଅର୍‌ଟି ଗୋଟିଏ ପାଖକୁ ରଖିଦେଇ ଆରାମରେ ସିଟ୍ ଉପରେ ବସିଗଲା।

"ଗୋଟିଏ ଘର ଭଳି ଲାଗୁଛି କାର୍‌ଟି। ଏ ଭଳି କାର୍‌ଟିଏ ଥିଲେ ଘରର ଆବଶ୍ୟକତା ଆଉ ନାହିଁ। ଯା'ଙ୍କର ବି ଯା'ଙ୍କର ବି ଘର ଥିବ, ନୁହେଁ? କାର୍ ଯଦି ଏତେ ସୁନ୍ଦର ତା ହେଲେ ଘର କେମିତି ହୋଇଥିବ? ଖୁବ୍ ବଡ଼ ହୋଇଥିବ ମହଲ ଭଳି କେମିତିକା ଲୋକ ଥିବେ ସେଇଠି କେଜାଣି ଭଦ୍ରଲୋକ ଜଣକ କିଏ ତା ବି ମୋତେ ଜଣା ନାହିଁ। ଆରେ ୯ ମଝିଟାରେ ଜଣ ଏଇଟା ଦୁଇ ସିଟ୍ ମଝିରେ ଟାଣିଲା ବେଳକୁ ଛୋଟ ଟେବୁଲଟିଏ ତା ଉପରେ ବହି ରଖି ପାର ବା ପଢ଼ି ବି ପାର କିମ୍ୱା, ଏପାଖ ବା ସେପାଖରେ ମୁଣ୍ଡ ରଖି ଆରାମରେ ଶୋଇ ପାର ଆଉ ଏ ଛୋଟ ଲାଇଟଟି କେତେ ସୁନ୍ଦର ଫୁଲ ଭଳି ନା, ନା ବଡ଼ ମଲ୍ଲି, ଫୁଲର କଢ଼ି ଭଳି ଯାକୁ ଜଳେଇବି ନା, ନା ଏ ଯଦି ଖରାପ ଭାବିବେ ?"

"ତା ତଳକୁ ଦେଖ, ସ୍ୱିଚ୍ ଅଛି" —ସାମ୍ନାରେ ଥିବା ଆଇନାରେ ତାକୁ ଦେଖୁଦେଖୁ ହସି ହସି ଯୁବକ କହିଲା।

ସ୍ୱିଚ୍ ଅନ୍ କରିଦେଲା। କେତେ ସୁନ୍ଦର ଆଲୁଅ। ପୁଣି ଭାବିଲା "ନା, ବିଜୁଳି ନଷ୍ଟ କରିବା ଉଚିତ ନୁହେଁ।" ଲାଇଟ୍ ବନ୍ଦ କରି ଦେଲା।

ଥରେ ନିଜକୁ ନିଜେ ଦେଖି ମୁଣ୍ଡ ଉପରୁ ଖସି ପଡୁଥିବା ପାଣିବୁନ୍ଦାଗୁଡ଼ିକୁ ଦୁଇ ହାତରେ ପୋଛି ଦେଲା।

"ଧେତ୍. ଆଜି କାହିଁକି ଯେ ଏ ମଇଳିଆ ଓଢ଼ଣୀଟି ପିନ୍ଧିଲି?" ମନ ଭିତରେ ନିଜ ଉପରେ ରାଗି ଓଢ଼ଣୀର କାନି ଚିପୁଡ଼ିବାକୁ ଲାଗିଲା। ଯୁବକ ଜଣକ ଷ୍ଟିଅରିଂର ବାଁ ପାଖରେ ଥିବା କାର୍‌ର ଡ୍ରୟର ଖୋଲିଲା। ଡ୍ରବାର 'ଠପ୍' ଶବ୍ଦରେ ଝିଅଟି ମୁଣ୍ଡ ଟେକି ଚାହିଁଲା।

"ଆରେ.. ଡ୍ରବାଟି ଖୋଲୁ ଖୋଲୁ ଭିତରେ ଲାଇଟ୍‌ଟୀ ଜଳିଲା " ଯୁବକଟି ଛୋଟ ଟିସୁ ନାପ୍‌କିନ୍ ବାହାର କରି ଝିଅ ପାଖକୁ ବଢ଼େଇଲା।

'ଧନ୍ୟବାଦ।' ନାପ୍‌କିନ୍ ନେଇ ମୁହଁ ଓ ଦୁଇହାତ ପୋଛି ପକେଇଲା। 'ଆଃ .. କେତେ ମହକ ଭରା ନାପ୍‌କିନ୍‌ଟି ' ତା ଭିତରେ ମୁହଁ ଗୁଞ୍ଜା ଦେଲା।

ରାସ୍ତାର ଆଗ ମୋଡ଼ରେ ଗାଡ଼ି ଘୁରିଲା।

ସମତାଚ୍ୟୁତ ଭାବେ ଝିଅର ପାଟିରୁ ହଠାତବାହାରିଗଲା 'ଇ ମା ' ସିଟ୍ ଉପରେ ସବୁ ବହି ଓ ଷ୍ଟେନ୍‌ଲେସ୍ ଷ୍ଟିଲ୍‌ର ସେଇ ଛୋଟ ଡ଼ବାଟି ଗୋଟିଏ କୋଣକୁ ପଡ଼ିଗଲା ।

ତା' ଆଡ଼କୁ ସ୍ମିତଭରା ଦୃଷ୍ଟିରେ ଯୁବକ 'ସରି' କହି ପୁଣି ଧୀରେ ଧୀରେ କାର ଚଳେଇବାକୁ ଲାଗିଲା ।

ହଠାତ୍ ନିଜେ ଚମକି ଯାଇଥିବାରୁ ଝିଅଟି ଲଜ୍ଜିତ ହେଲା ନିଶ୍ଚୟ । ଲାଜଭରା ହସ ଭିତରେ ଇତଃସ୍ତତ ପଡ଼ିଥିବା ବହିଗୁଡ଼ିକୁ ଗୋଟାଇ ପୁଣି ବସିଲା ସଳଖ ହୋଇ ।

କାର୍‌ର କାଚ୍ ଝରକା ବାଟୁ ମୋଟେ କିଛି ଦିଶୁ ନାହିଁ । କାଚ ଉପରେ ଧୂଆଁ ଭଳି ପାଣିର ବାଷ୍ପ ସ୍ତର ସ୍ତର ହୋଇ ବସି ଯାଇଛି । ନିଜ ଓଢଣୀ କାନିରେ କାଚ ପୋଛି ଦେଇ ବାହାର ଆଡକୁ ଦେଖିବାକୁ ଲାଗିଲା ।

ରାସ୍ତା ଉପରେ ଆଲୁଅଗୁଡ଼ିକ ଜଳି ଗଲାଣି । ଦୋକାନଗୁଡ଼ିକର ରଙ୍ଗବେରଙ୍ଗ ସଜ୍ଜିତ ଲାଇଟର ଆଲୁଅ ପ୍ରତିବିମ୍ବିତ ହେଉଛି ରାସ୍ତା ଉପରେ ଥିବା ପାଣି ଦେହରେ । ଆଖି ଝଲସି ଉଠୁଛି । କେଉଁଠୁ ସେ ଶୁଣିଥିଲା ଏ ମାଟିତଳେ ଆଉ ଏକ ଦୁନିଆ ଅଛି ଏ ଦୃଶ୍ୟ ଠିକ୍ ସେଇ ଦୁନିଆ ଭଳି ଲାଗୁଥାଏ ।

ତା' ଓଠରେ ଶିହରଣର ଅନେକ ଢେଉ । "ଏ କଣ ? କାର୍ ଏ ଗଳି ଭିତରେ କୁଆଡ଼େ ଯାଉଛି ?" ଓଃ ଆମଘର ଦେଖନ୍ତୁ ସେଇଠି ପୁଣି ତା ମୁହଁରୁ ଏଇ କଥା ପଦକ ବାହାରି ପଡିଲା ।

"ଘର ଥାଉ । ଏଇଟା ତୁମ ଘର ନୁହେଁ ବୋଲିତ ମୁଁ କହିନି" କହୁ କହୁ ଯୁବକଟି ଝିଅ ଆଡ଼କୁ ଚାହିଁ ହସିଦେଲା ।

ନିଜ ହାତ ରଗଡ଼ୁ ରଗଡ଼ୁ ଭାବିଲା "ହେ ଭଗବାନ ! କି ବିପଦ ପଡ଼ିଲା" ହେଲେ ଯୁବକ ହସୁଥିବାର ଦେଖି, ତା ମନ ରଖିବା ଲାଗି ନିଜେ ବି ହସି ଦେଲା । କାର୍ ଆଗକୁ ମାଡ଼ି ଚାଲିଥାଏ ।

ସହରର ମୁଖ୍ୟ ବଜାର, ଧଳା ରଙ୍ଗରେ ଗାର କଟାଯାଇଥିବା ବଡ ଚୌଡ଼ା ରାସ୍ତାଗୁଡ଼ିକ ଉପର ଦେଇ କାରଟି ବଙ୍ଗଳା ଓ ବଗିଚା ଥିବା ଏଭିନ୍ୟୁ ପାରି ହୋଇ କୌଣସି ଟ୍ରଙ୍କରୋଡଉପରେ ଧାଉଁଥିଲା ବହୁ ପଛରେ ପଡ଼ିଯାଉଥିଲା ସହରର ସବୁ ଭିଡ଼ ଆଉ ଗହଳ ଚହଳ ।

ଏଭଳି ବର୍ଷାରେ କାର୍‌ରେ ଚଢ଼ି ବୁଲିବା ଝିଅ ପାଇଁ ଏକ କୌତୁହଳପୂର୍ଣ୍ଣ ଅନୁଭବ । ତଥାପି, ଭୟ ଯୋଗୁଁ ତା ମନ ଭିତରେ କିଛିଟା ଅସ୍ଫୁଟ ଅସ୍ଥିରତା ଓ ଉଦ୍‌ବେଗ ଥିଲା ।

ଛୋଟ ପିଲାଙ୍କ ଭଳି ବାରମ୍ବାର ସେ "ମୋତେ ଘରକୁ ଯିବାକୁ ହେବ" କହି ଯୁବକକୁ ବିବ୍ରତ କରିବାକୁ ଚାହୁଁ ନଥିଲା ।

ମନେ ପଡୁଛି ତାକୁ ବସ୍ ଷ୍ଟାଣ୍ଡରେ ଏକା ଛାଡ଼ି ଯାଇଥିବା ବଡ଼ ଝିଅଟିର କଥା। ତାର ଗାଲ ଚିପି ଦେଇ ସେ କହିଥିଲା "ଭଲ ଝିଅଟେ ତୁ। ଘରେ ଠିକ୍ ପହଞ୍ଚିବୁ। ବୁଝିଲୁ ?"

"ତାହେଲେ ମୁଁ ଆଉ ଭଲ କେଉଁଠି ? ଏଭଳି ଅଜଣା ଅଚିହ୍ନା ଲୋକ ସହ କାରରେ ବୁଲିବା କଣ ଖରାପ କଥା ନୁହେଁ ? ହେଲେ ଏ'ତ ଖରାପ ଜଣା ପଡୁନାହାନ୍ତି ଯାହା ବି ହେଉ, ମୁଁ ଆସିବାର ନଥିଲା ବର୍ତ୍ତମାନ କଣ କରେ ? ମୋତେ ତ ଖାଲି କାନ୍ଦ ମାଡୁଛି ଛି। କାନ୍ଦିବା ଠିକ୍ ନୁହେଁ। କାନ୍ଦିଲେ ଏ କହିବେ 'ଆରେ ହେ ପାଗଳୀ, ଏଇଠି ରହିଯା।' ଆଉ ଏଠି ଏକେଲା ମୋତେ ଛାଡ଼ି ଚାଲିଗଲେ ? ଘରକୁ ଯିବି କେମିତି ? ମୋତେ ରାସ୍ତା ବି ଜଣାନାହିଁ। କାଲି ପୁଣି ଜିଓଲୋଜି ରେକର୍ଡ ସବ୍‌ମିଟ୍ କରିବା ଅଛି କେତେ କାମ ଅଛି ।"

ଚକ୍ଷୁ ଯୋଡ଼ିକ ଆଗରେ ଥିବା ବିଚଳିତ ୱାପର ଦେଖୁଥିଲା, ଖୁବ ଅନନ୍ୱିତ ଭାବେ। ପୁଣି କେତାଣି କେମିତି ମୁହଁରୁ ବାହାରି ପଡ଼ିଲା "ଆମେ କୁଆଡେ ଯାଉଛୁ ?" କମ୍ପିତ ସ୍ୱରର ସେଇ ପ୍ରଶ୍ନର ଉତ୍ତର କିନ୍ତୁ ଖୁବ୍ ସିଧା ଥିଲା "କୁଆଡ଼େ ବି ନୁହେଁ। ଜଷ୍ଟ ଏ ଡ୍ରାଇଭ୍ ।"

"କେତେ ଡ଼େରି ହେଲାଣି ଘରେ ମା ବ୍ୟସ୍ତ ହେଉଥିବ ।"

"ଓ, ୟେସ୍ ତା ହେଲେ ଫେରିବା ।"

ଗାଡି ରାସ୍ତା ଛାଡ଼ି, ଘୁରି ପଡ଼ି ମରୁଭୂମି ଭଳି ଏକ ପଡିଆ ଭିତର ଦେଇ ପଡ଼ିଆ ମଝିରେ ଅଟକିଲା। ସବୁଆଡ଼େ ଖାଲି କଳା କିଟ କିଟ୍ ଅନ୍ଧାର ଆଉ ଲଗାତାର ବର୍ଷା। ବର୍ଷା ଓ ଝଡ଼ ତୋଫାନର ରାକ୍ଷସୀ କ୍ରୀଡ଼ା ପୂର୍ବ ଅପେକ୍ଷା ଆହୁରି ବେଶୀ ହେଉଥିଲା।

କାର ଭିତରେ ସୁଦ୍ଧା ପରସ୍ପରକୁ ଦେଖିବା ଖୁବ୍ ମୁସ୍କିଲ।

ହଠାତ ଗାଡ଼ି ବନ୍ଦ କରିବା ଦେଖି ଭୟ ମିଶ୍ରିତ କଣ୍ଠରେ ଉଦ୍‌ବିଗ୍ନ ଭାବେ ପଚାରିଲା "କାର୍ କାହିଁକି ବନ୍ଦ ହେଲା ? କଣ ବ୍ରେକ୍ ଡାଉନ୍ ହେଲା ?"

ଯୁବକ କିଛି ଉତ୍ତର ଦେବା ପରିବର୍ତ୍ତେ ଖିଲ୍ ଖିଲ୍ ହୋଇ ହସି ଉଠି ରେଡିଓ ଲାଇଟଟି ଅନ୍ କଲା ଝିଅକୁ ଦେଖିବା ପାଇଁ। ରେଡ଼ିଓରୁ ଉଛୁଳି ଉଠିଲା, ପ୍ରଥମେ ହାଲୁକା ଆଲୁଅ ଓ ତାପରେ ସଙ୍ଗୀତର ମୂର୍ଚ୍ଛନା। ସେଇ ଝାପ୍‌ସା ଆଲୁଅରେ ଝିଅଟି ସଙ୍କୁଚିତ ହୋଇ ଯୁବକ ଆଡ଼କୁ ପ୍ରଶ୍ନବାଚୀ ଦୃଷ୍ଟି ନିକ୍ଷେପ କଲା। ସେ ବି ତା ଆଡ଼କୁ ହସ ହସ ମୁହଁରେ ଦେଖୁଛି।

ଠିକ୍ ସେ ସମୟରେ ରେଡ଼ିଓରୁ ଉଚ୍ଚ ସ୍ୱରରେ ଟ୍ରମ୍ପେଟ୍‌ର ଧ୍ୱନି ଗୁଞ୍ଜନ ତୋଳୁଛି ରହି ରହି। ତା ପଛକୁ ନାଡ଼ିର ତୀବ୍ର ଗତି ଭଳି ମୃଦୁ ଶବ୍ଦର କମ୍ପନରେ ଥରି ଥରି ଯାଉଥିଲା କାଙ୍ଗୋ ଓ ଡ୍ରମ୍ ସମୂହର ତାଳ — ସେଇ ତାଳ ସହ ନିଜେ ତାଳ ଦେଉ ଦେଉ ଯୁବକଟି ପଛକୁ ଅନେଇ ପଚାରିଲା

"ପସନ୍ଦ ଲାଗୁଛି?"

ଓଠ ଚିପା ହସ ଭିତରେ ଝିଅଟି 'ହଁ' କହି ମୁଣ୍ଡ ହଲେଇଲା।

ରେଡ଼ିଓ ପାଖ ଡ୍ରୟାରରୁ କାଡ଼ବରିଜ୍‌ର ଚକ୍‌ଲେଟ ଆଣି ଗୋଟିଏ ଧରେଇଲା ଝିଅ ହାତରେ।

ଝିଅଟି ନିର୍ନିମେଷ ଦୃଷ୍ଟିରେ ଅନେଇଲା ଯୁବକକୁ। ଚକ୍‌ଲେଟ୍ ଉପର କାଗଜର କୋଣରୁ ସାମାନ୍ୟ ଚିରି ଦେଇ ଛୋଟ ଛୋଟ ଖଣ୍ଡ ଚକ୍‌ଲେଟ ଖାଉଛି। ଅନ୍ୟ ହାତଟି ସିଟ୍‌ରେ ଲମ୍ବେଇ ଦେଇ ଆରାମରେ ବସି ସଙ୍ଗୀତର ତାଳରେ ନିଜେ ମଧ୍ୟ ତାଳ ଦେଉଥିଲା।

ଯୁବକଟି ସୁନ୍ଦର, ସୁଦର୍ଶନ। ସ୍ୱାସ୍ଥ୍ୟବାନ। ସେଇ ମୃଦୁ ଆଲୁଅରେ ତାର ଦୀପ୍ତିମାନ ରୂପ ଦେଖି ଝିଅର ମନେ ପଡ଼ିଲା ଏକ ବିଷଧର ସାପର ଆଖିଲୋଭା ସୌନ୍ଦର୍ଯ୍ୟ। ପଛ ଆଡ଼ରୁ ତାର ଆଖିକୋଣ ଚମକିଲା ଭଳି ଜଣା ପଡୁଥିଲା। ଆଲୁଅ ପଡ଼ି ଚକ୍ ଚକ୍ କରି ଉଠୁଛି କେଶରାଶି। କ୍ଲୋଜକଟ୍ ବାଳ କଟା, ତେରଛେଇ ହୋଇ କାନପାଖେଁ 'ସାଇଡ଼ ବ୍ରସ'ଉତୁରି ଆସିଛି। ବାଳ ଏମିତି ଚିପି ହୋଇ ରହିଛି ଯେ, ପ୍ରବଳ ତୋଫାନ ହେଲେ ବି ଉଡିବ ନାହିଁ। କ୍ଷଣିକ ପାଇଁ ତାକୁ ମନେ ହେଲା ଏପରି ସମୁଜ୍ଜ୍ୱଳ ଚେହେରାଟେ ସବୁ ନିଶ ଧାଡ଼ିଟିଏ ଥିଲେ ଭଲ ହୋଇଥାନ୍ତା। ଓହୋ, ତାର ଘନଭ୍ରୂଲତା ବି କେତେ ସୁନ୍ଦର। ମନରେ ଭୟ ଆଏ। ସିଟ ଉପରେ ଲମ୍ବି ହୋଇ ପ୍ରସାରିତ ହାତରେ ସୁନା ଷ୍ଟ୍ରେପ୍ ଲଗା ଘଣ୍ଟାରେ ଟିକ୍‌ଟିକ୍ ହୋଇ ସାତ ବାଜିଲା। ଦୀର୍ଘ ଅଙ୍ଗୁଳିଗୁଡ଼ିକ ସଙ୍ଗୀତ ସହ ତାଳ ଦେଉଛନ୍ତି। ହାତ ଉପରେ ଲୋମରାଶି ଥଣ୍ଡା ପବନରେ ଥରି ଥରି ରୋମାଞ୍ଚିତ ହୋଇ ଉଠୁଥିଲା।

"ହେ ଭଗବାନ! ସାତ ବାଜିଲା।" ଏତେ ଦୀର୍ଘ ସମୟ ଧରି ଆରାମରେ ଚକ୍‌ଲେଟ ଖାଉଥିବା ଝିଅର ମୁହଁରୁ ଏଇ କେଇ ପଦ ବାହାରିପଡ଼ିଲା ଅଚାନକ ଭାବେ। ଯୁବକ ବି ଘଣ୍ଟାକୁ ଥରେ ଦେଖିନେଲା। କାର୍‌ର ଦରଜା ଅଛ ଖୋଲିଲା ବେଳେ ମେଘର ଗୁରୁ ଗର୍ଜନ ଅଜାଡି ହୋଇ ପଡିଲା। ଦରଜା ଖୋଲି ଚଞ୍ଚଳ ଓହ୍ଲାଇ ଗଲା।

ଦରଜା ବନ୍ଦ କଲା ବେଳକୁ ଝିଅଟି ପଚାରିଲା "କୁଆଡ଼େ? କୁଆଡେ ଯାଉଛନ୍ତି?" "କୁଆଡ଼େ ନୁହେଁ। ଏ ଆଡ଼େ ଆସୁଛି" ଇଂରାଜୀରେ କହି ସେ ପଛ ସିଟ୍‌ର ଦରଜା ଖୋଲି ଭିତରକୁ ଆସିଗଲା। ଏଇ କେଇକ୍ଷଣ ଭିତରେ ସେ ପୂରାପୂରି ତିନ୍ତି ଯାଇଛି। ସିଟ୍‌ରେ ପଡିଥିବା ଟର୍କି ନାପ୍‌କିନ୍ ନେଇ ନିଜର ହାତ, ମୁହଁ ଓ ଗଳା ପୋଛି ଦେଲା। ହାତରେ ଥିବା ଚକ୍‌ଲେଟ କାଗଜ ମୋଡ଼ା ମୋଡ଼ି କରି ଝରକା ବାଟେ ବାହାରକୁ ଫିଙ୍ଗିଲା। ଝିଅଟି ବର୍ତ୍ତମାନ ସୁଦ୍ଧା ଚକ୍‌ଲେଟ ଖାଉଛି। ଯୁବକ ପୁଣି ଥରେ ପକେଟରୁ ଛୋଟ ଡ଼ବା କାଢ଼ି ସେଥିରୁ ପିପରମେଣ୍ଟ ଭଳି ଜିନିଷ ବାହାର କରି ନିଜ ପାଟିରେ ପକେଇ ଡବାଟି ଝିଅ ପାଖକୁ ବଢ଼େଇ ଦେଲା।

'ଜଣ ଏଇଟା ?'

'ଚୁଇଙ୍ଗଗମ୍'

"ଛି ମୋର ଦରକାର ନାହିଁ"

"ଟ୍ରାଇ, ୟୁ ଉିଲ୍ ଲାଇକ୍ ଇଟ୍।"

ହାତର ଚକଲେଟ ତୁରନ୍ତ ଖାଇ ତା ମନରଖିବା ପାଇଁ ନିଜ ହାତ ବଢ଼େଇଲା।

'ନୋ' ଝିଅ ହାତରେ ଚୁଇଙ୍ଗମ ନଦେଇ ତା ମୁହଁ ପାଖକୁ ନେଇ ଧିରେ ଧିରେ ତା ଓଠରେ ଲଗେଇଲା। ଝିଅର ଦେହରେ ଏକ ଅବ୍ୟକ୍ତ ଶିହରଣ ପଛକୁ ଘୁଞ୍ଚିଆସି, ଚୁଇଙ୍ଗଗମ ହାତରେ ନେଇ କହିଲା 'ଥେଙ୍କ୍ ୟୁ'

ଝିଅର ଆଖିରେ ତାର ଆଖି ମିଳିଗଲା। ଲଜ୍ଜାର ପ୍ରବଳ ଚାପରେ ଝିଅଟି ତାକୁ ଦେଖି ପାରୁନି। ଆଖି ପତା ତଳକୁ ହୋଇ ଯାଉଛି।

ତା ପାଖକୁ ଲାଗି ଆସୁଥିବା ଦେଖି ଝିଅଟି ଦରଜାରେ ଲାଗି ହୋଇ ସଙ୍କୁଚିତ ହୋଇ ବସିଲା। ଯୁବକଟି ଭିନ୍ନ ଭଙ୍ଗୀରେ ସେଇଠି ବସି ତା ମନ ଜାଣିବା ପାଇଁ ଚେଷ୍ଟା କଲା

"ହାଓ ଡୁ ୟୁ ଲାଇକ୍ ଦିସ୍ କାର ? – ଏ କାର୍ ତୁମକୁ ପସନ୍ଦ ଲାଗୁଛି ?" ଯୁବକଟି ଇଂରାଜୀରେ ପଚାରିଲା। ଯୁବକ କଣ୍ଠର ଏଇ ମନ୍ତ୍ରସପୃକ୍ତ ସ୍ୱର ତା କାନ ବାଟଦେଇ ଚାଲିଗଲା। ଆଉ ମନ ଭିତରେ କିଛି ଯେମିତି ଖୁବ ଚଞ୍ଚଳମାନ ହୋଇ ଦୋହଲି ଉଠିଲା। ହେଲେ ଅନ୍ତରଭାବ ପ୍ରକାଶ ନ କରି ସଂଯତ ସ୍ମିତହାସ୍ୟ ଭିତରେ ଉତ୍ତର ଦେଲା "ଓ ଇଟ୍ ଇଜ୍ ନାଇସ୍ ଖୁବ ସୁନ୍ଦର ହୋଇଛି।"

ମୁହଁ ତଳକୁ କରି ଦୀର୍ଘଶ୍ୱାସ ପକେଇ ଗମ୍ଭୀରଭାବେ ଯୁବକ କହିଲା "ତମେ ଜାଣିଛ, ଏ କାର୍ ଗଲା ଦୁଇ ବର୍ଷ ଧରି ତମ ପଛରେ ଧାଇଁଛି। ଡୁ ୟୁ ନୋ ଦେଟ୍ ?"

ମୁଣ୍ଡ ଟେକି ଝିଅଟି ତା ଆଡ଼କୁ ଦେଖିଲା। କିଛି ସମୟ ପର୍ଯ୍ୟନ୍ତ ଆତ୍ମବିସ୍ମୃତ ହୋଇ ବସିରହିଲା। ସତେ ଯେପରି ତାକୁ କିଏ ରାଜ ମୁକୁଟ ପିନ୍ଧେଇ ଦେଲା।

'ସତରେ ?'

'ସତରେ।'

ଯୁବକର ଉଷ୍ମ ନିଶ୍ୱାସ ହାଲୁକା ସ୍ପର୍ଶ ଦେଉଥିଲା ତାର ଗଳା ପାଖରେ। ତାର ଫିସ୍ ଫିସ୍ ଶବ୍ଦରେ ହୃଦୟର ଗତି ଆହୁରି ବେଗମାନ ହେଉଥିଲା।

"ଡୁ ୟୁ ଲାଇକ୍ ମି ? – ମୋତେ ଭଲ ପାଅ?"

'ମୁଁ ମୁଁ ' ଘୁଞ୍ଚିଯାଇ ଆହୁରି ସଂକୁଚିତ ହୋଇଯିବା ଲାଗି ଆଉ ଜାଗା ନାହିଁ ଯୁବକ ତା ପାଖକୁ ନେସି ହୋଇ ଆସୁଥିବା ଦେଖି ପୁଣି ସେ ଘୁଞ୍ଚିଯାଇ ଅଲଗା ହୋଇ ବସିଗଲା।

ବାହାରେ ବର୍ଷାର ପ୍ରବଳ ଧାରା। ରେଡ଼ିଓରେ ଗୁଞ୍ଜରି ଉଠୁଛି 'ଟ୍ରମ୍ପେଟ୍'ର ନୂଆ ନୂଆ ତାଳବିନ୍ୟାସର ମଧୁର ଝଂକାର ।

ଏଇ ପରିବେଶ ଆଡ଼େ ସଂକେତ କରି ତାକୁ ପରୀକ୍ଷା କରିବା ପାଇଁ ଯୁବକ ପଚାରିଲା

"ଖୁବ୍ ଭଲ ଲାଗୁଛି ନା "

"ଖୁବ୍ ଭଲ ଲାଗୁଛି ହେଲେ ଡ଼ର ଲାଗୁଛି "

"ଡ଼ର ? କାହିଁକି ? ଡ଼ରୁଛ କାହିଁକି ?" ତାକୁ ବୁଝାଇବା ପାଇଁ ତାର କାନ୍ଧ ହଲେଇ କହିଲା। ପୁରୁଷର ଏ ସ୍ପର୍ଶରେ ଝିଅଟିକୁ ଜଣାଗଲା ଯେ ତାର ଚରିତ୍ର ଓ ମନର ଦୃଢ଼ତା ଯେମିତି ଭାଙ୍ଗି ନଷ୍ଟ ହୋଇ ଯାଉଛି। ଅଧୃତି ମନରେ ବିବଶ ହୋଇ ପଡ଼ିଲା।

"ମୋତେ ଡ଼ର ଲାଗୁଛି ମୋ ପାଇଁ ଏ ସବୁ ନୂଆ "

ପଛକୁ ଆଉ ନଘୁଞ୍ଚି ଯୁବକ ତା ପାଖକୁ ଲାଗି ଆସିଲା।

"ମେଁ ଆଇ କିସ୍ ୟୁ?"

କଣ ଉତ୍ତର ଦେବ ଠିକ୍ କରିପାରିଲା ନାହିଁ। ଓଠ ଖୋଲୁ ନାହିଁ। ବିଶେଷ ଭୀତତ୍ରସ୍ତା ହେବା ଯୋଗୁଁ ସେଇ ତନୁଥରା ଶୀତରେ ବି ଦେହରେ ତାର ଅସଂଖ୍ୟ ସ୍ୱେଦ କଣିକା ଫୁଟି ଉଠିଲା।

ହଠାତ୍ ତାର କାନ, ଗାଲ ଓ ଓଠରେ କେମିତି ଏକ ଉଷ୍ମ ସ୍ପର୍ଶ ଅନୁଭବ କଲା — ଯୁବକର ହାତ ବନ୍ଧନରୁ ଛଟ ପଟ ହୋଇ ମୁକୁଳିବା ପାଇଁ ସେ ଯେତେ "ପ୍ଲିଜ, ପ୍ଲିଜ" କହୁଥିଲା ସେଇ ପରିମାଣରେ ଯୁବକଟି ଅସଂଯତ ଓ ଉନ୍ମତ୍ତ ଭାବେ ରହି ରହି

ଯୁବକର ସ୍ୱର କ୍ଷୀଣ ହୋଇ ଶେଷରେ ଏକ୍‌ଦମ ବନ୍ଦ ପଡ଼ିଗଲା। ଆଙ୍ଗୁଠିଗୁଡ଼ିକ ଛନ୍ଦି ଦୁଇ ହାତରେ ଝିଅର ମୁହଁ ଖୁବ୍ ଯୋରରେ ଧରିଲା

ବାହାରେ

ଆକାଶ ଫାଟି ବର୍ଷା ହେଉଛି ବିଜୁଳି ଛଟକି ଯାଉଛି। ଦୂରରେ ଖୁବ ପ୍ରଚଣ୍ଡ ଶବ୍ଦରେ ବିଜୁଳି ମାରିଲା।

ହାୟ ! ସେଇ ବିଜୁଳି ଆଉ କେଉଁଠି ହେଲେ ପଡ଼ିଥାନ୍ତା !

"ମୁଁ ଘରକୁ ଯିବି। ମା ମୋତେ ଖୋଜୁଥିବ "

କାର୍‌ର ଦରଜା ଖୋଲି ପଛ ସିଟ୍‌ରୁ ଯୁବକ ତଳକୁ ଓହ୍ଲାଇ ଆସିଲା। ତଳେ କାଦୁଅରେ ଯୋତା ଲାଖି ରହିଛି। ଗୋଡ଼ ଉଠାଉ ଉଠାଉ 'ଝପାକ୍' କରି କାଦୁଅ ମେଞ୍ଚାଏ ଉଠି ଆସି କାର୍‌ର ଦେହରେ କିଛିଟା ଛିଟା ଲାଗିଗଲା।

ଖୋଲା ଦରଜା ବାଟୁ ଝିଅ ଉପରେ ବର୍ଷାର କେଇ ବୁନ୍ଦା ପାଣି ଛିଟ୍‌କି ପଡ଼ିଲା।

ଝିଅର ଅଙ୍ଗବଲ୍ଲରୀ କିମ୍ବା ମନର କେଉଁ ଗହରିଆ କୋଣରେ ଦରଦ ଥିଲା ନିଶ୍ଚୟ– ଅସହାୟ ଭାବେ ଚୁପ୍ ଚାପ କାନ୍ଦି ଉଠୁଥିଲା ।

ଯୁବକ ଡ୍ରାଇଭିଂ ସିଟ୍‌ରେ ବସି କାଦୁଅ ଲଗା ଯୋତା ଫିଙ୍ଗି ଦେଲା । ରେଡ଼ିଓ ପାଖ ଡ୍ରୟାରରୁ ସିଗାରେଟ ବାହାର କରି ମଝିରେ ମଝିରେ ଚୁଇଙ୍ଗମ୍ ଖାଇ, ପୁଣି ସିଗାରେଟ ପିଇବାକୁ ଲାଗିଲା ।

ଝିଅଟି ଖୁବ୍ ତୀବ୍ର ଭାବେ ଭାବୁଥିଲା – ବର୍ତ୍ତମାନ ଏ ସମୟରେ ଘରେ ଥାଇ ମା କୋଳରେ ଖୁବ ଜୋରରେ ନିରବଚ୍ଛିନ୍ନ ଭାବେ କାନ୍ଦି କାନ୍ଦି ତା ଉପରେ କରାଯାଉଥିବା ଏ ଅନ୍ୟାୟ ପାଇଁ ଯଦି ସାନ୍ତ୍ୱନା ପାଇପାରନ୍ତା, ତାହେଲେ କେତେ ଭଲ ହୁଅନ୍ତା । ବର୍ଦ୍ଧିଷ୍ଣୁ ଆବେଗରେ ଥରି ଥରି କମ୍ପି ଉଠୁଥିଲା ତାର ଅଙ୍ଗରାଗ ।

"ଦେଖ । ବାବୁ କେତେ ଆରାମରେ ବସି ସିଗାରେଟ୍ ଫୁଙ୍କିବାରେ ଲାଗିଛନ୍ତି " ରାଗରେ ଜଳିବାକୁ ଲାଗିଲା । ପୁଣି କେତେବେଳେ ଲାଗୁଥାଏ ଏକ ପର୍ବତ ଦେହରେ ଲୁକ୍କାୟିତ ଗୁମ୍ଫା ଭିତରେ ସେ ବନ୍ଦିନୀ ହୋଇ ଯାଇଛି ଏ ଭାବନାରେ ମୁହୂର୍ତ୍ତକ ପାଇଁ ଡ଼ରିଯାଏ । ଅପରକ୍ଷଣରେ ତାର ଘୃଣା ହୁଏ ସେଇ ସିଗାରେଟ୍ ଉପରେ । ସିଗାରେଟ୍ ଧୂଆଁର ସେ ତୀବ୍ର ଗନ୍ଧ ଛି । କଟୁ ଗନ୍ଧରେ ବାନ୍ତି ମାଡ଼ି ଆସୁଛି । ନିଜ ସମଗ୍ର ଦେହରେ କେମିତି ଏକ ଗନ୍ଧ ଓ ବିବଶ ଭାବ ଅନୁଭବ କରୁଛି କିଏ ଜଣେ ଯେମିତି ସେଇ ପଡ଼ିଆର ସବୁ କାଦୁଅତକ ବହଳଭାବେ ତା ଦେହ ଉପରେ ଢ଼ାଳି ଦେଇଛି ।

ଶୃଗାଳର ଶ୍ରୁତିକଟୁ ଶବ୍ଦ ଭଳି ରେଡ଼ିଓରୁ ନିର୍ଗତ ସେଇ 'ଟ୍ରମ୍ପେଟ୍'ର ସ୍ୱର ତା ମନ କରତି ଦେଉଛି । ଆବେଗ ଓ ରାଗ ବଢ଼ିବାରେ ଲାଗିଲା । ତା ସଙ୍ଗରେ ମାଡ଼ି ଆସୁଛି କାନ୍ଦ । କ୍ରୋଧ ମିଶ୍ରିତ ସ୍ୱରରେ ଚିତ୍କାର କଲା "ମୋତେ ଆପଣ ଘରେ ଛାଡ଼ିବେ ନା ନାହିଁ? "

ଖଟ୍ କରି ରେଡ଼ିଓ ବନ୍ଦ କରି ଦେଇ ବିରକ୍ତ କଣ୍ଠରେ ଯୁବକ କହିଲା "ଡ଼ୋଣ୍ଟ ସାଉଟ୍ ଲାଇକ ଦେଟ୍' ଚିତ୍କାର କରନି ।"

ଝିଅଟି ହାତ ଯୋଡ଼ି ନେହୁରା ହୋଇ ବିକଳ ଭାବେ କହିଲା "ମା ମୋତେ ଖୋଜୁଥିବ ମୋତେ ଭଗବାନଙ୍କ ରାଣ ନିଜ ଘରେ ଛାଡ଼ି ଦିଅନ୍ତୁ ।" ଏପରି ଭାବେ ତ ମିନତି କରୁଥିଲା ହେଲେ ମନ ଭିତରେ ନିଜ ଉପରେ ରାଗ ମାଡ଼ି ଆସୁଥାଏ "କି ବୋକାମି ହେଲା ମୋର ବୁଦ୍ଧିହୀନା ଭାବେ ଏ ଲୋକ ସଙ୍ଗରେ ଚାଲିଆସିଲି । ହେ ଭଗବାନ ଏ ସବୁ କଣ ହୋଇଗଲା ? ଦାନ୍ତ ଚାପି ହୋଇ ପଡୁଛି କେଉଁଠି ମୁଣ୍ଡ ବାଡ଼େଇ ଦେଲେ ଯାଇ ରକ୍ଷା ମିଳିବ"

ତାର ଭାବଭଙ୍ଗୀ ଦେଖି ଯୁବକଟି ଡ଼ରିଗଲା ।

"ପ୍ଲିଜ୍ ଡ଼ୋଣ୍ଟ କ୍ରିଏଟ୍ ସିନ୍‌ସ୍ " ମିନତି ଭରା କଣ୍ଠରେ କହି ଗାଡ଼ି ବୁଲେଇଲା ।

ସେଇ ଘନ ଅନ୍ଧାରରେ ସଡ଼କ ଉପରେ ଆଖି ଝଲସାଇ ଦେଉଥିବା ଆଲୋକ କାଟି କାଟି ଘର୍‌ର୍ ଘର୍‌ର୍ କରି କାର୍ ଆଗକୁ ମାଡ଼ିଗଲା।

"କି ମୁସ୍କିଲ.. ଇଚ୍ଛା ନଥିଲାତ ଆଗରୁ ମନା କଲନି କାହିଁକି ?... କେତେ ସୁନ୍ଦର ସଂନ୍ଧ୍ୟା... ସବୁ ମଜା ବେକାର ହୋଇଗଲା . ବିଚାରୀ ବର୍ତ୍ତମାନ ଝୁରା କାନ୍ଦୁଛି.. ଏ ଭଳି ଝିଅ କଲେଜ ଯାଇ କଣ କରିବ?"

ପଛ ଆଡ଼କୁ ଦେଖି କ୍ଷମା ମାଗି କହିଲା– "ଆଇ ଏମ୍ ସରୀ। ତୁମ ମନରେ ମୁଁ କଷ୍ଟ ଦେଇଥିଲେ କ୍ଷମା ଦିଅ ."

ମନେ ମନେ ଠିକ୍ କରିଥିଲା ଝିଅଟିକୁ ତା ଘରେ ଛାଡ଼ି ଦେବ ଆଉ ଏ ଘଟଣାକୁ ପୁରାପୁରି ଭୁଲିଯିବ।

ଖୁବ୍ କ୍ଷିପ୍ରରେ ଗାଡ଼ି ଚାଲିଛି। ବର୍ଷାର ତଥାପି ବିରାମ ନାହିଁ।

ସେଇ ନିର୍ଜନ ଟ୍ରଙ୍କ୍ ରୋଡ଼କୁ ପଛରେ ପକେଇ ଦେଇ ଗାଡ଼ି ଆଗକୁ ଚାଲିଛି। ଯାପରେ ଧକାଗାର ଥିବା ଟଙ୍କଡ଼ା ରାସ୍ତା ଓ ତା'ପରେ ପୁଣି ମୁଖ୍ୟବଜାରର ମଧ୍ୟରେ ଥିବା ରାସ୍ତା ଉପରେ ଗାଡ଼ି ଘୁରିଲା।

ଝିଅ ଘର ପାଖ ହୋଇଗଲା। ଯୁବକଟି ଗାଡ଼ିର ଗତି କମେଇଲା, ଏ ବିଶ୍ୱାସରେ ଯେ ଝିଅଟି ଏଇଲେ କହି ଉଠିବ, "ଏଇଠି ଗାଡ଼ି ରଖନ୍ତୁ, ମୁଁ ଓହ୍ଲାଇ ଯାଉଛି ." ହେଲେ ଝିଅଟି ଏତେ ସରଳ ଯେ ଏଇ କେଇ ପଦ କଥା ବି କହି ପାରିଲେନି। ନିଜେ ଗାଡ଼ି ବନ୍ଦ କରି କହିଲା ତୁମକୁ ଘର ଯାଏଁ ମୁଁ ଛାଡ଼ିବାକୁ ଯିବାଟା ଠିକ୍ ହେବ ନାହିଁ। ଏଇଠୁ ଓହ୍ଲାଇ ଘରଯାଏଁ ଚାଲିଯାଅ ଯାଇ ପାରିବତ. .? ଝିଅର ଅବସ୍ଥା ଦେଖି ତାକୁ ଦୁଃଖ ଲାଗୁଥିଲା, କିଛିଟା ଦୟା ବି ଲାଗିଲା। ଝିଅ ପାଇଁ ତା ମନରେ ଅପରାଧୀ ଭାବ କି ନିଜର ଉଦାର ଦାୟିତ୍ୱ' ଯୋଗୁଁ ସେ ଚିନ୍ତା କରୁଥିଲା, ଜଣା ପଡ଼ିଲା ନାହିଁ। ଆଖି କୋଣରେ ଲୁହ କେଇବୁନ୍ଦା ଜକେଇ ହୋଇ ଆସିଲା। ନିଜେ ତଳକୁ ଓହ୍ଲାଇ ଭିତର ଭଳି କାର କବାଟ ଖୋଲି ବର୍ଷଣ ଧାରିତ ଭିତରେ ଠିଆ ହେଲା। ଯନ୍ତ୍ରବତ୍ ଝିଅଟି ନିଜ ବହିଗୁଡ଼ିକ ସାଉଁଟେଇ ନେଲା, ଷ୍ଟେନଲେସ୍ ଷ୍ଟିଲର ଗୋଲ ଟିଫିନ୍ ଡବାଟି ମଧ୍ୟ ଖୋଜି ନେଲା। ମୁହଁ ଟେକି ଯୁବକକୁ ଦେଖି ପାରୁ ନାହିଁ। ସେଇ ଭଳି ମୁଣ୍ଡ ପୋତି ଗଳି ଆଗରେ ଠିଆ ହେଲା।

ବର୍ଷା ଯୋଗୁଁ ଗଳି ନିର୍ଜନ ହୋଇଗଲାଣି। ଦୂରେ, ସଡ଼କ ଉପରେ ଆଲୁଅ ଜଳୁଛି। ସେଇ ପତଳା ଆଲୁଅ ଭିତରେ ଖୁବ୍ ଛୋଟ ଝିଅ ଭଳି ଠିଆ ହୋଇଥିବା ସେଇ ଝିଅଟିକୁ ଦେଖି ଯୁବକର ମନ କୁହୁକି ଉଠିଲା। ନିଜକୁ ନିଜେ ଧିକ୍କାର କରି ଭାବିଲା, ଶୃଙ୍ଖଳାହୀନ ସ୍ୱାଧୀନତା ମଣିଷକୁ କେତେ ପତନ ଅବସ୍ଥାକୁ ଟାଣିନିଏ। ତାକୁ ମିଳିଥିବା ସ୍ୱାଧୀନତାହିଁ ତାକୁ ନିଜ ଭାବାବେଗର କ୍ରୀତଦାସ କରିଥିଲା....ଭାବି ଭାବି ମନରେ ଦୁଃଖ ଆସୁଛି। କୌଣସି ଗୁଡ଼ ରହସ୍ୟ ପ୍ରକଟ କରିବା ଭଳି ଦୁଃଖୋଚ୍ଛ୍ୱାସ ଭାବେ ଚାପା ଗଳାରେ କହିଲା ..."ଆଇ ଏମ୍ . ସରୀ ମୁଁ ଦୁଃଖିତ।"

ମୁହଁ ଟେକି ଝିଅଟି ତାକୁ ଦେଖିଲା ଓଃ .ତା'ର ସେଇ ଦୃଷ୍ଟି। କିଛି ପଚାରିବା ପାଇଁ ଓଠର ପାଖୁଡ଼ାରେ ସଂଖ୍ୟାହୀନ ପ୍ରକମ୍ପନ. .ମୁହଁରୁ କେବଳ ଗୋଟିଏ ଶବ୍ଦ ବାହାରିଲା 'କଣ' ପୁଣି ଓଠ ବନ୍ଦ ହୋଇଗଲା।

'ନା କିଛି ନୁହେଁ।' କହି ଯୁବକଟି ଯିବାକୁ ଲାଗିଲା।

ନିଜ ଆଗରୁ କାରଟି ଚାଲିଗଲା। କାର ପଛେ ପଛେ ଲାଲି ଆଲୁଅ କିଛି ସମୟ ଧାଇଁ ପୁଣି ଅନ୍ଧାର ଭିତରେ ଲୀନ ହୋଇଗଲା।

ବୈଠକ ଘରେ ଝୁଲୁଥିବା ଲଣ୍ଠନଟି ପବନରେ ଲିଭି ଯାଉଥିଲା। ରୋଷେଇ ଘରେ ମା ବୋଧ- ହୁଏ ଛୋଟମୋଟ କାମରେ ବ୍ୟସ୍ତ। ବୈଠକ ଘର ଅନ୍ଧାର ଦେଖି, ଲଣ୍ଠନଟି ଜାଳି ଦେଲା। ପୁଣି ଥରେ ଲଣ୍ଠନଟି ଝୁଲାଇଲା ବେଳକୁ ଦୃଷ୍ଟି ପଡ଼ିଲା, ବୈଠକ ଘର ଘଣ୍ଟା ଉପରେ। ସାଢ଼େ ସାତ ବାଜିଥିବା ଦେଖି କ୍ଷଣିକ ପାଇଁ ସ୍ତବ୍ଧହୋଇ ରହିଗଲା। ଝିଅଟି ଶିଡ଼ି ଉପରେ ପାଦ ଦେଉଥିଲା।

ବର୍ଷାସ୍ନାତ ହୋଇ ଫେରିଥିବା ଝିଅର ଇତସ୍ତତ କେଶରାଶି ଓ ଅସ୍ତବ୍ୟସ୍ତ କପଡ଼ା ଦେଖି ମା'ର ପିଣ୍ଡ ଶୁଖିଗଲା "ଏଇଟା କି ରୂପ କିରେ ଭୂତୁଣୀ ହୋଇ ଘରକୁ ଫେରୁଛୁ "

ଯନ୍ତ୍ରବତ୍ ବୈଠକ ଘରେ ଆସି ଛିଡ଼ା ହେଲା ଠିକ୍ ଏକ ମୂର୍ତ୍ତି ଭଳି। ଆଖିରେ ଅଶ୍ରୁର ପ୍ଲାବନ। 'ମା ' କହି ପକେଇ ମା କାନ୍ଧରେ ମୁହଁ ଜାକି ଖୁବ୍ ଯୋରରେ କାନ୍ଦିବାକୁ ଲାଗିଲା।

ମା ବୁଝିପାରୁଥିଲା ଯେ, ନିଶ୍ଚୟ କିଛି ହୋଇଯାଇଛି ମାତ୍ର କଣ ହୋଇଛି, ଜାଣିପାରୁ ନଥିଲା "କ'ଣ ହେଲା କିରେ ? ଏତେ ଡେରି କଲୁ ଯେ ? କାନ୍ଦନା କ'ଣ ହୋଇଛି . କହିପକା " ଯେଉଁ ବେଦନା ଯୋଗୁଁ ଝିଅ ନିଜର ଭଙ୍ଗା ହୃଦୟରେ ଛଟପଟ ଭାବେ ତୁହାଇ ତୁହାଇ କାନ୍ଦୁଛି ତାର କାରଣ ମା'କୁ ଜଣା ନ ଗଲେବି, ମା ଏତକ ବୁଝିପାରିଲା ଯେ, ଝିଅର ମନରେ କଷ୍ଟ ହୋଇଛି। ସେତିକ ହିଁ ତା ଆଖିରେ ଲୁହ ଝରେଇବା ପାଇଁ ଯଥେଷ୍ଟ। ପଣତକାନିରେ ନିଜ ଲୁହ ପୋଛି ଝିଅର ପିଠିରେ ହାତ ବୁଲେଇ ପଚାରିଲା "କଣ ହେଲା ମା'? କହନା, ତୁ ଏମିତିଭାବେ କାନ୍ଦୁଛୁ କାହିଁକି ?"

ମା ମୁହଁକୁ ଝିଅ ଚାହିଁ ପାରୁନି। ପୂର୍ବଭଳି ମା କାନ୍ଧରେ ମୁହଁ ଗୁଞ୍ଜି କାନ୍ଦିକାନ୍ଦି ମା କାନରେ ସବୁ କଥା କହିବାକୁ ଲାଗିଲା। ଯେମିତି ଥଳେଇ ଥଳେଇ କହିବା ଆରମ୍ଭ କରିଛି ମା ଚିହିଙ୍କି ଉଠି ଝିଅ ପାଖରୁ ନିଜକୁ ଅଲଗା କରିନେଇ ରାଗରେ ଝିଅକୁ ଏମିତି ଏକ ଘୃଣା ଦୃଷ୍ଟିରେ ଦେଖିବାକୁ ଲାଗିଲା, ସତେ ଯେପରି ଏକ ଶାପବିଦ୍ଧା ଅଛୁଆଁ ସ୍ତ୍ରୀକୁ ଦେଖୁଛି।

ବିଚାରୀ ତା କଥା କହି ଯାଉଥିଲା "ମୁଷଳଧାରରେ ବର୍ଷା ହେଉଥିଲା. ବସ୍ ଆସୁ ନଥିଲା ମୁଁ କାରରେ ବସିଗଲି . ଜଙ୍ଗଲ ଜାଗାଭଳି ଲାଗୁଥିଲା .. ପୁରା

ନିର୍ଜନ. ଗହନ ଅନ୍ଧାର ବର୍ଷା ସବୁ୍ଥେ ଚାଲି ଆସିଥାନ୍ତି ହେଲେ ମୋତେ ତ ରାସ୍ତା ଜଣା ନଥିଲା ମୁଁ କଣ କରିବି ଫେର୍ ଫେର୍ ତା'ପରେ ଫେର୍ ଓଃ ମା ଫେର୍ ସେ ସେ ମୋତେ ''

ତା କଥା ଶେଷ ହେବା ପୂର୍ବରୁ ମା ତା ଗାଲରେ ଖୁବ୍ ଯୋରରେ ଚଟକଣା ବସେଇଲା। ମାଡ଼ର ଘୋରରେ ଆଖି ଅନ୍ଧାର ଦିଶି ବୈଠକ ଘର ଗୋଟିଏ କୋଣରେ ପଡ଼ିଗଲା। ହାତରେ ଧରିଥିବା ସବୁକିଛି ଛିନ୍ନଭିନ୍ନ ହୋଇ ଚଟାଣ ଉପରେ ପଡ଼ିଗଲା। ଷ୍ଟେନ୍‌ଲେସ୍ ଷ୍ଟିଲର ଟିଫିନ୍ କେରିଅର ଝଣ୍ ଝାଣ୍ କରି ତଳେ ପଡ଼ି ଗଡ଼ି ଗଡ଼ି କେଉଁଠି ପଡ଼ିଗଲା।

''ମୁହଁପୋଡ଼ି ମୋତେ ବରବାଦ୍ କରିଦେଲୁ '' କହି ଚିତ୍କାର କରିବା ପାଇଁ ମା ଯେଉଁ ଓଠ ଖୋଲିଥିଲା, ଠିକ୍ ସେମିତି ଆଁ କରି ରହିଗଲା ରାଗରେ।

ସେଇ ଭଡ଼ାଘରଗୁଡ଼ିକରେ ଆଉ ତିନିଚାରୋଟି ପରିବାର ବି ରହୁଥିଲେ। ଚିତ୍କାର ଶୁଣି ଘର ପଛ ପଟେ ରହୁଥିବା ଭାଉଜ ଧାଇଁ ଧାଇଁ ଆସିଲେ।

''କଣ ହେଲା ? କଥା କଣ ?'' ନିଜ ପଣତ କାନିରେ ଭିଜାହାତ ପୋଛୁ ପୋଛୁ ସେ ଏକଦମ୍ ବୈଠକ ଘରକୁ ଆସିଗଲେ।

''କିଛି ନୁହେଁ ଲୋ ଏଇ ଘୋର ବର୍ଷାରେ କଣ ଦରକାର ଥିଲା ଦେଖ୍ ଦେଖୁନୁ କେମିତି ଓଦା ସର ସର ହୋଇ ଫେରିଛି ପାଣିଭଳି ପଇସା ଖର୍ଚ୍ଚକରି ଯାକୁ ପାଠ ପଢ଼ାଉଛୁ ପରୀକ୍ଷା ବେଳକୁ ବେମାର ପଡ଼ିଗଲେ କଣ ଆଉ ହେବ ? ଭାଗ୍ୟ ଭଲ ତା' ଭାଇ ଏଇଲେ ନାହିଁ ଥିଲେ ଯାର ଚମଡ଼ା ଉତାରିଥାନ୍ତା '' ମା ଖୁବ୍ ବିରକ୍ତ ହୋଇ କହିଲା।

''ହଁ ଗୋ ହେଲା ଏତେ ଟିକେ କଥାଲାଗି କିଏ ଏତେ ଯୋରରେ ପିଟେ ?'' ଏ ମାମଲାରେ ଭାଉଜ ଆଉ ଆଗ୍ରହ ପ୍ରକାଶ ନକରି ଚାଲିଗଲେ।

ବାହାର କବାଟ ମା ବନ୍ଦ କରିଦେଲା। ଝିଡ଼ିକି ବି ପୂରା ଲଗେଇ ଦେଲା। ଜଡ଼ବତ୍ ବସିଥିବା ନିଜ ଝିଅ ଆଡ଼େ ଦେଖିଲା। ଆଖିରୁ ଯେମିତି ନିଆଁ ଝରୁଛି। ନିଜ ଉପରେ ପଡ଼ିଥିବା ଝିଅର ମନରେ ମୋଟେ ଦୁଃଖ ଆସୁନି, ମନ ହେଉଛି ମା ଆହୁରି ପିଟୁ ପିଟି ପିଟି ମୁଣ୍ଡ ଫଟେଇ ଦେଉ ମାଡ଼ ଖାଇ ଖାଇ ମରିଗଲେ ତ ଆହୁରି ଭଲ ।

''ଏ ପୋଡ଼ା କପାଳିର କଣ ହେବ ଭଲ ଖାନଦାନୀ ବଂଶରେ କଳା ବୋଳିଦେଲା ହେ ଭଗବାନ! ଏଇଲେ ମୁଁ କଣ କରେ ?'' ମା ମୁହଁ ମୋଡ଼ି ଦେଖିଲା। ପଛପଟେ ରନ୍ଧାଘର ଭିତରେ ଚୁଲି ମୁହଁରେ ଜଳନ୍ତା କୋଇଲା ଧପ୍‌ଧପ୍ କରୁଛି। ମୁହୂର୍ତ୍ତକ ପାଇଁ ମା ଭାବିଲା, ଚୁଲିରୁ ସବୁ କୋଇଲା ଆଣି ଝିଅର ମୁଣ୍ଡ ଉପରେ ଅଜାଡ଼ି ଦେବ।

ନିଆଁରେ ଜଳି ଛଟ ପଟ ହୋଇ ମରିଯାଉଥିବା ଝିଅର ଚିତ୍ର ତା ଆଖି ଆଗରେ ଭାସି ଉଠିଲା ଫେର ? "ଏଥିରେ କଣ କଳଙ୍କ ଲିଭିଯିବ ? ଆଲୋ ଝିଅ! ତୋ ମଲା ପରେ ମୁଁ ହେଲେ କଣ ଜୀଇଁ ପାରିବି ? ମୁଁ ବି ନିଜକୁ ନିଜେ ଶେଷ କରିଦେଲେ ହଁ! ତାହେଲେ ବି କଣ ଏ କଳଙ୍କ ଧୋଇହେବ ?" କଣ କରିବ ମା କିଛି ବୁଝିପାରୁ ନଥିଲା । ଝିଅର ବାହ ଧରି ତାକୁ ଉଠେଇଲା ।

ବୈଠକ ଘରର ଲଣ୍ଠନ ଆଉ ଟିକିଏ ତେଜି ଝିଅ ପାଖକୁ ଆସିଲା । ଲଣ୍ଠନର ଆଲୁଅରେ ଝିଅର ଗୋଡ଼ରୁ ମୁଣ୍ଡଯାଏ ନିରେଖି ଥରେ ଦେଖିଲା । ତାର ସେଇ ଦୃଷ୍ଟି ଝିଅ ସହି ପାରୁନାହିଁ । "ଓଃ ! ମା, ମତେ ଏଭଳି ଦେଖନା " କହୁ କହୁ ପାପୁଲିରେ ମୁହଁ ଢାଙ୍କି ପିଠିକରି ପୁଣି କାନ୍ଦି ଉଠିଲା ।

ମା ନିଜ ମୁଣ୍ଡ ଉପରେ ହାତରଖି ସେଇ ଅଦେଖା ଯୁବକ ପ୍ରତି ଶାପ ଦେଇ ଦେଇ କହିଲା, "ହେ ଭଗବାନ, ସେ ପାପୀକୁ ତୁହିଁ ଶାସ୍ତି ଦେଇ ପାରିବୁ।" ଝିଅକୁ ସର୍ଶ କରିବାର ସାମାନ୍ୟ ସ୍ପୃହା ଇଚ୍ଛା ନଥିଲେ ବି ସାହସର ସହ କମ୍ପିତ ହାତରେ ଝିଅକୁ ଧରିଲା । ଭାବୁଥିଲା ନିଜେ ଯଦି ଝିଅକୁ ଛୁଇଁବନି ତାହେଲେ ବିଚାରୀ ଆଉ କା ପାଖକୁ ଯିବ? ମା- ଦୀର୍ଘଶ୍ୱାସ ପକେଇଲା "ଏ ସବୁ ମୋର ଫଗାକପାଳର ଖେଳ ନୁହେଁ ତ ଆଉ କଣ?" ଯାହା ତ ହେବ, ହେଲାଣି । ଝିଅ ଉପରେ ରାଗି ବା ତାକୁ ଦଣ୍ଡ ଦେଇ ଆଉ କିଛି ଲାଭ ନାହିଁ। ଗୋଟିଏ ହାତରେ ଝିଅର ହାତ ଓ ଅପର ହାତରେ ଲଣ୍ଠନ ଉଠାଇ, ଝିଅକୁ ଗାଧୁଆ ଘର ଯାଏ ଟାଣି ଟାଣି ନେଇଗଲା ।

"ବର୍ତ୍ତମାନ ଆଗ କଣ କରାଯାଏ? ସେ ଲୋକକୁ ଖୋଜି ବାହାର କରିବି? ତାର ହାତ ଯା ସହିତ ବାନ୍ଧିଦେଲେ? ହେ ଭଗବାନ —ତାହେଲେ ସେଇ ପଶୁ ସହ ମୋ ଝିଅ କାଳ କାଟିବ? ନା, ନା ତାଠୁଁ ଭଲ ମୁଁ ନିଜ ହାତରେ ତାର ତଣ୍ଟି ଚିପିଦିଏ କଣ କରାଯାଇପାରେ ?' ମା'ର ହୃଦୟ ଭିତରେ ବ୍ୟସ୍ତତାର ଝଡ଼ ଆଉ ତୋଫାନର ପ୍ରବଳ ଉଦ୍‌ବେଳନ ଆରମ୍ଭ ହୋଇଗଲା ।

ଗାଧୁଆ ଘର ପାଣିକୁଣ୍ଡ ପାଖରେ ଝିଅକୁ ଛିଡ଼ାକରି ଲଣ୍ଠନକୁ ଝୁଡ଼ିକି ଉପରେ ରଖିଦେଲା । ଯେତେକ ଦେବଦେବୀ ମନେ ପଡ଼ିଲେ ସମସ୍ତଙ୍କୁ ପ୍ରାର୍ଥନା କଲା ଯେ ଏଇ ସରଳା ନିଷ୍ପାପ ଝିଅ ଦେହରେ ଲାଗିଥିବା କଳଙ୍କ ସେମାନେ ଲିଭେଇ ଦିଅନ୍ତୁ ।

ଥଣ୍ଡାରେ ଥରୁଥିବା ଭଳି ଝିଅଟି ନିଜର ଡାହାଣ ହାତ ବାଁ ଓ ବାଁ ହାତ ଡାହାଣ କାନ୍ଧଉପରେ ରଖି ସଂକୋଚିତ ଭାବେ ଛିଡ଼ା ହୋଇଥିଲା । ନିରବରେ ଆଖି ବନ୍ଦକରି ଛିଡ଼ାହୋଇଥିବା ଝିଅକୁ କିଛି ନକହି ମା ତାର କପଡ଼ା ଖୋଲିଲା । ଅଣ୍ଟାତଳ ଯାଏଁ ଲମ୍ବିଥିବା ବେଣୀ ଖୋଲିଦେଇ ଗୋରା ତକତକ ମେଲା ପିଠିକୁ ବାଳରେ ଢାଙ୍କି ଦେଲା । ଆଣ୍ଠୁ ଉପରେ ହାତରଖି ବସିଥିବା ଝିଅ ଉପରେ ଗଡୁ ଗଡୁ କରି ପାଣି ଢଳାଢ଼ିଲା । ମୁଣ୍ଡରେ ଶିକାକାଇ ଘଷୁ ଘଷୁ ପଚାରିଲା

"ତୁ ତାକୁ ଜାଣିଛୁ?"

'ହଁ ହୁଁ '

"ମୁହଁ ପୋଡୁ ସେ ପାପୀର " ଦାନ୍ତ ରଗଡ଼ି କହୁ କହୁ ହାତର ଆଙ୍ଗୁଠିଗୁଡ଼ିକୁ ବାଘପନ୍ଝାର ନଖ ଭଳି କରି ସିଧା ଛିଡ଼ା ହୋଇଗଲା। ଆଖିରେ କ୍ରୋଧର ଅଗ୍ନି ସ୍ଫୁଲିଙ୍ଗ ଝରିପଡୁଥାଏ। "ଗୋଲାପ ହଲିଲେ ଗୋଲାପର କ୍ଷତି କଣ୍ଟା ହଲିଲେ ବି ଗୋଲାପର କ୍ଷତି।" ମା'ର କ୍ରୋଧାବେଗ କମିଯାଇ ପୁଣି ସେ ଝିଅର ମୁଣ୍ଡଝେ ଶିକାକାଇ ଘଷିବାକୁ ଲାଗିଲା। ସତେ ଯେପରି ତାର ଭାଗ୍ୟରେଖା ନିଶ୍ଚିହ୍ନ କରିଦେବା ପାଇଁ ସେ ଚେଷ୍ଟା କରୁଛି "

କେଜାଣି କେମିତି ତାର ସ୍ୱାମୀଙ୍କ ସ୍ମୃତି ଏଇ ବେଦନାକ୍ତ ମୁହୂର୍ତ୍ତରେ ଫୁଟି ଉଠିଲା। ତାକୁ ଦୁଇବର୍ଷର ଝିଅଟିଏ ସଙ୍ଗେ ଏକା ଛାଡ଼ି ଦୁନିଆରୁ ସେ ବିଦାୟ ନେଇଥିଲେ ସବୁଦିନ ପାଇଁ। ଏଇ ସମୟରେ ଖୁବ୍ କାନ୍ଦିବାକୁ ଇଚ୍ଛା ହେଉଛି।

"ଯଦି ସେ ଥାଆନ୍ତେ ଆଜି ଏ ସବୁ ଦେଖିବା ପୂର୍ବରୁ ବାବୁ ଚାଲିଗଲେ "

"ଝିଅଲୋ, ଏସବୁ କେହି ନ ଜାଣିବା ଉଚିତ। ନୋହିଲେ ଏ ବଂଶ ବରବାଦ୍ ହୋଇଯିବ। କେହି ଭାବିବେ ନାଇଁ ଯେ, ନିଜ ଘରର ଝିଅ ଉପରେ ଏପରି ବିପତ୍ତି ପଡିଲେ କ'ଣ ହୁଅନ୍ତା। ଓଲଟି ଜନ୍ମଜନ୍ମାନ୍ତରର ଶତ୍ରୁଭଳି ଆମ ଘରକୁ ହିଁ ବରବାଦ୍ କରିଦେବେ। ଅନ୍ୟର କଥା ଛାଡ। ନିଜ କଥା ଦେଖିଲୁ? ଅନ୍ୟ ପାଇଁ କଣ ମୋ ପାଟିରୁ ଏମିତି କଥା ବାହାରିବ? ସେମାନେ ଆହୁରି ନାନାକଥା କହିବେ। ଏମିତି କେତେକଥା ବନେଇ ଚୁନେଇ ଆଗରୁ ବି କହିଥିଲେ "

ଭଡ଼ର ଭଡର ହୋଇ ଝିଅର କେଶରାଶି ତଉଲିଆରେ ଝାଡ଼ି ଶୁଖେଇବାକୁ ଲାଗିଲା। ପୁଣି ତା ଚିବୁକ ଧରି ତା ମୁହଁକୁ ଚାହିଁଲା। ଧୂଳି ଝାଡି ଦେଇ ସଫା ହୋଇଥିବା ଚୀନା ମାଟିର ସଫେଦ ଶିଳା ଭଳି ଦାଗହୀନ, ନିଷ୍ପାପ ଚେହେରାରେ ବର୍ତ୍ତମାନ ସୁଦ୍ଧା ଶିଶୁର ନିରୀହ ଭାବ ଖେଳୁଛି। କିଛି ସମୟ ତା ଆଡ଼କୁ ଦେଖି ରହିଲା। ପୁଣି ମଥାରେ ଆଙ୍କି ଦେଲା ମମତାବୋଳା ଚୁମ୍ବନର ଦାଗ। କହିଲା "ତୁ ପବିତ୍ର ହୋଇଗଲୁ ଝିଅ। ତୋ ଉପରେ ମୁଁ ରାଗିଥିଲି ନା ସେଇଟା ନିଆଁ ବୋଲି ଭାବ ତୋ ଦେହରେ ଆଉ କୌଣସି କଳଙ୍କର ଦାଗ ନାହିଁ ଦୁଧ ଶଙ୍ଖମର୍ମର ଭଳି ଧୋବ ଫରଫର୍ ଆଲୋ ଝିଅ ମନ ମଇଳା ଥିଲେ ସବୁ ମଇଳା ତୋ ମନ ମୁଇଁ ବୁଝିବି ହେଲେ ଦୁନିଆ ବୁଝିବ ନାଇଁ ତେଣୁ କହୁଛି ଦୁନିଆ ଏକଥା ନ ଜାଣିବା ଭଲ ଆଲୋ ଓଲି ମୋତେ ଏମିତି କିଆଁ ଦେଖୁଛୁ ଭାବୁଛୁ କି ଅନ୍ୟମାନେ କଥାଟି ଜାଣିଲେ କଣ ହେବ? କଣ ସେମାନେ ଜାଣିବେ? ବେଶ୍ ଏତିକି ତ, ତୁ କା'ସହ କାର୍‌ରେ ବସିଥିଲୁ ତାଠୁ ଅଧିକ ଯିଏ ଦେଖିନାହିଁ ସେ ବିଷୟରେ କିଏ କାହିଁକି ଅଧିକା କହିବ କହିଲେ ତା ଜିଭ ଓପାଡି ଦେବିନି? ହୁଁ କିଛି ହୋଇନି ଲୋ, କିଛି ନୁହେଁ ତତେ କେବଳ କାର୍‌ରେ ବସିବା ଦେଖି କିଏ କାହିଁକି

ଗୁଜବ କରିବ ବନେଇ ଚୁନେଇ କହିବା ପାଇଁ କେତେ ଲୋକ ବସିଛନ୍ତି? ଅନ୍ଯ ଲୋକ ସେମାନଙ୍କ କଥା ଛାଡ଼ ତୋ ଭଲ ପାଇଁ କହୁଛି ତୋ ମନରେ କିଛି ଦାଗ ନାହିଁ ସେଥିପାଇଁ କହୁଛି ମୋ କଥାରେ ବିଶ୍ୱାସ ରଖ। ବିଶ୍ୱାସ କର, ତୁ ପବିତ୍ର ହୋଇ ଯାଇଛୁ . ଏଇଟା ହିଁ ସତ ତୁ ପବିତ୍ର ହୋଇଯାଇଛୁ ହିଁ ସଡ଼କ ଉପରେ ଚାଲିଲାବେଳେ କେତେଥର ଆମ ପାଦରେ ମଇଳା ଲାଗେ ତା'ବୋଲି କ'ଣ କେହି ପାଦ କାଟି ତ ଫିଙ୍ଗି ଦିଏନି ସେଇ ପାଦ ଧୋଇ ଆମେ ତ ପୁଣି ପୂଜା ଘରକୁ ଯାଉଁ ଭଗବାନ ତ ଆମକୁ ଘଉଡ଼େଇ ଦିଅନ୍ତି ନାହିଁ ମନହିଁ ସବୁକିଛି ଲୋ ଝିଅ ମନକୁ ପବିତ୍ର ରଖିବା ଦରକାର ଅହଲ୍ୟାଙ୍କ କାହାଣୀ ତ ଜାଣିଛୁ କହନ୍ତି, ରାମଙ୍କ ପଦଧୂଳି ବାଜି ସେ ପବିତ୍ର ହୋଇଯାଇଥିଲେ ଆଲୋ ଝିଅ, ତା ମନ ପବିତ୍ର ଥିଲା ବୋଲି ସିନା ରାମ ମହାପ୍ରଭୁଙ୍କ ପଦଧୂଳିର ସ୍ପର୍ଶ ପାଇଲା ତୋ ହୃଦୟ ଖରାପ ନହେବା କଥା ସେଥିପାଇଁ କହୁଛି ଭାବ୍ ଯେକୌଣସି ଖରାପ ଖରାପ ସପନ ଦେଖିଥିଲୁ ଆଉ ଏଇ କଥାଟି ଭୁଲିଯା ତୋତ କିଛି ହୋଇନି ''

କଚା ହୋଇ ଦଉଡ଼ି ଦେହରେ ଶୁଖା ହୋଇଥିବା କପଡ଼ା ଟାଣି ପିନ୍ଧିବା ପାଇଁ ଝିଅ ହାତରେ ଦେଇ ଦେଲା, ''ଆଲୋ ହେ, ମୁହଁ ଭିତରେ କଣ 'ଚପକ୍ ଚପକ୍' କରୁଛୁ।''

'ଚୁଇଙ୍ଗ ଗମ୍।'

''ତୋ ମୁଣ୍ଡ ଛିଃ। ଫୋପାଡ଼ି ଦେ ତାକୁ। ମୁହଁ ପୁଣିଥରେ ଧୋଇପକା ଭଲଭାବେ,'' କହି ପୂଜା ଘରକୁ ଚାଲିଗଲା।

କିଛି ସମୟ ଯାଏଁ ସବୁକିଛି ପାଶୋରା ହୋଇ ଭଗବାନଙ୍କ ମୂର୍ତ୍ତି ଆଗରେ ଠିଆ ହେଲା। ପୁଣି ଆସି ଠିଆ ହୋଇଥିବା ଝିଅ ଆଡ଼କୁ ଦେଖି କହିଲା ସୁଖୀ ଜୀବନ ପାଇଁ ଭଗବାନଙ୍କୁ ବର ମାଗି ନେ ଝିଅ ଯାହାକିଛି ହେଲା ମୁଁ ବି ସେଥିପାଇଁ କିଛି ପରିମାଣରେ ଦାୟୀ। ଯୁବତୀ ଝିଅକୁ ବାହାରକୁ ଛାଡ଼ିଲାବେଳେ ବାହାର ଦୁନିଆର ଖରାପ ହାଓ୍ୱାକୁ ମନେ ରଖିବା ଉଚିତ ଥିଲା। ମୋ ଝିଅ କଲେଜରେ ପଢୁଛି, ଏଇ ଖୁସିରେ ସବୁ ଭୁଲିଯାଇଥିଲି। ମୋ ଆଗରେ ତୁ ତ ଏଯାଏଁ ପିଲାଟିଏ ହେଲେ ଦୁନିଆ ପାଇଁ ନୁହେଁ ଏକଥା ଭୁଲିଯା ଭୁଲିଯିବାକୁ ମୁଁ କ'ଣ କହିଲି ନାହିଁଲୋ ଏକଥା ସବୁଦିନ ପାଇଁ ମନେ ରଖିବୁ କାହା ଆଗରେ କହିବୁ ନାହିଁ କଥାଟି ଏମିତି ଯେ ସେଥିରେ କେହି ଆପଣାର ନୁହେଁ ସଭିଏଁ ପର ମୋ'ହାତ ଉପରେ ହାତରଖି ରାଣ ପକା ଯେ କାହାକୁ କିଛି କହିବୁ ନାହିଁ ''

କୌଣସି ରହସ୍ୟ ଚପେଇ ରଖିବା ଲାଗି ସେ ଆଗ୍ରହୀ, ଏଇ ଭାବରେ ନିଜ ହାତ ବଢ଼େଇ ମା'ର ହାତଉପରେ ହାତ ରଖିଲା।

"ତୋ ରାଣ ମା କାହାକୁ କିଛି କହିବି ନାହିଁ "

"ଭାବୁଥିଲି ଝିଅ ମୋର ପରୀକ୍ଷାରେ ଏତେ ସବୁ ମାର୍କ ପାଉଛି ଚାଲାକ ଝିଅ ହେଲେ ତୁ ଏଇଲେ ଚାଲାକ ହେଲୁ - ଏବଠୁଁ ସବୁବେଳେ ଚାଲାକ ଥିବୁ ବୁଝିଲୁ?" ଗୋଟିଏ ହାତରେ ତାର ଚିବୁକ ଧରି, ଅନ୍ୟହାତ ଅଙ୍ଗୁଳିରେ ଝିଅର ମୁଣ୍ଡରେ ବିଭୂତିର ତିଳକ ଲଗେଇଦେଲା।

ସେଇ ନିରୀହ ଝିଅଟିର ଆଖିରେ, ପୂଜାଘରେ ଜଳୁଥିବା ଦୀପର ଜ୍ୟୋତି ଝଲସି ଉଠୁଥିଲା। ସେଇଟା କେବଳ ଜ୍ୟୋତିର ପ୍ରତିବିମ୍ବ ନୁହେଁ। ସେଥିରେ ମା ଆଖିରେ ଧରାପଡ଼ିଥିବା ଯୌବନପ୍ରାପ୍ତା ଝିଅର ସ୍ମୃତିର ଚମକ ବି ଥିଲା।

ଏବେବି ସେ କଲେଜ ଯାଉଛି। ତା ରାସ୍ତାରେ ଏବେବି ଶହଶହ ଦାମିକା କାର ଯା'ଆସ କରୁଛି, ହେଲେ କୌଣସି ଗାଡ଼ିକୁ ମୁହଁ ଟେକି ଦେଖିବାର ସାଧ୍ୟ ତା ଭିତରେ ନାହିଁ। କେବେ କେମିତି ଦେଖେ, କେବଳ ଏଇ ଦୃଷ୍ଟିରେ ଯେ ତା'ରାସ୍ତାରେ କୌଣସି କାର ବା କୌଣସି କାରର ରାସ୍ତାରେ ଦୁହେଁ ମୁହାଁମୁହିଁ ହୋଇ ପରସ୍ପର ଭିତରେ ଧକ୍କା ତ ଲାଗୁନି।"

ସାକ୍ଷାତ୍କାର

ଦୂରରୁ ଦେଖିଲେ ଜାଗାଟି ବଗିଚା ଭଳି ଲାଗୁଥିଲା, କିନ୍ତୁ ବାସ୍ତବରେ ସେଇଟା ଏକ ମଶାଣି।

ଚୌହଦ୍ଦିର ବୁଦାଘେରା କାନ୍ଥର ପଶ୍ଚିମ କୋଣରେ ଝାଟିମାଟିର ଏକ ଛୋଟ କୁଡ଼ିଆ।

ସେଇ କୁଡ଼ିଆଟିରେ ଆଣ୍ଡି ରୁହେ। କୁଡ଼ିଆ ଆଗରେ ଥିବା ନିମ୍ବଗଛର ଡ଼ାଳରେ ବାନ୍ଧାହୋଇଥିବା ଝୁଲିରେ ତା'ର ପ୍ରିୟତମ ଛୋଟ ପୁଅ ଇରୁଲନ୍ ଗଭୀର ନିଦରେ ଶୋଇ ଯାଇଛି।

ସେ ପଟେ ତା'ର ସ୍ତ୍ରୀ ମୁରୁଗାୟୀ, ଚୌହଦି ପାଖେ, ଜାଳିବା ପାଇଁ ଶୁଖିଲା କାଠ ବାଉଁଶ ସାଉଁଟିବାରେ ଲାଗିଛି।

ହଁ, ଆଣ୍ଡିର ସ୍ତ୍ରୀ ଓ ପିଲା ବି ଅଛି। ତା'ର ନାଁ କେବଳ ଆଣ୍ଡି (ମାନେ ଭିକାରୀ ବା ଦରିଦ୍ର), ତାର ରହିବା ଜାଗା ବି ଦୂରରୁ ବଗିଚା ଭଳି ଦିଶେ।

ଆଣ୍ଡିର ବେଉସା ହେଉଛି 'ବେଟୀୟାନ୍', ମାନେ ଶବଗୁଡ଼ିକୁ କବର ଦେବା ଲାଗି ଗାତ ଖୋଳିବା ମଜ୍‌ଦୁର୍। ମଶାଣି ହିଁ ତା' ରହିବା ଜାଗା। କାମ ପାଇଁ ତାକୁ ନଗର- ପାଳିକାଠାରୁ ମାସକୁ ସାତ ଟଙ୍କା ଦରମା ଓ ରହିବା ପାଇଁ ଏ କୁଡ଼ିଆଟି ମିଳିଛି।

ସ୍ୱଭାବତଃ ଆଣ୍ଡି ଟିକିଏ ଖାମଖିଆଲି, ହେଲେ ପାଗଳ ନୁହେଁ। ଯେଉଁମାନେ ଜୀବନରେ କେବେ ଖୁସିରେ ରହିବା ଶିଖି ନାହାନ୍ତି, ସେଇ ଅଭାଗା ଲୋକଙ୍କୁ ସବୁବେଳେ ଖୁସି ଗୀତଗାଇ କାର୍ଯ୍ୟରତ ଆଣ୍ଡି 'ବିଚିତ୍ର ଲୋକଟାଏ' ଭଳି ଜଣାପଡ଼େ। ଦେହରେ କେବେ ସେ କାମରୁ ଥକିବା ବା ଅଧୀର ହେବା ଜାଣି ନାହିଁ। ବୟସ ଚାଳିଶ ପାରି ହେଲେ ମଧ୍ୟ ଦେହରେ କୋଡ଼ିଏ ବର୍ଷ ଯୁବକର ପ୍ରାଣପ୍ରାଚୁର୍ଯ୍ୟ ଅଛି।

ଆଣ୍ଡିର ଗୋଟେ ଅଭ୍ୟାସ ଅଛି। କୌଣସି ଅର୍ଥ ନ ବୁଝି ସବୁବେଳେ ତା' ଓଠରେ ଗୀତ କେଇପଦ ଥାଏ।

ବଗିଚାରେ ଥିଲା ଭିଖାରୀଟିଏ
ମାଗି କୁମ୍ଭାରଠୁଁ ଗରାଗୋଟିଏ
ଦଶମାସ କାଳ ବିନତୀ କଲା,
ଆଉ-
ଖଣ୍ଡ ଖଣ୍ଡ କରି ଗରା ଭାଙ୍ଗିଲା।

ଗାତ ଖୋଳିବା କାମ ନଥିଲେ ସେ ବଗିଚା କାମରେ ଲାଗିଯାଏ । ତାର ପରିଶ୍ରମରେ ସେଇ ମଶାଣିଟିର ବଗିଚାଟି ନନ୍ଦନକାନନ ଭଳି ହସି ଉଠୁଥିଲା । ଦୁଃଖ କ'ଣ, ଆଣ୍ଡି ତା' ଜୀବନରେ ଜାଣି ନାହିଁ ।

ଗଛମୂଳରେ ପାଣି ଦେଉଥାଉ ବା କୌଣସି ଶବ ପାଇଁ ଗାତ ଖୋଳୁଥାଉ ବେପରୁଆ ଭାବେ ମନ ଫୁଲେଇ ଜୋର୍‌ରେ ସେଇ ଗୀତଟି ଗାଉଥାଏ । ମୁଣ୍ଡ ଟେକି ଗୀତ ଗାଇଲାବେଳକୁ ତା ଗଳାର ଧମନୀ ଏମିତି ଫୁଲି ଉଠେ ଯେ, ଜଣାପଡ଼େ ସତେ ଯେମିତି ଫାଟିଯିବ ।

ଗୀତର ପ୍ରକୃତ ଅର୍ଥ କଣ ହେବ, ସେଥିପାଇଁ ଆଣ୍ଡି କେବେ ଗୁରୁତ୍ୱ ଦେଇନି । କେବଳ ଅଭ୍ୟାସଗତ ଭାବେ ଗାଇଯାଏ ।

କବର ପାଇଁ ବିସ୍ତୃତ ଜାଗା ଥିବାରୁ ସେଇ ମଶାଣିକୁ ବେଶି ଭାଗରେ ଛୋଟ ପିଲାଙ୍କ ଶବ ହିଁ ଆସେ ।

ତିନିଫୁଟ ଚଉଡ଼ା ଓ ତିନିଫୁଟ ଗହୀରା ଗାତ ଖୋଳିବା, ଆଣ୍ଡି ପାଇଁ କିଛି ମୁସ୍କିଲ କାମ ନୁହେଁ । ଗାମୁଛାକୁ ମୁଣ୍ଡରେ ଗୁଡ଼େଇ ଦେଇ, ଧୋତିକୁ ଆଣ୍ଠୁଯାଏ ଟେକି, ଦୁଇ ଗୋଡ଼ ମେଲାକରି ଠିଆ ହୋଇଯାଏ । ତା'ପରେ ଅତି ବେଗରେ କୋଦାଳଟି ମାଟି ଉପରେ ପଡ଼େ, ଉଠେ । ପ୍ରତ୍ୟେକଥର ଭିଜା ମାଟି ପରସ୍ତେ ଉଠିଆସେ, ଭିଜା, ଚିକ୍କଣିଆ ମାଟି ପରସ୍ତେ କୋଦାଳରେ ଲାଗିଯାଏ ।

ମାଗି କୁମ୍ଭାରଠୁଁ ଗରା ଗୋଟିଏ
ଦଶମାସ କାଳ ବିନତୀ କଲା,
ଆଉ—
ଖଣ୍ଡ ଖଣ୍ଡ କରି ଗରା ଭାଙ୍ଗିଲା

ଧରତୀ ଛାତିରୁ ମାଟି ପଡ଼ିବାବେଳେ ଏଇ ଗୀତ ପଦଟିରୁ 'ଖଣ୍ଡ ଖଣ୍ଡ କରି ଗରା ଭାଙ୍ଗିଲା' ଧାଡ଼ିର ପ୍ରତ୍ୟେକ ଶବ୍ଦ ଏଭଳି ଯୋର୍ ଦେଇ ଗାଏ ଯେ, ସତେ ଯେପରି ସେ ପ୍ରତ୍ୟେକ ଶବ୍ଦର ଅର୍ଥ ଜାଣିକରି ଗାଉଛି ।

କିନ୍ତୁ ପ୍ରକୃତରେ ସେଇ ପଂକ୍ତିଗୁଡ଼ିକର ଅର୍ଥ ସେ ମୋଟେ ବୁଝି ନଥିଲା ।

କେବେ, କେଉଁଠୁ ସେ ଗୀତ ଶିଖିଥିଲା !

ଆମେ ପ୍ରତ୍ୟେକ ଶବ୍ଦ କେବେ, କେଉଁଠି କିପରି ଶିଖିଥିଲୁ ଓ ତାର ପ୍ରଥମ ଉଚ୍ଚାରଣ କେବେ କରିଥିଲୁ —ଏକଥା କହିବା ଆମ ପକ୍ଷରେ ବି ସହଜ ନୁହେଁ । ତଥାପି କେତେ କଥା, କେତେ ଶବ୍ଦ ଆମର ଜୀବନ ସହ ଘନିଷ୍ଠ ଭାବେ ଜଡ଼ିତ । ଆମ ଭିତରୁ କେତେ ଲୋକେ କହିପାରିବେ ଯେ, ସେମାନେ ଏଭଳି ଶବ୍ଦ କେବେ, କେଉଁଠି ଓ କିପରି ଶିଖିଥିଲେ ?

ଆଣ୍ଡି ଏ ଗୀତଟି ପ୍ରଥମେ କେଉଁଠି ଶିଖିଥିଲା, ସେ କଥା ଚିନ୍ତାକରି ମନେ ପକେଇଲେ ଯାଇ କହିପାରିବ ।

ଦିନେ ସକାଳେ ଖଟରେ ବସି ନିଦୁଆ ଆଖି ମଳୁମଳୁ ଆଣ୍ଡିକୁ ତା'ର ସାମ୍ନାର ଦୃଶ୍ୟ ଆଶ୍ଚର୍ଯ୍ୟ ଚକିତ କରିଦେଲା।

ପ୍ରତ୍ୟହ ଖୁବ୍ ଚଞ୍ଚଳ ଉଠୁଥିବା ମୁରୁଗାୟି କୁଡ଼ିଆ ଅଗଣାରେ, ଛିଣ୍ଡା ମଶିଣାରେ, ତଥାପି ଗହୀର ନିଦରେ ଶୋଇ ଯାଇଛି।

ସେମାନଙ୍କ ବିବାହିତ ଜୀବନର ପନ୍ଦର ବର୍ଷ ଭିତରେ ଆଣ୍ଡି ନିଜେ ନିଦରୁ ଉଠିବା ପରେ ମୁରୁଗାୟିକୁ କେବେ ଶୋଇ ରହିବା ଦେଖି ନାହିଁ।

'ଏ ମୁରୁଗାୟି ' ଆଣ୍ଡି ଡାକିଲା।

ତଥାପି ମୁରୁଗାୟି ଉଠିଲାନି। କଡ଼ ନେଉଟି ସେମିତି ଭାବେ ପୁଣି ଶୋଇଗଲା। ଖଟରୁ ଉଠିଆସି ସେ ମୁରୁଗାୟି ପାଖେ ବସିଗଲା। ତା'ର ମୁଣ୍ଡ ଉପରେ ହାତ ରଖିଲା। ତାତି ନାହିଁ। ତାକୁ ହଲେଇ ଦେଇ ଡାକିଲା 'ମୁରୁଗାୟି '

ପ୍ରକୃତିସ୍ଥ ହୋଇ ମୁରୁଗାୟି ଧିରେ ଧିରେ ଆଖିପତା ଖୋଲିଲା। ତା' ଆଗରେ ନିଜର ମଣିଷକୁ ଦେଖି ଓଲି ଭାବରେ ଆଖି ଘୁରେଇଲା।

ବ୍ୟସ୍ତ ହୋଇ ଆଣ୍ଡି ପଚାରିଲା, ''କ'ଣ ହେଲା କିରେ ? ତୋ' ଦେହ ଖରାପ ହେଲା ନାଇଁତ ?'' ''ହେଲେ ହାତ ଗୋଡ଼ ଭୀଷଣ ବିନ୍ଧୁଛି। ସାରା ଦେହ କସ୍ କସ୍ ଲାଗୁଛି ମୁଣ୍ଡ ବି ବୁଲାଉଛି ।'' ତା'ର କଳା ଆଖିପତା ଅନିଦ୍ରା ଯୋଗୁଁ ଖୁବ୍ ଧିରେ ଧିରେ ଖୋଲୁଥିଲା।

''ସପନଟିଏ ଦେଖିଲି ''

''ସପନ କେମିତିକା ?'

ଆଖି ମଳୁମଳୁ ମୁରୁଗାୟି ହାଇ ମାରିଲା।

''ସପନରେ ପୋକଟିଏ ଆସିଲା କଳା ମସ୍ ମସ୍ ଏଡିକିଟିଏ ' କହୁ କହୁ ଶିହରୀ ଉଠିଲା।

'ହୁଁ '

''କହିଲା ବେଳକୁ ଲୋମ ଟାଙ୍କୁରି ଉଠୁଛି ଗୋ ଧିରେ ଧିରେ କଳା ପୋକଟି ଘୋଷରି ହୋଇ ମୋ ପାଖକୁ ଆସିଲା ହାତରେ ଚଢ଼ିଗଲା ଚଢିଲା ମାତ୍ରେ ତା' ରଙ୍ଗ ହଳଦିଆ ହୋଇଗଲା ନାଇଁ ଗୋ ହଳଦିଆ ନୁହେଁ ସୁନା ରଙ୍ଗର ହୋଇଗଲା ଏକଦମ୍ ଚକ୍ ଚକ୍ ମୋ ହାତରେ ଚଢି କହିଲା ''ମତେ ଖାଇପକା ଖାଇଦେ ''

'ହୁଁ ତା'ପରେ?'

''ଖା–ଖା—କହୁ କହୁ ମୋ ହାତ ଚାଟିବାକୁ ଲାଗିଲା। ମୁଣ୍ଡ ମୋର ଖରାପ ହୋଇଗଲା ଛି, ଏ ପୋକର ଏଡ଼େ ସାହାସ ? ମୁଁ ତାକୁ ଖାଇବିନି ବୋଲି ଏତେ ସାହସ କରୁଛି ''

ମୁରୁଗାୟିର ଚେହେରା ଲାଲ ହୋଇ ସଂକୁଚିତ ହୋଇଗଲା।

''କହିଲା ବେଳକୁ ବାନ୍ତିମାଡ଼ି ଆସୁଛି ଗୋ ଦୁଇ ଆଙ୍ଗୁଳିରେ ପୋକକୁ ଧରି ମୁହଁରେ ଦେଇ କଚ୍ କଚ୍ କରି ଚୋବାଇ ଗଲି ଉସ୍ ଉଫ୍ ''

ତା' କଥା ପୂରା କରିବା ଆଗରୁ ବାନ୍ତି ହୋଇଗଲା । ଗଳାର ସବୁ ଶିରା ଫୁଲି ଉଠିଲା । ମୁଣ୍ଡ ଓଜନିଆ ଲାଗିଲା କେମିତି ଅଣନିଃଶ୍ୱାସୀ ହୋଇ ଆଖିଗୁଡ଼ିକ ଲାଲ୍ ହୋଇଗଲା ।

ଉଫ୍ ଓ

''ଦେଖୁନା ଗୋ ପୋକଟି ମୋ ପେଟରେ କେମିତି ଦଉଡ଼ୁଛି ''

ମୁରୁଗାୟି ଖୁବ୍ ଯୋର୍‌ରେ ବାନ୍ତି କଲା । ପେଟ ଉପରେ ହାତରଖି ମୁହଁ ତଳକୁ କରି ବସି ରହିଲା । ମୁହଁରୁ ଲାଳ ଖସି ପଡୁଛି । ''ପେଟରେ ପୋକ ଗୋ ଉ ''

ମୁରୁଗାୟିର ଏ ଅବସ୍ଥା ଆଣ୍ଡି ବୁଝିଗଲା । ସମଗ୍ର ଦେହ ତା'ର ଆନନ୍ଦରେ ପୁଲକିତ ହୋଇ ଉଠିଲା ।

ପନ୍ଦର ବର୍ଷର ସପନ ଆଜି ସଫଳ ହୋଇଛି । ମନରେ କେତେ ଆଶାଧରି ବସିଥିଲା । କେତେ ବାର ତା'ର ଏଇ ଉତ୍ସୁକତା ଭିତରେ ନିରାଶ ହୋଇଯାଇଥିଲା । ଭାଗ୍ୟ ସହ ହାରିଯାଇ ଠିକ୍ କରିନେଇଥିଲା ନା, ଆଉ ନୁହେଁ ପୂରାପୂରି ଭୁଲି ଯାଇଥିଲା ସେ କଥା ଭୁଲିଯିବା ପରେ ହଠାତ୍ ଆଜି

ପେଟ ଚାପି ମୁରୁଗାୟି ତଥାପି ବାନ୍ତି କରୁଥିଲା ।

''ଆହା ମୁରୁଗାୟି ! ପୋକ ନୁହେଁ ରେ ଆହା '' ଖୁସିରେ କୁରୁଳି ଉଠୁଥିଲା ଆଣ୍ଡି ।

'ଓ ଉ '

ମଶିଣା ଉପରେ ମୁଣ୍ଡ ତଳକୁ କରିଥିବା ମୁରୁଗାୟିକୁ ନିଜ ଛାତି ଉପରକୁ ଟାଣି ଆଣିଲା । ''ପୋକ ନୁହେଁରେ ସେ ! ହଁ ଲୋ ସେ ସେ ''

ବାନ୍ତି ସହିତ ହସି ଉଠୁଥିବା ଆଣ୍ଡିର ଅବସ୍ଥା ଖୁବ୍ ବିଚିତ୍ର ଜଣାପଡୁଥିଲା ।

''ଟିକିଏ ଚାହ ? ବଡ଼ିବେଲୁ କବିରାଜ ପାଖକୁ ଯାଇ ଏଇଲେ ତୋ' ପାଇଁ ଓଷଦ ଆଣୁଛି'' ଗାମୁଛାକୁ କାନ୍ଧ ଉପରେ ରଖୁ ରଖୁ ଆଣ୍ଡି ଉଠି ପଡ଼ିଲା ।

ମୁରୁଗାୟି ହସି ଉଠିଲା, ''ଚୁପ୍ ରହ ଗୋ କିଏ ଶୁଣିଲେ ଲୋକହସା କଥା ''

ତୋର କଷ୍ଟ ଦେଖି ପାରୁନି କ'ଣ କରିବି ?

''ଦେଖୁଛ କାହିଁକି ? ତମେ ଗଲ ସେଇଠି ଠିଆ ହୋଇଥାଅ ''

ଝୁଲି ଝୁଲ ଆଣ୍ଡି ମଶାଣିର ଦ୍ୱାର ପାଖକୁ ଚାଲିଗଲା ।

ଠିକ୍ ସେଇ ସମୟରେ ଗେରୁଆ ଲୁଗା ପିନ୍ଧି ଜଣେ ଯୋଗୀ ଗୀତ ଗାଇ ଗାଇ ସେ ରାସ୍ତାରେ ଯାଉଥିଲେ –

ବଗିଚାରେ ଥିଲା ଭିକାରୀଟିଏ
ମାଗି କୁମ୍ଭାର ଠୁଁ ଗରା ଗୋଟିଏ

ଦଶମାସ କାଳ ବିନତୀ କଲା,
ଆଉ—
ଖଣ୍ଡ ଖଣ୍ଡ କରି ଗରା ଭାଙ୍ଗିଲା

ଅଭୂତପୂର୍ବ ଅନୁଭୂତିରେ ବିଭୋର ହୋଇ ଆଣ୍ଡି ଛିଡ଼ା ହୋଇଗଲା। ମଧୁର ସ୍ୱର ଓ ତାଳସଂଯୁକ୍ତ ଗୀତର ସେଇ କେଇଟି ପଦ ତାର ହର୍ଷ ବିଧୌତ ମନରେ ସବୁଦିନ ପାଇଁ ଆଙ୍କି ହୋଇଗଲା।

ଶୁଣିବା ଲୋକର ମନେ ରହିଯିବା ଭଳି ପ୍ରତ୍ୟେକ ପଦ ସ୍ପଷ୍ଟ ଓ ମଧୁର ଭାବେ ଯୋଗୀଙ୍କ କଣ୍ଠରୁ ଝଂକୃତ ହେଉଥିଲା।

ସେଇ ଦିନ ହିଁ ଏଇ ଗୀତଟି ପ୍ରଥମ ଥର ପାଇଁ ମନମତାଣିଆ ହୋଇ ଗାଇଥିଲା

"ବଗିଚାରେ ଥିଲା ଭିକାରୀଟିଏ—
"

ସହସ୍ରାଧିକ ଲୋକଙ୍କୁ ନିଜ ଗର୍ଭରେ ନିଃଶେଷ କରିଥିବା ସେଇ ମଶାଣି ଭୂଇଁରେ ସେ ଦିନ ମଣିଷ ପିଲାଟିଏ ଜନ୍ମ ନେଲା।

ଆଣ୍ଡିର ପୁଅଟିଏ ହେଲା।

ପୁଅ ଜନ୍ମ ହେବା ବେଳଠୁଁ ଆଣ୍ଡିର ଆନନ୍ଦର ଆଉ ସୀମା ନାହିଁ। ଦିନତମାମ ପୁଅକୁ କାଖେଇ ଘୂରିବୁଲେ ସେଇ ପରିବେଶ ଭିତରେ।

ଶତାଧିକ ଶିଶୁଙ୍କ ଶବ ଲାଗି ନିର୍ବିକାର ଭାବରେ ଗାତ ଖୋଳୁଥିବା ଆଣ୍ଡିର ହାତ ତା' ପୁଅର ସମଗ୍ର ଶରୀରରେ ବୁଲେ, ମମତା ପ୍ରଲେପ ଲଗାଇ।

ପୁଅ ଦେହରେ ଆଉଁସା ହାତ ପୁଣି ଅନ୍ୟ ପିଲାଙ୍କ ଶବ ପୋତିବା ଲାଗି ଗାତ ଖୋଳିଲାବେଳେ ସକ୍ରିୟ ହୋଇଉଠେ।

ପୁତ୍ର ଶୋକର ବ୍ୟଥା ଆଣ୍ଡି କେବେ ବୁଝିପାରି ନଥିଲା।

ଗୋଲାପ ଗଛର ଚାରା ଲଗାଉଥିବା ପିଲାଙ୍କ ଭଳି ଖୁବ୍ ମନଦେଇ ସେ ଗାତ ଖୋଳେ।

ପାଖରେ ନିର୍ଜୀବ ନିଷ୍ପନ୍ଦ ଶିଶୁର ଶବ ପଡ଼ିଥିବ—ତା ପାଖରେ ଶୋକାଗ୍ରସ୍ତ ବାପ ଛିଡ଼ା ହୋଇ ଆଖିପତା ଡେଇଁ ମାଡ଼ିଆସୁଥିବା ଲୁହର ଢେଉକୁ ହୃଦୟରେ ଚାପି ଧରୁଥିବ? —ଏସବୁ ଦୃଶ୍ୟ ଦେଖି ଆଣ୍ଡିର ହୃଦୟ କେବେ ଦୋହଲି ନାହିଁ। ଖୁସିରେ ଗୀତ ଗାଇ ନିଜର କୋଦାଳ ଚଳେଇଯାଏ

ଛି— ଛି—। ମଣିଷ ଏତେ ନିର୍ଦ୍ଦୟ ହୋଇପାରେ? ସେଥିପାଇଁ ତ ତାକୁ ସଭିଏଁ ପାଗଳ କହନ୍ତି। ଶବ ପୋତା ସରିଗଲେ ସିଧା ନିଜ ଘରକୁ ଧାଇଁ ଯାଏ। ଝୁଲାରେ ଶୋଇଥିବା ଇରୁଲନ୍‌କୁ ସ୍ନେହ କରେ, ଆଉଁସି ଦିଏ ତା' ଗାଲରେ ଚୁମା ଦିଏ ଖୁବ୍ ଆନନ୍ଦରେ

ତା'ର ଖୁସି, ଆନନ୍ଦ, ତା'ର ଉନ୍ମାଦ ଅବସ୍ଥା, ତା'ର ଗୀତ ସବୁ କିଛି ଇରୁଲନ୍ ଲାଗି।

ଦୁଇବର୍ଷ ପରେ––

କେତେ ଯେ ପିତା ମାତାଙ୍କ ହସ ଖୁସି, ଆନନ୍ଦ ଓ କାମନାର ଚଢେଇଟିପି, ମେ- ଗୁଡ଼ିକୁ କବର ଦେଇଥିବା ଏଇ ମଶାଣି ଭୂଇଁରେ ମୃତ୍ୟୁ ନାମକ ଜାଲକୁ ପୂରାପୂରି ଭୁଲିଯାଇ ଜନ୍ମ ନାମକ ମାୟାଜାଲ ବନ୍ଧନରେ ବାନ୍ଧି ହୋଇଥିବା ଆଣ୍ଡିର ଏ ସୁଖ ସପନ ଦିନେ ଭାଙ୍ଗିଗଲା –

ଆଉ କହିବା ଅନାବଶ୍ୟକ –ଇରୁଲନ୍ ଦିନେ ମରିଗଲା ।

କେତେ କାମନା କରି, ବର୍ଷ ବର୍ଷ ଧରି ଦୀର୍ଘ ଅପେକ୍ଷା କରି, ପୂରାପୂରି ଭାବେ ନିଜର ପରାଜୟ ସ୍ୱୀକାର କରିଥିଲା ଆଣ୍ଡି । ହେଲେ, ଦିନେ ତା'ର ସମଗ୍ର ଜୀବନର ଏକମାତ୍ର ଆଶାର ଶେଷ କିରଣ ରେଖା ଲିଭି ଆସୁଥିଲା ବେଳେ ତା' ମନରେ ଆଶା ଜଗାଇ, କେତେ ସପନର ଫୁଲ ଖେଳାଇ ଇରୁଲନ୍ ତା'କୋଳ ପୂରେଇ ଦେଇଥିଲା । କିନ୍ତୁ ଯେମିତି ଆକସ୍ମିକ ଭାବେ ଆସିଥିଲା, ଠିକ୍ ସେମିତି ଚାଲିଗଲା ସେଦିନ ।

ମୁରୁଗାୟିର ସୁଖର ସପନ ଲିଭିଗଲା । ପୁଅକୁ ହଜେଇ ଦେଇ, ସେଇ ଦୁଃଖରେ ମାଟି ଉପରେ ଗଡ଼ିଗଡ଼ି, ମୁଣ୍ଡ ବାଡ଼େଇ ଖୁବ୍ ଯୋର୍‌ରେ କାନ୍ଦିଲା । ନିମ୍ବଗଛ ତଳେ, ଖାଲି ଝୁଲା ପାଖରେ ଦୁଇ ଆଣ୍ଠୁ ମଝିରେ ମୁହଁ ଲୁଚେଇ ବସିଥାଏ ଆଣ୍ଡି ।

ଆଖିର ଦୃଷ୍ଟି ଲାଖି ରହିଛି ଦୂର ଆକାଶ ଦେହରେ । ଶୂନ୍ୟ ଆକାଶରେ ଲାଖି ରହିଛି ତା'ର ଦୃଷ୍ଟି କେମିତିଆ ସବୁ ଦୃଶ୍ୟ ଦୃଷ୍ଟି ଅନ୍ତରାଳର ଦୃଶ୍ୟ କେବେ ଆଉ ଆଖି ସାମ୍ନାରେ ଦେଖା ଦେବନି

ଆଖି ଆଗରେ ତାର ଇରୁଲନ '

ଗୁରୁଣ୍ଡି ଗୁରୁଣ୍ଡି ବାଡ଼ ପାଖରେ ପହଞ୍ଚିଗଲା ନିଦ ଭାଙ୍ଗିଗଲା ପରେ ଝୁଲା ପାଖରେ ମୁଣ୍ଡ ଟେକି ହସୁଛି ହସିଲାବେଳକୁ ଗାଲରେ କୁଣ୍ଡା ପଡ଼ିଯାଉଛି ଡାକୁଛି 'ବା ପା '

ଗଛ ମୂଳରେ ପାଣି ଦେଲାବେଳକୁ ଚୁପ୍‌କିନା ପଛରୁ ଆସି ବାପ ଦେହରେ ଲଟକି ଗଲା । ଆଣ୍ଡି ଦେହରେ କେତେ ରୋମାଞ୍ଚ କେତେ

ଥାଳିରେ ଚାଉଳ ରଖାହୋଇଛି ରଙ୍ଗି ରଙ୍ଗି ସେଇଠି ପହଞ୍ଚି ଇରୁଲନ୍ ନିଜ କୁନି କୁନି ହାତ ଥାଳିରେ ପୂରେଇ ଦିଏ ଚାଉଳ ଲାଗିଥିବା ଆଙ୍ଗୁଠିଗୁଡ଼ିକ ଚାଟେ ଫେର୍ ତାଳିମାରି ହସି ଉଠେ

ରାତିଦିନ ତା' ଛାତି ଉପରେ ଜାକିହୋଇ ଶୁଏ

ଏସବୁ କ'ଣ ମିଛ? ସପନ? ପାଗଳାମି? ଭ୍ରମ?

ହତବୁଦ୍ଧି ଭାବେ ଆଣ୍ଡି ବସି ରହିଥିଲା ।

ଏଇ ମାଟି ଦେହରେ ଇରୁଲନ୍ ଖେଳିଛି ସବୁ ଜିନିଷରେ ତାର ସ୍ପର୍ଶ ଲାଗି ରହିଛି । ଇରୁଲନ୍‌ର ଗୁଲୁଗାଲିଆ କଥା ଆଣ୍ଡିର କାନରେ ବାଜୁଛି ତାକୁ ଛୁଇଁ ସମଗ୍ର ଦେହ ରୋମାଞ୍ଚିତ ହୋଇ ଉଠୁଛି ।

କୁଡ଼ିଆରେ ସେଇ ବାଳକର ନିର୍ଜୀବ ଦେହ ପଡ଼ିଛି। ଫୁଲି ଗଲାଣି। ମୁହଁ ଓ ଆଖି ଉପରେ ମାଛି ଭଣଭଣ ହେଲେଣି। ମୁଣ୍ଡ ଉପରେ ଟିକା ଲାଗିଛି। କଳା ପଡ଼ିଯାଇଥିବା ଦୁଇ ଓଠର ମଝିରେ ଦୁଧଦାନ୍ତ ଚମକି ଉଠୁଛି ଗୋଡ଼ ହାତ ଲମ୍ବେଇ

ଗଭୀର ନିଦରେ ଶୋଇ ଯାଇଛି?

'ନାଇଁ ମରିଗଲା।'

ପିଲାର କୁନିହାତ ଆଣି ମୁରୁଗାୟି ଛାତି ଉପରେ ରଖିଲା। ମୁହଁ ଓ ଆଖି ପାଖେ ଭଣଭଣ ହେଉଥିବା ମାଛି ଘଉଡ଼ାଇ ଦେଲା। ଶବକୁ କପଡ଼ାରେ ଘୋଡ଼ାଇ ଦେଲା।

ଶେଷରେ

ଆଣ୍ଡିର ମନେ ପଡ଼ିଲା କର୍ତ୍ତବ୍ୟ ନାମକ ଏକ କଠୋର ଜିନିଷ।

କାନ୍ଦି କାନ୍ଦି ଆଣ୍ଡିର ଆଖି ଲାଲ ପଡ଼ିଗଲାଣି। ଲୁହ ଝରାଇ ମୁଣ୍ଡରେ ଗାମୁଛା ଭିଡ଼ିଲା। ଘର କୋଣରେ ପଡ଼ିଥିବା କୋଦାଳ କାନ୍ଧ ଉପରେ ରଖିଲା। ପାଣିଭିଜା ହଳଦିଆ କପଡ଼ାରେ ଇରୁଲନ୍‌କୁ ଘୋଡ଼ାଇ ଦେଇ ଛାତିରେ ଯାକି ବାହାରି ପଡ଼ିଲା।

"ଧନ ମୋର। କୁଆଡ଼େ ଗଲୁରେ " ଚିତ୍କାର କରି ପୁଣି ମୁରୁଗାୟି ମାଟି ଉପରେ ମୁଣ୍ଡ ବାଡ଼େଇ କାନ୍ଦି ଉଠିଲା। ତା ଉପରେ ଯେମିତି ପ୍ରଚଣ୍ଡ ଶବ୍ଦ କରି ପାହାଡ଼ ମାଡ଼ି ପଡ଼ିଛି। ଆଣ୍ଡିର ଗୋଡ଼ ଯୋରରେ ଜାବୁଡ଼ି ଧରିଲା।

ହାତରେ ଗୋଟାଏ ଦୁଃଖ, ହୃଦୟରେ ଆଉ ଗୋଟାଏ ଦୁଃଖ, ଗୋଡ଼ ଧରି ତୁହାଇ ତୁହାଇ କାନ୍ଦି ଉଠୁଛି ଆଉ ଗୋଟାଏ ବଡ଼ ଦୁଃଖ। ଆଣ୍ଡି ଛିଡ଼ା ହୋଇ ରହିଲା।

ହାୟ! ସବୁଆଡ଼ ଅନ୍ଧାର ଦିଶୁଛି। ପଥର ଭଳି ଯେମିତି ଠିଆ ହୋଇ ଆଣ୍ଡି ଭିତରେ ଭିତରେ ଛଟପଟ ହୋଇ ଉଠିଲା।

ସବୁ ଶୋକ ଆଉ ଦୁଃଖକୁ ପୋତି ପକାଉଥିବା କାନ୍ଧ ଉପରର ସେଇ କୋଦାଳଟି କିଛି କରିପାରେ?

ଗୋଟାଏ ହାତରେ ମଲାପୁଅ ଓ ଆର ହାତରେ କୋଦାଳଟିକୁ ଯୋର୍‌ରେ ଧରିଲା। "ମୁରୁଗାୟି ଲୋ କାନ୍ଦନା " କହି ନିଜେ ଭୋ' ଭୋ' ହୋଇ କାନ୍ଦି ଉଠିଲା।

ମୁରୁଗାୟି ଆହୁରି ଯୋର୍‌ରେ ଚିତ୍କାର କରି କାନ୍ଦୁଛି "କୁଆଡ଼େ ଗଲୁ ଧନରେ " ଆଜି ପର୍ଯ୍ୟନ୍ତ ଆଣ୍ଡି କେବଳ ଶବ ଦେଖିଥିଲା। ସବୁ ଶବ ପଛରେ କଣ ଏତେ ଦୁଃଖ—

ଏତେ ଯନ୍ତ୍ରଣା, ଏତେ ଶୋକ ଥାଏ?

'ହାୟ! '

ବଗିଚାରେ ସେଦିନ ଯେମିତି ବସନ୍ତର ପ୍ଲାବନ ଲାଗିଥିଲା । ଗଛ, ଲତା, ଚାରା ସଭିଏଁ ମହକି ମହକି ଫୁଲି ଉଠୁଥିଲେ । ସେଇ ମଶାଣି ଉପରେ ଫୁଲର ବର୍ଷା ଅଜାଡ଼ି ହୋଇ ପଡୁଥିଲା ।

ଭଙ୍ଗା ସପନ ନିଜ ହାତରେ ଧରି ଆଣ୍ଡି ଯାଉଛି । 'ପନିର୍' ଗଛତଳେ ଇରୁଲନ୍‌ର ଶବ ପୋତିବ । ସବୁବେଳେ ଏ ଗଛର ବାସ୍ନାଫୁଲ ଝରିପଡୁଥିବ ଇରୁଲନ୍‌ର କବର ଉପରେ ।

ପୁଅର ଶବକୁ ମାଟି ଉପରେ ରଖିଲା । କାନ୍ଧ ଉପରର କୋଦାଳ ହାତରେ ଧରି ମୂକ ହୋଇ ଠିଆ ହୋଇଗଲା ।

ଶୂନ୍ୟ ଆକାଶରେ ଘୁରିବୁଲୁଛି ଆଖି ଯୋଡ଼ାକ । କାନ୍ଦି କାନ୍ଦି ଲାଲ ହୋଇଯାଇଥିବା ଆଖିର କୋଣରୁ ଗଡ଼ିପଡୁଛି ଲୁହର ଧାରା । ଓଠ ଓ ନାକ ଫୁଲି ଉଠୁଛି । ଛାତି ଭିତରେ କିଛି ଯେମିତି ଆସି ଅଟକି ଗଲା ।

ଛାତିକୁ ପଥର କରି କୋଦାଳ ଉପରକୁ ଟେକିଲା । ହାତ କମ୍ପି ଉଠୁଛି ଯୋରରେ । ମାଟି ଉପରେ ପାଦ ଥରି ଉଠୁନି

ଉପରକୁ ଉଠେଇ ଥିବା କୋଦାଳକୁ ଦୂରକୁ ଫିଙ୍ଗିଦେଇ ଶବ ଉପରେ ପଡିଗଲା । 'ଧନ ମୋର ' କହି ଯୋର୍‌ରେ ଚିତ୍କାର କଲା । ଖୁବ ସମୟ ଧରି କାନ୍ଦିଲା । କାନ୍ଦି କାନ୍ଦି ଥକିଗଲା ।

ବହୁ ସମୟ ଯାଏଁ ପୁଅକୁ ଶେଷଥର ପାଇଁ ଦେଖିଲା ।

କପାଳରେ ବିନ୍ଦୁ ବିନ୍ଦୁ ହୋଇ ଝାଳ ଜମିଯାଇଛି ।

ଛାତିକୁ ପୁଣି ପଥର କରି କୋଦାଳ ଉଠେଇଲା । ଦି ଗୋଡ ମେଲାଇ ଦେଇ ଆଖିବୁଜି ଏକା ନିଃଶ୍ୱାସରେ କୋଦାଳ ପକେଇଲା ମାଟିର ଛାତିରେ-

'ବଗିଚାରେ ଥିଲା ଭିକାରୀଟିଏ ।'

ଚକିତ ହେଲା ଆଣ୍ଡି । ସେଇ ଗୀତ । କାଇ ସେ ତ ଗାଉନି ।

ଅନ୍ୟ ଶବ ପାଇଁ ଗାତ ଖୋଳିଲା ବେଳେ ସେଇ ଗୀତଟି ଆପେ ଆପେ ଓଠରେ ଫୁଟି ଉଠୁଥିଲା । 'ବଗିଚାରେ ଥିଲା ଭିକାରୀଟିଏ ।'

ପୁଣି ସେଇ ଗୀତ । ଏଇଲେ ଗାଉଛି କିଏ ?

ଆଉ ଥରେ କୋଦାଳମାଡ ଦେଲା ମାଟିର ଛାତିରେ ।

'ବଗିଚାରେ ଥିଲା ଭିକାରୀଟିଏ'

ପୁଣି ସେଇ ସ୍ୱର ।

'କିଏ ?'

ଏ ସବୁ ଭାବନା ମନରେ ଚାପି ପୁଣି କୋଦାଳ ଖୁବ୍ ଯୋର୍‌ରେ ମାରିଲା ।

ପୁଣି ସେଇ ଗୀତ ।

ଇସ୍ ଆଣ୍ଡି କିଛି ବୁଝିପାରୁନି । କୋଦାଳ ଫିଙ୍ଗିଦେଇ ସେ ଆଡେ ଚାହିଁଲା ।

ଖମ୍ଭ ଫଟେଇ ତା ଭିତରୁ ନରସିଂହ ବାହାରିଲା ଭଳି, ମାଟି ଫଟେଇ, ଗାତ ମୁହଁ ଖୋଳି ହଠାତ୍ ପିଲାଟିଏ ବାହାରି ଆସି, ଆଣ୍ଡିର ସାମ୍ନାରେ ଛିଡ଼ା ହୋଇଗଲା ।

ତାଳି ମାରି ମାରି, ତାଳ ଦେଇ ଦେଇ ଆଣ୍ଡି ଆଡ଼କୁ ଦେଖି ହସି ହସି ପିଲାଟି ଗାଇଲା

'ବଗିଚାରେ ଥିଲା ଭିକାରୀଟିଏ
ମାଗି କୁମ୍ଭାରଠୁଁ ଗରା ଗୋଟିଏ
ଦଶମାସ କାଳ ବିକଟୀ କଲା,
ଆଉ—
ଖଣ୍ଡ ଖଣ୍ଡ କରି ଗରା ଭାଙ୍ଗିଲା'

ଦୁଇଟି କଣ୍ଠରେ ଗୀତର ଗୋଟିଏ ସ୍ୱର ତା'ପରେ ଚାରୋଟି କଣ୍ଠ ଦୁଇଗୁଣ, ଚାରିଗୁଣ, ହଜାର ଗୁଣ ହୋଇ ସବୁ କଣ୍ଠରେ ଏକାକାର ଭାବେ ଗୀତର ସେଇ ଗୁଞ୍ଜରଣ ।

ସେଇ ମଶାଣିରେ ପ୍ରଥମରୁ ଗଲା ସଂଧ୍ୟା ସୁଦ୍ଧା ପୋତା ଯାଇଥିବା ସବୁ ପିଲାଗୁଡ଼ିକ ଜୀବନ୍ତ ହୋଇ ଉଠି ନିଜର କୋମଳ କଣ୍ଠ ଓ ଥଙ୍ଗଥଙ୍ଗିଆ ସ୍ୱରରେ ଗୀତଟି ଯୋର୍‌ରେ ଗାଇବାକୁ ଲାଗିଲେ । ତାଳି ପିଟି ପିଟି ନାଚି ଉଠିଲେ । ଇସ୍ ଆକାଶର ସବୁ କୋଣ ଯେମିତି ଗୀତଟି ଗାଇ ଉଠିଲେ । ସତେ ଯେମିତି ଦିଗଭ୍ରମ ହୋଇ ମେଘରାଶି ବିଛାଡ଼ି ହୋଇପଡ଼ିଲା ।

ନିଜକୁ ଭୁଲିଯାଇ ଆଣ୍ଡି ଯୋର୍‌ରେ ହସି ପକେଇଲା ।

ସେଇ ପିଲାଙ୍କ ଭିତରେ ତା'ର ଇରୁଲନ୍ ତାଳି ବଜଉଛି । ନାଚି ଉଠୁଛି । ଗାଇ ଉଠୁଛି ସେଇ ଗୀତ 'ବଗିଚାରେ ଥିଲା ଭିକାରୀଟିଏ ।'

ମଶାଣିରେ ଭରପୁର ଲକ୍ଷ ଲକ୍ଷ, କୋଟି କୋଟି ପିଲାଙ୍କ ମେଳାଭିତରୁ ତାର ଇରୁଲନ୍‌କୁ ଧରି ଆଣି ଛାତିରେ ଭିଡିଧରିବା ପାଇଁ ଆଣ୍ଡି ପାଦ ବଢେଇଲା

ଇରୁଲନ୍ ନାହିଁ ବହୁତ ଖୋଜିଲା ଇରୁଲନ୍ ନଥିଲା ସବୁ ପିଲା ଥିଲେ ଇରୁଲନ୍‌କୁ କେବଳ ପାଇଲା ନାହିଁ ।

'ଏଇଟା ମୋର ସେଇଟା ତାର ଏ ଏମିତି ସେ ସେମିତି' କହି ପିଲାଙ୍କ ଭିତରେ ପ୍ରଭେଦ କରି ଚିହ୍ନିବା ଅସମ୍ଭବ କଥା । ସେଇ ଅବସ୍ଥାରେ କେବଳ ଇରୁଲନ୍‌କୁ ଖୋଜି ପାଇବା ସହଜ ହୁଅନ୍ତା କେମିତି?

ବ୍ୟତିବ୍ୟସ୍ତ ହୋଇଗଲା ଆଣ୍ଡି ।

ମନଭିତରେ କେତେ ବ୍ୟସ୍ତତା କେତେ ଚିନ୍ତା ।

ଗଛତଳେ ପୁଅର ଶବ ପାଖରେ ମୁହଁ ମାଡି ପଡ଼ିଥିବା ଆଣ୍ଡିକୁ ଦେଖି ଉଦ୍‌କଣ୍ଠିତ ଭାବେ ମୁରୁଗାୟି ଧାଇଁ ଧାଇଁ ଆସିଲା ।

ନିଜ କୋଳରେ ଆଣ୍ଡିର ମୁଣ୍ଡ ରଖି ଖୁବ୍ ଯୋରରେ କାନ୍ଦି ଉଠିଲା ।

ଆଣ୍ଡି ଧିରେ ଧିରେ ଆଖି ଖୋଲିଲା।

ଆଶ୍ଚର୍ଯ୍ୟ କଥା। ପୁଅ ବଞ୍ଚିଛିରେ, ମରିନି।

ଏବେ ବି ସିଏ ସେଇ ବଗିଚା ଭିତରେ ହିଁ ରୁହେ। ହେଲେ ଆଗଭଳି ସେ ଗୀତଟି ଆଉ ଗାଏ ନାହିଁ।

ମଶାଣିକୁ ଆସୁଥିବା ଶବଗୁଡ଼ିକୁ ଦେଖି 'ହାୟ, ହାୟ', କରି ଦୁଃଖରେ ଗୁମରି ଉଠି ବଡ଼ ପାଟିରେ କାନ୍ଦେ। ଅନ୍ୟମାନଙ୍କ ଦୁଃଖର ସେ ବି ଶୀକାର ହୋଇଯାଏ।

ତଥାପି, ଏବେ ବି ତାକୁ ସଭିଏଁ ପାଗଳ କହନ୍ତି।

ଅନ୍ତରଙ୍ଗ ପବିତ୍ର ହୋଇଥାଏ

''ମିନିଟିଏ ଅପେକ୍ଷା କରନ୍ତୁ। ଡାକି ଦେଉଛି ଆପଣ କିଏ କହୁଛନ୍ତି ?''

ଦାନ୍ତ ଚିପି ଚିପି ସେ ଉତ୍ତର ଦେଲା ''ମୁଁ ତାଙ୍କ ପୁଅ ବେଣୁ କହୁଛି।''

କିଛିକ୍ଷଣ ପରେ ମିଃ ସୁନ୍ଦରମ୍‌ଙ୍କ ସ୍ୱର ଟେଲିଫୋନ୍‌ରେ ଶୁଭିଲା। ''ହାଲୋ, ମୁଁ କହୁଛି, ସୁନ୍ଦରମ୍ ''

ବାପାଙ୍କ ସ୍ୱର ଶୁଣିଲା ମାତ୍ରକେ ତାର ସେଇ ରାଗ, ଧୈର୍ଯ୍ୟ, ଘୃଣା ସବୁକିଛି କୁଆଡ଼େ ଉଡ଼ିଯାଇ ତା'ର କଣ୍ଠ କମ୍ପି ଉଠିଲା, ହୃଦୟର ଗତି ଯୋର୍‌ରେ ବଢ଼ିଗଲା। କୌଣସି ପ୍ରକାରେ ନିଜକୁ ସମ୍ଭାଳି କହିଲା ''ମୁଁ ବେଣୁ କହୁଛି ଆପଣଙ୍କ ସହ କିଛି କଥାବାର୍ତ୍ତା ଅଛି ଏକା ଭାବେ।''

''ଠିକ୍ ଅଛି କିଛି ସମୟ ପରେ ଘରେ ପହଞ୍ଚିଯିବି ''

''ନା ନା ସେ କଥା ଘରେ ବସି କଥା ହେଇ ହେବନି ଆପଣ ସେଇଠି ଥା'ନ୍ତୁ, ମୁଁ ନିଜେ ଆସୁଛି ଠିକ୍ ଦଶ ମିନିଟ୍ ଭିତରେ ''

''ଓ ଆଇ ସି। ଠିକ୍ ଅଛି, ଏଇଠିକି ଚାଲିଆ।''

''ଧନ୍ୟବାଦ ''

ବେଣୁ ରିସିଭର ରଖିଦେଇ, କପାଳ ଉପରେ ଜମିଉଠିଥିବା ସ୍ୱେଦକଣିକା ପୋଛି ପକେଇଲା। ବର୍ତ୍ତମାନ ସୁଦ୍ଧା ହୃଦୟ ଧକ୍ ଧକ୍ ହେଉଛି। ତାଙ୍କୁ କେତେ କଥା କହିବାର ଥିଲା। ସତେ ଯେମିତି ସେ କୌଣସି ମହାନ୍ କାର୍ଯ୍ୟ ପାଇଁ ନିଜକୁ ପ୍ରସ୍ତୁତ କରୁଛି। ଯୋର୍‌ରେ ହାତମୁଠା କରୁ କରୁ ଭତର୍ ଭତର ହେଲା ହଁ ତାହେଲେ ଏଇଟା ମୋର କର୍ତ୍ତବ୍ୟ ଏ ପରିବାରର ପ୍ରତିଷ୍ଠା ବଜାୟ ରଖିବା ଦାୟିତ୍ୱ ମୋର ବାପାଙ୍କୁ ମାନିବାକୁ ପଡ଼ିବ ଯେ, ତାଙ୍କର ମନ ଏତେ ବିଗିଡି ଯାଇଛି। ସେ ବିଷୟରେ ନିଜ ପୁଅକୁ ତାଙ୍କୁ ବୁଝେଇବାକୁ ପଡୁଛି। ଛିଃ କେତେ ଲଜ୍ୟାର କଥା କିନ୍ତୁ ମୋତେ ବହୁ ଧୈର୍ଯ୍ୟ ସହକାରେ କାମ କରିବାକୁ ପଡ଼ିବ। ତାଙ୍କୁ ଜେରା କରି ତାଙ୍କର ସେଇ ଘୃଣ୍ୟ ରହସ୍ୟ ସବା ପ୍ରଥମେ ତାଙ୍କ ଆଗରେ ହିଁ ଖୋଲିବାକୁ ପଡ଼ିବ 'ଏମିତି କିଛି ନୁହେଁ ' କହି ସେକଥା ଉଡ଼େଇ ଦେବାପାଇଁ ଚେଷ୍ଟା କରିବେ ହୁଁ ତାଙ୍କ ଟେବୁଲ୍ ଡ୍ରୟାର୍‌ରେ ଥିବା ସେଇ ଛି ସେଇ ପ୍ରେମପତ୍ରକୁ ସାଙ୍ଗରେ ନେବାକୁ ପଡିବ। ନିଶ୍ଚିତ ଭାବେ ସେ ରାଗିବେ ପଚାରିବେ ''ଆଚ୍ଛା ! ତୁ ତାହେଲେ ନକଲି ଚାବିରେ ଚୋରାଭାବେ ତଲାଶି କରିଛୁ କାହିଁକି ?''

ପଚାରନ୍ତୁ, ଲୁଚିଛପି ଚାଲିଥିବା ତାଙ୍କ ପ୍ରେମ ବ୍ୟାପାର ସଂପର୍କରେ ଆମର ଜାଣିବା ଥିଲା, ତେଣୁ ଚୋରାଭାବେ ଡ୍ରୟାର୍ ଖୋଲିଛି କିଛି ବଡ଼ ଦୋଷ ତ କରିନି। ପଅର ଦିନ ରାତିରେ ସେ ଝିଅ ସହ ସେକେଣ୍ଡ ଶୋ'ରେ ତାଙ୍କୁ ନିଜ ଆଖିରେ ଦେଖିବା ପରେ ତ ତଲାଶି ନେଇଛି ସବୁ କଥା ଜାଣିବା ପାଇଁ।

ଚଞ୍ଚଳ ପୋଷାକ ପିନ୍ଧି ବେଣୁ ବାହାରି ପଡ଼ିବା ବେଳକୁ ଲେଡିଜ୍ କ୍ଲବ୍ ଯିବାପାଇଁ ଉଦ୍ୟତ ତା'ର ମା ରମଣୀ ଅମ୍ମା ହଠାତ୍ ପାଖକୁ ଆସିଗଲେ।

କିଛିଦିନ ହେଲା ସେ ଅନୁମାନ କରୁଥିଲେ, ଏବେ ଏବେ ବେଣୁର ବ୍ୟବହାର ବଦଳି ଯାଉଛି।

ତା' କ୍ରୋଧଭରା ଆଖି ଦେଖି ସେ କିଛିଟା ଆଶଙ୍କିତ ବି ହୋଇଗଲେ।

ତା' ଶୁଖିଲା ମୁହଁ ଦେଖି ତାଙ୍କର ସନ୍ଦେହ ହେଲା 'ଠିକ୍ ଖିଆପିଆ କରୁନି? ଠିକ୍ ଭାବରେ ଶୋଉ ନାହିଁ।' ଦୁର୍ବଳ ହୋଇ ଦେହ କଳା ପଡ଼ିଆସିଲାଣି। ଖିଅର ନ ହେବା ଯୋଗୁଁ ମୁହଁ ସାରା ଦାଢ଼ୀ ବଢ଼ିଗଲାଣି। ତାର ନିଷ୍ପ୍ରଭ ଆଖି ଓ ଆଖିପତା ତଳେ ଗାଢ଼ ହୋଇଯାଉଥିବା କଳାରଙ୍ଗରୁ ଜଣାପଡୁଥିଲା, ସେ କୌଣସି ନା କୌଣସି କଥା ନେଇ ଖୁବ୍ ଚିନ୍ତିତ ହୋଇ ପଡ଼ିଛି।

"ବେଣୁ ବଡ଼ ହୋଇଗଲାଣି। କେତେ କଥା ତା ମନରେ ଥିବ ତା ବ୍ୟକ୍ତିଗତ କଥାରେ ହସ୍ତକ୍ଷେପ କରିବା ଠିକ୍ ହେବନି " ଭାବି ମୁହଁ ଚୁପ୍‌କରି ରମଣୀ ଦେବୀ ତା ପାଖକୁ ଆସିଗଲେ।

ଆଦରରେ ତା କାନ୍ଧ ଉପରେ ହାତରଖି ପଚାରିଲେ, "କୁଆଡ଼େ ଯାଉଛୁ ବେଣୁ?"

ଶିହରୀ ଉଠିଲା ବେଣୁ। ଦବିଲା କଣ୍ଠରେ କହିଲା, 'କିଛି କାମ ଅଛି।'

ରମଣୀ ଦେବୀ ଇଂରାଜୀରେ ପଚାରିଲେ, "ହ୍ୱାଟ୍ ଇଜ୍ ରଙ୍ଗ୍ ୱିଥ୍ ୟୁ? ଗୁଡ୍। ମୋ ଦ୍ୱାରା କିଛି କାମ ହୋଇପାରିଲେ ମୋତେ କହିପାରୁ ।"

'ଥେଂକ୍ସ' ବେଣୁ ପୁଣି ଉଦ୍ୟତ ହେଲା ଯିବାକୁ। ମା ଅଟକାଇ ନେଲେ।

"ଯା, ପୂଜାରିଣୀ ନୂଆ ଜିନିଷ ରାନ୍ଧିଛି। ଖାଇ ସାରିଲାପରେ ଯିବୁ ।" ଆଗ୍ରହଭରା କଣ୍ଠରେ ରମଣୀଦେବୀ କହିଲେ। ନିଜ ଘଣ୍ଟା ଆଡ଼କୁ ଅନେଇ ଡେରି ହେଉଥିବା ଦେଖି ଚଞ୍ଚଳ ବାହାରି ପଡ଼ିଲେ।

ମୁହଁ ତଳକୁ କରି ବେଣୁ କିଛି ସମୟ ଭାବିବାକୁ ଲାଗିଲା।

"କେତେ ନିରୀହା ବିଚାରୀ ଆଉ ବାପା ? କେତେ ସୁନ୍ଦର ଭାବେ ଠକି ଚାଲିଛନ୍ତି।" ପୁଣି ପରକ୍ଷଣରେ ସେଇ ବିଗତାବସ୍ଥା ମା'ର ଶୃଙ୍ଗାର, ମୁହଁ ଉପରେ ପାଉଡ଼ରର ମୋଟା ପ୍ରଲେପ, ଓଠରେ ଲିପ୍‌ଷ୍ଟିକ୍, ସର୍ଟ ସ୍ଲିଭ୍ ବ୍ଲାଉଜ୍, ଇଂରାଜୀ କଥାବାର୍ତ୍ତା ସବୁ ମନେ ପଡ଼ିଯାଇ ତା'ର ମନ ଘୃଣାରେ ଭରି ଉଠିଲା।

ବାହାର ବାରନ୍ଦାରେ ବସି କନ୍‌ଭେଣ୍ଟରୁ ସଦ୍ୟଫେରନ୍ତା ତାର ଦି' ଛୋଟ ଭାଇ ଓ ଛ' ବର୍ଷୀୟା ଭଉଣୀ ଗୋଡ଼ରୁ ଜୋତା-ମୋଜା ଖୋଲୁଥିଲେ। ତାର ମନେ ହେଲା ଦାୟିତ୍ୱହୀନା ମା ଓ ପଥଭ୍ରଷ୍ଟ ବାପା , ଏଇ ଦି'ଜଣହିଁ ପିଲାମାନଙ୍କ ଭବିଷ୍ୟତ ମାଟିରେ ମିଶେଇ ଦେବେ।

ମନେ ପଡ଼ିଲା ନିଜ ଅଜା ଆଈଙ୍କ କଥା । "ଭାଗ୍ୟ ଭଲ । ଏଇ ବେଢଙ୍ଗ ପରିବେଶରେ ଲାଳିତ ପାଳିତ ହେବାର ଦୁର୍ଯୋଗ ମୋର ହୋଇନି "

ପଚିଶବର୍ଷ ତଳେ ବେଣୁର ବାପା ସୁନ୍ଦରମ୍ ଓ ରମଣୀ ଅମ୍ମା ଏକା ସାଙ୍ଗରେ କଲେଜରେ ପଢୁଥିଲେ । ଦୁହିଁଙ୍କ ଜାତି ଭିନ୍ନ ଥିଲା । ମା, ବାପାଙ୍କ ବିରୋଧ ସତ୍ତ୍ୱେ ସୁନ୍ଦରମ୍ ରମଣୀ ଅମ୍ମା ସଙ୍ଗେ ପ୍ରେମ ବିବାହ କରିଥିଲେ ।

ପାଶ୍ଚାତ୍ୟ ସଂସ୍କୃତି ଓ ପରିବେଶ ଭିତରେ ରମଣୀ ଅମ୍ମା ବଢ଼ିଥିଲେ । କନ୍‌ଭେଣ୍ଟରୁ ହିଁ ତାଙ୍କର ପଢ଼ା ଆରମ୍ଭ । ସମଗ୍ର ପରିବାର ଦେହରେ ପାଶ୍ଚାତ୍ୟ ଢଙ୍ଗଢ଼ାଙ୍ଗ । ସେ ସମୟରେ ତାଙ୍କ ଆଡ଼କୁ ସୁନ୍ଦରମ୍ ଆକର୍ଷିତ ହେବା ମୂଳରେ ଏଇଟା ବି ବୋଧହୁଏ ଗୋଟାଏ କାରଣ ଥିଲା ।

ଅନ୍ତର୍ଜାତୀୟ ବିବାହ କଲାପରେ ଦୁଇବର୍ଷ ପର୍ଯ୍ୟନ୍ତ ବାପ-ମାଙ୍କ ସହ ସୁନ୍ଦରମ୍‌ଙ୍କ କୌଣସି ସମ୍ପର୍କ ନଥିଲା । ଦୁଇବର୍ଷ ପରେ ବେଣୁର ଜନ୍ମ ।

ନାତିର ଜନ୍ମ ଖବର ପାଇ ପୁତ୍ର ସ୍ନେହରୁ ବଞ୍ଚିତ ଗଣପତିଆ ପିଲ୍ଲେ ଆଉ ତାଙ୍କ ସ୍ତ୍ରୀ ବିଶାଳମ୍ ଧୈର୍ଯ୍ୟ ଧରି ପାରିଲେ ନାହିଁ । ନାତିର ମୁହଁ ଦେଖିବାକୁ ଦିହେଁ ଗାଁରୁ ସହରକୁ ଧାଇଁ ଆସିଲେ । ବେଣୁ ମାଧ୍ୟମରେ ହିଁ ସେମାନଙ୍କ ଭାଙ୍ଗି ଯାଇଥିବା ସ୍ନେହ ସମ୍ପର୍କ ପୁଣିଥରେ ଧୀରେ ଧୀରେ ଯୋଡ଼ି ହୋଇଗଲା ।

ବେଣୁ ଛ' ବର୍ଷର ହୋଇଯିବା ପରେ ଗଣପତିଆ ପିଲ୍ଲେ ଜିଦ୍ ଧରିବସିଲେ ନାତିକୁ ନିଜ ସଙ୍ଗରେ ନେବାପାଇଁ । ଦୀର୍ଘଦିନ ଧରି ବୁଢ଼ା ମନରେ କରତି ହେଉଛି ସେଇ ଗୋଟାଏ କଥା – "କେଉଁଠି ଥିଲା ଏ ରମଣୀ ଅମ୍ମା ବିଦେଶୀ ସଂସ୍କୃତ ଗର୍ଭରେ ସବୁଦିନ ପାଇଁ ତା ପୁଅକୁ ବୁଡ଼େଇଦେଲା ।" ସେଥିଲାଗି ବେଣୁକୁ ନିଜର ଦତ୍ତକ ଭାବେ ବୁଢ଼ା ସଙ୍ଗରେ ନେଲେ ।

ଅଜା ଆଈଙ୍କ ପାଳନରେ ବେଣୁ ବଡ଼ ହେଲା । ବନ୍ଧୁବାନ୍ଧବଙ୍କ ଘରକୁ ବୁଲି ଗଲାଭଳି କେବଳ ଛୁଟି ଦିନରେ ବାପା ମାଙ୍କ ପାଖକୁ ଯାଉଥିଲା ।

ଛୁଟିରେ ବେଣୁ ଘରକୁ ଅସିଲେ ତା'ର ବାପା ମା'ଙ୍କ ରହିବା ଢଙ୍ଗ, ସେମାନଙ୍କ ଶିଷ୍ଟାଚାର ସବୁକିଛି ବିପରୀତ ଓ ଅଲଗା ଅଲଗା ଲାଗେ । ବାପା ମା ତାକୁ ପରଭଳି ଲାଗୁଥିଲେ । ପିଲା ଥିଲାବେଳେ ମା' ବାପାଙ୍କ ଏ ବିଚିତ୍ର ରଙ୍ଗଢ଼ଙ୍ଗ କଥା ବେଣୁ ଅଜା ଆଈଙ୍କ ଆଗରେ ହସି ହସି କହି ବ୍ୟଙ୍ଗ କରେ । କିନ୍ତୁ ବଡ଼ ହୋଇଗଲା ପରେ, ଅଜାଆଈଙ୍କ ସହିତ ତୁଳନା କରିବାକୁ ଲାଗିଲା ନିଜ ବାପା-ମାଙ୍କୁ । ଧର୍ମନିଷ୍ଠ ଓ ପରମ୍ପରା ଅଭିମାନୀ ଅଜା-ଆଈ-ଦମ୍ପତି ତା ଆଗରେ ଆଦର୍ଶ ଦମ୍ପତି । ବାପା-ମା'ଙ୍କୁ ଭଲ ପାଉଥିଲେ ସୁଦ୍ଧା ସେମାନଙ୍କ ପାଇଁ ତା' ମନରେ କାଣିଚାଏ ସୁଦ୍ଧା ସମ୍ମାନ ନଥିଲା ।

ହାଇସ୍କୁଲରୁ ପାଶ୍ କରିବା ପରେ, ବେଣୁ ଗାଁର ସବା ପାଖ ସହର ଚିଦମ୍ବରମ୍‌ର କଲେଜରେ ଭର୍ତ୍ତି ହୋଇଥିଲା । ପାଠପଢ଼ା ଆଧୁନିକ ରୀତିରେ ହୋଇଥିଲେ ମଧ୍ୟ, ଆଧୁନିକ ଜୀବନ ତଥାପି ତାକୁ ସ୍ପର୍ଶ କରି ନଥିଲା ।

ଚିଦମ୍ବରମ୍ କଲେଜରେ ପଢ଼ା ଶେଷକରି ଏଇ କେତେମାସ ହେବ ମାଡ୍ରାସ ଆସିଛି। ବଡ଼ କଷ୍ଟରେ ଅଜାଆଈ ତାକୁ ପାଖଛଡ଼ା କରିଥିଲେ।

"ମୁଁ ଚାକିରି କରିବି ନାହିଁ। ଶିକ୍ଷିତ ଲୋକେ ସହରକୁ ଚାଲିଯିବାରୁ ଆମ ଦେଶର ଅବସ୍ଥା ଆଜି ଏଭଳି ହେଲାଣି। ଗାଁରେ ରହି ମୁଁ ଚାଷବାସ ଦେଖିବି।" ଏ କଥା ବେଣୁ ଅଜାଙ୍କୁ ବୁଝେଇଥିଲା। ତାର ଯୁକ୍ତିକୁ ଆଈ ବି ପସନ୍ଦ କରିଥିଲେ।

ସେଦିନ ଖୁବ୍ ଡେରି ଯାଏଁ ଆରାମ ଚୌକୀରେ ଆଖି ବନ୍ଦକରି ବସିବା ପରେ ଅଜା ଆଈଙ୍କୁ ବୁଝେଇଥିଲେ। "ତମେ ବି ନ ବୁଝି ତା କଥାରେ ହଁ ମାରୁଛ। ନିଜ ପୁଅଠୁ ଅଲଗା ରହିଲା ବେଳକୁ ତମକୁ କେମିତି ଲାଗୁଥିଲା? ବେଣୁ ମା'ର ଅବସ୍ଥା ମଧ୍ୟ ସେମିତି ହେବ। ଆଜିଯାଏ ତାକୁ ପଢ଼ା ବାହାନାରେ ପାଖରେ ରଖିଲ। ଏଇନେ ସେ ନିଜ ବାପା ମା ପାଖରେ ରହିବା ଦରକାର।"

ବେଣୁ ପ୍ରତିବାଦ କରିଥିଲା, "ମୁଁ ନମଲା ଯାଏଁ ସେଇଠି କାହାକୁ କିଛି ତଫାତ୍ ଜଣାଯିବନି ।"

"ବେଣୁ! ତୋ ପାଖରେ ରହିଲେ ଆମେ ସବୁଠୁ ବେଶୀ ଖୁସି ହୁଅନ୍ତୁ। ବେଶୀ ନହେଲେ ବି କିଛି ଦିନ ଲାଗି ବୁଲାବୁଲି କରିଆ ଏତକ କହୁଛି ସିନା, ହେଲେ ତୁ ଗାଡ଼ି ଚଢ଼ିଲା ପରେ ତୋର ଆଈ ଓ ମୋର ଅବସ୍ଥା କଣ ହୋଇଯିବ କହି ହେବନି ଦିନ କଟିବ ନାହିଁ। ଠିକ୍ ଅଛି। ତୁ ଛୁଟିରେ ସେଠାକୁ ଯେମିତି ଯାଉଥିଲୁ, ଠିକ୍ ସେମିତି ଏଠାକୁ ମଝିରେ ମଝିରେ କିଛିଦିନ ପାଇଁ ଆସୁଥିବୁ "

ଏଇଠି ଦୁଇହପ୍ତା ରହିଲା ପରେ ବେଣୁ ଅଣନିଶ୍ୱାସୀ ହୋଇଗଲାଣି । ଆଗରୁ ଛୁଟିରେ ଦୁଇମାସ ରହିଲେ ବି ଖରାପ ଲାଗୁ ନଥିଲା। ଏଇନେ କିଛି ବି ଭଲ ଲାଗୁନି।

ଡାଇନିଂ ଟେବୁଲ୍ ପାଖରେ ସାମ୍ନା ସାମ୍ନି ବସି ବାପା ମା'ଙ୍କ ଖାଇ ବସିବା, ସକାଳ ଆଠଟା ଯାଏ ମା ଶୋଇରହିବା ଓ ଧାଁ ଦଉଡ଼ କରି ବାପା, ମା'ଙ୍କ ସେବାରେ ଲାଗିରହିବା ଏସବୁ ଦେଖି ବେଣୁର ମନ ଘୃଣାରେ ଭରି ଯାଉଥିଲା।

ଷାଠିଏ ବର୍ଷ ବୟସରେ ସୁଦ୍ଧା ଖୁବ୍ ପାହାନ୍ତାରୁ ଉଠି ଗାଧୋଇ ସାରି ଦେହରେ ହଳଦୀ ଓ କୁଙ୍କୁମ ସୁଶୋଭିତ ଲକ୍ଷ୍ମୀଭଳି ଦିଶୁଥିବା ଆଈ ବାରମ୍ବାର ମନେ ପଡୁଛନ୍ତି। ସେ ଯେମିତି ନିଷ୍ଠାର ସହ ଠିକ୍ ସମୟରେ ଅଜାଙ୍କ ସେବା କରନ୍ତି, ସେ କଥା ମନେ ପକାଇ ବେଣୁ ଏଠି ପରିବେଶ ସହ ତୁଳନା କଲା।

ବାପାଙ୍କୁ ଦେଖିଲେ ଭାବେ, "ଆଃ ଲୋକଟି ନିଜ ସ୍ତ୍ରୀର ଚାକର।" ମା ସିନେମା ଯା'ନ୍ତି, କ୍ଲବ ଯାଆନ୍ତି, କିନ୍ତୁ ବାପା କେବେ କିଛି କହନ୍ତି ନାଇଁ ଆଉ ମା? ବାପାଙ୍କ ସହ ତାଙ୍କର ଯେମିତି କୌଣସି ସମ୍ପର୍କ ନାହିଁ। ନା କିଛି ପଚାରନ୍ତି. ନା କିଛି କୁହନ୍ତି। "ଛି ଏଇଟା କି ପ୍ରକାରର ଦାମ୍ପତ୍ୟ ଜୀବନ? ଏଇଟା କ'ଣ ଜୀବନ?" ବେଣୁର ମନ ଭିତରେ ଘୃଣା ଓ ତିରସ୍କାର ପରସ୍ତ ପରସ୍ତ ଭାବେ ଜମାଟ ବାନ୍ଧୁଥିଲା। "ଛାଡ଼ୁ ଏମାନଙ୍କ ସହ ମୋର ବା ସମ୍ପର୍କ

କ'ଣ? ଅଜା କହିଥିଲେ ଏଠି କିଛିଦିନ ରହିଯିବି. । ତା'ପରେ ସବୁଦିନ ଲାଗି ଗାଁକୁ ଚାଲିଯିବି ।''

ଏ ଘରର ଆବାହାଓ୍ୱା ଉପରେ ମୂଳରୁ ରାଗୁଥିବା ବେଣୁ ପାଇଁ ଗଲା ସପ୍ତାହରେ ଏକ ବିସ୍ଫୋରକ ଘଟଣାଟିଏ ଘଟିଗଲା ।

ରାତି ପ୍ରାୟ ଆଠଟା ହେବ । ଟେଲିଫୋନ୍‌ର ଘଣ୍ଟି ବାଜିଉଠିଲା । ସୁନ୍ଦରମ୍ ଘର ଛାତ ଉପରେ ଥିଲେ । ବେଣୁ ରିସିଭର୍ ଉଠାଇଲା

'ହାଲୋ'

'ହାଲୋ ମୁଁ ବସନ୍ତା କହୁଛି ଆପଣଙ୍କୁ ଭେଟିବା ଲାଗି କଲେଜ ଯାଇଥିଲି ତା' ପୂର୍ବରୁ ଆପଣ ଚାଲିଯାଇଥିଲେ , ଆଜି 'ସାଉଣ୍ଡ ଅଫ୍ ମ୍ୟୁଜିକ୍'ର ଶେଷ ଦିନ ନାଇଟ୍ ସୋ ଯିବା ? ଆପଣ ଚୁପ୍ ପଡ଼ିଲେ ଯେ

ବେଣୁ କିଛି ବୁଝିପାରୁ ନଥିଲା । ସନ୍ଦେହ କଲା ବାଳେ ଭୁଲ ନମ୍ବର ହୋଇଥିବ ! କିନ୍ତୁ କଲେଜରେ ଭେଟିବା କଥା ଶୁଣି ସନ୍ଦେହ ଦୃଢ଼ ହୋଇଗଲା । କ'ଣ କହିବ ଭାବି ନପାରି ରିସିଭର୍ ରଖିଦେଇ ଚୁପ୍‌ଚାପ୍ ଅନ୍ୟ କୋଠରୀକୁ ଚାଲିଗଲା । ନାନା କଥା ମନ ଭିତରକୁ ଆସୁଛି । ଏ ଘର ଭିତରେ ବାପା ମା'ଙ୍କ ଛଡ଼ା ଆଉ କେହି ନଥିବେ, ଏଇ ବିଶ୍ୱାସରେ ସେଇ ବସନ୍ତା ନାମ୍ନୀ ଝିଅଟି ବାରମ୍ବାର ଟେଲିଫୋନ୍ କରୁଥିବା! ଆଉ ବେଣୁର ସନ୍ଦେହ ଦୃଢ଼ତର ହେଉଥାଏ । କିଛି ସମୟ ପରେ ଟେଲିଫୋନ୍ ପୁଣି ରିଙ୍ଗ୍ ହେଲା । ଦୀର୍ଘ ସମୟ ଧରି ବାଜୁଥାଏ । ବେଣୁ ରିସିଭର ଉଠାଇ ନାହିଁ । ତଳକୁ ଆସି ସୁନ୍ଦରମ୍ ନିଜେ ରିସିଭର ଧରିଲେ ।

'ହାଲୋ ।' ଫୋନ୍ ନମ୍ବର କହିଲେ ।

ବେଣୁ ଧୀରେ ଉଠି, ପାଖ କବାଟ କଣରେ କାନ ଡେରି ସେମାନଙ୍କ ସମ୍ଭାଷଣ ଶୁଣିଲା । ସୁନ୍ଦରମ୍ ଇଂରାଜୀରେ କହୁଥିଲେ ।

''ନାଁ ତ ମୁଁ ତ ଛାତ ଉପରେ ଥିଲି ହୁ ।''

' '

''ଇଟ୍ ଇଜ୍ ଅଲ୍ ରାଇଟ ।''

' '

''ମୋର ବଡ଼ ପୁଅ ହୋଇଥିବ ହଁ ହଁ ଗାଁରେ ଥିଲା ଏବେ ଆସିଛି ହଁ ''

' '

''ଆଉ କେହି 'ଏଡ଼ଲ୍ଟ' ତ ନାହାନ୍ତି ''

' '

''ଠିକ୍ ଅଛି । ମୁଁ ଦେଖୁଛି । ଓ କେ ''

' . '

''ନାଇନ୍ ଥରଟୀ . ୟେସ୍ । ଓ କେ .''

' . . '

''ଡୋଣ୍ଟ୍ ୱରୀ'——କିଛି ଚିନ୍ତା କରନା''

' '

''ଓଃ ହ୍ୱାଟ୍ ଆର୍ ୟୁ ଟକିଙ୍ଗ୍ ଏ କଣ କହୁଛ?''

' '

'ବାଏ '

କଥାବାର୍ତ୍ତା ଶେଷ ହେଲା ପରେ ବେଣୁ ପୁଣି କୋଠରୀ ଭିତରକୁ ଚାଲିଗଲା ।

ସେ ଘଟଣା ପରେ ବର୍ତ୍ତମାନ ଯାଏଁ ବାପାଙ୍କ ଚେହେରା ସୁଦ୍ଧା ଦେଖିନାହିଁ। ଗୋଟିଏ ଘରେ ରହିଲେ ମଧ୍ୟ କେମିତି ନା କେମିତି ତାଙ୍କ ପାଖରୁ ଦୂରେଇ ରୁହେ। ଦି' ଚାରିଦିନ ଆଗରୁ ଘରେ କେହି ନଥିଲା ବେଳେ, ବାପାଙ୍କ କୋଠରୀକୁ ଯାଇଥିଲା। ତା'ର ସନ୍ଦେହ କେତେଦୂର ସତ, ଏକଥା ଜାଣିବା ପାଇଁ ଉପାୟ ବି ଭାବିବାକୁ ପଡ଼ିଥିଲା ।

ଡୁପ୍ଲିକେଟ୍ ଚାବି ଲଗାଇ ବାପାଙ୍କ ଟେବୁଲ୍ ଡ୍ରୟାର୍ ଓ ଆଲମାରୀ ପ୍ରଭୃତିର ପୂରା ତଲାସି ନେଲା। ଚୋରଭଳି ଛପି ଛପି ସେ କୋଠରୀ ଭିତରେ ବିଭିନ୍ନ ଜିନିଷ ଖୋଜିଲା ବେଳେ ତାକୁ ମୋଟେ ଲାଜ ଲାଗୁନି। ଭାବୁଥାଏ, ଏ ଘର ଭିତରେ ଆହୁରି କିଛି ବେଶୀ ଲଜ୍ଜାକର ଘଟଣା ବି ଥାଇପାରେ। ସେ ଘଟଣାଗୁଡ଼ିକ ଆଗରେ ତା'ର ଏ ଚୋରି କାମ ତ ଅତି ନଗଣ୍ୟ।

''ଡରିବି କାହିଁକି? ଭୁଲ୍ ରାସ୍ତାରେ ଯାଉଥିବା ଲୋକ ପାଖରୁ ଲୁଚିରହି ଲାଭ କଅଣ? ବରଂ ତାଙ୍କୁ ଧରା ପକେଇ ଠିକ୍ ରାସ୍ତାରେ ଆଣିବା ହିଁ ମୋର ପରମ କର୍ତ୍ତବ୍ୟ । ତାଙ୍କ ସହ କେଉଁଠି କେଉଁ ଯାଗାରେ ଏକଥା ପକେଇବି । ଘରେ କଥା ହେଲେ ମା ଜାଣିପାରିବେ ବାହାରେ କେଉଁଠି କହିବାକୁ ପଡ଼ିବ । ମୋ କଥା ଯଦି ସେ ନ ମାନନ୍ତି? ସେ ସବୁ ପର କଥା ଆମେ ସବୁ କଥା ଖୋଲା ଖୋଲି ହୋଇଯିବା ଦରକାର '

ଦିନରାତି ଧରି ଏ ସମ୍ପର୍କରେ ତା ନିଜ ଭିତରେ ଚିନ୍ତାର ସଂଘର୍ଷ ଚାଲିଛି। ଶେଷରେ, ଗତକାଲି ଗୋଟାଏ ସିଦ୍ଧାନ୍ତରେ ପହଞ୍ଚିଗଲା।

''କାଲି ଯେମିତି ହେଉ ଏ କଥାଗୁଡ଼ିକୁ ଖୋଲିବାକୁ ପଡ଼ିବ। ଏଥିରେ ଡରିବା କ'ଣ ଅଛି? ମୁଁ ତ ଆଉ ପିଲା ନୁହେଁ। ବଡ଼ ହେଲିଣି। ଆଇ ଏମ୍ ଏନ୍ ଏଡ଼ାଲ୍ଟ।'' ସମୁଦ୍ରକୂଳ ପାଖଦେଇ ନିକଟରେ ନିର୍ମିତ ହୋଇଥିବା ସେଇ ରାସ୍ତା ଉପରେ ସୁନ୍ଦରମ୍ ନିଜ ମାରିସ୍ ମାଇନର୍ ଗାଡ଼ିଟି ଛିଡା କଲେ। ତାଙ୍କ ପାଖରେ ବସିଥିବା ବେଣୁ ପ୍ରଥମରେ କାର୍‌ରୁ ଓହ୍ଲାଇଗଲା। ଦିଗନ୍ତ ବିସ୍ତାରୀ ସମୁଦ୍ର ଦେହରେ ତା ଆଖି ଲାଖି ରହିଥିଲା। ସମୁଦ୍ର ହାୱାରେ ଫୁର୍ ଫୁର୍ ହୋଇ ଉଡୁଥିବା ଧୋତିକୁ ଆଣ୍ଠୁଯାଏଁ ଟେକି, ଘୁଞ୍ଚିଯାଇ ସମୁଦ୍ର ବାଲି ଉପରେ ଛିଡ଼ା ହୋଇଗଲା। ଗଲା ଦଶ ପନ୍ଦର ମିନିଟ ଧରି ବ୍ୟସ୍ତ ହୋଇ ଉଠିଛି ଯେ, କଥା କେମିତି ଆରମ୍ଭ କରିବ? ବାପା ଭୁଲ କରିଛନ୍ତି, ମନରେ କିନ୍ତୁ ଲଜ୍ଜାଜନିତ ସଂକୋଚ ଭାବ ଭାବିବାକୁ

ଲାଗିଲା ନିଜର ମର୍ଯ୍ୟାଦା ଭୁଲି ଆବେଗଭରା କ୍ରୋଧରେ ଯଦି ବାପାଙ୍କୁ କିଛି କହିଦିଏ? ତା ହେଲେ?

ସୁନ୍ଦରମ୍ କାରୁରୁ ଓହ୍ଲାଇଲେ। କୋଟ୍‌କୁ ଓହ୍ଲାଇ, ତାକୁ ପୁଣି ମୋଡ଼ି ଦେଇ ଗାଡ଼ି ସିଟ ଉପରେ ରଖିଲେ। ଗାଡ଼ି ଝରକାର କାଚ ଉଠେଇ କବାଟ ବନ୍ଦ କରିଦେଇ ବେଣୁ ପାଖକୁ ଆସିଲେ।

ସୁନ୍ଦରମ ବେଣୁ ପାଖକୁ ଆସି, ହାତଘଣ୍ଟା ଦେଖି ସ୍ପଷ୍ଟ ସ୍ୱରରେ କହିଲେ, ''ଏଇଲେ ତ ମାତ୍ର ପାଞ୍ଚଟା ବାଜିଛି।'

ମୁହଁରେ ଜବରଦସ୍ତ ହସ ଟାଣି ବେଣୁ କହିଲା,'ଏଠାରେ ମୋଟେ ଭିଡ଼ ନାହିଁ।

ସମୁଦ୍ରର ଅସମତଳ ଜଳରାଶି ଉପରେ ସଂଧ୍ୟା ବର୍ତ୍ତମାନ ସୁଦ୍ଧା ଓହ୍ଲାଇ ନାହିଁ। ଦୁହେଁ ହଠାତ୍ ଚୁପ୍ ପଡ଼ି ବାଲି ଉପରେ ଚାଲିବାକୁ ଲାଗିଲେ। ଦିହିଁକି ଦେଖିଲେ ବାପ ପୁଅ ଭଳି ମୋଟେ ଜଣା ପଡ଼ନ୍ତି ନାହିଁ। ସତେ ଯେମିତି ଦି' ଭାଇ କିମ୍ବା ଅଧ୍ୟାପକ ଓ ଛାତ୍ର ଯାଉଛନ୍ତି। ଦିହିଁଙ୍କ ଚେହେରାରେ ଅସମ୍ଭବ ମେଳ। ସମାନ ଉଚ୍ଚ ଥିଲେ ବି ସୁନ୍ଦରମ୍‌ଙ୍କ ଦେହରେ ମେଦ ଜମାଟ ବାନ୍ଧି ବସୁଛି, ସେହେତୁ ବେଣୁ ସାମାନ୍ୟ ପତଳା ଜଣା ପଡୁଥିଲା।

ମୁହଁ ତଳକୁ କରି ଚାଲିଲା ବେଳେ ବାଲି ଉପରେ ଘଷି ହେଉଥିବା ପାଦଗୁଡ଼ିକୁ ବେଣୁ କେବଳ ଦେଖୁଥାଏ।

ପ୍ରତ୍ୟେକ କ୍ଷଣରେ ମନର ବୋଝ ବଢ଼ିଯାଉଛି। ମନ ଭିତରେ ଫୁଟି ଉଠୁଥିବା କ୍ରୋଧ ଗଳାଯାଏଁ ଆସି ପୁଣି ଦବି ଯାଉଛି। ମୁହଁ କେମିତି ଲାଲ ହୋଇ ଆସି ଓଠରେ ଦାନ୍ତଗୁଡ଼ିକ ଚିପି ହୋଇଗଲା।

ମୁହଁ ଉପରକୁ କରି ସମୁଦ୍ରର ସୀମାହୀନ ଜଳରାଶି ଖାଲି ଦେଖୁଛି, ଆଖି କୋଣରେ ଜକେଇ ହୋଇ ଆସୁଥିବା ଲୁହର ବେଇ ବୁନ୍ଦା ବହଲି ଯାଇ ଆଖିପତାଗୁଡ଼ିକୁ ଭିଜେଇ ଦେଲା।

ସୁନ୍ଦରମ୍ ବେଣୁ ଆଡ଼କୁ ଚାହିଁଲେ ସ୍ନେହଭରା ଦୃଷ୍ଟିରେ। ତାକୁ ଆଶ୍ୱସ୍ତ କରିବାଲାଗି ସାମାନ୍ୟ ହସି ଦେଲେ। ବେଣୁର ଓଠ କମ୍ପି ଉଠିଲା।

ସୁନ୍ଦରମ୍ ପଚାରିଲେ, ''ଏଇଠି ବସିବା?''

କୌଣସି ଉତ୍ତର ନଦେଇ ବେଣୁ ସେଇଠି ବସିଗଲା। ଭାବୁଛି, କଥା କେମିତି ଆରମ୍ଭ କରିବ। ମୁହଁ ଟେକି ବାପାଙ୍କୁ ଦେଖେ। ପୁଣି ଆଖିପତା ତଳକୁ କରି, କିଛି ଭାବି, ବାଲି ଉପରେ ଗାର ଟାଣେ। ଏମିତି ଭାବେ କିଛି ସମୟ ଅତିକ୍ରାନ୍ତ ହୋଇଗଲା ।

ବେଣୁ କେଉଁ କଥା ଯେ ତାଙ୍କୁ ଏକାନ୍ତ ଭାବେ କହିବାକୁ ଚାହେଁ, ସେ ବିଷୟରେ ସୁନ୍ଦରମ୍ ଠିକ୍ ଭାବେ ଜାଣିଥିଲେ। ଟେଲିଫୋନ୍‌ରେ କଥାବାର୍ତ୍ତା ପରେ ବେଣୁ ସହିତ ତାଙ୍କର ଆଉ ଦେଖା ହୋଇନି। ଭାବୁଥିଲେ, ଦୁଃଖିତ ହୋଇଯିବା ପରେ ବି ଯୁବକ ମନର ସ୍ୱାଭାବିକ ଲାଜ ଯୋଗୁଁ ବେଣୁ ତାଙ୍କ ସାମ୍ନାକୁ ଆସୁନାହିଁ। ହେଲେ ବେଣୁ

ଯେ କଥାଟାକୁ ଏତେ ଗମ୍ଭୀର ଭାବେ ଧରି ନେଇ ସେ ସମ୍ପର୍କରେ ଆଲୋଚନା କରିବାକୁ ଚାହେଁ- ଏସବୁ ତାଙ୍କୁ ଭଲ ଲାଗୁ ନ ଥିଲା। ତଥାପି ଉଦାରଚେତା ଭାବେ ବାପ ପୁଅ ଭିତରେ କଥାବାର୍ତ୍ତାକୁ ସେ ଏଡ଼ାଇ ଦେବାକୁ ଚାହୁଁ ନ ଥିଲେ। ତେଣୁ ନିଜେ ପ୍ରସ୍ତୁତ ହୋଇ ଯାଇଥିଲେ। ତଥାପି ନିଜ ଆଡୁ କଥାଟି ପକାଇବାକୁ ଚାହୁଁ ନ ଥିଲେ।

ହଠାତ୍ ବେଣୁ କହିଲା, "ଆଇ ଏମ୍ ସରୀ ବହୁତ ଲଜ୍ଜାସ୍ପଦ କଥା .।"

ପୁଣି ପଚାରିଲା, "ଆପଣ ଜାଣନ୍ତି ମୁଁ କେଉଁ କଥା କହୁଛି?"

ଅବିଚଳିତ ଭାବେ ସୁନ୍ଦରମ୍ କହିଲେ, 'ହଁ।'

ତାଙ୍କର ତଟସ୍ଥ ବେପରୁଆ ଉତ୍ତର ଶୁଣି ବେଣୁ ରାଗିଗଲା। "ମୁଁ ସ୍ୱପ୍ନରେ ସୁଦ୍ଧା ଭାବି ନ ଥିଲି ଯେ ଆପଣ ଏ ଭଳି ଲୋକଟିଏ ।" ଭାବାବେଗରେ ହାତ ମୁଠା ଟାଣ ହୋଇଗଲା। ମନ ଭିତରୁ ବାହାରି ଆସୁଥିବା ଚିନ୍ତାର ପ୍ରବଳ ତୋଫାନକୁ ନିଜ ଭିତରେ ଚାପି ଧରିବାର ପ୍ରୟାସ କରୁ କରୁ ଧଇଁ ସଇଁ ହୋଇଗଲା।

ତା' କାନ୍ଧ ଉପରେ ହାତ ରଖି ସୁନ୍ଦରମ୍ କହିଲେ, "ବେଣୁ, ଡୋନ୍ଟ ବି ସିଲି ତୁ ଆଉ ପିଲା ନୋହୁଁ ଧୀର ଭାବେ ଚିନ୍ତା କର ।"

"ୟେସ୍ ୟେସ୍ ଆଇ ଏମ୍ ଏନ୍ ଏଡ୍‌ଲ୍ଟ ।" ଦାନ୍ତ ଚିପି ଇଂରାଜୀରେ ହିଁ କହିଗଲା । ବୋଧହୁଏ ଏଭଳି ଏକ କଥାକୁ ନେଇ ଗୋଟାଏ ବିଦେଶୀ ଭାଷାରେ ହିଁ ବାପ ପୁଅ ଭିତରେ ଯୁକ୍ତି କରାଯାଇପାରେ।

"ଫୋନକଥା ଆପଣଙ୍କର ମନେ ଅଛି? ସେ ଦିନରୁ ମୁଁ ଦେଖୁଛି ତା ଆଗରୁ ଭାବି ନ ଥିଲି ଯେ ମୋର ବାପା ଜଣେ ଲମ୍ପଟ ବ୍ୟକ୍ତି ହୋଇଥିବେ ଏଇଟା ଆମ ବଂଶର ଇଜ୍ଜତର ପ୍ରଶ୍ନ ନୁହେଁ? ଏଭଳି ଚପଳାମୀ ଆପଣଙ୍କ ଭଳି ଜଣେ ବୟସ୍କ ଓ ପ୍ରତିଷ୍ଠିତ ବ୍ୟକ୍ତି ପକ୍ଷରେ ଶୋଭାଜନକ? ମା' ବି କେତେ ଓଲି ଆଉ ଆପଣ ସମଗ୍ର ଜୀବନ ଧରି ତାଙ୍କୁ ଓଲି କରିଛନ୍ତି "

ସିଗାରେଟ ଟାଣି ଚୁପ୍‌ଚାପ୍ ତା କଥା ଶୁଣୁଥିବା ସୁନ୍ଦରମ୍ ହଠାତ୍ ତା କଥା କାଟିଲେ, "ତୋ ମା'ଙ୍କୁ ଏ ଭିତରକୁ ଟାଣନା। ତୁ ଯାହା କହୁଛୁ କହି ଯା , ଯେତେ ଅନୁଚିତ ହେଲେ ବି ମୁଁ ଶୁଣିବି ହେଲେ ମା'ଙ୍କୁ ଏ ଭିତରକୁ ଟାଣନା ତୋ'ଠୁଁ ଅଧିକ ଭଲ ଭାବରେ ମୁଁ ତାଙ୍କୁ ଜାଣେ। ତୁ ମୋତେ ଯେତେ ଦୂର ଜାଣୁ ତା'ଠୁ ଅଧିକ ସେ ଜାଣନ୍ତି। ପଚିଶ ବର୍ଷ ଧରି ଆମେ ଘର କରିଛୁ। ତୁ କହିଯା "

"ଆପଣ ମା'ଙ୍କୁ ଠକି ଏକ ମିଛ ଦୁନିଆରେ ରହିଛନ୍ତି, ହେଲେ ମୋତେ ଠକି ଦେଇ ପାରିବେନି।"

ସୁନ୍ଦରମ୍ ହସିଲେ। "ତାଙ୍କୁ ଧୋକା ଦେବା କୌଣସି ଦରକାର ପଡ଼ିନି।"

"ଭାବନ୍ତୁ ନାହିଁ ଯେ କେବଳ ଫୋନ କଥାବାର୍ତ୍ତା ଶୁଣି ମୁଁ ଏ ସିଦ୍ଧାନ୍ତରେ ପହଞ୍ଚିଛି। ଦ୍ୱିତୀୟ ଥର ଟେଲିଫୋନ୍‌ରେ ଆପଣଙ୍କ ସବୁ କଥା ମୁଁ ଶୁଣିଛି। ତାପରେ ନ'ଟା ବେଳେ କାର୍ ନେଇ ଆପଣ ଚାଲିଯାଇଥିଲେ। ସିନେମା ଘର ଭିତରେ ମୁଁ ଆପଣ

କିହିଁକି ଦେଖିଥିଲି। ହେଲେ ଏଥିରେ ସନ୍ଦ କରିବା ଭଳି କିଛି ନଥିଲା। ତେଣୁ ଆପଣଙ୍କ କୋଠରୀ ଭିତରକୁ ଯାଇ ଆଲମିରା ଡ୍ରୟାର ସବୁ କିଛି ଚୋରା ଭାବରେ ଖୋଜିଲି। ଆପଣଙ୍କର ସେଇ ପ୍ରେମ ପତ୍ର . ଗଦା ଗଦା ପ୍ରେମ ପତ୍ର ସେଇଥିରୁ ଗୋଟେ ଏଇଟା ଦେଖନ୍ତୁ ।'' ରାଗରେ ପକେଟ ଭିତରୁ ଚିଠିଟି ବାହାର କରି ସୁନ୍ଦରମ୍‌ଙ୍କ ମୁହଁ ଉପରେ ଫିଙ୍ଗି ଦେଲା।

ମୁହଁ ଫେରାଇ ବେଣୁ ଅନ୍ୟ ଆଡ଼କୁ ଦେଖିଲା। ଆଖିରେ ଲୁହର ବନ୍ୟା, କଣ୍ଠରେ ବେଗଗାମୀ ଜଳୋଚ୍ଛ୍ୱାସ ।

ସମୁଦ୍ର ପାଖ ରାସ୍ତାର କଡ଼େ କଡ଼େ ନୀଳ ବତୀଗୁଡ଼ିକ ଜଳି ଗଲାଣି। କୂଳରେ ଲୋକ ଭିଡ଼ ଜମୁଛି। ଦଳେ ଲୋକ ସେମାନଙ୍କ ଆଡ଼କୁ ଆସୁଥିଲେ। ସେମାନେ ସେମାନଙ୍କ ପାଖ ଦେଇ ଚାଲିଯିବା ପର୍ଯ୍ୟନ୍ତ ଦିହେଁ ସେମିତି ଚୁପ୍‌ଚାପ୍ ବସି ରହିଲେ। ବେଣୁ ପୁଣି କଥାବାର୍ତ୍ତା ଆରମ୍ଭ କଲା।

''ଆପଣ ମୋର ବାପା। ପ୍ରକୃତରେ ମୋତେ ଖୁବ୍ ଦୁଃଖ ଲାଗୁଛି ଯେ,ଏ ବିଷୟଟି ଆପଣଙ୍କୁ ବୁଝେଇବାକୁ ପଡୁଛି ଅନ୍ତତଃ ଏବେ ହେଲେ ଆପଣଙ୍କୁ ସେ ଭୁଲଗୁଡ଼ିକୁ ସୁଧାରିବାକୁ ପଡ଼ିବ ତେଣୁ କହୁଛି ।''

ଆଉ ବେଶି କିଛି କହି ନପାରି ଚୁପ୍ ପଡ଼ିଗଲା। ଦୀର୍ଘଶ୍ୱାସ ଟାଣି ସୁନ୍ଦରମ୍ ଆକାଶ ଆଡ଼କୁ ଚାହିଁଲେ। ଗଭୀର ଭାବେ ଚିନ୍ତାକରୁଥିଲେ କଣ କହିବା ଉଚିତ—କ'ଣ ନ କହିବା ଉଚିତ।

ସିଗାରେଟ ଟାଣି ମୁହଁ ତଳକୁ କରି ପୁଣି ଚିନ୍ତା କଲେ। ପୁଣି ସେଇ ଦୀର୍ଘଶ୍ୱାସ। ବେଣୁ ଆଡ଼କୁ ଦେଖିଲେ। କଥାଟି ଠିକ୍ ଭାବେ ତାକୁ ବୁଝେଇ ଦେବା ପାଇଁ ଭାବିଲେ, କିନ୍ତୁ ପରକ୍ଷଣରେ ନିଜର ଭାବନା ବଦଳାଇ ଦେଲେ। ଉଇର ଦେବାଟା ଗୋଟାଏ କଥା, ଅନୁଭବ କରିବା ଆଉ ଗୋଟେ କଥା ଏବଂ ଏଇ ସବୁ ଉପରେ ନିର୍ମିତ ହେଉଥିବା ପରିପକ୍ୱତା ଆଉ ଏକ ଭିନ୍ନ କଥା। ତେଣୁ ବେଣୁକୁ କିଛି ନ କହି ଖାଲି ପଚାରିଲେ —

''ଠିକ୍ ଅଛି। ଏ ସମ୍ପର୍କରେ କେଉଁ କଥାଟି ତୋର କ୍ଷତି କରୁଛି ?''

ବେଣୁ ରାଗି ଉଠୁଥିଲା। ପୁଣି ଭାବୁଥିଲା,କି ଆଶ୍ଚର୍ଯ୍ୟ ଲୋକଟା!

ଏ ଅବସ୍ଥାରେ ବାପାଙ୍କ ଉପରେ ଦୟା ବି ଲାଗୁଛି। ଫିକା ହସ ହସି କହିଲା – ''ବାପା, ଆପଣ ଜଣେ ପ୍ରଫେସର। ପ୍ରତିଷ୍ଠିତ ପରିବାରରେ ଜନ୍ମ। ଚାରୋଟି ସନ୍ତାନର ବାପ। ଏ ବୟସରେ ଆପଣ କୁପଥଗାମୀ ହୋଇ ନିଜର ବଂଶ ମର୍ଯ୍ୟାଦା ମାଟିରେ ମିଶି ଯାଉଥିବା ଦେଖି ଯଦି ନିଜର ପୁଅ ସେ କଥା ଚିନ୍ତା କରେ, ତାହେଲେ, ମୋର ଭୁଲ କେଉଁଠି? ଏ ବିଷୟ ସହିତ ତାର କଣ କିଛି ପ୍ରୟୋଜନ ନାହିଁ?''

ବେଣୁ କହିଲା ବେଳକୁ ସୁନ୍ଦରମ୍ ତା ମୁହଁକୁ ଦେଖୁଥିଲେ। ବେଣୁର ମୁହଁ ଅଧା ଆଲୁଅ ଓ ଅଧା ଅନ୍ଧାରରେ ଥିଲା। ଆଖି ସବୁଆଡ଼େ ଘୁରି ବୁଲୁଥିଲେ ବି ସୁନ୍ଦରମ୍‌ଙ୍କ ମୁହଁକୁ ଦେଖି ପାରୁ ନଥିଲା।

"ବେଣ୍ଣୁ ତୋ କହିବା କଥା ଯେ ତୁ ବଡ଼ ହୋଇ ଗଲୁଣି। ଠିକ୍ କଥା, ତୁ ବଡ଼ ହେଲୁଣି। ହେଲେ ଜଣେ ବୟସ୍କ ଲୋକର ଯେଉଁ ପରିପକ୍ୱତା ଦରକାର, ସେଇଟା ତୋ ପାଖେ କାହିଁ? ପ୍ରଥମ କଥା, ଜଣେ ବାପ ଭାବରେ ନିଜ ସମ୍ପର୍କରେ ତୋ ସହିତ ବାକ୍ ବିତଣ୍ଡା କରିବା ଠିକ୍ ଭାବୁନି। ତୁ କହୁଛୁ, ତୋତେ ଆମ ପରିବାରର ପ୍ରତିଷ୍ଠା, ମାନମର୍ଯ୍ୟାଦା ଚିନ୍ତାଗ୍ରସ୍ତ କରୁଛି। ଠିକ୍ କଥା। ଏଥିରେ କୌଣସି ଆଞ୍ଚ ଆସିବନି। ମାନ ମର୍ଯ୍ୟାଦା ନେଇ ତୋ ଅପେକ୍ଷା ମୁଁ ବେଶି ଚିନ୍ତିତ। ସେଥିରେ ଆଞ୍ଚ ଆସିଲେ ତାକୁ ସମ୍ଭାଳିବାର ସାମର୍ଥ୍ୟ ମୋର ଅଛି। ଏକଥା ତୋତେ ଯେ କେମିତି ବୁଝେଇବି ଆଉ ବୁଝେଇବାର ବି ଦରକାର କଅଣ?"

ସୁନ୍ଦରମ୍‌ଙ୍କ କଥାରେ ଦୃଢ଼ତା ଥିଲା। ସେଥିରେ ଅସ୍ଥିରତା ବା ଅପରାଧ ଚେତନାର ସ୍ପର୍ଶ ସୁଦ୍ଧା ନାହିଁ। ତାଙ୍କୁ ସ୍ଥିର ଦେଖି ବେଣୁ ଭାବିଲା ଭୁଲ୍‌ତ ତାର ନୁହେଁ। ତଥାପି ଏ ବୟସରେ ଅନ୍ୟ ଏକ ନାରୀ ସହ ସମ୍ବନ୍ଧ ଥାଇ ସୁଦ୍ଧା ଡରହୀନ ଭାବେ କେତେ ବାକ୍ ଚାତୁରୀ ଦେଖାଉଛନ୍ତି! ପୁଣି ସେ ରାଗିଗଲା।

"ମୋର ପ୍ରୟୋଜନ କ'ଣ? ମୁଁ ଆପଣଙ୍କ ସ୍ତ୍ରୀର ସନ୍ତାନ ଆଉ ଆପଣ ତାଙ୍କୁ ଠକି ଚାଲିଛନ୍ତି।" ଦାନ୍ତ ଚିପି ଇଂରାଜୀରେ କହିଲା ବେଣୁ।

"ଓଃ ତା ହେଲେ ସେ ମୋ ସମ୍ପର୍କରେ ତୋ ଆଗରେ ଅଭିଯୋଗ କରିଛନ୍ତି?" ଆବେଗହୀନ କଣ୍ଠରେ ସୁନ୍ଦରମ୍ ପଚାରିଲେ।

'ନା ।'

"ତା ହେଲେ ତୁ କାହିଁକି ଆମ ପତିପତ୍ନୀଙ୍କ ମାମଲାରେ ଦଖଲ ଦେଉଛୁ ?"

"ଆଇ ଏମ୍ ୟୋର ସନ୍ (ମୁଁ ଆପଣଙ୍କ ପୁଅ) ଏଇଟା ମୋର କର୍ତ୍ତବ୍ୟ।"

"ନା ବେଣ୍ଣୁ ଏଇଟା ତୋର କର୍ତ୍ତବ୍ୟ ନୁହେଁ। ପତିପତ୍ନୀଙ୍କ ମାମଲାରେ ମୁଣ୍ଡ ଖେଳେଇବାର ଅଧିକାର ପୁଅର ନାହିଁ।"

ଦାନ୍ତରେ ଓଠ ଚିପିଲା ବେଣୁ। ଇଚ୍ଛା ହେଉଥିଲା ଖୁବ୍ ଯୋରରେ କାନ୍ଦିବ । ବାପାଙ୍କୁ ଗାଳି ଦେଇ ସବୁଦିନ ପାଇଁ ତାଙ୍କ ପାଖରୁ ଅଲଗା ହୋଇଯିବା ଇଚ୍ଛାର ବେଗଗାମୀ ସ୍ରୋତ ମନ ଭିତରେ ଅଜାଡି ହୋଇ ପଡୁଥିଲା।

ବେଣୁର ଛଟପଟ ଅବସ୍ଥା ଓ ଦୁଃଖ ଦେଖି ସୁନ୍ଦରମ୍‌ଙ୍କୁ ଦୁଃଖ ଲାଗୁଥିଲା। ନିଜ କଳ୍ପନା ବାହାର ଅସମ୍ବନ୍ଧ କଥାରୁ ତା ମନ ଫେରେଇ ଆଣିବା ଭଳି ଶକ୍ତି ତାଙ୍କର ନାହିଁ। ତାକୁ ଶାନ୍ତ କରିବା ଲାଗି ସ୍ନେହପୂର୍ଣ୍ଣ ଭାବେ ତା ହାତ ଧରିଲେ।

'ବେଣୁ ।'

ଛୋଟ ପିଲା ଭଳି ବେଣୁ ଯୋରରେ ହାତ ଘୁଞ୍ଚେଇ ନେଲା। ରୋମ ମୂଳ ଟାଙ୍କୁରି ଉଠୁଛି। କର୍କଶ ସ୍ୱରରେ କହିଲା।

"ବାପା କଥାଟି ଖୁବ୍ ଅପମାନଜନକ କଣ ଦରକାର ଥିଲା ଏ ସବୁର ।"

ସୁନ୍ଦରମ୍ ହସି ଉଠିଲେ।

"ବୁଝିବା ପିଲା ହୋଇ ତୁ ମୋତେ ଏସବୁ ପଚାରିବା ଉଚିତ ନୁହେଁ। ମୁଁ ତୋ ସଦ୍‌ଭାବନାକୁ ବୁଝୁଛି। ତୋ ଅନୁସାରେ ମୁଁ ଖରାପ କାମ କରୁଥିଲେ ବି ତାକୁ ମନ ଭିତରେ ରଖ। ସମୟ ଆସିଲେ ବୁଝିବୁ କେଉଁ କଥା ଭଲ, କେଉଁ କଥା ଖରାପ, ଆଉ କେଉଁ କଥା କେତେ ଦୂର ପର୍ଯ୍ୟନ୍ତ ଭଲ ବା ଖରାପ। ତୋତେ ସ୍ନେହ କରୁଥିବା ବାପଭାବେ ତୋ'ର ସବୁ ଭୁଲକୁ ମୁଁ କ୍ଷମା ଦେଉଛି। ଟିକିଏ ଚିନ୍ତାକରି ଦେଖ୍ ନିଜ ବାପର ବ୍ୟକ୍ତିଗତ କଥା ଜାଣିବା ପାଇଁ ଲୁଚି ଲୁଚି ଏଭଳି କାମ କରିବା ତୋତେ ଅପମାନ ଜନକ ଲାଗେନି? ମୁଁ ତୋ ଜାଗାରେ ଥିଲେ ଏସବୁ କାମ ପାଇଁ ସାରା ଜୀବନ ଧରି ଲଜ୍ଜିତ ହୁଅନ୍ତି।"

କ୍ଷମା ଦେବା କଥା ଓ ନିଜ କାମ ପାଇଁ ଲଜ୍ଜିତ ହେବା କଥା ବେଣୁ କିଛି ବୁଝି ପାରୁ ନଥିଲା। ହେଲେ ଆଉ କିଛି କହି ତାକୁ ସୁଧାରିବା ବା ଅପରାଧ ସ୍ୱୀକାର କରିବା ଲାଗି ରାଜି କରେଇବା କାମ ବର୍ତ୍ତମାନ ଯେ ତା ଶକ୍ତି ବାହାରେ, ଏକଥା ଖୁବ୍ ଭଲ ଭାବରେ ବୁଝିଗଲା।

'ମା!'

ସବୁ ପିଲାଙ୍କଠୁ ଅଲଗା ହୋଇ ବେଣୁ ହିଁ ରମଣୀ ଦେବୀଙ୍କୁ 'ମା' ଓ ସୁନ୍ଦରମ୍‌ଙ୍କୁ 'ବାପା' ବୋଲି ଡ଼ାକୁଥିଲା। ବାକି ସମସ୍ତଙ୍କ ପାଇଁ ସେମାନେ 'ମମ୍ମି' ଓ 'ଡାଡ଼ି' ଥିଲେ।

ବେଣୁ ତାଙ୍କୁ ଡ଼ାକିଲା ବେଳକୁ ରମଣୀଦେବୀ ଉପର କୋଠା ପାଖ ବାରନ୍ଦାରେ ଆରାମ ଚୌକୀରେ ବସି ଜ୍ୟୁଲିଅନ୍ ହକ୍ସଲେଙ୍କ ପୁସ୍ତକ ପଢ଼ୁଥିଲେ।

ବହିର ମୁଖ୍ୟ ପୃଷ୍ଠା ପଡ଼ିଲା ବେଣୁ—'ନଲେଜ୍, ମୋରାଲିଟୀ ଆଣ୍ଡ ଡେସ୍ଟିନୀ'

"ତୁମ ବହି ପଢ଼ାରେ ମୁଁ ବାଧା ତ ଦେଉନି?"

"ଛି! କେତେ ଫର୍ମାଲିଟି କରୁଛୁ? ଆ ଏଇଠି ବସ।" ସ୍ନେହବୋଳା କଣ୍ଠରେ ଡ଼ାକି ପାଖରେ ବସେଇଲେ।

କଣ କହିବ ବେଣୁ ଭାବି ପାରୁନି। ରମଣୀ ଦେବୀଙ୍କ ଆଖିରେ ଉତ୍ସୁକତାଭରା ଦୃଷ୍ଟି। ହଠାତ୍ ସେ ଏତେ ବଡ଼ ପୁଅର ମା ହେବାର ଗର୍ବ ଅନୁଭବ କଲେ। ଆଙ୍ଗୁଠିର ନଖ ଛିଣ୍ଡାଇ ଛିଣ୍ଡାଇ ବେଣୁ ଭାବି ଚାଲିଥିଲା।

ଆଜିଯାଏଁ ବୋଧହୁଏ କୌଣସି ବିଷୟରେ ଯୁକ୍ତିତର୍କ କିମ୍ବା ପରାମର୍ଶ ନେବା ପାଇଁ ବେଣୁ ମା ପାଖକୁ ଆସି ନଥିଲା। ସେଥିପାଇଁ ମନ ଭିତରେ ଖୁସି ବି ଲାଗୁଛି।

ସେ ଚୁପ୍‌ଚାପ ବସିବା ଦେଖି ରମଣୀ ଦେବୀ କହିଲେ, "ତୋତେ ଏଇଠି ଖୁବ୍ ବୋର୍ ଲାଗୁଛି ନା?" 'ହୁଁ।' ମୁହଁ ଟେକି ବେଣୁ କହିଲା, "ଖାଲି ବୋର୍ ନୁହେ। ଏଠାର ଜୀବନ ହିଁ ମୋତେ ଭଲ ଲାଗୁ ନାହିଁ ଯା' ବି ହେଉ, ମୁଁ ତ ଗାଉଁଲିଆ ଲୋକ ଭଳି, ତମେମାନେ ଖୁବ୍ ଆଧୁନିକ। ତମର ଆଧୁନିକ ଜୀବନ ସହ ମୁଁ ମୋତେ ଏଡ଼ଜଷ୍ଟ କରି ପାରୁନି" କହି ମୁଣ୍ଡ ତଳକୁ କରି ପୁଣି ଚଟାଣ ଉପରେ ଆଙ୍ଗୁଠିରେ ଗାର ଟାଣିବାକୁ ଲାଗିଲା।

କିଛି ସମୟ ଚୁପ୍ ପଡ଼ି ରମଣୀ ଦେବୀ କହିଲେ, "ମୁଁ ଠିକ୍ ଭାବରେ ତୋ ମନ କଥା ବୁଝିପାରୁନି ଏତେ ବର୍ଷ ଧରି ଆମେ ଯେମିତି ଭାବେ ରହିଆସିଛୁ, ଠିକ୍ ସେମିତି ଅଛୁ ଏଥିରେ ମୋତେ କେଉଁଠି ହେଲେ କିଛି 'ଅଲଟ୍ରା' ତ ଜଣା ଯାଉନି। ତୁ ସଫା ସଫା ତୋ ମନ କଥା ନ କହିଲେ ମୁଁ ବୁଝିବି କେମିତି?" ବେଣୁ ମନରେ ଲାଗିରହିଥିବା ଦ୍ୱନ୍ଦ୍ୱ ସଂପର୍କରେ ରମଣୀ ଦେବୀ ଚିନ୍ତା କରୁଥିଲେ।

"ମୋତେ ଲାଗୁଛି ଏଠାକୁ ଆସି ଖୁବ୍ ଭୁଲ୍ କରିଛି। କେଉଁ ଅଚିହ୍ନା ଘରେ ରହୁଛି। ଏଠାରେ ଜୀବନଯାତ୍ରା, ଶିଷ୍ଟାଚାର, ରଙ୍ଗଢ଼ଙ୍ଗ ସବୁ କେମିତି ମୋତେ ଓଲଟା ଜଣା ପଡୁଛି। ତମମାନଙ୍କ ସ୍ନେହ ମମତା ସବୁ ଉପୁରି। ମିଥ୍ୟା ଜୀବନରେ ସବୁ ବାନ୍ଧି ହୋଇ ଯାଇଛି। ଭାବୁଛି ପୁଣି ଅଜା ଘରକୁ ଚାଲିଯିବି।"

ବେଣୁ ରହି ରହି କହୁଥିଲା। ରମଣୀ ଦେବୀ ଚୁପ୍‌ଚାପ୍ ଶୁଣି ଯାଉଥିଲେ। ପୁଣି ଦୁହେଁ ଚୁପ୍‌ଚାପ୍। ଦିନ ଦ୍ୱିପହର। ଏଗାରଟା ହେବ। ତେଣୁ ଘର ପୂରାପୂରି ଖାଲି। ରନ୍ଧାଘରେ ବୁଢ଼ୀ ପୂଜାରିଣୀ ଶୋଇଗଲାଣି। ଘର ଓ ଗଳି ରାସ୍ତା ନିର୍ଜନ, ନିସ୍ତବ୍ଧ।

"ବେଣୁ ହଠାତ୍ ତୋ ପାଇଁ ଏଇଟା କେମିତି ସମସ୍ୟା ହୋଇଗଲା? ମୁଁ ବୁଝୁଛି ଅଜାଘର ଓ ଏ ଘର ପରିବେଶ ଭିତରେ ବହୁତ ତଫାତ ଅଛି। ତୋ' ବୟସ ଦୃଷ୍ଟିରୁ ଦେଖିଲେ, ଅଜାଘର ତୋତେ ବୋର ଲାଗିବା କଥା। ଗୁଡ। ମଣିଷର ପସନ୍ଦ ଓ ରୁଚି ତା ଅଭ୍ୟାସରୁ ହିଁ ବାହାରି ଥାଏ। ତଥାପି ତୋ ଘର ତ ଏଇଟା। ତୁ ଯେମିତି ଭାବେ ଚହିବାକୁ ଚାହୁଁ ରହ। ତୋତେ କିଏ ମନା କରୁଛି? ଅନ୍ୟର ସ୍ୱାଧୀନତା ଉପରେ ହସ୍ତକ୍ଷେପ କରିବା ଆମ ଘରେ ନାହିଁ। ତୋର କେତେଦୂର ମନେ ଅଛି, ମୁଁ ଜାଣେନା ଅଜା ଆଈ ଗାଁକୁ ଯିବାପାଇଁ ବାହାରିଲା ବେଳେ ତୁ ଜିଦ କରିଥିଲୁ ତାଙ୍କସହ ଯିବା ପାଇଁ। ସେମାନଙ୍କର ବି ଇଚ୍ଛାଥିଲା ତୋତେ ପାଖରେ ରଖିବା ପାଇଁ। ତୋ' ଖୁସି ପାଇଁ ମୁଁ ତୋତେ ତାଙ୍କ ସହ ପଠେଇଲି। ପିଲାମାନଙ୍କ ସ୍ୱାଧୀନତାକୁ ଏଇ ଘରେ ସମ୍ମାନ ଦିଆଯାଏ। ତୋ ଇଚ୍ଛା ଅନୁସାରେ ଏଠାରେ ରହିବା ପାଇଁ ବାଧା ନାହିଁ କହ, ଆଉ କଣ ଚାହୁଁ?"

ବେଣୁ ତାଙ୍କ ଆଡକୁ ଦେଖିଲା ଚୁପ୍‌ଚାପ୍ ଭାବେ ଓ ସ୍ଥିର ଦୃଷ୍ଟିରେ।

"ମୋତେ ଲାଗୁଛି ତୁ ବୋଧହୁଏ ଆଉ କେଉଁ କାରଣ ଯୋଗୁଁ ଗାଁକୁ ଫେରିବାକୁ ଚାହୁଁଛୁ। ନୁହେଁ?"

"ହଁ ଅନ୍ୟ କାରଣ ଅଛି।" କହିଦେଇ, ବେଣୁ ତା ମନକୁ ଉଦ୍‌ବେଳିତ କରୁଥିବା ସତ୍ୟଟିର ରହସ୍ୟ ମୋଚନ କରିବାଲାଗି ଶବ୍ଦାବଳୀ ଖୋଜିବାର ଏକ ବିଫଳ ପ୍ରୟାସ କରୁଥିଲା।

ରମଣୀ ଦେବୀ କହିଲେ, "କେବଳ ଏତିକି ନୁହେଁ ତୁ ଆଉ ବି କହିଲୁ ଆମର ଜୀବନ ଯେ ମିଥ୍ୟାର ଜୀବନ ବୋଲି କହିଲା—ସେଇଟା କଣ? ଏତେ

ଚଞ୍ଚଳ ପଡ଼ସଲା କଲୁ ? କେଉଁ କଥା ଦେଖାଇବାକୁ ଚାହୁଁ ? ଜଣା ପଡ଼ୁଛି, ତୋ ମନ ଗଭୀର ଭାବେ ଆହତ ହୋଇଛି। ନୋହିଲେ ଏସବୁ ତୁ କହନ୍ତୁ ନାହିଁ। କହନା, କଣ ହୋଇଛି ?''

ପକେଟ୍‌ରୁ ରୁମାଲ ବାହାର କରି ନାକ ଓ ମୁହଁ ପୋଛିଲା ବେଣୁ, ମୁହଁ ଲାଲ୍ ପଡ଼ି ଯାଇଛି।

''ମା ମୋତେ ବାପାଙ୍କ ଚାଲି ଚଳଣ ଭଲ ଲାଗୁନାହିଁ'', ମୁହଁ ବୁଲାଇ ଦୂର ଆକାଶ ଆଡ଼େ ଚାହିଁ କହିଲା। ରମଣୀ ଦେବୀ ନିରୁତ୍ତର। ବେଣୁ ପୁଣି କହିଲା—

''କାଳେ ତମମାନଙ୍କ ଭିତରେ ଝଗଡ଼ା ହୋଇଯିବ ଓ କେବଳ ମୋ ପାଇଁ ତମ ଜୀବନର ଶାନ୍ତି ନଷ୍ଟ ହେବ ବୋଲି ମୁଁ ଏତେଦିନ ଧରି ଚୁପ୍ ହୋଇ ବସିଥିଲି। ଗୋଟାଏ ବିକୃତ ଜୀବନର ଶାନ୍ତି ଆଉ କେତେ ଦିନଧରି ଖରାପ ହେବ ? ମା', ବାପା ତୁମକୁ ଧୋକା ଦେଉଛନ୍ତି। ଏକଥା ଜାଣିବା ପରେ ବି ମୁଁ ଯଦି ଚୁପ୍ ହୋଇ ବସିରୁହେ, ତା'ହେଲେ ବୁଝାପଡ଼ିବ ଯେ, ତାଙ୍କର ଦୁଷ୍କର୍ମ ସହ ମୁଁ ବି ସହଯୋଗ କରୁଛି। ସେଥିପାଇଁ ଏ ଅପମାନଜନକ ଘରେ ମୁଁ ରହିବାକୁ ଚାହୁଁନି ତାଙ୍କୁ କେମିତି ସୁଧାରିବି ମୁଁ ଯଦି ପାର, ତାହେଲେ ତୁମେ ତାଙ୍କୁ ଠିକ୍ ରାସ୍ତାକୁ ଆଣ। ଏଇଟା ତୁମ ଦୁହିଁଙ୍କ ମାମଲା ମୁଁ ଯାଉଛି ।''

ଗୋଟିଏ ନିଃଶ୍ୱାସରେ ଏତକ କହି ମା'ଙ୍କ ଅଲକ୍ଷ୍ୟରେ ସେଇଠୁ ଚାଲିଯିବା ପାଇଁ ଛଟପଟ ହୋଇ ଉଠିଲା।

ଭାବୁଥିଲା ମା କାନ୍ଦି ଉଠିବେ, ଉଖାରୀ ଉଖାରୀ ତାକୁ ସବୁ କଥା ପଚାରିବେ, ରାଗରେ ନିଜର ଲମ୍ପଟ ସ୍ୱାମୀଙ୍କୁ ଗାଳିଦେବେ, ଏତେ ଦିନଧରି ମନର ରହସ୍ୟ ନିଜ ପୁଅ ଆଗରେ ଧରାପଡ଼ିଯିବା ଦେଖି ଅପମାନ ବୋଧକରିବେ। ଏସବୁ ଭାବି ସେଇଠୁ ଅପରାଧୀ ଭଳି ଚାଲିଯିବାର ଚେଷ୍ଟା କରୁଥିଲା।

'ବେଣୁ'

ରମଣୀ ଦେବୀଙ୍କ ଅତି ଶାନ୍ତ ଅଥଚ ଭାବବିହ୍ୱଳତା ଯୋଗୁଁ କର୍କଶ ଡାକରେ ବେଣୁ ଅଟକି ଗଲା।

ତାଙ୍କ ଚେହେରାରେ କୌଣସି ଅପେକ୍ଷିତ ଭାବ ନାହିଁ। ସ୍ନେହବୋଳା କଣ୍ଠରେ କହିଲେ, 'ବସ୍'। ଚାଲିଯିବା ପାଇଁ ଉଦ୍ୟତ ହେଉଥିବା ବେଣୁ ଚୌକୀ ଉପରେ ବସି ପଡ଼ିଲା। ''ମୁଁ ଭାବୁଥିଲି ତୁ ତୋ'ର କୌଣସି ସମସ୍ୟା ନେଇ ଆସିଛୁ ବୋଲି। କଥାଟି ତ ତୋ' ବାପାଙ୍କ ସଂପର୍କରେ ଆଚ୍ଛା ମଜା ହେଲା '' ରମଣୀ ଦେବୀଙ୍କ ଓଠରେ ହସର କ୍ଷୀଣ ସ୍ରୋତ ମାଡ଼ି ଆସିଲା।

''ତା ହେଲେ ତୁମେ ବି ଏକଥା ଆଗରୁ ଜାଣିଛ ?''

ଗମ୍ଭୀର ଭାବେ ରମଣୀ ଦେବୀ କହିଲେ, ''ଏକଥା ସଂପର୍କରେ କିଛି ଜାଣିବାଟା ଦରକାରୀ ବୋଲି ମୁଁ ମନେ କରେନା ।''

"ସେ ତୋର ବାପା ଓ ମୋର ସ୍ୱାମୀ । ଏ କଥା ଯେତେ ସତ, ସେଭଳି ଭାବେ ସେ ଜଣେ ପ୍ରଫେସର୍, ମହାନ୍ ପଣ୍ଡିତ ଓ ଯୋଗ୍ୟତା ସମ୍ପନ୍ନ ବ୍ୟକ୍ତି । ଠିକ୍ ତ ?"

ବେଣୁ କୌଣସି ଉତ୍ତର ଦେଲା ନାହିଁ।

ରମଣୀ ଦେବୀ କହି ଚାଲିଥିଲେ, "ଏ ସବୁ କଥାରେ ତୁ ବାପାଙ୍କ ଲାଗି ଗର୍ବ କରିପାରୁ । ସେ ସବୁକଥା ଛାଡ଼ି, ଯେଉଁ ବିଷୟରେ ସଠିକ୍ ଭାବେ ତୁ କିଛି ଜାଣୁନା, ଯେଉଁଟା ନିହାତି ଅନ୍ତରଙ୍ଗ କଥା, ତାକୁ ଉଖାରୀ ନିଜେ ଦୁଃଖିତ ବା ଅପମାନିତ ହେବା ତତେ କ'ଣ ଭଲ ଲାଗୁଛି?"

ହଠାତ୍ ଆବେଗଭରା କଣ୍ଠରେ ବେଣୁ କହିଲା, "ପୂରା କଥା ଜାଣିଛି ବୋଲି ତ କହୁଛି ମା । ଆଇ ହେଭ୍ ପ୍ରୁଫ୍ସ୍ । ମୁଁ ପ୍ରମାଣ କରି ଦେଖେଇ ପାରେ । ତାଙ୍କ ପାଖକୁ ଆସିଥିବା ଫୋନ୍ କଲ୍ , ସେ ମହିଳାର କଥାବାର୍ତ୍ତା ମୁଁ ନିଜେ ଶୁଣିଛି ସେଥିପାଇଁ ସେଦିନ ସିନେମା ହଲ୍‌କୁ ଯାଇ ସବୁ ନିଜ ଆଖିରେ ଦେଖିଲି ତାଙ୍କ କୋଠରୀର ଟେବୁଲ୍ ଡ୍ରୟାର୍‌ରେ ପ୍ରେମପତ୍ରର ଏକ ଫାଇଲ୍ ରଖିଛନ୍ତି । ସେଇ ପ୍ରେମପତ୍ର ହିଁ ତାଙ୍କ ମୁହଁ ଉପରେ ଫିଙ୍ଗିଲି । ସେ ମନାକରି ପାରିଲେ ନାହିଁ।"

"ଓ ଇଟ୍ ଇଜ୍ ଶେମ୍ ଅନ୍ ୟୁ । ତତେ ଲଜ୍ଜା ଲାଗିବା କଥା । ବଡ଼ ପ୍ରୁଫ୍ସ୍ ଆଣିଲା ବାଲା ! ପ୍ରତିଷ୍ଠିତ ବ୍ୟକ୍ତିଙ୍କୁ ବଦ୍‌ନାମ କରିବା ଲାଗି, କେତେ ଚାଞ୍ଚଲ୍ୟକର ମନଗଢ଼ା କଥା ପ୍ରକାଶ କରୁଥିବା ପତ୍ରିକା ଅଛନ୍ତି ତ –ସେମାନଙ୍କ ପାଖରେ ବି ଏମିତି ପ୍ରୁଫ୍ସ୍ ଥିବ । ସେମାନଙ୍କ ପାଖରେ କଣ ପ୍ରୁଫ୍ସ୍ ନାହିଁ ବୋଲି ଭଦ୍ରଲୋକମାନେ ସେଇ ପତ୍ରିକା ଗୁଡ଼ିକୁ 'କାମଳ ପତ୍ରିକା' ବୋଲି ଦୂରେଇ ରହନ୍ତି? ଏ ପତ୍ରିକାଗୁଡ଼ିକ ମଣିଷର ଗୌରବ, ତାର ଗୌରବ ଗାଥା ଛାଡ଼ି କେବଳ ତାର ମୃଦୁ ଓ ଅନ୍ତରଙ୍ଗ ଦୁର୍ବଳତାକୁ ଖୋଲାଖୋଲି ଭାବେ ଚର୍ଚ୍ଚାକରି ନିଜର ପେଟ ପୋଷନ୍ତି । ଏହାଦ୍ୱାରା ସମାଜ ଓ ସଂସ୍କୃତିର ପ୍ରଭୂତ କ୍ଷତି ହୋଇଥାଏ, କୌଣସି ଲାଭ ହୁଏନି । ତେଣୁ ଆମେ ଏ ପତ୍ରିକାଗୁଡ଼ିକ ପାଖରୁ ଦୂରେଇ ରହୁଁ । ତୁ ଏବେ ଯାହାକଲୁ ତା ଭିତରେ ଓ ଏ ପତ୍ରିକା କାମ ଭିତରେ ତଫାତ୍ କଣ? ତୁ ବି ତ ସେମାନଙ୍କ ଭଳି ତୋ ପାଖରେ ପ୍ରୁଫ୍ ଅଛି ବୋଲି କହୁଛୁ । ତୋ ଲାଗି ମୋତେ ବହୁତ ଦୁଃଖ ଲାଗୁଛି । ଶେମ୍! ଇଟ୍ ଇଜ୍ ଏ ଶେମ୍ ଅନ୍ ୟୁ ।" ନିଜ କାନ ଉପରେ ହାତ ଚାପି ରମଣୀ ଦେବୀ କହିଲେ, "ସତେ ତୋର କଣ ହୋଇଛି?" ବେଣୁ ଏତେ ବଡ଼ ଲୋକ ସହ ତୁ କେତେ ଅଭଦ୍ର ବ୍ୟବହାର କଲୁ । ତାଙ୍କର ସମଗ୍ର ଶରୀରରେ ଅଲୋଡ଼ା ପ୍ରକମ୍ପନ ।

ତାଙ୍କ ଅବସ୍ଥା ଦେଖି ତାଙ୍କୁ ବୁଝେଇବା ଚେଷ୍ଟାକରି ବେଣୁ କହିଲା, "ମା ତୁମର ଓ ଏ ପରିବାରର ଭଲପାଇଁ ଜାଣିଶୁଣି ମୁଁ ଏସବୁ କରିଛି ।"

"ବେଣୁ ମୋତେ ବଡ଼ ଖରାପ ଲାଗୁଛି ତାଙ୍କ ଲାଗି ନୁହେଁ, ତୋ' ଲାଗି ତୁ ଏପରି କରିବା ନଥିଲା ବାପ ସହ ପୁଅର ଏପରି ବ୍ୟବହାର? ମୁଁ ଭାବି ପାରୁ ନାହିଁ।"

''ତମକୁ ସେ ଧୋକା ଦେଉଛନ୍ତି   ଏକଥା ଜାଣିଲା ପରେ ବି   ''

''ଇଟ ଇଜ୍ ମାଇଁ ପ୍ରୋବ୍ଲେମ୍ '' ବେଣୁର କଥା କାଟି କହିଲେ, ''ଏଇଟା ମୋର ସମସ୍ୟା   ଆମ ଦାମ୍ପତ୍ୟ ଜୀବନରେ ଅଯଥା ହସ୍ତକ୍ଷେପ କରିବା ତୋର ଅଧିକାର,ନାହିଁ,ଘୃଣା ଓ ତିରସ୍କାରରେ ତାଙ୍କ କଣ୍ଠ ସ୍ୱରର ଓଜନ ବଢୁଥିଲା।''

''ଶୁଣ୍‌ ଗଲା ପଚିଶିବର୍ଷ ଧରି ଆମେ ସୁଖ ଶାନ୍ତିରେ ରହିଆସିଛୁ। ଜୀବନ ଶେଷ ଯାଏଁ ଏପରି ରହିବୁ।   ତେଣୁ ଏଇ ଶାନ୍ତି ଓ ସୁଖକୁ ନଷ୍ଟ କରିଦେବା ଭଳି କୌଣସି କଥାରେ ମୁଁ କେବେ ହସ୍ତକ୍ଷେପ କରିନି। ମୁଁ ବି ଏ ବିଷୟରେ ଉଡା ଖବର ପାଇଥିଲି। ସେଥିରେ କଣ ହେଲା? ମୋଠୁଁ ବଳି ଭଲ ସାଥୀ ସେ କେଉଁଠୁ ପାଇବେ ନାହିଁ। ତୋ କହିଲା ଭଳି ମୋତେ ବି ଏ କଥାରେ ଖୁବ୍ ଦୁଃଖ ଲାଗୁଛି।   ''

କହୁ କହୁ ରମଣୀ ଦେବୀ ଅନୁଭବ କଲେ ଛାତି ଭିତରର ସେଇ ପଥର ଭଳି କଠୋର ବେଦନା ଆଉ ଚାପିହୋଇ ରହିପାରୁନି। ବରଂ ତରଳିବାକୁ ଲାଗିଥିଲା। ଚଷମା ଖୋଲି ଗଡ଼ିପଡୁଥିବା ଅଶ୍ରୁର ଧାରା ପୋଛି ବାରନ୍ଦାର ସେଇ ଦୂରିଆ ଜାଗାରେ ଛିଡ଼ାହେଲେ। ପୁଣି ନିଜକୁ ସମ୍ଭାଳି ନେଇ ଚୌକୀ ଉପରେ ବସି ପଡିଲେ।

''ବେଣୁ ତୁ ଯେମିତି ଭାବୁଛୁ, ଜୀବନର ଗତି ସେମିତି ସରଳ ନୁହେଁ। ଜୀବନର ଗତି ବଡ଼ ଜଟିଳ। ବହୁ ସମସ୍ୟା ସୃଷ୍ଟି କରେ। ଆଉ ସେଇ ଜଟିଳତା ଭିତରେ ରହି ମଧ ଗୃହସ୍ଥିକୁ ଶାନ୍ତି ଓ ହସ ଖୁସିରେ ଚଳିବାକୁ ପଡ଼େ। ଏଇଟା ହିଁ ଜୀବନର କଳା। ମୁଁ ତୋ' ଭଳି ପାଟିତୁଣ୍ଡ କରିଥିଲେ, ଏ ଘରର ଶାନ୍ତି ଓ ତାଙ୍କ ପ୍ରତିଷ୍ଠା ମାଟିରେ ମିଶିଯାଇଥାନ୍ତା। ନିଜର 'ପଜେସିଭନେସ୍‌' ପାଇଁ ତାଙ୍କୁ ନିଜ ହାତମୁଠାରେ ରଖିବା ଲାଗି ଏ ଘରର ଶାନ୍ତି, ତାଙ୍କର ପ୍ରତିଷ୍ଠା, ମୋ' ପିଲାଙ୍କ ଭବିଷ୍ୟତ ସବୁ ବଳିଦେଇ ମୁଁ ସ୍ୱାର୍ଥପର ହେବାଟା କେତେ ଖରାପ କଥା ହେବ   । ମୋର ଏସବୁ କଥା ଶୁଣି ଭାବ୍‌ନା ଯେ, ମୁଁ କୌଣସି ରହସ୍ୟମୟ ଦୁଃଖକୁ ଛାତିରେ ଚାପିଧରି ଜୀଇଁ ରହିଛି। ମୋ' ମନ ଭିତରେ ବି ପୀଡ଼ା ଅଛି   ଛୋଟିଆ ଅଭିଳାଷଟିଏ ବି ଅଛି। ପରିପୂର୍ଣ୍ଣ ଆନନ୍ଦ ପାଇବା ଏକ ସହଜ କଥା ତ ନୁହେଁ   । କହିବାର ଅଧିକାର ମୋର ଅଛି ନା ନାହିଁ ସେ ପ୍ରଶ୍ନ ଏଇଠି ଉଠୁନି   ଭାବିବାର ଅଛି କେବଳ କହିଲେ ଲାଭ କଅଣ? ଭାବିଥିଲି ଏଥିରେ କେତେ କ୍ଷତି ହେବ?

ଏଇ ସମ୍ବନ୍ଧରେ ମୋର ଚୁପ୍ ରହିବା ଏକ ପ୍ରକାରର କୁଳୀନତା। ଆମେ କାହାକୁ ସମ୍ମାନ ଦେଲେ, ତାର ମାନେ କଅଣ? ତାର 'ପ୍ରାଇଭେସି'   ତାର ବ୍ୟକ୍ତିଗତ ଜୀବନକୁ ଜବରଦସ୍ତି ଜାଣିବାର ପ୍ରଚେଷ୍ଟା ନ କରିବା। କାହାକୁ ଭଲ ପାଇବା ମାନେ କଅଣ? ସେଇ ବ୍ୟକ୍ତିଟିର କୌଣସି ବ୍ୟକ୍ତିଗତ ଦୁର୍ବଳତା ଜାଣି ବି କେବଳ ସେଇ ଦୁର୍ବଳତା ପାଇଁ ତାର ଅନ୍ୟାନ୍ୟ କ୍ଷମତା ସମୂହ ଓ ଗୌରବକୁ ନଷ୍ଟ କରିବା ପରିବର୍ତ୍ତେ, ସେଇ ଦୁର୍ବଳତା ସଙ୍ଗେ ତାର ଅସ୍ତିତ୍ୱକୁ ବୁଝିବାର ପ୍ରଯତ୍ନର ନାମ ହିଁ ତ ଭଲ ପାଇବା।

'ଓ', ଲୋକର ଅନ୍ତରଙ୍ଗ କେତେ ପବିତ୍ର ଜିନିଷ। ଇଟ୍ ଇଜ୍ ସମଥିଙ୍ଗ୍ ସେକ୍ରେଡ୍. ବେଣୁ! ସେଥିରେ ଯେ କେହି ଅନୁପ୍ରବେଶ କରେ, ସେ କେବଳ ପଶୁ ନୁହେଁ, ଘୃଣିତ ମଧ୍ୟ।

"ମା! ତୁମେ ତାଙ୍କର ପତ୍ନୀ।"

"ସୋ ହ୍ୱାଟ୍? ସେଇ ଅଧିକାରର ଦୁରୁପଯୋଗ କରିବା ଅପେକ୍ଷା ମୁଁ ଏ ଅଧିକାର ଛାଡ଼ିପାରେଁ। ଠିକ୍ କି ନାହିଁ?"

"ପାରିବାରିକ ବନ୍ଧନ ପାଇଁ ସେ କଣ ତମ ସହିତ ଏପରି ଆଗେଇ ଆସିବେ?"

"ଆସିବେ କାହିଁକି? ଆସୁଛନ୍ତି ପତି ପତ୍ନୀ ଉପରେ ବା ପତ୍ନୀ ପତି ଉପରେ ସନ୍ଦେହ କରି ନିଜ ପଦମର୍ଯ୍ୟାଦା ଭୁଲି ଅନ୍ୟର ବ୍ୟକ୍ତିଗତ କଥା ଜାଣିବାର କିଛି କାରଣ ନାହିଁ। ଗୋଟିଏ କାରଣ ହୋଇପାରେ, ସେଇଟା ହେଉଛି, ନିଜର ଧାରଣା ଯେ ଏସବୁ ଜାଣିବା ପାଇଁ ତା'ର ଅଧିକାର ଅଛି ।"

"ପତି- ପତ୍ନୀ, ମା-ପୁଅ, ବାପ –ସମସ୍ତେ ଗୋଟିଏ ସଂପର୍କର ସୂତ୍ରରେ ବାନ୍ଧି ହେଲେ ବି ସେମାନେ କଅଣ ଅଲଗା ଅଲଗା ବ୍ୟକ୍ତିତ୍ୱ, ଭିନ୍ନ ଭିନ୍ନ ଏକକ ନୁହଁନ୍ତି? ପ୍ରତ୍ୟେକ ଲୋକର ନିଜର ବ୍ୟକ୍ତିଗତ ଜୀବନ ଥାଏ। ତାକୁ ଆମେ ସମ୍ମାନ କରିବା ଉଚିତ୍। ପୁଣି ଯାହାକୁ ଆମେ ଭଲ ପାଉଁ, ବହୁତ ବୁଝି ବିଚାରି ତାର ବ୍ୟକ୍ତିଗତ ଜୀବନର ରକ୍ଷା କରିବାକୁ ପଡିବ। ତୁ ବାପାଙ୍କୁ କଣ ଭାବିଛୁ? ମୋତେ ଯାହାସବୁ କହିଲୁ, ତାଙ୍କୁ କୋଉ ସାହସରେ କହିଲୁ? ମୁଁ ସ୍ୱପ୍ନରେ ସୁଦ୍ଧା ଭାବିନଥିଲି ଯେ ଓଃ, ବେଣୁ ତୁ ଏସବୁ କଣ କଲୁ?"

"ଛାଡ । ତୋ' ବାପା ଖୁବ୍ 'ଷ୍ଟ୍ରଙ୍ଗ୍' ଲୋକ, ସେ ସବୁ ସମ୍ଭାଳି ନେବେ। ନିଜର ଦୁର୍ବଳତାଗୁଡ଼ିକୁ ବି ସିଏ ଲଘି ଆସି ପାରିବେ ନିଶ୍ଚୟ ଲଘି ଆସିବେ। ଜୀବନଟା ବହୁତ ଜଟିଳ ବେଣୁ! ଜୀବନକୁ ଠିକ୍ ଭାବେ ବୁଝିବା ଉଚିତ୍। ଏ ବହିଟି ପଢ଼ ଏ ଭଳି ବିଚାର ତୋତେ ବ୍ୟାପକ ଦୃଷ୍ଟିଭଙ୍ଗୀ ପ୍ରଦାନ କରିବ।"

ବେଣୁ ପୁଣି ବ୍ୟତିବ୍ୟସ୍ତ ହୋଇଗଲା। ତା' ଦୃଷ୍ଟିରେ କେବଳ ତା' ଅଜା ଆଈ ହିଁ ଆଦର୍ଶ ଦମ୍ପତି ଥିଲେ।

ସେ ତଥାପି କିଛି ବୁଝି ପାରୁନଥିଲା। ତା' ନିଜ ଅଜା ଆଈ କେବଳ ଅଜା ଆଈ ଭାବରେ ଯେ ଜୀବନ ବିତେଇ ନଥିଲେ, ଏ କଥା ମଧ୍ୟ ବୁଝିପାରୁ ନଥିଲା।

କିଛି ଦିନ ପରେ ଦିନେ ସଂଧ୍ୟାରେ ସୁନ୍ଦରମ୍ କଲେଜରୁ ଫେରି ପୋଷାକ ବଦଳାଉଥିଲେ। ଦୁଇଦିନ ଆଗରୁ କାହାକୁ କିଛି ନକହି ଘର ଛାଡ଼ି ଚାଲିଯାଇଥିବା ବେଣୁର ଚିଠି ଆସିଥିଲା। ଚିଠିଟି ଆଣି ରମଣୀଦେବୀ ସୁନ୍ଦରମ୍‌ଙ୍କ ହାତରେ ଦେଲେ। ଚିଠିର ଶେଷରେ ଲେଖାହୋଇଛି, "ମୁଁ ଅଜାଙ୍କ ନାତି ଭାବରେ ରହିବା ପାଇଁ ହିଁ ଉପଯୁକ୍ତ। ସେଥିପାଇଁ ଚାଲି ଆସିଲି। ଆପଣମାନଙ୍କ ଜୀବନର ଖୁବ୍ ସୂକ୍ଷ୍ମ ବନ୍ଧନକୁ ନବୁଝି ମୁଁ ଯଦି କିଛି ଭୁଲ କରିଥାଏ, ତା ହେଲେ କ୍ଷମା ଦେବେ।" ଆପଣଙ୍କର ବେଣୁ।

ଚିଠିଟି ପଢ଼ି ଦିହେଁ ଦିହିଙ୍କି ଅର୍ଥପୂର୍ଣ୍ଣ ଦୃଷ୍ଟିରେ ଦେଖିଲେ ।

ସୁନ୍ଦରମ୍ ହସି ହସି କହିଲେ, "କେବଳ ସତୁରୀ ବର୍ଷର ବୁଢ଼ା ପାଖରେ ରଢ଼ିବାଦ୍ ଦେଖାଯାଏନି –କୋଡ଼ିଏ ବର୍ଷର ଯୁବକ ପାଖରେ ମଧ୍ୟ ଦେଖା ଯାଇପାରେ ।"

ଖୁବ୍ ଡେରି ଯାଏଁ ରମଣୀ ଦେବୀ ତାଙ୍କ ଅଚଞ୍ଚଳ ଦୃଷ୍ଟିରେ ଅନେଇ ରହିଲେ ଆଖି ଲାଲ୍ ହୋଇ ଯାଇ ଲୁହ ଜକେଇ ଆସିଲା ।

ତାଙ୍କ ମନର ଗଭୀର ବେଦନାକୁ ଚାପିଧରି ଜବରଦସ୍ତ ହସିବା ପାଇଁ ଚେଷ୍ଟାକରି ପଚାରିଲେ "ତା ହେଲେ ବର୍ତ୍ତମାନ ବି ତୁମେ ତୁମେ ତୁମେ ।"

ତାଙ୍କର କମ୍ପି ଉଠୁଥିବା ଓଠ ସୁନ୍ଦରମ୍‌ଙ୍କ ଗାଲ ଉପରେ ବାରମ୍ବାର ଥରି ଉଠୁଥିଲା ସୁନ୍ଦରମ୍ ତାକୁ ନିଜ ଛାତି ଉପରକୁ ଟାଣି ନେଲେ ।

ତାପରେ ଯାହା ହେଲା, ସେ ସବୁ ତାଙ୍କର ନିହାତି ବ୍ୟକ୍ତିଗତ, ଖୁବ୍ ଅନ୍ତରଙ୍ଗ କଥା ।

ଅନ୍ଧାର ପଥେ

ଦୀର୍ଘ ଦଶବର୍ଷ ପରେ ସେଦିନ ସହରର ଜନଗହଳି ବଜାର ଭିତରେ, ଅପ୍ରତ୍ୟାଶିତ ଭାବେ ରୁକ୍କୁ ଓ ପଟ୍‌ଟୁ ମଧ୍ୟରେ ହଠାତ୍ ଦେଖା ହୋଇଗଲା। ଆଉ ଦିହେଁ ସେଇ ରେସ୍ତୋରାଁର ଫେମିଲି ରୁମ୍ ଭିତରେ ଆସି ବସିଗଲେ। କଫି ପିଇ ମନଖୋଲା କଥାବାର୍ତ୍ତା ପାଇଁ ଜାଗାଟି ଖୁବ୍ ଭଲ।

ଜୀବନର ଛକ ଜାଗା ଉପରେ ଦୁଇଟି ମଣିଷ ଭିତରେ ଦେଖାହେବା ଯେତେ ସାମାନ୍ୟ ଓ ସାଧାରଣ ଘଟଣା, ଦୁଇଟି ମଣିଷ ପରସ୍ପରଠାରୁ ଦୂରେଇଯିବା ମଧ୍ୟ ସେଇ ଭଳି ସାମାନ୍ୟ ଓ ସାଧାରଣ କଥା ’

ଦଶବର୍ଷର ଏଇ ଅବଧି ଭିତରେ ଦିହିଁଙ୍କୁ ବହୁ ବାନ୍ଧବୀ ମିଳିଥିଲେ —ବିଭିନ୍ନ ସ୍ତରର, ନାନା ପ୍ରକାରର ବାନ୍ଧବୀ। ସେମାନଙ୍କ ଜୀବନ ମଧ୍ୟ କେତେ ଭିନ୍ନ ଭିନ୍ନ ସ୍ତର ଓ ନୂଆ ନୂଆ ପରିସ୍ଥିତି ଦେଇ ବିତିଯାଇଛି। ବିଗତ ଦିନର ସ୍ନେହ, ସ୍ମୃତି ଧୀରେ ଧୀରେ ମନେ ପଡୁଛି। ଜୀବନର ନୂଆ ନୂଆ ପରିବର୍ତ୍ତନ ଓ ନୂଆ ନୂଆ ପରିଚୟ ମନ ଭିତରେ ଭାସି ଉଠିଲା ବେଳେ, ସହରର ଜନଗହଳି ବଜାର ଭିତରେ ସମୁଦ୍ରର ଲହଡ଼ି ଭଳି ଆସୁଥିବା-ଯାଉଥିବା ହଜାର ହଜାର ଅଚିହ୍ନା ମୁହଁ ଯନ୍ତ୍ରବତ୍ ଚାଲିଯାଉଥିବା ସମୟରେ, ଦିହେଁ ଧକ୍କା ଲାଗୁ ଲାଗୁ ଅଳ୍ପକେ ରକ୍ଷା ପାଇ ଯାଇଥିଲେ। ଆଉ ଦୁହିଁଙ୍କ ଚକ୍ଷୁର ପୁନର୍ମିଳନ ହୋଇଥିଲା।

ଯନ୍ତ୍ର ଭଳି ଖୁବ୍ ଯୋର୍‌ରେ ଦୌଡ଼ିଲେ ବି ମଣିଷ କଣ ସ୍ୱୟଂ ଏକ ଯନ୍ତ୍ର?

ଦୁହିଁଙ୍କର ସାକ୍ଷାତକୁ ଏଡ଼ାଇବା ଲାଗି ମୁହୂର୍ତ୍ତକ ପାଇଁ ପଟ୍ଟୁ ଅନ୍ୟ ଆଡ଼େ ଦୃଷ୍ଟି ଘୂରେଇଲା। ପୁଣି ନିଜକୁ ସମ୍ଭାଳି ନେଇ ସେଇ ଅପ୍ରତ୍ୟାଶିତ ସାକ୍ଷାତର ଖୁସିକୁ ସ୍ୱୀକାର କରିନେଲା। ମୁହୂର୍ତ୍ତକ ପାଇଁ ମନ ଭିତରେ ହୋଇଥିବା ଭିନ୍ନ ଚିନ୍ତା ପାଇଁ ନିଜେ ଲଜ୍ଜିତ ହୋଇ ଉଠିଲା।

କିନ୍ତୁ ରୁକ୍କୁ ଭାବିଲା ଯେ, ବୋଧହୁଏ ଆନନ୍ଦ ଓ ଆଶ୍ଚର୍ଯ୍ୟ ହୋଇ ପଟ୍‌ଟୁ ଏମିତି ଦ୍ୱନ୍ଦରେ ପଡ଼ିଯାଇଛି। ସେ କଥା ବି ସତ।

ଦୁହେଁ ଅବାକ୍ ହୋଇ ଖୁବ୍ ସ୍ନେହରେ ହାତ ଧରାଧରି ହେଲେ।

ଦୁହିଁଙ୍କ ମନ ଭିତରେ ପରସ୍ପର ପ୍ରତି ଅସ୍ଫୁଟ ଗୁଞ୍ଜନ ଥିଲା। ‘ପଟ୍‌ଟୁ’ ‘ରୁକ୍କୁ ’। ମୁହଁରେ ଆନନ୍ଦଭାବ ବିକଶିତ ହୋଇ ଉଠୁଛି। ଧରାଧରି ହୋଇଥିବା ହାତ ବି ଟାଣ ହୋଇ ଉଠୁଥିଲା।

ଏଇ ଭିଡ଼ରୁ ଖସି ଦୁହେଁ କଥାବାର୍ତ୍ତା ହେବାକୁ ଲାଗିଲେ। ବିଶେଷ କିଛି କାମ ନଥିବାରୁ ଆରାମରେ ବସି କଥାବାର୍ତ୍ତା ହେବା ଲାଗି ରେଷ୍ଟୋରାଁ ଭିତରକୁ ଆସିଥିଲେ।

ରେଷ୍ଟୋରାଁ ଭିତରର ଫେମିଲି ରୁମ୍ ଭିତରେ ସାମ୍ନାସାମ୍ନି ହୋଇ ବସିବା ପରେ ହିଁ ଦୁହେଁ ଦୁହିଁଙ୍କୁ ଭଲ ଭାବରେ ଦେଖିବାର ଅବସର ମିଳିଲା। ଆଗରେ ଥିବା ଦର୍ପଣ ଉପରେ ବି ଦିହିଁଙ୍କ ପ୍ରତିରୂପ ଫୁଟି ଉଠୁଛି —- ପରସ୍ପରକୁ ତୁଳନା କରିବାର ସୁଯୋଗ ମିଳିଗଲା।

ଜଣେ ଅନ୍ୟକୁ ଦେଖିନେଇ ହଠାତ୍ ଦିହେଁ ଖିଲି ଖିଲି ହୋଇ ହସି ଉଠିଲେ। ପୁଣି ଦୁହିଁଙ୍କ ଓଠରୁ ହସ ଲିଭିଯାଇ ମୁହଁ ଉପରେ ଉଦାସ ଭାବ ଫୁଟି ଉଠିଲା।

କାହାରି ଭିତରେ ଆନନ୍ଦ ସୂଚକ ପରିବର୍ତ୍ତନ ନାହିଁ। ଶାଢ଼ୀରେ ଢାଙ୍କି ହୋଇଥିବା ରୁବୁର ବେକ ଖାଲିଥିଲା, ପଟ୍ଟୁ ବେକରେ ଥିଲା ଶସ୍ତା ଦାମ୍‌ର ଚକ୍ ଚକ୍ କରୁଥିବା ମୋତିମାଳ। ରୁବୁର ମଥାରେ କୁଙ୍କୁମର ଗୋଲ ଟିକାଥିଲା, ପଟଟୁର କପାଳରେ ଲାଲ ରଙ୍ଗର ଲମ୍ବ 'ତିଳକମ୍'। ଦିହିଁଙ୍କ ଦେହରେ ବିବାହ ବେଳର ଭଏଲ୍ ଶାଢ଼ୀ। ତଥାପି ପିନ୍ଧିବା ଢଙ୍ଗ ଅଲଗା ଅଲଗା ଥିଲା।

ଚାଦର ଘୋଡ଼େଇ ହୋଇଥିବା ଭଳି, ଫିକା ପଡିଆସୁଥିବା ନୀଳ ଶାଢୀର କାନି ଅଣ୍ଟା ପାଖରୁ ଖୋଲି ରୁବୁ ନିଜର ହାତ, ବେକ ଓ ମୁହଁ ପୋଛିଲା। ହାତରେ ଧରିଥିବା ମଇଳା ଲମ୍ବା କାଗଜଟି ଟେବୁଲ ଉପରେ ରଖି ଆରାମ୍‌ରେ ପଙ୍ଖା ପବନ ଖାଇବାକୁ ଲାଗିଲା। ତା'ର ନିଷ୍କଳଙ୍କ ଦୁଧ ଗୋଲାପ ରଙ୍ଗର ମୁହଁ ଫିକା ପଡ଼ିଯାଇ ଦୀପ୍ତିହୀନ ହୋଇଗଲାଣି।

ମୁହଁ ଉପରେ ପାଉଡ଼ରର ଯୋର୍ ପ୍ରଲେପ ମାରିଛି ପଟ୍ଟୁ। ହେଲେ ଝାଳ ନିଗିଡ଼ି ପଡ଼ିବା ଯୋଗୁଁ ମୁହଁ ଭିଜିଯାଇ ଛାପ୍‌ଛାପିଆ ଦିଶୁଛି। କଳାଶାଢୀ ଦେହରେ ରୂପା ଫୁଲ ସିଲେଇ ହୋଇଛି। ସଯତ୍ନରେ ବାନ୍ଧିଛି ତରଙ୍ଗାୟିତ କେଶରାଶି। ଜାଣି ଜାଣି କାନ ପାଖର ଚୂର୍ଣ୍ଣ କୁନ୍ତଳ ବଙ୍କେଇ ଦେଇଛି। ଲୋକଟ୍ ବ୍ଲାଉଜ୍ ଓ ଶାଢୀ ପିନ୍ଧା ଢ଼ଙ୍ଗ ଭିତର ଦେଇ ଦେହର ସୌଷ୍ଠବ ଫୁଟି ପଡ଼ୁଛି।

ସେମାନଙ୍କ ଭିତରେ ଏଇ ସବୁ ହିଁ ତଫାତ୍ ଥିଲା।

ପଟ୍ଟୁର ସେଇ ଲମ୍ବ ଚିବୁକ, ଲମ୍ବ ହୋଇ କୋମଳ ଦେହ ଖୁବ୍ ଆକର୍ଷଣୀୟ ଥିଲା।

ରୁବୁର ଆକର୍ଷଣ ଥିଲା ତା'ର ପତଳା ଓଠର ସରୁ ହସ। କଣ୍ଢେଇ ଭଳି ଗେଡ଼ି ଦେହ। ଏହା ଛଡ଼ା ବାଳ- ବିଧବା ଭଳି ସରଳତା ତାର ଆଉ ଏକ ବିଶେଷତ୍ୱ।

କହିବା- ବାହୁଲ୍ୟ, କଥା କେମିତି ଆରମ୍ଭ କରିବେ, ସେମାନେ ଜାଣିପାରୁ ନଥିଲେ। ଚୁପ୍‌ଚାପ୍ ବସି ପରସ୍ପରକୁ ଦେଖୁଥିଲେ। ସତେ ଯେପରି ଜଣେ ଅନ୍ୟର ମନ ଜାଣିବା ପାଇଁ ଚେଷ୍ଟା କରୁଛି। ନିଜ ସହିତ ଅନ୍ୟକୁ ତୁଳନା କରିବାର ଚେଷ୍ଟା ବି ହୋଇପାରେ।

ଶେଷରେ ଓଠର ମିଠା ହସ ଫୁଟାଇ ଗୁଲ୍ଲୁ କଥା ଆରମ୍ଭ କଲା 'ଆଉ ...?' ପୁଣି ଚୁପ୍ ପଡ଼ିଗଲା।

ଢୋକ ଚେପି ପଟ୍ଟୁ କହିଲା, "ଦୁଇବର୍ଷ ହୋଇଗଲା। ସେ ଆଉ ନାହାନ୍ତି।"

"ତା ହେଲେ, ତୁ କଣ ଏଠାରେ ଏକେଲା ରହୁଛୁ? କେବେ କା ସଙ୍ଗେ ସହରକୁ ଆସିଲୁ?" ଗୁଲ୍ଲୁ ପଚାରିଲା ଅଧୀର ଭାବେ।

"ଆଉ ମା ମଲାପରେ ଗାଁରେ ଆଉ କିଏ ରହିଲା? ସେ ବରଗଛ ତଳିଆ ଘରେ ଯେଉଁ ମାଇଁ ଥିଲେ ନା, ସେ ମୋତେ ତାଙ୍କ ଘରକୁ ନେଇଥିଲେ। ମିଠାକଥା କହି ଗାଧଉଁକି ଖଟେଇବା ବେଶ୍ ଜାଣନ୍ତି। ଏକଥା ମୁଁ ବି ଖରାପ୍ ଭାବି ନଥିଲି। କିଛି କହି ବି ନଥିଲି। ଦି' ଓଳି ଖାଇବାକୁ ମିଳେ ପିନ୍ଧିବାକୁ କପଡ଼ା, ଆଉ କେବଳ . ଇଜ୍ଜତ ଧରି ଜୀଇଁବା ପାଇଁ ଘର ଥିଲା, ପରିବାର ଥିଲେ। ହେଲେ ସେ ବି ଶେଷରେ ବରବାଦ୍ ହୋଇଗଲେ। ମାଇଁ ଜଣେ କାହାରି ଜାମିନ୍ କାଗଜରେ ଦସ୍ତଖତ ଦେଇଥିଲେ ସେ ଲୋକ କୁଆଡ଼େ ଲୁଚି ରହିଗଲା ସବୁ ଶେଷ ହୋଇଗଲା ତା'ପରେ ମାଇଁଙ୍କ ଜଣେ ସଂପର୍କୀୟ ତାଙ୍କୁ ମଜେଇ ଫିଲ୍ମରେ କାମ ଦେବା ପାଇଁ ମୋତେ ସଙ୍ଗରେ ନେଇ ଆସିଲା। ତା'ର କାମ ବି ସେପରି ଭଲ ଚଳିଲା ନାଇଁ ଏଇଲେ ଜଣେ ସାଙ୍ଗ ପାଖରେ ଅଲଗା ରହୁଛି।" ଅଭିଯୋଗପତ୍ର ପଢ଼ିଲା ଭଳି ପଟ୍ଟୁ ଏକ ନିଃଶ୍ବାସରେ କହିଯାଉଥିଲା।
ତା' କହିବା ଢଙ୍ଗ ଓ ମୁହଁର ଭାବରୁ ଗୁଲ୍ଲୁ ବୁଝି ପାରୁଥିଲା ଯେ ସେ ମିଛ କହୁଛି।

"କାହା ସହିତ ରହୁଛୁ? କେଉଁଠି? ତୋ' ସାଙ୍ଗଟି କିଏ?"
"ହୁଁ . ତୁ ତାଙ୍କୁ ଚିହ୍ନିନାଇଁ...।" "ଦୃଢ଼ ସ୍ୱରରେ ପଟ୍ଟୁ ଉତ୍ତର ଦେଲା, ସତେ ଯେମିତି ସେ କହିବାକୁ ଚାହେଁ ତୋ' ଜାଣିବା ବି ଦରକାର ନାହିଁ।"

ଗୁଲ୍ଲୁ ଭାବୁଥିଲା, "ଏଇ ଦଶବର୍ଷ ଭିତରେ ମୋର ଅପରିଚିତା, ମୋ' ଠାରୁ ଆହୁରି ପ୍ରିୟତମା ସାଙ୍ଗ ଯା'କୁ ମିଳିଥିବେ। ସେଥିରେ କଣ ହେଲା? ତା ମାନେ ନୁହେଁ ଯେ ମୋ ସଂପର୍କରେ ଜାଣିବା ପାଇଁ ଏହାର ଆଗ୍ରହ ନାହିଁ। ମୋତେ ଦେଖି ତାକୁ ଖରାପ ତ ଲାଗୁନି ?"

ପଟ୍ଟୁ ପଚାରିଲା "ତୋ ବାପାଙ୍କ ଦେହ କେମିତି? ଠିକ୍ ହେଲେଣି? ତାଙ୍କ ବେମାରୀ ପାଇଁ ଚିକିତ୍ସା କରିବାଲାଗି ତମେମାନେ ଏଇଠି କୌଣସି ବନ୍ଧୁବାନ୍ଧବ ଘରେ ଥିଲ ନା?"

ତା ହେଲେ ପଟ୍ଟୁର ସବୁ ମନେ ଅଛି। ପଟ୍ଟୁ ବିଷୟରେ ହଠାତ୍ ଏକ ଧାରଣା କରିନେଇଥିବା ଯୋଗୁଁ ଗୁଲ୍ଲୁ ମନେ ମନେ ଲଜ୍ଜିତ ହେଲା। ତଥାପି ତାର ଦେଖାଣିଆ ଚେହେରା, ଉପରିଆ ହସ ଦେଖି ଭାବିଲା ନିଶ୍ଚିତ ଭାବେ ପଟ୍ଟୁ ଏକ ଭିନ୍ନ ଜୀବନ ଭିତରେ ବଞ୍ଚୁଛି। ତା'ର ମନ-ସ୍ଥିତି ଓ ପରିସ୍ଥିତି .. ଦୁଇଟା ଖୁବ୍ ଅସାମଞ୍ଜସ୍ୟ.. କିନ୍ତୁ ଉତ୍ତର ଦେଲା-

"ଆସିବା କିଛିଦିନ ପରେ ବାପା ମରିଗଲେ।"

ରେଷ୍ଟୋରାଁର ଝରକା ବାହାରୁ ଦେଖି ବେହେରା କେବିନ୍ ଭିତରକୁ ଆସିଲା।

"କ'ଣ ମଗେଇବା?" ରୁକ୍କୁ ପଚାରିଲା।

'ଖାଲି କଫି '

"ଏତେ ଦିନ ପରେ ଭେଟ . ଖାଲି କଫି?" 'ବେହେରା ଆଡ଼କୁ ଦେଖି ହସି ହସି ରୁକ୍କୁ କହିଲା, 'ଦି'ଟା ସ୍ପେଶାଲ ମିଠା।'

ରୁକ୍କୁ ବେହେରାକୁ ଅର୍ଡ଼ର ଦେଲାବେଳେ ପଟ୍ଟୁ ମୁହଁ ତଳକୁ କରି କ'ଣ ଭାବି ଚାଲିଥିଲା। ବେହେରା ଚାଲିଯିବା ପରେ ରୁକ୍କୁ, ପଟ୍ଟୁ ଆଡ଼କୁ ଦେଖି ତା' ମନର ସ୍ଥିତି ବୁଝିବାର ଅସଫଳ ପ୍ରୟାସ କରୁଥିଲା।

ହଠାତ୍ ମୁହଁ ଟେକି ପଟ୍ଟୁ ଚାହିଁଲା ରୁକ୍କୁ ଆଡ଼କୁ। ମୁହଁରେ କୃତ୍ରିମ ହସ ଟାଣି ପଚାରିଲା, "ତା ହେଲେ ତୁ ସେଇ ବନ୍ଧୁ ବାନ୍ଧବ ଘରେ ରହୁଛୁ?"

"ରହୁଛି ଯେ ହେଲେ ଅଲଗା ଭାବେ ।"

"ଅଲଗା ଭାବେ? ତା' ହେଲେ କଣ ଚାକିରି କରୁଛୁ?" ପଚାରିଦେଇ ଟେବୁଲ ଉପରେ ରୁକ୍କୁ ରଖିଥିବା ମଇଳା ଲମ୍ଵା କାଗଜ ଖଣ୍ଡଟି ଉଠେଇ ପଚାରିଲା, 'ଦେଖିବି?'

ମୃଦୁଭାବେ ମୁଣ୍ଡ ହଲାଇ ରୁକ୍କୁ ଅନୁମତି ଦେଲା। ପଟ୍ଟୁର ମନକଥା ଜାଣିବା ପାଇଁ ତାର ଦୃଷ୍ଟି ସଚଞ୍ଚଳ ହୋଇ ଉଠୁଥିଲା।

ବେହେରା ଦୁଇଟି ପ୍ଲେଟ ରଖିଲା ଟେବୁଲ ଉପରେ। କଫି ଓ କିଛି ଲୁଣିଆ ଜଳଖିଆ ଆଣିବା ପାଇଁ ରୁକ୍କୁ ବରାଦ ଦେଲା। କାଗଜଟି ଖୋଲି ଦେଇ କେଜାଣି କାହିଁକି ପଟ୍ଟୁ ଚମକି ପଡ଼ି କେମିତି ଏକ ଘୃଣାଭରା ଦୃଷ୍ଟିରେ କାଗଜଟି ଦେଖି ପୁଣି ଦେଖିଲା ରୁକ୍କୁ ଆଡ଼କୁ। ରୁକ୍କୁର ଓଠରେ ପତଳା ହସର ଲହରୀ।

କାହାରି ଆସୁଥିବା ପାଦଶବ୍ଦ ଶୁଣି ପଟ୍ଟୁ ଜଲ୍‌ଦି ଜଲ୍‌ଦି କାଗଜଟି ମୋଡ଼ିଦେଇ ଏକ ଭୟମିଶ୍ରିତ ଆଖିରେ ଏପାଖ ସେପାଖ ଦେଖିଲା। ବେହେରା ଭିତରକୁ ପଶିଆସି ଖାଇବା ଜିନିଷତକ ଟେବୁଲ ଉପରେ ରଖିଦେଇ ପୁଣି ଚାଲିଗଲା।

ବେହେରା ଚାଲିଯିବା ପରେ ପଟ୍ଟୁ କହିଲା, "ଛି। ଏଇଟା କଣ କିଲୋ?"

ଚାପା ହସ ହସି ରୁକ୍କୁ କହିଲା, "ଏଥିରେ ଛି' କରିବାର କ'ଣ ଅଛି? ଏଥିରେ ଖରାପ କଥା କ'ଣ ଅଛି? ତୋ ଦୃଷ୍ଟିରେ ତା ହେଲେ ସାରା ଦୁନିଆଟା ଖରାପ? ଭଲ ଭାବରେ ଦେଖ୍ ଦେଖିବାକୁ ବି ଡର ଲାଗୁଛି? ଖୋଲା ମନରେ ଦେଖ୍।"

ପଟ୍ଟୁ କୁଣ୍ଠାଭଞ୍ଜନ କରି ଆଉ ଥରେ କାଗଜଟି ଖୋଲି ଦେଖିଲା।

ସେଇ କାଗଜରେ ଟିକିଏ ନଇଁପଡ଼ି ଗୋଡ଼ ଛନ୍ଦି ବସିଥିବା ଏକ ଯୁବତୀର ସଂପୂର୍ଣ୍ଣ ଉଲଙ୍ଗ ଚିତ୍ରଟିଏ।

ମନରେ ଜମାଟ ବାନ୍ଧିଯାଇଥିବା ମଇଳା ଯୋଗୁଁ ପ୍ରଥମ ଥର ପାଇଁ ଏଭଳି ଏକ ଚିତ୍ର ଦେଖିଲା ବେଳେ ଅନଭ୍ୟସ୍ତ ଆଖିକୁ କେମିତି ଖରାପ ଲାଗୁଥାଏ। ହେଲେ

ଭଲ ଭାବରେ ଦେଖିଲା ପରେ କେମିତି ଭଲ ଲାଗିଲା । ଉଲଗ୍ନ ଯୁବତୀର ବସିବା ଢଙ୍ଗ, ବାଁ ପଟକୁ ମୋଡ଼ି ହୋଇଥିବା ଗୋଡ଼, ଲମ୍ବ ଜଙ୍ଘର ସୁଡୋଳ ଆକାର, ଅଣ୍ଟାର ଲହକା, ଚଟାଣ ଉପରେ ଭରା ଦେଇଥିବା ଡାହାଣ ହାତ, ଡାହାଣ ଆଡ଼କୁ ମୋଡ଼ିହୋଇ କାନ୍ଧ ଉପରେ ଲଦି ହୋଇଥିବା ସୁନ୍ଦର ମୁଖମଣ୍ଡଳ, ପେଟ, ପୀନୋନ୍ନତ ବକ୍ଷୋଜ   ଆଉ, ଏ ସବୁଗୁଡ଼ିକର ଛାଇ । ଯେତେ ଭଲ ଭାବରେ ଦେଖିଲା, ସେତେ ମଜ୍ଜି ଯାଉଥିଲା ସେଇ ଚିତ୍ର ଭିତରେ । ଚିତ୍ରଟି ଯେ ରୁକ୍କୁର, ଏକଥା ବୁଝିବାକୁ ବେଶୀ ଡେ଼ରି ଲାଗିଲା ନାହିଁ। ବାରମ୍ବାର ପୁଣି ଚିତ୍ରଟିକୁ ଓ ରୁକ୍କୁ ଆଡ଼କୁ ଦେଖିବାକୁ ଲାଗିଲା ।

"ଚିତ୍ରଟି ତୋର ନା?"

ପଟ୍ଟୁର ପ୍ରଶ୍ନର ଉତ୍ତରରେ ରୁକ୍କୁ ଅଭିମାନଭରା ଭଙ୍ଗୀରେ ମୁଣ୍ଡ ଟୁଙ୍ଗାରିଲା ।

"ଚିତ୍ରଟି କିଏ ଆଙ୍କିଛି? ସ୍ତ୍ରୀ ନା ପୁରୁଷ?"

ପତଳା ହସ ହସି ରୁକ୍କୁ ଉତ୍ତର ଦେଲା, "ମୁଁ ଯଦି କୁହେଁ ଯେ, ସେ ଜଣେ 'ଆର୍ଟିଷ୍ଟ' —ତା ହେଲେ ତୁ ମାନିବୁ ନାହିଁ ନା?" —ପୁଣିଥରେ ଓଠରେ ହସ ଖେଳାଇ କହିଲା, 'ପୁରୁଷଟିଏ ଆଙ୍କିଛି ।'

"ଏଥିପାଇଁ ତତେ ପଇସା ମିଳେ?"

"ହଁ   ଦିଅନ୍ତି ତ   ତୁ ପଚାରୁଥିଲୁ ନା ମୁଁ କି ଚାକିରି କରୁଛି ବୋଲି   "

ରୁକ୍କୁର ହସ ଦେଖି ପଟ୍ଟୁ କେବଳ ତା ମୁହଁକୁ ବଲ୍‌ବଲ୍ କରି ଅନେଇଲା । ସିଟ୍ ପଛପଟେ ଥିବା ଦର୍ପଣରେ ରୁକ୍କୁ ନିଜକୁ ବି ଥରେ ଦେଖିନେଲା । ତା ଭିତରେ ପଟ୍ଟୁ ଅପେକ୍ଷା ବେଶୀ ଶାଳୀନତା ଓ ନିରୀହ ଭାବ ଥିଲା । ପଣତ କାନିରେ ବେକ ଯାଏଁ ଘୋଡ଼ାଇ ରଖିଥିବା ରୁକ୍କୁକୁ ନିଜ ପେଟ ପୋଷିବା ପାଇଁ ଭିନ୍ନ ଭିନ୍ନ ଲୋକଙ୍କ ସାମ୍ନାରେ ଉଲଗ୍ନ ହୋଇ ଛିଡ଼ାହେବାକୁ ପଡ଼ୁଛି।"

ପଟ୍ଟୁର ଆଖିରେ ଲୁହ ଚକେଇ ଆସିଲା ।

"ହଁ —ତୁ ,ତାହେଲେ କ'ଣ କରୁଛୁ? ତୋର ସେ ବାନ୍ଧବୀ ଜଣକ କଣ କରେ? ମୋତେ କହିବୁନି ?   ରୁକ୍କୁ ଏ ପ୍ରଶ୍ନ ପଚାରିଲା ବେଳକୁ ପଟ୍ଟୁର ହୃଦୟ ଦୁଃଖରେ ଭରି ଉଠୁଥିଲା । କାନ୍ଦି ଉଠିବା ଲାଗି ଓଠରେ ତୀବ୍ର ପ୍ରକମ୍ପନ ଖେଳିଯାଉଛି ।

ଦେଖାହେଲା ବେଳଠୁଁ, ମୂଳରୁ ପଟ୍ଟୁ ଭାବୁଥିଲା ଯେ, ରୁକ୍କୁ ତାଭଳି ନ ହୋଇ ସମ୍ମାନଭରା ଜୀବନଯାପନ କରୁଛି । ତେଣୁ ତାକୁ ନିଜର ଅସଲ ରୂପ ଚପେଇ ଦେଇ ତା ସହିତ ଅନ୍ୟଭାବେ କଥାବାର୍ତ୍ତା କରୁଥିଲା । ରୁକ୍କୁ ଯେ ମଧ ତା,ଭଳି ଏକ ବଦନାମ ମିଶ୍ରିତ ନିନ୍ଦିତ ଜୀବନଯାପନ କରୁଛି, ଏକଥା ଜାଣି ତା ମନ ଦୁଃଖରେ ପୁରି ଉଠିଲା । ଦୁହେଁ ସମ୍ଭ୍ରାନ୍ତ ପରିବାରରେ ଜନ୍ମ ହୋଇଥିଲେ, ହେଲେ   ଆଜି ପୁଣି ଭେଟହେଲା ବେଳକୁ   ଦିହିଁଙ୍କର ଜୀବନ କେତେ ପତିତ।" ପଟ୍ଟୁର ହୃଦୟରେ ତୀବ୍ର ବେଦନାର ଢେଉ । ତଥାପି ମନକୁ ସାନ୍ତ୍ୱନା ମିଳୁଥିଲା —ଶେଷରେ ତାର ଦିଗଭ୍ରାନ୍ତ ଜୀବନରେ ତା' ଭଳି ଉଜାଡ଼ର ଜୀବନ ନେଇ ଜୀଇଁ

ରହିଥିବା ଜଣେ ସାଥୀ ମିଳିଗଲା । ପୁରୁଣା ସଂପର୍କ ପୁନର୍ଜୀବିତ ହୋଇଥିବା ଯୋଗୁଁ, ଏତେ ଦୁଃଖରେ ବି ପଟ୍ଟୁର ମନ ଭିତରେ ଆନନ୍ଦର ଅସଂଖ୍ୟ ଢେଉର ତରଙ୍ଗମାଳା ଅଜାଡ଼ି ହୋଇ ପଡୁଥିଲା ।

ରୁବ୍ଲୁ ପ୍ରଶ୍ନର କ'ଣ ଉତ୍ତର ଦେବ ଭାବିଲା ବେଳକୁ ଲଜ୍ଜାରେ ପଟ୍ଟୁ ମୁହଁ ତଳକୁ କଲା ।

"ପଟ୍ଟୁ, ଖରାପ ଭାବିଲୁ? ତୋତେ ଖରାପ ଲାଗିଲା ଭଳି କୌଣସି କଥା କହିବି ନାହିଁ। ତତେ ଯଦି କିଛି ସାହାଯ୍ୟ କରିପାରେ ଏଇ ଦୃଷ୍ଟିରୁ ପଚାରିଥିଲି। ମୋ ଆଡ଼କୁ ଦେଖ୍ " ରୁବ୍ଲୁ ଟେବୁଲ ଉପରେ ହାତ ବଢ଼େଇ ପଟ୍ଟୁର ସୁନ୍ଦର ମୁହଁ ଉପରେ ସ୍ପର୍ଶ ଦେଇ, ଚିବୁକ ଉପରେ ଆଙ୍ଗୁଠି ରଖି ତା ମୁହଁ ଟେକିଲା। କଜଳ ଲଗା ଆଖି ଲାଲ ପଡ଼ି ଲୁହରେ ଭରି ଉଠିଥିବା ଯୋଗୁଁ ଆଖିପତାଗୁଡ଼ିକ ବି ଲୁହରେ ଜଡ଼ସଡ଼ ହୋଇ ଭିଜିଯାଇଥିଲା ।

ପାପୁଲିରେ ନିଜର ମୁହଁ ଘୋଡ଼େଇ କାନ୍ଦି ଉଠିଲା ପଟ୍ଟୁ। ତା ମନର ଅବସ୍ଥା ବୁଝିଗଲା ରୁବ୍ଲୁ। କିଛି ସମୟପରେ ପଟ୍ଟୁ ଆଖି ପୋଛି ସଜଳ କଣ୍ଠରେ କହିଲା, "ରୁବ୍ଲୁ, ମୋ ବିଷୟରେ ସବୁକଥା ତତେ ଚପେଇ ରଖିଛି। କୌଣସି ପରିବାର ସଙ୍ଗେ ଚାଲିଆସିବା କଥାଟି ପୂରାପୂରି ମିଛ। ସିନେମାରେ କାମ କରିବାଲାଗି, ମାଇଁଙ୍କୁ ନ କହି, ଆମ ଗାଁର ଜଣେ ଲୋକ ସହିତ ଚାଲି ଆସିଥିଲି। ଗଲା ବର୍ଷେ ହେଲା ସେଇ ବିଶ୍ୱାସଘାତକ ପାଇଁ ମୋ କର୍ମଫଳ ଭୋଗୁଛି ଯେଉଁ ଜୀବିକା କରି ବଞ୍ଚି ରହିଛି, ସେ କଥା ମୁହଁରେ ଧରିବାର ସାହସ ମୋର ନାହିଁ ସବୁବେଳେ ଭାବୁଛି ଏ ସବୁ ଛାଡ଼ି କୁଆଡ଼େ ଚାଲିଯିବି ହେଲେ କୁଆଡ଼େ ଯିବି? ତୁ କହ ଏସବୁ କପାଳ ଲେଖା ନୁହେଁ ?" ଆଉ ଅଧିକ କିଛି କହିପାରିଲା ନାହିଁ। କେବଳ ଦୀର୍ଘଶ୍ୱାସଟିଏ ଟାଣି ଚୁପ୍ ରହିଗଲା ।

ଚୁପ୍‌ଚାପ୍ ଭାବି ଭାବି ରୁବ୍ଲୁ ପ୍ଲେଟ ଉପରେ ରଖାଯାଇଥିବା ଜଳଖିଆ ମୁହଁରେ ଦେଉ ଦେଉ ପଟ୍ଟୁକୁ କହିଲା, 'ନେ ଖାଇନେ।'

ନୀରବରେ ଦୁହେଁ ଖାଇବା ଶେଷ କଲେ।

ସହସା ରୁବ୍ଲୁ ମୁହଁରୁ ବାହାରି ପଡ଼ିଲା, "ହଁ, କପାଳ ଲେଖା ନୁହେଁ ତ ଆଉ କ'ଣ? ଦୁର୍ଭାଗ୍ୟରୁ ଗରିବ ଘରେ ଜନ୍ମ ହେଲା। ଅନାଥ ବି ହୋଇଗଲୁ। ଓଳିଏ ଖାଇବା ଓ ଦେହ ପାଇଁ ଖଣ୍ଡିଏ ଶାଢ଼ୀ ଲାଗି ଅନ୍ୟର ଦୟା ଉପରେ ନିର୍ଭର କରୁଛୁ। ନିଜର ଭାଗ୍ୟ ଯୋଗୁଁ ଗରିବ ହୋଇଗଲୁ ସତ, ହେଲେ ନଷ୍ଟ ଚରିତ୍ର ହେବା ଲାଗି ତୋ ଭାଗ୍ୟ ଦାୟୀ ନୁହେଁ। ଦାୟୀ ତୁ ନିଜେ।"

ରୁବ୍ଲୁର ସୌମ୍ୟ ଅଥଚ ଦୃଢ଼ କଣ୍ଠ ଶୁଣି ପଟ୍ଟୁ ଦାନ୍ତରେ ଓଠ ଚିପି ଅପରାଧୀ ଭଳି ମୁହଁ ତଳକୁ କଲା।

ରୁବ୍ଲୁ କହି ଚାଲିଥିଲା, "ଦାରିଦ୍ର୍ୟ ମଧ୍ୟରେ ହିଁ ଆଦର୍ଶର ଆବଶ୍ୟକତା ଅଛି। ଦୁର୍ବଳ ଶରୀରକୁ ଜୀବାଣୁ ଶୀଘ୍ର ଆକ୍ରମଣ କଲାଭଳି ମନ ଦୁର୍ବଳ ହୋଇଗଲେ

ସବୁ ବଦ୍‌ଗୁଣ ମାଡ଼ି ବସନ୍ତି। ଦାରିଦ୍ର୍ୟ ଯୋଗୁଁ ମନ ଦୃଢ଼ ହେବା ଆବଶ୍ୟକ। ସମସ୍ୟା ଦେଖି ଭୁଲ୍ ରାସ୍ତାରେ ଯାଇ ଜୀବନକୁ ବିପଥଗାମୀ କଲେ କ'ଣ ସମସ୍ୟା ଦୂର ହୋଇଯିବ? ଏଭଳି ପତିତ ହେବା ଦୁର୍ବଳତା ନୁହେଁ ତ ଆଉ କ'ଣ? ଏସବୁ ଏଥିପାଇଁ କହୁଛି ଯେ, ମୋର ବି ଏଭଳି ଅବସ୍ଥା ହୋଇ ନଥା'ନ୍ତା ।'' ଆଉ ଟିକିଏ ସ୍ପଷ୍ଟ ଭାଷାରେ ସେ କ'ଣ କହିବାକୁ ଚାହୁଁଥିଲା ବେଳେ ବେହେରା ଆସି ପଚାରିଲା, ''ଆପଣମାନଙ୍କର ଖାଲି କଫି ଦରକାର ନା?''

ରୁକ୍କୁ 'ହଁ' କହି ମୁଣ୍ଡ ହଲେଇଲା।

ପଟ୍ଟୁ ଭାବୁଥିଲା, ଯେତେ ଅଭାବରେ ପଡ଼ିଲେ ସୁଦ୍ଧା ନାରୀ ଖସିପଡ଼ିବା ଉଚିତ ନୁହେଁ ନିଜେ ତ କହୁଚି, ହେଲେ ସେ ବି ତ ଅନୁଚିତ କାମ କରି ନିଜର ପେଟ ପୋଷୁଛି ସେ କାଗଜକୁ ଅଳ୍ପ ଖୋଲି ପୁଣିଥରେ ଦେଖିଲା। ତା' ଓଠର କୋଣରେ ଫୁଟି ଉଠୁଥିବା ବ୍ୟଙ୍ଗଭରା ହସର ତରଙ୍ଗ କିନ୍ତୁ ରୁକ୍କୁର ଆଖିରେ ଧରା ପଡ଼ିଯାଇଥିଲା।

ସେଇ ଚିତ୍ରଟିକୁ ଦେଖୁ ଦେଖୁ ଶୁଷ୍କ କଣ୍ଠରେ କହିଲା, ''ତୁ ସବୁବେଳେ ବୁଝି ବିଚାରି କାମ କରୁଛୁ। ତୋ ଭିତରେ ସଂଯମ ଅଛି —ମୋ ଭଳି ଆବେଗ ନାହିଁ। ଏସବୁ ସତ୍ତ୍ୱେ ତୋ ଅବସ୍ଥା ବି ତ ମୋ ଭଳି ହୋଇଗଲାଣି ' ଅପରାଧ ଓ ଦୁଃଖଭରା ଦୃଷ୍ଟିରେ ପଟ୍ଟୁ ଦେଖିଲା ରୁକ୍କୁର ମୁଣ୍ଡରୁ ଗୋଡ଼ଯାଏଁ। ତାର ଅନଭିଜ୍ଞତା ପ୍ରତି ରୁକ୍କୁର ଦୟା ହେଲା। ତାର ମନର ଅଭିପ୍ରାୟଗୁଡ଼ିକୁ ଅସ୍ୱୀକାର କରି ମୁଣ୍ଡ ହଲେଇଲା।

''ତୋର କଥା ଅନୁସାରେ ମୁଁ ଯେଉଁ ବେକାର ଜୀବନ କାଟୁଛି, ସେଥିରେ ମୋର ମୋଟେ ଦୁଃଖ ନାହିଁ। ମୂଳରୁ ମୁଁ ବି ଏଇଆ ଭାବୁଥିଲି। ଯେକୌଣସି ସାଧାରଣ ଲୋକ ମୂଳରୁ ଏପରି ଭାବିଥାଏ '' ବେହେରା କଫି ଆଣି ଟେବୁଲ ଉପରେ ରଖିବା ଯୋଗୁଁ ରୁକ୍କୁ ଚୁପ୍ ପଡ଼ିଗଲା। ବେହେରା ବିଲ୍‌ଟି ମଧ୍ୟ ଟେବୁଲ ଉପରେ ରଖିଦେଇ ଚାଲିଗଲା।

ବାଁ ହାତ ପାପୁଲିରେ ଗୋଟିଏ ଆଖି ଓ ଲଲାଟ ଢାଙ୍କି ରୁକ୍କୁ କିଛି ସମୟ ଚୁପ୍‌ଚାପ୍ ବସି ପଟ୍ଟୁକୁ ବୁଝେଇବା ପାଇଁ ମନ ଭିତରେ ଶବ୍ଦାବଳୀ ଖୋଜୁଥିଲା। ଭାବି ପାରୁ ନଥିଲା କିପରି ତାକୁ ବୁଝେଇବ ଯେ ସେ ଯେଉଁ କାମ କରୁଛି ସେଥିରେ କିଛି ଖରାପ ନାହିଁ, ବରଂ ତାହା ଏକ ଗୌରବର କଥା।

ପଟ୍ଟୁକୁ ଡ଼ର ଲାଗୁଥିଲା କାଳେ ରୁକ୍କୁ ହଠାତ୍ କାନ୍ଦି ଉଠିବ। କିନ୍ତୁ କିଛି ସମୟପରେ ହସି ହସି ସେ କଥା ଆରମ୍ଭ କଲା, ''ତୁ କହୁଥିଲୁ ନା ଆଗରୁ ମୋତେ କିଛି କଥା ଲୁଚେଇଥିଲୁ କିଛିଟା ମିଛ ବି କହିଥିଲୁ ନା ? ହେଲେ ମୁଁ ତୋତେ କିଛି ଲୁଚେଇନି। ମୋର କାମକୁ ମୁଁ ନୀଚ ଓ ଖରାପ ଭାବୁଥିଲେ ଏ କାଗଜ ଦେଖିବା ପାଇଁ ତୋତେ କେବେ ଅନୁମତି ଦେଇ ନଥାନ୍ତି। ସେ ଚିତ୍ରରେ ଥିବା ଯୁବତୀଟି ଯେ ମୁଁ, ଏକଥା ମଧ୍ୟ ମାନି ନଥା'ନ୍ତି। ପ୍ରକୃତରେ ଏକ ସମ୍ମାନପ୍ରଦ

ଜୀବନ ମୋର   ହେଲେ ପ୍ରଥମେ ଏ ପ୍ରସ୍ତାବଟି ମୋର ଆଗରେ ରଖାଗଲା ବେଳେ ମୋ ଦେହର ସର୍ବାଙ୍ଗ ସଂକୁଚିତ ହୋଇ ଉଠିଥିଲା, କାନ୍ଦି ଉଠିଥିଲି ନିଜ ଭିତରେ   ।''

କଣ୍ଠ ରୁଦ୍ଧ ହୋଇଯାଇ ଆଉ କିଛି କହିପାରିଲା ନାହିଁ।

କିଛି ସମୟ ଚୁପ୍‌ଚାପ୍ ଭାବେ କଟି ଥଣ୍ଡାକରି, ସେଥିରୁ ଢୋକେ ପିଇ ପୁଣି ସଫା ଗଳାରେ ରୁକ୍ସ କହିଲା

'ବାପାଙ୍କ ପରେ ମୁଁ ମଧ୍ୟ ତୋ' ଭଳି ଅନାଥ ହୋଇଗଲି। ମୋ' ଭଳି ସେ ଘରର ଲୋକେ ମଧ୍ୟ କହିଲେ, "ଗାଁକୁ ଯାଇ ସେଠାରେ ବି ନାରିକେଳ ପରିଚିତ ଘରେ କାମ କାହିଁକି କରୁନୁ? ସହରରେ ତୋ ପାଇଁ କଣ ଅଛି? ' ସେମାନେ କ'ଣ ଜାଣିବେ? ଗାଁରେ ମୋ ପାଇଁ ଯେ ଆଉ କିଛି ନାହିଁ ସେ କଥା ମୁଁ କେବଳ ଜାଣୁଥିଲି। ତା'ପରେ ଭାବିଲି ଅଷ୍ଟମ ଶ୍ରେଣୀ ପରେ ପଢା କାହିଁକି ଛାଡ଼ିଲି? ଏପରି ଅବସ୍ଥାରେ ମେହନତ ମଜଦୁରୀ କରି ପେଟ ପୋଷିବା ଲାଗି ଯେଉଁମାନଙ୍କ ଅଭ୍ୟାସ ନାହିଁ, ସେଭଳି ଯୁବତୀ ଝିଅମାନଙ୍କୁ ଅନ୍ୟମାନଙ୍କଠାରୁ ଲୁଚାଇଥିବା ଯେଉଁ ସାହାଯ୍ୟ ମିଳେ, ତାହା ତୁ ବର୍ତ୍ତମାନ କରୁଥିବା କାମ ସହ ସମାନ। ପରେ ଗୋଟିଏ ପ୍ରଦର୍ଶନୀରେ କାମ ଖୋଜିବା ଲାଗି ଯାଇଥିଲି। ଦିନକ ମଜୁରୀ ପାଉଥିଲି କେବଳ ଦୁଇଟି ଟଙ୍କା। ସେଠାକୁ ଆସୁଥିବା ଲୋକମାନଙ୍କ ନାନା ଆବଶ୍ୟକ ଓ ଅନାବଶ୍ୟକ ପ୍ରଶ୍ନର ଉତ୍ତର ହସିକି ମୁହଁରେ ଦେବାକୁ ପଡ଼େ।

''ମୁଁ ଯେଉଁଠି କାମ କରୁଥିଲି ସେଇଟା ପାଉଡର ସ୍ନୋ'ର ଗୋଟିଏ ଷ୍ଟଲ୍। କାମ କରିବାର ଠିକ ପରଦିନ ସେଲ୍ସ-ମ୍ୟାନେଜର ମୋତେ ଡାକି କହିଲେ ଯେ ଲୋକେ ଆମ ଜିନିଷ ବ୍ୟବହାର କରିବା ପୂର୍ବରୁ ଆମେ ତାକୁ ବ୍ୟବହାର କରିବା ଦରକାର। ତାଙ୍କ କହିବା ପରେ ନିଜେ ନିଜ ଠାକ ହୋଇ କାମକୁ ଯାଉଥିଲି। ଯେଉଁଠି ରହୁଥିଲି, ସେଠାର ଲୋକେ ମୋ ସଂପର୍କରେ ଫୁସ୍ ଫାସ ହେବା ଆରମ୍ଭ କଲେ। ଠିକ୍ କଲି, ଘର ମାଲିକଙ୍କୁ କହି ନିଜ ପାଇଁ ଅନ୍ୟ କୋଠରୀର ବନ୍ଦୋବସ୍ତ କରିବି।''

''ଦୁଇମାସ ଧରି ପ୍ରଦର୍ଶନୀ ଚାଲୁଥିବା ପର୍ଯ୍ୟନ୍ତ ମୋର କୌଣସି ଅସୁବିଧା ହେଲା ନାହିଁ। ପ୍ରଦର୍ଶନୀର ଶେଷଦିନ ସେଇ ସେଲ୍ସ-ମ୍ୟାନେଜର୍ ସାହେବ ଖୁବ ଆତ୍ମୀୟତା ସହକାରେ ମୋ ସଂପର୍କରେ ପଚରା ଉଚରା କଲେ। ବୟସରେ ମୋ' ବାପାଙ୍କ ବୟସର। ତାଙ୍କୁ ମୋ ଅସହାୟ ସ୍ଥିତି ସଂପର୍କରେ ଖୋଲାଖୋଲି ଭାବେ କହିଲି। ମୋତେ ଠିକଣା ଦେଇ ସେଇ ଠିକଣାରେ ପରଦିନ ସାକ୍ଷାତ କରିବାକୁ କହିଲେ। ଆଉ ମୁଁ ଯେତେବେଳେ ସେଇଠି ପହଞ୍ଚିଲି   ଆଉ କହିବି କ'ଣ? ସେ ମୋତେ ସହାନୁଭୂତି ଦେଖାଇ ଯେଉଁ ରାସ୍ତାରେ ଯିବାକୁ କହିଲେ, ଏ ରାସ୍ତାଟି ଠିକ୍ ବର୍ତ୍ତମାନ ତୁ ଯାଉଥିବା ରାସ୍ତା ଭଳି। ଖୁବ୍ ଚିନ୍ତା କରିଥିଲି   ଏ ରାସ୍ତାଟି କ'ଣ ଠିକ୍?   ଏଇଟା କଣ ଗୋଟିଏ ମାତ୍ର ରାସ୍ତା, ଜୀବନ ଧାରଣ ପାଇଁ

କଣ ଆଉ କିଛି ରାସ୍ତା ନାହିଁ ? ଏପରି ଖାଲି ଭାବି ବସିଲେ ଅନ୍ୟ ରାସ୍ତା କିଛି ଦିଶୁନି। ସେଦିନ ଠିକ୍ କଲି — ଭୋକରେ ପଛେ ମରିବି, ହେଲେ ଏଭଳି କାମ କରିବି ନାହିଁ। ସେଇଠୁ ଚଞ୍ଚଳ ଚାଲି ଆସିଲି।''

ଲୁଲୁ ପୂରାପୂରି ଚୁପ୍ ପଡ଼ିଗଲା। ପ୍ଲେଟରେ କଫି ଥଣ୍ଡାକରି ତାକୁ ଢକ୍ ଢକ୍ କରି ଗୋଟାଏ ଦମ୍‌ରେ ପିଇଗଲା।

''ମୁଁ ଯେଉଁ ଘରେ ରହୁଥିଲି, ତା ଉପର ମହଲାରେ ଆଉ ଜଣେ ଭଦ୍ରଲୋକ ରହୁଥିଲେ ।'' ପଟ୍ଟୁ ଦେଖିଲା ଲୁଲୁ ଏତିକି କହିଲା ବେଳକୁ ତାର ସ୍ୱର ବଦଳି ଯାଇଛି। ମୁହଁ ପ୍ରସନ୍ନ ହୋଇ ଉଠି ତା ଆଖିରେ ସଜଳ ସ୍ନିଗ୍ଧତା ଉଛୁଳି ଆସୁଛି।

''ଯେବେ ବି ମୁଁ ନିହାତି ଅସହାୟ ହୋଇପଡ଼େ, ନିରାଶ ଭାବେ କାନ୍ଦ ମାଡ଼ିଆସେ। ସଂପର୍କୀୟ ଲୋକେ ନାନା କଥା କହନ୍ତି –ସେତେବେଳେ ସେଇ ଭଦ୍ରବ୍ୟକ୍ତି ମୋତେ ଯେଭଳି ଦୃଷ୍ଟିରେ ଦେଖନ୍ତି, ଅନ୍ତତଃ କିଛିଟା ସାନ୍ତ୍ୱନା ମିଳେ। ମୋତେ ଲାଗୁଥିଲା ସେ ମୋତେ ସାହାଯ୍ୟ କରିପାରିବେ ଓ କରିବେ ମଧ। ସେଇ ସେଲ୍ସ- ମ୍ୟାନେଜରଙ୍କୁ ସାକ୍ଷାତ କଲାପରେ ମୁଁ ଖୁବ୍ ନିରାଶ ହୋଇ ଫେରିଲାବେଳେ ଅଚାନକ ଭାବେ ରାସ୍ତା ଉପରେ ତାଙ୍କର ଦେଖା ହୋଇଗଲା। ମୋର ବିଶ୍ୱାସ ଅନୁସାରେ ସାହାଯ୍ୟ କରିବାର ପ୍ରତିଶ୍ରୁତି ସେ ଦେଲେ , ''ଆପଣ କେଉଁଠୁ ଫେରୁଛନ୍ତି, ସେ କଥା ମୁଁ ଭଲଭାବରେ ଜାଣେ।''

ଏକଥା ଶୁଣି ଚୁପ୍ ହୋଇଗଲି। ଭାବିଲି, ଏ'ତ ମୋତେ ବର୍ତ୍ତମାନଠୁଁ ଭୁଲ ବୁଝିଲେଣି। ମୁଁ ଅଣନିଃଶ୍ୱାସୀ ହୋଇପଡ଼ିଲି।

କିନ୍ତୁ ହସିହସି କହିଲେ, ''କିଛି ଚିନ୍ତା କରନ୍ତୁ ନାହିଁ। କିଛି ନ ଜାଣି ତ ଆପଣ ସେଠାକୁ ଯାଇଥିଲେ। ମୁଁ ଏକଥା ବି ଜାଣେ ଯେ ଆପଣଙ୍କୁ ସେ ସବୁ ଭଲ ଲାଗିଲା ନାହିଁ ବୋଲି ଆପଣ ଚାଲି ଆସିଲେ। ପୁଣି କଣ କରିବେ ବୋଲି ଭାବୁଛନ୍ତି ?''

ମୋ ସଂପର୍କରେ ଏତେ ଆନ୍ତରିକତା ଦେଖି କ୍ଷଣିକ ପାଇଁ ଭାବିଲି ଯେ କହିଦେବି ''ଆପଣ ଯେଭଳି କହିବେ ''

ହେଲେ କିଛି କହିପାରିଲି ନାହିଁ। ଚୁପ୍ ହୋଇ ଠିଆ ହୋଇଥିଲି। ପୁଣି ସେ କହିଲେ, ''ମୁଁ ଆପଣଙ୍କୁ, ଆପଣଙ୍କ ମନ ଓ ଚିନ୍ତାଧାରାକୁ ଖୁବ୍ ଭଲଭାବରେ ବୁଝୁଛି –ଆପଣ ଏ କଥାରେ ବୋଧହୁଏ ଆଶ୍ଚର୍ଯ୍ୟ ହେବେ। ମୋ ରାଣ, ଖରାପ ଭାବିବେ ନାହିଁ। କାଲି ମୋ ସହିତ ଆପଣ ଯାଇ ପାରିଲେ, ଆପଣଙ୍କୁ ଏକ ଭଲ କାମରେ ଲଗେଇବି । ତାଙ୍କଠୁଁ ସେତକ ଶୁଣିଲା ପରେ ଭାବୁଥିଲି ଯେ ମୋର ଭାଗ୍ୟ ଫିଟିଯାଉଛି ଖୁସିରେ ମନେ ମନେ ଫୁଲି ଉଠୁଥିଲି । ଲୁଲୁ ପୁଣି ଥରେ ଦୀର୍ଘଶ୍ୱାସ ଟାଣିଲା।

ବେହେରା ପୁଣିଥରେ ଆସି ଉଙ୍କି ମାରିଲା। ଲୁଲୁ ପଟ୍ଟୁକୁ ପଚାରିଲା, ''ଆଉ କଫି ମଗେଇବା?''

"ନା-ନା —ମୋର ଦରକାର ନାହିଁ।"

ପଙ୍କୁ ମନାକରିବା ଦେଖି ରୁଦ୍ର କହିଲା, "କଫି ପାଇଁ ମୁଁ କହୁନି ସେଇ ବାହାନାରେ ଆଉ କିଛି ସମୟ ଏଠି ବସିପାରିବା। ଆଗର କଫି ବି ତ ଥଣ୍ଡା ହୋଇଗଲାଣି। ତାହେଲେ କପେ କଫି ମଗାଇ ଦିହେଁ ଅଧା ଅଧା ପିଇବା। ଠିକ୍ ତ?"

ବେହେରାକୁ ପୁଣି କଫି ଆଣିବା ପାଇଁ ରୁଦ୍ର କହିଲା।

"ତା ଆରଦିନ ତାଙ୍କ ସହିତ ଗଲି। ସେତବେଳ ପର୍ଯ୍ୟନ୍ତ ସେ ଏତେ ବଡ଼ ଆର୍ଟିଷ୍ଟ ବୋଲି ମୁଁ ଜାଣିନି। ଜାଗାଟି ମନ୍ଦିର ଭଳି ପବିତ୍ର ଥିଲା। 'ଚିତ୍ର-ଶିଳ୍ପ-କଳା ଭବନ'ର ନାଁ ତୁ ଶୁଣିଛୁ? ସେଠିକି ଯାଇଥିଲି। ବାହାର ବାରଣ୍ଡାରେ ଦଶ ପନ୍ଦର ଜଣ ଛାତ୍ର ମହମର ମୂର୍ତ୍ତି ତିଆରି କରୁଥିଲେ। ଭିତର ପାଖ ବାରଣ୍ଡାରେ 'କ୍ଲାସ୍' ଚାଲୁଥିଲା। ମୋତେ ସେ ଉପର ମହଲାକୁ ଡାକିନେଲେ। ସେଇ ଘର କାନ୍ଥ ଉପରେ ଟଙ୍ଗା ଯାଇଥିବା ବିଭିନ୍ନ ଚିତ୍ର ଦେଖି ମୁଁ ନିଜ ଭିତରେ ଶିହରି ଉଠିଲି।"

"ଆପଣ ଏସବୁ ଦେଖୁଥାନ୍ତୁ " କହି ସେ ତଳକୁ ଓହ୍ଲାଇ ଗଲେ। ସେ ହଲ୍‌କୁ ବୁଲି ବୁଲି ଦେଖୁଥିଲି। ହଲ୍ ମଝିରେ ଗୋଟାଏ ବିରାଟ ମଞ୍ଚ। ଚାରିପଟରୁ ମଞ୍ଚଉପରେ ବିଜୁଳୀ ଆଲୁଅ ବିଞ୍ଚି ହୋଇ ପଡୁଛି। ଷ୍ଟେଜ୍‌ଟିକୁ ଯେକୌଣସି ପାଖକୁ ନିଜ ମନ ଇଚ୍ଛା ଘୂରାଯାଇପାରେ। ଷ୍ଟେଜ୍ ଉପରେ କେତେଗୁଡ଼ିଏ ଷ୍ଟାଣ୍ଡ୍ ଓ ତା ପାଖରେ ଷ୍ଟୁଲ୍ ଗୁଡ଼ାଏ। ଷ୍ଟୁଲ୍ ଉପରେ ଚିତ୍ର ଆଙ୍କିବା ପାଇଁ ଦରକାରୀ ରଙ୍ଗ, ପେନ୍‌ସିଲ୍, ବ୍ରଶ୍‌ଗୁଡ଼ିଏ ରଖାଯାଇଛି। ତୁ ଏଇଲେ ଯେଉଁ ଚିତ୍ରଟି ଦେଖିଲୁ, ସେଭଳି ବହୁତ ଗୁଡ଼ିଏ ଚିତ୍ର ଥିଲା। ବଡ ବଡ଼, ରଙ୍ଗ ବେରଙ୍ଗର ବା କଳା ରେଖାରେ ଅଙ୍କାଯାଇଛି। ଚିତ୍ରଗୁଡ଼ିକ ସ୍ତ୍ରୀ ଓ ପୁରୁଷର। ସଭିଏଁ ଉଲଗ୍ନ। ଚିତ୍ରଗୁଡ଼ିକ ଭିତରେ ପ୍ରଥମେ ମୁଁ ଯେଉଁ ଅଶ୍ଳୀଳତାର ଗନ୍ଧ ପାଇଲି, ପରେ ଜାଣିଲି ଯେ ସେଭଳି ଭାବିବା ମୋର ଭୁଲ୍। ହେଲେ ସେତେବେଳ ଯାଏଁ କିଛି ଭାବି ପାରୁ ନଥିଲି। ଗୋଟିଏ ଚିତ୍ରର ତଳ କୋଣକୁ ଛୋଟ ଅକ୍ଷରରେ ଲେଖା ଯାଇଥିଲା 'ରୁଦ୍ର ' ସେଇଟା ତାଙ୍କର ନାଁ।

"ଅଳ୍ପ ସମୟ ପରେ କାଚ ଗ୍ଲାସ୍‌ରେ ବରଫ ପକେଇ ସେ କୋଲ୍ଡ଼ ଡ୍ରିଙ୍କ୍‌ସ ଆଣିଲେ। ମୋତେ ଦେଖି ଅଳ୍ପ ଅଳ୍ପ ହସୁଥିଲେ ମଧ୍ୟ। ସେ ଭିତରେ କୌଣସି ପ୍ରକାର ଖରାପ ବା କଦର୍ଯ୍ୟ ମନୋବୃତ୍ତି ଥିବା କଥା ମୁଁ ଜାଣି ପାରିଲି ନାହିଁ।"

କୋଲ୍ଡ଼ ଡ୍ରିଙ୍କସ୍‌ରୁ ମୋତେ ଗୋଟିଏ ଗ୍ଲାସ୍ ଦେଇ ନିଜେ ଅନ୍ୟ ଗ୍ଲାସ ଉପରେ ଓଠର ସ୍ପର୍ଶ ଦେଇ ଧୀରେ ଧୀରେ ପିଇ, ସବୁ ଚିତ୍ରଗୁଡ଼ିକୁ ଦେଖିବାକୁ ଲାଗିଲେ।

"ଏସବୁ ଝିଅ ଆପଣଙ୍କ ଭଳି କୁଳୀନ", ସେ କହିଲେ। ମୁଁ କୌଣସି ଉତ୍ତର ଦେଲି ନାହିଁ। ସେ ପୁଣି କଥା ଆରମ୍ଭ କଲେ, "ଏ ଜାଗାଟି ଠିକ୍ ଗୋଟାଏ ମନ୍ଦିର ଭଳି। ସୌନ୍ଦର୍ଯ୍ୟ ହିଁ ଏଠାରେ ଦେବତା ଓ ପ୍ରକୃତି ହିଁ ସୌନ୍ଦର୍ଯ୍ୟ। ଧରନ୍ତୁ, ଗୋଟିଏ ସୁନ୍ଦର ଗାଈ ବା ମୟୂରକୁ ଆମେ ଦଶହାତର ଲମ୍ବ କପଡ଼ାରେ ଘୋଡ଼ାଇ ରଖିବା . ଆପଣ ନିଜେ ଭାବନ୍ତୁ ତାର ସୌନ୍ଦର୍ଯ୍ୟ କେତେ ବିକୃତ ହୋଇଯିବ।"

''କପଡାରେ ଢ଼ାଙ୍କି ହୋଇଥିବା ସୌନ୍ଦର୍ଯ୍ୟ ହିଁ ଆଜି ମଣିଷର ସୌନ୍ଦର୍ଯ୍ୟ ହୋଇଛି । କପଡ଼ାର ସୌନ୍ଦର୍ଯ୍ୟ ଅଲଗା। ସେଥିପାଇଁ ଏଇଠି ଅନ୍ୟ କୋଠରୀ ଅଛି। ସେଇଠି ପିଲାଏ ଡିଜାଇନ୍ସ, ଏନ୍‌ଗ୍ରେଭିଂସ୍ ସବୁ ଶିଖନ୍ତି। ମଣିଷର ସୌନ୍ଦର୍ଯ୍ୟ କେବଳ ତାର କପଡ଼ାର ସୌନ୍ଦର୍ଯ୍ୟ ହିଁ ନୁହେଁ। ପ୍ରକୃତରେ କହିବାକୁ ଗଲେ କପଡା, ଗହଣା, ଶୃଙ୍ଗାର ଇତ୍ୟାଦି ସବୁ କେବଳ ବିକୃତି , ହେଲେ ଏ ବିକୃତି କ'ଣ? ସୌନ୍ଦର୍ଯ୍ୟକୁ ଖରାପ କରୁଥିବା ଜିନିଷଗୁଡ଼ିକୁ ଆମେ ବିକୃତି କହୁଁ। ମୁଁ ଏକଥା କହିଲା ବେଳକୁ ଆପଣ ଗୋଟାଏ କଥା ସ୍ପଷ୍ଟଭାବରେ ବୁଝିବା ଦରକାର ଯେ ଏଇ ଶିଳ୍ପ କଳାର ଦ୍ୟୁତି ଆଗକୁ, ଏ ହଲ୍ ଡେଇଁ କୌଣସି ବିକୃତ ଭାବନା ଆସିପାରେ ନାହିଁ। ତା'ର ଆସିବା ମଧ୍ୟ ଉଚିତ ନୁହେଁ।''

''କଳାକାରର ମନ ସଦାବେଳେ ଦୀପ୍ତିମାନ। ଦୁନିଆର ମନ ଛନ୍ଦ କପଟ ଓ ବିଶ୍ୱାସଘାତରେ ଭରା। ଏ ସୌନ୍ଦର୍ଯ୍ୟର ପ୍ରଖର ଦୀପ୍ତିରେ ଦୁନିଆର ଆଖି ଝାଉଁଳିଆ ହୋଇଯାଏ। ତା ମାନେ, ଯେଉଁମାନଙ୍କ ହୃଦୟରେ କପଟ ଭାବ ଥାଏ, ସେମାନେ ସୌନ୍ଦର୍ଯ୍ୟର ପ୍ରଶଂସା କରିବା ଜାଣନ୍ତି ନାହିଁ। ଏଠାରେ କେବଳ ସୌନ୍ଦର୍ଯ୍ୟର ଆରାଧନା ହୁଏ। ଦରକାର ପଡିଲେ ଏଠାରେ ବି ସବୁ ବିକୃତିଗୁଡିକ ସୁନ୍ଦର ହୋଇଉଠେ। ଭଲ ଭାବରେ ଭାବି ଦେଖନ୍ତୁ ନଗ୍ନତା କ'ଣ ଅଶ୍ଳୀଳତା? ଭାବିଲେ ଦେଖି' ଆପଣ ନିଜେ କେବେ ଏକାନ୍ତ ଭାବରେ ନିଜର ମୁହଁ ଦେଖିନାହାନ୍ତି? ନିଜ ଭିତରେ ଆତ୍ମବିଧିତା ହୋଇ ନାହାନ୍ତି? ଆପଣ କଣ ଭାବୁଛନ୍ତି ଯେ ସେଇ ପ୍ରଶଂସା ଭିତରେ ଅଶ୍ଳୀଳତା ଥିଲା? ନୁହେଁ ନା ? ବେଶ ସେଇ ଗୋଟିଏ ସ୍ଥିତିକୁ କଳାକାର ଆପଣଙ୍କ ସହ, ଦୁନିଆ ସହ ଯୋଡିଦେଇ ରୂପାନ୍ୱିତ କରିଦିଏ। ତା'ପରେ- 'ତୁ'ର ଭେଦ ଆଉ ରହେନି। କ୍ଷୟମାନ ମିଥ୍ୟା ସୌନ୍ଦର୍ଯ୍ୟ ଭିତରୁ ଏକ ଚିରନ୍ତନ ପ୍ରତିଭାର ନିର୍ମାଣ ଲାଗି କଳାକାର କଳାର ଆରାଧନା କରୁଛି। ସତ ଭଳି ଦିଶୁଥିବା ଆପଣଙ୍କ ସୁନ୍ଦ୍ରୀ ରୂପ ଏକ ନାଶମାନ ଅସତ୍ୟ—କେବଳ ଗୋଟାଏ ମାୟା। ଅସତ୍ୟ ଲାଗୁଥିବା ଏ ଚିତ୍ରଟି ଗୋଟାଏ ଶାଶ୍ୱତ ଚିରନ୍ତନ ସତ୍ୟ ଅଟେ। ଆପଣ ନିଜେ ପରମପୁରୁଷଙ୍କ ସୃଷ୍ଟି। ହେଲେ ଭଗବାନଙ୍କ ଦ୍ୱାରା କେବଳ ଏକ କ୍ଷୟମାନ ମିଥ୍ୟାର ସୃଷ୍ଟି ହୋଇ ପାରିଲା। ସେଇ ମିଥ୍ୟାର ସୌଧ ଉପରେ ସତ୍ୟର ନିର୍ମାଣ କଳା ମଣିଷର ଏଇ ହାତ। ମଣିଷର ନିର୍ମିତ ଏଇ କଳା ହିଁ ଚିରନ୍ତନ ସତ୍ୟ । ଏଭଳି ମହାନ୍ କାର୍ଯ୍ୟରେ ଦୁଷ୍ଟ ଓ ନୀଚ ମନୋଭାବର ସ୍ଥାନ ନାହିଁ। ଏଇ ଶସ୍ତା ଜିନିଷଗୁଡ଼ିକର କୌଣସି ସ୍ଥାୟୀ ଭାବ ନାହିଁ ଏମାନେ ନିଆଁରେ ପୋଡ଼ିଯାଇଥିବା ତୃଣ ଭଳି।''

''ଏ ମଞ୍ଚ ଉପରକୁ ଚଢିଗଲା ପରେ ଆପଣ ପ୍ରକୃତିର ଏକ ଅଂଶ ହୋଇଯିବେ। ସେତେବେଳେ ଆପଣଙ୍କ ଦେହରେ କପଡ଼ା ଥାଇପାରେ —ଥାଇ ବି ନପାରେ। ତାର କୌଣସି ମହତ୍ତ୍ୱ ନାହିଁ। ଏଠାରେ କେବଳ ସୁନ୍ଦରତାର ଆବରଣ ଅଛି। ତାକୁ ପାଇବାର ଇଚ୍ଛା ନ କରି କଳାକାରର ମହାନ୍ କର୍ତ୍ତବ୍ୟ ହେଉଛି ସେଇ ମାୟାବୀ ବସ୍ତୁ ମଧ୍ୟରୁ ସତ୍ୟର ନିର୍ମାଣ କରିବା। ସେଥିରେ ଲିଙ୍ଗଭେଦ ରହେନା।

ପୂରାପୂରି ଭାବେ ଗୋଟାଏ ନିରୀହ ଶିଶୁ ଭଳି ଆପଣଙ୍କୁ ଶୋଇ ରହିବାକୁ ହେବ। ଶିଶୁ ଲଙ୍ଗଳା ହୋଇ ରହେ ତ? ସେ ତ କିଛି ଅଶ୍ଳୀଳ ଜିନିଷ ନୁହେଁ। ଆପଣଙ୍କ ରୂପ ଚିତ୍ରଣ କଲାବେଳେ ଯଦି ବା ସଂଯୋଗବଶତଃ ପୂରାଭାବେ କଳାକାର ହୋଇନଥିବା ଓ ବିକୃତ ମନୋବିକାରଗ୍ରସ୍ତ ଜଣେ ଅଧେ କେହି ବ୍ୟକ୍ତି ଥାଏ –ସେଥିରେ ଯାଏ ଆସେ କ'ଣ? ଆଜିର ଦୁନିଆରେ କାହା ସଂପର୍କରେ ଅନୁଚିତ କଥାବାର୍ତ୍ତା ହେଉନି? ଯାହାର ବିକୃତ ମନ ସେ ଛୋଟ ଶିଶୁକୁ ମଧ୍ୟ ବିକୃତ ମନ ଓ ଦୃଷ୍ଟିରେ ଦେଖିବ। ସେଇଟା ଶିଶୁର ସମସ୍ୟା ନୁହେଁ। ତଦ୍ୱାରା ଶିଶୁର ମଧ କିଛି ଅନିଷ୍ଟ ହୁଏ ନାହିଁ। ଅନିଷ୍ଟ ହେବ, ସେଇ ଦେଖିଲା ଲୋକର।''

ଏପରି ଭାବେ ଦୀର୍ଘ ସମୟଧରି ମୋତେ ନାନା କଥା ବୁଝେଇଗଲେ। ମୁଁ କୌଣସି ଉତ୍ତର ଦେଇ ନଥିଲି। କିନ୍ତୁ ଆଗଭଳି ଆଉ ମୁହଁ ତଳକୁ ନ କରି ମୁହଁ ଉଠାଇ ସେଇ ଚିତ୍ରଗୁଡ଼ିକୁ ଦେଖିବାକୁ ଲାଗିଲି। ମୋର ମନ ଭିତରେ ଆଉ ଦ୍ୱିଧା ନାହିଁ। ମୁଁ ସେ ସୌନ୍ଦର୍ଯ୍ୟକୁ ବୁଝି ପାରିଥିଲି।

ଶେଷରେ ସେ କହିଲେ, ''ଏଇଟା ଜୀବିକା ନୁହେଁ , ବରଂ ଏକ ଉଚ୍ଚସ୍ତରର କଳାର ସେବା। ଏଥିପାଇଁ ଭାବିଲି ଯେ ଏ ମହାନ୍ କାର୍ଯ୍ୟ ପାଇଁ ଆପଣଙ୍କ ସାହାଯ୍ୟ ନେବି। ଏଥିପାଇଁ ଆପଣଙ୍କୁ ଯେତେ ପଇସା ଦେବୁ, ତା ଠିକ୍ କଳାକାରମାନଙ୍କୁ ଦିଆଯାଉଥିବା ପାରିଶ୍ରମିକ ଭଳି। କୌଣସି ମୂଲ୍ୟ ବା ବେତନ ନୁହେଁ। ଏ କଥା ଯଦି ଆପଣ ବୁଝିପାରନ୍ତି, ଆଉ ରାଜି ହେବେ, ତାହେଲେ ଏଠାରେ 'ମଡ଼େଲ୍' ଭାବେ ରହିପାରନ୍ତି। ଯଦି ରାଜି ନ ହେବେ, ତାହେଲେ ସୁଦ୍ଧା ଏଇଠି ଅନ୍ୟ କିଛି କାମରେ ଭର୍ତ୍ତି କରିବା ଇଚ୍ଛାରେ ଆପଣଙ୍କୁ ଏଠିକି ଆଣିଛି। ଆଜି ନ ହେଲେ ବି କିଛିଦିନ ପରେ ଆପଣ ସୌଭାଗ୍ୟବଶତଃ ଯଦି ଆମର କଳାକୁ ବୁଝନ୍ତି, ତା ହେଲେ ବି ସାହାଯ୍ୟ କରିପାରିବେ।''

ତାଙ୍କ କହିବା ସଙ୍ଗେ ସଙ୍ଗେ ବିନା ଦ୍ୱିଧାରେ କହିଲି, ''ଯଦି ଏ କାମ ପାଇଁ ଆପଣ ମୋତେ ଉପଯୁକ୍ତା ଭାବୁଛନ୍ତି, ତା ହେଲେ ଏଠାରେ 'ମଡ଼େଲ' ଭାବେ କାମ କରିବାକୁ ମୁଁ ନିଜର ସୌଭାଗ୍ୟ ବୋଲି ଭାବିବି।''

କଫି ଆସିଯାଇଥିଲା। ଟେବୁଲ୍ ଉପରୁ ବିଲ୍‌ଟି ନେଇ, ସେଥିରେ ପୁଣି ସଂଶୋଧନ କରି ବେହେରା ବିଲ୍‌ଟି ଟେବୁଲ୍ ଉପରେ ରଖିଦେଲା। ଗଲା ଦିନଗୁଡ଼ିକର ସବୁ କଥା ଆବେଗଭରା ଭାବେ କହିଗଲାବେଳକୁ ରୁକ୍କୁ ଝାଳରେ ପୂରା ଓଦା ସରସର ହୋଇ ଯାଇଥିଲା। କଫିରୁ ଅଧା ପ୍ଲେଟ୍ ଉପରେ ଢ଼ାଳି ପଚ୍ଚୁକୁ ଦେଇ ବାକି ଅଧତକ ନିଜେ ପିଇବାକୁ ଲାଗିଲା।

ପଚ୍ଚୁ କିଛି ବୁଝିପାରୁ ନଥିଲା। ଭାବନାରେ ବୁଡ଼ିରହି ଚୁପ୍ ବସିଥିଲା। ଏଇଲେ ଶୁଣିଥିବା ସତ୍ୟ ଓ ପବିତ୍ର କଥାଗୁଡ଼ିକ କେମିତି ଓଜନିଆ ହୋଇ ତା' ମନ ଉପରେ ମାଡ଼ି ପଡୁଥିଲା। ରୁକ୍କୁକୁ ନିଜ ଭଳି ପତିତା ଭାବି ଯାହା କହିଥିଲା ସେଥିପାଇଁ ମନରେ ଦୁଃଖ ଆସୁଛି। ରୁକ୍କୁ ତାକୁ ମୋଟେ ଖରାପ ଭାବୁନି। ତାର

ବିଶାଳ ଓ ଉଦାର ମନ ଦେଖି ଆଶ୍ଚର୍ଯ୍ୟାଭିଭୂତ ହୋଇ ପଡୁଥିଲା। ତା' ଛଡ଼ା ତା ନିଜ ସମସ୍ୟାଗୁଡ଼ିକର ବୋଝ ବି ଲଦି ହୋଇ ପଡୁଛି ମନ ଉପରେ। ଗୁବ୍ବୁ ସହ ଏ ସାକ୍ଷାତ ପରେ ପୁଣି ଯେତେବେଳେ ସେ ନିଜର ଘୃଣିତ, ଅନ୍ଧାର କୋଠରୀ ଭିତରକୁ ଫେରିଯିବ ? ସେ କଥା ଭାବି ତାର ଇଚ୍ଛା ହେଉଥିଲା ଖୁବ୍ ଯୋର୍‌ରେ କାନ୍ଦିବା ପାଇଁ। ଉହୁଙ୍କି ଉଠୁଥିବା ଭାବନାଗୁଡ଼ିକୁ ମନ ଭିତରେ ଚାପିଧରିବା ଯୋଗୁଁ ତାର ମୁହଁ ଯୋର୍‌ରେ ଲାଲ୍ ହୋଇ ଆସିଲା। ଗ୍ରୀବାର ସବୁ ଗ୍ରନ୍ଥି ଫୁଲିଯାଇ, ଆଖି ଭିତରେ ଲୁହ ଅଜାଡି ହୋଇ ପଡ଼ିଲା।

କଫି ପିଉ ପିଉ ଗୁବ୍ବୁ କହିଚାଲିଥାଏ, "ପବିତ୍ର ଭାବନାର ନିଶାରେ ସବୁକଥା ସ୍ୱୀକାର କରିବା ଲାଗି ସାହସ ତ କରିଦେଲି, ହେଲେ ପ୍ରଥମ ଦିନ ଦଶପନ୍ଦର ଜଣ ଆର୍ଟିଷ୍ଟଙ୍କ ମଝିରେ, ମଞ୍ଚ ଉପରେ ଚଢ଼ି ତୀବ୍ର ଆଲୋକର ବନ୍ୟାରେ ମୋତେ ଯେତେବେଳେ ଉଲଗ୍ନ ହେବା ପାଇଁ କୁହାଗଲା, ପୂରାପୂରି ଭାବେ ଥରି ଉଠିଥିଲି। ମୋର ସମଗ୍ର ଦେହରେ ଖାଲି ଅଲୋଡ଼ା କମ୍ପନ। ଭାବୁଥିଲି, ସେଇଠୁ ଡେଇଁପଡି ଚାଲିଯିବି—ହେଲେ ପାରିଲି ନାହିଁ। ପାଦ ମୋଟେ ହଲିଲା ନାହିଁ। ସେତେବେଳେ ତାଙ୍କ କଥା ମନେପଡ଼ିଲା—"ଏଠାରେ ସୁନ୍ଦରତା ହିଁ କେବଳ ଆବରଣ ମହାନ୍ କାର୍ଯ୍ୟରେ ନୀଚ ଚିନ୍ତାଧାରାର କୌଣସି ସ୍ଥାନ ନାହିଁ। ତାର କୌଣସି ମାନେ ବି ହୁଏନା। ନିଆଁରେ ପଡି ପୋଡ଼ି ଯାଇଥିବା ତୃଣ ଭଳି ଏସବୁ କଥା। ଏ ମଞ୍ଚ ଉପରେ ଆପଣ ଚଢ଼ିଲା ମାତ୍ରେଇ ପ୍ରକୃତିର ଗୋଟାଏ ଅଂଶ ହୋଇଯିବେ " ମୁଁ ପୂରାମନରେ ତାଙ୍କ କଥାକୁ ସ୍ୱୀକାର କରିନେଲି। ସେତେବେଳେ ଯାଇ ମୋ ଦେହର ଅଯଥା କମ୍ପନ କମିଗଲା। ଏବେ ମୋ କାମ କଥା ଭାବିଲା ବେଳକୁ ଲଜ୍ଜା ବା ଅପମାନ କିଛି ଲାଗେନି। ତାଙ୍କ କହିବାଟା ପ୍ରକୃତରେ ସତ। ଏଇଟା କିଛି ଖରାପ କାମ ନୁହେଁ ବରଂ ଉଚ୍ଚସ୍ତରର କଳାର ସେବା " ଆଉ କିଛି କହିବା ଲାଗି ଭାବି ଗୁବ୍ବୁ ଚୁପ୍ ହୋଇଗଲା।

ଦୀର୍ଘ ସମୟ ଚୁପ୍ ପଡ଼ିବା ପରେ ହଠାତ୍ ପଟ୍ଟୁ —ସତେ ଯେମିତି କିଏ ନୂଆ କପଡ଼ା 'ଚର୍‌ର' 'ଚର୍‌ର' କରି ଚିରି ପକାଉଛି —ବ୍ୟଙ୍ଗଭରା କଣ୍ଠରେ ଯୋର୍ ଦେଇ କହିଲା, "ସବୁ ପେଟ ପାଇଁ ତ ? କଳା ଏଇଟା ସେଇଟା ତୁ ଯାହାକହ ପଛେ, ଏସବୁ ନିଜ ପେଟ ପାଇଁ ତ? ସେଇଠି ନିବସ୍ତ୍ର ହୋଇ ଛିଡ଼ା ହେବା ଲାଗି ପେଟ ତୋତେ ବାଧ୍ୟ କରେ ତ? ଚାହିଁଲେ ଏମିତି କାମ ପାଇଁ ବନେଇ ଚୁନେଇ ବଡ଼ ବଡ଼ କଥା କୁହାଯାଇପାରେ। ସେଥିପାଇଁ ତ ମୁଁ ମଧ୍ୟ " ହଠାତ ନିଜ କଥା ଢ଼ୋକିନେଇ ପଟ୍ଟୁ ଚୁପ୍ ପଡ଼ିଗଲା।

"ଠିକ୍ କଥା। ତୁ ଅନ୍ଧାରରେ ଏମିତି ଠିଆହେଉ, ଆଉ ମୁଁ ପ୍ରଚଣ୍ଡ ଆଲୁଅ ମଧ୍ୟରେ ଠିଆହୁଏ। ଅନ୍ଧାର ଓ ଆଲୁଅ ଭିତରେ ତଫାତ୍ ଅଛି କହିଦେଲେ କଥା କ'ଣ ଶେଷ ହୋଇଯିବ? ଦିହେଁ କଣ ପୂରାମାତ୍ରାରେ ବିପରୀତ ନୁହଁନ୍ତି? ସେଥିପାଇଁ ଗୋଟିଏ ଗୌରବର କଥା ଅନ୍ୟଟି ଲଜ୍ଜାର କଥା। ଆଉ ଗୋଟାଏ

କଥା ସବୁ ଯେ ପେଟ ପାଇଁ କରିବାକୁ ପଡ଼େ, ପୂରାଭାବରେ ଏ ନିର୍ଣ୍ଣୟ କରନା। ପେଟ ପାଇଁ କିଛି ବି କରି ନପାରି କଳାକାର ମରି ବି ଯାଇପାରେ, କଳା ମାଧ୍ୟମରେ ଲକ୍ଷ ଲକ୍ଷ ଟଙ୍କା ଉପାର୍ଜନ କରିପାରେ, ହେଲେ କେବଳ ପେଟପାଇଁ ସେ କଳାର ସୃଷ୍ଟି କରେନି। ଏଥିପାଇଁ ମୋତେ କିଏ ବାଧ୍ୟ ତ କରିନି। ନା କାହାରିକୁ ଖୁସି କରିବା ଲାଗି ମୁଁ ଏସବୁ କରୁଛି। ଏଭଳି କରି ବି ହେବନାହିଁ। ପ୍ରଥମେ କଳାର ଆତ୍ମାକୁ ଚିହ୍ନିଲେ ଯାଇ ଏସବୁ ସହଜ ହୋଇଯାଏ।''

"ଆଜିକାଲି ସେଇଠି ମୁଁ କାମ କରୁଛି। ଆଜି ବି ସେଇଠି 'ମଡ଼େଲ୍' ଭାବେ ଉଲଗ୍ନ ହୋଇ ଛିଡ଼ାହେଲା ବେଳକୁ ମନ ଭିତରେ ଉଚ୍ଚକୋଟୀର ହର୍ଷ ଅନୁଭବ କରେ, ସବୁବେଳେ ଏ ଅନୁଭବ ରହିବ। କାହିଁରେ ଆସି 'ମଡ଼େଲ୍' ଭାବେ ଛିଡ଼ା ହେବା ପାଇଁ ବଡ଼ ବଡ଼ ଘର ଝିଅମାନେ ବି ଆସନ୍ତି। ପେଟ ପାଳନ ଯଦି ତୋର ସମସ୍ୟା, ତା ହେଲେ କଳା ବି ତୋର ପେଟ ପୋଷିଦେବ। କିନ୍ତୁ କଳାର ଲକ୍ଷ୍ୟ କେବଳ ପେଟ ପାଇଁ ନୁହେଁ ଅନ୍ୟ କିଛି।''

ରୁବ୍ବୁର କଥା ଶୁଣି ପଲ୍ଲୁର ଆଖିରୁ ଲୁହ ଝରି ଆସିଲା। ରୁବ୍ବୁର ହାତ ଧରି ସରଳ ଭାବରେ କହିଲା, ''ମୁଁ ଏସବୁ କ'ଣ ଜାଣେ? ନ ଜାଣି ଯଦି କିଛି ଭୁଲ୍ କରିଛି ତା ହେଲେ ମୋତେ କ୍ଷମା ଦେବୁ ରୁବ୍ବୁ।''

ରୁବ୍ବୁ ତା ହାତ ଅଳ୍ପ ଚିପିଦେଇ କହିଲା, ''ଛିଃ, ପାଗଳୀ କେମିତି କଥା କହୁଚୁ? ତୁ ସବୁ କଥା ଠିକ୍‌ଭାବେ ବୁଝିବୁ ବୋଲି ତ ସବୁ କଥା କହିଲି। ତୁ କଣ ଭାବୁଚୁ ମୁଁ ତୋତେ ଖରାପ ଭାବୁଛି ବୋଲି?'' ରୁବ୍ବୁର ସ୍ୱରରେ ଆତ୍ମୀୟତା ଥିଲା।

ରୁବ୍ବୁର କଥା, ତା ଜୀବନର ଢଙ୍ଗ ସବୁ କିଛି ପଲ୍ଲୁକୁ ଭଲ ଲାଗୁଥିଲା।

ରୁବ୍ବୁ ପୁଣିଥରେ ଆଗ୍ରହ ପ୍ରକାଶ କଲା, ''ତୁ ମୋ ସହିତ ଆସି ରହ ପଲ୍ଲୁ। ତୁ ଯଦି ଏ କାମକୁ ଠିକ୍‌ଭାବେ ବୁଝି ପାରିବୁ, ତାହେଲେ ମୁଁ ତୋତେ କାଲି ସେଇଠିକୁ ନେଇଯିବି। ରାଜି ତ?''

ପଲ୍ଲୁ ଭାବୁଥିଲା ନିଜେ ଜଣେ ପତିତା ନାରୀର ପ୍ରତୀକ। ହେଲେ, ପୁରୁଷର ସ୍ପର୍ଶଠାରୁ ଦୂରେ ରହି, ଦୀପ୍ତିମୟୀ ସ୍ତ୍ରୀତ୍ୱର ଜ୍ୟୋତି ଭାବେ ଆଗରେ ବସିଥିବା ରୁବ୍ବୁର ଯାଚିତ ସାହାଯ୍ୟ ପ୍ରସ୍ତାବକୁ ସେ ଅସ୍ୱୀକାର କରିପାରିଲା ନାହିଁ।

ସେଇ ପବିତ୍ର, ଗୌରବଶାଳୀ 'ଚିତ୍ର-ଶିଳ୍ପ-କଳା ଭବନ'ର ଉପର ମହଲାର ଅଗଣାରେ ମୁହଁ ତଳକୁ କରି, ସଂକୁଚିତ ଭାବେ ପଲ୍ଲୁ ପ୍ରବେଶ କଲା।

ସେଇଠି ତାକୁ ସ୍ୱାଗତ କଲେ ପ୍ରଫେସର ରୁଦ୍ର। ମୁଣ୍ଡରେ ବାଳ ପାଚିଗଲାଣି, ଆଖିରେ ମୋଟା ଫ୍ରେମ୍‌ଦିଆ ଚଶମା, ଦେହରେ ଲମ୍ବା କୁର୍ତ୍ତା। ହସିହସି ସ୍ୱାଗତ କରି ତାକୁ ହଲ ଭିତରକୁ ନେଇଗଲେ। ସେଇ ମଞ୍ଚ ପଛପଟେ ଥିବା ପରଦା ଆଢ଼ୁଆଳରେ ଶାଢ଼ୀ ଖୋଲି ସେଇଠି ଥିବା କୁର୍ତ୍ତା ପିନ୍ଧିବାକୁ ରୁବ୍ବୁ ତାକୁ କହିଥିଲା।

ତା କଥା ଅନୁସାରେ ପଟ୍ଟୁ ଯେମିତି ପରଦା ପଛପଟକୁ ଚାଲିଗଲା, ବାହାରେ ଘଣ୍ଟା ବାଜି ଉଠିଲା ।

ଶିଢ଼ି ଉପରେ ଛାତ୍ରମାନଙ୍କ ଆସୁଥିବା ପାଦଶବ୍ଦ ସ୍ପଷ୍ଟ ହେଉଛି । ପରଦା ପଛରୁ ମୁହଁ ଟେକି ପଟ୍ଟୁ ଟଙ୍ଗା ହୋଇଥିବା ଚିତ୍ରଗୁଡ଼ିକ ଆଡ଼େ ଚାହିଁଲା । ଆଖି ଝଲସି ଉଠୁଛି । ସବୁ ଚିତ୍ରଗୁଡ଼ିକ ସୁନ୍ଦର । ପଟ୍ଟୁ ମନରେ ତଥାପି ଦୁଃଖ —ସେଇ ଚିତ୍ରଗୁଡ଼ିକ ଭଳି ତା ଦେହରେ ଏତେ ସୌନ୍ଦର୍ଯ୍ୟ, ଏତେ ସାମର୍ଥ୍ୟ କାହିଁ? ରୁକ୍କୁର କଥା ମନେ ପଡ଼ିଲା । ହଠାତ୍ ପୁଣି ମନ ଭିତରେ ଅନାବଶ୍ୟକ ଭାବନାର ଅନେକ ତରଙ୍ଗ ମାଡ଼ିଆସିଲା, "ନିଜର ପବିତ୍ର ଦେହ ଉପରେ ରୁକ୍କୁ ଯେଉଁଭଳି ମହକ ତୋଳିପାରେ, ମୋ ପାଇଁ ତା କଣ ସହଜ?"

ପ୍ରଫେସର ସ୍ୱାମିର ଦରଜା ଉପରେ ମୃଦୁ ଆଘାତ ଦେଲେ । ଶାଢ଼ୀ ଖୋଲି ଠିକ୍ କୁର୍ତ୍ତା ପିନ୍ଧିଲାବେଳକୁ, ପାଖ ଷ୍ଟେଜ୍ ଉପରେ ଆଲୋକ ଉଦ୍ଭାସିତ ହୋଇ ଉଠିଲା । ଶେଡ୍‌ସ୍ ଅଣାଯାଇ ତା ପାଇଁ ଆଲୁଅ ଓ ଛାଇର ସମତାଳ ରହିବା ଲାଗି ଆୟୋଜନ ହେଉଥିଲା ।

"ବାପ୍‌ରେ ଏତେ ଆଲୋକ !" ପଟ୍ଟୁ ଚମକି ଯାଇ ରହିଗଲା । ସ୍କ୍ରୀନ୍‌କୁ ଟିକିଏ ଆଡ଼େଇ ଦେଖିଲା ଷ୍ଟେଜ୍ ତଳେ କୋଡ଼ିଏରୁ ଅଧିକ ଛାତ୍ର ବସିଛନ୍ତି ।

ପଟ୍ଟୁର ଦେହର କମ୍ପନ ଓ ମନର ବ୍ୟାକୁଳତା ଆହୁରି ବଢ଼ିବାକୁ ଲାଗିଲା । ତାର ଧାରଣା ହେଲା, ଏଭଳି ବିବସ୍ତ୍ରା ହୋଇ ସେ ଛିଡ଼ା ହୋଇ ପାରିବ ନାହିଁ । ଉଲଗ୍ନ ହୋଇ ଛିଡ଼ାହେବା ତା ଶକ୍ତିର ବାହାରେ । ଲାଇଟ୍‌ଗୁଡ଼ିକରୁ ତୀବ୍ର ଆଲୁଅ ବିଚ୍ଛେଇ ହୋଇ ପଡ଼ିବାପରେ, ପୁଣିଥରେ ପ୍ରଫେସର ରୁଦ୍ର ସ୍ୱାମୀ ଦରଜା ଖଟ ଖଟ କଲେ ।

ପଟ୍ଟୁ ବାହାରକୁ ଆସିଲା ।

ଭିତରକୁ ଗଲାବେଳେ ଯେଉଁ ଶାଢ଼ୀଟି ପିନ୍ଧିଥିଲା, ତାକୁ ପୁଣି ପିନ୍ଧି ମୁଣ୍ଡ ତଳକୁ କରି ବାହାରକୁ ଆସିଲା ।

"ମୋତେ କ୍ଷମା କରନ୍ତୁ । ମୋ ଦ୍ୱାରା ।" ଥରି ଥରି ଖୁବ୍ ଚଞ୍ଚଳ ଭାବେ କହୁଥିଲା । ଝାଳରେ ପୂରା ତିନ୍ତିଯାଇ ଅଗଣା ବାହାରକୁ ଆସି ଶିଢ଼ି ଉପରେ ପାଦ ଦେଲା । ତଳେ ରୁକ୍କୁ ଠିଆ ହୋଇଛି ।

"ପଟ୍ଟୁ ପଟ୍ଟୁ !" ଧାଇଁ ଧାଇଁ ତା ପଛେ ପଛେ ଆସିଲା ରୁକ୍କୁ ।

"ମୋତେ କ୍ଷମା କରିଦେ ରୁକ୍କୁ , ମୁଁ ଯାଉଛି ମୁଁ ପାରୁନି , ଏତେ ତୀବ୍ର ଆଲୋକରେ " କହି ପଟ୍ଟୁ ଚଞ୍ଚଳ ହୋଇଉଠିଲା ଯିବା ପାଇଁ ।

"ଠିକ୍ ଅଛି । ତୁ ନ ପାରିଲେ କିଛି କଥାନାହିଁ , ହେଲେ କୁଆଡ଼େ ଯାଉଛୁ?" ତାକୁ ଅଟକାଇବାର ଚେଷ୍ଟା କରୁ କରୁ ରୁକ୍କୁ ପଚାରିଲା ।

"ଯାଉଛି . ଯୁଆଡ଼େ ମୋ ଭାଗ୍ୟ ଟାଣିନେବ " ରୁକ୍କୁର ଉତ୍ତରକୁ ଅପେକ୍ଷା ନକରି ପଟ୍ଟୁ କମ୍ପାଉଣ୍ଡ୍ ପାର ହୋଇ ସଡ଼କ ଉପରେ ପହଞ୍ଚିଗଲା ।

ତା ପଛେ ଧାଉଁଥିବା ରୁକ୍ସ ସାମ୍ନାରେ ପ୍ରଫେସର ରୁଦ୍ର ଆସି ଛିଡ଼ାହେଲେ।

'ପ୍ଲିଜ୍ ହେଲ୍ପ! ସେଇଠି ଛାତ୍ରମାନେ ଅପେକ୍ଷା କରିଛନ୍ତି—ଅନ୍ତତଃ ଆପଣ ହେଲେ ଆସନ୍ତୁ ।''

ତାଙ୍କ କହିବା ପରେ ରୁକ୍ସ ଶିଡ଼ି ଚଢ଼ି ଉପର ମହଲାକୁ ଚାଲିଗଲା।

କିଛି ସମୟ ପରେ ସୌନ୍ଦର୍ଯ୍ୟର ପୂଜା କରୁଥିବା ସେଇ କଳା ଭବନର ଚାରିଆଡ଼େ ଆଖି ଝଲସିଆ ଆଲୁଅ ମଝିରେ କେବଳ ସୌନ୍ଦର୍ଯ୍ୟର ଆବରଣ ପିନ୍ଧି କେତେ ଯେ ଲୋକଙ୍କ ଆଗରେ ରୁକ୍ସ ନିଜର ରୂପଲାବଣ୍ୟ ପ୍ରଦର୍ଶନ କରି ଛିଡ଼ା ହୋଇଥିଲା।

ଠିକ୍ ସେଇ ସମୟରେ—ନିଜର ଆବରଣ ଭିତରେ ଆଉ କାହାସହ ନିଜକୁ ଲୁଚାଇ ରଖିବା ଲାଗି ସହରର ସେଇ ଅନ୍ଧାରୀ ବସ୍ତିଆଡକୁ ପଚ୍ଛୁ ଖୁବ୍ ଯୋର୍‌ରେ ଧାଇଁ ଯାଉଥିଲା।'

ଗୁରୁପାଠ

ସେ ସେଇ ଗଳି ଭିତର ଦେଇ ଗଲାବେଳେ, ସମଗ୍ର ଗଳିଟି କେମିତି ଏକ ଉତ୍କଟ ଗନ୍ଧରେ ଭରିଉଠେ। ବଜାର ଭିତରେ ଯେଉଁଠି ବି ଭିକ ମାଗିବାଲାଗି ବା ତାମସା ଦେଖାଇବା ଲାଗି ଛିଡ଼ା ହୋଇଯାଏ, ସଭିଏଁ ତାକୁ ଦେଖିଲାମାତ୍ରେ ହିଁ ଘୃଣା କରନ୍ତି। ତାକୁ ସେଇଠୁ ଘଉଡ଼େଇ ଦିଅନ୍ତି। ଯେଉଁମାନେ ବି ଭିକ ଦିଅନ୍ତି, କେବଳ ତାକୁ ଘଉଡ଼ାଇ ଦେବା ପାଇଁ ଦିଅନ୍ତି। ଭିକ ଦେଇ ସାରିଲା ପରେ ଏଭଳି ଭାବେ ଦେଖନ୍ତି ଯେ, ସତେ ଯେପରି ତାକୁ ଭିକ ଦେଇ ସେମାନେ ମହାପାପ କରି ଦେଇଛନ୍ତି !

କେତେ ଲୋକ କହୁଥିଲେ ସେ ଜେଲଫେରନ୍ତା, ଆଉ କେତେକ କହୁଥିଲେ ସେ ପାଗଲ ଖାନାରୁ ଚାଲି ଆସିଛି।

କିନ୍ତୁ ଏବେ ତାକୁ ଦେଖିଲା ଲୋକର ଧାରଣା ଯେ ସେ ରୋଗୀ ନୁହେଁ କି ପାଗଳ ବି ନୁହେଁ। କଥାଟି ସତ। ଆଳସ୍ୟ ଓ ନିର୍ଲ୍ଲଜତା ତା' ଦେହରେ ଏମିତି ଭାବେ ଭରି ରହିଥିଲା ଯେ, ସେ ନିଜେ ନିଜର ଘୃଣିତ ଅବସ୍ଥା ସଂପର୍କରେ ମୋଟେ ଅବହିତ ନଥିଲା। ନିଜର ଅଳସ ଶରୀର ନେଇ ଏଭଳି ପାଗଳ ଭାବେ ଘୂରିବୁଲେ । ଭୋକ ଥାଉ ବା ନଥାଉ, ନିଜ ଓ ପର ହାତରେ ଥିବା ଜିନିଷ ଖାଇ ପକେଇବାର ଅଭ୍ୟାସଗତ ଲାଳସା ତା' ଆଖିରେ ଝୁଲି ରହେ। ଖାଦ୍ୟ ଖାଉଥିବା ଛୋଟ ଶିଶୁର ଅଇଁଠା ଉପରେ ବି ତା'ର ଶ୍ୱାନଦୃଷ୍ଟି ଘୂରିବୁଲେ। ଲୋକେ ବି ତାକୁ କୁକୁର ଭଳି ଘଉଡ଼ାଇ ଦିଅନ୍ତି। ତାକୁ ଘଉଡ଼ାଇ ଦେଲାବେଳେ ଲୋକଙ୍କ ହାତରେ ଥିବା ଖାଇବା ଜିନିଷକୁ ଆଖିରେ ହେଲେ ଅଇଁଠା କରିଦିଏ। ସବୁବେଳେ କିଛି ନା କିଛି ତା' ପାଟିରେ ପଡ଼ିଥାଏ। ଖାଇଥିବା ଜିନିଷର ଟୁକୁରା ଅଂଶ ଦାନ୍ତରୁ ବାହାରି ଦାଢ଼ୀ ଉପରେ ଲଟକି ଶୁଖି ଯାଇଥାଏ। କିଏ ବିଡ଼ି ବା ସିଗାରେଟ ପିଇବା ବେଳେ, ନିଃସଂକୋଚରେ ତାର ହାତ ବଢ଼େଇ ଦିଏ। ସିଗାରେଟ ଶେଷ ହେବା ଯାଏଁ ଅପେକ୍ଷା କରେ। ଶେଷରେ ଫିଙ୍ଗି ଦିଆଯାଇଥିବା ଖଣ୍ଡିଆ ପୋଡ଼ା ସିଗାରେଟ ଏଭଳି ଭାବେ ପିଏ ଯେ, ସିଗାରେଟ ଫିଙ୍ଗିଥିବା ଲୋକଙ୍କୁ ମଧ୍ୟ ଅପମାନ ଲାଗିଯାଏ !

ବଜାର ଭିତରେ ଗାଉଁଲି ସ୍ତ୍ରୀ ଲୋକମାନେ ନିଜ ପିଲାକୁ ଦୁଧ ପିଆଇଲାବେଳେ, ଛାତିରୁ କପଡ଼ା ସଜାଡ଼ିଲା ବେଳେ, କେମିତି ଏକ ନିର୍ଲ୍ଲଜ ଦୃଷ୍ଟିରେ ସେମାନଙ୍କୁ ଘୂରି ଘୂରି ଦେଖେ !

ସ୍ୱାସ୍ଥ୍ୟ ଓ ତାକତ୍ ଦୃଷ୍ଟିରୁ ଗୋଲ 'ମୋଟଲ୍ ହେଲେ ବି ସବୁବେଳେ ରୋଗୀଭଳି ବ୍ୟବହାର କରିବା ତା ଅଭ୍ୟାସଗତ ହୋଇଗଲାଣି। ବୟସ ଚାଳିଶ ପାଖାପାଖି ହେବ। ଜୀବନରେ ସେ କେବେ ହାଡ଼ଭଙ୍ଗା ପରିଶ୍ରମ କରିନି। କିଛି ଚିନ୍ତା ବି ନଥିଲା। ଫଳତଃ, ତା ଶରୀର ଠିକ୍ ଏକ ମୋଟା ବୁଲା ଷଣ୍ଢ ଭଳି ଦିଶୁଥିଲା। ଦେହରେ ଯୌବନ, ଶକ୍ତି ଓ ଭରପୂର ସ୍ୱାସ୍ଥ୍ୟ ଥିବା ସତ୍ତ୍ୱେ କାଦୁଅ ମିଶା ଘୁଷୁରୀ ଭଳି ବୁଲୁଥିଲା।

ହାଟ ପଡ଼ିଆ ଓ ରେଲ୍ ଲାଇନ୍ ମଝିରେ ଥିବା ସେଇ ପୋଖରୀ କୂଳର ସରାଇ ଘରେ ବସି ପୋଖରୀରେ ସ୍ନାନରତା ଝିଅମାନଙ୍କୁ ଦେଖିବା କେମିତି ଏକ ଅଭ୍ୟାସରେ ପଡ଼ିଯାଇଛି। ସମୟବି କଟିଯାଏ। ତଥାପି ଗାଧୋଇବା ପାଇଁ ଦିନେ ହେଲେ ସୁଦ୍ଧା ତାର ମନ ବଳେଇ ନାହିଁ। ବାକି ସମୟ ସରାଇ ଘର କାନ୍ଥକୁ ଲାଗିଥିବା ଇଟାର ବେଞ୍ଚ୍ ଉପରେ ଶୋଇ ରହି କଟିଯାଏ। ଦିନେ ଦିନେ ଶୋଇଲାବେଳେ ଜାଣିଶୁଣି ପିନ୍ଧା କପଡ଼ାକୁ ଅତି କଦର୍ଯ୍ୟ ଭାବେ ଅସ୍ତବ୍ୟସ୍ତ କରି ସଡ଼କ ଉପରେ ଯାଉଥିବା ଲୋକଙ୍କୁ ହଠାତ୍ ଚମକାଇ ଦେଇ ନିଜେ ମନକୁ ମନ ଖୁସି ହୋଇଯାଏ।

ସେଦିନ ରାତିରେ ଅଳ୍ପ ଅଳ୍ପ ବର୍ଷା ହେଉଥିଲା। କେଉଁଆଡୁ ଭିକାରୁଣୀଟିଏ ଆସି ସେଇ ସରାଇ ଘରେ ଆଶ୍ରୟ ନେଲା। ତାକୁ ଫୁସୁଲା ଫୁସୁଲି କରି ତା ଦେହ ମଧ୍ୟ ଉପଭୋଗ କଲା। ସମ୍ଭୋଗ ପରେ ଭିକାରୁଣୀଟି ତାର ଝଡ଼ିପଡୁଥିବା ଆଙ୍ଗୁଠିଗୁଡ଼ିକୁ ଦେଖେଇ ହସିଦେଇ କହିଥିଲା ତାର ରୋଗ ସମ୍ପର୍କରେ। ତା'ପରେ ପ୍ରତିଶୋଧ ନେଇଥିବାର ଖୁସିରେ ଭିକାରୁଣୀଟି ଖୁବ୍ ଯୋର୍‌ରେ ହସି ଉଠିଥିଲା। ତଥାପି ସେ ନିଜେ ଏଭଳି ପଙ୍କିଳ ପରିସ୍ଥିତିରେ ଏତେ ଅଭ୍ୟସ୍ତ ଯେ, ନିଜକୁ ଟିକେ ହେଲେ ସୁଦ୍ଧା ଘୃଣା ଲାଗିଲାନାହିଁ। ତାର ଏ ମନୋଭାବ ଦେଖି ଭିକାରୁଣୀଟି ବ୍ୟସ୍ତ ହୋଇପଡ଼ି ଦୁଇଦିନ ଧରି ସେ ଆଡ଼କୁ ଆଉ ଆସିଲା ନାହିଁ। ଦିନ ତମାମ ସିନେମା ଘର, ବଜାର, ଗଳି, ଗାଁ ସାରା ସେଇ ଭିକାରୁଣୀକୁ ଖୋଜି ବୁଲିଲା।

ମଣିଷ ଦେହ ଧାରଣ କଲେ ମଧ୍ୟ ଦେହରେ ତାର ଏମିତି ଭାବେ ସୃଷ୍ଟି ଜମାଟ ବାନ୍ଧିଥିଲା ଯେ ନିଜର ଆଳସ୍ୟପଣକୁ ସୁଖ ଭାବି, ଆଳସ୍ୟର ବୋଝ ଉଠାଇ, ଅତି ଘୃଣ୍ୟ ପାଗଳା କୁକୁର ଭଳି ଘୁରିବୁଲେ। ପେଟ ଓ ଦେହର କ୍ଷୁଧାର ବିକୃତ ଇଚ୍ଛା ପୂରଣ ପାଇଁ ଘୁରିବୁଲିବା ସମୟ ଛଡ଼ା, ବାକି ସମୟତକ ସେଇ ସରାଇ ଘରେ ଶୋଇ ଶୋଇ କଟାଇ ଦିଏ।

ଦିନେ ସକାଳ ବେଳେ—

ବଜାର ଯାଉଥିବା ଲୋକ, ରେଳରେ ପାଖ ଗାଁକୁ ପଢ଼ିଯାଉଥିବା ପିଲାଙ୍କ ଗହଳ ଚହଳରେ ସମଗ୍ର ରାସ୍ତାଟି ଭରି ଉଠିଛି। ସୂର୍ଯ୍ୟର ତୀବ୍ର କିରଣ ଦେହରେ ଛୁଞ୍ଚିଭଳି ଫୋଡ଼ି ହୋଇ ଯାଉଛି। ଏ ଅବସ୍ଥାରେ ମଇଳା ଓ ଚିରାଫଟା ପିନ୍ଧା ଧୋତି ଖୋଲି ସେଥିରେ ମୁହଁଠୁ ଗୋଡ଼ଯାଏଁ ଘୋଡ଼େଇ ହୋଇ ତା ଭିତରେ ଗର୍ଭପିଣ୍ଡ ଭଳି ଦୁଇ ହାତକୁ ଗୋଡ଼ ଭିତରେ ଜାକି ଆଣ୍ଠୁମୋଡ଼ି ଶୋଇ ଯାଇଛି ସେ।

ମୁହଁରୁ ଲାଳ ନିଗିଡ଼ି ପଡ଼ି ସବୁଆଡ଼େ ମାଛି ଭଣଭଣ ହେଉଛନ୍ତି। କିଛି ଚିନ୍ତା ନକରି ଘୁଙ୍ଗୁଡ଼ି ମାରି ଶୋଇ ପଡ଼ିଛି।

ଏହାର ନାମ ହିଁ ସୁପ୍ତି। ଶରୀରକୁ ନିଦ ତ ଦରକାର ପଡ଼େ। ହେଲେ ଅସମୟରେ ଏପରି ଶୋଇବାର ଢଙ୍ଗର ନାମ ହିଁ ସୁପ୍ତି। ଆଉ ଏଇ ଆଳସ୍ୟକୁ ସୁଖ ବୋଲି ଭାବିବାର ନାମ ହେଉଛି ତାମସଭାବ।

ପ୍ରଚଣ୍ଡ ଭାବେ ତେଜମାନ ହୋଇ ଉଠୁଥିବା ଖରା ତାର ଦେହରେ ମୃଦୁ ସ୍ପର୍ଶ ଦେଲା। ରାସ୍ତା ଆଡକୁ ପିଠିକରି ସରାଇ ଘର କାନ୍ଥ ଦେହରେ ନେସିହୋଇ ଶୋଇଥିଲା। ମୁଣ୍ଡ ଉପରକୁ ଖରା ଆସିବା ଯୋଗୁଁ ସରାଇ ଘର ଛାଇ ବି ଛୋଟ ହୋଇଗଲା। କିରଣର ଉତ୍ତାପ, ତାର ଦେହ ତଳେ ହୋଇ ମାଟିକୁ ସ୍ପର୍ଶ କରିଗଲା, ହେଲେ ଅଳସୁଆମୀ ଯୋଗୁଁ ଦେହକୁ ମାଟିର ତାତି ବି ଜଣାପଡୁନି। ଦେହକୁ ମାଟିର ତାତି ଜଣା ନ ପଡ଼ିବାର କାରଣ ହେଉଛି, ବୁଢା ଅଜଗର ସାପ ମୋଡ଼ି ମୋଡି ହେଲାଭଳି ସେ କର ନେଉଟାଇ ପୁଣି ଶୋଉଛି। ରାସ୍ତାରେ ପାଟିତୁଣ୍ଡ ଯୋଗୁଁ ମଝିରେ ମଝିରେ ନିଦ ଭାଙ୍ଗିଗଲେ ବି ଉଠିବା ପାଇଁ ମନ ଡାକୁନାହିଁ। ସେମିତି ପଡ଼ିରହିଛି। ସେଇ ଖରା ଓ ଖରାର ଗରମରୁ ରକ୍ଷା ପାଇବା ପାଇଁ ଯେତେ କମ୍ ହୋଇପାରେ ଅଭ୍ୟାସବଶତଃ ଟିକିଏ କାନ୍ଥ ତରାକୁ ଘୁଞ୍ଚିଗଲା। ତଥାପି ଖରା ଧିରେ ଧିରେ ମାଡିଯାଉଛି। ନିଦ ଭାଙ୍ଗିଲା ମାତ୍ରେ କେମିତି ଚିଡ଼ି ଉଠିଲା, ହେଲେ ନିଜେ ନ ଉଠି କାନ୍ଥ ପାଖକୁ ଆହୁରି ଲାଗି ଶୋଇଗଲା।

ସାମ୍ନାରେ ଥିବା ଚା’ ଦୋକାନରେ କପ୍ ପ୍ଲେଟର ଠଣ ଠଣ ଶବ୍ଦ ଆସୁଛି। ଶବ୍ଦ ଶୁଣିଲା ମାତ୍ରେ ମନକୁ ମନ ଚା’ପିଇବାର ତୀବ୍ର ଇଚ୍ଛା ଓ କଳ୍ପନାକୁ ଆଉ ଦବେଇ ଦେଇ ପାରିଲା ନାହିଁ।

ଖରା ଆଉ ଟିକିଏ ପାଖକୁ ଘଷି ହୋଇ ଆସିଲା। କାନ୍ଥ ଯୋଗୁଁ ଆଉ ଆଗକୁ ଘୁଞ୍ଚି ହେଉନି। ଗୋଟିଏ ପଟେ କାନ୍ଥ, ଅନ୍ୟଆଡୁ ଖରା। ଏ ଦୁହିଙ୍କ ମଝିରେ ଚେପେଇ ହୋଇ ଚିଡଚିଡ଼ି ହୋଇ ବସିଲା। ପ୍ରଚଣ୍ଡ ଖରାଯୋଗୁଁ ଆଖି ଝଲମଲ୍ କରୁଛି। ଗୋଟିଏ ଆଖି ବି ଖୋଲି ହେଉନି। ଆଖିର ଲେଞ୍ଜରା ଶୁଖିଯାଇ ପତାଗୁଡିକ ଲଟକି ଯାଇଛି।

ଆଖି ମଳୁ ମଳୁ କାନ ପଟରୁ ବିଡି ବାହାର କଲା। ବିଡିରେ ନିଆଁ ଧରେଇ, ଧୂଆଁ ଫୁଙ୍କିଲା ବେଳକୁ ଅଧାଖୋଲା ଆଖି ଆଗରେ କାହାର ଅସ୍ପଷ୍ଟ ଦେହ ଦିଶୁଛି। ହାତରେ ବିଡ଼ିର ଧୂଆଁ ଆଡ଼େଇ ଆଖିପତା ଆଡ଼େଇ ଦେଖିଲା।

ତା ଆଗରେ ଲୋକଟିଏ ହାତଯୋଡି ପ୍ରଣାମ କରିବା ଭଙ୍ଗିରେ ସଂକୁଚିତ ହୋଇ ଠିଆ ହୋଇଛି। ନିଜେ ବିସ୍ମିତ ହୋଇ ଠିକ୍ ସମ୍ଭାଳି କରି ବସିଲା। ପଛଆଡ଼କୁ ମୁହଁ ମୋଡ଼ି ଦେଖିଲା କାନ୍ଥ ଦେହରେ କୌଣସି ଚିତ୍ର ବା ମୂର୍ତ୍ତି ଫୁର୍ତ୍ତି ତ ନାହିଁ? ତାର ଏ ଅବସ୍ଥା ଆଗରେ ଠିଆ ହୋଇଥିବା ଲୋକକୁ ତାର ଅଲୌକିକ ଶକ୍ତିର ଆଭାସ ଭଳି ଜଣାଗଲା। ଲୋକଟି ବିଚରା ଆହୁରି ବିନୟୀ ଭାବେ ସଂକୁଚିତ ହୋଇ ଠିଆହୋଇ ରହିଲା।

ପ୍ରଣାମ ମୁଦ୍ରାରେ ଥିବା ଲୋକର ବୟସ କୋଡ଼ିଏ ଖଣ୍ଡେ ହେବ। ମୁହଁରେ ଅଳ୍ପ ଦାଢ଼ୀ। କାନ୍ଧ ଉପର ଯାଏଁ ମୁଣ୍ଡବାଳ ନଇଁ ଆସିଛି। ବଡ଼ ବଡ ଆଖିରେ ତେଜସ୍ୱୀଭାବ ଫୁଟି ଉଠୁଛି। ମେଲା ଦେହ, ଅଣ୍ଟାରେ ଛୋଟ ତଉଲିଆ ଖଣ୍ଡେ ବାନ୍ଧିଛି। ଦେହର ସ୍ଥାନେ ସ୍ଥାନେ ବିଭୂତିର ପ୍ରଲେପ। ଜଣେ 'ନାୟନୟାର' (ଶିବଭକ୍ତ) ବୋଲି ଜଣାଯାଉଛି।

''ଯେ ମୋତେ କ'ଣ ନମସ୍କାର କରୁଛି? ପାଗଳଟାଏ ନା କଣ?'' ମନକୁ ମନ ଭାବିଲାବେଳକୁ ହସ ଲାଗିଲା। କହିଲା, ''ଆବେ ଏ ଏଠିକି ଆସି ପ୍ରଣାମ କ'ଣ କରୁଛୁ? ଏଇଟା ମନ୍ଦିର ନୁହେଁ ସରାଇ ଘର, ସରାଇ ଘର। ବୁଝିଲୁ? ମୋତେ ସାଧୁ ଫାଧୁ ଭାବିଲୁ କି? ମୁଁ ତ ଗୋଟିଏ ମାଗିଖିଆ ଭିକାରୀ।'

ଏତକ କହୁ କହୁ ନିଜେ ସରାଇ ଘର ବାରଣ୍ଡାରେ ବସିଲା।

''ଆହାଃ। ମନ୍ଦିର ବୋଲି କୌଣସି ଜାଗା ନାହିଁ ସବୁ ଜାଗା ସରାଇ ଘର। କେହି ସାଧୁ ବି ନୁହେଁ। ସଭିଏଁ ତ ଭିକାରୀ,'' ଯୁବକଟି ଆଖିବୁଜି ଧର୍ମୋପଦେଶକ ଭଳି ବାରମ୍ବାର ଏତକ କହୁଥାଏ। ନିଜ ବକ୍ତବ୍ୟର ନୂଆ ନୂଆ ଅର୍ଥ ବି ସତେ ଯେପରି ନିଜର ମନ ଭିତରେ ସଂଚାରିତ ହୋଇ ଉଠୁଛି।

ବାରଣ୍ଡାରେ ବସିଥିବା ଭିକାରୀଟି ମନ ଭିତରେ ଚିଡ଼୍ ଚିଡ ହେଲା। ''ଶଳା ପାଗଳ, କେଉଁଠାକାର। ଯୋଡ ହସ୍ତରେ ଛିଡା ହୋଇଥିବା ଯୁବକଟି ଗଦ୍‌ଗଦ୍ କଣ୍ଠରେ କହିଲା 'ପ୍ରଭୁ' ।

ଏଇ କଥା ପଦକରେ ଭିକାରୀଟିକୁ ଖୁବ୍ ଯୋର୍‌ରେ ହସ ମାଡିଲା। ତଥାପି ହସ ସମ୍ଭାଳି ଚୁପ୍ ପଡିଲା। ''ପ୍ରଭୁ' ମୋତେ ନିଜର ଶିଷ୍ୟ ଭାବରେ ସ୍ୱୀକାର କରନ୍ତୁ। ଆପଣଙ୍କ ସେବା କରିବା ଲାଗି ଓ ଆପଣଙ୍କ ମୁଖ ନିଃସୃତ ଆଦେଶ ମାତ୍ରେ ସେବା କରିବା ଲାଗି ଅନୁମତି ଦେବାର କୃପା କରନ୍ତୁ ପ୍ରଭୁ।''

ବାରଣ୍ଡାରେ ବସିଥିବା ଭିକାରୀଟି କିଛି ବୁଝି ପାରୁ ନଥାଏ। ତଥାପି କହିଲା, ''ଠିକ୍ ଅଛି ଯା ଚା କପେ ଆଣ।'

ଆଦେଶ ମିଳିବା ମାତ୍ରେ ଯୁବକକୁ ଜଣାଗଲା ତାକୁ ଶିଷ୍ୟ ଭାବରେ ଗ୍ରହଣ କରିବା ଲାଗି ସ୍ୱୀକୃତି ମିଳିଛି। ଖୁସିରେ ଅଣ୍ଟାରେ ଖୋସିଥିବା ରେଜା ପଇସା ବାହାର କରି ଚା' ଦୋକାନ ଆଡକୁ ଧାଇଁଲା। ତା ହାତରେ ଥିବା ରେଜା ପଇସାର ପରିମାଣ ଗୁରୁ ନିଜର ଗୃଧ୍ର ଦୃଷ୍ଟିରେ ଅନୁମାନ କରି ସାରିଥିଲା। ତାଳି ବଜାଇ ଧାଇଁ ଯାଉଥିବା ଯୁବକକୁ ଡାକି ପୁଣି କହିଲା,''ବିଡ଼ି ବି ସାଙ୍ଗରେ ଆଣିବୁ।''

ଚା' ଦୋକାନ ଭିତରେ ଶିଷ୍ୟ ଜଣକ ଆଖି ଆଗରୁ ଆଡ଼ ହୋଇଗଲା ପରେ ଏ ଚେଲା ସଂପର୍କରେ ଗୁରୁ ନାନା କଥା ଭାବି ନିଜ ଭାଗ୍ୟର ଖେଳ ଦେଖି ଖୁବ୍ ଯୋର୍‌ରେ ହସି ଉଠିଲା। ଭଲ ଲୋକଟାଏ ମିଳିଲା। ତାର ମନ ଭ୍ରମକୁ ଚାଲୁ ରଖିବାକୁ ପଡ଼ିବ। ଆଉ ବାରଣ୍ଡା ତଳକୁ ଓହ୍ଲାଇବାର ଦରକାର ନାହିଁ। ଖୁବ୍ ଆରାମରେ ରହିବ। ମୋତେ ଆଉ ଭିକ ପାଇଁ ବି ଘୁରିବାକୁ ପଡ଼ିବ ନାହିଁ।

ଚେଲାଟିଏ ତ ମିଳିଛି , କହିଲେ ଯେଉଁଠୁ ହେଲେ ଆଣିବ। ରୋଜଗାର କରି, ନୋହିଲେ ଭିକ ମାଗି ଆଣିବ , ବିଚିତ୍ର କଥା ନିଜର ଭାଗ୍ୟ ବି ଚମକି ଉଠିଲାଣି ''

ନିଜେ ବହୁତ ଆନନ୍ଦିତ ହୋଇ ଉଠୁଥିଲା।

ଅଳ୍ପ ସମୟ ପରେ ଚେଲା ଦୁଇ ହାତରେ ଚା' ଓ ବିଡ଼ି ଧରି ଫେରିଲା। ନୈବେଦ୍ୟ ଦେବାଭଳି ସେଗୁଡ଼ିକୁ ଧରି ଗୁରୁଙ୍କ ଆଗରେ ଛିଡ଼ା ହେଲା।

ଗୁରୁଙ୍କ ଓଠରେ କୃତ୍ରିମ ହସ, ହେଲେ ଆଖି ଲାଗି ରହିଛି ଚେଲା ହାତରେ ଥିବା ଚା' ଓ ବିଡ଼ି ଉପରେ। ଜୀବନରେ ପ୍ରଥମ ଥର ପାଇଁ କୌଣସି ଜିନିଷକୁ ଦେଖି ଏଇଟା ମୋ ନିଜ ଜିନିଷ — ଏଥିପାଇଁ ଭିକ ମାଗିବାକୁ ପଡ଼ିବ ନାହିଁ ଏଇ ଭାବ ତାର ଆଖି ଆଗରେ ଫୁଟି ଉଠୁଥିଲା। ତାକୁ ଟାଣିନେବା ପାଇଁ କୌଣସି ପ୍ରକାର ଚଞ୍ଚଳତା ପ୍ରକାଶ କଲା ନାହିଁ। ଭ୍ରମ ଓ ମିଥ୍ୟାର ଆବରଣ ଭିତରେ ଚେଲାକୁ ରଖିବାକୁ ଚାହୁଁଥିଲା। ଟିକିଏ ଚାଲାକି କରି କହିଲା

''ଯା ହେଉ, ଶେଷରେ ତୁ ମୋତେ ଚିହ୍ନିଲୁ। ପ୍ରକୃତରେ ତୁ ଉପଯୁକ୍ତ ଶିଷ୍ୟ। ମୋତେ ତୁ ଆଜି ଚିହ୍ନିଲୁ। ମୁଁ କିନ୍ତୁ ତୋତେ ବହୁ ଦିନରୁ ବାଟ ଚାହିଁ ରହିଥିଲି। ଏଇଲେ ତୋତେ କିଛି ପଚାରିବି। ଠିକ୍ ଠିକ୍ ଉତ୍ତର ଦେବୁ। ତା' ମାନେ ନୁହେଁ ଯେ, ମୁଁ କିଛି ଜାଣେ ନା। ସବୁ ଜାଣେ। ସବୁ ଜାଣିଲେ ବି ପଚାରିବାଟା ନିହାତି ଆବଶ୍ୟକ।''

ଦୁଇ ହାତରେ ଚା' ଆଉ ବିଡ଼ି ଧରିଥିବା ଯୋଗୁଁ ଚେଲା ହାତଯୋଡ଼ି ପାରିଲା ନାହିଁ। ତଥାପି ନିଜର ମୁହଁର ଭାବରୁ ଓ ମୁଣ୍ଡ ନୁଆଇଁ ନିଜର ନମ୍ରତା ପ୍ରକାଶ କଲା।

''ତୁ କିଏ? କେଉଁ ଗାଁର? ତୋର ନାଁ କ'ଣ? ଏଠାକୁ କୁଆଡ଼େ ଆଇଲୁ? କେମିତି ଜାଣିଲୁ ଯେ ମୁଁ ତୋର ଗୁରୁ ବୋଲି ? ଚା' ଥଣ୍ଡା ହୋଇ ଯାଉଛି , ଏଆଡ଼େ ଆଣ ।''

ଚା' ପିଉ ପିଉ ମୁଣ୍ଡ ହଲାଇ ହଲାଇ ଚେଲାର ଉତ୍ତର ଶୁଣିବାକୁ ଲାଗିଲା।

''ଗୁରୁଦେବ! ମୁଁ ଜଣେ ଅନାଥ ବାଳକ ସେଇଠି 'ମୁରୁଗନ୍'ଙ୍କ ଯେଉଁ କାର୍ତ୍ତିକ ସ୍ୱାମୀଙ୍କ ମନ୍ଦିର ଅଛି ନା, ତାର 'ମଡ଼ପଲ୍ଲୀ' (ରାନ୍ଧୁଆ ଘର)ରେ କାମ କରେ ସେଠାର 'ଅଇୟର୍' (ଶୈବ ବ୍ରାହ୍ମଣ) ଏଥିପାଇଁ ମୋତେ ତିନି ଓକତ ଖାଇବା ଛଡ଼ା ଖର୍ଚ୍ଚ ପାଇଁ ଦିନକ ଚାରିଅଣା ପଇସା ଦିଅନ୍ତି ଜୀବନ ପ୍ରତି ମୋର ମୋହ ତୁଟି ଗଲାଣି। ଜାଣୁଛି, ଜୀବନର କିଛି ଅର୍ଥ ନାହିଁ, ତଥାପି ସେଇ ଶରୀରର ବୋଝ ବୋହି ବୁଲିବା ଖୁବ୍ ଅସହ୍ୟ ହୋଇ ପଡ଼ିଲାଣି ସମସ୍ତେ କହନ୍ତି ମାୟା ମମତାହିଁ ସବୁ ଦୁଃଖର କାରଣ , କୌଣସି ଜିନିଷ ପ୍ରତି ମୋର ମାୟା କି ମମତା ନାହିଁ, ତଥାପି ମୁଁ ଦୁଃଖୀ , କେଉଁ ରାସ୍ତାରେ ଗଲେ ଯେ ମୋତେ ମୁକ୍ତି ମିଳିବ, ସେ କଥା ଜାଣେନା ।।କାଲି ସପନରେ ଆପଣ ମୋ ଉପରେ ସନ୍ତୁଷ୍ଟ ହୋଇ

କହିଲେ, 'ଏ ସରାଇ ଘର ହିଁ ଗୁରୁପୀଠ' ଏ ଘରକୁ ଆସିବା ପାଇଁ ସପନରେ ମୋତେ ଡାକିଲେ , ଆପଣ ପଚାରିଲେ ବୋଲି ଏସବୁ କହୁଛି , ଆପଣ ନିଜେ ତ ଅନ୍ତର୍ଯ୍ୟାମୀ ମନକଥା ସବୁ ଜାଣୁଛନ୍ତି ତୁରନ୍ତ ଉଠିପଡି ସକାଳୁ ଆପଣଙ୍କ ସାନ୍ନିଧ୍ୟ ପାଇବା ଆଶାରେ ଧାଇଁଛି। ଏତ ମୋର ପରମ ସୌଭାଗ୍ୟ ପ୍ରଭୁ! ଆପଣଙ୍କ କୃପାଦୃଷ୍ଟି ମୋ ଉପରେ ପଡ଼ିଲା ।"

ନିଶ ଉପରେ ହାତ ସାଉଁଳି, ଖାଲି ପ୍ଲେଟଟି ବଢ଼ାଇ ବଢାଇ ଗୁରୁ କହିଲା, "ବେଶ୍ ବେଶ୍ ।'

ତା' ଦୋକାନରେ ପ୍ଲେଟ୍‌ଟି ଫେରାଇବା ପାଇଁ ଚେଲା ଚାଲିଗଲା। ବିଚାରାଟାର ବେଶ୍ ପରୀକ୍ଷା ନେଉଛନ୍ତି ଭଗବାନ୍ । ତା ଉପରେ ଅନାକ୍ରୋଶ ଭାବରେ ଗୁରୁ ହସିଲା। "ହୁଁ ମୋର ସେଥିରେ କଣ ଅଛି ? ମୋତେ ତ ଚେଲାଟିଏ ମିଳିଲା ।" ତା ମନରେ ଅପରିମାପିତ ତୃପ୍ତି।

ଚେଲାଟି ଫେରିବା ପରେ ତାର ନା' ପଚାରିଲା। ତାର ଉତ୍ତର ମିଳିବା ଆଗରୁ ନିଜେ କେତେ ଯେ ଜଣାଅଜଣା ନାଁ ମନେ ପକାଇ ଗୁରୁ ହସି ଉଠିଲା। ଚେଲା ନିଜ ନାଁ କହିବା ଆଗରୁ ସେ ନିଜେ ଯଦି ତା ର ନାଁ କହିପାରନ୍ତା ? ଆଃ କେମିତି ମଜା ହୁଅନ୍ତା ? ଗୁରୁଙ୍କ ହଠାତ୍ ଅଟ୍ଟହାସ୍ୟରେ ଉତ୍ତର ଦେବା ପାଇଁ ଚେଲା ଶଙ୍କିତ ହୋଇ ଉଠିଲା।

ଗୁରୁ କହିଲା, "ନାମ ପଚାରିଲେ ସବୁ ଲୋକ ଭିନ୍ନ ଭିନ୍ନ ନାଁ କହନ୍ତି। ପ୍ରଶ୍ନ ଗୋଟାଏ, ହଜାର ହଜାର ଉତ୍ତର।"

ସତେ ଯେପରି ଗୁରୁ କେଉଁ ଏକ ଗୂଢ ତଥ୍ୟ ବ୍ୟାଖ୍ୟା କରୁଛନ୍ତି। ଗୁରୁଙ୍କର ଶ୍ରୀମୁଖ ନିସୃତ ମହାନ୍ ତତ୍ତ୍ୱଜ୍ଞାନ ଶୁଣି ଚେଲା ବିସ୍ମିତ ହୋଇଗଲା।

"ଆଚ୍ଛା ତୋତେ ତୋ ନାଁ କହିବାକୁ ପଡିବ । ମୁଁ ଗୁରୁ ଆଉ ତୁ ଶିଷ୍ୟ , ମୋ ନାଁ ଗୁରୁ। ତୋର ନାଁ ଶିଷ୍ୟ। ତୁ ତ 'ଗୁରୁବେଃ ଗୁରୁବେଃ ଡାକିବା ଆରମ୍ଭ କଲୁଣି। ମୁଁ ମଧ ତୋତେ 'ଶିଷ୍ୟା, ଶିଷ୍ୟା' ବୋଲି ଡାକିବି , ଠିକ୍ ଅଛି ତ?" ଗୁରୁ କହି ଚାଲିଥିଲା।

"ତା' ହେଲେ ସବୁ କଣ ଗୋଟିଏ ନାମ?" ଗୁରୁର ଏ ବକର୍ ବକର୍ ମଧରେ ଶିଷ୍ୟ କିଛିଟା ରହସ୍ୟ ବୁଝିପାରି ତା ଆଖି ଚମକି ଉଠିଲା।

ଗୁରୁ ନିଜ ପ୍ରତି ଆଶ୍ଚର୍ଯ୍ୟ ହେଲା ,"କଣ ସବୁ ମୁଁ କହିଯାଉଛି?"

ସେମାନଙ୍କ କଥାବାର୍ତ୍ତା ସେମିତି ଚାଲିଥିଲା।

ଦ୍ୱି-ପହରେ ଆଉ ରାତିରେ ଚେଲାକୁ ମଡପଲ୍ଲୀରେ ମିଳୁଥିବା 'ପୁଲିୟୋଦରୈ' (ତେନ୍ତୁଳି ମିଶା ଭାତ) ଓ 'ମିଠା ପୋଙ୍ଗଲ୍' (ଚିନି ଓ ଦୁଧ ମିଶେଇ ତିଆରି ହୋଇଥିବା ଚାଉଳ କ୍ଷୀରି) ଇତ୍ୟାଦି ବଡ ଶ୍ରଦ୍ଧାରେ ଗୁରୁଙ୍କୁ ଆଣିଦେଲା। ଗୁରୁ ନିଜ ଜୀବନରେ ଏତେ ସୁଆଦିଆ, ସୁବାସିତ, ସଫାଖାଦ୍ୟ ଏତେ ସ୍ନେହ ଓ ଏତେ ଆଗ୍ରହ କେବେ ଦେଖି ନାହିଁ। ଅଭ୍ୟାସବଶତଃ ନିଜର ଛଳନା ଭୁଲିଯାଇ ମୁଠାମୁଠା ଖାଦ୍ୟ ମୁହଁରେ ଭରିଲା ବେଳକୁ ଶିଷ୍ୟ ବଡ ଆଗ୍ରହରେ ଗୁରୁଙ୍କୁ ଅନେଇ ରହେ।

କେଜାଣି କାହିଁକି ଗୁରୁର ଆଖି ଛଳ ଛଳ ହୋଇ ଉଠିଲା। ଶିଷ୍ୟ ପୁଣି ଡ୍ରାମରେ ପାଣି ଆଣିଦେଲା।

ଆରଦିନ ବି ଠିକ୍ ସେଇ ସମୟରେ ଶିଷ୍ୟ ଆସି ସରାଇ ଘର ବାରଣ୍ଡା ତଳେ ଛିଡ଼ା ହେଲା। ଗୁରୁ ପାଇଁ ଚା' ଓ ବିଡ଼ି ଆଣି ସାରିବା ପରେ ଗୁରୁଙ୍କୁ ନଈକୁ ନେଇ ତାର ଛିଣ୍ଡା କପଡ଼ା ଧୋଇଦେଲା। ଗୁରୁଙ୍କୁ ଗାଧୋଇ ବି ଦେଲା।

ମୁଣ୍ଡ ଉପରେ ଖରାତେଜ ହୋଇ ଗୁରୁଙ୍କୁ ପ୍ରବଳ ଭୋକ ଲାଗିବାଯାଏଁ ସେମାନେ ନଈରେ ପହଁରି ପହଁରି ଗାଧୋଉଥିଲେ।

"ଗାଧୋଇବାକୁ ଭଲ ଲାଗୁଛି। କିନ୍ତୁ ଗାଧୋଇଲେ ଆଉ ଲାଭ କଣ ? ସବୁଦିନ ଗାଧୋଇଲେ ବି ଦେହ ମଇଳା ହୋଇଯାଏ ଭୋକ ଲାଗେ ଆମେ ପୁଣି ଖାଉଁ ପୁଣି ତ ଭୋକ ଲାଗି ରହିଥାଏ , ଯେତେ ଗଧୋଇଲେ ବି ମଇଳା ଦିଶୁଥିବ ମଇଳା ଜମିଲା ବେଳକୁ ଗାଧୋଇବାକୁ ପଡ଼େ , ଭୋକ ଲାଗିଲେ ଯେମିତି ଖାଇବାକୁ ପଡ଼େ ଖାଉଥିଲେ ବି ଭୋକ କେତେ ମଜା କଥା।" କହି କହି ଗୁରୁ ହସିଲା। ହସି ହସି ହଠାତ୍ ଭାବିଲା, "ମୁଁ ବେକାର କଥା କଣ କହୁଛି।" ଡରିଯାଇ ଚୁପ୍ ପଡ଼ିଗଲା।

ହାତ ଯୋଡ଼ି ଶିଷ୍ୟ ଗୁରୁବାଣୀ ଶୁଣିଯାଉଛି।

ସେଦିନ, ତା ପରିଦିନ ଓ ତା'ପରେ କିଛିଦିନ ଧରି ଏଭଳି ଭାବେ ଶିଷ୍ୟ ଗୁରୁ ପାଇଁ ସକାଳୁ ଚା'ବିଡ଼ି ଆଣେ, ଦ୍ୱି-ପହରେ ନଈକୁ ନେଇ ଗାଧୋଇଦିଏ, କପଡ଼ା ଧୋଇ ଦିଏ, ଖାଇବାକୁ ଆଣିଦିଏ। କେବେ ତାଙ୍କୁ ଏକା ଛାଡ଼େନି, ଭିକ ମାଗିଯିବା ବା ବୁଲିବା ପାଇଁ ଛାଡ଼େନି। ସବୁବେଳେ ଗୁରୁ ପାଖେ ପାଖେ ଥାଏ।

ବଜାରରୁ ଫେରି କିଛି ସମୟ ଲାଗି ଆରାମ କରିବା ପାଇଁ ସରାଇ ଘରକୁ ଆସୁଥିବା ଲୋକେ ବହୁ ସମୟ ଧରି ଗୁରୁର ବକ୍ ବକ୍ କଥା ଓ ସେଗୁଡ଼ିକରୁ ନୂଆ ନୂଆ ଅର୍ଥ ବିଶ୍ଳେଷଣ କରୁଥିବା ଶିଷ୍ୟର ଭାଷଣ ଓ ଗୁରୁ-ଚେଲା-ସମ୍ବାଦର ତାମ୍‌ସା ଶୁଣନ୍ତି। କିଛିଦିନ ପରେ କେତେ ଲୋକ କହିବାର ଶୁଣାଗଲା ଯେ, ମୂଳରୁ ସେମାନେ ଗୁରୁଙ୍କୁ ଜଣେ ମହାନ୍ ସିଦ୍ଧ ପୁରୁଷ ବୋଲି ଭାବୁଥିଲେ। କହିବା ବାହୁଲ୍ୟ, ଏଭଳି ସିଦ୍ଧ ପୁରୁଷମାନେ ମଇଳା ଛିଣ୍ଡାଲୁଗା ପିନ୍ଧି, ଫିଙ୍ଗା ପତରରୁ ଅଇଁଠା ଖାଇ ବୁଲିବା କଥା ବି ସେମାନେ କୁଆଡ଼େ ଅନୁଭବ କରିଥିଲେ। ଗୁରୁ ସେ କଥା ଜାଣନ୍ତି ନାହିଁ , ଏତେ ଗହନ କଥା ବୁଝିବା ପାଇଁ ଲୋକଙ୍କ ମନର ପରିପକ୍ୱତା ଦରକାର। ଗୁରୁ ଏବେ ଶିଷ୍ୟ ମନର ପରିପକ୍ୱତା ଥିବା କଥା କହି ଶିଷ୍ୟର ପ୍ରଶଂସାରେ ମଝିରେ ମଝିରେ ଶତମୁଖର ହୋଇ ଉଠୁଥିଲା।

ଏପରି ଜଣେ ମହାପୁରୁଷଙ୍କୁ ଚିହ୍ନି ନପାରି, ପୂର୍ବରୁ ତାଙ୍କୁ ଘଉଡ଼ାଇ ଦେଇଥିବା ଘୋର ଅପରାଧ ଯୋଗୁଁ ଆଉ କେତେକ ଲୋକ ମନକୁ ମନ ବା ପ୍ରକାଶ୍ୟ ଭାବେ ଗୁରୁଙ୍କ କ୍ଷମାପ୍ରାର୍ଥୀ ହୋଇଥିଲେ।'

ଏବେ ଗୁରୁଙ୍କ ଶିଷ୍ୟ ସଂଖ୍ୟା ଦିନକୁ ଦିନ ବଢ଼ିବାକୁ ଲାଗିଲା । ହାଟକୁ ଆସୁଥିବା ବେପାରୀ ତଥା ଅନ୍ୟାନ୍ୟ ଲୋକ ବି ଗୁରୁଙ୍କ ତାମସା ଦେଖି ତାଙ୍କୁ ଚା, ବିଡ଼ି, ଫଳ ଇତ୍ୟାଦି କିଣି ଦେବାକୁ ଲାଗିଲେ ।

ତାର ଖାଇବା ଢ଼ଙ୍ଗ, ଫଳ ଚୋପା ଫିଙ୍ଗିବା ଭଙ୍ଗୀ, ବିଡ଼ି ପିଇବାବେଳେ ମୁହଁର କାନ୍ତି, ପୂରା ଚିତ୍ ହୋଇ ଶୋଇ ତାର ଯୋଗ ସାଧନା, ଆଖି ଖୋଲି ବିଚିତ୍ର ଭାବେ ଦେଖିବା, ଆଖି ମୁଦି ଦେଇ ମୁହଁର ଭାବ ଇତ୍ୟାଦି ଦେଖି ଲୋକେ ବିସ୍ମିତଭରା ଭକ୍ତିରେ ଗଦ୍‌ଗଦ୍ ହୋଇ ଉଠୁଥିଲେ ।

ଆଗରୁ ଗୁରୁଙ୍କୁ ଏସବୁ ସୁବିଧାଜନକ ଆଉ ମଜା ଲାଗୁଥିଲା । ତଥାପି କିଛିଦିନ ଯାଏଁ କିଛି ନ ବୁଝି ଘାବରେଇ ଯାଇଥିଲା । କିନ୍ତୁ କିଛିଦିନ ପରେ ସବୁ ବୁଝିଗଲା, ତା ଆଖି ଆଗରେ ସବୁ ରହସ୍ୟ ଖୋଲିଗଲା । ଦିନେ ରାତିରେ –ଗୁରୁ ଆଖିରେ ନିଦ ନାହିଁ । କୁଆଡୁ କୁଆଡୁ ମନ ଭିତରେ ସବୁ ଆଜେ ବାଜେ ଚିନ୍ତା ମାଡ଼ି ଆସୁଛି । ମାନେ, ଶିଷ୍ୟସହ ଯେ ଭଳି କଥା କହୁଥିଲା, ବର୍ତ୍ତମାନ ନିଜେ ନିଜକୁ ସେ କଥା ଶୁଣାଯାଉଛି ।

ମେଲା ଆକାଶର ତାରକାପୁଞ୍ଜ ସଂପର୍କରେ, ତାର ପୂର୍ବଜନ୍ମ କଥା, ମୃତ୍ୟୁ ଓ ତା ପର କଥା ସଂପର୍କରେ ସବୁ ବିଷୟରେ ଭାବୁଛି । ଭାବିଲେ ବି ମନରେ ଶାନ୍ତି ନାହିଁ ।

''ତୋ ଶିଷ୍ୟ ହୋଇ ଆସିଛି ନା , ପ୍ରକୃତରେ ସେହିଁ ତୋର ଗୁରୁ । ଶିଷ୍ୟ ଭାବେ ତୋତେ ଦୀକ୍ଷା ଦେଉଛି , ତୁ କେମିତି କାବୁରେ ଆସିବୁ ସେ ସବୁ ଜାଣିଥିଲା , ତେଣୁ ଶିଷ୍ୟ ରୂପରେ ଆସିଲା ଯେଉଁ ପାଖରେ ଥା , ଯିଏ ଶିଖାଏ, ସେ ହିଁ ଗୁରୁ ଯିଏ ଶିଖେ ସେ ଶିଷ୍ୟ ଶିବଙ୍କ କୋଳରେ ବସି ତାଙ୍କୁ କଣ 'ମୁରୁଗନ' (କାର୍ତ୍ତିକେଶ୍ୱର) ଦୀକ୍ଷା ଦେଇ ନ ଥିଲେ ? ସେଇଠି ଶିଷ୍ୟର କୋଳ ହିଁ ଗୁରୁପୀଠ ହୋଇଥିଲା, ତୁ ତାଙ୍କୁ ପ୍ରଣାମ କର ''

ଆକାଶରେ ତାରାଗୁଡ଼ିକ ଲିଭିବାକୁ ଲାଗିଲେଣି । ହାଟ ପଡିଆର ମଝିରେ ଥିବା ଗଛ ଉପରେ ଚଢ଼େଇମାନେ ଗୀତଗାଇ, ଡେଣା ଝାଡ଼ି ଫଡ୍ ଫଡ୍ ହେଲେଣି ।

ସବୁ କୌତୁହଳର ଜନ୍ମଦାତ୍ରୀ ଉଷାକାଳ ଉପସ୍ଥିତ । ସେଇ ସମୟରେ କୌତୁହଳବଶତଃ ଉଠି ପଡ଼ି ଶିଷ୍ୟକୁ ପ୍ରଣାମ କରିବା ଲାଗି ଗୁରୁ ପ୍ରତୀକ୍ଷା କରୁଥିଲା–ମନ ଭିତରେ ପ୍ରଣାମ ବି କରିଦେଲା । ଶିଷ୍ୟ ଆସିଲା ମାତ୍ରେ ତାଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କରି ତାର ଚରଣ ଧୂଳି ନେବାର କଳ୍ପନାରେ ସେ ବାରମ୍ବାର ରୋମାଞ୍ଚିତ ମଧ ହୋଇ ଉଠୁଥିଲା ।

କିନ୍ତୁ ଶିଷ୍ୟ ଆସିଲା ନାହିଁ । ତା ଭିତରେ ଅମୂର୍ତ୍ତ ପରିବର୍ତ୍ତନ ଆଣିଦେଇଥିବା ଶିଷ୍ୟର ସନ୍ଧାନରେ ଗୁରୁ ମଡ଼ପଲ୍ଲୀ ଆଡ଼କୁ ଧାଇଁଲା । ମଡ଼ପଲ୍ଲୀର ଲୋକେ ତାଙ୍କୁ ପ୍ରଣାମ କରି ଖୁବ୍ ଆଦର ଅଭ୍ୟର୍ଥନା କଲେ ।

ଚେଲାର ନାଁ ବି ଜାଣି ନଥିବାରୁ ଗୁରୁ ଅସୁବିଧାରେ ପଡ଼ିଥିଲା ନିଶ୍ଚୟ। ତଥାପି ଲୋକଙ୍କୁ ପଚାରେ,"ମୋ ଚେଲାକୁ ଦେଖିଛ ?"

ଗୁରୁ ତାର ବର୍ଣ୍ଣନା ଦିଏ। ବର୍ଣ୍ଣନା ଶୁଣି ଲୋକେ କହନ୍ତି,"ଓଃ, ସେଇ ଆପଣଙ୍କର ଚେଲା ,ସେ ତ କାଲିଠୁଁ କୁଆଡ଼େ ଯାଇଛି ।"

ଗୁରୁ କହିଉଠିଲା "ହଁ ସିଏ ଆମ ସଭିଙ୍କ ଗୁରୁ ।"

'ଆଚ୍ଛା? ସତେ?' ଆଶ୍ଚର୍ଯ୍ୟାନ୍ୱିତ ଭାବେ ସଭିଏଁ ତା ସଂପର୍କରେ ଗୁରୁଠାରୁ ତାର ତାତ୍ତ୍ୱିକ ବିବରଣୀର ଅପେକ୍ଷାରେ ଥିଲେ। ହେଲେ ଗୁରୁ କିଛି କହିଲା ନାହିଁ। ଉଠିପଡ଼ି ଚାଲିଗଲା। ହାଟପଡ଼ିଆ, ଗାଁର ସବୁ ଗଳି ରାସ୍ତାରେ ଖୋଜୁଛି ତାକୁ ତାର ଶିଷ୍ୟରୂପେ ଆସିଥିବା ଗୁରୁକୁ। କୌଣସି ଜାଗାରେ ଶିଷ୍ୟର ପତ୍ତା ନାହିଁ। ଗୁରୁ ମନେ ମନେ ହସି ଉଠି ତାକୁ ଖୋଜି ବୁଲିବା ଛାଡ଼ିଦେଲା।

ଆଜି ବି ସେ ବଜାରରେ, ହାଟପଡ଼ିଆରେ ମଇଳା ଚିରାଫଟା କପଡ଼ା ପିନ୍ଧି କାହାକୁ ଖୋଜୁଥିବା ଭଳି ପ୍ରତ୍ୟେକ ଲୋକଙ୍କୁ ତୀକ୍ଷ୍ଣ ଦୃଷ୍ଟିରେ ଅନେଇ ଘୂରି ବୁଲେ। ତାକୁ ଆଉ କେହି ମାରିପିଟି ଘଉଡ଼ାଇ ଦିଅନ୍ତି ନାହିଁ। ପିଲାମାନେ ତା ସହିତ ହସି କୁଦି ଖେଳନ୍ତି। ସ୍ତ୍ରୀ, ପୁରୁଷ ସଭିଏଁ ତାକୁ ପ୍ରଣାମ କରି କିଛି ନା କିଛି ଦେଇ ତାର ସମ୍ମାନ କରନ୍ତି।

ନିଜ ଚେଲା ପାଖରୁ ଯାହା ଶିଖିଥିଲା, ସେଥିରେ ପ୍ରତ୍ୟେକ ଜିନିଷ, ପ୍ରତ୍ୟେକ ଲୋକ ଭିତରେ କିଛି ଖୋଜିବାର ତୃପ୍ତିଭରା ହସ ହସି ଆଜି ବି ସେ ଘୂରି ବୁଲୁଛି।

ମୁଁ ବଞ୍ଚିଛି

ସେଇ ସରାଇ ଘରର କବାଟ ବନ୍ଦକରି ତାଲା ଲଗାଯାଇଥିଲା। କେଉଁ କାଳରୁ ଲଗାଯାଇଥିବା ତାଲାରେ କଳଙ୍କି ଲାଗିଗଲାଣି। କବାଟ ଫାଙ୍କରୁ ଦେଖିଲେ, କାନ୍ଥ ଫଟେଇ ବଢ଼ିଯାଇଥିବା ବରଗଛର ଡାଳ ଓ ତା ଆଖପାଖେ ଘାସର ଜଙ୍ଗଲ ଦେଖାଯାଏ। ସରାଇଘର ସାମ୍ନା ରାସ୍ତାର ଆର ପାଖରେ ଗାଡ଼ିଆଟିଏ। ଗାଡ଼ିଆର ଚାରିପଟେ ପାଉଛ ଥିଲା। ଗାଡ଼ିଆଟି ବେଶି ଗହିରିଆ ବି ନୁହେଁ। ତା' ଚାରିପଟେ ସବୁଜ ରଙ୍ଗର ବିରାଟ କ୍ଷେତ। କ୍ଷେତ ମଝିରେ ଥିବା ରାସ୍ତାରେ କିଛିବାଟ ଗଲେ ରେଲ ଲାଇନର ଧାରଣା ପଡ଼େ। ରେଲ ଲାଇନର ପରପଟେ ବିରାଟ ବନ୍ଧ। ବନ୍ଧ ପାଣିରେ ଅସଂଖ୍ୟ ତରଙ୍ଗ ନାଚି ନାଚି ଯେମିତି କହୁଥାଏ, ଏ ସବୁଜ କ୍ଷେତ, ସୁଲୁସୁଲିଆ ପବନରେ ଖେଳି ଉଠୁଥିବା ଫସଲ— ଏସବୁ ମୋର ଦାନ, ମୋର ଉପହାର।

ପୋଖରୀ ସେ ପାଖକୁ କିଛି ନାହିଁ। ଖାଲି ପାଣି' ପାଣି ସେ ପଟକୁ କେବଳ ଖାଲି ଆକାଶ ଥିଲା। ପାଣି ଓ ଆକାଶ ଯେଉଁଠି ମିଶି ଯାଇଛନ୍ତି ସେଇଠି ପୂର୍ଣ୍ଣମୀ ଜହ୍ନର ଅନେକ ମୟୂଖ ଚିକ୍ ଚିକ୍ ହୋଇ ପାଣି ଉପରେ ଖେଳିଉଠେ। ଆକାଶକୁ ଉଠିଲା ପରେ ଜହ୍ନର ଆକାର ଛୋଟ ହୋଇପଡ଼େ। କିରଣ ଆହୁରି ସଫେଦ ହୋଇ ବିଛେଇ ହୋଇପଡ଼େ।

ଠିକ୍ ରେଲ ଲାଇନ ଉପରେ ହିଁ ଜହ୍ନ ହସୁଛି। ସରାଇ ଘର ବାରଣ୍ଡା ଉପରେ ଖାଇ ବସିଥିବା ସେଇ ରୁଗ୍ଣ ଭିକାରୀର ନୂଆ ଟିଣ ଡ଼ବା ଉପରେ ଚନ୍ଦ୍ର କିରଣ ଝଲ୍‌ମଲ୍ କରି ଉଠି ତା ମୁହଁରେ ପ୍ରତିଫଳିତ ହୋଇ ଉଠୁଥିଲା।

ବାରଣ୍ଡା ଉପରେ ତା'ଛଡ଼ା ଆଉ କେହି ନାହିଁ। ଏକେଲା ହେଲେ ସୁଦ୍ଧା ତା ମୁହଁରେ ଆନନ୍ଦର ଗୀତ ଥିଲା। ଟିଣ ଡ଼ବାରୁ 'ରସମ୍' ଭିଜା ଭାତ ଖାଉଥିଲା। ତାର ଦୃଷ୍ଟି ପଡ଼ିଛି ଆକାଶର ଚନ୍ଦ୍ର ଦେହରେ, ମୁହଁରେ ଭାତ ଥିବା ଯୋଗୁଁ, ଗୀତ ସ୍ପଷ୍ଟଭାବେ ଗାଇ ପାରୁନି। ଗୀତ ଶୁଣିବା ପାଇଁ ସେଇଠି କେହି ବି ତ ନାହିଁ।

ଟିଣ ଡାଟିଆଟି ପୂରାଭାବେ ଚାଟି ନେଇ ପୁଣି ସେଇଠି ଅଟକି ରହିଥିବା ଭାତ ଖୁଣ୍ଟି ଖୁଣ୍ଟି ମୁହଁରେ ରଖି ଚାଟିଲା। ଦୁଇ ହାତର ଛିଣ୍ଡି ଯାଉଥିବା ଆଙ୍ଗୁଠିରେ କୌଣସିମତେ ଡାଟିଆଟି ଧରି, ରାସ୍ତା ପାରି ହୋଇ, ଗାଡ଼ିଆ ଆଡ଼କୁ ଗଲା।

ଗୋଡ଼ର ଆଙ୍ଗୁଠିଗୁଡ଼ିକ ବି ଛିଣ୍ଡି ଯାଇଥିବାରୁ ଭୂଇଁ ଉପରେ ଠିକ୍ ଭାବରେ ଠିଆ ହୋଇ ପାରୁନି। ଗୋଇଠିରେ ଭରା ଦେଇ ବଡ଼ କଷ୍ଟରେ ଚାଲି ହେଉଛି। କାଳେ କାନ୍‌ଭାସ୍ ଜୋତା ତିତିଯିବ ଭାବି ଗାଡ଼ିଆର ପାଉଛ ଉପରୁ ନଇଁପଡ଼ି ଟାଟିଆ ଧୋଇ ହାତରେ ପାଣି ଆଣି ପିଇଲା। ଚଞ୍ଚଳ ପାଣି ପିଇବା ଯୋଗୁଁ ମୁହଁର ଦୁଇ ପାଖରୁ ଦୁଇଧାର ପାଣି ଗଡ଼ିଆସି କୋର୍ଟ କଲାର୍‌ରେ ପଡ଼ିଲା। ପାଣି ଝାଡ଼ିଦେଇ, କୋଟ୍ ପକେଟରୁ ବିଡ଼ି ଓ ଦିଆସିଲି କାଢ଼ି ପୁଣି ରଖିଲା ଅନ୍ୟ ପକେଟ୍‌ରେ। ବିଡ଼ି ଧୂଆଁର ତୃପ୍ତି ଭିତରେ ହାକୁଟି ମାରୁ ମାରୁ ମୁହଁରୁ ତାର ବାହାରି ପଡ଼ିଲା, 'ଖୁବ୍ ଭଲ ଲାଗୁଛି'। ଏ କଥା କହିଲା ବେଳକୁ, କ'ଣ ଯେ ଖୁବ୍ ଭଲ ଲାଗୁଛି, ସେ ବିଷୟରେ ବି ପ୍ରଶ୍ନ ଉଠିଲା

"ସବୁ କିଛି ଭଲ ଲାଗୁଛି। ଏଇ ଜହ୍ନ ଆଲୁଅ ଏଇ ଗାଡ଼ିଆ ଥଣ୍ଡା ପବନ .. ପିଇବା ପାଣି ଭୋକ . ଖାଇବା ନିଦ, ସବୁ କିଛି ଭଲ ଲାଗୁଛି। ଜୀଇଁବାଟା କେତେ ଭଲ ଲାଗୁଛି କାହିଁକି ? ଏ ବିଡ଼ିଟା ସବୁ କିଛି ବିଡ଼ିର ଧୂଆଁ ପାଟିରେ ପଶୁଛି।" କିଛି ସମୟ ଏମିତି ଭାବି ହଠାତ୍ ଛିଡ଼ା ହୋଇଗଲା। ସରାଇଘର ବାରଣ୍ଡାର ଗୋଟିଏ କୋଣରେ ଟାଟିଆଟିକୁ ଓଲଟାଇ ରଖିଦେଇ ଫଟା କପଡ଼ାରେ ବାରଣ୍ଡା ସଫାକରି ବସିଗଲା।

"ଦୁନିଆଟା କେତେ ସୁନ୍ଦର। ତାକୁ ଦେଖି ମନ ଖୁସି ହୋଇଯାଏ। ସବୁ ଜିନିଷ ଦେଖୁଥିବା ଲୋକର ମନ ଆନନ୍ଦରେ ଭରି ଉଠେ , ହେଲେ ମୁଁ? ମୋତେ ଦେଖିଲା ମାତ୍ରେ ଲୋକର ମୁହଁରେ କେତେ ପରିବର୍ତ୍ତନ ଆସିଯାଏ। ରୋଗରେ ପ୍ରଚଣ୍ଡ ମାଡ଼ ଖାଇଥିବା ଏଇ ଦେହ ହୁଏତ ବେଦନା ଅନୁଭବ କରି ନପାରେ, ଦେଖିବା ଲୋକର ହୃଦୟ ତ ତାହା ଅନୁଭବ କରିପାରେ! ସେଦିନ ସେ ଘର ଆଗରେ ଛିଡ଼ା ହୋଇ ଯେତେବେଳେ 'ମା, ବଡ଼ ଭୋକିଲା ମା' ବୋଲି ଡ଼ାକୁଥିଲି, ଝିଅଟିଏ ଅଇଁଠା ପତ୍ର ଫିଙ୍ଗିବା ଲାଗି ବାହାରକୁ ଆସିଲା। ତା ପେଟ ଭିତରୁ ଯେ ବାନ୍ତି ମାଡ଼ି ଆସୁଛି, ଏକଥା ସ୍ପଷ୍ଟଭାବେ ଫୁଟିଉଠିଥିଲା ତା ମୁହଁ ଉପରେ, ହଠାତ୍ ବୁଲି ପଡ଼ି ଘର ଭିତରକୁ ଚାଲିଗଲା। ଆଉ ଜଣେ ଲୋକ ବାହାରକୁ ଦେଖି କହିଲା, "ମା। ବାହାରେ କୋଢ଼ିଆ ଲୋକଟିଏ ଠିଆ ହୋଇଛି ! ଭିକ ଦେଇ ଦେ। ଏମିତି ରୋଗ ଧରି କାହିଁକି ଯେ ଏମାନେ ବଞ୍ଚିଛନ୍ତି . !"

ଏ କଥା ଶୁଣିଲା ପରେ ଠିଆ ହେବାକୁ ଭଲ ଲାଗିଲା ନାହିଁ। ଫେରି ପଡ଼ିଲା ବେଳକୁ କଅଁଳିଆ କଥା ପଦେ କାନରେ ବାଜିଲା 'ନେ. ନେ .ରେ ବାବା!' କେତେ ମମତା କେତେ ସାନ୍ତ୍ୱନା ଥିଲା ସେଇ କଥାରେ . ସେ କଥାରେ ଥିବା ଆତ୍ମୀୟତା ହିଁ ମୋତେ ଜୀଇଁ ରହିବାର ପ୍ରେରଣା ଦେଇଥିଲା। ରାମଲିଙ୍ଗସ୍ୱାମୀ (ଜଣେ ବିଖ୍ୟାତ ସନ୍ଥ)ଙ୍କ ଭଳି ମୁଣ୍ଡରୁ ଗୋଡ଼ ଯାଏ ଶାଢ଼ୀଟି ଘୋଡ଼ିହୋଇ, କାନ ଯାଏଁ କାନିଟି ଟାଣି ଆଣିଛି। ଟାଟିଆରେ ଭାତ ଦେଇ ଦେଇ ସେ ସ୍ତ୍ରୀ ଲୋକଟି କହିଲା. "ମୋ ପୁଅ ନଜାଣି କଥା କହିଦିଏ। ଜୀବନ ମରଣ କଣ ଆମ ହାତରେ ?"

ତା ମୁହଁ ଦେଖି ରହିଗଲି। ତା ଆଖିରେ ଲୁହ। ଜଣା ଯାଉଥିଲା ସତେ ଯେମିତି ତାର ପୁଅକୁ କିଏ ଗାଳି ଦେଇ କହିଲା, "କାହିଁକି ମରି ଯାଉନ ଯେ . ।"

ସେଇ ଦିନଠୁଁ ସେ ଭିକ ମଗା ଛାଡ଼ିଦେଇଥିଲା। ଅନ୍ଧାର ହୋଇଗଲା ପରେ ସମସ୍ତଙ୍କ ଆଖି ଆଗରୁ ଲୁଚି ଲୁଚି, ମୁହଁ ଉପରେ କପଡ଼ା ଘୋଡ଼ି ହୋଇ ବାହାରେ। ରାତିରେ ଯାହା ମିଳେ, ଆଉ ଦିନର ତିନି ଓଳି ପାଇଁ ରଖିଦିଏ। ଦିନେ ଦିନେ ଏତେ ବେଶି ମିଳେ ଯେ, ସେଥିରେ ଦୁଇ ଦିନ ଯାକେ ଚଳି ଯାଏ।

ଖୁମ୍ ଉପରେ ଆଉଜେଇ ହୋଇ ଭରିଯାଇଥିବା ପେଟ ଉପରେ ହାତ ବୁଲେଇଲା। "ଆଜି ବେଶି ଖାଇ ହୋଇଗଲା"—କହି ହାକୁଟି ମାରି କହିଲା, "ହେ ଭଗବାନ !" ପୁଣି ଉଠି ଠିଆ ହେଲା। ଚଟାଣରେ ପଡ଼ିଥିବା ମଇଳା କପଡ଼ାଟି ମୁଣ୍ଡରେ ବାନ୍ଧି ବାରଣ୍ଡା କୋଣରେ ଥିବା ବାଡ଼ିଟି ଧରି ବଡ଼ ପୋଖରୀ ଆଡ଼କୁ ଚାଲିଲା।

"ହେଃ ଦେହରେ ରୋଗ ରହିଲେ କଣ ହେଲା? ଜୀଇଁ ରହିବାକୁ ତ ଭଲ ଲାଗୁଛି। ଭଲ ଜିନିଷ ଖାଇବାର ମଜା, ସୁନ୍ଦର ଜିନିଷ ଦେଖିବାର ଆନନ୍ଦ, ମଧୁର କଥା ଶୁଣିବାର ସୁଖ ସବୁ ସୁଖଗୁଡ଼ିକୁ ଦେହର ରୋଗ ଖରାପ ତ କରିପାରିବନି ।"

ପୋଖରୀ ପାଖ ଦେଇ ଯାଇଥିବା ରେଲ୍ ଲାଇନ୍ ଉପରେ ବାଡ଼ିଟି ରଖିଦେଇ ତଳେ ବସି ପଡ଼ିଲା, 'ଫୁଃ ' ମୁହଁର ବିଡ଼ି ଧୂଆଁ ବାହାରକୁ ଛାଡ଼ିଲା।

"ବାପ୍‌ରେ! ଖାଇଲାମାତ୍ରେ ପେଟରେ କେତେ ଦରଜ? ଖାଇବାରେ କେତେ ମଜା? ଖାଇସାରି ହଜମ ହେଲା ପରେ ହିଁ ମଜା ଲାଗେ। ପେଟ ଭିତରେ ସବୁ ଜିନିଷ ଭରି ଦେଲେ କେତେ ମଜା ଲାଗେ? ଜୀବନ ଚାଲିଗଲେ ? ତା ହେଲେ ବି ମଜା ହେବ। କିନ୍ତୁ ମଜା କରିବାର ଶକ୍ତି ଦେହରେ ନଥିଲେ ?"

ଆଣ୍ଠୁ ବୁଡ଼ିବା ଯାଏଁ ପାଣି ଭିତରେ ଠିଆ ହେଲା। ଆକାଶକୁ ଦେଖୁଛି. ଆକାଶର ଜହ୍ନ, ମିଞ୍ଜି ମିଞ୍ଜି କରୁଥିବା ତାରାଗୁଡ଼ିକ ଖୁବ୍ ଭଲ ଲାଗୁଛନ୍ତି। "ହେଇଟି ଆକାଶର ସପ୍ତର୍ଷିମଣ୍ଡଳ। ବର୍ଗାକାର ଭାବେ ଚାରୋଟି ତାରା, ତା ତଳକୁ ଲାଞ୍ଜ ଭାବେ ଚାରୋଟି ତାରା ଲମ୍ବି ଯାଇଛନ୍ତି, ମଝି ତାରାର ପାଖ ତାରାଟି ମଙ୍ଗଳ ସେଇଟା ଅରୁନ୍ଧତୀ। ଠିକ୍ ଅଛି ଜୀବନ ତ ଦୀର୍ଘାୟୁ ହେବ। ଅରୁନ୍ଧତୀ ତାରାଟି ସମସ୍ତେ କ'ଣ ତାକୁ ଦେଖି ପାଉଛନ୍ତି? କିଏ ଜଣେ ପୋଛି ସଫା କଲା ଭଳି ଚକ୍ ଚକ୍ ଦିଶୁଛି। ଆକାଶରେ ଥାଉ କା ଆଖିରେ ଥାଉ, ଲୋକଙ୍କୁ ପଚାରିଲେ କହନ୍ତି "କାହିଁତ. ଦିଶୁନି।" କଥାରେ ଅଛି, ଅରୁନ୍ଧତୀ ତାରାକୁ ଦେଖିଲେ ଛ' ମାସ ଯାଏଁ ଆଉ ମରଣ ହୁଏନା ।

ଜୋଛନାରେ ଝଲମଲ୍ କରି ଉଠୁଥିବା ପୋଖରୀର ପାଣି ଦେହରେ ପବନ ବାଜି ଆହୁରି ଥଣ୍ଡା ହେଉଛି। ସେଇ କୋଢ଼ୀ ଦେହରେ ବି ସୁଲୁସୁଲିଆ ପବନ ବାଜୁଛି। ଥରି ଥରି ପାଣିର ତରଙ୍ଗଗୁଡ଼ିକ କୂଳ ଦେହରେ ନେସି ହୋଇ ପୁଣି ଫେରିଲା ବେଳକୁ ତାର ଛଳ ଛଳ ଶବ୍ଦ କାନରେ ବାଜୁଛି। ପୋଖରୀ ହୁଡ଼ାରେ କୌଣସି ଏକ ଅନାମୀ ଫୁଲର ବଣ ଭିତରୁ ମାଦକ ବାସ୍ନା ନାକରେ ବାଜୁଛି ..ସେ ଯଦି ବଞ୍ଚିବାକୁ ଚାହୁଁଛି, ସେଥିରେ ତା'ର ବା ଦୋଷ କ'ଣ?

ବହୁତ ବେଳ ଯାଏଁ ପାଣି ଭିତରେ ଛିଡ଼ା ହୋଇ ରହିଲା। ତାପରେ ବୁଢ଼ା ଉପରକୁ ଆସି, ନଇଁପଡ଼ି ଗୋଡ଼ରେ କାନ୍‌ଭାସ୍ ଯୋତା ଲଗେଇଲା। ମୁଣ୍ଡ ଉଠେଇଲା ବେଳକୁ ତା ଆଗରେ ଲମ୍ବ ହୋଇ ଧାଇଁ ଯାଇଥିବା ସେଇ ଲୁହାରାସ୍ତାର ମୋଡ଼ ଜାଗାରେ ଆଲୁଅ ଦିଶୁଛି। କ୍ଷୀଣ ଆଲୁଅ। ଆଲୁଅ କ୍ରମଶଃ ବଢୁଥିଲା। ରେଲ ଲାଇନ୍ ଓ ତା ପାଖ ଦେଇ ଚାଲିଯାଇଥିବା ପାଦଚଲା ରାସ୍ତା ଉପରେ ଫୁଲି ଫୁଲି ଆଲୋକ ପଡୁଛି। ଖୁବ୍ ଦୂରରୁ କ୍ଷୀଣଭାବେ ରେଲ ଆସୁଥିବା ଶବ୍ଦ ଆସୁଛି।

"ବାପ୍‌ରେ ! ମେଲ ଆସୁଛି ବୋଧ ହୁଏ। ବାରଟା ବାଜି ଗଲାଣି।" ହାତରେ ଧରିଥିବା ବାଡିରେ ଭରାଦେଇ ଉଠି ପଡ଼ି ଗାଦଚଲା ରାସ୍ତା' ପାରି ହେବାଲାଗି ଗୋଡ଼ ବଢ଼େଇଲା। ରାସ୍ତା ତଳକୁ ଖସି ଯାଇଥିବା ଆଡ଼ି ଉପରେ ଗୋଡ଼ ଦେଇଁ ଦେଇଁ ଦେଖିଲା ଖୁବ୍ ଦୂରେ ।

ସେଇ ଲମ୍ଵା ରେଲ ରାସ୍ତାର ମୋଡ଼ ଜାଗାରେ, ଦୁଇଫୁଟ ଉଚ୍ଚରେ ଧଳା ଆକୃତିର କ'ଣ ଗୋଟାଏ ହଲଚଲ୍ ହେଉଛି। କୌଣସି ପଶୁ ? ନା ।

ଆଣ୍ଠୁ ଉପରେ ଭରାଦେଇ ସେଇ ଆକୃତିଟି ରେଲ୍ ଲାଇନ୍ ଉପରକୁ ଆସି ଠିଆ ହୋଇଗଲା। ଖୁବ୍ ସନ୍ତର୍ପଣରେ ଚାରିପାଖକୁ ଦେଖିଲା। ପଛପଟକୁ, ଭିକାରୀ ଆଡ଼କୁ ଦେଖି, ପୁଣି ତା ଗୋଡ଼ ହଲିଲା। ନଇଁପଡ଼ି ହାତ ଉପରେ ଭରାଦେଇ ରେଲ୍ ଲାଇନ୍ ଉପରେ ବସିଗଲା। ଟିକିଏ ପରେ ଦୁଇ ରେଲ୍ ଧାରଣା ଉପରେ ଚିତ୍ ହୋଇ ଶୋଇଗଲା।

"ଆରେ, ଯେ'ତ ଲୋକଟିଏ ଭଳି ଜଣାପଡୁଛି। ଜୀବନକୁ ହାରିବାକୁ ଆସିଛି ବୋଧହୁଏ। ଅଜବ ଲୋକମାନେ କେମିତି ଆତ୍ମହତ୍ୟା କଥା ତାଙ୍କ ମୁଣ୍ଡକୁ ପଶେ ଯେ ବାପ୍‌ରେ !" ଆଲୁଅ କ୍ରମଶଃ ପାଖେଇ ଆସୁଛି। ସେ ନିଜେ ହଡ଼ବଡ଼େଇ, ଥୁଣ୍ଟାପାଦର ରକ୍ଷା ଲାଗି ପିନ୍ଧିଥିବା କାନ୍‌ଭାସ୍‌କୁ ଘୋଷାରି ଘୋଷାରି, ଚଞ୍ଚଳ ପାଦ ପକେଇବାର ଚେଷ୍ଟାକରି ଆଗକୁ ଚାଲିଲା। ଦୂରରୁ ଆସୁଥିବା ରେଲ୍ ଗାଡ଼ି ଶବ୍ଦ ଯୋର୍‌ରେ ଶୁଭୁଛି। ସେଇଠି ପହଞ୍ଚିବା ପରେ ରେଲ୍ ଲାଇନ୍ ଉପରେ ପଡ଼ିଥିବା ଲୋକର ପିଠି ତଳେ ନିଜର ବାଡ଼ିଟି ଖେଞ୍ଚି ଦେଇ, ଚିତା ଉପରେ ଶବ ନେଉଟେଇଲା ଭଳି ତାକୁ ରେଲ ଲାଇନ୍ ଆରପଟକୁ ଠେଲି ଦେଲା। ଠେଲିଲା ବେଳକୁ ତା ନିଜ ହାତରୁ ବାଡ଼ି ଛିଟ୍‌କି ଯାଇ ଅଳ୍ପ ଦୂରରେ ପଡ଼ିଲା। ଆଖିରେ ତାର ବୋକା ଭଳି ଚାହାଣୀ। କାଳେ ଲୋକଟି ପୁଣିଥରେ ରେଲ୍ ଲାଇନ୍ ଉପରକୁ ଉଠିଯିବ, ଏଇ ଭୟରେ ଭିକାରୀଟି ତାର ହାତ ବଢ଼େଇ ଆକ୍ରମଣ ଲାଗି ପ୍ରସ୍ତୁତ ହୋଇଗଲା। ମୃଦୁ କଣ୍ଠରେ କହିଲା, "ଛିଃ, ବାବୁ ଏଇଆ କରନି ଜୀବନ ଥରେ ଗଲେ ଆଉ ଆସିବନି !"

ଯୁବକଟି ତା ଆଗରେ ଛିଡ଼ା ହେଲା, ଥରି ଥରି। ସେତେବେଳେ ସେମାନଙ୍କ ଉପରେ ମୁହୂର୍ତ୍ତକ ପାଇଁ ପ୍ରଚଣ୍ଡ ଆଲୁଅ ବିଛେଇ ଦେଇ, ଗୁରୁଗର୍ଜନ କରି ମେଲ୍ ଗାଡ଼ିଟି ଚାଲିଗଲା। ଦୁହେଁ ଠିଆ ହୋଇଛନ୍ତି ଚୁପ୍‌ଚାପ୍ ହୋଇ। ରେଲଗାଡ଼ି ଗଲାପରେ

ରେଲ୍‌କୁ ଦୁହେଁ ଦେଖୁଥିଲେ। ରେଲ୍ ପଛର ଲାଲ୍ ଆଲୁଅଟି ଧାଇଁ ଧାଇଁ ଅନ୍ଧାରରେ ଲୀନ ହୋଇଗଲା।

ଯୁବକଟି ଠିଆ ହୋଇ ପାରୁନି। ତଳେ ବସିପଡ଼ିଲା। ଭିକାରୀଟି ତା ବାଡ଼ି ଖୋଜି ଆଣି କହିଲା, "ଏ ଶୁଣ୍ । ଦୋଷ ତୋର ନୁହେଁ ଏ ଜାଗାଟି ଏମିତି ଏଇ ଜାଗାରେ ଗୋଟି ଗୋଟି ହେଇ ତୃ ତିନି ନମ୍ବର ।"

"ପଅର ଦିନର ଘଟଣାଟିଏ ନଈ କୂଳରେ ବାପ ମା ଖାଇ ବସିଥିଲେ। ଛୋଟ ଛୁଆଟି ଚାଲିଚାଲି ଏଇଠି ପହଞ୍ଚିଲା। ଛୋଟ ଛୁଆଟି। ବିଚରା କ'ଣ ଜାଣିଛି? ରେଲ୍ ଲାଇନ୍ ଉପରକୁ ଉଠିଗଲା। ଠିକ୍ ଏଇ ଜାଗାରେ। ରେଲ୍ ଆସିବାର ସମୟ ମୁଁ ଦେଖିଲି ଆଖେ ପାଖେ ଆଉ କେହି ନାହାନ୍ତି ଟିକିଏ ଭାବିଲି ଜଣକର ଜୀବନ ମରଣ ସମସ୍ୟା ଏତିକିବେଳେ ଛୁଆଁ ଅଛୁଆଁ କଣ? ପିଲାଟିକୁ ଦୁଇ ହାତରେ ଟାଣି ନେଲି? କହୁ କହୁ କ୍ଷଣିକ ପାଇଁ ଅଟକି ଗଲା। ପୁଣି କଣ ଭାବି ଦୀର୍ଘଶ୍ୱାସ ଟାଣି କହିଲା,"ତା ହୋଇ ନଥିଲେ ? ପିଲାର ଦୁଃଖ ବାପ'ମା ଜାଣନ୍ତି ।'

ନିଜକୁ ନିଜେ ବୁଝିବାର ଚେଷ୍ଟା କରୁଥିଲା "ସେଥିପାଇଁ କହୁଛି, ଜାଗାଟି ଏମିତି! ଆଜି ସକାଳର କଥା। ଗୋଟେ ମଇଁଷି ବିପଦରେ ପଡ଼ିଲେ ମଣିଷର ମୁଣ୍ଡ ଘୂରେଇ ଯାଏ ଆଉ ସେଇଟା ତ ଗୋଟେ ମଇଁଷି କଣ କରିବ ବିଚାରୀ? ସିଟି ବଜାଇ ମାଲଗାଡ଼ି ଧାଇଁ ଆସୁଥାଏ। ହେଲେ ରେଲ୍ ଲାଇନ୍ ଉପରୁ ମଇଁଷଟି ମୋଟେ ଘୁଞ୍ଚୁଥିଲା ନାହିଁ। ସେମିତି ସେଇ ଲାଇନ୍ ଉପରେ ଧାଉଁଥାଏ। ଗାଡି ଯେଉଁ ବେଗରେ ଆସୁଥାଏ ବ୍ରେକ କଷି ପାରିଥାନ୍ତା କି ନାହିଁ କେଜାଣି ଭଗବାନ ଜାଣନ୍ତି। ଗାଡ଼ିବି ଆସୁଥିଲା, ମଇଁଷି ବି ଧାଉଁଥିଲା। ମୁଁ ଲାଇନ୍ କଡ଼େ କଡ଼େ ଧାଇଁ ମଇଁଷି ଉପରେ ଢେଲା ମାରୁଥାଏଁ। ମରୁ ମରୁ କେମିତି ବଞ୍ଚିଗଲା ।" ଅଶୁଭ ଜାଗାଟି ସଂପର୍କରେ କହିଚାଲିଥାଏ।

ମୁହଁ ତଳକୁ କରି ଯୁବକଟି ଚୁପ୍ ଚାପ୍ ବସିଥାଏ। ଭିକାରୀଟି ବିଡ଼ି ବାହାର କରି ନିଆଁ ଧରେଇଲା "ମୁଁ ତ ଏ ପାଖେ ଆଗେ ଏମିତି ବୁଲୁଥାଏଁ ଭାବୁଥିଲି ଛେଳି ଫେଳି କିଛି ଛିଡ଼ା ହୋଇଥିବ ଯା ହେଉ ଭଲ ହେଲା। ଗୋଟିଏ ଲୋକକୁ ତ ମରଣ ମୁହଁରୁ ବଞ୍ଚେଇଲି ଆମେ କିଏ ବଞ୍ଚେଇଲା ବାଲା ? ତମର ତ କାଳ ପୂରିନି ଛାଡ଼, ତମର ବଞ୍ଚିବାର ଥିଲା, ତମକୁ ବଞ୍ଚେଇଲି ନଇଲେ, କିଏ ମନା କଲେ ମୃତ୍ୟୁ କ'ଣ ଅଟକି ଯାଏ ? "

ମୁହଁରୁ ବିଡ଼ି ଧୂଆଁ ଫୁଙ୍କି କାନ୍ଧ ଉପରର ତଉଲିଆଟି ମୁଣ୍ଡରେ ଭିଡିଲା । ଦେଖିଲା ସେଇ ଯୁବକ ଆଡ଼େ । ଗୋରା ହୋଇ ସୁନ୍ଦର ଚେହେରା । ଜ୍ୟୋତ୍ସ୍ନା ବାଜି କଳା କେଶରାଶି ଚକ୍ ଚକ୍ କରୁଛି। ଦେହରେ ସଫେଦ୍ ସାର୍ଟ, ଲମ୍ବା ଧୋତି । ତା'ଭଳି ଯୁବକଟି କେବେ ହେଲେ ଭିକାରୀ ବା ରୋଗୀ ଭଳି ଜଣାପଡୁ ନଥିଲା । ତାହେଲେ ଆତ୍ମହତ୍ୟା କରୁଥିଲା କାହିଁକି? ଆତ୍ମହତ୍ୟାର କାରଣ ଜାଣିବା ପାଇଁ ଭିକାରୀଟିର ପ୍ରବଳ ଇଚ୍ଛା ହେଉଥିଲା।

"ଆରେ ଉଠନା ! ସେଇ ସେଇ ସରାଇ ଘର ବାରଣ୍ଡାରେ ବସିବା । ସେଇ ସରାଇ ଘର ," କହି ନିଜେ ବାହାରି ପଡ଼ିଲା । ଚାଲୁ ଚାଲୁ ପଛକୁ ଅନେଇଲା– ଯୁବକଟି ଠିକ୍ ଆଗଭଳି ବସିଛି ।

"କଣ ହେଲା ? ଉଠିବୁ ନାଇ ନାଁ ? ଅନ୍ୟଗାଡ଼ି ଆସିବ ସକାଳ ଛ'ଟାରେ ଯାଉ । ଚାଲ ଯିବା । ମଣିଷ ହୋଇ ଜନ୍ମ ହେଲେ, ଜୀବନରେ ଦୁଃଖ ଆସିବ, ସୁଖ ବି ଆସିବ । ଦୁଃଖରେ ଭାଙ୍ଗିପଡ଼ି ମରିଗଲେ, ସୁଖ କିଏ ଭୋଗିବ? ଦୁଃଖ ଭିତରେ ତ ହସିବା ଉଚିତ । ଭାବ ଯେ ଦୁଃଖ ପରେ ପରେ ସୁଖ ବି ଆସିବ ହୁଁ ଚାଲ୍‌ଯିବା ଉଠ୍ ।"

ଲୁହରେ ଭିଜି ଯାଇଥିବା ଆଖିପତା ଟେକି ଯୁବକଟି ବକ୍‌ବକ୍ ହେଉଥିବା ଭିକାରୀ ଆଡ଼କୁ ଦେଖିଲା । ପୁଣି ଫିକା ହସ ଟାଣି ସାହା ପାଇଁ ହାତ ବଢ଼େଇଲା ।

"ହେ ଭଗବାନ ! କେମିତି ଯା' ହାତ ଧରିବି?" ପାଦେ ଘୁଞ୍ଚିଯାଉ ଭିକାରୀଟି ଭାବିଲା ।

ଭୂଇଁ ଉପରେ ହାତ ଥାପି ଯୁବକଟି ନିଜେ ଉଠିବାର ଚେଷ୍ଟା କଲା । ଠିଆ ଉଠିଲା ବେଳକୁ ଝୁଙ୍କି ପଡ଼ିଲା । ଚଞ୍ଚଳ ଭିକାରୀ କାନ୍ଧରେ ହାତ ରଖି ନିଜକୁ ସମ୍ଭାଳି ନେଇ ଉଠିଲା । ହଠାତ୍ ନିଜ ଉପରେ ପଡ଼ିଯାଇଥିବା ବୋଝ ଯୋଗୁଁ ଭିକାରୀଟି ମଧ୍ୟ ଝୁଙ୍କି ପଡୁ ପଡୁ ନିଜକୁ ସମ୍ଭାଳି ନେଲା । ତାର ଦୃଷ୍ଟି ପଡ଼ିଲା ଯୁବକଟିର ଗୋଡ଼ ଉପରେ । ଦେଖିବାକୁ ଠିକ୍ ଜଣାପଡୁଥିଲେ ମଧ୍ୟ ଜଙ୍ଘଠାରୁ ଆଣ୍ଠୁ ଯାଏ ଖୁବ୍ ପତଳା ଓ ଦୁର୍ବଳ ହୋଇ ହଲି ହଲି ଥରୁଛି । ପାଦ ଠିକ୍ ଭାବେ ପଡ଼ିପାରୁ ନି ।

କିଛି ସମୟର ପୂର୍ବ କଥା ଭିକାରୀର ମନେ ପଡ଼ିଲା । ଭୂଇଁ ଉପରେ ଦୁଇଫୁଟ ଉଚ୍ଚରେ ଚାଲୁଥିବା ଆକୃତିର କଥା । ଏଇଲେ ବୁଝିଲା ଯେ ଚଳତ୍‌ଶକ୍ତି ହୀନ ଏଇ ଯୁବକଟି ସେଥିପାଇଁ ଆଣ୍ଠେଇ ହୋଇ ଚାଲୁଥିଲା । ତାର ବାଡ଼ିଟି ବଢ଼େଇ କହିଲା, "ବାଡ଼ିଟି ଧର ଏଇଟା ସାହା କରି ଚାଲ୍ ।"

"ନା ହେବ ନାଇଁ । ଏମିତି ଚାଲିପାରିବି । ତୁମେ ଚାଲିଲେ ମୁଁ ତୁମର କାନ୍ଧ ଧରି ଚାଲିବି ।" କହି ଯୁବକଟି ଭିକାରୀର କାନ୍ଧକୁ ଯୋର୍‌ରେ ଧରିଲା ।

ଭିକାରୀର ଓଠରେ ମୃଦୁ ହସ । "ବାଡ଼ି ବିନା ମୁଁ ଚାଲି ପାରିବି ନାହିଁ । ତଥାପି ଭାବୁଥିଲି ଯେମିତି ସେମିତି ହେଉ ଚାଲିବି । ସେଥିପାଇଁ ବାଡ଼ି ତମକୁ ଦେଉଥିଲି । ହାତରେ ବାଡ଼ି ଥିଲେ ତ ତମକୁ ବୋହି ନେଇ ପାରିବି । ଚାଲ ଚାଲିବା ।" ବାଡ଼ି ପକେଇ ପକେଇ ଭିକାରୀଟି ଚାଲିଲା । ଯୁବକଟି ତାର କାନ୍ଧରେ ଲଟକିଲା ଭଳି କଷ୍ଟରେ, ଝୁଙ୍କି ପଡ଼ିଲା ଭଳି, ଆଣ୍ଠୁ ଘୋଷାରି ଚାଲୁଥାଏ ।

"ବାବୁ "

"ହଁ , ବହୁତ ଓଜନ ହେଉଛି? ଆରେ ହଁ ଟିକିଏ ଦେଖିକରି ଚାଲ ।"

"ନା ନା' ସେ ବିଷୟ ଚିନ୍ତାକରନି ।"

"ସମସ୍ତଙ୍କ ଉପରେ ଏମିତି ବୋଝହୋଇ ରହିବା ଭଲ ଲାଗିଲାନି। ସେଥିପାଇଁ. " କହୁ କହୁ ଯୁବକର କଣ୍ଠରୋଧ ହୋଇ ଆସୁଥିଲା।

"ଜୀବନ ହାରିବା ପାଇଁ ରାଣ ପକେଇଛ? ନିଜ ଜୀବନ ନେବା ପାଇଁ କାହିଁକି ଯେ ଲାଗିପଡ଼ିଛ ?"

"ମୋ ଲାଗି ସମସ୍ତଙ୍କ ଅସୁବିଧା ହେଉଛି ।"

ଦୁହେଁ ପଡ଼ି ଉଠି ଚାଲୁଥିଲେ।

ଯୁବକ ଓ ଭିକାରୀ ଦିହେଁ, ବୁଡି ଯାଉଥିବା ଚନ୍ଦ୍ର କିରଣରେ ଭିଜି ଯାଉଥିଲେ।

ଭିକାରୀ ଖୁମ୍ବ ଦେହରେ ଆଉଜେଇ ହୋଇ ବସି ପୁଣି ବିଡ଼ି ଟାଣିଲା।

"ବିଡ଼ି ପିଇବ"

"ନା କେବେ ପିଏନି।" ଛୋଟା ଯୁବକଟି ଉତ୍ତର ଦେଲା। ସହସା ମୁଣ୍ଡ ଟେକି ଭିକାରୀକୁ ଅନେଇ ପଚାରିଲା, "ତମେ ତ କହୁଥିଲ ଦୁଃଖ ପରେ ସୁଖ ଆସେ ବୋଲି। ମୋ ପାଇଁ ସୁଖ କୁଆଡୁ ଆସିବ? ଜାଣୁଛି, ମୋ ଭାଗ୍ୟରେ ସୁଖ ନାହିଁ। ଏମିତି ବଞ୍ଚି ରହିବାରେ ଲାଭ କଅଣ?"

"ତମେ ଏକଥା ଫଇସଲା କରିବାକୁ କିଏ? ଦୁଃଖ ଆସିବ ବୋଲି ତୁମେ କଣ କହିଥିଲ? ଅଚାନକ ଭାବରେ ଯେମିତି ଦୁଃଖ ମିଳିଛି, ସେମିତି ଅଚାନକ ଭାବେ ସୁଖ କଣ ଆସିବନି? ଏକଥାର ଫଇସଲା ତ 'ସେ' କରିବ ।" ବିଡ଼ି ଧୂଆଁ ଫୁଙ୍କି ଉପରେ ଆକାଶ ଆଡ଼କୁ ସଂକେତ କରି ଭିକାରୀ କହିଲା।

ହେଲେ ନିଜେ ଅନୁଭବ କରୁଥିଲା ଯେ, ଏତକ କଥା ସେ କେବଳ ଯୁବକଟିକୁ ସାନ୍ତ୍ୱନା ଦେବା ପାଇଁ କହୁଛି। "ଆତ୍ମହତ୍ୟା କରିବା ଠିକ୍ ନୁହେଁ ବାବୁ। ଆମେ ସଭିଏଁ ତ ଦିନେ ନା ଦିନେ ମରିବା ସେତେବେଳେ ପର୍ଯ୍ୟନ୍ତ ଜୀଇଁବାନି କାହିଁକି? " ଯୁବକକୁ ସାନ୍ତ୍ୱନା ଦେବାର ପ୍ରଚେଷ୍ଟା କରି କହିଲା, "ଆରେ ହଁ ତମେ ଏମିତି ଜୀବନ ଦେବାକୁ ଆସିଲ ଯେ ତମର କଣ କେହି ନାହାନ୍ତି? ମା, ବାପା, ପରିବାର ଅନ୍ୟ କେହି? ନା ମୋ' ଭଳି ଅନାଥ?"

'ମା' କହି ଯୁବକଟି ଦୀର୍ଘଶ୍ୱାସ ଟାଣିଲା। ପୁଣି ଉଠି ଠିକ୍ ଭାବେ ବସିଲା। କିଛି ସମୟ ମୁଣ୍ଡ ନୁଆଇଁ ବସି ରହିବା ପରେ ସୁଁ ସୁଁ ହୋଇ କାନ୍ଦି ଉଠିଲା।

ସାନ୍ତ୍ୱନା ଦେଇ ଭିକାରୀଟି କହିଲା, "ଛିଃ, ବାବୁ କାନ୍ଦନା ।"

ଲୁହ ଭିଜା ମୁହଁ ପୋଛି ଯୁବକଟି କହିଲା, "ମୁଁ ସେଇ ସେଇଠି ଦେଖୁଛନା ," ରେଲ୍ ଲାଇନ୍ ଆରପଟେ ଲମ୍ବି ଯାଇଥିବା ଘରଗୁଡ଼ିକ ଆଡ଼େ ଦେଖେଇ କହିଲା, "ସେଇଟା ଆମ ଘର। ମା ଅଛନ୍ତି। ଛୋଟ ଭାଇ ଅଛି। ଛୋଟ ଭାଇ ବାହା ହେଲାଣି , ତାର ପିଲାପିଲି ବି ଅଛନ୍ତି। କେବଳ ମୁଁ କିଛି କାମର ନୁହେଁ , କାହାକୁ ଖୁସି ବି କରିପାରେନା। ମା'ର ଗର୍ଭ ଭିତରେ ରହିଲା ଦିନଠୁଁ ମା'ର ବୋଝ ହୋଇ ରହିଛି। ତାର ତ ପୂରା ବିଶ୍ୱାସ ଯେ ମୋର ଗୋଡ଼ ଠିକ୍ ହୋଇଯିବ। ଭାଇକୁ ସଦାବେଳେ କୁହେ—ଏ ଡ଼ାକ୍ତରକୁ ଦେଖାଇ ଦେ, ସେ ଡ଼ାକ୍ତରକୁ ଡ଼ାକ।

ଆଉ, ତା ପାଖରୁ ପଇସା ମାଗି ମାଗି ଡ଼ାକ୍ତର ଦେଖାର ଶେଷ ନାହିଁ। ତଥାପି . କିଛି ହେଲା ନାହିଁ। ଭାଇ ବିଚରା ହେଲେ କ'ଣ କରିବ? ତାର ଘର ସ୍ତ୍ରୀ ପିଲାପିଲି ବି ତ ଅଛନ୍ତି। ତା ଉପରେ ଆଉ ବୋଝ ହୋଇ ରହିବି କାହିଁକି? ମୋ ଲାଗି ମା' ଓ ଭାଇ ଭିତରେ ସବୁଦିନେ ଝଗଡ଼ା ଚାଲେ। ଦିନେ ଖୁବ୍ ରାଗିକରି ଭାଇ ମୋତେ 'ଛୋଟା' କହିଦେଲା। ଆଉ କଣ? ମା, କେବଳ ମୁଣ୍ଡ ପିଟି ପିଟି କାନ୍ଦି ଉଠିଲା। "

ଛୋଟା ପାଖରୁ ଏତକ ଶୁଣି ଭିକାରୀର ମନେ ପଡ଼ିଲା – ରାମଲିଙ୍ଗସ୍ୱାମୀଙ୍କ ଭଳି ମୁଣ୍ଡ ଘୋଡ଼ି ହୋଇ ତାକୁ 'ନେ ରେ ବାବା ନେ ' କହୁଥିବା ସେଇ ମମତାମୟୀ ମହିଳାଙ୍କ କଣ୍ଠସ୍ୱର ଓ ଅଧାଢ଼ଙ୍କା ମୁହଁ। ଗୋଡ଼ ଲମ୍ବାଇ ଆଣ୍ଠୁକୁ ରଗଡୁଥିବା ଯୁବକଟି କହିଲା, "କାଲି ବି ସେଇ କଥା। କିଏ ଜଣେ ଖବର ଦେଲା ଜଣେ କବିରାଜ ଅଛନ୍ତି। ଏମିତି ରୋଗକୁ ଭଲ କରି ଦିଅନ୍ତି। ବାସ୍ ହାତର ପଇସା କାନିରେ ଗଣ୍ଠେଇ, ମା କହିଲା, "ଚାଲ୍ ମୋ ସଙ୍ଗେ।" ମୁଁ ଆଉ କରନ୍ତି କଣ? ମା'ର କାନ୍ଧରେ ହାତରଖି ଝୁଙ୍କି ଝୁଙ୍କି ଚାଲିଲି। ପୂରା ଚାରି ମାଇଲ ରାସ୍ତା। ଆମେ ପହଞ୍ଚିଲା ପରେ ମା'ର ସବୁ ଆଶା ଭରସା ଯେମିତି ପାଣି ଫାଟିଗଲା। ମୋର ଗୋଡ଼ ଦେଖି କବିରାଜ ସଫା ସଫା ମନାକରି ଦେଲେ– ଏ ରୋଗ ମୋଟେ ଭଲ ହେବ ନାହିଁ। ତାଙ୍କର ସେ କଷ୍ଟୋପାର୍ଜିତ ଖ୍ୟାତିକୁ ଧିକ୍କାର କରି ମା କହିଲା ଯେ, ସେ ସେତେ ବଡ଼ କବିରାଜ ନୁହେଁ ଦୁନିଆକୁ କେବଳ ଧୋକା ଦେଉଛି। ରାଗରେ ତମ ତମ ହୋଇ ମୋ ହାତ ଧରି ପୁଣି ଘୋଷାରି ଘୋଷାରି ଆଣିଲା ବସ୍‌ଷ୍ଟାଣ୍ଡ ଯାଏଁ। ବସ୍‌ରେ ଯେ ଭିଡ଼ କାହିଁରେ କ'ଣ ।"

କ୍ଷଣିକ ପାଇଁ ଛୋଟା ଯୁବକଟି ଚୁପ୍ ହୋଇଗଲା। ଅଶ୍ରୁସିକ୍ତ ଦୃଷ୍ଟିରେ ଦେଖିଲା କାହିଁ ଦୂରର ଶୂନ୍ୟ ଆକାଶ ଆଡ଼େ। ହୃଦୟରୁ ଉଛୁଳି ପଡୁଥିବା ଦୁଃଖକୁ ପୁଣି ଛାତି ଭିତରେ ଚାପି ଧରିବାର ଚେଷ୍ଟା କରୁଛି। ମନେ ପଡୁଛି ସେଇ ବେଦନାଗ୍ରସ୍ତ ଅସହ୍ୟ ଘଟଣାଟି ଯେଉଁଥି ପାଇଁ ସେ ଚାଲି ଆସିଥିଲା ଆତ୍ମହତ୍ୟା କରିବାଲାଗି।

ସେଇ ଦୃଶ୍ୟ—

ନିଜ କାନ୍ଧ ଉପରେ ହାତ ରଖି ଚାଲୁଥିବା ପଙ୍ଗୁ ପୁଅର ବୋଝ ବୋହି ଚାଲୁଥିବା ବୟୋବୃଦ୍ଧା ମା ରାଗରେ କହୁଥିଲା, "ମୁହଁ ପୋଡୁ ସେ କବିରାଜର। ସଭିଏଁ କହିଲେ ବୋଲି ଆସିଲି। ସେ କଣ ଗୋଟେ କବିରାଜ।/ ସେ'ତ ଯାଦୁକର ଭଳି ଜଣାପଡୁଛି। ତୁ ଚିନ୍ତା କରନା ପୁଅ। ଆର ମାସ ତତେ ଭେଲୋର ମିଶନ୍ ହାସ୍‌ପାତାଳକୁ ନେଇଯିବି। ଆଉ ।" ମା ଆଉ କଣ କହି ଆସୁଥିଲା। ତା କାନ୍ଧ ଉପରେ ମୁହଁ ରଖି ଲୁହ ପୋଛି ଯୁବକଟି କହିଲା, "ଛୋଟା ହେବାରେ ମୋର ବେଶୀ ଚିନ୍ତା ନାଇଁ ମା, ମୋ' ପାଇଁ ତୋର କଷ୍ଟ ଦେଖି ମୁଁ ରହିପାରୁନି ।"

ମା'ର କାନ୍ଧ ଉପରେ ମୁହଁ ଘଷୁ ଘଷୁ ଯୁବକଟି କିଛି କହିଲା ବେଳକୁ ବସ୍ ଆସିଗଲା।

"ଯୋର୍‌ରେ ଧରିଥା ପୁଅ ଦେଖି କରି ଆ ହଁ ହଁ ଏଇଠି ବସି ଯା " ତାକୁ ଯେମିତି ସେମିତି ଟାଣିନେଲା ବସ୍ ଭିତରକୁ। କଣ୍ଡକ୍ଟର ଅଥୟ ଭାବେ କହିଲା, "ଆରେ ଜଲ୍‌ଦି କର କେତେ ଡ଼େରି କରୁଛ।" ବହୁ କଷ୍ଟରେ ବସ୍ ଉପରେ ଚଢି ଆଗରେ ଥିବା ସିଟ ଉପରେ ପୁଅକୁ ବସାଇ ବୁଢୀ ବି ନିଜେ ବସିଗଲା।

ବସ୍ ଚାଲିଥିଲା। ବୁଢୀ ପଣତ କାନି ଖୋଲି ରେଜା ପଇସା ବାହାର କଲା। ଯୁବକଟି ଏପାଖ ସେପାଖ ଦେଖୁ ଦେଖୁ ସିଟ ଉପରେ ଲେଖାଥିବା 'ମହିଳା' ଶବ୍ଦଟି ଉପରେ ଦୃଷ୍ଟି ପଡ଼ିଲା। ଆଗ ଷପ୍‌ରେ ବସ୍ ରହିଲା ପରେ ଜଣେ ଖୁବ୍ ସୁନ୍ଦରୀ ଯୁବତୀ ବସ୍ ଉପରକୁ ଚଢିଲା। କଣ୍ଡକ୍ଟର ବି ପାଖକୁ ଆସିଲା। ଛୋଟା ଭାବିଲା ସେ ବୋଧହୁଏ ମହିଳା ସିଟ ଉପରେ ବସିଛି। ମନେ ମନେ ତାର ପୌରୁଷରେ ଯେମିତି ପ୍ରଚଣ୍ଡ ଆଘାତ ଲାଗିଲା। ଠିକ୍ ସେଇ ସମୟରେ କଣ୍ଡକ୍ଟର ପାଟିକରି ଉଠିଲା, "ଆରେ ଏ ବାବୁ! ଦେଖୁନ ତମ ପାଖରେ ମହିଳା ଜଣକ ଛିଡା ହୋଇଛନ୍ତି।

ଯୁବକଟି ହଠାତ ଛିଡା ହୋଇଗଲା, ସତେ ଯେମିତି ତାର ଗୋଡରେ କୁଆଡୁ ପ୍ରବଳ ଶକ୍ତି ଆସି ଯାଇଛି। ସେ ଉଠିଲା ମାତ୍ରେ, ଯୁବତୀ ଜଣକ ସେଠାରେ ବସି ପଡିଲା। ଯୁବକଟି କିନ୍ତୁ ବେଶି ବେଳ ଠିଆ ହୋଇ ନପାରି ଝୁଙ୍କି ପଡିଲା।

'ବାବୁ ବାବୁ ' ମା ର ବେଦନାଭରା କଣ୍ଠ କଣ୍ଡକ୍ଟର ଯୁବତୀ ଓ ଅନ୍ୟମାନଙ୍କର ଦୃଷ୍ଟି ଟାଣି ଆଣିଲା ସେଇ ଆଡକୁ। ଯେଉଁ କଥା ଅନ୍ୟମାନଙ୍କ ପାଖରୁ ଶୁଣିବାକୁ ପ୍ରସ୍ତୁତ ନଥିଲା ସେ କଥା ନିଜ ମୁହଁରେ କହିବା, "ବାବୁ ପୁଅ ମୋର ଛୋଟା। ଠିଆ ହୋଇ [illegible]। ତାର ଆଖିର କୋଣରୁ ଲୁହର ବୁନ୍ଦା ଝରି ଯାଉଛି। ନିଜେ ଛିଡା ହୋଇ ସିଟ ଉପରେ ବସିବା ପାଇଁ ପୁଅକୁ କହିଲା, ଏଇଠି ଏଇଠି ତୁ ବସ୍ ମୋ ଧନ। ପଡି ଯାଉ ଯାଉ କୌଣସି ପ୍ରକାରେ ମା'ର କାନ୍ଧ ଧରି ପକେଇ ସେ କହିଲା, "ନାଇଁ ମା। ମୁଁ ଏମିତି ଠିଆ ହୋଇ ଯିବି।"

ତାକୁ ଟାଣିଆଣି ଯୁବତୀ ପାଖରେ ବସେଇ ମା କହିଲା, "ନାଇଁରେ ପୁଅ। ତୁ ପାରିବୁନି। ଯୁବତୀ ଜଣକ ଉଠିପଡି, ମୁହଁରେ କ୍ଷମାପ୍ରାର୍ଥନା ଦୃଷ୍ଟିରେ କହିଲା, "ଆପଣ ଏଇଠି ବସନ୍ତୁ ମା।" ଲଜ୍ଜାରେ କଣ୍ଡକ୍ଟରର ମୁହଁ ଝାଉଁଳି ଗଲାଣି। ଟିକିଏ ନଇଁପଡି କହିଲା, "ମୁଁ ଜାଣି ନଥିଲି ବାବୁ। ମୋତେ କ୍ଷମା କରନ୍ତୁ " ଛୋଟା କାହାରି ଆଡ଼କୁ ଦେଖିଲା ନାଇଁ କି କାହାସହ କଥାବାର୍ତ୍ତା ବି କଲା ନାହିଁ। ଉଛୁଳି ଆସୁଥିବା ଲୁହ ଅଟକାଇବାର ଚେଷ୍ଟାକରି କେବଳ ମା'ର କାନ୍ଧରେ ମୁହଁ ଘଷିବାକୁ ଲାଗିଲା।

ବସ୍ ପୁଣି ଚାଲିଥିଲା। ବସ୍ ଭିତରେ ସଭିଙ୍କ ସହାନୁଭୂତି ବୋଝ ତା ଉପରେ ଲଦି ହୋଇଥିଲା ଆଉ ସେ ବୋଝରେ ତା ହୃଦୟ ଯେମିତି ଚାପି ହୋଇ ଯାଉଛି ।

ଭିକାରୀ ନୀରବରେ ଶୁଣି ଯାଉଥିଲା। ଛୋଟାର ଆତ୍ମକାହାଣୀ। ବର୍ତ୍ତମାନ ନିଜେ ଭାବୁଛି ନିଜ ସମ୍ପର୍କରେ ।

"ଛୋଟାଟି ଏଇଲେ ଯୁବକ, ତା ଆଗରେ ଜୀବନର ଲମ୍ବ ରାସ୍ତା ପଡ଼ିଛି । ଅସୁବିଧା ପଡ଼ିଲେ ତାର ଚିନ୍ତା ଓ ତାକୁ ସାହାଯ୍ୟ କରିବାଲାଗି ବନ୍ଧୁବାନ୍ଧବ ଅଛନ୍ତି। ମା ଚାହୁଁଛି ପୁଅର ଦୀର୍ଘ ଜୀବନ। ତାକୁ ଅକର୍ମଣ୍ୟ ଜାଣି ସ୍ନେହ, ମମତା, ସହାନୁଭୂତି ଓ ଦୟା ଦେଖାଇବା ପାଇଁ ସାରା ଦୁନିଆ ପ୍ରସ୍ତୁତ ଅଛି। ତାହେଲେ ୟା'ର ମରିବାର ଦରକାର କଅଣ ? " ଭାବୁ ଭାବୁ ତା ଚିନ୍ତାଧାରା ବଦଳି ଯାଇ ନିଜ ବିଷୟରେ ଭାବିବାକୁ ଲାଗିଲା।

"ମୋର କିଏ ଅଛି? ମୋର ଅସୁବିଧା ହେଲେ କିଏ ଅଛି ଯେ ମୋ ପାଇଁ ଦୁଃଖ କରିବ? ଧାଇଁ ଆସିବ ସାହାଯ୍ୟ କରିବାଲାଗି ? ବନ୍ଧୁ ବାନ୍ଧବ ଘଉଡ଼ି ଦେବା କଥା ତ ପୁରୁଣା ହେଲାଣି। ମୋତେ ଛାଡ଼ି, କେହି ଜଣେ ହେଲେ ଏ ଦୁନିଆରେ ଚାହେଁ ଯେ ମୁଁ ବଞ୍ଚେ ବୋଲି? ମୋତେ ସ୍ନେହ, ସହାନୁଭୂତି, ଦୟା ଦେବାଲାଗି କିଏ ଅଛି? ମୋତେ ଦେଖିଲା ମାତ୍ରେ ଲୋକେ ଘୃଣାରେ ନାକ ଟେକନ୍ତି। " ବସି ବସି କେତେ କଥା ଭାବୁଥିଲା।

ଛୋଟାର ଆଖିରେ ନିଦ ମାଡି ଆସିଲାଣି। ହାଇ ମାରିଲା। ହାଇର ଶବ୍ଦ ଶୁଣି ଭିକାରୀ ତା ଆଡ଼କୁ ଦେଖିଲା , "ଦେଖ ବାବୁ ମୋ' କଥା ମାନ ତମେ ମରିବା ଉଚିତ ନୁହେଁ। ଅକର୍ମଣ୍ୟ ବୋଲି ନିଜେ ଦୁଃଖ କରୁଛ, ଅନ୍ୟମାନଙ୍କୁ ବି ଦୁଃଖୀ କରୁଛ।"

"ସେଥିପାଇଁ ତ କହୁଛି ଅକର୍ମଣ୍ୟ ହେବା ଯୋଗୁଁ ସମସ୍ତଙ୍କ ବୋଝ ହୋଇ ରହୁଛି। ଡ଼ାକ୍ତର ଦେଖାଇବା ପାଇଁ ମା ସାନଭାଇକୁ ପଇସା ମାଗେ। ମୋରି ଯୋଗୁଁ ଦିହିଁଙ୍କ ଭିତରେ ଝଗଡ଼ା ଆରମ୍ଭ ହୋଇଯାଏ । ସମସ୍ତଙ୍କୁ କେତେ ଦୁଃଖ ଦେଉଛି ମୁଁ ।"

ଛୋଟାର କଥା କାଟି ଭିକାରୀ କହିଲା, "ଆରେ ଭାଇ। ସବୁବେଳେ ମା'ର କାନ୍ଧ ଧରି ପଡ଼ି ରହିଥିବ ତ, ଏମିତି ଝଗଡ଼ା ସବୁବେଳେ ହେବ। ଗୋଡ଼ ନଥିଲେ କ'ଣ ହେଲା ? ନିଜ ହାତ ତ ଜଗନ୍ନାଥ। ବଞ୍ଚି ରହିବା ପାଇଁ ହାତ ଗୋଡ଼ର ଦରକାର ନାହିଁ। ଭଲ ହୃଦୟ ଦରକାର। ବୁଦ୍ଧି ଦରକାର। ମଣିଷର ଯେଉଁ ବୁଦ୍ଧି ଅଛି, ବାଘ-ହାତୀ ଭିତରେ ବି ଏତେ ବୁଦ୍ଧି ନାହିଁ। ଯଦି କୌଣସି ଗୋଟିଏ ଜିନିଷ ତା ପାଖରେ ନାହିଁ ବୋଲି ମଣିଷ ମରିଯାଉଥାନ୍ତା, ତା'ହେଲେ ବର୍ତ୍ତମାନ ସୁଦ୍ଧା ମଣିଷ ଜାତି ତ ଶେଷ ହୋଇ ସାରନ୍ତାଣି। ତମେ ଯଦି ଖୁବ୍ ଚିନ୍ତା କରିବ ଯେ, ଅକର୍ମଣ୍ୟ ହେବା ସତ୍ତ୍ୱେ ବି କାମ କରି ଜୀଇଁବ, ତା'ହେଲେ ତ ତୁମେ ଗୋଡ଼ଥିବା ଲୋକଠାରୁ ଆହୁରି ଅଧିକ ବେଗରେ ଦୌଡ଼ି ଯାଇ ପାରିବ।"

"ମଣିଷର ପକ୍ଷୀ ଥିଲେ ସେ ନିଜେ ଆକାଶରେ ଉଡ଼ନ୍ତା। ପକ୍ଷୀ ନଥିଲେ ବି, ଦେଖ, କେମିତି 'ଫୁର୍ ଫୁର୍' କରି ଉଡ଼ାଜାହାଜରେ ଉଡ଼ି ବୁଲୁଛି। ଆକାଶରେ ଆହୁରି ଦୂରକୁ ଯାଇ ଆଉ ବି କ'ଣ କ'ଣ ଯୋଗାଡ଼ କରି ଆଣୁଛି ମଣିଷ। ସେତକ ନ ପାରିଲେ କ'ଣ ମରିଯା'ନ୍ତା? ନିଜର ମା'କୁ ଏକଥା ଦେଖାଇ ଦେବ ଯେ, ତା ପୁଅ ଅକର୍ମଣ୍ୟ ହେଲେ କଣ ହେଲା? ଦେଖ୍ କେମିତି କେମିତି କାମ ସବୁ କରୁଛି ତାହେଲେ ସାନ ଭାଇ ସହ ସେ କ'ଣ ଆଉ ଝଗଡ଼ା କରିବେ? ତୁମେ ତ ମୋ'ଭଳି– ଆଉ ସେ ବଡ଼ ରୋଗର ଶୀକାର ତ ନୁହଁ। ସେ ରୋଗର କିଛି ଚିକିତ୍ସା ବି ନାହିଁ। ମୁଁ ଯଦି ଜୀଇଁବାକୁ ଚାହୁଁଛି ତମେ କାହିଁକି ମରିବା କଥା ଚିନ୍ତା କରୁଛ?" କହୁ କହୁ ଭିକାରୀର ଗଳା ରୁଦ୍ଧ ହୋଇ ଆସିଲା। ତାର କଥା ଭିତର ଦେଇ ତା ମନରେ ଥିବା ବଞ୍ଚିବାର ପ୍ରବଳ ଇଚ୍ଛା ଓ ବଞ୍ଚି ରହିବାର ବିଶ୍ୱାସ ଛୋଟାର ମନ ଭିତରେ ପଶିବାକୁ ଲାଗିଲା। ଭିକାରୀଟି ତଥାପି କହିଚାଲିଥିଲା—

"କେମିତି କଥା ଯେ ତମେ କହୁଛ ଏଇଲେ କହୁଥିଲ ପରା, ବସ ଭିତରେ ତମକୁ ପହିଲେ ଉଠିବା ପାଇଁ ଓ ତାପରେ ବସିବା ପାଇଁ କୁହାଗଲା। ଏଥିପାଇଁ ତୁମେ ଦୁଃଖୀ ହୋଇଗଲ। ଠିକ୍ ଅଛି। ମୋ କଥା ଥରେ ଭାବିଲ– ମୋତେ କିଏ କ'ଣ ବସ୍ ଭିତରେ ଚଢ଼ିବାକୁ ଦେବ? ଦିନବେଳା ତମେ ମୋତେ ଦେଖିଲେ, ଏମିତି ପାଖରେ ବସି କଥାବାର୍ତ୍ତା ବି ହେବନି। ଏଇ ଦେଖ– ଆଲୋକରେ ଏଇ ମୋର ପ୍ରଶ୍ନ ଚିହ୍ନ ଭଳି ହାତକୁ। କୋଟକୁ କହୁଣୀ ଉପରକୁ ଟେକି ଆଙ୍ଗୁଠି ଝଡ଼ିଯାଇଥିବା ନିଜର ହାତକୁ ଜହ୍ନ ଆଲୁଅରେ ଦେଖେଇଲା। କେଉଁ ଲାଞ୍ଛିତ କଣ୍ଠରେ କହିଲା, "କିଛି ଦିନ ଆଗରୁ ମୋର ଏ ହାତଟି ପୂରାଥିଲା। ତମର ତ ଗୋଡ ନାହିଁ , ମୋର ତ ସବୁ କିଛି ଧିରେ ଧିରେ ନଷ୍ଟ ହୋଇ ଯାଉଛି, ଶେଷ ହୋଇ ଯାଉଛି। ଏଇ ହାତରେ ଗଲା ପଅରି ଦିନ ଗୋଟିଏ ପିଲାକୁ ଉଠେଇ ନେଇଥିଲି। ତାକୁ ହାତରେ ଉଠେଇବାର ଇଚ୍ଛା ନଥିଲା। ଏ ଭଳି ଇଚ୍ଛା କେବେ କରିପାରେ? ରେଲ୍ ଲାଇନ୍ ଉପରେ ଛିଡା ହୋଇଥିଲା। ରେଲ୍ ଆସିବାର ସମୟ ହୋଇ ଯାଇଥିଲା। ସେଥିପାଇଁ ଘାବରେଇ ଯାଇ ଉଠାଇ ଆଣିଲି। ମୋ' ଦେହରେ ଟିକିଏ ବି ଶକ୍ତି ନ ଥିଲା, ହେଲେ ପିଲାକୁ ଉଠାଇ ନେବାର ଚିନ୍ତାରେ ବିଭୋର ଥିଲି। କିନ୍ତୁ କିନ୍ତୁ ଜାଣିଛ– ଏଥିପାଇଁ ତା ବାପ ମା ମୋତେ ମାରିବା ପାଇଁ ଦୌଡ଼ି ଆସିଥିଲେ। ମଣିଷଭାବେ ଜନ୍ମ ହୋଇ ସୁଦ୍ଧା ମଣିଷକୁ ମିଳୁଥିବା କୌଣସି ପ୍ରକାର ଆନନ୍ଦ ବା ଅଧିକାର ମୋତେ ମିଳିବା ସମ୍ଭବ ନୁହେଁ। ତଥାପି ଜୀଇଁ ତ ରହିଛି। ଭୂତ ଭଳି ନିହାତି ଏକେଲା ଭାବେ, ଜୀଇଁ ରହିବା ନାଁରେ ନିଜକୁ ନିଜେ ଜୀଇଁ ରହିବାର ଧୋକା ଦେଉଛି ", ଥଙ୍ଗ ଥଙ୍ଗ ହୋଇ କହି ଶେଷରେ ଭିକାରୀଟି ମଧ୍ୟ କାନ୍ଦି ପକେଇଲା।

କିଛି ସମୟ ପରେ ଆଖି ପୋଛି ଶୁଖା ହସ ହସି ପୁଣି କହିଲା, "ଠିକ୍ ଅଛି ପିଲାର ଚିନ୍ତା ବାପା ମା'ଙ୍କର ଥାଏ ମୃତ୍ୟୁଠାରୁ ଏ ରୋଗ କ'ଣ ଭୟାନକ ନୁହେଁ? ତଥାପି ସବୁ କଥା କହିଲା ପରେ ସେମାନେ କିଛିଟା ମାନିଗଲେ। ତଥାପି ସେଇ ସ୍ତ୍ରୀ'ଟି କହିଲା, "ଆମକୁ ଡ଼ାକ ପକେଇଥିଲେ ଆମେ ତ ଧାଇଁ ଧାଇଁ ଆସିଥାଆନ୍ତୁ ତୁ କାହିଁକି ଉଠେଇଲୁ?"

"ଆପଣ ଠିକ୍ କହିଛନ୍ତି। ମୋର ଭୁଲ୍ ହୋଇଗଲା," କହି ମୁଁ କ୍ଷମା ମାଗି-ଚାଲି ଆସିଲି। ରୋଗଟି ତ ଭୟାନକ। ମଣିଷକୁ ଏ ରୋଗ ନହେଉ। ଚିକିତ୍ସା କରାଯାଇ ପାରେ। ମୋ ରୋଗ ବହୁତ ବଢ଼ି ଯାଇଥିଲା। ଆଉ ଭଲ ହେବ ନାହିଁ। ବଢ଼ିଯିବ। ଅନ୍ୟମାନେ ସାବଧାନ ହେବା ଉଚିତ। ମା, ପୁଅର ମୃତ୍ୟୁ ସହି ପାରିବ, ହେଲେ ତାର ଏଭଳି ଦୁଃଖ କେବେ ସହି ପାରିବ ନାହିଁ।" ଗୁଣୁ ଗୁଣୁ ହୋଇ ନିଜକୁ କହି ଯାଉଥିଲା।

କିଛି ସମୟ ଧରି ଚୁପ୍ ପଡିଥିବା ଛୋଟା ଯୁବକଟି ପୁଣି ହାଇ ମାରିଲା।

"ନିଦ ଲାଗୁଛି। ସେଇଠି ଗଡ଼ିପଡ ବାବୁ। ଶୋଇ ପଡ଼ିଲେ ଭାରି ଖୁସି ଲଗେ। ମରିଗଲେ ଆଉ ଶୋଇ ପାରିବ ନାହିଁ। ସକାଳ ହେଲେ ମା'ର ପୁଅ ହୋଇ ଚାଲିଯିବ। ଶେଷରେ ତୁମକୁ ଏତିକି କହିବି ଯେ "ଗୋଡ଼ ନାହିଁ" ବୋଲି କାହା ଉପରେ ବୋଝ ହୋଇ ରହିବ ନାହିଁ। ମରିବା ପାଇଁ ଯେମିତି କାହାର ସାହାଯ୍ୟ ବିନା ଚାଲି ଆସିଥିଲ, ସେମିତି ଜୀଇଁବା ପାଇଁ ଚାଲିଯାଅ। ସେଇଟା କୌଣସି ଲଜ୍ଜାକର କଥା ନୁହେଁ। ଦେଖିବ ତୁମକୁ ଦେଖି ତୁମର ମା ଖୁସି ହେବେ କି ନାହିଁ।" ଭିକାରୀଟି ପୁଣି ପୋଡା ବିଡ଼ିଗୁଡ଼ିକ ଉଠାଇ ଗୋଟିକ ପରେ ଗୋଟିକ ପିଇ, ଖମ୍ଭ ଉପରେ ମୁଣ୍ଡରଖି ଆକାଶ ଆଡ଼କୁ ଏକ ନିର୍ବେଦ ଦୃଷ୍ଟିରେ ଦେଖିବାକୁ ଲାଗିଲା।

"ଆରେ— ସପ୍ତର୍ଷିମଣ୍ଡଳ ତ ବହୁ ଉପରକୁ ଉଠିଗଲାଣି ଚାରି ତାରାର କୋଣରେ, ଲାଞ୍ଜ ଭଳି ଲମ୍ବି ଯାଇଥିବା ତିନୋଟି ତାରାର ମଝି ତାରାର ପାଖେ ହଁ ଅରୁନ୍ଧତୀ। ଅରୁନ୍ଧତୀକୁ ଦେଖିଲା ଲୋକ ଛ' ମାସ ଯାଏଁ ମରେନି। କେଉ ଶଳା ଯେ କହିଛି ଏକଥା? ଆଉ ଦୀର୍ଘ ଦିନ ଜୀଇଁ ଧୂଳି ଚାଟିବି ମୁଁ?" ଦୁଃଖରେ ଗୁଣୁ ଗୁଣୁ ହୋଇ ଅଧପୋଡା ବିଡ଼ି ଚଟାଣ ଉପରେ ଫିଙ୍ଗି ଦେଇ ଗୋଡ଼ରେ ମଳି ଦେଲା। ଦୃଷ୍ଟି କିନ୍ତୁ ଲାଗି ରହିଛି ସପ୍ତର୍ଷି ମଣ୍ଡଳ ଉପରେ।

ସକାଳ ଛ'ଟାରେ ଉତ୍ତର ଆଡ଼କୁ ଯାଉଥିବା ମାଲ୍ ଗାଡ଼ିର ସିଟି ଶୁଭୁଛି। ଗାଡ଼ିର କାନ ଫଟା କର୍କଶ ଶବ୍ଦ ଶୁଣି ଛୋଟା ଯୁବକର ନିଦ ଭାଙ୍ଗିଗଲା। ତା ପାଖରେ ଭିକାରୀର ମଇଳା କପଡ଼ା ଓ ଟିଣ ଡାଟିଆଟି ପଡ଼ିଛି। ଡାଟିଆ ଉପରେ ମାଛି ଭଣ ଭଣ ହେଉଛନ୍ତି।

ଦୂରେ, ଖୁବ୍ ଦୂରେ ରେଲ ଲାଇନ୍ ବଙ୍କେଇ ହୋଇ ଯାଇଛି। ସେଇଠି ମାଲ୍ ଗାଡ଼ି ଛିଡ଼ା ହୋଇ ଭକ୍ ଭକ୍ କରି ଧୂଆଁ ବାନ୍ତି କରିବାରେ ଲାଗିଛି। ସେ ଜାଗାରେ କେଜାଣି କାହିଁକି ଲୋକ ଭିଡ଼ ଜମିଛି।

"ସେ ଯେଉଁ କୁଷ୍ଠରୋଗୀ ଭିକାରୀଟି ଏଇଠି ବୁଲୁ ନଥିଲା, ଗାଡ଼ି ଆଗକୁ ଡ଼େଇଁ ପଡ଼ିଲା । ମୋତେ ସେ ଜୀଇଁବା ଶିଖାଇଲା, ମୁଁ ତାକୁ ମରିବା ଶିଖାଇଲି। ଆମର ଯଦି ଦେଖା ସାକ୍ଷାତ ହୋଇନଥାନ୍ତା? ତା ହେଲେ ?–" ଛୋଟାର ଆଖିରେ ଲୁହ ଜକେଇ ଆସିଲା।

ଏଇ ଜାଗାଟି ତାହେଲେ କ'ଣ ଅଶୁଭ?– ନା ନିଜକୁ ବଳି ଦେଇ ଆଉ ଗୋଟାଏ ଦୁର୍ଘଟଣା ଏଡ଼ାଇ ଦେବାର ଚେଷ୍ଟା କରିଛି? ତା ଦେହରେ କ'ଣ ଏତେ ଅଛୁଆଁ ରୋଗ? ନା-ନା-ଆତ୍ମହତ୍ୟାର ଚିନ୍ତାର — ଜୀବନକୁ ଘୃଣା କରିବାହିଁ ସବୁଠୁ ବଳି ବଡ଼ ରୋଗ ଭିକାରୀ ଜଣକ ତାର ଶିକାର ହୋଇଗଲା।

ରେଲ୍ ଲାଇନ୍ ଆର ପଟେ ଥିବା ଘରଗୁଡ଼ିକର ଦରଜା ଖୋଲି, ରେଲ୍ ଲାଇନ୍ ଉପରେ ଏ ତାମସା ଦେଖୁ ଦେଖୁ କେହି ଜଣେ "ଓଃ ମୋ ଧନ ରେ " କହି ଉଠିଲା। ବେଦନା ଭରା ସେଇ ସ୍ୱର ଯେମିତି, ଦୁର୍ଘଟଣା ପାଖରେ ଠିଆ ହୋଇଥିବା ଲୋକଙ୍କ ହୃଦୟ କରତି ଦେଇଗଲା।

"ମା ! ମୁଁ ଅଛି ବଞ୍ଚିଛି ମା !" କହି ସେଇ ବୃଦ୍ଧାର ପୁଅ ଜୋର୍‌ରେ ଆଣ୍ଠୋଇ ଆଣ୍ଠୋଇ ତା ମା' ପାଖକୁ ଆସିଗଲା।

"ମୋ ଧନ। ମୋ ପୁଅ।"

ରେଲ୍ ଲାଇନ୍ ଉପରେ ଲୁଡ଼ୁବୁଡ଼ୁ ହୋଇ ପଡ଼ି ରହିଥିବା ପୁଅର ଡ଼ାକ ମା କାନରେ ଶୁଭୁଛି 'ମା, ମୁଁ ବଞ୍ଚିଛି।' କିଛି ସମୟ ଧରି ବୁଢ଼ୀ କିଛି ବୁଝି ପାରିଲା ନାହିଁ। ପେଟ ଉପରେ ହାତ ଯାକି ମୁହଁରେ ମୁହେଁ ଲୁହ ଧରି ଛିଡ଼ା ହୋଇଗଲା। ତାପରେ ଓଠରେ ଫୁଟି ଉଠିଲା ଅନେକ ହସର ଫୁଲ। ରେଲ୍ ଲାଇନ୍‌କୁ ଦେଖି କହିଲା

"କେଉଁ ଅଭାଗିନୀର ପୁଅ ଚାଲିଗଲାରେ ।"

ପୁଣି ଖୁବ୍ ଯୋର୍‌ରେ କାନ୍ଦି ଉଠିଲା ମା।

ତା'ପାଖକୁ ଆସି ତା'ର ହାତ ଧରି ପୁଅ ଠିଆ ହୋଇ ତା' କାନ୍ଧ ଉପରେ ମୁହଁ ଯାକି କାନ୍ଦିଲା ସ୍ୱରରେ କହିଲା, "ମା ! ମୁଁ ବଞ୍ଚିଛି ମା ସେଇଟା ତୋର ପୁଅ ନୁହେଁ ସେ ଲୋକଟି ମରିବାର ନଥିଲା ମା ଓଃ !"

ଛୋଟା ଖୁବ୍ କରୁଣଭାବେ ଯୋର୍‌ରେ କାନ୍ଦି ଉଠିଲା।

ଆତ୍ମ ଦର୍ଶନ

ସେଇ ପ୍ରଖ୍ୟାତ ସାପ୍ତାହିକୀର ସହ-ସଂପାଦକ ହୋଇଥିବାରୁ ଶିବରମଣର ଖୁବ୍ ଅଭିମାନ ଥିଲା। ପ୍ରତିଦିନ ଆସୁଥିବା ବହୁ କାହାଣୀ ଲେଖକମାନଙ୍କ ନାମ ଲେଖିପକାଏ। ଅସ୍ୱୀକୃତ କାହାଣୀଗୁଡ଼ିକ ଉପରେ 'ଦୁଃଖର ସହିତ ଫେରସ୍ତ' ଲେବଲ୍‌ଟି ମାରି ସେମାନଙ୍କ ପାଖକୁ ଫେରାଇ ଦିଏ। ଏଭଳି ଠିକଣା ଲେଖିବା ତାର ଦୈନନ୍ଦିନ କାମ ହୋଇଗଲାଣି।

ତା ନାଁରେ ଆଜି ଗୋଟିଏ ଚିଠି ଆସିଛି।

ସେଇ ଲମ୍ବା ଲଫାଫା ଉପରେ 'ଶିବରମଣ, ସହ-ସଂପାଦକ' ଲେଖାଟି ଦେଖି ନିଜ ଉପରେ ତାର ଗର୍ବ ହେଲା କିଛିଟା।

ସେଇ ଲମ୍ବା ଲଫାଫାଟିର ମୁହଁ ଚିରି ଚିଠିଟି ଖୋଲିଲା। ଲଫାଫାର ବିଦ୍ଧାଏ କାଗଜ ଭିତରୁ ଗୋଟାଏ କାଗଜ ଅଲଗା ପଡ଼ିଗଲା। ଭାବିଲା ଚିଠିଟିଏ ହେବ ବୋଧହୁଏ। କାଗଜଟି ଉଠାଇ ପଢ଼ିବାକୁ ଲାଗିଲା।

"ଆୟୁଷ୍ମାନ ଶିବରମଣଙ୍କୁ ଆଶିର୍ବାଦ। ଭଗବାନଙ୍କ ଦୟାରୁ ତୋର ସର୍ବସୁଖ ହେଉ। କାହାକୁ ଦେଖା ନକରି ଚାଲି ଆସିବାରୁ ମୋତେ ଖୁବ୍ ଦୁଃଖ ଲାଗିଲା ଛାଡ଼। ଭାବିଲେ, ମନରେ ସ୍ନେହ ଥିଲେ, ମୁହଁକୁହା କଥା କିଛି ନୁହେଁ। ମୁଁ ଯେ କୌଣସି କଥା ଭାବି, କୌଣସି ନିର୍ଭର ନିଷ୍ଚିତତା ଲାଗି ଚାଲି ଆସିଲି, ତା ନୁହେଁ। ପ୍ରକୃତରେ କହି କରି ଆସିବାର ସାହସ କରିପାରିଲି ନାହିଁ କହିପାରିଲି ନାହିଁ। ବାସ୍ ସେତିକି। ଆଉ କିଛି ନୁହେଁ। ଚାଲି ଆସିଲି। ସତ କହିବାକୁ ଗଲେ - କୌଣସି କଥା କହିବାଲାଗି ସାହସ ଦରକାର। ମୁଁ ଅନୁଭବ କରିଛି - କହିବାଟା ସହଜ କଥା, ହେଲେ କରିବାଟା ଖୁବ୍ କଠିଣ। ବହୁତ ମୁସ୍କିଲ। ତୁ ଭାବି ଦେଖି। ତୁ ଭାବୁକ, ଲେଖକ ଆମେ କେତେ ଭଲ ମନ୍ଦ କରି ପକାଉଁ ସେ ସବୁକୁ ପରସ୍ତ ପରସ୍ତ କରି ଖୋଲି ଅଲଗାଭାବେ ସବୁ କଥା କହିବା କ'ଣ ସମ୍ଭବ? ମୁଁ ଚାଲି ଆସିବା ଆଗରୁ ମୋର ଏ ସିଦ୍ଧାନ୍ତ ତୁମମାନଙ୍କୁ ଯଦି କହି ଆସିଥାଆନ୍ତି, ତା, ହେଲେ କହିବି ଦେଇଥା'ନ୍ତି ହେଲେ ମୋ ମନ ମାନି ନଥାନ୍ତା। ମୁଁ ସେଇଠି ବସି ଯାଇଥାନ୍ତି। ମୁଁ ଜାଣେ ମୋର ଚାଲିଯିବା ଦ୍ୱାରା ତୁମମାନଙ୍କୁ ମୋଟେ ଦୁଃଖ ଲାଗିବନି ହେଲେ କ'ଣ କରିବି? ମୋତେ ଦୁଃଖ ଲାଗୁଛି। ତୋ'ସ୍ତ୍ରୀ, ଜାଣି ଶୁଣି ମୋତେ 'ବୁଢ଼ୁ ବ୍ରାହ୍ମଣ' ବୋଲି ଡ଼ାକେ– ସେଇଟା ମଧ୍ୟ ଏମିତି ଭାବେ

କୁହେ ଯେ, ଯେମିତି କି ମୁଁ ଆଖେ ପାଖେ ଥିବା କଥା ସେ ମୋତେ ଜାଣିନି! ସେ ଠିକ୍ କହୁଥିଲା। ଛାଡ୍। ଏଇଲେ ମୁଁ ଚାଲି ଆସିଲା ପରେ କେଉଁଠି ଅଛି, କ'ଣ କରୁଛି ଏସବୁ ଜାଣିବା ପାଇଁ ତୁମ୍ଭେମାନେ ଉତ୍ସୁକ ଥିବ। ଏ ଚିଠି ସହିତ ଆଉ ବିଡ଼ାଏ କାଗଜ ଅଛି। କେବେ ସମୟ ମିଳିଲେ, ସମୟ କଟୁନଥିଲେ, ସେଗୁଡ଼ିକୁ ପଢ଼ି ଦେଖିବୁ। ମୋତେ, ମୋର ହୃଦୟକୁ ତୁ ବୁଝି ପାରିବୁ। ମୋର ବିଶ୍ୱାସ, ତୁ ବୁଝି ପାରିବୁ , ତୁ ବୁଝି ପାରିବୁ କି ନାହିଁ ସେଥିରେ ମୋର ଚିନ୍ତା ନାହିଁ। ମାସେ ହେଲା, ସବୁଦିନ ତୋ'ପାଖକୁ ଚିଠି ଲେଖିବା ପାଇଁ ଭାବୁଛି, ହେଲେ ଲେଖି ନପାରିବାରୁ ବ୍ୟସ୍ତ ହୋଇ ପଡୁଥିଲି। ଏ ଚିଠି ସହ ଅନ୍ୟ ଯେଉଁ କାଗଜ ପୁଡ଼ିଆଟି ଅଛି, ରାଣ ପକେଇ କହୁଛି, ସେଥିରେ ଗୋଟିଏ ହେଲେ କଥା ତୋ ପାଇଁ ଲେଖା ହୋଇନି। ମନକୁ ଯାହା ଆସିଲା ଲେଖି ପକେଇଲି। କାହିଁକି ଲେଖୁଛି, ସେ କଥା ଭାବିନି। ବର୍ତ୍ତମାନ ବି ଲେଖୁଛି ନିଜକୁ ଦେଖିବାର ମୋର ଏଇଟା ଏକ ଦୃଷ୍ଟିଭଙ୍ଗୀ ନିଜ ସମ୍ବନ୍ଧରେ ଏକ ପରିଚର୍ଯ୍ୟା ନା ନା ଆତ୍ମଦର୍ଶନ। ମନକୁ ଯାହା କିଛି ଆସିଲା, ଯାହା ସବୁ ଲେଖିଥିଲି ଖାତାରୁ ସେ ସବୁ ଚିରି ତୋ ପାଖକୁ ପଠେଇ ଦେଉଛି। ମନ କହୁଛି। ସେଥିପାଇଁ ପଠେଇଲି। ଏଇଟା ମୋର ପାଗଳାମୀ କି ନା ଜାଣେନା। ହେଲେ ଗୋଟିଏ କଥା। ନିଜ ସ୍ତ୍ରୀକୁ ଯାଇ କହିଦେବୁ,"ପାଗଳ ଲୋକ ବ୍ରାହ୍ମଣ ନ ହେବା ଉଚିତ ମଣିଷ ପାଗଳ ହେଲେ ବ୍ରାହ୍ମଣ ହୋଇ ପାରେନା। ବ୍ରାହ୍ମଣର ଅର୍ଥ ହେଉଛି, ଜ୍ଞାନର ଭଣ୍ଡାର ଏ ଜାତିରେ ଜନ୍ମ ନେଇ ବି ମା-ବାପାଙ୍କ ପ୍ରଦତ୍ତ 'ଗଣପତି' ନାମ ହଜେଇ ଦେଇ 'ପାଗଳ ଶାସ୍ତ୍ରୀ', 'ବୁଦ୍ଧୁ ଶାସ୍ତ୍ରୀ' ନାଁରେ ହିଁ ମୁଁ ଜୀବନରେ ଷାଠିଏଟି ବର୍ଷ କଟେଇ ଦେଲି। ଛାଡ଼, ଯା' ହେବାର ଥିଲା ହୋଇଗଲା। ଷାଠିଏ ବର୍ଷ ପରେ ବର୍ତ୍ତମାନ ଖୁସିରେ ମୁଁ ସମ୍ମାନ ସହ ବଞ୍ଚୁଛି , ଖୁବ୍ ଖୁସିରେ ବଞ୍ଚୁଛି। ଭାଗ୍ୟ ଚାହିଁଲେ କେବେ କେଉଁଠି ଦେଖା ପଡ଼ିବା। ତୁମେ ସବୁ ଭୁଲିଗଲେ ବି ଚିନ୍ତା ନାହିଁ। ମୁଁ ତ କିଛି ବି ଭୁଲିପାରୁନାହିଁ ।''

ତୋର ବାପା
ଗଣପତି

ଦସ୍ତଖତ ଜାଗାରେ ଗଣପତି ଶାସ୍ତ୍ରୀ ଲେଖି ପୁଣି ଶାସ୍ତ୍ରୀ ଶବ୍ଦଟିକୁ କାଟି ଦିଆଯାଇଥିଲା।

ଲଫାଫାରେ ଥିବା ସେଇ କାଗଜ ବିଡ଼ାକୁ ଠିକ୍ ସଂପାଦକ ଭଳି ହାତରେ ଧରି ପୃଷ୍ଠା ସଂଖ୍ୟା ଜାଣିବା ପାଇଁ ସବାଶେଷ ପୃଷ୍ଠା ଓଲଟାଇ ଦେଖିଲା। ପୃଷ୍ଠା ସଂଖ୍ୟା ଲେଖା ହୋଇନି। ଏକ ଟିପା ଖାତାରୁ ଚିରିଥିବା ଯୋଗୁଁ କାଗଜଗୁଡ଼ିକର ବାଁ ପାଖ ସମାନଭାବେ ଚିରା ହୋଇନି। କେତୋଟି ପୃଷ୍ଠା କାଳିରେ, ଆଉ ବାକିତକ ପୃଷ୍ଠା ପେନ୍ସିଲ୍‌ରେ ଲେଖା। ବର୍ଷ ବର୍ଷ ଧରି ଜମାଟ ବାନ୍ଧିଥିବା ମନର ଭାବରାଜି ଖୁବ୍ ଚିତ୍ରିତ, ସ୍ପଷ୍ଟ ଓ ଦୃଢ଼ଭାବରେ ପ୍ରକାଶ ପାଇଛି। ଗୋଟିଏ ବି ଧାଡ଼ି କଟା ଛଟା ହୋଇନି। ଶିବରମଣର ପ୍ରବଳ ଇଚ୍ଛା, ଗୋଟାଏ ନିଃଶ୍ୱାସରେ ସବୁ ପଢ଼ିଯିବ।

ହେଲେ ଆଗରେ ଅଫିସ୍‌ର ଗୁଡ଼ାଏ କାମ। କାଗଜ ବିଡ଼ାକୁ ଯତ୍ନରେ ନିଜ ବ୍ୟାଗ୍ ଭିତରେ ରଖିଦେଲା। ରଖିବା ଆଗରୁ ଲଫାପାର ଏପାଖ ସେପାଖ ଦେଖିଲା, କେଉଁଠୁ ଆସିଛି ଜାଣିବା ପାଇଁ। କୌଣସି ଜାଗାରେ ପ୍ରେରକର ଠିକଣା ନାହିଁ। ତଥାପି ଡ଼ାକଟିକଟ ଉପରେ ନୂଆଦିଲ୍ଲୀର ମୋହର ଦେଖି କ୍ଷଣିକ ପାଇଁ ତାର ଆଖି ଆଶ୍ଚର୍ଯ୍ୟ ଚକିତ ହୋଇଗଲା। - "ଲୋକଟାର ଏତେ ସାହସ? କିଛି ନକହି ସିଧାସଳଖ ଯାଇ ଦିଲ୍ଲୀରେ ହାଜର?"

ପୁଣି ଆଖି ସଜଳ ହୋଇ ଉଠିଲା। ବୁଝି ପାରୁଥିଲା, ଲୋକଟିର ମନରେ କେତେ ଯୋର୍‌ରେ ଆଘାତ ଲାଗିଥିବ।

ଶିବରମଣ୍‌ର ମନେ ପଡ଼ିଗଲା ନିଜ ବାପାଙ୍କ ସେଇ ପାଗଳ ବ୍ରାହ୍ମଣର ମୁହଁ। ଘନ ଦାଢ଼ୀ, ଆଗୁଆ ଦାନ୍ତ ନଥିବା ପାକୁଆ ପାଟି, କୋଟରଗତ ଆଖି!

ଗଲା ଅମାବାସ୍ୟା ଦିନ ଗଣପତି ଶାସ୍ତ୍ରୀ ହଠାତ୍ ନିଖୋଜ ହୋଇଗଲେ। ପ୍ରଥମ ଦୁଇ ତିନି ଦିନ ତାଙ୍କ ଘରଲୋକେ ଘରଲୋକ ବୋଇଲେ ଆଉ କିଏ କି? – ତାଙ୍କର ଦୁଇ ପୁଅ, ଶିବରମଣ୍ ଓ ମଣି –ସେମିତି କିଛି ଗୁରୁତ୍ବ ଦେଲେ ନାହିଁ।

କିଏ ଜଣେ ଆସି ଖବର ଦେଇଥିଲା ଯେ, ସେ ତିନି ଚାରିଜଣ ଶାସ୍ତ୍ରୀ (ପଣ୍ଡା) ମାନଙ୍କ ସହ କାଞ୍ଚୀଭରମ ଚାଲିଯାଇଛନ୍ତି। ଖବର ପାଇଲାମାତ୍ରେ ତାଙ୍କର ବୋହୂ, ରାଜମ୍ ବିରକ୍ତି ପ୍ରକାଶ କଲା। ଗଲାବେଳକୁ କହି କରି ଯାଇଥିଲେ, କଣ ଅଶୁଦ୍ଧି ହୋଇଥାନ୍ତା? ମନକୁ ଲାଗିଲେ ଯା' ଆସ କରୁଛନ୍ତି ଘରକୁ ତ ଧର୍ମଶାଳା ଭାବିଛନ୍ତି! ହେଲେ ଦୁଇ ଚାରିଦିନ ପରେ ପଣ୍ଡାମାନେ ଫେରି ଆସିଲା ପରେ ଖବର ଦେଲେ ଯେ, ଗଣପତି ଶାସ୍ତ୍ରୀ ସେମାନଙ୍କ ସହ ଯାଇନଥିଲେ। ଏତକ ଶୁଣିଲା ପରେ ରାଜମ୍ ଅଜଣା ଆତଙ୍କରେ ଚମକି ଉଠି ତାଙ୍କୁ ଗାଳିଦେବା ପୂରାପୂରି ବନ୍ଦ କରିଦେଲା।

ମନେ ମନେ ଭାବୁଥାଏ, "କୁଆଡ଼େ ଯାଇଥିବେ? ନିଜର ଝିଅ ବା ଖୁସିରେ ନିଜ ପାଖକୁ ଡ଼ାକି କିଛି ଦିନ ରଖିବା ଭଳି ତାଙ୍କର ବନ୍ଧୁବାନ୍ଧବ ବି କେହି ନଥିଲେ। ଖୁବ୍ ଦୀର୍ଘଶ୍ବାସଟିଏ ନେଇଥିଲା ରାଜମ୍। ଶିବରମଣ୍ ମନରେ ମଧ୍ୟ ଅଜ୍ଞ ଆଶଙ୍କା ଜାତ ହୋଇଥିଲା।

ପ୍ରତ୍ୟହ ସଂଧ୍ୟାରେ ଅଫିସ୍‌ରୁ ଫେରିବାବେଳେ ମନ୍ଦିର ପାଖ ପୋଖରୀ କୂଳରେ ଥିବା ଚାନ୍ଦିନୀ ଉପରେ ବସି ଉଚ୍ଚସ୍ୱରରେ କଥାବାର୍ତ୍ତା କରୁଥିବା ପଣ୍ଡାଶାସ୍ତ୍ରୀମାନଙ୍କ ଭିଡ଼ ଭିତରେ ନିଜ ବାପାଙ୍କୁ ଖୋଜି ଶିବରମଣ୍ ନିରାଶ ହୋଇଯାଏ।

ତାକୁ ଜଣା ନଥିଲା ଯେ, ସହରରେ ଥାଇ ମଧ୍ୟ ତାର ବାପା ଏଇ ଭିଡ଼ରୁ ଅଲଗା ହୋଇ ଏକେଲା ବସି ରହୁଥିଲେ। ବୁଝି ପାରୁନଥିଲା ଯେ, ଏଇ ପାଗଳ ଭଳି ବ୍ରାହ୍ମଣ ବୁଢ଼ାଟିକୁ ନେଇ ନିଜ ପାଖରେ ରଖିଥିବା ଲୋକଟି କିଏ?

ଶିବରମଣ୍ ଅନୁଭବ କଲା ବାପାଙ୍କ ଚିନ୍ତା ଧିରେ ଧିରେ ତା ଉପରେ ବୋଝିଲ ହୋଇ ଆସୁଛି। "ସେ କେଉଁଠି? ତାଙ୍କର କ'ଣ ହୋଇଯାଇଛି ଆଉ କିଛି

ହୋଇନି ତ? '' ତଥାପି ଖୋଲାଖୋଲି ଭାବେ ତାଙ୍କ ବିଷୟରେ ପଚରା ଉଚରା କରିବା ପାଇଁ ସଂକୋଚ ମିଶା ଭୟ ଲାଗେ। ଡ଼ର ଲାଗେ, କାଳେ ତା'ର ସ୍ତ୍ରୀ କହି ପକେଇବ, ''ହଁ ହଁ ମୁଁ ଜାଣେ ବହୁ ତପସ୍ୟା ପରେ ଏମିତି ବାପ ମିଳିଛି, ଯା ପାଇଁ ଚିନ୍ତାରେ ଶୁଖି ଗଲଣି।'' ଶିବରମଣ୍ ବୁଝିପାରୁ ନଥିଲା। ତା ସାନଭାଇ ତା' ଭଳି ଏମିତି ଚିନ୍ତାରେ ବ୍ୟସ୍ତ ହୋଇ ଯାଇଛି ନା, 'ଯା ମରୁ, ମୋର ଯାଏ ଆସେ କେତେ,' ବୋଲି ନିଶ୍ଚିତ ଅଛି। ଯଦି ସେ ଏଭଳି ନିଶ୍ଚିନ୍ତ ଥାଏ, ତାହେଲେ ଖୁବ୍ ପାପ ହେବ। ମନେ ପଡୁଛି ପିଲା ଦିନର କେତୋଟି କଥା ସେ ଓ ତା ଛୋଟଭାଇ, ଗଣପତି ଶାସ୍ତ୍ରୀଙ୍କୁ ବାପା କହିବା ଲାଗି ଅପମାନବୋଧ କରୁଥିବା ଜାଣି, ସେମାନଙ୍କୁ ଦେଖି କେତେ ଲୋକଙ୍କୁ ଦୟା ଲାଗେ। ମୁହଁ ଖୋଲି 'ହିଁ ହିଁ' ହସି ପିଲାଙ୍କ ଭଳି କିଛି କହି ପକାନ୍ତି। ଦୟା ଓ ଉପହାସର ପାତ୍ର ହୋଇଥିଲେ ବି ନିଜ ପିଲାଙ୍କ ପ୍ରତି ଗଣପତି ଶାସ୍ତ୍ରୀଙ୍କର କୌଣସି ଅଭିଯୋଗ ନଥିଲା।

ଗାଁର କୌଣସି ଲୋକ ଗଣପତି ଶାସ୍ତ୍ରୀଙ୍କୁ ଆଦର କରୁ ନଥିଲେ। ସୁବିଧା ପାଇଲେ କେବେ କେବେ ଖାଲି ଅପମାନ କରୁଥିଲେ।

ରାଜମ୍ ଉପରେ ଗଣପତି ଶାସ୍ତ୍ରୀଙ୍କର କୌଣସି ସ୍ୱତନ୍ତ୍ର ରାଗ ନଥିଲା। ସ୍ୱଭାବତଃ ସେ ଥିଲା ଚିଡ଼୍‌ଚିଡ଼ା ପ୍ରକୃତିର। ଯଦି ଗଣପତି ଶାସ୍ତ୍ରୀ ତାର ଚିଡ଼୍‌ଚିଡ଼ା ଭାବର ଶିକାର ହୋଇ ପଡ଼ନ୍ତି ବାରମ୍ବାର, ତାହେଲେ ସେ ବିଚାରୀ ବା କ'ଣ କରିବ?

ସମସ୍ତଙ୍କ ଦ୍ୱାରା ଅପ୍ରିୟ ହୋଇ ଗଣପତି ଶାସ୍ତ୍ରୀ ଚାଲିଯିବାରେ କାହାର ବା କ'ଣ କ୍ଷତି ହୋଇଥିଲା?

ତା ହେଲେ ଘରର ସଭିଏଁ କାହିଁକି 'ଆଜି ଦଶଦିନ ହୋଇଗଲା କୋଡ଼ିଏ ଦିନ ହୋଇଗଲା,' ବୋଲି ଦିନ ଗଣୁଥିଲେ?

"ଲୋକେ ତ ସୁବିଧା ଭାବୁଥିଲେ ଯେ ଏମାନଙ୍କ ମୁଣ୍ଡଉପରେ ଦୋଷ ଲଦି ଦେଇ ସେ ଘରୁ ଚାଲିଯାଆନ୍ତୁ। ଦୁନିଆ ତ ମୋତେ ଗାଳି ଦେବ। ମୁଁ କେତେ ତାଙ୍କୁ ଗୋଟିଏ ଶବ୍ଦ କହିଛି? ସେ ଥିଲାବେଳେ ଅଣନିଃଶ୍ୱାସୀ ଥିଲି। ଆଜି ସେ ନଥିଲା ବେଳେ ବି ସେଇ ଅବସ୍ଥା।' ସକାଳୁ ସଂଧ୍ୟାଯାଏଁ ଏଭଳି ଛଟ୍‌ପଟ୍ ହୋଇ ରାଜମ୍ ମଧ୍ୟ ନିଜର ସ୍ୱଭାବ ଅନୁରୂପ ନିଜ ବୁଢ଼ା ଶ୍ୱଶୁରଙ୍କ ଲାଗି ଚିନ୍ତିତ ହୋଇ ଉଠୁଥିଲା।

ଶ୍ୱଶୁର ଥିଲାବେଳେ ସେ ଯେ ତାଙ୍କୁ କଡ଼ାକରି ପଦୁଟିଏ କଥା କହିନାହିଁ, ଏକଥା ଉପରେ ରାଜମ୍ ନିଶ୍ଚିତ ଥିଲା।

ନିଖୋଜ ହେବାପରେ ଗଲା ଏକମାସ ଧରି ଗଣପତି ଶାସ୍ତ୍ରୀଙ୍କୁ ନେଇ ଘର ଲୋକଙ୍କ ମନରେ ଗୋଟାଏ ପ୍ରକାର ଚିନ୍ତା ଏବଂ ସ୍ନେହ ଦେଖା ଦେଇଛି। ମଝିରେ ମଝିରେ ଦୁଷ୍ଚିନ୍ତା ବି ମାଡ଼ିଆସେ ଯେ, ଗଣପତି ଶାସ୍ତ୍ରୀ ଆଉ ଜୀବନରେ ଅଛନ୍ତି ନା ନାହିଁ। ରାଜମ୍ ଅଶୁଭ ଚିନ୍ତାକରେ, କାହିଁ କେଉଁଠି ସେ ଅଚିହ୍ନା ଶବ ଭାବେ

ପଡ଼ି ରହିଛନ୍ତି। ଶିହରୀ ଉଠେ ମନ ଭିତରେ। ଭୟଲାଗେ। ଏ ମହାପାପ ପାଇଁ ସେ ତ ଆଉ ଦାୟୀ ନୁହେଁ? ନିରୋଳାରେ ରାଜମ୍ ଏ ସବୁ କଥା ଭାବି ବସେ, ହେଲେ ଏ ସଂପର୍କରେ ଶିବରମଣ୍ ବା ମଣି କିଛି ଜାଣି ନଥିଲେ।

ଦଶଦିନ ଆଗର କଥା। ଅଫିସ୍‌ରୁ ଫେରିବା ବେଳେ ସବୁଦିନ ଭଳି ଶିବରମଣ୍‌ର ଆଖି ଖୋଜି ବୁଲିଲା ସେଇ ଶାସ୍ତ୍ରୀମାନଙ୍କ ଭିତରେ କଳାମଶିଆ ନିଜର ବାପାଙ୍କୁ। ସେତେବେଳେ ଭେଙ୍କଟୁ ଆୟାର୍ ତାକୁ ଦେଖି ପକାଇଲେ। ତା ପଛେ ପଛେ ବଜାର ପର୍ଯ୍ୟନ୍ତ ଆସିଲେ। ପୁଣିଥରେ କାଳେ କିଏ ଦେଖୁଥିବ ଭାବି ଚାରିଆଡ଼େ ସତର୍କ ଦୃଷ୍ଟି ପକାଇ କହିଲେ, "ଆରେ ଶିବରମଣ୍ ଯେ?"

ଶିବରମଣ୍ ପଛକୁ ଅନେଇ ଦେଖିଲା।

"କ'ଣରେ ବାପ, ବାପାଙ୍କ କିଛି ଖବର ପାଇଲୁ?" ଭେଙ୍କଟୁ ଆୟାର ପଚାରିଲେ। ଭେଙ୍କଟୁ ଆୟାର ଗଣପତି ଶାସ୍ତ୍ରୀଙ୍କ ସମବୟସ୍କ। ପିଲାଦିନର ସାଥୀ।

ଅପରାଧୀଙ୍କ ଭଳି ମୁହଁ ତଳକୁ କରି ଶିବରମଣ୍ କହିଲା, "କିଛି ଖବର ମିଳିନି , କୁଆଡ଼େ ଗଲେ ଜଣାପଡୁନି , କାହିଁକି ଗଲେ, ତା ବି ଜାଣି ପାରୁନି ; ଘରେ ତ କିଛି ଗଣ୍ଡଗୋଳ ନଥିଲା ହଁ ଆପଣ ତ ଜାଣନ୍ତି ଆମେ ତାଙ୍କୁ କିଭଳି ଭକ୍ତି କରୁଥିଲୁ ;" ଅଟକି ଅଟକି ଶିବରମଣ୍ କହୁଥିଲା। ଭିତରେ ନିଜ ଅପରାଧୀ ମନର ତୀବ୍ର ଜଞ୍ଜାଳ ବି ଅନୁଭବ କରୁଥିଲା।

"ଧନ, ପାଗଳ ତମେମାନେ ବି କ ଣ କରିବ? ବାପ ପୁଅ ଭିତରେ ତ ସେମିତି କେତେ ମନୋମାଳିନ୍ୟ ହୁଏ ସେଥିପାଇଁ କିଏ କ'ଣ ଘର ଛାଡ଼ି ବାହାରି ଯାଏ? ଛାଡ଼ ଜାଣିଛୁ ନା ", ପୁଣିଥରେ ଏପାଖ ସେପାଖ ଦେଖି ଚାପା ଗଳାରେ କହିଲେ, 'ଏ ପାଖକୁ ଆ'।

ଭେଙ୍କଟୁ ଆୟାର ଶିବରମଣକୁ ରାସ୍ତା ଉପରୁ ଭଜନମଣ୍ଡପ ଯାଏଁ ଟାଣି ନେଇଗଲେ।

ଗଣପତି ଶାସ୍ତ୍ରୀ ସହର ଛାଡ଼ିଯିବାର ପ୍ରଥମ ଦିନର ଘଟଣା ତାଙ୍କର ମନେ ପଡ଼ିଲା। ରାସ୍ତାରୁ ଘୁଞ୍ଚି ଠିଆ ହେଲା ପରେ କହିଲେ, "ଆରେ ପୁଅ, ତାଙ୍କର ମନ ପୂରାପୂରି ଭାଙ୍ଗି ଯାଇଛି। ତୁଚ୍ଛାଟାରେ ସେ ଦିନ ସୁନ୍ଦର ଧନପାଠୀ ତାଙ୍କୁ କେତେ ଅପମାନ ନଦେଲେ।"

ଶିବରମଣ୍ କିଛି ବୁଝିପାରୁନଥିଲା। ସୁନ୍ଦର ଧନପାଠୀ ଗଣପତି ଶାସ୍ତ୍ରୀଙ୍କୁ ଅପମାନିତ କରିଥିଲେ? କାହିଁକି?

ଶିବରମଣ ଓ ତା ପରିବାରର ସଭିଏଁ ସୁନ୍ଦର ଧନପାଠୀଙ୍କୁ ଖୁବ୍ ସମ୍ମାନ ଦେଉଥିଲେ। ଧନପାଠୀ ଥିଲେ ଗଣପତି ଶାସ୍ତ୍ରୀଙ୍କ ଗୁରୁ। ଗଣପତି ଶାସ୍ତ୍ରୀଙ୍କ ପିତା ପରମେଶ୍ୱର ଶାସ୍ତ୍ରୀ ସେ କାଳର ଜଣେ ବିଦ୍ୱାନ୍ ପଣ୍ଡିତ ଥିଲେ। ତାଙ୍କର ପରମ ପ୍ରିୟ ଶିଷ୍ୟ ମଧ୍ୟରେ ଅନ୍ୟତମ ଥିଲେ ସୁନ୍ଦର ଧନପାଠୀ। ଏ କଥା ଶାସ୍ତ୍ରୀ ପରିବାର ପାଇଁ ଗୌରବଦୀପ୍ତ କଥା ଥିଲା। ତାଙ୍କ ପାଖରୁ ହିଁ ଗଣପତି ଶାସ୍ତ୍ରୀ ବେଦାଧ୍ୟୟନ କରିଥିଲେ। ପଚସ୍ତରୀ ବର୍ଷରୁ ଉର୍ଦ୍ଧ୍ୱ ହେଲେ ବି ମୁଖ ମଣ୍ଡଳର ଜ୍ୟୋତି ଆଗରେ ଅନ୍ୟମାନେ

ଆପେ ଆପେ ସମ୍ମାନ ଦେଖାଇ ନତମସ୍ତକ ହୋଇପଡୁଥିଲେ। ଶିବରମଣ୍ ଭାବି ପାରୁନଥିଲା, ଏପରି ଜଣେ ମହାନ୍ ଲୋକ ତା' ବାପାଙ୍କୁ କାହିଁକି ଅପମାନ ଦେଲେ ? ଧନପାଠୀ ମହାଶୟ ସେମିତି ଟିକିଏ ବଦ୍‌ରାଗୀ। ତଥାପି ଶିବରମଣ ବୁଝିପାରୁ ନଥିଲା, ଧନପାଠୀ ଏପରି କ'ଣ କହିଲେ ଯେ, ଅନ୍ୟର କଥାରେ ସର୍ବଦା ନିର୍ବିକାର ରହୁଥିବା ଗଣପତି ଶାସ୍ତ୍ରୀ ଘର ଛାଡି ଚାଲିଗଲେ।

ଭେଙ୍କଟୁ ଆୟାରଙ୍କ ଆଡ଼କୁ ଦେଖି ପଚାରିଲା,"ଆପଣ ଏ ସବୁ କ'ଣ କହୁଛନ୍ତି?"

"ଯାହା ଆଖିରେ ଦେଖିଛିରେ ପୁଅ ତାହାହିଁ କହୁଛି। ମୁଁ କାହିଁକି କାହାକୁ ଡ଼ରିବି ? ଦେଖି ଲୋକେ ବି କେମିତି ? ଏତେ ବଡ଼ ଅନ୍ୟାୟ ହେଲାପରେ ବି ଚୁପ୍ ରହିଲେ ! ମାନୁଛି, ଧନପତି ମହାଶୟ ଖୁବ୍ ବଡ଼ ପଣ୍ଡିତ ହେଲେ ଏ ବୟସରେ ଏତେ ରାଗିବା ଠିକ୍ କଥା ନୁହେଁ । ଏପରି ଖରାପ କଥା ତୁଣ୍ଡରେ ଧରିବା ତାଙ୍କୁ ଶୋଭାପାଏନି ଛିଃ,ଛିଃ।" ଖୁବ୍ ଆବେଗରେ କହୁକହୁ ଭେଙ୍କଟୁ ଆୟାର କିଛିଟା ଥକିଯାଇ ଚୁପ୍‌ଚାପ୍ ଭାବେ ଶିବରମଣ୍ ଆଡ଼କୁ ଲୁଇଡା ଚେକି ଦେଖିଲେ ସବୁ ବିଷୟରେ ତାର ଉତ୍ସୁକତା ଜାଣିବା ପାଇଁ।

ପ୍ରବଳ ଉତ୍ସାହ ଦେଖାଇ ଶିବରମଣ କହିଲା, "ହେଲେ ଘଟଣାଟି କ'ଣ? ମୁଁ'ତ କିଛି ବି ଜାଣିନାହିଁ।"

"ମୁଁ ବି ଜାଣି ନଥିଲି ସେଦିନ ମୁଁ ମନ୍ଦିରରୁ ଫେରୁଥାଏଁ। ମନ୍ଦିର ଘାଟରେ ପାଟିତୁଣ୍ଡ ହେଉଥାଏ। ଗଣପତି ଚୁପ୍‌ଚାପ୍ ଛିଡ଼ା ହୋଇଥାନ୍ତି। ହାତ ହଲେଇ ହଲେଇ ଧନପାଠୀ ଖୁବ୍ ଯୋର୍‌ରେ କହୁଥାନ୍ତି। ସତେ ଯେମିତି ଏଇଲେ ଗଣପତିଙ୍କୁ ମାରି ପକେଇବେ। ମାନୁଛି , ଗଣପତି ଉପରେ ହାତ ଉଠେଇବା ପାଇଁ ତାଙ୍କର ଅଧିକାର ଅଛି। ତଥାପି ଛି ଏସବୁ କଣ କଥା? ବ୍ରାହ୍ମଣ ହୋଇ କେହି ଏମିତି ଖରାପ ଭାଷାରେ ଗାଳି ଦିଏନି। ଲଜ୍ଜାରେ ସଂକୁଚିତ ହୋଇ ବିଚରା ଗଣପତି ଶାସ୍ତ୍ରୀ ସବୁ ଶୁଣିଯାଉଥିଲା । ସେ କ'ଣ ଆଉ ମଣିଷ ନୁହେଁ? କେତେବେଳ ପର୍ଯ୍ୟନ୍ତ ଏମିତି ଗାଳି ଶୁଣନ୍ତା ? ମୁଁ କହିବାକୁ ଚାହୁଁଥିଲି ସେ କହି ପକେଇଲା। ଭୁଲ୍ ବି କହି ନଥିଲା। ଖାଲି କହିଲା, ଏତେ ଅଶ୍ଳୀଳ କଥା ତୁଣ୍ଡରେ ଧରୁଛ ? ତୁମକୁ ବ୍ରାହ୍ମଣ ବୋଲି କିଏ କହିବ ? ତାପରେ ତ ବୁଢ଼ା ଯାହା କଲାରେ ପୁଅ ? ଗଣପତି ଶାସ୍ତ୍ରୀଙ୍କ ବେକରେ ଥିବା ଗାମୁଛାକୁ ଖୁବ୍ ଯୋର୍‌ରେ ଭିଡ଼ିଧରି , ପାଟିକରି ଗାୟତ୍ରୀ ମନ୍ତ୍ର ଶୁଣେଇ କହିଲା– 'ଆବେ ଏଇଲେ କହ, ୟା'ର ମାନେ କଣ ? ଯଦି ପ୍ରକୃତରେ ତୁ ବ୍ରାହ୍ମଣର ପୁଅ, ତା' ହେଲେ କହ ଏହାର ଅର୍ଥ କଣ ? ଚଣ୍ଡାଳ, ମୋତେ କହୁଛି ମୁଁ ବ୍ରାହ୍ମଣ ନୁହେଁ , ଆପଣମାନେ କୁହନ୍ତୁ ଏ କିଭଳି ବ୍ରାହ୍ମଣ ।" ଗାଳି ସେମିତି ଚାଲିଥାଏ। ଭିଡ଼ ବଢୁଥାଏ। ଦୁହିଁଙ୍କୁ ଅଲଗା କରିବା ଲାଗି ମୁଁ ଚେଷ୍ଟାକଲି। ହେଲେ ବୁଢ଼ାର କି ତାକତରେ! ଗାଲ ଗୋଟିଏ ଧକ୍କାରେ ପୋଖରୀ ହୁଡ଼ାରେ ଯାଇ ପଡ଼ିଲି। ବୁଢ଼ା ପାଟି ଫଟେଇ ପାଗଳ ଭଳି ଆହୁରି ଯୋର୍‌ରେ ରଡୁଥାଏ, "ମନ୍ତ୍ରର ଅର୍ଥ କହିବେ, କି କହିବେ ଯେ ତୁ ବ୍ରାହ୍ମଣର

ସନ୍ତାନ ନୋହୁଁ ବୋଲି , ଆରେ ମୋତେ କହୁଛି ତୋର ଏତେ ସାହସ ।'' ବୁଢ଼ା ରାଗରେ ଗରଗର୍ ହେଉଥାଏ । ଗଣପତି ଶାସ୍ତ୍ରୀ ଖାଲି କମ୍ପୁଥାଏ । ଧନପାଠୀ ପଣ୍ଡିତଙ୍କୁ ଆମେ କିଛି କହି ନପାରି ଗଣପତିଙ୍କୁ ବୁଝେଇଲୁ , ''ଛାଡ଼ ଛାଡ଼ ବୁଢ଼ା ତ ପୂରାପୂରି ପାଗଳ ତୁ କାହିଁକି ମାନି ଯାଉନୁ ? ମନ୍ତ୍ରର ଅର୍ଥ କହି ଦେଉନୁ ଜିଦ୍ କରୁଛୁ କାହିଁକି ?'' କିଛି ସମୟ ପର୍ଯ୍ୟନ୍ତ ଗଣପତି ମୋତେ ଦେଖିଲା ଏକ ଦୃଷ୍ଟିରେ । ତା ପରେ ପିଲାଙ୍କ ଭଳି ଖୁବ୍ ଯୋର୍‌ରେ କାନ୍ଦି ଉଠିଲା ।

''ମୁଁ କଣ କରିବି? ସାମାନ୍ୟ କିଛି ଜାଣିଛି , ତାର ଅର୍ଥ ଜାଣିନି '' ତାର ଏଭଳି କାନ୍ଦ ଦେଖି ପଚାଶବର୍ଷ ତଳର ଆମ ପିଲାଦିନର କଥା ମନେ ପଡ଼ିଲା । ଆଉ ମୁଁ ବି କାନ୍ଦି ଉଠିଲି ।

ଅଚାନକ ତୋ ବାପା ଧନପାଠୀଙ୍କ କବଳରୁ ନିଜ ହାତ ଛଡ଼େଇ ଆଣିଲା । ସମସ୍ତେ ଆଶ୍ଚର୍ଯ୍ୟଭରା ଦୃଷ୍ଟିରେ ଚାହିଁଥିଲେ ଆଉ କ'ଣ ହେବ ବୋଲି । ଗଣପତି ନିଜ ବେକରୁ ପଇତା ଛିଣ୍ଡେଇ ଧନପାଠୀଙ୍କ ମୁହଁ ଉପରେ ଫିଙ୍ଗିଦେଇ କହିଲା, ''ଯାଃ ମୁଁ ବ୍ରାହ୍ମଣ ନୁହେଁ । ନୁହେଁ ମୁଁ ବ୍ରାହ୍ମଣ,'' ଚିତ୍କାର କରିକରି ଗଳି ଆଡ଼କୁ ଧାଇଁ ପଳେଇଲା । ତା ପରେ କ'ଣ ହେଲା ମୁଁ ଜାଣିନି । ମୁଁ ତତେ ବୁଝି ଆସିଥିଲି, ହେଲେ ତୁ ତ କହିଲୁ କିଛି ଜାଣିନୁ ବୋଲି ।'' ଭେଙ୍କଟୁ ଆୟାର ଘଟଣା ସମ୍ପର୍କରେ ନିଜର ନିର୍ଲିପ୍ତତା ଦେଖାଇ ଘଟଣାର ସବିଶେଷ ବିବରଣୀ ଏଭଳି ଭାବେ ଦେଲା ଯେ, ସତେ ଯେପରି ଘଟଣାଟି ଗଣପତି ଶାସ୍ତ୍ରୀ ନାମକ କୌଣସି ଏକ ଲୋକର ନିଜ ବ୍ୟକ୍ତିଗତ ମାମଲା ଆଉ ତା ସହିତ ବ୍ରାହ୍ମଣ ସମାଜର କୌଣସି ଲୋକର କିଛି ସମ୍ପର୍କ ନାହିଁ ।

ଭେଙ୍କଟୁ ଆୟାରର ଆଖିରେ ଶିବରମଣ ଦେଖିଲା ପତନୋନ୍ମୁଖୀ ସମାଜର ତୀବ୍ର କ୍ରୁରତା । ଚୁପ୍‌ଚାପ୍ ଠିଆ ହୋଇ ସବୁ ଶୁଣୁଥିଲା । କୌଣସି ପ୍ରତିକ୍ରିୟା ପ୍ରକାଶ ନକରି ଚୁପ୍‌ଚାପ୍ ମୁଣ୍ଡ ତଳକୁ କରି ଘର ଆଡ଼କୁ ଚାଲିଗଲା ।

ରାସ୍ତାସାରା ଭାବୁଥିଲା ଯେ ଘରେ ପହଞ୍ଚି ଘରର ଏକ କୋଣରେ ମୁହଁ ମାଡ଼ି ଶୋଇ ଖୁବ୍ ଯୋର୍‌ରେ କାନ୍ଦିବ ।

ହେଲେ ଘରେ ପହଞ୍ଚି ସେମିତି କିଛି କଲା ନାହିଁ । ତାକୁ ସଂକୋଚ ଲାଗୁଥିଲା – ବାଧ ପାଇଁ ଏମିତି କାନ୍ଦିଲେ ତା'ର ସ୍ତ୍ରୀ, କଣ ଭାବିବ !' ସଂକୋଚବଶତଃ ତାର ସେଇ ଇଚ୍ଛା ଦବେଇ ରହିଗଲା ।

ତଳ ଜାତିରେ ଜନ୍ମ ହୋଇ ସେଥିପାଇଁ ଦୁଃଖୀ ହେବାରେ କିଛିଟା ମାନେ ଥାଏ, ସେଥିପାଇଁ ସହାନୁଭୂତି ମିଳେ । ହେଲେ ଉଚ୍ଚକୁଳରେ ଜନ୍ମ ହୋଇ ଦୁର୍ଭାଗ୍ୟବଶତଃ ଯଦି କାହାକୁ ଏଇ କ୍ରୁରତାର ସମ୍ମୁଖୀନ ହେବାକୁ ପଡ଼େ, ତାହେଲେ ଏଥିପାଇଁ ଦୁଃଖ କରିବା ପୂରାପୂରି ବ୍ୟର୍ଥ ହୁଏ । ସେଥିପାଇଁ କୌଣସି କ୍ଷେତ୍ରରୁ ସହାନୁଭୂତି ମିଳିବାର ଆଶା ମଧ୍ୟ ରହେନି ।

ସବୁଦିନ ଭଳି ଆଜି ଶିବରମଣ୍ ଅଫିସ୍‌ରୁ ଫେରିବାବେଳେ ମନ୍ଦିର ସାମ୍ନାରେ ଥିବା ପୋଖରୀ ହୁଡ଼ାରେ ବସିଥିବା ପଣ୍ଡାଶାସ୍ତ୍ରୀମାନଙ୍କ ଆଡ଼କୁ ମୋଟେ ଦେଖୁନଥିଲା। ଘରେ ପହଞ୍ଚିବା ମାତ୍ରେ ଡ଼ାକରେ ଆସିଥିବା ସେଇ କାଗଜ ବିଡ଼ାରେ ପେନ୍‌ସିଲ, କାଳିର ଲେଖା, କାଳର ସଂଘାତକୁ ଦୀର୍ଘଦିନ ଧରି ସହିଯିବା ପରେ ହଠାତ୍ ଚୁପ୍‌ଚାପ୍ ପରଦା ଚିରି ବାହାରକୁ ବାହାରୁଥିବା କଥାଗୁଡ଼ିକୁ ପଢ଼ିବା ଲାଗି ଶିବରମଣ୍ ବ୍ୟାକୁଳ ଥିଲା। ସେଇ ପଣ୍ଡାଶାସ୍ତ୍ରୀଙ୍କ ଭିଡ଼କୁ ଦେଖିଲା ବି ନାହିଁ।

ଘରେ ପହଞ୍ଚିଲା ବେଳକୁ ରାଜମ୍ ରନ୍ଧାଘରେ ବ୍ୟସ୍ତଥାଏ। ମଣି ଘରକୁ ଫେରି ନଥାଏ। ମାଉଣ୍ଟରୋଡସ୍ଥିତ ଏକ ବଡ ଜୋତା ଦୋକାନରେ ସେ କାମ କରୁଥିଲା। ସେଥିପାଇଁ ଆଠଟା ବେଳେ ଦୋକାନ ବନ୍ଦ ହେଲେ ଯାଇ ସେ ଘରକୁ ଫେରିବା କଥା।

ନିଜ କୋଠରୀକୁ ଯାଇ କପଡା ବଦଳାଇବା ମାତ୍ରେ ଶିବରମଣ୍ ପ୍ରଥମେ ନିଜର ବ୍ୟାଗ ଖୋଲି ସେଇ କାଗଜ ବିଡା ବାହାର କରି ଚୁପ୍‌ଚାପ୍ ପଢିବାକୁ ଲାଗିଲା। ପ୍ରଥମ ପଂକ୍ତିଟି କୌଣସି ଜଣେ ସାହିତ୍ୟିକଙ୍କ ଉକ୍ତି ଭଳି ଲାଗୁଛି।

''ଏଆଡ଼େ ଦେଖ। ହଜାର ହଜାର ଲୋକ ମୋ ଆଖି ସାମ୍ନାରେ ଯା' ଆସ କରୁଛନ୍ତି। ଆଖିରେ ଦେଖିଲେ ପ୍ରତ୍ୟେକ ଲୋକ ପୂରାପୂରି ଭାବେ ଅଲଗା। କେହି କାହାରି ଭଳି ନୁହନ୍ତି। ଯେତେ ହଜାର ଲୋକ, ସେତେ ହଜାର ଭିନ୍ନତା। ଏଇ ଭୂମିରେ, ମୋ ଆଗରେ ହଜାର ହଜାର ଲୋକ ଯା'ଆସ କରୁଛନ୍ତି। ଚାରିପାଖରୁ ହଜାର ହଜାର ଲୋକ ମୋତେ ଘେରି ରହିଛନ୍ତି, ମୋ ମୁଣ୍ଡ ଘୂରିଯାଉଛି, ଆଉ ମୁଁ , ମେଳା ଭିତରେ ରାସ୍ତା ଭୁଲିଯାଇଥିବା ନିର୍ବୋଧ ପିଲାଟି ଭଳି ଜଳଜଳଭାବେ ଚାରିଆଡ଼କୁ ଖାଲି ଦେଖୁଛି। ଏତେ ଲୋକ ଭିତରେ ଜଣେ ହେଲେ ପରିଚିତ ଲୋକ ନାହିଁ। ମୋତେ ଚିହ୍ନି, ମୋ'ଆଡ଼କୁ ମୁହଁ ଘୂରାଇ ଦେଖିବା ଲାଗି ଜଣେ ବି କେହି ନାହିଁ। ଖୁବ୍ ଭଲ ଲାଗୁଛି ମୋତେ।''

''ଏଇଟା ଦିଲ୍ଲୀ। ଖୁବ୍ ପୁରୁଣା ସହର। ଅଶୋକ, ମୋଗଲ ବାଦ୍‌ଶା ଆଉ ଇଂରେଜ କେତେ ଶତାବ୍ଦୀ ଧରି ଦେଶ ଶାସନ କରିଛନ୍ତି, ଏଇ ସହର ଭିତରୁ। ଆଜି ଯା' ଉପରେ ଆମେ ଅଧିକାର ଜାହିର୍ କରିଛୁ। କେତେ ପୁରୁଷକୁ ଏ ଦୁନିଆ ଦେଖୁଛି। ବର୍ତ୍ତମାନ ଜୀବିତ ଥିବା ଜଣେ ହେଲେ ଲୋକ ଦୁଇଶ ବର୍ଷ ପୂର୍ବରୁ ନଥିଲେ। ଦୁଇଶ ବର୍ଷ ପୂର୍ବର ଜଣେ ହେଲେ ଲୋକ ବର୍ତ୍ତମାନ ଆଉ ନାହିଁ। ସେଇଟା ଗୋଟେ ସମୟ, ଏଇଟା ଆଉ ଗୋଟେ ସମୟ। ସେଇ ସମୟ କେବେ କେମିତି ଶେଷ ହୋଇ ଏଇ ସମୟ କେମିତି ଆରମ୍ଭ ହୋଇଗଲା, ସେ କଥା କିଏ କହିବ? ହେଲେ ଗୋଟେ କଥା – ସେଇ ସମୟ ସଂପୂର୍ଣ୍ଣ ରୂପେ ନିଃଶେଷ ହୋଇ ଯାଇଛି, ବର୍ତ୍ତମାନ ପୂରାଭାବେ ଅବତୀର୍ଣ୍ଣ ହୋଇଗଲାଣି। ଆଉ ଆମେ କୌଣସି ଗଭୀର ଚିନ୍ତା ବିନା ବର୍ତ୍ତମାନର ଦୁନିଆକୁ ଦେଖିଲେ ଖୁବ୍ ଆଶ୍ଚର୍ଯ୍ୟ ହୋଇ ପଡୁଛୁ। ଦୁଇଶ ବର୍ଷ ଆଗର ଦୁନିଆ ପୂରାଭାବେ ଧ୍ୱଂସ ପାଇଯିବା

ଏବଂ ତା ସ୍ଥାନରେ ଆଜିର ଦୁନିଆର ଅବତରଣ ହେବା ମଧ୍ୟ ଏଭଳି ଆଶ୍ଚର୍ଯ୍ୟ ଲାଗୁଛି। ସେ ସମୟ ଧିରେ ଧିରେ ଆସିଗଲା। ଯା-ଆସ ଏଭଳି ଭାବେ ହୋଇଥାଏ। ଭଗବାନଙ୍କ ବିଧାନ ଅନୁସାରେ ଏମାନେ ଏମିତି ଭାବେ ଆସିଛନ୍ତି ଓ ମନୁଷ୍ୟର ଭାଗ୍ୟ ଅନୁସାରେ ମଧ୍ୟ ଏହା ହେବା ଉଚିତ। ହେଉଥିବ ମଧ୍ୟ।''

''ପ୍ରକୃତରେ କୌଣସି ସମସ୍ୟା ନାହିଁ। ସୁତରାଂ ସେଠାରେ କୌଣସି କୃତ୍ରିମତା ନାହିଁ। ଅଥଚ ଏମିତି ଏକ କୃତ୍ରିମତାର ଗଣ୍ଡିରେ ମୁଁ ଛନ୍ଦି ହୋଇଯାଇଥିଲି। ସତରେ କହୁଛି, ଏଭଳି ଲାଖିଯିବାର ଅନ୍ୟ ନାମହିଁ ଜୀବନ ଆଉ ସେଇ ବନ୍ଧନରୁ ଆମେ ଯଦି ନିଜକୁ ଛଡ଼ାଇ ନପାରୁ, ତାହେଲେ ଆମର ନିଜର ଭୁଲ୍ ହୋଇଯାଏ ।''

କାଗଜରେ ଏପର୍ଯ୍ୟନ୍ତ ପେନ୍‌ସିଲ୍‌ରେ ଲେଖା ହୋଇଥିଲା। ଯା ପରେ କିଛି କାଳିରେ ଲେଖାଯାଇଥିଲା। ପଢୁପଢୁ ଅଟକିଯାଇ ଶିବରମଣ ଚିନ୍ତାରେ ବୁଡ଼ିଗଲା। ସତେ ଯେମିତି ଗୋଟିଏ ଅଧ୍ୟାୟ ଶେଷ ହୋଇ, ଏକ ନୂତନ ଅଧ୍ୟାୟର ଅୟମାରମ୍ଭ ହୋଇଛି । ତାକୁ ଆଶ୍ଚର୍ଯ୍ୟ ଲାଗୁଥିଲା ଯେ, ସେଇ ପାଗଳା ବ୍ରାହ୍ମଣ କ'ଣ ଏଭଳି ଗଭୀର କଥା ଚିନ୍ତା କରିପାରେ?

ତାଟ ଆଖିଆଗରେ ଭାସିଉଠିଲା ତାର ବାପା– ସେଇ ପାଗଳ ବ୍ରାହ୍ମଣର– ଚେହେରା। ଘନଭାବେ ବଢ଼ିଥିବା ବାଳ, ଦାନ୍ତ ଭାଙ୍ଗିଯାଇଥିବା ପାକୁଆ ପାଟି, କୁଞ୍ଚିତ ଚମ, ଅନୁଯୋଗଭରା ଦୃଷ୍ଟି ଭିତରେ କଳାମସମସ୍ ମଣିଷଟିର ମୁହଁଟି ନାଚି ଉଠିଲା।

ଲେଖାଲେଖି କରି ଉପାର୍ଜନ କରିବାର ତୀବ୍ର ଇଚ୍ଛା ହିଁ ଶିବରମଣକୁ ଏକ ପତ୍ରିକାରେ କାମ ଜୁଟେଇ ଥିଲା। ସେଇଠି କାମ କରି ସୁଦ୍ଧା ଯେଉଁ ଚିନ୍ତାର ପ୍ରାଦୁର୍ଭାବ ତାର ମନକୁ ସ୍ପର୍ଶ କରିବା ସମ୍ଭବ ନଥିଲା, ଯାହାକୁ ନିଜେ କାଗଜ କଲମରେ ରୂପ ଦେଇପାରିନି – ସେଇ ଗଭୀର ତତ୍ତ୍ୱକୁ ବୁଝିବିଚାରି ଲେଖିବାଟା ସେଇ 'ପାଗଳ' ଭାବେ ଅଭିହିତ, ଅପମାନିତ ଜୀବନ ନେଇ ବଞ୍ଚୁଥିବା ନିରୀହ ବ୍ରାହ୍ମଣ ପାଇଁ ସମ୍ଭବ ହେଲା କେମିତି? କିଛି ସମୟ ଧରି ଅବାକ୍ ହୋଇ ରହିବା ପରେ ଚିଠିଟି ପୁଣି ପଢ଼ିଲା।

''ମୋର ବାପାଙ୍କ ମୁହଁ ମୋର ମନେ ନାହିଁ। ତାଙ୍କର ସ୍ୱର୍ଗବାସ ବେଳକୁ ମୋର ବୟସ ମାତ୍ର ନ'ବର୍ଷ। ସେ ସବୁ ମୋର ମନେରଖିବା ଉଚିତ ଥିଲା। ହେଲେ ମୁଁ ନ ମୂର୍ଖ, ପାଗଳ –ସବୁ ଭୁଲିଗଲି। ହେଲେ ବୟସ ବଢ଼ିବା ସଂଗେ, ଅନ୍ୟ ମୁହଁରୁ ବାପାଙ୍କ ବିଷୟରେ ବହୁତ କଥା ଶୁଣିଲି। ସେ ଥିଲେ ଜଣେ ବିରାଟ ବିଦ୍ୱାନ, ପଣ୍ଡିତ। ସଂସ୍କୃତ ଛବି ତାମିଲ୍ ଉପରେ ତାଙ୍କର ଅଗାଧ ପାଣ୍ଡିତ୍ୟ। ସୁନ୍ଦର ଧନପାଠୀ ଭଳି ଲୋକଙ୍କ ସୌଭାଗ୍ୟ ଯେ, ବାପାଙ୍କ ଭଳି ଜଣେ ଗୁରୁ ପାଇଥିଲେ। ମୁଁ ଖାଲି ଅଭାଗା' ବିଚାରୀ ମା'ବି କହୁଥିଲେ ବଡ଼ ହେଲେ ମୁଁ ବାପାଙ୍କ ଭଳି ଜଣେ ମହାନ୍ ପଣ୍ଡିତ ହେବି। ବାପାଙ୍କର ମଧ୍ୟ ସେଇ ଅଭିଳାଷ ଥିଲା। ଛାଡ଼ ସେଇ ସମୟର ପ୍ରତ୍ୟେକ ବ୍ରାହ୍ମଣ ଦମ୍ପତି ଭାବୁଥିଲେ ଯେ ତାଙ୍କ ପୁଅ ବ୍ରାହ୍ମଣ

କୁଳର ପ୍ରତିନିଧି ହେଉ। ଆଜିକାଲି ସେ କଥା ଭାବୁଛି କିଏ ? ମୁଁ କାହିଁକି ଅନ୍ୟମାନଙ୍କ କଥା କହିବି ? ମୁଁ କ'ଣ ନିଜେ ବାପା ମାଙ୍କ ଭଳି ଥିଲି ?''

ମଣିକୁ କେତେ ବୁଝେଇଥିଲି, ଜୋତା ଦୋକାନରେ କାମ କରନା ବୋଲି। ସେ କ'ଣ ମୋ କଥା ଶୁଣିଲା? ''ତୁମେ କଣ ଜାଣିଛ? ଏଇ ଚାକିରିଟି ପାଇଁ ମୋତେ କେତେ କ'ଣ କରିବାକୁ ପଡ଼ିଛି? ଦୁଇଶ ପଚାଶ ଟଙ୍କା ଦରମା, ତା ଉପରେ ତିନିମାସର ବୋନସ୍ ଏ ଚାକିରି କ'ଣ କମ୍? ଏଠାରେ କିଏ ଗୋରୁ ଚମଡ଼ା ଉତାରି ଜୋତା ତିଆରି କରେନି – ଖାଲି ଡ଼ବା ଭିତରେ ଭର୍ତ୍ତି ହୋଇଥିବା ଜୋତା ବିକିବା କଥା। ତୁମେ କିଛି ଜାଣନା ଏକଦମ୍ ପାଙ୍ଗିଧରା ବ୍ରାହ୍ମଣ , ତୁମେ ଚୁପ୍ ରୁହ,'' କହି ମଣି ମୋର ମୁହଁ ବନ୍ଦ କରିଦେଲା।

''ମଣି କଣ ଭୁଲ୍ କରିଥିଲା? ନା ଭଲ ମନ୍ଦ କଥା ବିଚାର କଲେ, କଳିଯୁଗରେ ସବୁକଥା ଭଲ ଜଣାପଡ଼େ। କାରଣ ମୁଁ ଚାହୁଁନଥିଲି ଯେ ମୋ'ଭଳି ମୋ'ପିଲାମାନେ ମୁଣ୍ଡରେ ଚୁଟି ରଖି, କୁର୍ତ୍ତା ଓ ଜୋତା ପିନ୍ଧିବାର ଅଧିକାରରୁ ବଞ୍ଚିତ ହୋଇ ଆଜିକାର ବ୍ୟଙ୍ଗଗ୍ରସ୍ତ ଏକ ବହିଷ୍କୃତ ସମୁଦାୟର ସଭ୍ୟ ହୋଇଯାନ୍ତୁ। ସେଥିପାଇଁ ତାଙ୍କୁ ଇଂରାଜୀ ପଢ଼ାଇଥିଲି। 'କ୍ରାପ୍' ରଖିବା ପାଇଁ କହିଥିଲି। ତା ମାନେ କ'ଣ ? ଯାହାସବୁ ନିଜେ କରିପାରିଲି ନାହିଁ, ତାଦ୍ୱାରା ଏସବୁ କରାଇ ମୁଁ କ'ଣ ନିଜେ ତୃପ୍ତ ହେବାର ଚେଷ୍ଟା କରୁଥିଲି ? ହଁ ଅନ୍ୟକୁ 'ଅଲଗା ରହ' କହୁ କହୁ ମୁଁ ହିଁ ସମସ୍ତଙ୍କଠାରୁ ଅଲଗା ହୋଇ ରହିଗଲି କୌଣସି ଜାତିକୁ ନୀଚ୍ କହିବା ଯେତେ ଖରାପ ଓ ମିଛ କଥା, ସେମିତି କୌଣସି ଜାତିକୁ ଉଚ୍ଚ କରିବା ସେତେ ଖରାପ ଓ ଅସତ୍ୟ କଥା। ଏକଥା ମୋର ମନେ ପଡ଼ିଲା, ଯେତେବେଳେ ମୁଁ ସମସ୍ତଙ୍କ ଦ୍ୱାରା 'ନୀଚ୍' କୁହାଯାଇ ଅଲଗା ରଖାଯାଇଥିବା ଜାତି ଲୋକଙ୍କ ସହ 'ଉଚ୍ଚଜାତିର' ବୋଲି ସମସ୍ତଙ୍କଠୁଁ ଅଲଗା ହୋଇ ଯାଇଥିବା ଜାତିର ଦୁଃଖ ନିଜେ ଅନୁଭବ କଲି। ଭଲ ହେଲା – ମୋରି ପିଲାମାନେ ନାମମାତ୍ରକୁ ଉଚ୍ଚଜାତିର ହୋଇ ମଧ୍ୟ ସୌଭାଗ୍ୟବଶତଃ ମୋ'ଭଳି ଅନ୍ୟମାନଙ୍କ ପାଖରୁ ଘୁଞ୍ଚିଯାଇ ସମସ୍ତଙ୍କଠୁଁ ଅନ୍ୟଜାତିର ହୋଇ ପାରିଲେ ନାହିଁ। ହେଲେ କହିବି କ'ଣ ? ସେମାନେ ବି ମୋତେ ତଡ଼ି ନିଜ ପାଖରୁ ଅଲଗା କରି ଦୂରେଇ ଦେଲେ ତ ? କେତେଥର ଭାବିଛି, ମୋ ପିଲାମାନେ ମୋତେ ବାପା କହି ଡ଼ାକିବାରେ, ଆଉ ତାଙ୍କ ସମବୟସ୍କ ସାଙ୍ଗସାଥୀ ସହ ପରିଚୟ କରାଇବାରେ ଲଜ୍ଜା ପାଉଥିବେ।''

''ହଁ କେବେ ଦେଖି ନଥିବା ବାପାକୁ ନେଇ ଗର୍ବ କରୁଥିଲି। ହେଲେ ମୋର ପିଲାମାନଙ୍କୁ ନିଜ ବାପକୁ ଦେଖିବା ପାଇଁ ମଧ୍ୟ ଭଲ ଲାଗେନା। ଛାଡ଼ ମୁଁ ଯେତେବେଳେ ନିଜେ ନିଜଉପରେ ଅସନ୍ତୁଷ୍ଟ, ସେତେବେଳେ ମୋର ପିଲାଏ ଅସନ୍ତୁଷ୍ଟ ରହିଲେ ଭୁଲ୍ ହେଲା କଣ?''

ଏତକ ପରେ କାଗଜରେ ପୁଣି ପେନ୍‌ସିଲ୍‌ରେ ଲେଖା ଆରମ୍ଭ ହୋଇଗଲା। ଶିବରମଣର ସଜଳ ଆଖି ଆଗରେ ଶବ୍ଦ କୁହୁଡ଼ିଆ ହେଉଥିଲା। କାନ୍ଧ ଉପରେ

ଥିବା ଗାମୁଛାରେ ଶିବରମଣ କିଛି ସମୟ ନିଜର ମୁହଁ ଚପେଇ ଧରିଲା। ବୋଧହୁଏ କାନ୍ଦୁଥିଲା। ଗାମୁଛା କାଢ଼ି କାନ୍ଦି କାନ୍ଦି ଲାଲ୍ ପଡ଼ିଯାଇଥିବା ଆଖି ଓ ଥରିଲା ଓଠରେ ପୁଣି ଆଗକୁ ଚିଠିଟି ପଢ଼ିବାକୁ ଲାଗିଲା।

"କବି ଭାରତୀ କେଉଁଠି ଗୋଟେ ଖୁବ୍ କ୍ରୋଧର ସହ ଲେଖିଛନ୍ତି ଯେ, ଅର୍ଥ ନଜାଣି ମନ୍ତ୍ର ଘୋଷିବା ଅପେକ୍ଷା ମଣିଷ ନୂଆ ହୋଇଯିବାଟା ଭଲ। ଦଶବର୍ଷ ପୂର୍ବେ ଏକଥା କେଉଁଠି ମୁଁ ପଢ଼ିଥିଲି। ସେତେବେଳେ ଭାବୁଥିଲି ମୁଁ ଘୋଷିଥିବା ସବୁ ମନ୍ତ୍ରର ଅର୍ଥ କ'ଣ ଜାଣିଛି? ଆଉ ଦିନସାରା ମୋ ବାପାଙ୍କୁ ସେଇ ମହାନ୍ ପଣ୍ଡିତଙ୍କୁ ମନେପକାଇ ଖୁବ୍ କାନ୍ଦେ। ସେଇ ମହାନ୍ ପଣ୍ଡିତ ମୋର ବାପାଙ୍କ ଶିଷ୍ୟ, ସୁନ୍ଦର ଧନପାଠୀ ମଧ୍ୟ ଜଣେ ଖୁବ୍ ବଡ଼ ପଣ୍ଡିତ ଥିଲେ। ମୁଁ ଥିଲି ତାଙ୍କର ଶିଷ୍ୟ। ହେଲେ ମୋ ମନରେ ତାଙ୍କ ପ୍ରତି ଶ୍ରଦ୍ଧା ଅପେକ୍ଷା ଡ଼ର ଖୁବ୍ ଥିଲା। କୌଣସି କଥା ଦୁଇଥର ପଚାରିଲେ ସେ ଖୁବ୍ ରାଗି ଉଠୁଥିଲେ। ଡ଼ର ଯୋଗୁଁ, ସେ ଥରେ କହିଥିବା କଥା ମୁଁ ଭଲ ଭାବରେ ବୁଝୁନଥିଲି। ଶୁଆଭଳି ବେଦ ଘୋଷିଥିଲି। ସେତେବେଳେ ଭାବି ନଥିଲି ଯେ ।

"ସବୁ ମନ୍ତ୍ରଗୁଡ଼ିକ ଏଇ ବିଶ୍ୱାସରେ ଘୋଷିଥିଲି ଯେ, ଏଇସବୁ ମନ୍ତ୍ରଗୁଡ଼ିକ ଦେବଦେବୀ ବା ପବିତ୍ର ବିଷୟବସ୍ତୁ ସମ୍ପର୍କରେ ରଚିତ ହୋଇଛି। କୌଣସି ଜଣେ ବିଦ୍ୱାନ ଲେଖିଛନ୍ତି ଯେ, ପିଲା ମା'ସ୍ତନରୁ ଦୁଧ ପିଇଲାବେଳେ ଜାଣେନି ଯେ ସେଥିରେ କଣ ସବୁ ଭିଟାମିନ୍ ଅଛି। ରୋଗୀ ପାଇଁ ଔଷଧ ଦରକାର ପଡ଼େ। ପ୍ରତ୍ୟେକ ଔଷଧ ଯେ କିପରି ତିଆରି, ତାହା ସେ ଜାଣିବା କ'ଣ ଦରକାର? ଠିକ୍ ଏଇଭଳି ମନ୍ତ୍ରଗୁଡ଼ିକ। ତୁ କେବଳ ମନ୍ତ୍ର ଘୋଷିବା କଥା। ବାରମ୍ବାର ଘୋଷିଲାପରେ ତାର ଫଳ ଆପେ ଆପେ ପାଇଯିବୁ।" ଏତକ ପଢ଼ିଲାପରେ ଯାଇ ମୁଁ ଅଳ୍ପ ବହୁତ ବୁଝିବା ଭଳି ଲାଗିଲା। ହେଲେ ଦରକାର ବେଳେ ସେଇ ବିଦ୍ୱାନଙ୍କ କଥା ମୋତେ ସାହାଯ୍ୟ କରିପାରିଲା ନାହିଁ ।

"ଥରେ ତର୍ପଣ ଲାଗି ଓକିଲ ରାଘବ ଆୟାରଙ୍କ ·ଘରକୁ ଯାଇଥିଲି। ସବୁ ଦୃଷ୍ଟିରୁ ସେ ମୋଠାରୁ ବଡ଼ ଥିଲେ। ବାପାଙ୍କୁ ଯେତେ ଶ୍ରଦ୍ଧା କରୁଥିଲେ, ମୋ ପ୍ରତି ମଧ ଠିକ୍ ସେତିକି ଶ୍ରଦ୍ଧା ଓ ଭକ୍ତି ରଖୁଥିଲେ। ଗଲା ଚାଳିଶ ବର୍ଷ ହେଲା ତାଙ୍କୁ ମୁଁ ଜାଣେ। ଗଲାବର୍ଷ ତାଙ୍କ ଘରକୁ ଯେତେବେଳେ ଯାଇଥିଲି, ସେଇ ସମୟରେ ତାଙ୍କ ପୁତୁରା ବୈଦନାଥ ଆୟାର ଦିଲ୍ଲୀରୁ ଆସିଥାଆନ୍ତି। ସେଇଦିନ ତାଙ୍କର ମଧ ତର୍ପଣ ଥାଏ। ଦେଖିବାକୁ ପୂରାପୂରି ଇଂରେଜ ସାହେବ। ତାଙ୍କର ଧୋତିପିନ୍ଧା ଢ଼ଙ୍ଗରୁ ଜାଣିଥିଲି ଯେ, ଧୋତି ପିନ୍ଧିବାର ଅଭ୍ୟାସ ତାଙ୍କର ନାହିଁ। ଚାରିଆଙ୍ଗୁଳି ଚୌଡ଼ାର ଧଡ଼ି ଥିବା ଧୋତି ପିନ୍ଧି ସେ ଶିଡ଼ିରୁ ଓହ୍ଲାଇଲା ବେଳେ ପାଦରେ ତାଙ୍କର ଥିଲା ଚପଲ ହଲେ   କ'ଣ କରାଯାଏ? ସେମିତି ସମୟ ଆସିଛି ।

ମୁଁ ବିନୟ କରି କହିଲି, "ତର୍ପଣ କଲାବେଳେ ଜୋତା ଖୋଲି ପକାଅ।" ସେ ଈଷତ୍ ଲଜ୍ଜିତ ହୋଇ, ଚପଲ ଖୋଲି କହିଲେ, "ଆଇ ଏମ୍ ସରି। ମୁଁ ଦୁଃଖିତ ।" ମୁଁ ବି କହିଲି, "ଇଟ୍ ଇଜ୍ ଅଲ୍ ରାଇଟ୍ ।" କହିଲାବେଳେ

କଥା ମଝିରେ ଇଂରାଜୀ ଶବ୍ଦ ପୂରାଇ ଦେବାର ଅଭ୍ୟାସ ଟିକକ ଥିଲା। ଦୁନିଆଠୁଁ ଖୁବ୍ ଦୂର ହଟେଇ ଜଣାଗଲା ପରେ ସୁଦ୍ଧା ତାକୁ ଜାବୋଡ଼ି ଧରିବାର ଅଭ୍ୟାସର ଏ ଥିଲା ଏକ ବିଚିତ୍ର ପରିଣତି।

''ସେଇଦିନ ଆଉ ଅନେକ ଜାଗା ଯିବାର ଥିଲା। ସବୁ କାମ ଚଞ୍ଚଳ ସାରି ଯିବା ପାଇଁ ଉଦ୍ୟତ ହେଲାବେଳେ ଦେଖିଲି, ଦକ୍ଷିଣା କମ୍ ଥିଲା। ଭାବୁଥିଲି ଯେ, ଲୋକଟା କିଛି ଜାଣେ ନାହିଁ। ପଚାରିଲି 'କଣ ସ୍ୱାମୀ? ଦକ୍ଷିଣାତ କମ୍ ଦିଶୁଛି , ତା ପୂର୍ବରୁ ଆଉ କେଉଁଠି ହେଲେ ମୋତେ ଏତେ ଅପମାନିତ ହେବାକୁ ପଡ଼ି ନଥିଲା। ପରେ ଜାଣିଲି ଯେ, ସେ ଦିଲ୍ଲୀର ଜଣେ ବହୁତ ଖ୍ୟାତନାମା ସଂସ୍କୃତ ପ୍ରଫେସର ଅଟନ୍ତି ।

ମୋତେ ସେ ପଚାରିଲେ, ଆମେ ଆପଣଙ୍କୁ ଯେ ଭଳି ସମ୍ମାନ ଦେଉଁ, ଆପଣ ତାହା ରକ୍ଷା କରିବା ଉଚିତ। ଅର୍ଥ ନ ବୁଝି ଆପଣ ମନ୍ତ୍ର କେମିତି ପଢ଼ନ୍ତି?

ମୁଁ କହିଲି--

ଔଷଧ ଦେବାଟା ଯଥେଷ୍ଟ। ଫଳ ଆପେ ଆପେ ମିଳିଯାଏ। ଔଷଧରେ କ'ଣ ଅଛି କ'ଣ ନାହିଁ, ସେ ସବୁ ଜାଣି ଲାଭ କ'ଣ?' କେବେ କେଉଁଠି ପଢ଼ିଥିବା କଥା ଠୁକିଦେଲି।

ହସି ହସି ସେ କହିଲେ, 'ଔଷଧ ଖାଉଥିବା ଲୋକ ପାଇଁ ଜାଣିବା ଦରକାର ନାହିଁ ହେଲେ ଔଷଧ ଦେଉଥିବା ଲୋକ ତ ଔଷଧରେ କ'ଣ କ'ଣ ଅଛି, ତା ଜାଣିବା ଦରକାର।''

ସ୍ତମ୍ଭିତ ଭାବେ କ୍ଷଣେ ରହିଗଲି। କ ଣ ଉତ୍ତର ଦେବି ଭାବିପାରୁ ନଥିଲି। ଖାଲି ହାତ ଯୋଡ଼ି 'ସ୍ୱାମୀ' ମତେ କ୍ଷମାକର' କହି ତୁରନ୍ତ ସାଇକଲ ଚଢ଼ି ଚାଲି ଆସିଲି।''

ଆଠ ବାଜୁଥାଏ। ରାଜମ୍ ରନ୍ଧାଘରୁ ବାହାରି ଆସି ଶିବରମଣର ଠିକ୍ ପଛରେ ଠିଆ ହୋଇଥିଲା ଓ ତା କାନ୍ଧରେ ନଇଁପଡ଼ି, ଶିବ୍‌ରମଣର ହାତରେ ଥିବା କାଗଜକୁ କୌଣସି ଅଫିସ୍ କାଗଜ ଭାବି ଦୃଷ୍ଟି ପକେଇଲା।

''ତଥାପି ଶେଷ ହୋଇନି? କେତେବେଳେ ଖାଇବ?''

ରାଜମ୍‌ର ସ୍ୱର ଶୁଣିବା ପରେ ଚମକି ଉଠି କାଗଜ ଉପରୁ ଦୃଷ୍ଟି ଉଠେଇ ଆଣି ନିଜ ପତ୍ନୀକୁ ଦେଖିଲା। ଓଠରେ ଭୟମିଶ୍ରିତ ହସ ଫୁଟେଇ କହିଲା, ''ମଣି ଆସିଯାଉ। ଖାଇବା ତ ।''

''ଏସବୁ ମଇଳା କାଗଜପତ୍ର ତୁମେ ଅଫିସ୍‌ରେ କାହିଁ ଛାଡ଼ି ଆସନି?'' ବିରକ୍ତି ସ୍ୱରରେ କହି ରାଜମ୍ ଟେବୁଲ ଉପରେ ପଡ଼ିଥିବା ପତ୍ରିକାଟି ଖୋଲି କାନ୍ଥ ଦେହରେ ପିଠି ଲଗାଇ ବସିଗଲା।

ପୃଷ୍ଠା ଓଲଟାଇ ଶିବରମଣ୍ ପୁଣି ପଢ଼ିବାକୁ ଲାଗିଲା

''ଜୀବନର ଷାଠିଏଟି ବର୍ଷ ମୁଁ ଖାଲି ପାଚିଟୁଣ୍ଡରେ ଶେଷ କରିଦେଲି। ମୋ' ଭଳି ଲୋକଙ୍କ ଦ୍ୱାରା ବ୍ରାହ୍ମଣ ସଂପ୍ରଦାୟକୁ ଲଜ୍ଜିତ ହେବାକୁ ପଡ଼ିଛି। ସବୁଦିନ

ସଂଧ୍ୟା କଲାବେଳେ ଅପରାଧୀ ଭାବନା ମନକୁ ଖାଇଯାଏ। ଜଣାପଡ଼େ ଯେ, ମୋର ଜୀବନ ହେଉଛି ଅସତ୍ୟର ଜୀବନ। ଏଇଟା ଭାବି ଭାବି ଅଣନିଃଶ୍ୱାସୀ ହୋଇ ପଡ଼ୁଛି। ମୁଁ କେବେ କହିନି ଯେ, ସମୟର ପରିବର୍ତ୍ତନ ସଙ୍ଗେ ବେଦ ଶାସ୍ତ୍ର ଉପରେ ଲୋକଙ୍କ ଭକ୍ତି କମିଯାଉଛି। ମୋର ଧାରଣା, ସେଗୁଡିକର ମହତ୍ତ୍ୱ ଆମେ ଠିକ୍ ଭାବରେ ବୁଝିପାରିନାହୁଁ। ଏଇ ମାସେ ଖଣ୍ଡେ ହେଲା ମୁଁ ମଣିଷ ଭଳି ଜୀଇଁଛି ବୋଲି ଭାବୁଛି। ୟା' ପୂର୍ବରୁ ନାଟକର ପାତ୍ର ଭଳି କୌଣସି ବେଶ ଲଗାଇ, ଘୋଷିଥିବା ଶବ୍ଦ ଓ ବାକ୍ୟଗୁଡିକୁ ଖାଲି ଉଚ୍ଚାରଣ କରୁଥିଲି। କେବେ ସେଗୁଡିକୁ ହୃଦୟର ସହ ଅନୁଭବ କରିନାହିଁ, କେବଳ ଓଠରେ ଧରି ଗାଇ ପକେଇଛି।

" ମୋତେ ଜାଣିଥିବା କେହି ଏବେ ମୋତେ ଦେଖି ବିଶ୍ୱାସ କରିବ ନାଇଁ ଯେ, ମୁଁ ଦାର ପରିଚିତ ଗଣପତି ଶାସ୍ତ୍ରୀ ବୋଲି। କେବେ କେମିତି ହଠାତ ଦର୍ପଣରେ ମୁହଁ ଦେଖିଲେ, ନିଜକୁ ମଧ୍ୟ ବିଶ୍ୱାସ ହେଉ ନାହିଁ। ହଁ, ମୋ ମନରେ ମୋର ଯେଉଁ ଚିତ୍ରଟି ଅଙ୍କିତ ହୋଇ ରହିଯାଇଛି , ସେ ଚୁଟି ରଖିଛି , ଭସ୍ମ ଲଗାଏ , ଷାଠିଏ ବର୍ଷର କଳ୍ପନା ଏତେ ଚଞ୍ଚଳ ଲିଭିପାରେ ? ହଁ ଏସବୁ ତ କଳ୍ପନା ମାତ୍ର ।

"ବର୍ତ୍ତମାନ ମୁଁ ବ୍ରାହ୍ମଣ ନୁହେଁ ଶାସ୍ତ୍ରୀ ନୁହେଁ କି ପଣ୍ଡିତ ନୁହେଁ। ନିଜେ ନିଜକୁ, ନିଜ ମନକୁ କୌଣସି ପ୍ରକାରେ ଧୋକା ଦେଉନଥିବା ଏକ ସାଧାରଣ ମଣିଷ। ଜନ୍ମ ହୋଇଥିବା କୁଳକୁ ଖୁବ୍ ସମ୍ମାନ ଦିଏ। ବହୁ ମହାପୁରୁଷ ଯାହା କହିଛନ୍ତି, ସେ କଥାକୁ ଆଚରଣରେ ପ୍ରକାଶ କରିବାର ଛଳନା ଖାଲି କଲେ କେହି ନିଜପାଇଁ ସମ୍ମାନ ପାଏନା। ଏଇଲେ ବି ଲୋକେ ମୋତେ ପାଗଳ କହିବେ କୁହନ୍ତୁ ସେଦିନ ବି ମନ୍ଦିର ପାଖ ପୋଖରୀରୁ ଫେରୁଥିବା ବେଳେ ସଭିଏଁ ମୋ ଅବସ୍ଥା ଦେଖି ମୋତେ ପାଗଳ ଭାବୁଥିବେ। ସୁନ୍ଦର ଧନପାଠୀ ପରି ଲୋକଙ୍କ ପାଇଁ ଭିକମଗା କାମ ହିଁ ଠିକ୍। ତାଙ୍କଠୁଁ ସବୁ ଗାଳି ଶୁଣି ସୁଦ୍ଧା ମୁଁ ଆଜି ବି ତାଙ୍କୁ ପ୍ରଣାମ କରେ। କାରଣ ଗୁରୁଭାବେ ସେ ମୋ ଆଖି ଖୋଲି ଦେଇଛନ୍ତି। ସେତେବେଳେ ମୋତେ ଏମିତି ଲାଗିଲା ଯେ, ସମଗ୍ର ଦୁନିଆ ତାଙ୍କ ରୂପରେ ଆସି ମୋତେ ତନ୍ନ ତନ୍ନ କରି ପଚାରୁଥିଲା . 'ତୁ ବ୍ରାହ୍ମଣ କହୁଛୁ ?' ସେ ହିଁ ବ୍ରହ୍ମ ଉପଦେଶ ଦେଇ ମୋତେ ପଇତା ପିନ୍ଧାଇ ଦେଇଥିଲେ ଏବେ ସେ ନିଜେ କହିଲେ ଯେ, ଏସବୁ ଭୁଲ୍। ଯେମିତି ଭାବିଲେ ମଧ୍ୟ ସେ ମୋର ଗୁରୁ। ମୁଁ ତାଙ୍କୁ କୃତଜ୍ଞତା ଜଣାଉଛି।

"ଏବେ ମୁଁ ଚୁଟି କାଟି 'କ୍ରାସ୍' ରଖିଲିଣି। କୁର୍ତ୍ତା ପିନ୍ଧେ। ଚପଲ ମାଡ଼େ। ଏସବୁ ଖୁବ୍ ଭଲ ଲାଗୁଛି। ଭାବିଲେ ହସ ଲାଗେ। କହନ୍ତି ଯେ, ପଣ୍ଡିତେ ଚପଲ ପିନ୍ଧିପାରିବେ ନାହିଁ, କିନ୍ତୁ ସାଇକଲ୍ ଚଢ଼ିପାରିବେ। ମୋ ସାଇକଲଟିକୁ ଚାଳିଶ ଟଙ୍କାରେ କିଣିଥିଲା ଶିବରମଣ– କିଣିଲା ବେଳକୁ ଖୁବ୍ ପୁରୁଣା ହୋଇ ଯାଇଥିଲା। ଏବେ ତାକୁ କିଏ ଚଢ଼ୁଥିବ? ଶିବରମଣ ନା ମଣି? ନ ଭାଙ୍ଗିଲା 'ଯାଏଁ, ନ ମଲା ଯାଏ, ପୁରୁଣା ଜିନିଷଗୁଡ଼ିକ କାହାରି ନା କାହାରି କାମରେ ଲାଗୁଥାଏ।

ଶିବରମଣ ମୁହଁ ଟେକି କାନ୍ଥ ଦେହରେ ଡ଼େରା ହୋଇଥିବା ସାଇକଲ୍ ଆଡ଼କୁ ଦେଖିଲା। ତାର ମୁହଁ ଦେଖି ରାଜମ୍ ମଧ୍ୟ ଅନେଇଲା ଗଣପତି ଶାସ୍ତ୍ରୀଙ୍କ ସେଇ ଦଦରା ସାଇକଲ୍ ଆଡ଼କୁ। ଦୁହେଁ ସେଇ ଗୋଟିଏ କଥା ଚିନ୍ତାକରି ଚୁପ୍‌ଚାପ ନିଜ ମନର କଥା ନିଃଶବ୍ଦରେ ପରସ୍ପରକୁ କହିଯାଉଥିଲେ। ହଠାତ୍ ରାଜମ୍‌ର ଅନୁଚ୍ଚ ସ୍ୱରରେ କାନ୍ଦିବା ଶବ୍ଦ, ସେଇ ନିରବତାକୁ ଭାଙ୍ଗି ଦେଲା।

"ଅବୁଝା ବ୍ରାହ୍ମଣଟା କୁଆଡ଼େ ଚାଲିଗଲେ? ତାଙ୍କ ପଇଁ ବି ନାଇଁ ଦିନ ଦିନ ଧରି ମୋ ମନ ଯାହା ହେଉଛି, ମୁଁ ଜାଣେ ଏବେ ତ କହିବି ତାଙ୍କ ବିନା ମୋତେ ଏଇ ଘରଟି ଜଂସେଇଖାନା ଭଳି ଲାଗୁଛି। ସତକହ, ତୁମ ଦୁହିଁଙ୍କ ଭିତରେ ଝଗଡ଼ା ତ ହୋଇନି? ସେ ଚାଲିଯିବାର ଅର୍ଥ କ'ଣ ଯେ, ଦୁଇ ଦୁଇଟା ପୁଅ ଥାଉ ଥାଉ ସେ ନିରାଶ୍ରୟ ହୋଇ ଯିବେ?' ପତ୍ରିକା ପୃଷ୍ଠାରେ ମୁହଁ ଲୁଚାଇ ରାଜମ୍ କାନ୍ଦିଉଠିଲା।

ଶିବରମଣର ଦେହରେ ଅନେକ ରୋମାଞ୍ଚ। ଏବେ ଏବେ ପାଗଳ ବୋଲି ଭାବୁଥିବା ବାପାଙ୍କ ଅନ୍ତରଙ୍ଗର ପରିଚୟ ପାଇ ଆଶ୍ଚର୍ଯ୍ୟ ବିମୂଢ଼ ହୋଇ ବସିରହିଥିଲା। ରାଜମ୍‌ର କଥା ଶୁଣି ଏକ ନୂଆ ସମସ୍ୟାରେ ପଡ଼ିଗଲା। ଆଜିଯାଏ ଭାବୁଥିଲା ଯେ, ରାଜମ୍ ତାର ବାପାଙ୍କୁ ଖାଲି ଘୃଣା କରୁଥିଲା, ଆଜି ତା ଅନ୍ତରର ଲୁକ୍କାୟିତ ଶବ୍ଦସ୍ୱର ଶୁଣି ହଠାତ୍ ହର୍ଷ ବିଭୋର ହୋଇ ପଡିଲା।

ପୁରା ସାହସର ସହ ତା ଆଖିରୁ ଦୁଇବୁନ୍ଦା ଲୁହ ବାହାରି ମୁହଁ ଉପରେ ଝରିଗଲା। 'ଚିଠି ବାପା ଲେଖିଛନ୍ତି?' ତ୍ରସ୍ତ ହୋଇ ରାଜମ୍ ଉଠିପଡ଼ିଲା। 'ତା ହେଲେ ସେ ଜୀବିତ ଥିଲେ ନଥିବେ କାହିଁକି?' ରାଜମ ପାଇଁ ଏତିକି ହିଁ ଯଥେଷ୍ଟ। ତା ଖୁସିର ସୀମା ନଥିଲା। ଶିବରମଣ ହାତରୁ ଚିଠିଟି ଛଡେଇ ନେଇ ପଢିଲା।

ଠିକ୍ ସେଇ ସମୟରେ ଘରେ ଗୋଡ଼ ରଖୁ ରଖୁ, ଭାଉଜର କଥା ଶୁଣିଲା ମଣି। ପାଟିରୁ ତାର ବାହାରି ପଡିଲା, "କିଏ? ବାପା?? ସେ କେଉଁଠି ଅଛନ୍ତି?"

ରାଜମ୍ ପାଖେ ବସି ବସି ସେ ବି ଚିଠି ପଢିବାର ପ୍ରୟାସ କଲା।

ଘଣ୍ଟାରେ ନ' ବାଜୁଥିଲା । ବର୍ତ୍ତମାନ ସୁଦ୍ଧା କେହି ବି ଖାଇ ନାହାନ୍ତି। ଯେତେ ପଢିଲେ ବି କାଗଜର ପୁଡିଆଟି ସରୁ ନାହିଁ।

ସେମାନଙ୍କ ଠାରୁ ଖସିଯାଇ କାହିଁ କେତେ ଦୂରେ ବସିଥିବା ଗଣପତି ଶାସ୍ତ୍ରୀଙ୍କ ମନକୁ ବୁଝିବାର ଆତୁରତାରେ ସଭିଏଁ କାଗଜଗୁଡିକୁ ବାଣ୍ଟିନେଇ ପଢିବାରେ ଲାଗିଲେ।

ମଣି ହାତରେ ଥିବା କାଗଜ ଖଣ୍ଡିଏରେ କ'ଣ ଲେଖାଥିଲା କେଜାଣି, ସେ ହଠାତ ଚିତ୍କାର କରି ଉଠିଲା, "ୱେଲ୍ ଡନ୍ ଫାଦର୍ well done father !"

ସେହି କାଗଜ ପୁଡ଼ିଆରେ ତାଙ୍କର ଯେଉଁ ଦର୍ଶନ ତତ୍‌ଲିଖିତ କାହାଣୀରୁ ଜଣାପଡୁଥିଲା ଯେ, ଏଇ ବିଂଶ ଶତାବ୍ଦୀରେ ଜୀଇଁବାର ଦୁର୍ବଳତାକୁ ଖୋଜୁଥିବା ଗଣପତି ଶାସ୍ତ୍ରୀ ଭଳି କେବଳ ଜଣେ ମାତ୍ର ବ୍ରାହ୍ମଣର କାହାଣୀ ସେ ନୁହେଁ।

ଭୁଲ୍, ଅପରାଧ ନୁହେଁ

କଡ଼ା ଭାବରେ ନ କହିଲେ ସୁଦ୍ଧା, ଥେରେସା ଯାହା କିଛି ବି କହିଲା, ସେଇ ସ୍ୱରରେ କିଛିଟା କଠୋରତା ଥିଲା ନିଶ୍ଚୟ।

ଥେରେସା ମୃଦୁ ସ୍ୱଭାବୀ। ମଧୁର ସ୍ୱରରେ କହିଲାବେଳେ ପ୍ରତ୍ୟେକ ଶବ୍ଦ ବିନମ୍ରର ଦ୍ୟୁତିରେ ଝଲକି ଉଠୁଥିଲା। ତାର କେବଳ ଦୁଃଖଥିଲା। ହେଲେ ତାହାକୁ ଅପମାନିତ କରିବା ବା ସେଇଭଳି କୌଣସି ଶତ୍ରୁତାଭରା ଭାବନା ତା ମୁହଁରେ ନଥିଲା।

ଏଆଡ଼େ ନାଗରାଜନ୍‌କୁ ଏମିତି ଲାଗୁଥିଲା. ଥେରେସା ଛି'ଛି' କହି ତା ମୁହଁ ଉପରେ ଛେପ ପକେଇ ଥା'ନ୍ତା ହେଲେ, କିମ୍ବା 'ୟୁ ଡେମ୍ ଇଟ୍' କହି ଚିତ୍କାର କରି ତାର ଅପମାନ କରିଥିଲେ କେତେ ଭଲ ହୋଇଥାନ୍ତା।

ଆଜିକୁ କେତେ ଦିନ ହେଲା ସେ ଏକଥା ବାରମ୍ବାର ଅନୁଭବ କରିଛି।

ଏମିତି ପରିସ୍ଥିତିରୁ ନିଜକୁ ବଞ୍ଚାଇବାର ଉପାୟ ନାଗରାଜନ୍ ଖୁବ୍ ଜାଣିଥିଲା। ତାର ପଦ, ତାର କ୍ଷମତା, ତାର ପ୍ରଭାବ, ପ୍ରତିଷ୍ଠା, ବୟସ –ଏ ସବୁ ବା ସେଥିରୁ ଗୋଟେ ହେଲେ ତାର ସେବାରେ ହାଜିର ହୋଇଥାନ୍ତେ। ହେଲେ ଏ ସବୁରୁ କ'ଣ ମିଳିବ? ହଜିଲା ଇଜ୍ଜତ ତ ଆଉ ଫେରିବ ନାହିଁ। "ଏତେ ଅନୁଭବ ସତ୍ତ୍ୱେ ମୋତେ ବୁଦ୍ଧି କାହିଁକି ଯୁଟେ ନାହିଁ?" ବୋଲି ମନକୁ ମନ ଭାବି, ନିଜକୁ ଗାଳି ଦେଇ ଦେଇ ଆଖିରେ ଲୁହ ଆସିଯାଏ। ନିହାତି ଘୃଣା ଓ ଅପମାନ ଭରି ଆସୁଥାଏ। ଖୁବ୍ ଗମ୍ଭୀର ଭାବେ ସେ ଚିନ୍ତା କରୁଥିଲା ନିଜ ସମ୍ପର୍କରେ, ମୁହଁ ପୋତି।

"ଛି, ଛି, ମୁଁ ବି କେମିତି ଲୋକ। ପଚାଶ ପୂରିଗଲାଣି। ପୁଅ ବଡ଼ ହୋଇ ଆସୁଛି। କଲେଜରେ ପଢ଼ୁଥିବା ଝିଅ ଅଛି ତାର ବିବାହ ହୋଇଥିଲେ ଚାରି ପାଞ୍ଚ ନାତି ନାତୁଣୀଙ୍କ ଜେଜେ'ବା ହୋଇସାରନ୍ତିଣି। ଛି-ଛି – କେମିତି ମଣିଷଟିଏ ମୁଁ। ଚିନ୍ତାରେ ଦାନ୍ତକୁ କଡ଼ମଡ଼ କରି, କୋଟ୍‌ର ଦୁଇ ପକେଟ୍‌ରେ ହାତ ଗୁଞ୍ଜିଲା। ପୁଣି ଆଖି ବନ୍ଦକରି ବସିଗଲା ଚୌକୀ ଉପରେ। ମୁହଁରୁ ବାହାରି ପଡ଼ିଲା, 'ହ୍ୱାଟ୍ ଏ ଶେମ୍' (କି ଲଜ୍ଜା!) , ଚୌକୀ ଉପରେ ବସି ମୁଣ୍ଡ ଏପାଖ ସେପାଖ କଲା। ଭାବି ପାରୁନାହିଁ କଣ କରାଯିବ?

ଆଖି ଆଗରେ ମଝିରେ ମଝିରେ ଉଙ୍କି ମାରୁଛି ଥେରେସାର ଚେହେରା। କିଛି ସମୟ ପୂର୍ବରୁ ।

ଶୁଖିଲା ମୁହଁ ଲିପ୍‌ଷ୍ଟିକ୍‌ର ରଙ୍ଗ ଫିକା ପଡ଼ିଯାଇ ଓଠର ସବୁଆଡ଼େ ଲାଗି ଯାଇଛି। ଅଶ୍ରୁ ପ୍ଲାବିତ ଓଠରେ ବ୍ୟସ୍ତ ହୋଇ ଥେରେସା କହୁଥିଲା

"ପ୍ଲିଜ୍ ଲିଭ୍ ମି। ଆଇ ରିଗ୍ରେଟ୍।" ତାର ବାହୁ ବନ୍ଧନରୁ ମୁକ୍ତ ହୋଇ ଥରି ଥରି ସେ ଦୂରରେ ଛିଡ଼ା ହୋଇଥିଲା।

ଓଃ, ତାର ସେଇ ରୂପ ।

ଅଶ୍ରୁଶିକ୍ତ ଆୟତ ଚକ୍ଷୁ –ସ୍କର୍ଟ ପକେଟରୁ ରୁମାଲ କାଢ଼ି ତାକୁ ପୋଛିବା ଆଗରୁ ଟେବୁଲର କାଚରେ ଥପ୍ ଥପ୍ ହୋଇ ପଡ଼ିଥିବା ଦୁଇବୁନ୍ଦା ଲୁହ ବର୍ତ୍ତମାନ ସୁଦ୍ଧା ଶୁଖିନି। ପୁଣି, କାନ୍ଦିବାର ଅଶିଷ୍ଟତା ଯୋଗୁଁ ତୁରନ୍ତ ପଶ୍ଚାତାପ କରିଥିଲା। ଅସ୍ପଷ୍ଟ ସ୍ୱରରେ କହିଥିଲା, 'ଆଇ ଏମ୍ ସରୀ।' ରୁମାଲରେ ମୁହଁ ଢ଼ାଙ୍କି ନିଜ କୋଠରୀ ଭିତରକୁ ଚାଲିଯାଇଥିଲା। ପିନ୍ଧିଥିବା ସ୍ଲିପର୍‌ର ଶବ୍ଦ ଏବେ ଏବେ ବନ୍ଦ ହୋଇଛି ତା'ପରେ ହଠାତ୍ ଚୌକୀରେ ଦୁଲ୍‌କିନା ବସିବାର ଶବ୍ଦ ଭାସି ଆସିଥିଲା।

କାନରେ ଗୁଞ୍ଜରିତ ହେଉଛି ତାର କଥାଗୁଡ଼ିକ। ଆଖି ଆଗରେ ଭାସି ଉଠୁଛି ସେଇ ଦୃଶ୍ୟ।

କିଛି ସମୟ ପୂର୍ବରୁ ଗ୍ଲାନି ଓ ଅପମାନରେ ଥେରେସା ସେଠାରୁ ଚାଲିଯାଇଥିଲା। ନାଗରାଜନ୍ ଭାବୁଥିଲା, "ଆହା ବିଚାରୀ। କେତେ ଧୀରା ଚିନ୍ତାଧାରା କେତେ ମହତ୍।" ମନ ତାର ପୁଣି ଭାରୀ ହୋଇ ଆସିଲା। ସ୍ୱପ୍ନରେ ସୁଦ୍ଧା ଭାବିପାରୁ ନାହିଁ ଯେ ମୁଁ ତା' ସହ ଏପରି ବ୍ୟବହାର କରିଛି।

ନାଗରାଜନ୍‌ର ଇଚ୍ଛା ହେଉଥିଲା, ନିଜକୁ ନିଜେ ଖଣ୍ଡ ଖଣ୍ଡ କରି କାଟି ପକାନ୍ତା କି ? ନିଜର ସ୍ଖଳିତ ଅବସ୍ଥାର ଦୁଃଖ ନିଜକୁ ବ୍ୟସ୍ତ କରିଦେଉଛି।

ଭାବୁଥିଲା, "ଏବେ ମୁଁ ଥେରେସାକୁ କେମିତି ବୁଝେଇବି ? ଏ କଳଙ୍କ ଲିଭିବ କେମିତି ? ତା' ମନରେ କଣ ମୋ' ଲାଗି ଆଗଭଳି ଶ୍ରଦ୍ଧା ବନେଇ ପାରିବି ?"

"ହୁଁ ସବୁକିଛି ଶେଷ ହୋଇଗଲା। ସବୁ କିଛି ଶେଷ। ଓଃ କେତେ ବଡ଼ କ୍ଷତି ?" ଏସବୁ ଭାବି ନାଗରାଜନ୍ ବ୍ୟସ୍ତ ହୋଇ ପଡୁଥିଲା। ଆଖିରେ ଲୁହ ଭରି ଆସୁଥିଲା। କପାଳର ଝାଳ ବାରମ୍ବାର ପୋଛୁଁ ପୋଛୁଁ କେଉଁ ଦୂର ଯାଗାକୁ ଯାଇ ମନ ଭରି କାନ୍ଦିବାକୁ ଇଚ୍ଛା ହେଉଥିଲା ତା'ର।

କିଛି ଦିନ ହେଲା ନାଗରାଜନ୍ ମନରେ ଥେରେସା ପ୍ରତି କାମ ବାସନା ଜାଗି ଉଠିଥିଲା। ତାର ବ୍ୟବହାର, ହସଖୁସି, ତାର ଆଗ୍ରହ–ଏ ସବୁରୁ ଭାବିଥିଲା ଯେ, ତା ପ୍ରତି ଥେରେସା ଆକୃଷ୍ଟ ହୋଇଛି। ତାକୁ ପିତାର ସ୍ଥାନ ଦେଇ ତା ଆଗରେ ଥେରେସା କହିଥିଲା ନିଜ ଜୀବନର ଅନେକ ଅନ୍ତରଙ୍ଗ ତଥା ଗୋପନୀୟ କଥା ସବୁ କହିଥିଲା ଠିକ୍ ଏକ ଝିଅ ଭଳି। ସେ ସବୁ ମଧ୍ୟ ନାଗରାଜନ୍ ବୁଝିଥିଲା ବିକୃତ ଅର୍ଥରେ।

ଏ ସବୁ ବାରମ୍ବାର ଚିନ୍ତାକରି ନାଗରାଜନ୍‌ର ଘୃଣା ହେଉଥିଲା ନିଜ ଉପରେ।

ପ୍ରତ୍ୟହ ନିୟମିତ ଭାବରେ ତାର ଖାଦ୍ୟ ଆଣୁଥିବା କନେୟା ଆଜିକୁ ଦଶଦିନ ହେଲା ନିଖୋଜ। ସେଇ ଦଶଦିନ ଧରି, ନାଗରାଜନ୍ ଓ ଥେରେସା ଏକା ସଙ୍ଗରେ ଖାଦ୍ୟ ଖାଉଥିଲେ।

ଦିନ ଦ୍ୱି-ପହରରେ ଅଫିସ୍‌ରେ ଖାଇବା ଅଭ୍ୟାସଟି ତାର ବଢ଼ିଥିଲା, କନେୟା ଦ୍ୱାରା। ଦୁଇବର୍ଷ ପୂର୍ବରୁ କନେୟା ତା ଘରକୁ ଆସି ନଥିଲା। ସେତେବେଳେ ଖାଇବା ପାଇଁ ନାଗରାଜନ୍ ନିଜ ଘରକୁ ଯାଉଥିଲା। ହେଲେ ଘରକୁ ଯାଇ, ଖାଦ୍ୟ ଖାଇ ପୁଣି ଅଫିସ୍ ଫେରିବା ସମ୍ଭବ ହେଉ ନଥିଲା। କିଛି ସମୟ ଘରେ ଆରାମ କରି, ଗଡ଼ପଡ଼ ହୋଇ, କିଛି ସମୟ ଶୋଇ ଅଫିସରେ ନାଗରାଜନ୍ ପହଞ୍ଚୁ ପହଞ୍ଚୁ ଚାରିଟା ବାଜିଯାଏ।

ଯେଉଁମାନେ ଦେଖିଲେ, ନାଗରାଜନ ଅଫିସକୁ କେତେବେଳେ ଆସେ-ଯାଏ, ସେ କଥା ପଚାରିବା ପାଇଁ କେହି ନଥିଲେ। ସେଇ କମ୍ପାନୀର ମାଲିକର ପାଖାପାଖି ଅଧିକାର ସବୁ ନାଗରାଜନ୍‌ର ଥିଲା। ଦରକାର ପଡ଼ିଲେ କେତେବେଳେ ମାଲିକଠୁଁ ବେଶୀ ଦାୟିତ୍ୱ ନେଇ ତାକୁ କାମ କରିବାକୁ ପଡ଼େ। ଗଲା ପଚିଶବର୍ଷ ଧରି ଏଇ ହେଡ୍ ଅଫିସ ଜରିଆରେ ସମଗ୍ର ଦେଶରେ କମ୍ପାନୀର ଅନେକ ଶାଖା ଖୋଲି, କମ୍ପାନୀକୁ ଏଇ ସ୍ତରକୁ ସେ ହିଁ ଆଣିଛି। ନାନା ଦାୟିତ୍ୱ ବହନ କରିବାର କ୍ଷମତା ଯୋଗୁଁ ସେ କମ୍ପାନୀର ବଡ଼ ଅଫିସରମାନଙ୍କର ମଧ୍ୟ ବିଶ୍ୱାସର ପାତ୍ର ହୋଇ ପାରିଛି।

କନେୟା ତା ଘରକୁ ଆସିବା ପରେ, ପ୍ରତ୍ୟହ ଦପ୍ତରକୁ ଖାଦ୍ୟ ଆଣି ନିଜେ ପରଷି ଦିଏ। ଘରକୁ ନଯାଇ ଅଫିସ୍‌ରେ ଖାଇବାର ଏକ କାରଣ ଥିଲା – ନିଜେ ହାତରେ ବାଢ଼ି ଖାଇବାର ଅଭ୍ୟାସ ନଥିଲା ନାଗରାଜନ୍‌ର। ତାକୁ ସେତିକି ଭଲ ଲାଗେ ନାହିଁ।

କନେୟାକୁ ସଭିଏଁ ତା ଘରର ଚାକର ବା ବବୁର୍ଚ୍ଚି ବୋଲି ଭାବୁଥିଲେ। ପ୍ରକୃତରେ କନେୟା ତାର ପିଉସୀ ପୁଅ ଭାଇ ଆଉ ତାର ପିଲାଦିନର ସାଙ୍ଗ। ସମାନ ବୟସ। କନେୟା ମଧ୍ୟ ବ୍ୟବହାରରେ ସୁଦ୍ଧା ଏକଥା ଅନ୍ୟ ବାହାରିକି ଜାଣିବାକୁ ଦେଇ ନାହିଁ।

ପରିବାର, ଘରବାଡ଼ି, ବିବାହ, ବନ୍ଧୁବାନ୍ଧବ ଏ ସବୁ ଝାମେଲା, ତା ଜୀବନରେ ଆସି ନାହିଁ।

ଯାହାକୁ ବନ୍ଧୁବାନ୍ଧବ ବୋଲି ଭାବୁଥିଲା, ସେମାନଙ୍କ ଘରେ କିଛିଦିନ ଯାଇ ରହିଯାଏ, ଆଉ ତା ରହିବା ଯୋଗୁଁ ସେଇ ପରିବାରକୁ କିଛି ବଳ ମଧ୍ୟ ମିଳିଯାଏ।

ପିଲାମାନଙ୍କର ଅଜା ହୋଇଯାଏ, ସେବକ ଭାବେ ସାହାଯ୍ୟ କରେ। ବଗିଚାରେ ମାଟି ହାଣେ, କପଡ଼ା କାଚେ, ଦୋକାନରୁ ଜିନିଷ ଆଣେ। କାଠକଟା, ବୋଝ ଉଠେଇବା ଛଡ଼ା, କେହି କହିଲେ, ମଜା ମଜା କଥା କହି ସେମାନଙ୍କୁ ଖୁସି କରାଏ।

"ଶଳା କେତେ ବଦମାସ। କାହାକୁ କିଛି ନ କହି କୁଆଡ଼େ ଚାଲିଗଲା।" ନାଗରାଜନ୍‌ର ବିଚାର ବର୍ତ୍ତମାନ କନେୟାର ଦୋଷ ଦେଖିବାକୁ ଲାଗିଲା। ହେଲେ ଘଟିଯାଇଥିବା ଅପରାଧ ଲାଗି ମଧ କନେୟାକୁ ଦୋଷୀ ଠାବ କରିବା ପାଇଁ ବ୍ୟର୍ଥ ଚେଷ୍ଟା ସେ କରୁଥାଏ।

"ସବୁ ଦିନ ଭଳି କନେୟା ଖାଇବା ଆଣୁଥିଲେ, ଥେରେସା ମୋର ଏତେ ପାଖକୁ ଆସି ନଥାନ୍ତା–" ଭାବୁ ଭାବୁ କନେୟାର ସ୍ମୃତି ତାକୁ ଆବୋରି ବସିଲା।

ଦୁଇବର୍ଷ ପୂର୍ବରୁ ଦିନେ ରାତି ଆଠଟା ବେଳେ ଘରକୁ ଫେରି କାର୍‌କୁ ଛିଡ଼ାକରିବା ଲାଗି ନାଗରାଜନ୍ ଶେଡ୍ ତଳକୁ ଯାଉଥାଏ। ହଠାତ୍ ଶେଡ୍‌ର ଗୋଟାଏ କୋଣରେ ବସିଥିବା ଜଣେ ଲୋକ ଉପରେ ଦୃଷ୍ଟି ପଡ଼ିଲା। ମୁହଁରେ ସାଲୁବାଲୁ ହୋଇ ଦାଢ଼ୀ, ମୁଣ୍ଡରେ ଅଯତ୍ନ କେଶରାଶି। କାର୍ ଆସିବା ଦେଖି ଲୋକଟି ଠିଆ ହୋଇଗଲା। କାର୍‌ର ଲାଇଟ୍ ନ ଲିଭାଇ ଷ୍ଟେରିଙ୍ଗ୍‌ରୁ ନାଗରାଜନ ପଚାରିଲା, 'କିଏ ?'

ପାଖକୁ ଲୋକଟି ଆସି ଅସ୍ପଷ୍ଟ ସ୍ୱରରେ କହିଲା, "ମୁଁ ମୁଁ କନେୟା ମତେ ଚିହ୍ନିପାରୁନ?"

ତା ଅବସ୍ଥା ଦେଖି ନାଗରାଜନ୍ ମନରେ କେମିତି ଏକ ପ୍ରକାର ଦୁଃଖ ଜାତ ହେଲା। "ଆରେ ତୋର ଅବସ୍ଥା ଏମିତି କଣ ହୋଇଛି ? ଚାଲ ଚାଲ୍ ଭିତରକୁ ଚାଲ୍।" କନେୟାକୁ ଭିତରକୁ ନେଇ ନାଗରାଜନ୍ ତାକୁ ଘର ଲୋକଙ୍କ ସହ ପରିଚୟ କରେଇ ଦେଲା। କିଛିଦିନ ପରେ କନେୟା ସେଇ ପରିବାରର ଏକ ଅପରିହାର୍ଯ୍ୟ ସଦସ୍ୟ ହୋଇଗଲା।

ପ୍ରଥମେ ପ୍ରଥମେ ବନ୍ଧୁ ବାନ୍ଧବମାନେ କନେୟା ପ୍ରତି ସଜାଗ ରହିବା ଲାଗି ନାଗରାଜନକୁ ସତର୍କ କରାଇ ଦେଇଥିଲେ। ତଥାପି, ନାଗରାଜନ ସେଥିପ୍ରତି କୌଣସି ଦୃଷ୍ଟି ଦେଇ ନଥିଲା। ତାକୁ ନିଜ ଘରେ ରଖିବା, ତାର କର୍ତ୍ତବ୍ୟ ବୋଲି ଭାବିଥିଲା। କାହିଁକି ଯେ ରଖିଥିଲା, ତା'ର କାରଣ ସେ କାହାକୁ କହିନଥିଲା।

ଘରେ ଦିହେଁ ଏକା ଥିଲାବେଳେ ପିଲାଦିନର କଥା ମନେ ପକାଇ ଖୁବ୍ ଗପସପ କରନ୍ତି।

ସେତେବେଳେ କନେୟା ଥିଲା ଖୁବ୍ ଭଲ ପିଲାଟିଏ। ସାଦାସିଧା କନେୟାକୁ ନାଗରାଜନ୍ ହିଁ ପ୍ରଥମେ ବିଡ଼ି-ସିଗାରେଟ-ମଦ୍ୟପାନ ଶିଖାଇଥିଲା। ଏ କଥା ନାଗରାଜନ୍ ଭୁଲି ନଥିଲା। ଏସବୁ ଯୌବନର ବଦ୍‌ଅଭ୍ୟାସ ଭାବି ପରବର୍ତ୍ତୀ ବୟସରେ କିଛି ସମୟ ଲାଗି ନାଗରାଜନ୍ ସବୁ ଛାଡ଼ି ଦେଇଥିଲା। କନେୟା କିନ୍ତୁ ସେ ସବୁରେ ବୁଡ଼ିରହିଥିଲା, ଆକଣ୍ଠ ଭାବେ। ପରେ ଯେତେବେଳେ ଶୁଣିଲା ଯେ କନେୟା ଏବେ ପୁରାପୁରି ମଦୁଆ ହୋଇଯାଇଛି, କେଜାଣି କାହିଁକି ନାଗରାଜନ୍ ନିଜକୁ ନିଜେ ଦୋଷୀ ଭାବିଥିଲା।

ହେଲେ ଏ ସବୁ କଥାକୁ ମହାପାପ ଭାବୁଥିବା ଲୋକ ନାଗରାଜନ୍ ନଥିଲା। ତାର କେବଳ ଦୁଃଖ ଥିଲା ଯେ, ଏ ଅଭ୍ୟାସର ଶିକାର ହୋଇ, ସବୁ ଇଜ୍ଜତ

ମହତ ହରାଇ ଏବେ ଏକ ସ୍ଖଳିତ ଜୀବନଯାପନ କରୁଛି। ସେଥିଲାଗି, କନ୍ନୈୟା ପାଇଁ ତା ମନରେ ଏତେ ସମବେଦନା!!

ଏବେ ସୁଦ୍ଧା, ନାଗରାଜନ୍ ପାର୍ଟିରେ ବା ନିଜଘରେ କେବେ କେମିତି ମଦ ପିଏ। ଏ କଥା କେହି ଜାଣି ନଥିଲେ। ମଦ, ସିଗାରେଟ, ଯୁବତୀ ସ୍ତ୍ରୀ—ସବୁ ଅଭ୍ୟାସ ଥିଲା ନାଗରାଜନ୍‌ର —କିନ୍ତୁ ସମସ୍ତଙ୍କ ଅଜାଣତରେ।

ମାତ୍ର ସୀମାତୀତ ହେଲେ ଯାଇ ମଣିଷ ଜୀବନରୁ ଧୋକାଖାଏ।

ଜୀବନରୁ ଏଭଳି ଧୋକା ଖାଇଥିଲା କନ୍ନୈୟା। ଆଉ ତାର ଅବସ୍ଥା ଲାଗି କିଛି ଦାୟୀ ଥିଲା ନାଗରାଜନ୍। ତେଣୁ କନ୍ନୈୟାକୁ ଦେଖିଲେ ବିବଶଭରା ଦୀର୍ଘଶ୍ୱାସ ନେଇ ଚୁପ୍‌ଚାପ୍ ରହିଯାଏ।

ସାମାଜିକ ଦୃଷ୍ଟିରୁ କନ୍ନୈୟା ଥିଲା ଏକ ଅଧଃପତିତ ବ୍ୟକ୍ତି। ଆଉ ନାଗରାଜନ୍ ସହ ତାର ତୁଳନା ହୋଇ ପାରିବ ନାହିଁ। କିନ୍ତୁ ଏକାନ୍ତ ସମୟରେ, କନ୍ନୈୟା ଥିଲା ନାଗରାଜନ୍‌ର ବନ୍ଧୁ ସାଙ୍ଗ ସବୁକିଛି। ଏ ସବୁ ଜାଣି ମଧ କନ୍ନୈୟା ସୁବିଧା ପାଇଲେ ନାଗରାଜନ୍ ସହ ଖୁବ୍ ଅନ୍ତରଙ୍ଗ ଭାବେ ମିଶିଯାଏ।

କେବେ କେମିତି ନାଗରାଜନ୍ ମଦ ପିଉଥିଲାବେଳେ କନ୍ନୈୟାକୁ ବି ଦିଏ। ସେତେବେଳେ କନ୍ନୈୟା ଏତେ ଖୁସି ହୋଇଯାଏ ଯେ, ସତେ ଯେମିତି ତାକୁ ସାରା ସଂସାର ମିଳିଯାଇଛି। ହାତରେ ମଦ ଗ୍ଲାସଟିଏ ଧରି କୋଠରୀ କୋଣରେ ଲୁଚି ମଦ ପିଇସାରିଲା ପରେ 'ଥାଉ ଥାଉ' କହି ଟେବୁଲ ଉପରେ ଗ୍ଲାସଟି ରଖିଦେଇ ଚାଲିଯାଏ। ପଚାରିଲେ କୁହେ, "ଦୋସ୍ତ ଏ ସବୁ ମୋ ପାଇଁ ନୁହେଁ। ମୋ ପାଇଁ ଏ ସବୁ ଖର୍ଚ୍ଚ କରିବୁ କାହିଁକି? ମୋତେ ଖାଲି ଦି'ଟଙ୍କା ଦେଇଦେ। ମୁଁ ମୋର ଚାଲିଯିବି।" ଯୋଡ଼ିଏ ଟଙ୍କା ଧରି ଚାଲିଯିବା ପରେ କନ୍ନୈୟା ଯେ କେତେବେଳେ ଘରକୁ ଫେରି ଶେଡ୍ ତଳେ ଶୋଇଯାଏ, ସେ କଥା କେହି ଜାଣନ୍ତି ନାହିଁ।

ନାଗରାଜନ୍ ମଧ ଲୁଚାଛପାରେ ମଦ ପିଇବା ପାଇଁ କନ୍ନୈୟାକୁ ହପ୍ତାରେ ଥରେ ଦି'ଥର ପଇସା ଦେଇଥାଏ।

କନ୍ନୈୟା ହାତର ବଢ଼ାଭାତ ଖାଇବା ଲାଗି ନାଗରାଜନ୍‌କୁ ଖୁବ୍ ଭଲ ଲାଗେ। କେବେ କେମିତି ଘରେ ମଧ ଖୋଦ୍ କନ୍ନୈୟା ଭାତ ବାଢ଼ିଦିଏ।

ନାଗରାଜନ୍‌ର ସ୍ତ୍ରୀ ଖୁବ୍ ମୋଟି। ବିଚାରୀ ବାରମ୍ବାର ବେମାର ପଡ଼େ। ନାଗରାଜନ୍ ଚାହୁଁଥିଲା ସବୁ ସୁବିଧା ସହ ତାର ସ୍ତ୍ରୀ କେବଳ ଆରାମ କରୁ।

କେବେ କେବେ ଡ୍ରାଇଭର ନଥିଲେ ନାଗରାଜନ୍ ନିଜେ ଗାଡ଼ି ଚଳେଇ କନ୍ନୈୟାକୁ ସାଙ୍ଗରେ ନେଇ ବୁଲିଯାଏ। କଥାବାର୍ତ୍ତା ମଝିରେ ଅତୀତର ସେଇ ସ୍ମୃତି ମାଡ଼ିଆସେ। ସେଇ ସମୟତକ କନ୍ନୈୟା ତାର ଖୁବ୍ ନିକଟତର ହୋଇଯାଏ। କଥାବାର୍ତ୍ତା ଖୁବ୍ ଅନ୍ତରଙ୍ଗ ହୋଇପଡ଼େ, ଅଥଚ କଥାବାର୍ତ୍ତାରେ କୌଣସି ରସହାନୀ ହୁଏନି।

ନାଗରାଜନ୍ ଥରେ ପଚାରିଲା, "ଆରେ ହେ କନ୍ନୈୟା ମୋର ସେ ସେକ୍ରେଟେରୀ ଅଛି ନା ତତେ କେମିତି ଲାଗେ?" ଆଣ୍ଠୁ ଉପର ଯାଏ କପଡ଼ା ପିନ୍ଧି ଉଲଗ୍ନ

ଗୋଡ଼ ଦେଖାଇ ବୁଲୁଥିବା ଥେରେସାକୁ ଦେଖି କନ୍ହେୟା ଲଜ୍ଜାର ଝାଳରେ ପୁରାପୂରି ଭିଜିଯାଏ ।

ନାଗରାଜନ୍ ପୁଣି ପଚାରିଲା, "ଚୁପ୍ ପଡ଼ିଲୁ ଯେ ତତେ କେମିତି ଲାଗେ ?"

'ମୋତେ?' ଲାଜରେ କନ୍ହେୟା ମୁହଁ ତଳକୁ କଲା । କିଛି କହିପାରିଲା ନାହିଁ। ପୁଣି ନାଗରାଜନ୍‌କୁ କହୁଣୀ ଟିପରେ ହଲେଇ ଦେଇ କୁହେ, "ତୁ ତାକୁ ଛାଡ଼ିବୁ ନା ? ମୁଁ ତତେ ଭଲ ଭାବରେ ଜାଣେ ." କହିଦେଇ ଖିଲ୍‌ଖିଲ୍ ହୋଇ ହସିଉଠେ କନ୍ହେୟା ।

"ଛିଃ,ଛିଃ ସେପରି କିଛି ନୁହେଁ, ତୁ କ'ଣ ଭାବୁଛୁ ମୁଁ ଆଗଭଳି ଅଛି। ଏବେ ତ ବୁଢ଼ା ହେବାକୁ ବସିଲିଣି "

କନ୍ହେୟା ନାଗରାଜନ୍‌କୁ ଖୁସି କରିବାକୁ କହିଲା, "ହେଲେ ମୁଁ ଯେତେଦୂର ଜାଣେ, ତୋ ଉପରେ ଗୋଟାଏ ଦୁର୍ବଳତା ଅଛି ।"

ଏସବୁ ସ୍ମୃତିର ରୋମନ୍ଥନ କଲାବେଳେ ନାଗରାଜନ୍ ଭାବୁଥାଏ,"ଏ ସବୁ ବଦମାସି ତ ସେଇ ଶଳା ମୋ ମନରେ ପୂରେଇ ଦେଲା ।"

ଥେରେସାର ଉପସ୍ଥିତିରେ କିଛି ନ ଜାଣିଲା ଭଳି ଏମିତି ରହିଯାଏ ଯେ, ସତେ ଯେମିତି ଥେରେସାର ଉପସ୍ଥିତି ସେ ଜାଣିନାହିଁ। ଆଖି ପତା ଟେକି ମଧ୍ୟ ତାକୁ କେବେ ଦେଖିନାହିଁ। ବାସ୍ ମୁହଁ ତଳକୁ କରି ନାଗରାଜନ୍ ଥାଳିରେ ଖାଇବା ଜିନିଷ ବାଢ଼େ।

ତାର ବ୍ୟବହାର ଓ ନିଷ୍ଠା ସହ ଥେରେସା ମଧ୍ୟ ପରିଚିତ ଥିଲା ।

ସେ ଦିନ ଥେରେସା ମଧ୍ୟ ଏକଥା ଲକ୍ଷ୍ୟ କରିଥିଲା ।

କନ୍ହେୟା ସ୍ଥାନରେ ସେଦିନ ଡ୍ରାଇଭର ଖାଦ୍ୟ ଆଣିଥିଲା । କିନ୍ତୁ ପରଷିଲାବେଳେ କିଛିଟା ଭୁଲ୍ ମଧ୍ୟ ହୋଇଗଲା । ଗାଳିଖାଇ ଏତେ ଡରିଗଲା ଯେ, ହାତରୁ ଖଣ୍ଡେ ବାସନ ମଧ୍ୟ ତଳେ ପଡ଼ିଗଲା । ଏଇ କଥାରେ ନାଗରାଜନ୍ ଖୁବ୍ ରାଗିଯାଇଥିଲା । ଖାଇବା ଜିନିଷ ସବୁ ଫିଙ୍ଗିଦେଇ, ପରେ ହୋଟେଲରୁ ଖାଇବା ଜିନିଷ ମଗେଇ ଥିଲା ।

ତା ଆରଦିନ ନିଜେ ଖାଇବା ପାଇଁ ଭାତ ବାଢ଼ିବାର ଚେଷ୍ଟା କଲାବେଳକୁ ଥେରେସା ଅନୁରୋଧ କରି କହିଥିଲା ସାହାଯ୍ୟ କରିବା ପାଇଁ। ବିନୟ ଭାବେ ଇଂରାଜୀରେ ଥେରେସା କହିଲା, "ସାର୍ ମୁଁ ବାଢ଼ିଦେବି ।"

ଥେରେସାର ଏଇ କେଇପଦ କଥାରେ ନାଗରାଜନ୍‌ର ମନେ ପଡ଼ିଲା କନ୍ହେୟାର କଥା , "ହେଲେ ମୁଁ ଯେତେଦୂର ଜାଣେ ତୋ ଉପରେ ଗୋଟାଏ ଦୁର୍ବଳତା ଅଛି ।"

ଗଲା ଚାରିବର୍ଷ ହେଲା ଥେରେସା ତାର ଷ୍ଟେନୋ ଭାବରେ କାମ କରୁଛି। କିନ୍ତୁ ସେଦିନ ହିଁ ସେ ତା ଆଡ଼କୁ ଦେଖିଥିଲା ଏକ ଭିନ୍ନ ଦୃଷ୍ଟିରେ ।

ଥେରେସାର ସୌନ୍ଦର୍ଯ୍ୟ ପ୍ରଶଂସା କରି ନାଗରାଜନ୍ କହିଲା, ''ୟୁ ଲୁକ୍ ନାଇସ୍ ଟୁଡ଼େ।''

ଥେରେସା ଉତ୍ତର ଦେଲା 'ଥ୍ୟାଙ୍କ୍ ୟୁ ।'

ତା'ପରେ ନାଗରାଜନ୍ ଏକା ସଙ୍ଗରେ ଖାଇବା ପାଇଁ ଥେରେସାକୁ ଅନୁରୋଧ ଜଣାଇଥିଲା। ନାଗରାଜନ୍ ସହ ବସି, ନିଜେ ଆଣିଥିବା ମାମୁଲି ଖାଦ୍ୟ ଖାଇବାଲାଗି ଥେରେସାର ସାହସ ହେଉ ନଥାଏ। ତଥାପି, ତାର ଆଗ୍ରହ ଏଡ଼ାଇ ନପାରି ସେଇ ଟେବୁଲରେ ବସି ଖାଇବାକୁ ଲାଗିଲା।

ଖାଇଲା ବେଳେ କନେୟା ସଂପର୍କରେ ଥେରେସା ଜିଜ୍ଞାସା କଲା, ''ହ୍ବେଏର୍ ଇଜ୍ ଦେଟ୍ ମ୍ୟାନ୍?''

ବିରକ୍ତି ପ୍ରକାଶ କରି ନାଗରାଜନ୍ କହିଲା, ''ସେଇ ରାସ୍କେଲ ପାଞ୍ଚଶ ଟଙ୍କା ମାରି କୁଆଡ଼େ ଗାଏବ୍ ହୋଇଯାଇଛି।''

''ପାଞ୍ଚଶ? ଏତେ ଟଙ୍କା ଚାକର ବାକରଠୁ ଦୂରରେ ରଖିବା ଉଚିତ।''

''ସେ ମୋର ଚାକର ନୁହେଁ। ବନ୍ଧୁ ବାନ୍ଧବ।''

''ଓଃ ଆଇ ଏମ୍ ସରୀ।''

''ନା -ନା -ସେମିତି କିଛି ନୁହେଁ। ଚୋରପାଇଁ ଚାକର ଉପାଧି ହିଁ ଯଥେଷ୍ଟ।''

''ପୁଅର୍ ମ୍ୟାନ୍ ।''

କନେୟା ଲାଗି ଥେରେସାର ସମବେଦନା ଦେଖି ନାଗରାଜନ୍ କିଛିଟା ଆଶ୍ଚର୍ଯ୍ୟ ହେଲା। ''ହି ୱାଜ୍ ଭେରୀ ନାଇସ୍ ଆଣ୍ଡ ହେଲ୍ପଫୁଲ।'' ନାଗରାଜନ୍ ଏକ ଦୀର୍ଘଶ୍ବାସ ଟାଣିଲା।

ନିଜର ଟିଫିନ୍ କ୍ୟାରିଅର୍‌ରୁ ଥେରେସାକୁ କିଛି ଖାଦ୍ୟ ଦେଲା ନାଗରାଜନ୍। ଖୁବ୍ ଆଦର ଓ ଧନ୍ୟବାଦ ସହ ଗ୍ରହଣ କଲା ଥେରେସା।

ନାଗରାଜନ୍‌ର ପସନ୍ଦ-ନାପସନ୍ଦକୁ ମନରେ ରଖି ଥେରେସା ଖାଦ୍ୟ ବାଢ଼ିଥିଲା ଠିକ୍ କନେୟା ଭଳି। ନାଗରାଜନ୍ ମଧ ଖୁବ୍ ଅଧିକାର ଥିବାଭଳି ତାର 'ଟିଫିନ୍' ଉଠେଇନିଏ।

ଏହା ପୂର୍ବରୁ, ଅଫିସ କଥାବାର୍ତ୍ତା ଛଡ଼ା ସେମାନଙ୍କ ଭିତରେ ଅନ୍ୟକିଛି କଥାବାର୍ତ୍ତା ନଥିଲା। ଏବେ ଏଇ 'ଲଞ୍ଚ୍ ଆୱାର୍'ରେ ନିଜ କଥା ସଙ୍ଗେ ସଙ୍ଗେ ବାହାରର କଥା ମଧ ପଡ଼େ।

ଆଗରୁ ନିଜର ଶୀତତାପ ନିୟନ୍ତ୍ରିତ କୋଠରୀ ଭିତରେ ଆର୍ମଚେୟାର ଉପରେ ନାଗରାଜନ୍ ଆଖିମୁଦି ବସି ରହେ। ଏବେ ଖାଇସାରିଲା ପରେ ସେଇ ଚେୟାର ଉପରେ ବସି, ଟେବୁଲ୍ ପାଖରେ ବସିଥିବା ଥେରେସା ସହ କଥାବାର୍ତ୍ତା କରେ।

ତା ପାଖରେ ଥେରେସା କିଛି ଲୁଚେଇ ନଥିଲା। ମନଖୋଲା କଥାବାର୍ତ୍ତା କରେ। ସେଇ କଥା ଭିତରେ ଥିଲା ଜଣେ ବିଶ୍ବାସଯୋଗ୍ୟ ମଣିଷର ସ୍ନେହ ଲାଗି କୃତଜ୍ଞତା ଓ ଏତେ ପ୍ରତିଷ୍ଠିତ ବ୍ୟକ୍ତିର ସ୍ନେହ ଲାଗି ଗର୍ବ ଅନୁଭବ କରିବାର ସ୍ୱର। ଛୋଟିଆ

ଝିଅଭଳି ସେ ହସି ଉଠେ। ତାର ହସିବାରେ ସାହାଯ୍ୟ କରେ ନାଗରାଜନ୍‌ର ମଜା ମଜା କଥା। ନାଗରାଜନ୍ ତାର କଥା ଓ କହିବା ଢ଼ଙ୍ଗ ଉପଭୋଗ କରେ। ତାର ସେଇ ଚପଳତାକୁ ପ୍ରେମର ଆଦ୍ୟ ସଂକେତ ଭାବି ନାଗରାଜନ୍ ତା ପ୍ରତି ଆକୃଷ୍ଟ ହୋଇ ପଡ଼ିଲା। ମନରେ ଜାଗିଉଠିଲା, ତା ପାଇଁ ନିଜେ ହଜିଯିବାର ଅନେକ ବେପଥୁ ବାସନା।

କିଛିଦିନ ପୂର୍ବରୁ ନିଜର ଜନ୍ମ ଦିନରେ ଥେରେସା ନାଗରାଜନ୍‌କୁ ନିମନ୍ତ୍ରଣ କରିଥିଲା। ଏଇ ଦିନଟି, ଚାରିବର୍ଷ ପର୍ଯ୍ୟନ୍ତ କେବଳ 'ମିଠେଇ ପୁଡ଼ିଆ'ର ଉପହାର ଯାଏଁ ସୀମିତ ଥିଲା। ଭୋଜି ଖାଇବା ପାଇଁ ଥେରେସା କେବେ ନିମନ୍ତ୍ରଣ କରି ନଥିଲା। ତାର କାରଣ, ବର୍ତ୍ତମାନ ଯାଏଁ ସଂପର୍କ ଥିଲା ମାଲିକ ଓ କର୍ମଚାରୀର ସଂପର୍କ। ହେଲେ, ଏବେ ସଂପର୍କଟି ପୂରାପୂରି ଭିନ୍ନ। ଏବର ସଂପର୍କ ସମ ସ୍ତର ପର୍ଯ୍ୟନ୍ତ ଆସି ଯାଇଥିଲା। କିନ୍ତୁ ଏଇ ନିମନ୍ତ୍ରଣକୁ ନାଗରାଜନ୍ ଗ୍ରହଣ କରିଥିଲା ଭିନ୍ନ ଭାବରେ।

ଆଖି ନଚେଇ ନାଗରାଜନ୍ ପଚାରିଥିଲା, ''ଡ୍ରିଙ୍କ୍ ଇଟ ବି ଏ ଜକ୍‌ଟେଲ୍ ପାର୍ଟି?''

''ଅଫ୍‌କୋର୍ସ୍। ମୋର ବାପା ମା'ଙ୍କ ପାଖରେ ପରମିଟ୍ ଅଛି।''

''ତୁମେ ନିଜ ପାଇଁ ପରମିଟ୍ ନେଇନ?''

'ନୋ ' ଥେରେସା କହିଲା, 'ମୁଁ ପିଏନି ।'

''ଆଚ୍ଛା, ତମର ଜନ୍ମ ଦିନରେ ମୁଁ ନିଶ୍ଚୟ ପିଆଇଦେବି।''

ହସି ହସି ଥେରେସା କହିଲା, '' କୌଣସି ବିଶେଷ ଅନୁଷ୍ଠାନରେ କମ୍ପାନୀ ଲାଗି ଖୁବ୍ ଅଳ୍ପ ପିଇଦିଏ।'' ତା'ପରେ କହିଲା, ତାର ବାପା କେମିତି କ୍ରିସ୍‌ମସ୍ ଦିନ ସବୁ ପିଲାଙ୍କୁ 'ୱାଇନ୍' ଦିଅନ୍ତି।

ଥେରେସା କହି ଚାଲିଥିଲା। ସେ କହିଥିଲା ଖ୍ରୀଷ୍ଟିଆନ୍‌ମାନଙ୍କ ମଧ୍ୟରେ ପିଆପିଇ ତଥା ସ୍ତ୍ରୀ-ପୁରୁଷଙ୍କ ମଧ୍ୟରେ ମିଳାମିଶା କେମିତି ଏକ ମାମୁଲି କଥାରେ ପରିଣତ ହେଲାଣି। କଥାବାର୍ତ୍ତା ମଝିରେ ଗଲାବର୍ଷ ତାର ଜନ୍ମଦିନର ଏକ ଘଟଣା ଶୁଣେଇ ଥିଲା। ସେଇ ଉତ୍ସବକୁ ତାର ଏକ 'ବୟ ଫ୍ରେଣ୍ଡ'କୁ ନିମନ୍ତ୍ରଣ କରିଥିଲା। ଏଇ ବ୍ୟକ୍ତିଟି ପୂର୍ବରୁ ତାର ପ୍ରେମିକ ଥିଲା। –ଏବେ ସଂପର୍କ ଛିନ୍ନ ହୋଇଯାଇଛି। ଭାବାବେଗରେ ଥେରେସା ଏ କଥା କହିଯାଉଥାଏ। ହଠାତ୍ ପୁଣି ନିଜକୁ ସମ୍ଭାଳି ନେଇ ହସିଦେଲା ଫିକ୍ କରି।

ଏସବୁ କଥାବାର୍ତ୍ତାକୁ ନାଗରାଜନ୍ ସଂପୂର୍ଣ୍ଣ ଭିନ୍ନ ତଥା ଏକାନ୍ତ ଦୃଷ୍ଟିରେ ଦେଖିଥିଲା। ଆଉ ତାର ପରିଣତି ହୋଇଥିଲା କିଛି ସମୟ ପୂର୍ବରୁ ଘଟିଯାଇଥିବା ଘଟଣାଟି। ସବୁଦିନ ଭଳି ଦିହେଁ ହସ ଖୁସିରେ ଭୋଜନ ସାରିଥିଲେ। ବ୍ୟାଗରୁ ଛୋଟିଆ ଦର୍ପଣଟି ବାହାର କରି ଥେରେସା ନିଜର ଓଠରେ ଲିପ୍‌ଷ୍ଟିକ୍‌ର ପ୍ରଲେପ ଦେଉଥାଏ। ସେତିକିବେଳେ ତଉଲିଆରେ ହାତ ପୋଛୁ ପୋଛୁ ଆସୁଥିବା ନାଗରାଜନ୍

ଠିକ୍ କିଛି ସମୟ ପୂର୍ବରୁ

ଶୁଖିଲା ମୁହଁ ଲିପଷ୍ଟିକ୍‌ର ରଙ୍ଗ ଫିକା ପଡ଼ିଯାଇ ଇତସ୍ତତଃ ଲାଗିଯାଇଥାଏ। ଆଖି ଲୁହ ପୋଛୁ ପୋଛୁ ଥେରେସାର ଓଠ କମ୍ପି ଉଠୁଥାଏ —

"ପ୍ଲିଜ୍ ଲିଭ୍ ମି । ଆଇ ରିଗ୍ରେଟ୍ ଫର୍ ଏଭ୍ରିଥିଙ୍ଗ୍" ନାଗରାଜନ୍‌ର ବାହୁବନ୍ଧନରୁ ମୁକ୍ତ ହୋଇ ଦୂରରେ ଛିଡ଼ା ହୋଇଥିଲା ଥେରେସା , ତାର ସେଇ ଚେହେରା ରହି ରହି ତାର ଆଖିଆଗରେ ନାଚି ଉଠୁଥିଲା ଥେରେସାର ସେଇ ରୂପ।

ଘଣ୍ଟାରେ ଦୁଇ ବାଜୁଥିଲା।

ଦ୍ୱି ପ୍ରହରର 'ଲଞ୍ଚ ଆୱାର୍' ପରେ କର୍ମଚାରୀମାନଙ୍କ ଚଲାବୁଲା ଓ ଟାଇପରାଇଟର୍ ଗୁଡ଼ିକର ଶବ୍ଦ ଖୁବ୍ ଧୀରେ ଶୁଣାଯାଉଥିଲା ସେଇ ଶୀତତାପ ନିୟନ୍ତ୍ରିତ କୋଠରୀ ଭିତରେ।

ଘଣ୍ଟାଏ ଭିତରେ ନାଗରାଜନ୍ ପ୍ରାୟ ସାତ ଆଠଟି ସିଗାରେଟ୍ ପିଇ ସାରିଥିଲା।

କିଛିକ୍ଷଣ ପରେ ତା ଆଗରେ ଉପସ୍ଥିତ ହେଲା ଥେରେସା।

ମୁହଁଟେକି ନାଗରାଜନ୍ ତା ଆଡ଼କୁ ଦେଖିପାରିଲା ନାହିଁ। ମୁହଁ ପୋତି ବସିଥାଏ। କହିଲା, "ଆଇ ଏମ୍ ସରୀ ଥେରେସା।"

ଏଇ କଥା ପଦକରେ ଥେରେସାର ଯେ କି ପ୍ରତିକ୍ରିୟା ହେବ, ତାହା ଜାଣି ପାରୁ ନଥିଲା। ବୋଧହୁଏ ବର୍ତ୍ତମାନ ସ୍ୱଷ୍ଟ ସେ କାନ୍ଦୁଛି। "ହୁଏତ, ମୋର ମୁହଁ ଉପରେ ଇସ୍ତଫା ପତ୍ର ଫୋପାଡ଼ି ଦେଇପାରେ,' ମୁହଁ ଟେକି ନାଗରାଜନ୍ ତା ଆଡ଼କୁ ଚାହିଁଲା।

ହାତରେ ସର୍ଟହ୍ୟାଣ୍ଡର କପି ଓ ପେନ୍‌ସିଲ୍ ନେଇ ଥେରେସା ଠିଆହୋଇ ହସୁଥିଲା ସତେ ଯେପରି କିଛି ହୋଇ ନାହିଁ। ଏବେ ଏବେ ରୁମାଲ୍‌ରେ ମୁହଁ ଢାଙ୍କି ଚାଲିଯାଇଥିବା ଯୁବତୀଟି ସତେ ଯେପରି ସେ ନୁହେଁ ଆଉ ଜଣେ ।

ନାଗରାଜନ୍ ବୁଝିଗଲା ଯେ ଥେରେସା ଇସ୍ତଫା ଦେବ ନାହିଁ। ତାର ଡିକ୍‌ଟେସନ୍ ନେବାପାଇଁ ସେ ଯେମିତି ଛିଡ଼ା ହୋଇଛି। ସେ ଜାଣୁଥିଲା ଆଜି ଖୁବ୍ କାମ ଅଛି, ବହୁତ ଚିଠି ଲେଖିବାକୁ ପଡ଼ିବ। ହଠାତ ନାଗରାଜନ୍ ଭାବିଲା ସବୁଠାରୁ ଜରୁରୀ ଚିଠି ଡିକ୍‌ଟେସନ୍ ଦେଲେ କ୍ଷତି କ'ଣ?

କେବେ କେମିତି କୋଠରୀ ଭିତରେ ବୁଲି ବୁଲି ନାଗରାଜନ୍ ଡିକ୍‌ଟେସନ୍ ଦିଏ। ଆଜି ବି ଚୌକୀ ପଛପଟରେ ଚଟାଣ ଉପରେ ଚଲାବୁଲା କଲା। ତା'ପରେ ଥେରେସା ଆଡ଼କୁ ଦେଖି କହିଲା। 'ପ୍ଲିଜ୍ –ସିଟ୍ ଡାଉନ୍।' ଟେବୁଲ ଆଗରେ ପଡ଼ିଥିବା, ଚୌକୀ ଉପରେ ଥେରେସା ବସିଗଲା ।

"ଡିଅର୍ ମିସ୍ ଥେରେସା —"

'ୟେସ୍ ସାର୍ ' ଥେରେସା ମୁହଁ ଟେକି ପଚାରିଲା।

"ପୁଟ୍ ଡାଉନ୍ . ଦିସ୍ ଇଜ୍ ଏ ଲେଟର ।"

ଥେରେସା ମୁଣ୍ଡ ତଳକୁ କରି ଚୁପ୍‌ଚାପ୍ ଲେଖିବାକୁ ଲାଗିଲା। ତା ଆଡ଼େ ପିଠିକରି ନାଗରାଜନ୍ ଛିଡ଼ା ହୋଇ ଇଂରାଜୀରେ ଡିକ୍‌ଟେସନ୍ ଦେଲା –

"ମିସ୍ ଥେରେସା ମୋ ନିଜ ଝିଅ ସମାନ ତୁମଭଳି ଜଣେ ଯୁବତୀ ସହ କରିଥିବା ବ୍ୟବହାର ଲାଗି ମୁଁ ଖୁବ୍ ଲଜ୍ଜିତ। ତୁମେ ଚାହିଁଲେ ମୋତେ କ୍ଷମା କରିପାର କିମ୍ବା କୌଣସି ଦଣ୍ଡ ଦେଇପାରେ , ତୁମରି ଇଚ୍ଛା। ଗୋଟାଏ ଦୁର୍ବଳ ମୁହୂର୍ତ୍ତରେ ତୁମରି ଆଖିରେ, ମୁଁ ନିଜ ସମ୍ମାନ ଓ ପ୍ରତିଷ୍ଠାରୁ ତଳକୁ ଖସିଗଲି , ଏଇଟା ହିଁ ମୋ ପାଇଁ ସବୁଠୁ ବଳି ବଡ଼ ଦଣ୍ଡ।"

ଥେରେସା ଖୁବ୍ ଭାବୁଛି ମୁଁ କାହିଁକି ଏମିତି କଲି?

ସେମିତି ଦେଖିଲେ ଏଇ ଭଳି ବ୍ୟବହାର କରିବାଟା ମୋର ପ୍ରଥମ ନୁହେଁ। ତୁମ ଆଗରେ ମୋର ଦୁର୍ବଳତା ପ୍ରକାଶ କଲି –ଏଇ ଆଶାରେ ଯେ ମୋ ମନର ବିକାର, ମୋର ଏଇ ରୋଗ ସବୁଦିନ ପାଇଁ ଦୂର ହୋଇଯିବ। ବୟସ ଦୃଷ୍ଟିରୁ ତୁମେ ନିଶ୍ଚିତ ଭାବେ ମୋ ଠାରୁ ଛୋଟ, କିନ୍ତୁ ମୋ'ଠାରୁ ଅଧିକ ଶାନ୍ତ , ଚରିତ୍ରବାନ୍। ସେଥିପାଇଁ ଲୋକେ ଯେମିତି କ୍ଷମା ଚାହାନ୍ତି, ସେମିତି ମୁଁ 'କନ୍‌ଫେସ୍' କରୁଛି।

ଏବେ ଏବେ ତମ ସହିତ ମୁଁ ଯେଭଳି ଅନୁଚିତ ବ୍ୟବହାର କଲି, ଆଜି ପର୍ଯ୍ୟନ୍ତ ବହୁ ଯୁବତୀଙ୍କ ସହ ମୁଁ ସେଭଳି ବ୍ୟବହାଟ କରିଛି।

ଯାତ୍ରା ବା ଥିଏଟରରେ ସ୍ତ୍ରୀମାନଙ୍କ ସଂସ୍ପର୍ଶର ଫାଇଦା ମୁଁ ଉଠେଇଛି। ଏଭଳି ଅବସ୍ଥାରେ ଯେକୌଣସି ଝିଅ ଲଜ୍ଜା, ଅପମାନ ଓ ନିଜର ସଂସ୍କାର ଯୋଗୁଁ ନୀରବ ରୁହେ, ସେଇ ମୌନତାକୁ ସମ୍ମତିର ଲକ୍ଷଣ ଭାବିବାର ଭୁଲ୍ ମୁଁ କରିଛି। ପରେ ନିଜ କର୍ମ ପାଇଁ ପଶ୍ଚାତାପ ମଧ୍ୟ କରିଛି। ବର୍ତ୍ତମାନ ବୁଝିଛି, ଏହା ଗୋଟାଏ ରୋଗ। ତୁମର ଶାଳୀନ ବ୍ୟବହାରରେ ବର୍ତ୍ତମାନ ମୁଁ ସୁସ୍ଥ। ତୁମକୁ ମୋର ଗୋଟିଏ ମାତ୍ର ପ୍ରାର୍ଥନା –ତୁମ ଗାଲରେ ଆଙ୍କିଥିବା ମୋର ଚୁମ୍ବନକୁ ତୁମ ବାପାଙ୍କ ଚୁମ୍ବନ ବୋଲି ଭାବିବ। ମୋର ଅନୁତାପ ଯଦି ତୁମ ପାଇଁ ଯଥେଷ୍ଟ ନୁହେଁ, ତା ହେଲେ ମୋ ବ୍ୟବହାର ଲାଗି ତୁମେ ଯେଉଁ ଦଣ୍ଡଦେବ, ମୁଁ ତାକୁ ମୁଣ୍ଡପାତି ଗ୍ରହଣ କରିନେବି।"

ନାଗରାଜନ୍ ଏକ ଦୀର୍ଘଶ୍ୱାସ ଟାଣିଲା, ସତେ ଯେମିତି ତାର ହୃଦୟରୁ ଏକ ବିରାଟ ବୋଝ ଓହ୍ଲାଇ ଯାଇଛି। ସେ ଥେରେସା ଆଡ଼କୁ ଚାହିଁଲା।

ଥେରେସା ରୁମାଲରେ ନିଜ ଲୁହ ପୋଛିଲା। ଅନେକ ଦହନରେ ଗାଲ ଲାଲ ହୋଇଉଠିଛି।

"ଚିଠିଟି ଟାଇପ୍ କରିଆଣ।" ଥେରେସାକୁ ପଠେଇଦେଇ ନାଗରାଜନ୍ ସିଗାରେଟ୍‌ରେ ଅଗ୍ନି ସଂଯୋଗ କଲା। ଥେରେସାର ରୁମ୍‌ରୁ ଟାଇପ୍‌ର ଶବ୍ଦ ଶୁଭୁଛି।

ଟାଇପ୍ କଲା କାଗଜ ଥେରେସା ରଖିଲା ନାଗରାଜନ୍‌ର ଟେବୁଲ ଉପରେ। ଛିଡ଼ାହୋଇ ଚୁପ୍‌ଚାପ୍ ଦେଖିଲା ନାଗରାଜନ୍ ଆଡ଼େ। ଆଖିରେ ଚଷମା ଦେଇ ନାଗରାଜନ୍ ପଢ଼ିଲା ଚିଠିଟି 'ରେସ୍‌ପେକ୍ଟେଡ୍ ଫ୍ରେଣ୍ଡ୍ ,' ପଢ଼ିକରି ହିଁ ନାଗରଜନ୍ ଚାହିଁଲା ଥେରେସା ଆଡ଼େ।

ଥେରେସା ଚୁପ୍‌ଚାପ୍ ମୁଣ୍ଡ ତଳକୁ କଲା ।

ନାଗରାଜନ୍ ପଢ଼ିଲା, ''ଆପଣଙ୍କର ଡିକ୍‌ଟେସନ୍‌କୁ ଟାଇପ୍ ନ କରି ଅନ୍ୟକଥା ଟାଇପ୍ କରିଥିବାରୁ ସର୍ବପ୍ରଥମେ ଆପଣଙ୍କଠାରୁ କ୍ଷମା ଚାହୁଁଛି । ମୁଁ ଜାଣେ, ଡିକ୍‌ଟେସନ୍ ଦେବା ନାଁରେ ଆପଣ ମନଖୋଲି କଥା ହେବାକୁ ଚାହାନ୍ତି । ମୋତେ କ୍ଷମା ମାଗିବା ଲାଗି ମୋ ଦ୍ୱାରା ହିଁ ଚିଠିଟି ଲେଖାଇବାଟା ଆପଣଙ୍କ ଉନ୍ନତ ମନର ପ୍ରମାଣ । ଚିଠି ଆକାରରେ ବ୍ୟକ୍ତ ହୋଇଥିବା ଆପଣଙ୍କ ବିଚାରଧାରାରେ ମୁଁ ବିଭୋର ହୋଇ ଯାଇଛି । ଚିଠିର ସେଇ ସାତ୍ତ୍ୱିକ ଉକ୍ତିଗୁଡ଼ିକରେ ମୋ ଧାରଣା ପ୍ରତିବିମ୍ବିତ ହୋଇ ଉଠିଛି ଆପଣ ଯାହା କହିଛନ୍ତି, ''ଏହାକୁ ତୁମ ବାପାଙ୍କ ସ୍ନେହ ଭାବିବ ।'' ସତକଥା । ଆପଣ କହିବା ଆଗରୁ ଠିକ୍ ଏଇଆ ଭାବି ମୁଁ ନିଜକୁ ନିଜେ ବୁଝେଇଥିଲି । ଆପଣ ଠିକ୍ ଏ କଥା କହିଲାବେଳେ, ମୋର ଆନନ୍ଦର ସୀମା ନାହିଁ । ଏଇଟା ପତନ ନୁହେଁ କେବଳ ଏକ ସାମୟିକ ସ୍ଖଳନ ମାତ୍ର ।

''ଜଷ୍ଟ ଏ ସ୍ଲିପ୍ ନଟ ଏ ଫଲ ,'' ଇଂରାଜୀରେ ଲିଖିତ ସେଇ ପଂକ୍ତିକୁ ନାଗରାଜନ୍ ଯୋରରେ ପଢ଼ି ଥେରେସା ଆଡ଼କୁ ଚାହିଁଲା । ଆଖିରେ ପ୍ରଶଂସାର ଦୃଷ୍ଟି । ପୁଣି ଆଗକୁ ପଢ଼ିଲା –

''ଆପଣଙ୍କ କହିବା ଅନୁସାରେ ଯଦି ସେଇଟା ଗୋଟେ ରୋଗ, ତା' ହେଲେ ତା' ପାଇଁ ଚିକିତ୍ସାର ଆବଶ୍ୟକତା ଅଛି, ଦଣ୍ଡର ନୁହେଁ । ଏ ଭଳି ଅନୁଚିତ ବ୍ୟବହାର କେବଳ ଭୁଲ୍ ମାତ୍ର , ପାପ ନୁହେଁ ଦୋଷ ବି ନୁହେଁ । ଅପରାଧ ପାଇଁ ଦଣ୍ଡ ଦିଆଯାଏ । ଭୁଲ୍ ସୁଧାରି ଦିଆଯାଇପାରେ, ମାଫ୍ କରିଦିଆଯାଏ । ମୁଁ ପ୍ରକୃତ ଖ୍ରୀଷ୍ଟିଆନ୍ ଝିଅ । ଆମ ଧର୍ମ ଅନୁସାରେ କେବଳ ସେଇ ଲୋକଙ୍କୁ କ୍ଷମା ଦିଆଯାଏ, ଯେଉଁମାନେ ଅନ୍ୟକୁ କ୍ଷମା ଦିଅନ୍ତି । ଆପଣଙ୍କୁ ମୋର ଅନୁରୋଧ, ଏ ଘଟଣାକୁ ଆପଣ ସବୁଦିନ ପାଇଁ ଭୁଲି ଯାଆନ୍ତୁ । ଆଉ ଅନୁତାପ କରନ୍ତୁ ନାହିଁ ।

''ଆପଣଙ୍କ କଥା ଅନୁସାରେ ମୋ ଜନ୍ମଦିନରେ ଆପଣ ଆମ ଘରକୁ ଆସିବେ ବୋଲି ମୋର ବିଶ୍ୱାସ । ଆପଣଙ୍କ 'ରୋଗ ମୁକ୍ତି' ପାଇଁ ମୁଁ ସେଦିନ ନିଶ୍ଚୟ ପିଇବି ।

ସସ୍ନେହ
ଆପଣଙ୍କର ।''

''ଥେରେସା ତୁମେ କେତେ ମହାନ୍ କେତେ ଉଦାର ।''

ରାତି ଆଠଟା ବେଳେ ନାଗରାଜନ୍‌ର କାର୍ ଶେଡ୍ ତଳକୁ ଗଲାବେଳେ, ଶେଡ୍ କୋଣରେ ବସିଥିବା କନ୍ନୈୟା ହଡ୍‌ବଡ଼େଇ ଠିଆ ହୋଇଗଲା । କାରର ଲାଇଟ୍ ନ ଲିଭାଇ ନାଗରାଜନ୍ କିଛି ସମୟ ତାକୁ ଦେଖିବାକୁ ଲାଗିଲା । କନ୍ନୈୟା ମୁହଁର ଦାଢ଼ୀ ବଢ଼ିଯାଇଛି । ଲାଇଟ୍‌ଟା ପାଇଁ ନା ଲଜ୍ଜା ଯୋଗୁଁ କନ୍ନୈୟା ଯେ ନିଜର ମୁହଁ ଦୁଇ ପାପୁଲିରେ ଘୋଡ଼ାଇ ରଖିଥିଲା, ସେ କଥା ନାଗରାଜନ୍ ବୁଝି ପାରିଲା ନାହିଁ ।

ବାରଣ୍ଡା ଉପରେ ନାଗରାଜନ୍‌ର ସ୍ତ୍ରୀ ଓ ପୁଅ ଦୁଇଜଣ, କନେୟାର ପଥରୋଧ କରି ଦ୍ୱାରପାଳ ଭଳି ଛିଡ଼ା ହୋଇଥିଲେ।

ନାଗରାଜନ୍ କହିଥିଲା, "ତାକୁ ଭିତରକୁ ଛାଡ଼ ନାହିଁ।"

ସେ କାର୍‌ରୁ ଓହ୍ଲାଇବା ମାତ୍ରେ କନେୟା ଆସି ତାର ପାଦତଳେ ପଡ଼ିଗଲା। "ଭୁଲ୍ ହୋଇଗଲା। ଜାଣେନା, କେମିତି ହେଲା। ଏ କାମ କଲାବେଳୁ ପ୍ରତ୍ୟେକ ମୁହୂର୍ତ୍ତରେ ଅନୁତାପ କରୁଛି। ମନରେ ମୋଟେ ଶକ୍ତି ନାହିଁ। ଓଃ ମୁଁ କେତେ ମୂଢ଼ ।"

ଟାଇ ଖୋଲୁ ଖୋଲୁ ନାଗରାଜନ୍ ଚୁପ୍‌ଚାପ୍ ବାରଣ୍ଡାରେ ପଡ଼ିଥିବା ଚୌକୀ ଉପରେ ବସିପଡିଲା। ସ୍ତ୍ରୀ ଓ ପୁଅ ଭିତରକୁ ଚାଲିଗଲେ। କନେୟା ଆସି ଛିଡ଼ା ହେଲା ଆଲୁଅ ତଳେ।

ସେ ଚୁପ୍‌ଚାପ ଛିଡା ହେବା ଦେଖି ନାଗରାଜନର ମନରେ ଦୟା ଆସିଲା। କିଛି ଚିନ୍ତା କରିବାକୁ ଲାଗିଲା —

"ସେ ଯଦି ପ୍ରକୃତରେ ଚୋର, ତା' ହେଲେ ଫେରିଲା କାହିଁକି? ଏ ଘରପାଇଁ କରୁଥିବା ପରିଶ୍ରମ, ସେ ଅନ୍ୟ କେଉଁଠି କଲେ, ବେଶ୍ ଆରାମ୍‌ରେ ଦିବକତ ଗଣ୍ଡାଏ ଖାଇବାକୁ ପାଆନ୍ତା। ଏ କଥା ସ୍ପଷ୍ଟ ଯେ, ସେ କାମ ଆଶାରେ ଆସିନାହିଁ। ଏ ବଗିଚାରେ ତାର ଯତ୍ନରେ ବଢ଼ିଥିବା ମଲ୍ଲି ଫୁଲର ଗଛ ତ ତାକୁ ଆଜ ଟାଣିଆଣି ନାହିଁ!! ଖାଇବା ବେଳେ ମୁଁ ଯେମିତି ତାକୁ ପ୍ରତ୍ୟେକ ମୁହୂର୍ତ୍ତରେ ମନେ ପକାଏ, ସେ ମୋତେ ମନେ ପକାଉ ନଥିବ? ତା' ହେଲେ ଟଙ୍କା ଚୋରିକରି ଚାଲିଯାଇଥିଲା କାହିଁକି?"

ଘରଲୋକଙ୍କ ମନ ରଖିବା ଲାଗି ଟିକିଏ ବଡ ପାଟିରେ ନାଗରାଜନ୍ କହିଲା, "ଆରେ କନେୟା ମୋତେ ମାଗିଥିଲେ ମୁ କ'ଣ ଦେଇ ନଥାନ୍ତି? ଚୋରି କରି ଚାଲିଯିବାର କଣ ଦରକାର ଥିଲା?"

"ସେଇ କଥା ମୁଁ ବି ଭାବୁଛି। ଯେତେବେଳେ ସେଲ୍ଫ ଉପରେ ଟଙ୍କା ଦେଖିଲି, ଆଖେ ପାଖେ କେହି ନଥିଲେ। ପାଖରେ କାହାକୁ ନ ଦେଖି ଟଙ୍କା ଦେଖିଲେ ତାକୁ ଉଠାଇ ନେବା କଥା ଚୋର ହିଁ ଭାବେ। ମୁଁ ବି ଉଠେଇ ନେଲି। ଏଇଟା ତ ପ୍ରଥମ ଥର ନୁହେଁ ଏମିତି କେତେ ଥର ଛିଃ।"

ନାଗରାଜନ୍‌ର ମନେ ପଡ଼ିଲା ଆଜି ଦ୍ୱି-ପ୍ରହରର କଥା।

କହିଲା, "ଆରେ ଏଇଟା ତ ଗୋଟାଏ ରୋଗ ।"

"ହଁ ଠିକ୍ କହିଛୁ ଏଇଟା ଗୋଟାଏ ବେମାରୀ ଯାହା ଦଣ୍ଡ ଦେ ;" ମୁଣ୍ଡ ଉପରେ ହାତରଖି କନେୟା କହିଲା।

ନାଗରାଜନ୍ ମୁରୁକି ହସିଲା।

"ବେମାରୀ ପାଇଁ ଚିକିତ୍ସାର ଦରକାର ହୁଏ ଦଣ୍ଡର ନୁହେଁ ," କହୁ କହୁ ତା ଆଖିରେ ଲୁହ ଜମି ଆସିଲା।

"ତୋର ରୋଗ ଦୂର ହୋଇଯିବ। ଖୋଲା ମନରେ ତତେ କ୍ଷମା ଦେବାହିଁ ଏହାର ଉପଯୁକ୍ତ ଚିକିତ୍ସା। ଆଜି ପର୍ଯ୍ୟନ୍ତ ଏ ଭଳି ଚିକିତ୍ସା କେହି କରିନଥିବେ। ଏବେ ସବୁ ଠିକ୍ ହୋଇଯିବ। ଭିତରକୁ ଯା। ତୋର କାମ ତ ଖାଲି ଗୋଟାଏ ଭୁଲ୍ ଦଣ୍ଡ ଦେଲାଭଳି ଅପରାଧ ନୁହେଁ।"

ବାରଣ୍ଡା ଉପରେ ନାଗରାଜନ୍‌ର ସ୍ତ୍ରୀ ଓ ପୁଅ ନାଗରାଜନ୍‌ର କଥା ଶୁଣୁଥିଲେ। ନାଗରାଜନ୍‌ର ଉଦାରତା ଦେଖି, ସେମାନଙ୍କ ମନ ଗର୍ବରେ ଫୁଲି ଉଠୁଥାଏ।

ସେମାନେ କ'ଣ ଜାଣିଥିଲେ ଯେ, ଯାହାକୁ ଆଜ ଜଣେ କ୍ଷମା ଦେଇଛି, ସେ ପୁଣି ବର୍ତ୍ତମାନ ଅନ୍ୟ ଜଣକର ଦୋଷ ମାପ୍ କରୁଛି ବୋଲି ॥

ଆମ ସାହିର ମାର୍ଜାର

ଆମ ଗାଁ'ଟି ଖୁବ୍ ସୁନ୍ଦର। ଆମ ବ୍ରାହ୍ମଣ ସାହିର ଗଳିଟି ମଧ୍ୟ ଆହୁରି ସୁନ୍ଦର। ସାହିର ଲୋକମାନେ ମଧ୍ୟ। ମୁଁ ଜାଣେନା ସୁନ୍ଦର କହିଲେ ଆପଣଙ୍କ ଧାରଣା କ'ଣ। ମୋର ଧାରଣା ଯେ, ଯେଉଁ ବସ୍ତୁର ସ୍ମରଣ ମାତ୍ରେ ମନ ଖୁବ୍ ଆନନ୍ଦିତ ହୁଏ, ସେଇ ବସ୍ତୁଟି ନିଶ୍ଚିତ ଭାବେ ସୁନ୍ଦର। ପଇଁତ୍ରିଶ ବର୍ଷ ପୂର୍ବେ ଗାଁର ସେଇ ଗଳିର ଏକ ପୁରୁଣା ଘରର ଅନ୍ଧାରୁଆ କୋଠରୀ ଭିତରେ ମୋର ଜନ୍ମ ହୋଇଥିଲା। ଗଳି ରାସ୍ତାର ଧୂଳି ଖେଳି ପାଳିତ ହୋଇଥିଲି। ଗାଁ ଲୋକଙ୍କ ସ୍ନେହସିକ୍ତ କଥା ଆଉ ଗାଳି ଗୁଲଜ ଶୁଣି ବଡ ହୋଇଗଲି। ସେଇଠୁଁ ଅଲଗା ରହିବାର ପଚିଶବର୍ଷ ହୋଇଗଲା। ତଥାପି ସେଇ ଅନୁଭବ ଓ ଘଟଣାଗୁଡିକ ମନେ ପକାଇଲେ ଖୁବ୍ ଆନନ୍ଦ ଲାଗେ।

ସ୍ମୃତି ସବୁ ସୁନ୍ଦର ନୁହେଁ ତ ଆଉ କ'ଣ?

ସାଇ ପଡ଼ିଶାର ଘରଗୁଡ଼ିକୁ ଦେଖିଲେ ଏପରି ଲାଗୁଥିଲା ଯେ, ଏ ଘରଗୁଡ଼ିକ କେବେ ନୂଆ ନଥିଲା ଆଉ ଲୋକଙ୍କୁ ଦେଖିଲେ ଜଣାପଡୁଥିଲା ଯେ, ଏମାନେ କେବେ ଆଧୁନିକ ହେବେ ନାହିଁ। ସେତେବେଳେ ଦେଖିଥିବା ଗାଁ, ସେଇ ଘରଗୁଡ଼ିକ ଓ ଲୋକେ ବର୍ତ୍ତମାନ ସୁଦ୍ଧା ସେଇଭଳି ଯେ ଥିବେ, ବର୍ତ୍ତମାନ ତାହା କହିବା ମୁସ୍କିଲ। ତଥାପି ଏସବୁ ଭାବିବାରେ ଗୋଟିଏ ସୁନ୍ଦର ଚିତ୍ର ମନରେ ଆଙ୍କି ହୁଏ। ବିଚିତ୍ର ଆନନ୍ଦ ଲାଗେ।

ଏବେ ମୁଁ ବଡ଼ ହୋଇଗଲିଣି। ବହୁତ କଥା ବି ଜାଣିଲିଣି। ଯଦି କେହି ନିଜର କଳ୍ପନା ଶକ୍ତିରେ କାହିଁ କେତେ ଦୂରେ ଥିବା ଗାଁର ସେଇ ସାହିରେ ପ୍ରବେଶ କରେ, ତା ହେଲେ ମୁଁ କ'ଣ ଦଶବର୍ଷର ଗୋଟେ ପିଲାହୋଇ ସମୟର ଦୂରତ୍ୱ ଲଘି ସେଇ ସାହି ଭିତରେ ପ୍ରବେଶ କରିପାରିବିନି? କଳ୍ପନା ଶକ୍ତି ବଳରେ କେବଳ ଦୂରତ୍ୱ ନୁହେଁ, ସମୟକୁ ମଧ୍ୟ ଲଘନ କରାଯାଇପାରେ।

ଗାଁର ସେଇ ପୋଖରୀ କୂଳେ କୂଳେ ଆସିବାବେଳେ, ପୋଖରୀର ପଥର ପାହାଚରେ ଖୁବ୍ ସମୟଧରି ବସିରୁହେଁ। ମୋର ଉପସ୍ଥିତି ଆଡ଼େ ନଜର ନଦେଇ କେଇଜଣ ଯୁବତୀ ଝିଅ ପୋଖରୀକୁ ଗାଧୋଇ ଯା'ନ୍ତି। ଚମତ୍କାର ଭାବେ ପବନ ବୋହୁଥାଏ। ପୋଖରୀ ପାଣିରୁ ଫୁଟେ ଉପରକୁ ମାଛଗୁଡ଼ିକ ଥରେ ଥରେ ଡେଇଁ ପଡ଼ନ୍ତି। ଇଚ୍ଛା ହେଲେ ଛୋଟ ଛୋଟ ଗୋଡ଼ି ଘଣ୍ଟା ଘଣ୍ଟା ଧରି ପାଣି ଭିତରକୁ ଫୋପାଡ଼ି ପାର।

କେତେ ମଜା ଲାଗୁଥିଲା ସତେ। ଆଜି ଆମେ ସେଇଠୁ ଉଡ଼ିଯାଇ କାହିଁ କେତେ ଦୂରେ ପଡ଼ିଛୁ–ନିଜଠାରୁ ଏତେ ଦୂର ଚାଲିଯାଇ ଆମେ ସତେ ନିଜର ଅସ୍ତିତ୍ୱ ହଜେଇ ଦେଇଛୁଁ।

ଭେଙ୍କିଟୁ, ଭକ୍ତଣନ, ସୁନ୍ଦରମ, ଦଣ୍ଡପାଣି ପ୍ରମୁଖ ସ୍ତ୍ରୀ ଓ ପୁରୁଷମାନଙ୍କ ଗାଧୋଇବା ଜାଗା ମଝିରେ ଥିବା ବାଉଁଶଗଛ ଗଜା ଉପରେ ଚଢ଼ି ଜଣ ଜଣ କରି ପାଣି ଭିତରକୁ ଧପ୍ ଧାପ୍ ଡେଇଁପଡ଼ି ପହଁରନ୍ତି। ତା'ପରେ 'ରିବନ୍' ଭଳି ପତଳା ଲଙ୍ଗୁଟି ପୁଣିଥରେ ବାନ୍ଧି, ବାଉଁଶ ଗଜା ଉପରେ ଚଢ଼ନ୍ତି, ପାଣିକୁ ଡେଇଁବା ଲାଗି।

ମୁଁ କିନ୍ତୁ ସେମାନଙ୍କଠୁଁ ଅଲଗା ରହୁଥିଲି। ମୋତେ ସେମାନେ ନିଜ ସଙ୍ଗରେ ବି କେବେ ମିଶେଇ ନଥିଲେ। ମୁଁ କୁଆଡେ ଖୁବ୍ ନିର୍ଦ୍ଦୟ ଥିଲି।

ମୁଁ ସେଇ ପିଲାମାନଙ୍କଠାରୁ ଅଲଗା ରହି ଚୁପ୍‌ଚାପ୍ ବସିଥିବା ଦେଖି ବୟସ୍କ ଲୋକେ କହନ୍ତି, ''ଏଇ ଦେଖ କେତେ ଶାନ୍ତଶିଷ୍ଟ ପିଲା କେମିତି ଚୁପ୍‌ଚାପ୍ ବସିଛି।" ସେମାନେ କହନ୍ତି, ମୁଁ କେତେ ଭଲ ପିଲା। "ଆରେ ଏ ପିଲେ ସେ ବିଚରାକୁ ତମ ସାଙ୍ଗରେ ନେଉନ କାହିଁକି? ଯାଃ ଆରେ ଆ ମୋ ସାଥିରେ ମିଠେଇ ଦେବି ମୋ ସହିତ କଫି ପାଉଡର ପିସେଇ ଯିବୁ? '' ବଡ଼ମାନଙ୍କ ସେଇ ସ୍ନେହ ଓ ମମତାସିକ୍ତ କଥା ମୋତେ ଖୁବ୍ ଭଲ ଲାଗେ। କଫି ପାଉଡ଼ର ପିସିବାଠାରୁ ଗୋଡ ଘଷିବାଯାଏ, ମୁଁ ସେମାନଙ୍କ କେତେ କାମ କରିଦିଏ। କିନ୍ତୁ ମା'ର କଥା ଶୁଣେନାହିଁ। କୌଣସି କାମ କରିବାକୁ କହିଲେ 'ଯା ଯା ' ବୋଲି କହି ଦୌଡ଼ି ପଳାଏ।

ମୋତେ ଦଶବର୍ଷ ପୂରାହେଲା ବେଳକୁ ମା'ର ଆଉ ପାଞ୍ଚୋଟି ଛୁଆ ହୋଇ ସାରିଥିଲେ। ମା'ର ସ୍ନେହ ମମତା କଥା ମୋର ମୋଟେ ମନେ ନାହିଁ।

ମା ମୋତେ ସବୁବେଳେ 'ପୋଡ଼ାମୁହାଁ' ବୋଲି ଡାକେ। ସାହିର ସଭିଙ୍କ ଆଖିରେ ଭଲ ପିଲା ହେଲେ ବି ନିଜ ଘରେ ଖୁବ୍ ଉତ୍ପାତ ହୁଏ। ସେଇଟା ବି ବିଚିତ୍ର ପ୍ରକାରର ଉତ୍ପାତ। ଅନ୍ୟମାନଙ୍କ କହିଲା ଭଳି ଚୁପ୍‌ଚାପ୍ ବସେ, ପିଲାଟିଏ ଦୌଡି ଦୌଡ଼ି ଆସୁଥିଲେ ନିଜ ଗୋଡ଼ଟି ବଢେଇ ଦିଏ ପିଲାଟି ପଡିଯାଏ ଖୁବ୍ ଯୋରରେ କାନ୍ଦିଉଠେ। କେତେବେଳେ ତାର ଚିବୁକ ବା ଦାନ୍ତରୁ ରକ୍ତ ନିଗିଡ଼େ। ମୁଁ ସେମିତି ଚୁପ୍‌ଚାପ୍ ବସିଥାଏ। ପିଲାମାନେ ଠିକ୍ ଢଙ୍ଗରେ କଥା କହି ଜାଣନ୍ତି ନାହିଁ। ହେଲେ ସେଇ ପିଲାମାନେ ଠାରାଠାରି କରି ଜଣାଇ ଦିଅନ୍ତି ଯେ, ସେମାନଙ୍କ ପଡ଼ିଯିବା ମୂଳରେ ମୁଁ ଥିଲି ବୋଲି।

''ପୋଡ଼ାମୁହାଁ, ସବୁ ବଦ୍‌ମାସି କରି ବିଲେଇ ଭଳି ଚୁପ୍‌ଚାପ୍ ବସିଛି।'' କହି କହି ମା ଆସି ମୋ'ଗାଲ ଉପରେ ତିନିଚାରି ଚଟକଣା ବସେଇ ଦିଅନ୍ତି। ଫେର୍ ପାପୁଲି ଘଷି କହନ୍ତି,''ହେ ଭଗବାନ! ହାତ ପୋଡ଼ିଗଲା ଭଳି ଲାଗୁଛି ବଦ୍‌ମାସ ପିଲାଟା।''ମତେ ସେଇଠୁ ମା ତଡ଼ିଦିଅନ୍ତି।

ମୋ ଉପରେ ମାଡ଼ ଦେଖି ପାଖ ପଡିଶାର କେହି ସ୍ତ୍ରୀ ଲୋକ ଧାଇଁ ଆସି କହନ୍ତି –"ଆରେ ରେ, ତାକୁ ପିଟୁଛ କାହିଁକି? ବିଚରା ଚୁପ୍‌ଚାପ୍ ବସିଛି।" ଏ ସମବେଦନା ଶୁଣି, ମୁଁ କାନ୍ଦିବା ଆରମ୍ଭ କରିଦିଏ। ମୋତେ ବୁଝେଇବା ପାଇଁ ସାଙ୍ଗରେ ନେଇଯାନ୍ତି। ମିଠେଇ ମିଳିଗଲା ପରେ ଚୁପ୍ ପଡିଯାଏଁ। ସେଇଠି ମଧ 'ଚୁପ୍‌ଚାପ୍' ବସି କିଛି କରିପକାଏ। ହେଲେ ପ୍ରତ୍ୟେକ ଅଭିଯୋଗରୁ କେମିତି ନା କେମିତି ରକ୍ଷା ପାଇଯାଏ, କଫି ପେଷୁଥିବା ମେସିନ୍‌ରେ ଚୁପ୍‌ଚାପ୍ ମାଟି ପକେଇ କଫିଗୁଣ୍ଡ ସହ ମିଶେଇ ଦିଏ। କଫି ଗୁଣ୍ଡ ପେଷା ହେଲାବେଳକୁ ଭଲ ପିଲାଭଳି ହଠାତ୍ ପାଟି ଉଠେ, "ମାଉସୀ –ଦେଖ ଦେଖ କଫି ସହିତ କିଏ ମାଟି ଗୁଣ୍ଡ ମିଶେଇ ଦେଇଛି।"

"ଆଉ କିଏ ହେବ? ଆମର ସେଇ ପୋଡ଼ାମୁହାଁ ହୋଇଥିବ" କହି ମାଉସୀ ନିଜ ଛୁଆ ଉପରେ ଯେତେବେଳେ ମାଡ଼ ବସାନ୍ତି, ସେତେବେଳେ ଯାଇ ମୋତେ ସନ୍ତୋଷ ମିଳେ।

ମୋତେ ଦୟା ଦେଖାଉଥିବା ସ୍ତ୍ରୀମାନଙ୍କୁ ମା ସତର୍କ କରିଦିଏ, "ଟା ଉପରେ ଭରସା ରଖନାହିଁ। ଦେଖିଲା ବେଳକୁ ତ ସାଦାସିଧା ଭୁଆ ବିଲେଇଭଳି ହେଲେ ଟା ଦେହସାରା ଖାଲି ବିଷ ଭରି ରହିଛି।"

ସେଇ ପଡ଼ୋଶୀ ସ୍ତ୍ରୀ ପଚାରନ୍ତି, "କ'ଣରେ? ଏକଥା ସତ?" ମୁଁ ତାଙ୍କ ଆଡ଼କୁ ମୋ 'ସାଦାସିଧା' ଆଖିରେ ମିଟମିଟ କରି ଦେଖେ ।

"ତୁ କେମିତି କଥା ଯେ କହୁ , ପିଲାଟା ଉପରେ ଖାଲିଟାରେ ରାଗୁଛୁ। ଚାଲ ବାପ ମୋ ସାଙ୍ଗେ ;", ସେଇ ଆଲିଙ୍ଗନ ଓ ମମତା କେତେ ଭଲ ଲାଗେ। ଏତେ ଦୟା-ଦେଖାଉଥିବା ଲୋକ ଆଗକୁ ବି ମୁ ଖୋଲାମନରେ ଯାଏନି। ଆଉ ସେ କଥା ମୋତେ ହିଁ ଜଣାଥିଲା।

ଆରେ। ଏ ସବୁ କ'ଣ ଖାଲି ମୁଁ ବକି ଯାଉଛି। ସେଇ ସାହିର ବିଲେଇ ବିଷୟରେ ଆପଣମାନଙ୍କୁ କହିବାର ଥିଲା। ସେତକ ନ କହି ସେଠାର ଲୋକମାନଙ୍କ ଓ ଖାସ୍ କରି ମୋ ବିଷୟରେ ଗପି ଚାଲିଛି। ଯଦି ଚାହେଁ, ତା ହେଲେ ପଚିଶବର୍ଷ ପୂର୍ବରୁ ଦଶବର୍ଷ ଧରି ସେଠାରେ କଟିଥିବା ମୋ ଜୀବନ ବିଷୟରେ, ସେ ଗାଁ ସଂପର୍କରେ, ସେଇ ସାହିର ବ୍ରାହ୍ମଣମାନଙ୍କ ସଂପର୍କରେ ଆଉ ଗ୍ରାମବାସୀମାନଙ୍କ ବିଷୟରେ ଦୀର୍ଘଦିନ ଧରି ନାନାକଥା କହିପାରେ। ଆଉ କହିଲା ବେଳକୁ–ବିଶ୍ୱାସ କରନ୍ତୁ, ମୋତେ ମୋଟେ ଅବଶ ଲାଗିବ ନାହିଁ। ପ୍ରକୃତରେ ଯାହା ମୁଁ କହୁଛି, ଲେଖୁଛି, ସବୁ ମୋ ଗାଁର ଗୋଟାଏ ଗଳିର ଲୋକମାନଙ୍କ ସଂପର୍କରେ ହିଁ ହୋଇଥାଏ। ମୀନା, ରୁକ୍କୁ, ପଟ୍ଟୁ, ଲଳିତା, ଗୌରୀ ଅପା, ଆନନ୍ଦ ଶର୍ମା, ବୈଦ୍ୟା, ରାଘବ ଆୟାର, ଗଣପତି ଆୟାର, ଶଙ୍କର ଶର୍ମା , ପ୍ରତ୍ୟେକ ପ୍ରତ୍ୟେକଙ୍କୁ ଜାଣନ୍ତି। ଏମାନଙ୍କ ସେଇ ସମୟର ଜୀବନ, ସେମାନଙ୍କ ସାଂପ୍ରତିକ ଜୀବନ ସଂପର୍କରେ ମୋର କଳ୍ପନା ସମୂହ, କେତେକ ଲୋକଙ୍କ ସହ ସହରର 'ମର୍କୁରୀ ଲାଇଟ' ତଳେ ହୋଇଥିବା

ହଠାତ୍ ଦେଖାସାକ୍ଷାତ, ଜୀବନର ବୋଝ ତଳେ ଆଉ କେତେ ଚାପିହୋଇ ଯିବା, ଭାଙ୍ଗିପଡ଼ିବା ବା ସେଥିରୁ ବଞ୍ଚିତ ହୋଇ ଅନ୍ୟତ୍ର ଚାଲିଯିବା ବା ଜୀବନର ସଂଘାତ ସତ୍ତ୍ୱେ ପୂରାପୂରି ନିର୍ବିକାର ରହିବା (ସତେ ଯେପରି କିଛି ହୋଇନି!) କିମ୍ବା ଗୋଟାଏ ଯାଗାରେ ଚୋଟ ଖାଇ ଅନ୍ୟତ୍ର ଯାଇ ପଡ଼ିବା ଆଉ କେବେକେବେ ମୋ ସହିତ ହାବଡ଼େଇ ହୋଇ ଚଟକଣା ଖାଇବା—ଏ ସବୁ କଥା ବିଷୟରେ ଲେଖି ବସିଲେ ମୋତେ ମୋଟେଇ ବିରକ୍ତ ବା ଅବଶ ଲାଗିବ ନାହିଁ। ସେ ସମସ୍ତଙ୍କୁ ମୋତେ ଖୁବ୍ ଭଲ ଲାଗେ। ସେମାନଙ୍କ ସହ ସଂପର୍କିତ ପ୍ରତ୍ୟେକ କଥା ମୋ ପାଇଁ ଗୁରୁତ୍ୱପୂର୍ଣ୍ଣ।

କିନ୍ତୁ ଜଣାପଡୁଛି ଲୋକେ ବିରକ୍ତ ହୋଇଗଲେଣି। ସତେ ଯେମିତି ସେମାନଙ୍କୁ ଡର ଲାଗୁଛି ବିବ୍ରତ ହୋଇ ପଚାରନ୍ତି ,"ଆପଣ ଖାଲି ସେଇ ସାହି ବିଷୟରେ ହିଁ ଲେଖୁଥିବେ?"

ଏତକ ଶୁଣିବା ପରେ ମଧ ମୋର ଚାରା କ'ଣ? ଯାହା ମୁଁ ଜାଣିଛି, ସେଇ ବିଷୟରେ ହିଁ ଲେଖି ପାରିବି। ବର୍ତ୍ତମାନ ସେଇ ସାହିର ଲୋକଙ୍କ ପରିବର୍ତ୍ତେ ସେଠାର ଏକ ପରିଚିତ ବିଲେଇ ବିଷୟରେ କହିବି। ଏଥିପାଇଁ ବିଲେଇ ତ ଆଉ ବିରକ୍ତ ବା ବ୍ୟସ୍ତ ହେବ ନାହିଁ। ବିଲେଇମାନେ କାହାଣୀ ପଢ଼ନ୍ତି ନାହିଁ ବା ଚୋରାନ୍ତି ନାହିଁ। ଆମେ କେବଳ ଭାବୁଁ ଯେ ବିଲେଇମାନେ ନାନା ଢ଼ଙ୍ଗ କରନ୍ତି, ହେଲେ ସେମାନଙ୍କ ହୃଦୟରେ ଏଭଳି କିଛି ନାହିଁ।

ବିଲେଇମାନଙ୍କୁ ମୁଁ ମୋଟେ ସହିପାରେନି। ଭାବନ୍ତୁ ଗୋଟାଏ ଏଭର୍‌ଶନ୍ (ଘୃଣା) ବୋଲି। ସେମିତି ଦେଖିଲେ, କୌଣସି ଘରପାଳିତ ପଶୁ ମୋତେ ଭଲ ଲାଗେନାହିଁ। ଘୃଣା ଲାଗେ। ସିଂହ, ବାଘ ପ୍ରଭୃତି ଖୁବ୍ ଭଲ ଲାଗନ୍ତି। ସେମାନଙ୍କୁ ଦେଖି ନାହିଁ ତ! ଚିର ପରିଚିତ କଥାରେ ବିରକ୍ତ ହେବା ମଣିଷର ଏକ ସହଜାତ ପ୍ରବୃତ୍ତି। ତେଣୁ, ବିଲେଇ, କୁକୁର, ମୂଷା ପ୍ରଭୃତି ପ୍ରାଣୀଙ୍କୁ କିଏ ବା ଭଲ ପାଇବ? ମୂଷା ତ କାହାକୁ ବି ଭଲ ଲାଗେ ନାହିଁ। ସେଇ ଦିନଗୁଡ଼ିକରେ ସମୟ କାଟିବା ଲାଗି ମୂଷା ମାରିବା ହିଁ ମୋର ପ୍ରଧାନ କାମ ଥିଲା।

'ଚୁପ୍‌ଚାପ୍' ବସି ଜନ୍ତାମାନଙ୍କ ଗୋଡ଼ ଛିଣ୍ଡେଇ ଦେଇ ସେମାନଙ୍କ ନାଚ ଦେଖିବା, ଘାସ ଉପାଡ଼ି ସେ ଗୁଡ଼ିକୁ ମଝିରୁ ଛିଣ୍ଡେଇ ରସ ଚୋଷିବା ବା ଝିଟିପିଟି ମାରି ତାର ଛଟପଟ ହେଉଥିବା ଲାଞ୍ଜ ଦେଖିବା , ପ୍ରଜାପତିର ପତଳା ନିଶକୁ ସୂତାରେ ବାନ୍ଧି ତାର ଅସ୍ପଷ୍ଟ ଶବ୍ଦ ଶୁଣିବା , ଏସବୁ ଥିଲା ମୋର କାମ। ଛୋଟ ଛୋଟ ପ୍ରାଣୀ-ପୋକଜୋକମାନଙ୍କ ଲାଗି ମୁଁ ଥିଲି ସାକ୍ଷାତ ଯମରାଜା। ଗଳି ଭିତରର ବୁଲା କୁକୁର ମୋ ପାଖକୁ ଆସିବା ପାଇଁ ସାହସ କରେ ନାହିଁ। ମୋତେ ଦେଖିଲାମାତ୍ରେ ଦୁଇଗୋଡ଼ ମଝିରେ ଲାଞ୍ଜ ଯାକି, ଧାଇଁ ପଳାଏ।

ଜୟା ମାଈଁଙ୍କ ଘର ପିଣ୍ଡା ଉପରେ ମୁଁ 'ଚୁପ୍‌ଚାପ୍' ବସିଥାଏ। ବାଛି ବାଛି ବଡ଼ ବଡ଼ ଗୋଡ଼ି ପାଖରେ ରଖିଥାଏ। ଦୂରରୁ କୁକୁରଟିଏ ଆସିବା ଜଣାଯାଉଥାଏ।

କୁକୁରକୁ ପ୍ରଥମେ ତିନିଗୋଡ଼ରେ ଚଳେଇଲି। ଆଉ ହଠାତ ଖୁମ୍ପ ପଛପଟେ ଲୁଚିଗଲି। ମାରିବା ଲୋକ ସତର୍କ ହେଲେ, ମରିବା ଲୋକ ବି ତ ସତର୍କ ହେବ। ଦୁଇ କାନକୁ ଠିଆ କରି, ମୋତେ ଦେଖି, କୁକୁରଟି ପଳେଇଲା। ତାର ଆଖିଗୁଡ଼ିକ ସତେ ଯେମିତି ମୋତେ କହୁଥାଏ ମୋତେ ମାରିବୁ? ଛାଡନା। ମୁଁ ଚାଲିଯିବି। ତାକୁ ନ ଦେଖିଲା ଭଳି ମୁହଁ ଆଡ଼େଇ ନେଲି। କୁକୁରଟି ବୋଧହୁଏ କିଛିଟା ଆଶ୍ୱସ୍ତ ହେଲା। ଆଗଘର ବାରଣ୍ଡା ତଳେ ଘଷିହୋଇ, ଗୋଡ଼ ସନ୍ଧିରେ ଲାଞ୍ଜ ଯାକି, ମୋ ଆଡ଼କୁ ବିକଳ ଦୃଷ୍ଟିରେ ଅନେଇ ଅନେଇ ଧିରେ ଧିରେ ଯାଉଥାଏ। ହାତ ଉଠେଇ ଟାଣ କଲି। ଓଠ ଉପରେ ଦାନ୍ତ କାମୁଡ଼ି ନିଜକୁ ଠିକ୍ କରିନେଲି। କୁକୁରଟି ମୋ ସାମ୍ନାକୁ ଆସିଗଲା। ବାଃ ହାତ କେତେ ଯୋର୍‌ରେ ଚାଲିଲା (ଆଜି ହାତର ସେ ଗତି ଆଉ ନାହିଁ)। କେହି ଜାଣିପାରିଲେ ନାହିଁ ଯେ ମୁଁ କ'ଣ କଲି। ଖୁବ୍ ଯୋର୍‌ରେ କୁକୁରଟି ଚିତ୍କାର କରି ଓ କୁଁ କୁଁ ରଡି ଛାଡ଼ି ଦୌଡ଼ିଲା। ମୁଣ୍ଡ ଉପରକୁ ନିଶାଣ କଲେ, ମାଡ଼ ପଡ଼େ ଗୋଡ଼ ଉପରେ। ଠିକ୍ ସେମିତି ଢେଙ୍କା ମାଡ଼ ପଡ଼ିଥିଲା ତା'ପରେ ମୁଁ ଚୁପ୍‌ଚାପ୍ ବସିଗଲି।

କୁକୁରର ସ୍ୱର ଶୁଣି ଜୟା ମାଇଁ ବାହାରକୁ ଆସିଲେ। ମୁଁ ତତ୍‌କ୍ଷଣାତ୍ ସବୁ ଗୋଡ଼ି ଆଉ ଢେଙ୍କାଗୁଡ଼ିକୁ ଫୋପାଡ଼ି ଦେଲି।

"ଆରେ ହେ କୁକୁରକୁ କିଏ ମାରିଲା।"

"ମୁଁ ମାରିନି ମାଇଁ।"

"ଠିକ୍ ଅଛି। କାହାକୁ ଡାକିଲୁ ବାପ। ଗାଧୁଆ ଘରକୁ ମୂଷାଟିଏ ପଶିଯାଇଛି। ବାହାରି ପାରୁନି। କାହାକୁ ଟିକେ ଡାକିଲୁ?"

ବାସ୍। ଚୁଲିରୁ ଦରପୋଡ଼ା କାଠ ଚେଲାଟିଏ ଧରି ଚାଲିଲି। ଏ ଆଡ଼େ ଯେ ମାଇଁ ପାଟି କରୁଥାନ୍ତି, "ଆରେ ଯା'ନା। କାହାକୁ ଡାକି ଆଣ। ତୋ ଉପରକୁ ମୂଷା ଡେଇଁ ପଡ଼ିବେ?"

ଗାଧୁଆଘରର ଗୋଟିଏ କୋଣରେ ମୁଁ ତାକୁ 'କର୍ନର୍' କଲି। ମୋତେ ଦେଖିଲା ମାତ୍ରେ ମୂଷାଟି ମୁଣ୍ଡ ଟେକି ଠିଆ ହୋଇଗଲା। ତାର ମୁଣ୍ଡ ଦେଖି ଜୋର୍‌ରେ ପ୍ରହାର କଲି ସେଇ କାଠ ଚେଲାରେ। ବାସ୍ ତା'ପରେ ବୁଲି ବୁଲି ସେଇଠି ପଡ଼ିଗଲା। ତାର ରକ୍ତ ଛିଟିକି ଗଲା ଗାଧୁଆ ଘର ସାରା। ଜୟା ମାଇଁ ଡରି ଯାଇଥିଲେ। ମୁଁ ବି ଭୟାର୍ତ୍ତ ସ୍ୱରରେ ପାଟିକଲି, ମାଇଁ ମାଇଁ।

ଜୟାମାଇଁ ଧାଇଁଆସି ମୋର ହାତ ଧରିପକେଇ କହିଲେ, "ମୁଁ କରୁ କହିଥିଲି ନାଁ ଏ ସବୁ ତୋର କାମ ନୁହେଁ ବୋଲି. , ସେ ମୂଷାର ଛଟ୍ ପଟ୍ ଦେଖନା. ଚାଲିଆ ରଙ୍ଗନାୟକି ଆସିଲେ ଗାଧୁଆ ଘର ସଫା କରିବାଲାଗି ତାକୁ କହିବି।"

ମୋ ଦେହ ସାରା କମ୍ପନ। ଥରି ଥରି ଛିଡ଼ା ହେଲି। ଜୟାମାଇଁ ମୋତେ ଆଦରରେ କୁଣ୍ଢେଇ ପକାଇଲେ। ବଡ଼ଲୋକଙ୍କ ସ୍ନେହ .. କେତେ ଭଲ ଲାଗେ।

ମୂଷା ମୋ ଉପରକୁ ଡ଼ିଇଁବାର ଚେଷ୍ଟା କରି ନଥିଲେ, ମୋତେ ଏତେ ରାଗ ଲାଗି ନଥାନ୍ତା। ଆଉ ଆହ୍ୱାନ ଦେଇ ସେ ହାତରୁ ଖସି ଯାଇଥିଲେ, ମୁଁ ନିଶ୍ଚିତ ରୂପରେ କାନ୍ଦି ପକେଇଥା'ନ୍ତି।

ମାରି ପକେଇବା ଛଡ଼ା ମୋର ଆଉ ଗୋଟିଏ ସଉକ ଥିଲା। ସେଇଟା ହେଲା କଂସେଇଖାନାରେ ପଶୁମାନଙ୍କ ହତ୍ୟା ଓ ସେମାନଙ୍କ ମାଂସ ବିକ୍ରୀ ଦେଖିବା। ବ୍ରାହ୍ମଣ ସାହିର ସେଇ ଗଳି ମୋଡ଼ରେ ଛୋଟ ପଡ଼ିଆଟିଏ ଥାଏ। ସେଇଠି ରହୁଥିବା ଲୋକେ ବିଚିତ୍ର ଭାଷା କହନ୍ତି। ଗାଈ, ଛେଳି, କୁକୁଡ଼ା ସବୁ ପାଳନ୍ତି। ସେଇଠି ବହଳ ନିଶ ରଖିଥିବା ମୋଟା ଲୋକଟିଏ ଥାଏ। ଭେଙ୍କଟୁ, ସୁନ୍ଦରମ୍, ଜନ୍ନଣନ୍ ପ୍ରଭୃତି ତାକୁ ଦେଖିଲାମାତ୍ରେ ଦୌଡ଼ି ପଳାନ୍ତି। ହେଲେ, ଲୋକଟିକୁ ଦେଖିଲେ ମୋତେ ମୋଟେ ଡର ଲାଗେନାହିଁ। ସେ ଆମ ଗଳିଦେଇ ଯିବାବେଳେ ମୁଁ ଅପେକ୍ଷା କରେ। ସଂଧ୍ୟା ଚାରିଟାବେଳେ ସେ ଆମ ଗଳି ଦେଇ ସେଇ ପଡ଼ିଆକୁ ଯାଏ। ମୁଁ ତାକୁ ଦେଖି ବିସ୍ମିତ ହେଲେ ମଧ ତାର ବହଳ ନିଶ ହଳକ ମୋତେ ଖୁବ୍ ଭଲ ଲାଗେ। ଗୋଟାଏ ପୁରୁଣା ସାଇକଲ ଉପରେ ତାକୁ ଦେଖି ଜଣାପଡ଼େ, ସତେ ଯେମିତି ଗୋଟାଏ ଛେଳି ଉପରେ ମଣିଷଟାଏ ବସିଛି। ତାର ସାଇକଲ୍ ହେଣ୍ଡବାର୍ ଉପରେ ଖାକିରଙ୍ଗର ମୁଣାଟିଏ ଥାଏ। ମୁଣା ସାରା ରକ୍ତର ଛିଟା ପଡ଼ିଥାଏ। ମାଛି ଭଣଭଣ। ତା ଭିତରେ ଥିବା ଛୁରୀର ମୁଠିଟି କେବଳ ଦିଶୁଥାଏ। ଭାବେ, ବଡ଼ ହେଲେ ମୁଁ ମଧ ତା' ଭଳି ନିଶ ରଖିବି, ଆହୁରି ବଡ଼ ଛୁରା ରଖିବି, କେହି ଗାଳି ଗାଳି କଲେ ତାର ମୁଣ୍ଡ ହାଣିଦେବି। ବଡ଼ହେଲେ ନିଶ୍ଚୟ ମଣିଷ ହତ୍ୟା କରିବି। ମୋତେ ଦେଖିଲା ମାତ୍ରେ ସଭିଏଁ ଡରିବା ଉଚିତ!–ନୋହିଲେ ଛୁରାରେ ଦି'ଖଣ୍ଡ କରି ଚିରିଦେବି। ଆରେ, ପୁଣି ସବୁ କ'ଣ ଗପିଗଲିଣି। ଆମ ସାହିର ବିଲେଇ ସଂପର୍କରେ ଆପଣଙ୍କୁ କହିବାର ଥିଲା। କିଛି କଥା ନାହିଁ। ବିଲେଇ ବିଷୟରେ ଏବେ କହିବାର ସମୟ ହୋଇଗଲାଣି। କଥାଟି ହେଲା —

ଆମ ସାହିରେ ବିଲେଇଟିଏ ମଧ ଥିଲା। ଏକଦମ୍ 'ନୋଟରିଅସ୍'। ଠିକ୍ ଗୋଟାଏ ଛୋଟ ବାଘ ଭଳି। ଦେହସାରା ଗାର ଗାରିଆ। ଏ ସାହିରେ ସେଇ ପୋଡ଼ାମୁହାଁ ବିଲେଇ ପାଇଁ କଣ ଥିଲା କେଜାଣି । ବିଲେଇ ମାତ୍ରେ ହିଁ ତ ମାଂସାସୀ। ମାଂସ ମିଳିବାର ସମ୍ଭାବନାମୟ ସ୍ଥାନଗୁଡ଼ିକୁ ଛାଡ଼ି, ବ୍ରାହ୍ମଣ ସାହିରେ ଆସି ରହିଥିଲା। ଫଳତଃ ବାଧ ହୋଇ ସେ ବି 'ଶାକାହାରୀ' ହୋଇଯାଇଥିଲା। ହେଲେ, ତା ଓ ମୋ ଭିତରେ ଗୋଟାଏ ସାମଞ୍ଜସ୍ୟ ଥାଏ। ମୁଁ ତ ଚୁପ୍‌ଚାପ୍ ରହେ–ସେ ମଧ ସର୍ବଦା ଚୁପ୍‌ଚାପ୍ ରହେ। ମୁଁ ବି ଗଣ୍ଡଗୋଳ କରେ–ସେ ମଧ କରେ। ଅନ୍ୟ ଘରକୁ ଯାଇ ମୁଁ ସେମାନଙ୍କୁ ବ୍ୟସ୍ତ କରେ, ସେ ବି ଘରଘର ବୁଲି ଲୋକଙ୍କୁ ବ୍ୟସ୍ତ କରେ।

ଦିନେ ଜୟମାଇଁ ରାଗରେ ପାଟି କରୁଥିବା ଶୁଣାଗଲା, "ଏ ଗାତପଣା ବିଲେଇଟି ଦୁଇସେର ଦୁଧ ଢାଳିଦେଲା., ସେଇ ମୂଷାଭଳି କିଏ ଏହାକୁ ମାରିଦେଲେ ଭଲ ହୁଅନ୍ତା।"

ମାମୁଁ ଘରବାହାର ଡୋଳ ଉପରେ ବସି ପଙ୍ଖା ପବନ ଖାଉଥିଲେ। ମୁହଁ ଧୋଇ ଆସି କହିଲେ, ''ପାପ ମହାପାପ ବିଲେଇ ମାରିବା ପାଇଁ ଚିନ୍ତା କରିବା ହିଁ ମହାପାପ।'' ମୁଁ ଚୁପ୍‌ଚାପ୍ ଛିଡ଼ା ହୋଇ ସବୁକଥା ଶୁଣୁଥିଲି।

ମୁଁ ଜାଣିଥିଲି, ମୂଷାକୁ ଯେମିତି ମରାଗଲା, ବିଲେଇକୁ ସେମିତି ମାରିବାଟା ସହଜ ନୁହେଁ। ମୂଷା କେବଳ ଟିକେ ରାଗି ଛିଡ଼ା ହୋଇଥିଲା। ବିଲେଇ ତ ଦେହ ଉପରକୁ କୁଦିପଡ଼ି ଛାଲ ଉତାରି ଦେବ। ପ୍ରଥମେ ବିଲେଇ ଘବରାଇ ଯାଇ 'ମ୍ୟାଉଁ ମ୍ୟାଉଁ' ହେବ, ଖସି ଯିବାର ଚେଷ୍ଟା କରିବ। ଆଉ କିଛି ନହେଲେ ପୁରା 'ସ୍ଟ୍ରେଟ୍ ଆଟାକ୍' କରିବ। ମୋର ଅବଶ୍ୟ ମନେ ନାହିଁ , ଖୁବ୍ ଛୋଟ ଥିବାବେଳୁ ବିଲେଇ ପନ୍ଝାର ଚିହ୍ନ ଏବେ ସୁଦ୍ଧା ମୋ ପେଟରେ ଅଛି। ମୁଁ ଆଣ୍ଠୁ ଉପରେ ଭରାଦେଇ ଗୁରୁଣ୍ଡୁଥିବା ବେଳର କଥା। ବିଲେଇକୁ ଧରି ସର୍କସ କରୁଥିଲି। ଭୁଲ୍ ଯାଗାରେ ତାର ମୁଣ୍ଡକୁ ଧରିଥିଲି ଆଉ ରାଗରେ ରଡ଼ିଛାଡ଼ି ବିଲେଇ ମୋ ଦେହରେ ଆମ୍ପୁଡ଼ି ଥିଲା। ମୁଁ ମଧ୍ୟ ଯୋର୍‌ରେ କାନ୍ଦିଉଠିଲି—ତଥାପି ତାର ବେକକୁ ନଛାଡି ଆହୁରି ଯୋର୍‌ରେ ଧରିଥିଲି। ଆଜି ବି ମା ସେଇ କାହାଣୀ ଶୁଣାଏ ସେଇ ଚିହ୍ନଟି ଏବେ ବି ମୋ ପେଟରେ ଅଛି।

ସେଦିନ ସଂଧ୍ୟାରେ ମୁଁ ଆମ ବଗିଚା ଭିତରେ ବିଲେଇକୁ ଦେଖିଲି। ଆମଘର ଓ ପଡ଼ିଶା ଘର ମଝିରେ ଥିବା ବାଡ଼ି ଭିତର ଦେଇ ଯାଉଥାଏ। ଯାଉ ଯାଉ ଥରେ ମୋ ଆଡ଼କୁ ଦେଖିଲା। ମୁଁ ବି ଖୁବ୍ ରାଗିକରି ଦେଖିଲି। ସତର୍କ ହୋଇ ସେ ବି ପୁରା ମୋଡ଼ିହୋଇ ମୋ ଆଡ଼କୁ ଘୃଣାରେ ଦେଖିଲା। ଟେକା ମାରିବା ଭଙ୍ଗିରେ ମୁଁ ସାମାନ୍ୟ ଡେଇଁ ପଡ଼ିଲି। ହେଲେ ସେ ଉଠିଲା ନାହିଁ। ଟିକିଏ ପିଠି ବୁଲେଇ, ପେଟକୁ ମାଟିଉପରେ ଲଗାଇ ଆଗଭଳି ଛିଡା ହୋଇଗଲା। ବାସ୍ କେବଳ ସେତିକି ମାତ୍ର। ମୋତେ ଖୁବ୍ ରାଗ ଲାଗୁଥାଏ, ଏ ବିଲେଇଟି ରାଗୁନି କାହିଁକି? ରାଗରେ ମୁଁ ଦେଖୁଥିଲି, ସେ ବି ଦେଖୁଥିଲା। ମୋ ପାଇଁ ସତେ ଯେମିତି ଏକ ନିଃଶବ୍ଦ ଆହ୍ବାନ। ନିଶ ଫୁଲେଇ, ମୁହଁ ଲାଲ କରି ସେ ଯେଉଁଭଳି ଭାବେ 'ମ୍ୟାଉଁ' ବୋଲି କହିଲା, ମୋତେ ଜଣାଗଲା ଯେ ସେ ମୋତେ ନିଜ ଭାଷାରେ ହିଁ ଆହ୍ବାନ ଦେଉଛି। ଯେମିତି କହୁଛି "ଏ ସବୁ ବାହାଦୁରୀ ମୂଷାମାନଙ୍କ ଲାଗି। ମୋ ପାଖରେ ସେ ସବୁ ଚଳିବ ନାହିଁ।"

'ଠିକ୍ ଅଛି। ତତେ ଦିନେ ଧରି ଅଖା ଭିତରେ ରଖିଦେବି, ଆଉ ଜପଡ଼ାଙ୍କଟା ପଥର ଦେହରେ ପିଟି ମାରିଦେବି।'

''ମ୍ୟାଉଁ କାହାକୁ ଧମକ ଦେଉଛୁ? ମୋତେ ଧରିପାରିଲେ ତ!''

ଖପ୍‌କିନା ବଗିଚାର ବାଡ଼କୁ କୁଦି ପଡିଲା। ପଡ଼ିଶା ଘର ବଗିଚାରେ ଛିଡ଼ାହୋଇ ବାଡ଼ସନ୍ଧିରୁ ମୋତେ ଦେଖିବାକୁ ଲାଗିଲା।

ମନେ ମନେ ରାଗ ହେଲି, ''କୁଆଡ଼େ ଯିବୁ ବେ? ତୋତେ ନ ଧରିଛି ତ ମୋ ନାଁ ବଦଳେଇ ଦେବୁ ବୁଝିଲୁ?''

ତାର ଉତ୍ତର ଥିଲା ଖୁବ୍ ଛୋଟିଆ – ଖାଲି 'ମ୍ୟାଉଁ' ଶବ୍ଦଟିଏ। ଯା'ର ଅର୍ଥ ହେଉଛି 'ଦେଖ୍ ଦେଖ୍ ।'

ମୁଁ କହିଲି, "ଠିକ୍ ଅଛି। ଦେଖିନେବି।" ସେଦିନ ରାତିରେ ମୋତେ ମୋଟେ ନିଦ ହେଲାନାହିଁ। ବିଲେଇଟି ମଧ୍ୟ ଶୋଇଲା ନାହିଁ। ରାତିସାରା ଖଟ୍ଖଟ୍ କରି ଛାତ ଉପରେ ଦୌଡ଼ିବାକୁ ଲାଗିଲା। ଆଉ ଗୋଟେ ବିଲେଇକୁ ସାଙ୍ଗରେ ଧରି, କୌଣସି ଏକ ରାକ୍ଷସର ପୁଅ ଭଳି ଦୁହେଁ ଉଡୁଥାନ୍ତି.. । ଜଣେ ଜଣକ ଉପରକୁ କୁଦୁଥାଏ ରାମୁଥାଏ ଆମ ଘର ଛାତ ଖାଲି ଦୁଲୁକୁ ଥାଏ। କେଉଁଠୁ ଗୋଟେ ଖପର 'ଧପ୍' କିନା ତଳେ ପଡ଼ିଲା। ବାରନ୍ଦା ଉପରେ ଶୋଇଯାଇଥିବା କେଜେ'ବା ହାତରେ ବାଡ଼ିଧରି 'ସୁ-ସୁ' କରି ସେମାନଙ୍କୁ ତଡ଼ିବାର ଚେଷ୍ଟା କରୁଥାନ୍ତି। ସେ ଦୁଇଟି ବିଲେଇ ରାସ୍ତା ପାରିହୋଇ ଜୟା ମାଇଁଙ୍କ ଘର ଛାତ ଉପରେ ଚଢ଼ିବା କଥା ଜହ୍ନ ଆଲୁଅରେ ମୁଁ ସ୍ପଷ୍ଟ ଦେଖି ପାରୁଥିଲି।

ବାସ୍ ସେତିକିବେଳେ ହିଁ ଠିକ୍ କରିନେଇଥିଲି ଯେ ଆଗାମୀ କାଲି ହିଁ ତାକୁ ମାରିବାକୁ ପଡ଼ିବ। ଜୟା ମାଇଁଙ୍କ ଗାଧୁଆଘରେ ଦୁଧ ରଖାଗଲା। କବାଟ ଗୋଟେପଟ ଖୋଲା। ଶିକୁଳି ଲଗାଇ ଦିଆଗଲା। ଦ୍ୱି-ପ୍ରହରରେ ଖାଇବା ପାଇଁ ମୁଦ୍ଧା ଘରକୁ ଗଲିନାହିଁ। ସେଇ ବିଲେଇର ଅପେକ୍ଷାରେ ରହିଲି। ଶେଷରେ ଉପରଓଳି ତିନିଟା ବେଳେ 'ବିଲେଇ ମହାଶୟ'ଙ୍କ ଶୁଭ ଆଗମନ ହେଲା। ମୋର ହିସାବ ଅନୁସାରେ ସେ ଠିକ୍ ଗାଧୁଆ ଘର ଭିତରକୁ ପ୍ରବେଶ କଲା। କୁଅ ପଛପଟୁ ମୁଁ ସବୁ ଦେଖୁଥାଏ ଗୋଡ଼ ଟିପିଟିପି ତା ପଛେ ପଛେ ଗଲି , 'ମହାଶୟ'ଙ୍କ ପିଠି ଓ ପୃଷ୍ଠଭାଗ ଦିଶୁଥାଏ। ଖୁବ୍ ଆରାମ୍‌ରେ ଦୁଧ ଥାଳି ଉପରେ ତାଙ୍କ ଜିଭ ବୁଲୁଥାଏ। ମୁଁ ଠପ୍ କରି କବାଟଟି କିଳିଦେଲି। ଧରା ପଡ଼ିଯିବା ଦେଖି ସେ କବାଟ ଉପରେ ନଖ ଦ୍ୱାରା ଆଞ୍ଚୁଡ଼ିବାକୁ ଲାଗିଲା।

"ମାଇଁ, ମାଇଁ ଜଲଦି ଆସ ସାହେବ ଧରା ପଡ଼ିଯାଇଛନ୍ତି।" ମୁଁ ରଡ଼ି ଛାଡିଲି।

ମାଇଁ ଧାଇଁ ଧାଇଁ ଆସି ଦେଖିଲେ ବିଲେଇଟି ଭିତରେ ଖାଲି ବିକଳରେ 'ମ୍ୟାଉଁ ମ୍ୟାଉଁ' କରୁଛି।

"ଆରେ ରେ ଏ କ'ଣ କରୁଛୁ? ବିଲେଇକୁ ବନ୍ଦ କରିଦେଲେ, ଆମେ ଗାଧୁଆ ଘରକୁ ଯିବୁ କେମିତି ? ଭିତରକୁ ଗଲେ ତ ସେ ପୁଣି ଚାଲିଯିବ।"

"ଏଇଟା ତ ଆରମ୍ଭ ମାତ୍ର ମାଇଁ। ସେଥିରେ କିତାପଟ ହୋଇଛି। ତମେ ଭିତରକୁ ଯାଅ ଏ ନାଟକର ଶେଷ ବେଳକୁ ତୁମକୁ ଡାକିବି।"

ମାଇଁ ବୋଧହୁଏ ସେଇ ମୂଷାମରା ଘଟଣାଟି ମନେ ପକାଇଲେ।

"ନା-ନା -ପୁଅ ତାକୁ କିଛି କରନା , ସାରା ଜୀବନ ଧରି ଆମ ମୁଣ୍ଡରେ ପାପର ବୋଝ ନହି ହୋଇଯିବ। ନାଇଁ ନାଇଁ।"

"ନା ମାଉଁ। ମୁଁ ତାକୁ ମାରିବି ନାହିଁ। ଅଖା ଭିତରେ ଭରି ଖୁବ୍ ଦୂରରେ ଛାଡ଼ି ଆସିବି।"

"ଆରେ ଛାଡ଼ିବୁ କ'ଣ? ତୁ ଘରେ ପହଞ୍ଚିବା ଆଗରୁ ତ ସେ ପୁଣି ପହଞ୍ଚିଯିବ।" ଥଟ୍ଟାରେ କହି କହି ଜୟାମାଇଁ ଘର ଭିତରକୁ ଚାଲିଗଲେ।

ମନକୁ ମନ ଭାବୁଥିଲି, "ମୁଁ ତାକୁ ଏମିତି ଜାଗାରେ ଛାଡ଼ିବି, ଯେଉଁଠୁ, କେହି କେବେ ଫେରେନା।"

ମୁଁ ସେତେବେଳେ ଥିଲି ଆମ ସାହିର 'ହୀରୋ'। ଖେଳରେ ଏକଦା ମିଶାଇ ନଥିବା ପିଲାମାନଙ୍କ ଏବେ ମୁଁ ନେତା। ବସ୍ତାରେ ବିଲେଇକୁ ଭରି ନେଲାବେଳେ 'ହୋ' 'ହୋ' କରି ସାହିର ପିଲାମାନେ ମୋ'ପଛରେ ଧାଇଁଥାନ୍ତି। ହଠାତ୍ ମା ଘର ଭିତରୁ ବାହାରି ଆସି ରାଗରେ କହି ଉଠିଲା

"ଆରେ ଏ ମୁହଁପୋଡ଼ା। ନିଜ ହାତରେ ପୋଡ଼ି ମରିବୁ। ବିଲେଇ ମାରିଲେ ସାରା ଜୀବନ ପାପ ଭୋଗିବୁ। ତା ବାଳଟିଏ ପଡ଼ିଗଲେ, ସେତିକି ସୁନାଦାନ ଦେବାକୁ ପଡ଼େ। ବୁଝିଲୁ? ର ତୋ ବା' ଆସନ୍ତୁ ତାଙ୍କୁ କହି ତୋ ପିଠିରୁ ଯଦି ଛାଲ ନ ଉତାରିଛି ।"

ମା କଥାରେ ମୁଁ ଧ୍ୟାନ ଦେଲି ନାହିଁ। ବିଲେଇ ବେକରେ ଦଉଡ଼ି ଗୁଡ଼େଇ ତାକୁ ଝୁଲାଇ ଦିଆଗଲେ ଖୁବ୍ ମଜା ହେବ। ହେଲେ ତା ଗଳାରେ ଦଉଡ଼ି ବାନ୍ଧିବ କିଏ ?

"ନା ସେ ସବୁ ନାଇଁ। ସେଇ ମୋଟା ନିଶୁଆ ଆସୁ। ତା ହାତରେ ଦେଇଦେବା। ବାସ୍ ବସ୍ତା ସହିତ। ଖାଲି ଗୋଟେ 'ଖଚକ୍' ଖେଳ ଖତମ୍ ।"

ମୋଟା ନିଶୁଆ ଆସିବା ଆଗରୁ, ତା ନାଁ ଶୁଣି ସୁନ୍ଦରମ୍ ଥରି ଉଠୁଥାଏ। କହିଲା, "ହେଲେ ତୁ ତାକୁ କହିବୁ।"

ମୋତେ ଲାଗୁଥାଏ, ଏତେ ଡ଼ରକୁଳା ପିଲାଙ୍କ ସହ କାମ ଚଳିବ ନାହିଁ। ସଭିଏଁ ଡରିଯିବେ। ସେମାନଙ୍କୁ ଘଉଡ଼ିବା ପାଇଁ ମୁଁ କହିଲି, "ଶୁଣ, ତୁମେମାନେ ଘରକୁ ଯାଅ। ମୋଟା ନିଶୁଆ ଛୁରୀ ଚଳେଇବା ବେଳେ ତୁମେ ସବୁ ଡ଼ରିଯିବ। ଫେର୍ ତମ ମା ମାନେ ମୋତେ ଗାଳିଦେବେ।"

"ଛେଳିର ବେକକୁ କେମିତି କଟାଯାଏ ସେଦିନ ତୁ ମୋତେ ଦେଖାଇଥିଲୁ। ମୁଁ କଣ ଡ଼ରିଥିଲି? ମୋତେ ରହିବାକୁ ଦେ ।"

"ହେଲେ ଗୋଟିଏ କଥା କେହି ହେଲେ ଘରେ ଏସବୁ କଥା କହିବ ନାହିଁ। ଶପଥ କର। ସମସ୍ତେ ଏକ ସ୍ୱରରେ କହିଲେ,"ତୋ ରାଣ। ଆମେ କାହାକୁ କହିବୁ ନାହିଁ।"

ଆମେ ସଭିଏଁ ସେଇ ମୋଟା ନିଶୁଆର ଅପେକ୍ଷାରେ ଥିଲୁ।

ଶେଷରେ, ଚାରିଟାବେଳେ, ଗୋଟିଏ ସାଇକଲ୍ ଉପରେ ସେ ଆସୁଥିବା ଦେଖାଗଲା। ଡ଼ରରେ ସବୁ ପିଲା ପାଖ ମଣ୍ଡପର ଖୁମ୍ବଗୁଡ଼ିକ ପଛରେ ଲୁଚିଗଲେ। ମୋତେ

କହିଲେ, "ଆମେ ଏଇଠି ଲୁଚିଛୁ। ତୁ ଯାଇ କଥାବାର୍ତ୍ତା କର।" ମତେ ଆଗକୁ ଠେଲି ଦେଲେ। ମତେ ତ ଡ଼ର ଲାଗୁନଥାଏ।

ମୋଟା ନିଶୁଆ ପାଖକୁ ଆସିଗଲା। ଗୋଟାଏ ଦମ୍‌ରେ କହିଲି, 'ଗୁଡ଼୍‌ମର୍ଣ୍ଣିଂ' . ମୋତେ ଦେଖି ସେ ବି ସଲାମ୍ କଲା।

ମୋ ପାଖକୁ ଆସି ସାଇକଲ୍‌ରୁ ନ ଓହ୍ଲାଇ, ଦୁଇ ପାଦ ଭୂଇଁ ଉପରେ ରଖି ଛିଡ଼ା ହୋଇଗଲା। ତା ଗୋଡ଼ରୁ ମୁଣ୍ଡଯାଏଁ ଦେଖି ମନକୁ ମନ ଭାବିଲି, "ବାପ୍‌ରେ . କେଡ଼େ ଡେଙ୍ଗା ।"

"ଆପଣଙ୍କ ପାଖରେ ଗୋଟାଏ ଛୋଟ କାମ ଅଛି।"

"ସେଇ ଅଖା ଭିତରେ କଣ ରଖିଛୁ।" କୃଷ୍ଣଲୀଳାର କଂସଭଳି ତାର କଣ୍ଠସ୍ୱର।

"ବିଲେଇଟିଏ। ଖୁବ୍ ହଇରାଣ କରୁଛି। ତାକୁ ବନ୍ଦ କରି ଆଣିଛି "

"ତୁ ଧରି ପାରିଲୁ ·

ଗର୍ବରେ ମୁଁ ମୁଣ୍ଡ ଟୁଙ୍ଗାରିଲି। ମଣ୍ଡପର ଖମ୍ବ ପଛପଟେ ଲୁଚିଥିବା ପିଲାଙ୍କ ଆଡ଼େ ଦୃଷ୍ଟି ଦେଲା। ତାପରେ ପୁଣି ମୋ ଆଡ଼କୁ। ହେଲେ ମୋର ଆଖି ଥିଲା ତାର ବେଲ୍ ମୁଣା ଭିତରେ ଥିବା ଛୁରୀର ମୁଠି ଆଡ଼କୁ।

ମୋତେ ପଚାରିଲା,"ଛୁରୀ ଦରକାର?"

"ହଁ ହୁଁ ଆପଣ ତ ଛେଳି କାଟନ୍ତି ଏଇଟାକୁ ବି କାଟିଦିଅନ୍ତୁ ।"

'ଓଃ', କହି କିଛି ଚିନ୍ତାକରି ସେ ଛୁରୀ ବାହାର କଲା। ଲମ୍ବା ହୋଇ ଛୁରୀଟା। ତାର ଧାରରେ ଆଙ୍ଗୁଠି ବୁଲେଇ କହିଲା

"ଆଜି ପର୍ଯ୍ୟନ୍ତ କେବେ ମୁଁ ବିଲେଇ ମାରିନି। କାହିଁକିନା, ଆମେ କେହି ବିଲେଇ ମାଂସ ଖାଉନା। ମୁଁ କାଟିଦେବି। ତମେମାନେ ଖାଇବ ତ ?"

"ଛିଃ ଛିଃ କାଟି ସାରିଲା ପରେ ଗାତ ଖୋଳି ପୋତିଦେବା।"

"ତାହେଲେ ପାପ ହେବନି?? ମୁଁ କାହିଁକି ଛେଳି କାଟେ? ଲୋକେ ସେଇ ମାଂସ ଖାଆନ୍ତି। ଲୋକେ ମାଂସ ନଖାଇଲେ ମୁଁ ଛେଳି ମାରନ୍ତି ନାହିଁ। ମୁଁ ଛେଳି କାଟିବାଟା ତୁ କେବେ ଦେଖିଛୁ?"

"ହଁ, ଆପଣ କୌଣସି ମନ୍ତ୍ର ଗୁଣୁଗୁଣୁ କହି ସାରିଲାପରେ ଛେଳି ହାଣନ୍ତି। ସେଇ ମନ୍ତ୍ର ପଢ଼ି ୟା'କୁ ବି ହାଣନ୍ତୁ, ତା'ହେଲେ ପାପ ହେବନି।"

"ତୁ ପିଲାଲୋକ ପୁଅ , ମୁଁ ମନ୍ତ୍ର ସେଥିପାଇଁ ପଢ଼େନି। କୌଣସି କାମ ଆରମ୍ଭ କରିବା ପୂର୍ବରୁ ଆମେ ଭଗବାନଙ୍କ ପୂଜା କରୁ , ବାସ୍ ଠିକ୍ ସେମିତି। ଛେଳି ହାଣିବା ସହଜ କାମ ନୁହେଁ। ଛେଳି କାଟି ମୁଁ ମୋର ପରିବାର ପୋଷେ.. ଆମକୁ ଅନ୍ନ ମିଳେ। ମୁଁ ତତେ ପଇସା ପତ୍ର ମାଗୁନି। ବିଲେଇଟି କାଟି ଦେଉଛି , ଯଦି ତାର ମାଂସ କିଏ ଖାଏ ତ ଭଲକଥା। କୌଣସି ଜିନିଷ ବେକାର ନଷ୍ଟ ହେବା ଉଚିତ ନୁହେଁ। ନଷ୍ଟ ହେଲେ ତାହା ହତ୍ୟା ହୁଏ। ଆଉ ହତ୍ୟା କରିବା ମହାପାପ। କ'ଣ କହୁଛୁ? "

"କେବଳ ଆଜିକ ପାଇଁ କାଟିଦିଅନ୍ତୁ। ଖାଲି ମଜା ଲାଗି ।"

ତା'ର ଓଠରେ ପତଳା ହସ ଉକୁଟି ଆସିଲା। ଆଙ୍ଗୁଠିରେ ମୋର ମୁହଁ ଉପରକୁ ଉଠେଇଲା। କହିଲା, "ମଜା ପାଇଁ ହତ୍ୟାକରିବା ଲାଗି କହୁଛୁ? ଚୁ ଚୁ ମଜା ଲାଗି ଛୁରୀ ଚାଲିଲେ ଆଉ ବିଲେଇ ପର୍ଯ୍ୟନ୍ତ ରହିବ ନାହିଁ ପୁଅ। ତୋତେ ପଚାରୁଛି ମଜା ଲାଗି ମୁଁ ତୋର ଗଳା କାଟିଦେଲେ?"

ଏଇ କଥା ପଦକରେ ମୋର ସମଗ୍ର ଦେହ ଥରି ଉଠିଲା।

"ମୋ ମୋ ମୋର ? ବିଲେଇଟି ଖୁବ୍ ହଇରାଣ କରୁଛି।"

"ତୁ ହଇରାଣ କରୁନୁ? ବିଲେଇ ମାତ୍ରକେ ତ ହଇରାଣ କରିବେ। ହଇଚାଣ କଲା ବୋଲି ତ ତାର ନା 'ବିଲେଇ'। ତା' ଭଳି ତମେ ମାନେ ବି ଦଙ୍ଗା କରିବ। ଛୋଟ ପିଲାମାନେ ଗଣ୍ଡଗୋଳ କରନ୍ତି, ବିଲେଇ ହଇରାଣ କରୁ .। ଘରେ କହ ରନ୍ଧାଘରେ ତାଲା ପକାଇବେ।"

ଅଖାଟି ହାତକୁ ନେଇ ଅଖା ମୁହଁ ତଳକୁ କରି ହଲେଇଲା ବାସ୍ ଗୋଟିଏ ଡିଆଁରେ ବିଲେଇ ଖଲାସ୍ । ଏକ ନିଃଶ୍ୱାସରେ ଧାଇଁଲା ଆଗକୁ।

ମୋଟା ଜିଗୁଆ ହସିଲା। ମୁଁ ବି ହସି ଉଠିଲି। ସେଦିନ ରାତିସାରା କାନ୍ଦିଛି। ବିଲେଇଟି ଯେ ମୋ ହାତରୁ ଖସିଗଲା, ସେଥିପାଇଁ ନୁହେଁ। ଏଇଥି ଲାଗି ଯେ, କେବଳ ମଜାପାଇଁ ମୁଁ କେତେ ପିମ୍ପୁଡ଼ି, ଜନ୍ତା, ଝିଟିପିଟି, ପ୍ରଜାପତିମାନଙ୍କୁ ମାରିଥିଲି। ପୁଣି ସେଇ କୁକୁର , ସବୁ ମନେ ପକାଇ କାନ୍ଦୁଥିଲି।

ସେ ସାହିରେ ଏବେ ମୁଁ ଆଉ ନାହିଁ ସେଇ ବ୍ରାହ୍ମଣ ସାହିରେ ମୋ ଭଳି ଆହୁରି ବିଲେଇ ତଥାପି ଅଛନ୍ତି।

କ'ଣ କହୁଛନ୍ତି ଆପଣ ?

ଦିନବେଳା ପାସେଞ୍ଜର ଗାଡ଼ିରେ

ଦ୍ବିତୀୟ ବିଶ୍ୱଯୁଦ୍ଧର ସମୟ। ଯୁଦ୍ଧ ତଥାପି ସରି ନଥାଏ। ଅବ୍ଦାସୀ କିନ୍ତୁ ସୈନ୍ୟବାହିନୀ ଛାଡ଼ି ଘରକୁ ଫେରୁଥାଏ। ତା ଇଚ୍ଛା ବିରୁଦ୍ଧରେ ତାକୁ ଘରକୁ ପଠାଇ ଦିଆହୋଇଥାଏ। ଅସଲ କାରଣ ଥିଲା, ସେନାବାହିନୀର କୌଣସି କାମରେ ଆଉ ସେ ଲାଗି ପାରିବ ନାହିଁ।

ସୈନ୍ୟଜୀବନ ତାକୁ ପୁରାପୁରି ପେଶିଦେଇ, ଅଗ୍ରାହ୍ୟ କରିଦେଇଛି।

ଅବ୍ଦାସୀ ଜାଣୁଥିଲା, ତାର ଘର ଲେଉଟାବେଳେ ତାକୁ ଅପେକ୍ଷା କରିବା ଲାଗି ବା ସ୍ୱାଗତ ଜଣାଇବା ଲାଗି କିମ୍ବା ତା ଘର ବାହୁଡ଼ାରେ ଖୁସି ହେବା ଲାଗି ଏ ଦୁନିଆରେ କେହି ନଥିଲେ। ତଥାପି ଆଉ ଉପାୟ ନାହିଁ। ଯେଉଁ ଦୁର୍ଗନ୍ଧମୟ ଗଳିବସ୍ତିକୁ ଘୃଣାରେ ଛାଡ଼ି ଚାଲିଯାଇଥିଲା, ପୁଣି ସେଇ ଯାଗାକୁ ବାଧ୍ୟ ହୋଇ ତାକୁ ଫେରିବାକୁ ପଡୁଛି।

ଯୁଦ୍ଧ ସହ ବିବାହ କରି ସେନାବାହିନୀକୁ ସେ ନିଜ ଶଶୁର ଘର ବୋଲି ଭାବିନେଇଥିଲା। ବିଦେଶରେ ଅଚିହ୍ନାଙ୍କ ସହ ପରିଚିତ ଭଳି ସାନ୍ନିଧ୍ୟର ଅନୁଭବ ଦେଇଥିବା ବା ତାର ଜାତି ପଚାରି ତାଠୁଁ ଦୂରେ ଛିଡ଼ାହୋଇ ରହିବା ପାଇଁ କହୁନଥିବା ସେଇ ବିଶାଳ ଦୁନିଆ ସହ ସଂପର୍କ ଯୋଡୁଥିବା ସୈନିକ ଜୀବନ ପ୍ରତି ତାର ମମତା ଯଦି ବଢ଼ିଯାଇଥାଏ, ସେଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ।

ପତିତ ଭାରତୀୟ ସମାଜ ପାଇଁ ଅବ୍ଦାସୀ ଥିଲା ପତିତ। ସେଇ ପତିତ ଜୀବନରୁ ମୁକ୍ତ ହୋଇ ଅଠର ବର୍ଷ ବୟସରେ ସୈନ୍ୟବାହିନୀରେ ଭର୍ତ୍ତି ହୋଇ ସମୁଦ୍ର-ପ୍ରବାସ କରିବା ହିଁ ତାର ଗୌରବପ୍ରାପ୍ତି ଥିଲା।

ଯୁଦ୍ଧ ବନ୍ଦ ହୋଇଯିବା ପରେ କିଛି ଦିନ ପାଇଁ ଯୁଦ୍ଧ ବିରାମ ଥିଲା। ଅବ୍ଦାସୀ ତାର ସେଇ ପୁରୁଣା ଜୀବନକୁ ଫେରିଥିଲା। ସମଗ୍ର ଦୁନିଆ ପରିଭ୍ରମଣରୁ ପ୍ରାପ୍ତ ଜ୍ଞାନ ଓ ଅନୁଭବର କାହାଣୀ ଶୁଣି ଲୋକଙ୍କ ମୁହଁ ଆଁ ହୋଇ ରହିଯାଏ। ଆଉ କେତେ ଲୋକ ତା କଥାକୁ ଡ଼ାହା ମିଛ ଭାବି, ପଛ ଆଡ଼େ, ପରିହାସ ମଧ୍ୟ କରୁଥିଲେ।

ସେଇ ଲୋକଙ୍କ ଭିତରେ ରହି ସୁଦ୍ଧା ତାର ଜୀବନ ଥିଲା ସମାଜ-ବୃନ୍ତ-ଚ୍ୟୁତ ଭଳି। ସେଥିପାଇଁ ଦ୍ବିତୀୟ ବିଶ୍ୱଯୁଦ୍ଧ ଏକ ସୁନ୍ଦର ସୁଯୋଗ ହୋଇ ତାକୁ ପୁଣି ଥରେ ଡ଼ାକି ନେଇଥିଲା। ଚାଳିଶବର୍ଷ ବୟସରେ ପୁନଃ ସୈନିକ ଜୀବନ ପ୍ରାପ୍ତିରେ

ଅକ୍ଷାସୀ ଅତିଶୟ ଖୁସି ଥିଲା। ନିଜ ବସ୍ତିରୁ ସବୁଦିନ ପାଇଁ ବିଦାୟ ନେଇ ସେ ବାହାରି ପଡ଼ିଲା ଅନେକ ଉତ୍ସାହରେ।

ଇଚ୍ଛେଇ ବେଳେ ନିଜ ଛାତିରେ ବନ୍ଧୁକ ଯାକି ସୈନ୍ୟମାନଙ୍କ ଉପରକୁ ଗୁଳି ମାରିବା ବେଳେ ଶତ୍ରୁ ପକ୍ଷର ବୋମା ମାଡ଼ରେ ଅକ୍ଷାସୀ ଆହତ ହୋଇଥିଲା। ସୈନ୍ୟବାହିନୀ ହାସପାତାଲରେ କିଛି ଦିନ ପଡ଼ି ରହିଥିଲା। ତା'ପରେ ଡ଼ାକ୍ତର କହିଥିଲେ, ସେ ସେନାବାହିନୀରେ କାମ କରିବାଲାଗି ଅଯୋଗ୍ୟ ହୋଇ ଯାଇଛି।

ଏବେ 'ଆଟେନଶନ୍'ରେ ଛିଡ଼ା ହୋଇ ପାରେନି। ଦୁଇ ହାତରେ ବନ୍ଧୁକ ଧରି ଗୁଳି ମାରିଲାବେଳେ ଦେହ ଯେମିତି ଥରି ଉଠୁଥିଲା, ଏବେ ଖାଲି ଠିଆ ହେଲେ ସୁଦ୍ଧା ଦେହ ସେମିତି ଥରି ଉଠେ।

ସୈନିକ ପୋଷାକ ପିନ୍ଧି ଯିଏ ଖୁବ୍ ଗର୍ବରେ ଗାଁ ଛାଡ଼ି ଚାଲିଯାଇଥିଲା, ସେଇ ଅକ୍ଷାସୀ ଆଜି ଥର ଥର ଦେହରେ ଗାଁକୁ ଫେରୁଥିଲା ଲଜ୍ଜାରେ। ଜାଣୁଥିଲା, ତାକୁ ସ୍ୱାଗତ କରିବା ପାଇଁ କେହି ବି ଆସିବେ ନାହିଁ।

ତଥାପି ସେ ଫେରୁଥିଲା।

ତାର ସେଇ ଛୋଟିଆ ଗାଁର ରେଲ ଷ୍ଟେସନ୍‌ରେ କେବଳ ପାସେଞ୍ଜର୍ ଗାଡ଼ି ରହେ। ତା'ବି କେବଳ ଦିନ ବେଳାର ପାସେଞ୍ଜର ଗାଡ଼ି। କେବେ କେମିତି କୌଣସି କାରଣବଶତଃ ଦିନବେଳାର ପାସେଞ୍ଜର ଗାଡ଼ି ଆସୁ ଆସୁ ରାତି ହୋଇଯାଏ। ଏଇଳି ଅନେକ ଦିନ ଅପ୍ରତ୍ୟାଶିତ ଭାବେ ରାତିରେ ବି ଅନେକ ପାସେଞ୍ଜର ଗାଡ଼ି ଅଟକି ଯାଏ।

ଏଇଭଳି ଏକ ଅପ୍ରତ୍ୟାଶିତ ସମୟରେ ଗଲା ରାତିରେ ଉତ୍ତର ପଟୁ ଆସୁଥିବା ପାସେଞ୍ଜର ଗାଡ଼ିଟି ପ୍ରବାସୀ ଅକ୍ଷାସୀକୁ ଷ୍ଟେସନ୍‌ରେ ଏକୁଟିଆ ଓହ୍ଲାଇ ଦେଇ ପୁଣି ନିଜ ସହ ଆଲୁଅ ଧରି ଆଗକୁ ଆଗେଇ ଯାଇଥିଲା। ସାରା ଦୁନିଆରୁ ବିଚ୍ୟୁତ ହୋଇ ଛିଡ଼ା ହୋଇଥିବା ଅକ୍ଷାସୀ କଳା ମସ୍ ମସ୍ ଅନ୍ଧାରରେ ସୁଦ୍ଧା ସବୁଆଡ଼େ ଦୃଷ୍ଟି ପକେଇଲା। ଦୁନିଆର ସବୁ ସମ୍ପର୍କରୁ କଟିଯାଇ, ସେ ପୁଣିଥରେ ଏକାକୀ ହୋଇ ଯାଇଥିଲା।

କାନ୍ଧ ଉପରେ କାନ୍‌ଭାସ ମୁଣିଟି ଧରି ପୁଣି ସେ ଗାଁ ଆଡ଼କୁ ଚାଲିଲା। ସେଇ ଗାଁଟି ତାର ଜନ୍ମମାଟି, ତଥାପି ଆଜି ଗଲାବେଳେ ସମଗ୍ର ଗାଁଟି ତାକୁ ପୁରାପୁରି ଅପରିଚିତ ଜଣା ପଡୁଥିଲା। ଅଚିହ୍ନା ଲୋକ ଭଳି ତିନିଚାରୋଟି ଗଳି ଭିତରେ ବୁଲିଲା। ପୁଣି ଗାଁ ବାହାରକୁ ଆସି ବର୍ଷ ବର୍ଷ ଧରି ସମାଜରୁ ବହିଷ୍କୃତ, ଅପରିଷ୍କାର ବସ୍ତି ଆଡ଼କୁ ଦେଖିଲା। ଗଲାବେଳକୁ ଜଣାପଡୁଥାଏ ସେ ଯେମିତି ନିଜ ଇଚ୍ଛା ବିରୁଦ୍ଧରେ ଘୋଷାରି ହୋଇ ଯାଉଛି। ଅଟକି ଗଲା। ପାଖରେ କେନାଲର ପୋଲ। ବସ୍ତିର ସୀମା ପାଖରେ ପହଞ୍ଚି ଯାଇଛି। ଆଗକୁ ଗଲେ କାହାକୁ ଭେଟିବ? କାହା ଘରକୁ ଯିବ? କା ସହିତ ସମ୍ପର୍କ ରଖିବ?

ସେ କିଛି ବୁଝି ପାରୁ ନଥିଲା । ପୋଲର କାଠପଟା ଉପରେ କାନ୍‌ଭାସ୍ ମୁଣିଟି ଓହ୍ଲାଇ ବସିଗଲା ।

ତା ପାଦତଳେ ପୋଲର ପାଣି ଛଳଛଳ ହୋଇ ବୋହି ଯାଉଛି । ଅନ୍ଧାରରେ ରାସ୍ତାର ଦୁଇ ପାଖରେ ଥିବା ଗଛଗୁଡ଼ିକର ଖାଲି ଛାଇ ଦିଶୁଛି । ଦୂରରୁ ଦିଶୁଛି ବସ୍ତିର ନିଷ୍ପ୍ରଭ ଆଲୁଅ । ଘର ଗୁଡ଼ିକର ଖପର ଭିତର ଦେଇ ଧୂଆଁ ଉପରକୁ ଉଠୁଛି । କାହିଁ କେଉଁ ପଟରୁ ଶୁଭୁଛି ପିଲା କାନ୍ଦିବାର ସ୍ୱର, କୌଣସି ବୁଢ଼ୀର ଥରିଲା ଥରିଲା ଭଜ ପାଟି ବି ଶୁଭୁଛି । ହଠାତ୍ ଅକ୍କାସୀର ମନେ ପଡ଼ିଲା ନିଜ ମା'ର ସ୍ମୃତି ।

ଏଇ କେନାଲର କାଠପୋଲ ଉପରେ ସେ ବହୁତ ଥର ବସିଥିବ । ତାର ଛୋଟ ବେଳେ ତାର ମା ଏଇ ପୋଲ ଉପରେ ବାଡ଼ିରେ ପିଟି ପିଟି ଲୁଗା ସଫା କରେ । ଅକ୍କାସୀ ଛୋଟିଆ ଲଙ୍ଗୁଟିଟିଏ ମାରି ଆଖୁ ଚୋବାଉଥାଏ । ସେ ଦିନ କଥା ମନେ ପଡ଼ିଗଲା । ସେତେବେଳେ ମା'ର ଇଚ୍ଛାଥିଲା ଅକ୍କାସୀ ବଡ଼ ହେଲେ ବାହା'ସା ହୋଇ ଅନ୍ୟ ଚାରି ଜଣଙ୍କ ଭଳି କ୍ଷେତ ସମ୍ଭାଳିବ ବା ମଇଁଷି ଚରାଇବ । ମା'ର ଇଚ୍ଛାକୁ ପରିହାର କରି, ପାଦରେ ଆଡ଼େଇ ଦେଇ ସେ ପ୍ରଥମ ବିଶ୍ୱଯୁଦ୍ଧ ବେଳେ ଯୁଦ୍ଧରେ ଭର୍ତ୍ତି ହୋଇଯାଇଥିଲା ।

ଯୁଦ୍ଧରୁ ଫେରିଲା ପରେ ହିଁ ସେ ମା'ର ମୃତ୍ୟୁ ଖବର ପାଇଥିଲା । ହେଲେ ସେଥିପାଇଁ ମୋଟେ କାନ୍ଦି ନ ଥିଲା ।

ଅକ୍କାସୀ ପାଇଁ ମୃତ୍ୟୁଥିଲା ଏକ ମାମୁଲି ବିଷୟ । ମୃତ୍ୟୁର ସବୁ ବିଦ୍ରୁପ ସ୍ୱର ଶୁଣିଥିଲା ଖୁବ୍ ନିକଟରୁ । ଏବେ ଜୀବନ ତ ତାକୁ ଖୁବ୍ ଭୟାନକ ଲାଗେ । ବର୍ତ୍ତମାନ ଅକ୍ଷମ ହୋଇଯିବା ପରେ ଜୀବନଟା ତାକୁ ବୋଝ ବୋହିଲା ଭଳି ଲାଗେ ।

ଅକ୍କାସୀ ଭାବିଲା, ଯୁଦ୍ଧ ଭିତରେ ମରିଯାଇଥିଲେ କେତେ ଭଲ ହୋଇଥାନ୍ତା । ବର୍ତ୍ତମାନ ତାର ବୋଲି ଆଉ କିଏ ଅଛି ? ବଞ୍ଚିବ ତ କାହାଲାଗି ? ତା ପାଖରେ ଖାଲି କେତୋଟି ଶହେଟଙ୍କିଆ ନୋଟ ପଡ଼ିଛି । ତାକୁ ନେଇ କ'ଣ କରିବ ?

ପଚାଶ ବର୍ଷ ମଧ୍ୟରେ ବୃଦ୍ଧ ଓ ଅସହାୟ ହୋଇଯିବାର ଅନୁଭବ ଯୋଗୁଁ ଏଇଲେ ଖାଲି ମୃତ୍ୟୁ ବିଷୟରେ ଚିନ୍ତାକରିବାରେ ଖୁବ୍ ଆନନ୍ଦ ଲାଗେ ।

ଦୂରରୁ କେଁ କଟର ସଂଗୀତର ଧ୍ୱନି ସହ ଖଡ଼କ୍ ଖଡ଼କ୍ ଶବ୍ଦର ତାଳ ଦେଇ, ଏ ଉଠାପଡ଼ା ରାସ୍ତାରେ ବସ୍ତି ଆଡ଼କୁ ବଳଦ ଗାଡ଼ିଟିଏ ଯିବାର ଦିଶିଲା ।

ଗାଡ଼ି ପାଖକୁ ଆସିଲା ମାତ୍ରେ ଜଣେ ସ୍ତ୍ରୀଲୋକର କଣ୍ଠସ୍ୱର ଶୁଭିଲା । "ଏ ଚୁପ୍ । ଚୁପ୍ ହେଇଟି ଦେଖ୍ କିଏ ଜଣେ ସେଇଠି ବସିଛି ?" ତା ଆଡ଼କୁ ସଂକେତ କରି ଅସ୍ପଷ୍ଟ ଭାଷାରୁ ଅକ୍କାସୀ ବୁଝିଗଲା ଯେ, ଗାଡ଼ି ଭିତରେ ହୁଏତ ରତିକ୍ରୀଡ଼ା ଚାଲିଛି । ଖଣିକାଶ ମାରି ନିଜ ଉପସ୍ଥିତିର ସୂଚନା ଦେଲା ।

ଗାଡ଼ିବାଲା ପଚାରିଲା ,"ଆରେ ହେ. .ପୋଲ ଉପରେ କିଏ ଅଛ ?"

ଅକ୍କାସୀ ଉତ୍ତର ଦେଲା, "ମଦୁବାଙ୍କରେ ଯାଉଛି ।"

ତା ପାଖରୁ ଗାଡ଼ିଟି କିଛି ଦୂର ଗଲାପରେ ସୁଦ୍ଧା ଗାଡ଼ିର ବିକଟ ଶବ୍ଦକୁ ଦବେଇ ଦେଇ ଗାଡ଼ି ଭିତରର ସେଇ ତରୁଣୀଟିର ପ୍ରାଣ ଭରୁଲା ହସ ଅନ୍ନାସୀର କାନରେ ପଡୁଥାଏ , ତାର କଥାରୁ ଅନ୍ନାସୀ ଅନୁମାନ କଲା କେବଳ ଦେହର ନିଶା ନୁହେଁ, ମଦ ନିଶାରେ ମଧ୍ୟ ସିଏ ବେଖବର ହୋଇଛନ୍ତି। ଅସଷ୍ଟ ଭାବରେ ମୁହଁରୁ ବାହାରି ପଡ଼ିଲା, "ହୁଁ—ଏଇଟାତ ବୟସ।"

ଅନ୍ନାସୀ ଭାବୁଥାଏ କେମିତି ବିଚିତ୍ର ଇଚ୍ଛା ପଛେ ଧାଇଁ, ଜୀବନର ଏସବୁ ସୁନ୍ଦର ଅନୁଭୂତିରୁ ବଞ୍ଚିତ ହୋଇ, ଶେଷରେ ପାଇଲା କ'ଣ ?

କିଛି ସମୟ ପୂର୍ବରୁ ତା ପାଖ ଦେଇ ଭରୁଲା ଜୀବନକୁ ଦେଖି ଅନ୍ନାସୀକୁ ଜଣାଗଲା, ତାକୁ ଦେଖି ଅତୀତ ଯେମିତି ଖୁବ୍ ଜୋର୍‌ରେ ହସି ଉଠୁଛି।

"ଓଃ ! ବୟସ! ସେତ ଗଡ଼ିଗଲାଣି ମୋର ବି ବୟସ ଥିଲା ଅଠର ବର୍ଷର ବୟସ, କୋଡ଼ିଏ, ତିରିଶ, ଚାଳିଶ ସେ ଆଡ଼କୁ ନଦେଖି ମୁଁ ଅନ୍ୟ ଆଡ଼କୁ ଧାଇଁଗଲି। ସେତେବେଳେ ତାର ମହତ୍ତ୍ୱ ଜାଣି ପାରିଲି ନାହିଁ ଧର୍ମ ଆଉ ଜାତି ନାଁରେ ମଣିଷ ହିଁ କେତେ ଲୋକଙ୍କୁ ଅଲଗା କରି ରଖିଛି , ହେଲେ ଭଗବାନଙ୍କ କୃପାରୁ ସବୁ ମଣିଷଙ୍କୁ ମିଳିଥିବା ଏକା ପ୍ରକାର ବୟସ ଓ ଯୌବନରୁ ମୁଁ କେମିତି ଅନ୍ୟ ଆଡ଼କୁ ଧାଇଁ ଗଲି ? ସେତେବେଳେ କଣ ଭାବିଥିଲି ଯେ, ମୁଁ ଧାଇଁ ପଳେଇଲା ବେଳେ ସେ ବି ମୋ ପଛେ ପଛେ ଧାଇଁଛି ? କାହିଁକି ? ଧାଇଁ ପଳେଇବାର କାରଣ ପଛରେ ମୋର ବୟସ ବି ତ ଥିଲା , ଧାଇଁ ଧାଇଁ ଥକିଯିବା ଫଳରେ ହିଁ ଏବେ ବୁଝି ହେଉଛି , ଜଣା ପଡୁଛି ହାୟ ସବୁ ଶେଷ ! ବୟସ ଚାଲିଗଲା। ଏବେ ଆଉ ଲାଭ କଅଣ ?"

ନିରାଶ ହୋଇ ଅନ୍ନାସୀ ନିଜ ଉପରେ ହିଁ ଭୁତୁର୍ ଭାତୁର୍ ହେଲା।

ମଣିଷ ପାଖରେ ଯାହାଥାଏ, ତା ପାଖରୁ ଧାଇଁ ପଳେଇଲେ ବି ଦେହରେ ତାକତ୍ ଥାଏ। ହେଲେ ଧୀରେ ଧୀରେ ଯେ ତାହା ଶେଷ ହୋଇଯାଉଛି, ତା ଜଣାପଡ଼େନି। ଆଉ ତାକୁ ହଜେଇ ଦେଇଥିବାରୁ ଅନୁଭବ ହେଲାବେଳକୁ ସେଇ ବସ୍ତୁଟି ମଣିଷ ପାଇଁ କେତେ ମହତ୍ତ୍ୱପୂର୍ଣ୍ଣ ହୋଇ ଉଠେ !

ବସ୍ତି ଭିତରକୁ ଯିବା ଅପେକ୍ଷା ରାସ୍ତିରେ ଅନ୍ନାସୀ ଖୁବ୍ ସମୟ ଧରି ସେଇଠି ବସି ରହିଲା। ଏବେ ସୁଦ୍ଧା ବସ୍ତି ଭିତରୁ ଲୋକଙ୍କ କଥାବାର୍ତ୍ତାର ଶବ୍ଦ ଓ କୁକୁର ଭୁକିବା ଶବ୍ଦ ଶୁଣାଯାଉ ଥାଏ।

ମୁଣ୍ଡରେ ଠେକାଟିଏ ମାରି, ମୁହଁରୁ ବିଡ଼ିର ଧୂଆଁକୁ ସମଗ୍ର ବାତାବରଣକୁ ଦୂଷିତ କରି ଗାଁ ଭିତରୁ ଲୋକଟିଏ ଆସୁଥାଏ। ନିରନ୍ଧ୍ର ଅନ୍ଧାର ଭିତରେ ନିଜକୁ ଭୟମୁକ୍ତ କରିବା ଲାଗି ଖୁବ୍ ଯୋର୍‌ରେ ଗୀତଟିଏ ଗାଉଥାଏ। ପୋଲ ଉପରେ, ଅନ୍ଧାର ଭିତରେ ବସିଥିବା ଲୋକଟିକୁ ଦେଖି ଲୋକଟି ଚମକି ଉଠିଥିଲା। ତାର ଗୀତ ବି ବନ୍ଦ ହୋଇଥିଲା।

ଆତଙ୍କିତ କଣ୍ଠରେ ପଚାରିଲା, "କିଏ ?"

"ଡ଼ର ନାହିଁ .ମଣିଷଟିଏ", ଅଙ୍ଗାସୀ ନିଜ ଜୋତାରେ ଠକ୍ ଠକ୍ କରି କହିଲା।

ମୁଣ୍ଡରେ ଠେକା ମାରିଥିବା ଲୋକଟି ଅଙ୍ଗାସୀ ପାଖକୁ ଆସି ପଚାରିଲା, "କିଏ ?" ସେଇ ସମୟରେ ଅଚାନକ ଭାବେ ଅଙ୍ଗାସୀର ମନେ ପଡ଼ିଲା ନିଜର କନ୍ଦେଇ ଝିଅ ଭଉଣୀ କାଂସାଂବୁର କଥା। ଭଉଣୀ ସ୍ବାଇଁ ସଡ଼ୟାଣ୍ଡିର ନାମଧରି କହିଲା, ଯେ ତାକୁ ଦେଖା କରିବାଲାଗି ସେ କାହାର ଗାଁରୁ ଆସୁଛି।

"ସଡ଼ୟାଣ୍ଡି   ସେ ତ ରେଲବାଇରେ ପୋର୍ଟର କାମ ପାଇଲା। ସହର ଚାଲି ଗଲାଣି। ତା ସ୍ତ୍ରୀ ବି ଚାଲିଗଲାଣି। ତମେ ଜାଣିନା ?'''

ଲୋକଟିର କଥା ଶୁଣି ଅଙ୍ଗାସୀ ନିରାଶ ହୋଇଗଲା। ସେତ କାଂସାବୁ ଆଉ ତାର ପତିକୁ ଦେଖା କରିବାକୁ ଆସି ନଥିଲା। ତଥାପି ବସ୍ତି ଭିତରକୁ ନପିବା ଲାଗି ଏଇ କାରଣଟି ହଠାତ୍ କହିଥିଲା।

ପଚାରିଲା, "ମାଡ୍ରାସ ରେ କେଉଁଠି ରୁହନ୍ତି, ଜାଣିଛ ?"

"ଶୁଣିଛି ସଡ଼ୟାଣ୍ଡି କୁଆଡ଼େ, ଏଗ୍‌ମୋର ଷ୍ଟେସନରେ କାମ କରେ। ତମେ ସେଠାକୁ ଗଲେ ଦେଖି ପାରିବ ଯେ ," କହି ଲୋକଟି ବସ୍ତି ଆଡ଼କୁ ଚାଲିଗଲା।

ଅଙ୍ଗାସୀ ବହୁ ସମୟ ଧରି ଗାଁ ଆଡ଼କୁ ଅନେଇ ରହିଲା। ପୁଣି କାନ୍‌ଭାସ୍ ମୁଣିଟି ପିଠି ଉପରେ ଲଦି ଷ୍ଟେସନ୍ ଆଡ଼କୁ ବାହାରି ପଡ଼ିଲା।

ସବୁ ମମତା ଛାଡ଼ି ଅଙ୍ଗାସୀକୁ ନିଜର କରିବା ଲାଗି ଏହି ଦୁନିଆରେ କେହି ନଥିଲେ। ନିଜର ବୋଲି କେବଳ ଥିଲେ ତାର ଖୁଡ଼ୁତାଝିଅ ଭଉଣୀ, ତାର ପତି ଓ ତାର ପିଲାମାନେ। ଏଇ ବିଶ୍ୱାସଟି ହେବା ମାତ୍ରେ, ତାର ଚାଲିରେ ଅପୂର୍ବ ସ୍ଫୁର୍ତ୍ତି ଆସିଗଲା।

ତା ଆରଦିନ ସକାଳେ, ଖୁବ୍ ଡେରିରେ—ପ୍ରାୟ ଦ୍ବି-ପ୍ରହର ବେଳେ- ସେଇ ପାସେଞ୍ଜର ଗାଡ଼ିଟି ଷ୍ଟେସନ୍‌ରେ ଲାଗିଲା।

ଗାଡ଼ିରେ ଚଢ଼ି ସାରିଲା ପରେ ଲୁହଭିଜା ଆଖିରେ ଅଙ୍ଗାସୀ ଦେଖିଲା ତାର ଗାଁ, ନିଜ ବସ୍ତି ଆଉ କେନାଲଟି ଆଡ଼େ।

ତାର ବସ୍ତିର ଲଙ୍ଗୁଟି ପିନ୍ଧିଥିବା ଅର୍ଦ୍ଧନଗ୍ନ ପିଲା, ବିନା ବ୍ଲାଉଜ୍‌ରେ ମଇଳା ଘାଘରା ପିନ୍ଧିଥିବା କାଳି ହୋଇ ଛୋଟ ଛୋଟ ଝିଅ, ଗାଁରେ ଉତ୍ପନ୍ନ ହେଉଥିବା ପାନ ଓ ତାଜା କାକୁଡ଼ି ଇତ୍ୟାଦି ବୁଲିବୁଲି ବିକୁଥିବା ଗାଁଲୋକ.. .ସମସ୍ତଙ୍କ ଆଡ଼କୁ ଅଙ୍ଗାସୀ ହସିଲା ମୁହଁରେ ଦେଖୁଥାଏ। ବହୁତ ଡେରିରେ ତାର ମନେ ହେଲା, ସେଇ ଲୋକଙ୍କ ପାଖରୁ ସେ କିଛିନା କିଛି କିଣିବା ଉଚିତ।

ପକେଟରୁ ରେଜାପଇସା କାଢ଼ି ଅଙ୍ଗାସୀ କାକୁଡ଼ି .ବିକୁଥିବା ଛୋଟ ଝିଅମାନଙ୍କୁ ଡାକିଲା। ଠିକ୍ 'ସେଇ ସମୟରେ ଗାଡ଼ି ହୁଇସିଲ ଦେଇ ଚାଲିବା ଆରମ୍ଭ କଲା। ଅଙ୍ଗାସୀ ଚଞ୍ଚଳ ସେଇ ଆଡ଼କୁ ରେଜାପଇସା ପକେଇଦେଲା।

ଝିଅମାନେ ନଇଁ ପଡ଼ି ପଇସା ଗୋଟାଇବାକୁ ଲାଗିଲେ। ରେଜାପଇସା ଗୋଟାଇ ସାରି ସେମାନେ ମୁଣ୍ଡ ଉଠେଇଲା ବେଳକୁ ଗାଡ଼ି ଗତି ଧରି ସାରିଥାଏ। ଛୋଟ

ପିଲାଙ୍କ ଭଳି ଅବ୍ଦାସୀ ଯୋର୍‌ରେ ହସି ଉଠିଲା । ସେଇ ଝିଅମାନେ ମଧ୍ୟ ହସିଉଠି ସୈନ୍ୟବାହିନୀର ଜଓ୍ୱାନ୍ ପ୍ରତି ସ୍ୟାଲୁଟ ମାରି ଧାଡ଼ି ହୋଇ ଛିଡ଼ା ହୋଇଗଲେ ।

ଜନ୍ମଭୂମିଠାରୁ ବିଦାୟ ନେବା ଭଳି ଥରି ଉଠୁଥିବା ମୁଣ୍ଡ ପାଖରେ ହାତ ରଖି ଅବ୍ଦାସୀ ମଧ୍ୟ ସ୍ୟାଲୁଟ କଲା । ଆଖିପତା ଗୁଡ଼ିକ ଲୁହରେ ଓଦା ହୋଇ ଆସୁଥାଏ ।

ସେଇ ରେଲ୍ ଡ଼ବାରେ ସେତେ ଭିଡ଼ ନାହିଁ । ଅବ୍ଦାସୀର ମୁଣ୍ଡ ଉପରେ, ଜିନିଷ ରଖିବା ସ୍ଥାନରେ ଗୋଡ଼ରେ ମୋଜା (ଏକ ପ୍ରକାର ଜୋତା) ପିନ୍ଧି ଆଉ ଧୋତି ଉପରେ ଅଣ୍ଟାରେ ସବୁଜ ରଙ୍ଗର ବେଲ୍ଟ ପିନ୍ଧି କେଉଁ ଏକ ଗାଁର ଜମିଦାର ବିଡ଼ିଟିଏ ପିଇ ଆରାମ କରୁଛି ।

ତା ଆଗରେ ସ୍ତ୍ରୀଲୋକଟିଏ ମଧ୍ୟ କୋଳରେ ପିଲାଟିଏ ଧରି ନିଜେ ମଧ୍ୟ ମୁଣ୍ଡ ଆଉଜେଇ ଶୋଇଥିଲା ।

ଅବ୍ଦାସୀ ଦେଖିଲା ସ୍ତ୍ରୀଲୋକଟି ଆଡ଼େ । ବୋଧହୁଏ, ବ୍ରାହ୍ମଣ ବିଧବାଟିଏ । କ୍ଷୟରୋଗୀ ଭଳି ଦେହରେ ଖାଲି କେଇଖଣ୍ଡ ହାଡ଼ । ଗଳା ତଳର କୋଟରର କମନରୁ ଦେହରେ ଅଳ୍ପ ରକ୍ତ ଥିବା କଥା ଯାହା ଜଣାପଡ଼ୁଥାଏ ।

ଶୁଖିଲା ଗଛରେ ମାଡ଼ି ଯାଇଥିବା ସବୁଜ ଲତାର ଗୋଟିଏ ଫୁଲଭଳି ତାର କୋଳରେ ଥିବା ସେଇ ନିଷ୍ପାପ ଶିଶୁଟି ନିଦରେ ଥରୁଟିଏ ହସି, ପୁଣି ମା'ର କୋଳରେ ମୁହଁ ଗୁଞ୍ଜି ଦେଲା ।

ଗାଡ଼ି ଧୀରେ ଧୀରେ ଚାଲିଲାବେଳେ ତା ଉପରକୁ ଉଠି ଆସୁଥିବା ଚେକର୍ ଜଣକ ବର୍ତ୍ତମାନ ସୁଦ୍ଧା ଶିଡ଼ି ପାଖରେ ଛିଡ଼ା ହୋଇ ସିଗାରେଟ ପିଉଛି । ସିଗାରେଟ୍ଟି ନିଃଶେଷ ହେବାପରେ ସେ ଆସି ଅବ୍ଦାସୀ ପାଖରେ ବସିଲା, ଚିନ୍ତାମଗ୍ନ ଭାବେ । ଆଗର ଷ୍ଟେସନ ପାଖ ହୋଇ ଆସୁଛି । ଅବ୍ଦାସୀର ସିଟ୍ ଉପରେ ଶୋଇଥିବା ଜମିଦାର ଆଡ଼କୁ ହାତ ବଢ଼େଇଲା ଟିକେଟ୍ ପାଇଁ । ଜମିଦାର ମଧ୍ୟ ପକେଟରୁ ବାହାର କଲା ଟିକଟଟି । ଦୁଇଟି ଟିକଟ ଉପରେ ଦସ୍ତଖତ କରି ପୁଣି ଫେରାଇ ଦେଲା । ସେଇ ଶୋଇପଡ଼ିଥିବା ସ୍ତ୍ରୀଲୋକଟିକୁ ଉଠାଇବା ଲାଗି ପେନ୍‌ସିଲ୍ ପଛପଟେ ସିଟ୍ ଉପରେ ଠକ୍ ଠକ୍ କଲା ।

ସ୍ତ୍ରୀ ଲୋକଟିର ଦେହରେ ଯେ କେତେ ଯନ୍ତ୍ରଣା. କିଏ ଜାଣେ ? କୋଟରଗତ ଶୁଖିଲା ଆଖି ଥରେ ଖୋଲି ଦେଖିଲା । ଆଖିରେ ଜୀବନର ସବୁ ମାଧୁରିମା ସରି ଗଲାଣି । ଆଖି ଆପେ ଆପେ ମୁଦି ହୋଇଗଲା । ସତେ ଯେମିତି ଅନେକ ବେଦନା ଅନେକ ବ୍ୟସ୍ତତା ସେ ଭିତରେ ଗୁମୁରି ଉଠୁଛି । ଓଠ ଉପରେ ଦାନ୍ତ ଚିପି ହୋଇ, ମୁହଁ ସଂକୁଚିତ ହୋଇ ପାଟିରୁ ବାହାରି ପଡ଼ିଲା 'ହେ ରାମ୍ ।'

ତାକୁ ଉଠେଇବା ଲାଗି ଅବ୍ଦାସୀ କହିଲା, "ଦେଖନ୍ତୁ ସାହେବ ଟିକଟ ମାଗୁଛନ୍ତି," ସ୍ତ୍ରୀଲୋକଟି ଉଠିକରି ବସିବା ଅବସ୍ଥାରେ ମଧ୍ୟ ନଥିଲା । ସେମିତି ଆଖି ବନ୍ଦ କରି କ୍ଷୀଣ ସ୍ୱରରେ କହିଲା, 'ଟିକେଟ ?'

"ଟିକେଟ୍ ନାହିଁ? ତା ହେଲେ ଆର ଷ୍ଟେସନ୍‌ରେ ଓହ୍ଲାଇ ଯିବ ।" ଟିକଟ୍ ଚେକର୍‌ର କଥାରେ ନିର୍ମମତାର ସ୍ୱର ଥିଲା । ସେ ପୁଣି ଝରକା ବାହାରକୁ ଦେଖିଲା ।

ଖୁବ୍ ଆଗ୍ରହରେ ଅମ୍ବାସୀ ସେଇ ଅସହାୟ କରୁଣାଗ୍ରସ୍ତ ନାରୀଟିକୁ ଦେଖୁଥାଏ । ଆର ଷ୍ଟେସନ୍ ନିକଟ ହୋଇଗଲାଣି । ଖୁବ୍ କଷ୍ଟରେ ସ୍ତ୍ରୀଟି ଉଠିଲା । ସେ ଉଠିବା ମାତ୍ରେ ନିଦ ଭାଙ୍ଗିଲା ପରେ ଭୋକ ଯୋଗୁଁ କୋଳରେ ପିଲାଟି ମଧ୍ୟ ଖୁବ୍ ଯୋର୍‌ରେ କାନ୍ଦି ଉଠିଲା । ଅମ୍ବାସୀ ପଚାରିଲା, "ଆପଣ କେତେ ଦୂର ଯାଏଁ ଯିବେ ?"

ଦୀର୍ଘଶ୍ୱାସ ନେଇ ସ୍ତ୍ରୀଟି କହିଲା, "ମାଡ୍ରାସ ଯାଏଁ ବାବୁ ।"

ଅମ୍ବାସୀ ନିଜ ପକେଟରୁ ପର୍ସଟି ବାହାର କରୁ କରୁ କହିଲା, "ଚେକର୍ ବାବୁ, ତାଙ୍କର ଟିକଟ ମାଡ୍ରାସ ଯାଏଁ କରି ଦିଅନ୍ତୁ । ମୁଁ ପଇସା ଦେଉଛି ।" ଅମ୍ବାସୀ ଆଡ଼କୁ ଦେଖି ଚେକର୍ ହସିଲା । ଆଖିରେ ଥିଲା ଅମ୍ବାସୀର ଉଦାରତା ପ୍ରତି ପ୍ରଶଂସାର ଦୃଷ୍ଟି । ଚେକର୍ ଠିଆ ହୋଇ, ସିଟ୍ ଉପରେ ଗୋଡ଼ ରଖି ଆଣ୍ଠୁ ଉପରେ ଟିକଟ ରସିଦ୍‌ଟିଏ କାଟିଲା ।

ଖୁବ୍ ପତଳା ହୋଇଯାଇଥିବା ଆଙ୍ଗୁଠି ଯୋଡ଼ି କୃତଜ୍ଞତାରେ ବିଧବାଟି କହିଲା, "ଆପଣଙ୍କ ଛୁଆପିଲାଙ୍କ କୋଟି ପରମାୟୁ ହେଉ ।"

ଚେଇଁ ଉଠି ବର୍ତ୍ତମାନ ସୁଦ୍ଧା କାନ୍ଦୁଥିବା ପିଲାଟି ପୁଣିଥରେ ନିଜ ମା'ର କୋଳରେ ମୁହଁ ଗୋଞ୍ଜିଲା ।

ବିଧବାର କଥା ଶୁଣି ଅମ୍ବାସୀ ଗୁମ୍ ମାରି ମୁହଁ ତଳକୁ କଲା । ମନକୁ ମନ ହସ ବି ଲାଗୁଥାଏ ।

ଟିକଟ୍ ଚେକର୍ ଗୋଟାଏ ବାଟ ଦେଇ ଓହ୍ଲାଇ ଗଲାପରେ ଅନ୍ୟବାଟ ଦେଇ, ବିନା ଟିକଟରେ ଗୋଟାଏ ବୁଢ଼ା ଭିକାରୀ ଓ ତା'ର ସ୍ତ୍ରୀ ଡ଼ବା ଭିତରକୁ ଉଠି ଆସିଲେ ।

ବେଞ୍ଚ୍ ଉପରେ ଖାଲି ଯାଗା ଥିଲେ ବି, ନିଜପାଖରେ ଟିକଟ୍ ନଥିବା ଯୋଗୁଁ ଅପରାଧୀ ଭଳି ଭିକାରୀ ଦମ୍ପତି ତଳେ ବସିବା ପାଇଁ ଯାଗା ଖୋଜୁଥିଲେ । ଶେଷରେ ଦିହେଁ ଡବା ଭିତରେ ଆଣ୍ଠୁମୋଡ଼ି ବସି ପଡ଼ିଲେ । ଭିକାରୀଟି ହାତର ବାଡ଼ିଟି ନିକଟସ୍ଥ କୋଣରେ ରଖିଦେଇ, ଝୁଲାରୁ ଚିନାବାଦାମ କାଢ଼ି ଅଧା ନିଜ ପତ୍ନୀକୁ ଦେଲା । ଦିହେଁ ଚିନାବାଦାମ୍‌ର ଚୋପା ଛଡ଼େଇ ଖାଇବାକୁ ଲାଗିଲେ ।

ସେଇ ଛୋଟ ଷ୍ଟେସନ ଛାଡ଼ି ଗାଡ଼ିଟି ଖୁବ୍ ଲମ୍ବ ହୁଇସିଲ୍ ମାରି, ଖୁବ୍ ଯୋର୍‌ରେ ଧାଇଁବାକୁ ଲାଗିଲା ।

କୌଣସି ଏକ ବଡ଼ ଜଙ୍କସନ୍‌ରେ ଗାଡ଼ିଟି ଦୀର୍ଘସମୟ ଧରି ଛିଡ଼ା ହେଲା ।

ବିଧବା ସ୍ତ୍ରୀଟି ପ୍ରାୟ ବେହୋସ ଭଳି ହୋଇ ଯାଇଥିଲା । ଛୁଆଟି ଉଠି ଝରକାର ରେଲିଂ ଦେଇ ଏପାଖ ସେପାଖ ଦେଖୁଥାଏ । ଗୋଟାଏ ଟିଣରେ ବିସ୍କୁଟ ଧରି ଲୋକଟିଏ ଠିକ୍ ଝରକା ପାଖରେ ଠିଆ ହୋଇଥାଏ । ଛୁଆଟି ଛୋଟ ପାପୁଲିରେ ମା'କୁ ଉଠାଇ କହିଲା, "ମା ମିଠେଇ ମିଠେଇ ।"

ପିଲା ଲାଗି କିଛି କିଣିବା ପାଇଁ ଅନ୍ଧାସୀର ଇଚ୍ଛା ହେଲା। ତାର ନିଜର ଓ ବିଧବାର ଜାତି କଥା ମନେ ପଡ଼ି ଚୁପ୍ ପଡ଼ିଗଲା। ପୁଣି ପିଲାଟାକୁ ଦେଖି ମନେ ମନେ ହସିଲା। ଛୁଆଟି ତା ଆଡ଼କୁ ଦେଖି 'ମି ମିଠେଇ ' କହି କାନ୍ଦିବାକୁ ଲାଗିଲା।

"ଛୁଆଟି କାନ୍ଦୁଛି ତାକୁ କିଛି କିଣି ଦେବି?" ବିଧବାକୁ ଲକ୍ଷ୍ୟ କରି ସଂଭ୍ରମ ଓ ବିନମ୍ର ଭାବେ ପଚାରିଲା। ବିଧବାଟି ଆଖିରେ ଆଖିଏ ଲୁହ ଧରି ଏଥିପାଇଁ କେବଳ ମୌନ ସମ୍ମତି ଦେଲା।

ଅନ୍ଧାସୀ ପ୍ଲାଟଫର୍ମ ତଳକୁ ଯାଇ ଷ୍ଟଲ୍ ପାଖକୁ ଗଲା। ସେଠାରୁ ଗୋଟାଏ 'ବନ୍' ଓ ଏକ କପ୍ ଦୁଧ କିଣିଲା। ତାକୁ ଧରି ଫେରିଲାବେଳେ ହଠାତ୍ ତାର କିଛି ମନେ ପଡ଼ି ପୁଣି ଗୋଟାଏ 'ବନ୍' ଓ ଆଉ ଗୋଟାଏ କପ୍ ଦୁଧ କିଣିଲା। କାଗଜରେ ଗୁଡ଼ା ହୋଇଥିବା 'ବନ୍'କୁ କୋଟ୍ ପକେଟରେ ରଖି ଥରିଲା ହାତରେ ଦୁଧକପ୍ ଧରି ଡ଼ବା ଉପରକୁ ଆସିଲା।

ହୋଇପାରେ, ଲୋକେ ଭାବୁଥିବେ ଯେ ଲୋକଟି ଦୁର୍ବଳିଆ ହୋଇଥିବା ସତ୍ତ୍ୱେ, ଏମାନଙ୍କ ପାଇଁ ଏତେ କଷ୍ଟ କାହିଁକି କରୁଛି? କିନ୍ତୁ ଅନ୍ୟକୁ ସାହାଯ୍ୟ କରିବାରେ ଯେଉଁ ଆନନ୍ଦ, ତାହା ଅନୁଭବୀ ଛଡ଼ା ଆଉ କିଏ ଜାଣି ପାରିବ?

ଡ଼ବା ଉପରକୁ ଆସି ବେଞ୍ଚ ଉପରେ ଦୁଧ କପ୍‌ଟି ରଖିଦେଇ ହସି ହସି ପକେଟ୍‌ର 'ବନ୍'ଟି ବଢ଼େଇଲା ଛୁଆଟି ଆଡ଼େ। ଛୁଆଟି ଖୁସିରେ 'ବନ୍'ଟି ନେଇ ଦୁଇ ହାତରେ ଧରି ଚୋବାଇବାକୁ ଲାଗିଲା।

ବିଧବାଟି ଆଖି ଖୋଲି ଅନ୍ଧାସୀ ଆଡ଼କୁ ଅନେଇଲା। ଦେବ କି ନାହିଁ ଭାବି ତା ଆଡ଼କୁ ଅନ୍ଧାସୀ 'ବନ୍'ଟି ବଢ଼େଇଲା। ସ୍ତ୍ରୀଟି ନାସ୍ତିସୂଚକ ଭାବେ କେବଳ ମୁଣ୍ଡ ହଲେଇଲା।

"ଦୁଧ କିଛି ପିଅନ୍ତୁ। ଆପଣ ଥକି ପଡ଼ିଛନ୍ତି।" ପ୍ଲେଟରେ ଦୁଧଢ଼ାଳି ଆନ୍ଧାସୀ ବଢ଼େଇ ଦେଲା।

ବିଧବାଟି ଦୁଧ ପିଆଲା ନେଇ ଏକା ନିଃଶ୍ୱାସରେ ଢକ ଢକ କରି ପିଇଗଲା — ସତେ ଯେମିତି ଯୁଗ ଯୁଗ ଶୋଷ ତା ତଣ୍ଟିରେ ଅଟକି ଯାଇଛି। ପିଆଲାରେ ଅନ୍ଧାସୀ ଦୁଧ ଢାଳୁ ଥାଏ, ବିଧବାଟି ପିଇ ଯାଉଥାଏ। ଅନ୍ଧାସୀ ବୁଝିଗଲା, ବିଧବା ଦେହରେ ଅନ୍ତହୀନ ଶୋଷ ଯୁଗ ଯୁଗର କ୍ଷୁଧା ଦେହରେ ସୀମାହୀନ ଦୁର୍ବଳତା ଭରି ରହିଛି। ଛୁଆ ପାଇଁ ଆଣିଥିବା ଦୁଧତକ ବି ଅନ୍ଧାସୀ ତାକୁ ଦେଇଦେଲା। ସେଥିରୁ ଅଧା ପିଇ ସାରିବା ପରେ 'ଥାଉ' କହି ବିଧବାଟି ପୁଣି ଆଖି ବନ୍ଦ କରି ଶୋଇଗଲା।

ଛୁଆଟି ନିଜ ମା'କୁ ବ୍ୟସ୍ତ କରିବନି ବୋଲି ଅନ୍ଧାସୀ ତାକୁ ନିଜ ପାଖରେ ଆଣି ବସେଇଲା। ଆଉ 'ବନ୍'ରୁ କିଛି ଦୁଧରେ ମିଶେଇ ତାକୁ ଖୁଆଇବାକୁ ଲାଗିଲା। ଛୁଆଟା ବି ଅଧିକାର ଥିଲା ଭଳି ତା କୋଳ ଉପରେ ବସିଗଲା। ପିଲାଟାକୁ ନେଇ ପୁଣି ଷ୍ଟଲ୍ ପାଖକୁ ଗଲା ଅନ୍ଧାସୀ। ଦୁଧ ପିଆଲାଗୁଡ଼ିକ ଫେରାଇ ପିଲାକୁ

ଆଉ ଗୋଟେ କପ୍ ଦୁଧ ଦେଲା । ନିଜେ ବି କପେ ଦୁଧ ପିଇଲା । ସ୍ନେହ ପାଇ ଛୁଆଟା ତା ସଙ୍ଗରେ ଖୁବ୍ ପରିଚିତ ଭଳି ଖେଳିବାକୁ ଲାଗିଲା । ଅମ୍ମାସୀ ତାପାଇଁ ଛୋଟ କଣ୍ଢେଇଟିଏ କିଣି ଦେଲା । ବତକ କଣ୍ଢେଇଟିଏ । ପେଟ ଚିପି ଦେଲେ 'କ୍ରୀଚ୍' 'କ୍ରୀଚ୍' ଶବ୍ଦ ହୁଏ । ଶବ୍ଦ ଶୁଣି ଛୁଆଟା ଖିଲି ଖିଲି ହସି ଉଠେ ସମଗ୍ର ଦୁନିଆ ଭୁଲି ଅମ୍ମାସୀ ତା ସଙ୍ଗରେ ଖେଳିବାକୁ ଲାଗିଲା ।

ଗାଡ଼ିର ହୁଇସିଲ ଶୁଭିଲା । ଚଞ୍ଚଳ ପଦକ୍ଷେପରେ ଅମ୍ମାସୀ ଛୁଆଟି ସହିତ ଗାଡ଼ି ଉପରକୁ ଉଠିଗଲା । ସତେ ଯେମିତି ତା ଦେହରେ ବିଗତ ଯୌବନ ଫେରି ଆସିଛି ।

ବହୁ ଡେ଼ରିଯାଏ ସେଇ ଜଙ୍କସନ୍‌ରେ ଅଟକି ରହିଥିବା ଗାଡ଼ି ପୁଣି ଧୀରେ ଧୀରେ ଚାଲିବା ଆରମ୍ଭ କଲା ।

ପେଟ ଭରିଯିବା ପରେ ଛୁଆର ଦେହରେ ସ୍ଫୁର୍ତ୍ତି ଫୁଟି ଉଠିଲା । ତା ସହିତ ପୁଣି କଣ୍ଢେଇ ପାଇବାର ଆନନ୍ଦ । ନିହାତି ଅପରିଚିତ ସେଇ ଲୋକଟାର କୋଳରେ ନିଜ ମୁହଁ ଲୁଚାଉଥିବା ବା ତାର ଚିବୁକ ଟାଣି ଖିଲ୍ ଖିଲ୍ ହୋଇ ହସି ଉଠୁଥିବା ଛୁଆଟିଆଡ଼େ ଦେଖି ବିଧବାଟି ଅଳ୍ପ ଅଳ୍ପ ହସୁଥାଏ ।

ଅମ୍ମାସୀ ତାକୁ ପଚାରିଲା, "ମାଡ୍ରାସର କେଉଁ ଯାଗେ ଯିବେ ?"

କିଛି କହିବା ପୂର୍ବରୁ ବିଧବାଟି ଦୀର୍ଘଶ୍ୱାସ ନେଇ, କପାଳରେ ଫୁଟି ଆସୁଥିବା ଝାଳର ଛୋଟ ଛୋଟ ବୁନ୍ଦାଗୁଡ଼ିକୁ ପତଳା ସରୁ ଆଙ୍ଗୁଠିରେ ପୋଛି କହିଲା, "ମାଡ୍ରାସ୍‌ରେ ପରିଚିତ ଲୋକ ଅଛନ୍ତି ମୋର ଜଣେ ସାଙ୍ଗ ଗାଁକୁ ଆସିଲା ବେଳେ କହିଥିଲା, ନୁଙ୍ଗବାକମ୍‌ଠି କୁଆଡେ ରୁହେ ଠିକଣାଟି ଠିକ୍ ଜାଣିନି । ଭାବୁଥିଲି ଏତେ ବଡ଼ ସହରରେ କୁଆଡ଼େ ଖୋଜିବି ?"

କହୁ କହୁ ତାର ଗଳା ରୁଦ୍ଧ ହୋଇ ଆଖିରେ ଲୁହ ମାଡ଼ି ଆସିଲା ।

ଅମ୍ମାସୀ ସାହସ ଦେଇ କହିଲା, "ଏମିତି ଦମ୍ଭ ହରାନ୍ତୁନି । ଆପଣ ଯେଉଁଠିକି ଯିବା କଥା, ମୁଁ ପହଞ୍ଚାଇ ଦେବି ।"

ଏଭଳି ଓଠରୁ ହଠାତ୍ ବାହାରି ପଡ଼ିଲା, "ବାବୁ ଆପଣ କିଏ ମୁଁ ଜାଣିନି । ଭଗବାନ ହିଁ ଆପଣଙ୍କୁ ଏଠିକି ପଠେଇଛନ୍ତି ଏଇଲେ ଆପଣ ମୋର ସାହା ଭରସା, ବନ୍ଧୁ, ଭାଇ ସବୁ କିଛି ।"

ବିଧବା ପାଟିରୁ ଏତକ ଶୁଣି ଅମ୍ମାସୀ ରୋମାଞ୍ଚିତ ହୋଇଉଠିଲା । ଛୁଆଟି ଯେମିତି ତା ମା'କୁ ଭୁଲି ଗଲାଣି । କଣ୍ଢେଇ ବତକଟିକୁ ଅମ୍ମାସୀର କାନ ପାଖକୁ ନେଇ ପେଟ ଦବେଇ ଦେଲା । ଅମ୍ମାସୀ ତା କାନ ଉପରେ ହାତ ରଖି ଏପରି ବ୍ୟବହାର କଲା, ଯେମିତି ବତକର ଶବ୍ଦରେ ତାର କାନ ଫାଟିଯିବ । ଛୁଆଟି ଖୁବ୍ ଯୋର୍‌ରେ ହସି ଉଠିଲା । ଛୁଆ ସହିତ ଖେଳରେ ମାତିଥିବା ଲୋକଟି ଆଡ଼େ ବିଧବାଟି ଚାହିଁ ରହିଥାଏ ।

ଅମ୍ମାସୀ ଭାବିଲା ବୋଧହୁଏ ବିଧବା ଜଣକ ତାକୁ କିଛି କହି ସାନ୍ତ୍ୱନା ପାଇବା ଲାଗି ବା ତାଠୁଁ କିଛି ସାହାଯ୍ୟ ଲାଗି ମନେ ମନେ ବ୍ୟସ୍ତ ହୋଇ ଉଠୁଛି ।

ତାର ଆଖିରେ ମଧ୍ୟ ଦୟାର୍ଦ୍ର ଦୃଷ୍ଟି। ସାନ୍ତ୍ୱନା ବା ସାହାଯ୍ୟ ଦେବାଲାଗି ସତେ ଯେମିତି ପ୍ରସ୍ତୁତ ଅଛି।

ଛୁଆଟି ତା ସହ ଖେଳରେ ମାତିଯାଇଥାଏ। ଜୀବନରେ ଏତେ ସ୍ନେହ ମମତା କାହାଠୁ ପାଇନି। ଅନ୍ନାସୀର କାମିଜ ଧରି ଛୁଆଟି ତାକୁ ନିଜ ଆଡ଼କୁ ଟାଣୁଥାଏ।

ହଠାତ୍ ବିଧବାଟି କହି ଉଠିଲା, "ବାବୁ! ଦୁନିଆରେ ମୋର କେହି ନାହିଁ ।" ପୁଣି ଖୁବ୍ ଯୋର୍‌ରେ କାନ୍ଦି ଉଠିଲା। କିଛି ସମୟ ପରେ ଲୁହପୋଛି ରୁଦ୍ଧ କଣ୍ଠରେ କହିଲା

"ଛୁଆଟି ଜନ୍ମହେବାର ବର୍ଷକ ପରେ ନିଜ ବାପକୁ ଖାଇଗଲା ।"

ପିଲାଟିକୁ ଛାତିରେ ଆଉଜାଇ ନେଇ ଅନ୍ନାସୀ କହିଲା, "ପିଲାଟି ଉପରେ କାହିଁକି ରାଗୁଛନ୍ତି ।" ମୁଣ୍ଡ ତଳକୁ କରି ବିଧବା କହିଲା, "ବିଚରା ପିଲାଟି ଆଉ କ'ଣ କରିବ? ବାପର ବି ତ ଦିନକାଳ ସରିଥିଲା ବାହାବେଳକୁ ତ ତାଙ୍କର ବୟସ ପଚାଶ ଟପି ସାରିଥିଲା। ମୋର ବାପା ଥିଲେ ଖୁବ୍ ଗରିବ। ଯୌତୁକ ଦେବାର ଅବସ୍ଥାରେ ନଥିଲେ। ସେଥିପାଇଁ ତୃତୀୟ ପତ୍ନୀଭାବେ ତାଙ୍କର ହାତ ଧରେଇ ଦେଲେ। ତା ପରବର୍ଷ ବାପା ମରିଗଲେ ଝିଅ'ର ବାପା ମୋତେ ରାଣୀ ଭଳି ରଖିଥିଲେ ହେଲେ ଭାଗ୍ୟ ମୋ ସୁଖ ଦେଖି ପାରିଲା ନାହିଁ। ମୁହଁପୋଡ଼ା ମୋର ଭାଗ୍ୟ " ରାଗରେ ବିଧବାଟିର ମୁହଁ ଚିପିହୋଇ ପଡୁଥାଏ।

"ଝିଅ'ର ବାପା ହୋଟେଲରେ କାମ କରୁଥିଲେ। ଯକ୍ଷ୍ମାରୋଗ ତାଙ୍କର ହେଲା। କେହି ଆଉ ଚାକିରି ଦେଲେ ନାହିଁ। ମୋର ଚାରୋଟି ପିଲା ହେଲେ। କିନ୍ତୁ ଗୋଟେ ପରେ ଗୋଟେ ସଭିଏଁ ଅକାଳରେ ମରିଗଲେ।"

ଶେଷରେ ଏହାର ଜନମ। ଏ ଜନମ ହୋଇ ନଥିଲେ ପୋଖରୀ ବା ନଈରେ ବୁଡ଼ି ହେଲେ ମରିଥାଆନ୍ତି ବେମାରୀ ଖୁବ୍ କଷ୍ଟ ଦେଉଛି ଆଉ ବଞ୍ଚିବି ନାହିଁ। ଧୀରେ ଧୀରେ ଜୀବନ ଯିବା ଅପେକ୍ଷା ଚଟାପଟ୍ ମରିବା ଭଲ। ହେଲେ ମୁଁ ମଲାପରେ ଏଇ ପିଲାଟି ସେ କେବଳ ମୋତେ ଦୁଃଖ ଆଉ ଯାତନା ଦେଇଗଲେ ।" ଦୁଃଖ ଆଉ କ୍ରୋଧରେ ତାର ମୁହଁ ଫୁଲି ଫୁଲି ଉଠୁଥିଲା। କହିଲା ବେଳକୁ ଧକେଇ ହେଉଥାଏ।

ଆଉ କିଛି କହି ନପାରି ଚୁପ୍ ପଡ଼ିଗଲା।

ଧଡ଼୍ ଧଡ଼୍ ଶବ୍ଦରେ ପାସେଞ୍ଜରଟି ଆଗେଇଛି। ଡବା ଭିତରେ ନିସ୍ତବ୍ଧ ନିର୍ଜନତା। ବିଧବାଟି ପୁଣି ଆଖି ଧିରେ ବନ୍ଦ କରିଦେଲା। ଗାଡ଼ି ରହିଲା ବେଳକୁ ସେ ମୁଣ୍ଡ ଏପାଖ ସେପାଖ କରି ଢଳିଲା ବେଳକୁ ଅନ୍ନାସୀର ସନ୍ଦେହ ହେଉଥାଏ, କାଳେ ତାର ଶେଷ ସମୟ ହୋଇ ଆସୁଛି ବୋଲି।

ନା। ମରୁନି। ଶାରିରୀକ ଓ ମାନସିକ ବେଦନାରେ ଖୁବ୍ କଷ୍ଟରେ ଓଠ ଚିପି ଆଖି ଖୋଲି ମୁହଁରେ ଫିକା ହସ ଆଣି କହିଲା

"ସ୍ତ୍ରୀ ଜନମ ମାତ୍ରେ ହିଁ ଖରାପ। ସ୍ତ୍ରୀ ଜନମ ହେଲେ ବି ଗରିବ ଘରେ ହେବା ଉଚିତ ନୁହେଁ।" ପୁଣି ନିଜର ବକ୍ତବ୍ୟ ସହ ଅସହମତି ପ୍ରକାଶ କରି ମୁଣ୍ଡ ହଲେଇ କହିଲା, "ନା ଗରିବ ହୋଇ ଜନମ ହେଲେ କ'ଣ ହେଲା? ଆପଣଙ୍କ ଜାତି ଧର୍ମ ବିଷୟରେ ମୁଁ କିଛି ଜାଣିନି। କିନ୍ତୁ ଆପଣମାନଙ୍କ ଭିତରେ ଗରିବ ଲୋକ ବି କ'ଣ ନିଜ ଅବସ୍ଥା ଅନୁଯାୟୀ ଖୁସିରେ ରହନ୍ତିନି? ଆଉ ଆମ ଜାତିରେ ଜନମ ହେବା ହଜାର ଗୁଣରେ ଭଲ ।"

ତା କଥାଶୁଣି, ଗଲା ରାତିରେ ପୋଲ ଉପରେ ବଳଦ ଗାଡ଼ି ଭିତରେ ସେଇ ଅଚିହ୍ନା ଯୁବତୀର ଖିଲିଖିଲି ହସ ଆଉ ଚାପା ଶବ୍ଦର ଅଦ୍ଭୁତ ବାକ୍ୟାବଳୀ ଅବ୍ବାସୀର ମନେ ପଡ଼ିଗଲା।

"କେଉଁ ଜନମର ପାପ ଭୋଗୁଛି କେଜାଣି? ନିଜେ ସ୍ତ୍ରୀ ହୋଇ, ଝିଅଟିଏ ପୁଣି ଜନମ କଲି। ଯା' ଭାଗ୍ୟରେ ମଧ୍ୟ କଣ ଅଛି କେଜାଣି ," ଆଖିରେ ତାର ଲୁହ ଭରି ଆସିଲା। ଦୀର୍ଘଶ୍ବାସଟିଏ ମାରି ଚୁପ୍ ହୋଇଗଲା। କୋଳରେ ଧରିଥିବା ଝିଅଟିର ମୁଣ୍ଡବାଳ ଉପରେ ହାତମାରି ଅବ୍ବାସୀ କହିଲା "ହୁଁ ଆପଣଙ୍କ ସମୟ ଯେମିତି ଥିଲା, ଏ ଝିଅଟିର ସମୟ କଣ ସେମିତି ଥିବ?"

"ମଣିଷର ଅନ୍ୟାୟ ଲାଗି ସମୟକୁ ଦୋଷ ଦେଇ ହେବନି ବାବୁ। ମୁଁ ଗୋଟେ ଗାଁର ଝିଅ। ସହରକୁ ଆସି ଜାଣୁଛି, ଜାତି, ଧର୍ମ, ଜାମ, ଆଚାର-ଯେ ସବୁ ପାଖଣ୍ଡିମାନଙ୍କ ଗଢ଼ା ଜାମ। ଏ ସବୁ ଛାଡ଼ିବା ପାଇଁ କେହି ସାହସ କରୁଛନ୍ତି? ଆପଣ କୁହନ୍ତୁ ମୁଁ କିଏ? ମୁଁ କଣ', ସବୁ ନ ଜାଣି ଆପଣ ଖାଲି ଜାଣିଲେ ଯେ ନିରାଶ୍ରୟ ସ୍ତ୍ରୀଲୋକଟିଏ ବେହୋସ ହୋଇ ପଡ଼ିଛି। ତା ପାଇଁ ଦୁଧ ଆଣିଲେ। ମୁଁ ବି ପିଇଦେଲି। ପାଖ ପଡ଼ିଶା ଲୋକ ଥିଲେ, ମୁଁ ଏକଥା କରିଥାଆନ୍ତି? ଖାଲି ପାଟିକରିଥାନ୍ତି ହଟ୍, ହଟ୍ ଦୂରେଇ ଯା । କାରଣ କ'ଣ? ମୁଁ ନିଜେ ବି ଜାଣିନି। ମୁଁ ସେଇ ଲୋକମାନଙ୍କ ଭିତରେ ଥିଲେ ଚାରିଜଣ ଭିତରୁ ତିନିଜଣ ସେଇ କଥା କହିଥାଆନ୍ତେ। ନହେଲେ, ଜାତି, ଧର୍ମ ଇତ୍ୟାଦି ଲୋକେ ଖୋଲା ମନରେ ଗ୍ରହଣ କରିଥିଲେ ଏସବୁ କେବେଠୁଁ ବଦଳି ଯାଆନ୍ତାଣି। ଖାଲି ଦେଖେଇ ହେବା ବାହାନାରେ ଲୋକେ ଏସବୁ ଗ୍ରହଣ କରିଛନ୍ତି ସେଥିପାଇଁ ଏସବୁ ବଞ୍ଚିରହି ମୋ ଭଳି ଗରିବ, ନିରାଶ୍ରୟା ସ୍ତ୍ରୀ ଲୋକଙ୍କ ଗଳାରୁନ୍ଧ କରୁଛି।"

କିଛି ସମୟ ଆଗରୁ ପିଇଥିବା ଦୁଧ ଓ ସଂଧ୍ୟାର ଥଣ୍ଡା ପବନ ଲାଗି କିଛି ସମୟ କହିବା ପାଇଁ ତାର ଶକ୍ତି ଆସିଗଲା। କଥା ସରିଗଲା ପରେ ପୁଣି ଧଇଁଇ ହେଲା। ଭାବିଲା, ଯେଉଁ କଥା ପଦକ ସେ କହିବା ଦରକାର, ବର୍ତ୍ତମାନ ସୁଦ୍ଧା କହି ପାରିନି।

ପୁଣି ସିଧା ହୋଇ ବସିଲା।

"ଆପଣ ଭାବୁଥିବେ, ଏତେ କଥା ମୁଁ କହୁଛି କିନ୍ତୁ ଏ ଜାତିପାତିର ସୀମା ବାହାରେ କଣ କରିଛି ବୋଲି? ହଁ, ଆଜି ପର୍ଯ୍ୟନ୍ତ ସେମିତି କିଛି କରିନି। ସେମିତି

ପରିବେଶରେ ମୁଁ ବଢ଼ିନି। ହେଲେ ନିଶ୍ଚୟ କିଛି କରିବି ମୋତେ ଯେଉ ଶାସ୍ତି ମିଳିଛି, ମୋ ଝିଅକୁ ସେଇଟା ନ ମିଳୁ ସେଥିପାଇଁ ନିଶ୍ଚୟ କିଛି କରିବି।" ଦାନ୍ତ ଚିପି ଚିପି ଦୃଢ଼ତାର ସହ କହୁଥାଏ। ସତେ ଯେମିତି କାହା ଉପରେ ସେ ପ୍ରତିଶୋଧ ନେବ। ⁄

ଏ ମଧ୍ୟରେ ଛୋଟ ଛୋଟ ଷ୍ଟେସନ୍‌ରେ ରହି ରହି ଗାଡ଼ି ପୁଣି ଆଗକୁ ଚାଲୁଥାଏ।

ବିଧବାଟି ହଠାତ୍ ଛାତି ଜାକି ବାନ୍ତି କରିଦେଲା। ଦୁଇଘଣ୍ଟା ଆଗରୁ ପିଇଥିବା ଦୁଧତକ ହଜମ ନହୋଇ ସେମିତି ବାହାରି ପଡ଼ିଲା। ଅମ୍ବାସୀ ଝିଅଟିକୁ ବେଞ୍ଚ ଉପରେ ବସେଇ ଦେଇ ବିଧବାର ମୁଣ୍ଡ ଉପରେ ହାତ ରଖି ଚିପିବାକୁ ଲାଗିଲା। ଡ଼ବାର କୋଣରେ ବସିଥିବା ବୁଢ଼ୀ ଭିକାରୁଣୀଟି ଧାଇଁ ଆସିଲା। ତା ହାତରେ ଟିଣଡ଼ବାଟିଏ ଦେଖି ଅମ୍ବାସୀ ତାକୁ କହିଲା ପାଣି ଆଣିବା ଲାଗି। ବୁଢ଼ୀ ବାଥ୍‌ରୁମରୁ ପାଣି ଆଣି ବିଧବାର ମୁହଁ ଧୋଇ ଦେଇ ଢ଼ୋକେ ପାଣି ପିଆଇ ଦେବାର ଚେଷ୍ଟା କଲା। ଓଠର ଗୋଟିଏ କୋଣରୁ ପାଣି ନିଗିଡ଼ି ଗଲା। ପାଣି ସହ ରକ୍ତର ଗୋଟାଏ ଧାର ମୁହଁ ଆଉ ନାକବାଟୁ ବାହାରି ପଡ଼ିଲା।

ବୁଢ଼ୀ ଚିତ୍କାର କଲା, "ହେ ଭଗବାନ। ରକତ ବାହାରୁଛି।" ଅମ୍ବାସୀ ନିଜ ପିନ୍ଧା କୋଟ୍‌ର ଗୋଟିଏ କୋଣରେ ରକ୍ତ ପୋଛି ବିଧବାକୁ ବେଞ୍ଚ ଉପରେ ଶୁଆଇ ଦେଲା। ହାତ ଗୋଡ଼ ଥଣ୍ଡା ପଡ଼ି ଆସୁଛି। କେବଳ ପିଠି ପାଖ ଯାହା ଗରମ ଲାଗୁଛି। ପିଲାଟାକୁ ତା ପାଖରେ ବସେଇ ଦେଲା। ପିଲାଟି ମା ଛାତିରେ ମୁଣ୍ଡରଖି ଅମ୍ବାସୀ ଆଡ଼କୁ ଦେଖି ଖାଲି ହସିବାକୁ ଲାଗିଥାଏ।

ବିଧବାଟି ଅମ୍ବାସୀ ଆଡ଼କୁ ହାତ ବଢେଇଲା। ତାର ହାତଧରି ଖୁବ୍ ଧୀରେ ଧୀରେ କହିଲା, "ଆପଣ ଯିଏ ବି ହୁଅନ୍ତୁ ମୋ ପାଇଁ ଆପଣ ଭଗବାନ। ଆଗ ଷ୍ଟେସନରେ ମୋତେ ଓହ୍ଲେଇ ଦେଇ ଆପଣଙ୍କ ଯାହାଇଚ୍ଛା କରିବେ। ପାରିବେ ?"

ଆଜି ପର୍ଯ୍ୟନ୍ତ ଅମ୍ବାସୀ ଜୀବନରେ ବହୁ ମୃତ୍ୟୁ ଦେଖିଥିଲା। ବିଧବାଟିର କଥା ଶୁଣି ଲୁହକୁ ଅଟକେଇବା ଆଉ ସମ୍ଭବ ହେଲା ନାହିଁ। ମୁହଁ ଢ଼ାଙ୍କି କାନ୍ଦି ଉଠିଲା।

"ନ ପଚାରି ଆପଣ ସାହାଯ୍ୟ କରିଥିଲେ ଖୁବ୍ ଡ଼େରିରେ ପଦେ କଥା କହିବାକୁ ଚାହୁଁଥିଲି ଏଇଲେ କହୁଛି ଏଇ ମୋର ପିଲାଟିକୁ ", ଆଖିରୁ ବାହାରି ଆସୁଥିବା ଲୁହ କାନ ଦେଇ ଗଡ଼ି ପଡୁଛି। କହିଲା, " ଏଇ ପିଲାଟିକୁ ନିଜ ଝିଅ ଭାବି ନିଜର କରିନେବେ ମୋର ବିଶ୍ୱାସ ଆପଣଙ୍କ ପାଖରେ ସେ ଖୁବ୍ ଖୁସିରେ ରହିବ।"

ଖୁବ୍ ଆଶା ନେଇ ତାର ହାତ ଚିପି ଧରି ବିଧବାଟି ତା ଆଡ଼କୁ ଅନେଇ ରହିଲା। ଅମ୍ବାସୀ ହାତ ଯୋଡ଼ିଲା। ପାପୁଲିରୁ ବର୍ତ୍ତମାନ ସୁଦ୍ଧା ବିଧବାଟି ତାର ହାତ ମୁକ୍ତ କରିନି।

ମରିବାର ଅଭିନୟ କରୁଥିବା କୌଣସି ଏକ ଅଭିନେତ୍ରୀ ଭଳି ତାର ଓଠରୁ ହସ ଲିଭିବା ପୂର୍ବରୁ ବିଧବାଟି ଆଖି ବୁଜି ଦେଲା। ଧୀରେ ଧୀରେ ମୁହଁ ମେଲା

ହୋଇ ଯାଇ ମୁହଁ ଚାରିପଟେ ମାଛି ଭଣ ଭଣ ହେଲେ। ଅମ୍ମାସୀ ଭାବିଲା ତାର ଜୀବନ ଯାତ୍ରା ଶେଷ ହୋଇ ଯାଇଛି। ମୁହଁ ତଳକୁ କରି ଠିଆ ହେଲା।

କୌଣସି ଏକ ଛୋଟ ଷ୍ଟେସନରେ ଗାଡ଼ି ଛିଡ଼ା ହେବା ମାତ୍ରେହିଁ ବୁଢ଼ୀ ଭିକାରୁଣୀଟି ଛାତି ବାଡ଼େଇ ବାହୁନି ହୋଇ କାନ୍ଦି ଉଠିଲା। ,କାନ୍ଦ ଶୁଣି ଲୋକେ ଜମା ହୋଇଗଲେ। ଭିଡ଼ କାଟି ଜଣେ ରେଲୱେ କର୍ମଚାରୀ ଡ଼ବା ଭିତରକୁ ଆସିଲେ।

ତାର ତିନି ଦିନ ପରେ ସେଇ ଛୋଟ ଷ୍ଟେସନକୁ ଦକ୍ଷିଣ ପଟୁ ଆସୁଥିବା ଗାଡ଼ିର ଅପେକ୍ଷାରେ ଅମ୍ମାସୀ ସେଇ ଛୋଟ ଝିଅଟି ସହ ଠିଆ ହୋଇଥିଲା।

ନିଜ ମା ପାଇଁ ଯେଉଁ କ୍ରିୟାକର୍ମ କରିବା କଥା, ଗଲାକାଲି ଆଉ ଏକ ମା'ର ଅନ୍ତେଷ୍ଟିକ୍ରିୟାରେ ଶେଷ କରି ଦେଇଛି। ଜୀବନରେ ଏକ ଅପୂର୍ବ ବସ୍ତୁ ପାଇବା ଭଳି ସେଇ ଝିଅଟିକୁ ଛାତି ଉପରେ ଜାକି ରାତିସାରା ସେଇ ଷ୍ଟେସନରେ ଅମ୍ମାସୀ ଶୋଇଥିଲା।

ଆଜି ଠିକ୍ ସମୟରେ ପାସେଞ୍ଜରଟି ପହଞ୍ଚି ଯାଇଥିଲା। ମୁଣ୍ଡରୁ ଗୋଡ଼ଯାଏ ଅମ୍ମାସୀର ଦେହ ଥରୁଥାଏ। ପିଲାଟି ସହ ନିଜର କୋଟ୍ ଉଠେଇ ପାରୁନି। ସେଇ ଝରକା ବାଟୁ ପିଲାଟିକୁ ଆଉ ଏକ ସ୍ତ୍ରୀ ଲୋକ ପାଖକୁ ବଢ଼େଇ ଦେଇ, ନିଜର କାନ୍‌ଭାସ୍ ଝୁଲା ଉଠେଇ ନିଜେ ଡ଼ବା ଉପରକୁ ଚଢ଼ିଗଲା।

ଡ଼ବା ଭିତରେ ସମସ୍ତଙ୍କ ଆଖି ତା ଉପରେ। ଲୋକେ ବୋଧହୁଏ ଭାବୁଥିଲେ, ଏମିତି ବୁଢ଼ା ପାଖରେ ଏତେ ସୁନ୍ଦର କଅଁଳିଆ ପିଲାଟେ କେମିତି ଅଛି।

ଝରକା ପଟୁ ଟେକି ଧରିଥିବା ସ୍ତ୍ରୀଲୋକଟି ପଚାରିଲା, ''ଏ ଝିଅଟି ତମର ଝିଅ ନା ନାତୁଣୀ?''

ନିଃସନ୍ତାନ ଅମ୍ମାସୀ କିଛି ନଭାବି ତୁରନ୍ତ ଉତ୍ତର ଦେଲା,'ନାତୁଣୀ'।

ଝିଅଟିର ଗାଲ ସାଉଁଳି ସ୍ତ୍ରୀଟି ପୁଣି ପଚାରିଲା "ନାଁ କଣ ଦେଇଛ?" ଗାଡ଼ି ଖୁବ୍ ଯୋର୍‌ରେ ସିଟି ମାରୁଥାଏ। ଅମ୍ମାସୀ ଓଠ ଉପରେ ଦାନ୍ତ ଚିପିଲା। ଦୁଃଖ ଲାଗୁଥାଏ। ତାର ନାଁ ସେ ପଚାରିନି। ଗାଡ଼ିର ସିଟି ବନ୍ଦ ହେବା ପରେ ସେଇ ସମୟ ଭିତରେ ଭାବିଥିବା ନାଁ ଟି ଅମ୍ମାସୀ କହିଲା,"ପାପାତୀ"*

''ପାପାତୀ!''

"ଖୁବ୍ ଭଲ ନାଁଟିଏ'', ସ୍ତ୍ରୀଟି କହିଲା।

ଭଲ ହେଉ ବା ଖରାପ ଆଜିଠୁ ତାର ନାଁ ତ ସେଇୟା

* (ପାପାତୀ=ମୁନି/ବ୍ରାହ୍ମଣ ଝିଅ)

ବହିଷ୍କୃତ

ସେଇ ନିମ ଗଛ ତଳେ ଗାଈର ପଘା ଧୋଇବା ଲାଗି ଗାଈର ପଛ ଦୁଇଗୋଡ଼ ବାନ୍ଧି ପାଣି ଗଡୁଟି ଉଠେଇଲା ବେଳେ ଝୁରୁକୋନାର ହିଁ ପ୍ରଥମେ ଲୋକଟିକୁ ଦେଖି ପକେଇଲା। ଦେଖିଲା ମାତ୍ରେ ହିଁ ଚିହ୍ନିଗଲା। ଛାତି ଧକ୍ ଧକ୍ ଲାଗିଲା। ଚିହ୍ନି ପକେଇବା ଯୋଗୁଁ ସେ ଡ଼ରିଗଲା, ନା ମନ ଭିତରର ଭୟ ଯୋଗୁଁ ତାକୁ ହଠାତ୍ ଚିହ୍ନି ପକେଇଲା, ଝୁରୁକୋନାର ଭାବି ପାରିଲା ନାହିଁ।

ଶୀତ ଦିନ। ମାର୍ଗଶୀର ମାସର ଗୋଟିଏ ସକାଳ। କୁହୁଡ଼ିର ପରଦା ଘୁଞ୍ଚି ନାହିଁ। ତଥାପି ଦେହରେ ଏତେ କମ୍ପନ। ଗୋଡ଼ ଆଙ୍ଗୁଠି ଉପରେ ଭରାଦେଇ ଝୁରୁ ବସିଥିଲା। ବାଁ ଗୋଡ଼ ଖୁବ୍ ଯୋର୍‌ରେ ଥରି ଉଠିଲା। ଉଠି ଠିଆ ହୋଇ ପଡ଼ିଲା। ଦେହ ଖୁବ୍ ଯୋର୍‌ରେ ଥରୁଛି, ହେଲେ ମଫଲର ଗୁଡ଼ା ହୋଇଥିବା ମୁଣ୍ଡରେ କେତେ ଝାଳ ?

ଠେକା ମାରିଥିବା ମଫଲର ଖୋଲି ଭଲ ଭାବରେ ମୁଣ୍ଡ ବାଳ କୁଣ୍ଡେଇଲା।

କଲୋନୀ କମ୍ପାଉଣ୍ଡର ଲୁହାଗେଟ୍ ଖୋଲି ଲୋକଟି ନିଜର ଭୀମକାୟ ଶରୀର ନେଇ ଭିତରକୁ ଆସୁଛି। କୋନାର୍ ଦେଖିଲା, ଲୋକଟାର ଦୃଷ୍ଟି ଯେମିତି ତା ଉପରେ ହିଁ କେନ୍ଦ୍ରିତ ହୋଇ ରହିଛି।

ଜୋତାର 'ଶ୍ଲୁତି' କଟୁ ମଚ୍ ମଚ୍ ଶୁଭୁଛି। ଲୋକଟି ଟେକ୍‌ଥିବା କଳା ଲୁଙ୍ଗି ପିନ୍ଧିଛି। ଦେହରେ ଗଞ୍ଜି, ଅଣ୍ଟାରେ ଚାରି ଅଙ୍ଗୁଳି ଚଉଡ଼ାର ବେଲ୍ଟ, ବେଲ୍ଟ ତଳେ ଚାବି ପେଛାଏ, ଚାବି ପେଛା ଭିତରେ ଗୋଟାଏ ପକେଟ୍ ଚକୁ ସବୁ କିଛି ମସ୍‌ଲିନ୍ କୁର୍ତ୍ତା ଭିତରୁ ଦିଶୁଥାଏ। ଚକୁଟି ଅପେକ୍ଷାକୃତ ଭାବରେ ବଡ଼। ଛୁରାର ମୁଠିରୁ ଜଣାଯାଏ, ସେଇଟା ଚାବି ପେଛା ନରହି, ଛୁରା ମୁଠିରେ ଚାବି ପେଛାଟି ରହିଛି।

ଲୋକଟି ଖୁବ୍ ସରଳ ଦୃଷ୍ଟିରେ ଦେଖିଲା ଝୁରୁକୋନାର ଆଡ଼କୁ। ଅନ୍ୟମାନଙ୍କୁ ଦେଖୁଥିବା ସ୍ୱାଭାବିକ ଦୃଷ୍ଟିରେ, କୋନାର୍‌କୁ ଦେଖିଲା। କିନ୍ତୁ କୋନାର୍‌ର ଅବସ୍ଥା ଶେଷ ହେବା ଉପରେ। ପଳେଇ ପାରୁନି, ରହିପାରୁନି, ଦୁଧ ଦୁହିଁପାରୁନି କି ଗାଈର ବନ୍ଧା ଗୋଡ଼ର ଦଉଡ଼ି ଖୋଲି ପାରୁନି। ସତେ ଯେମିତି ବରଫ ପାଲଟି ଯାଇଛି। ତା ପାଖ -ଦେଇ ଆଗକୁ ଚାଲିଯାଇଥିବା ଲୋକଟିର ପିଠି ଆଡ଼କୁ ଦେଖିଲା। ନିମ ଗଛରେ ବନ୍ଧା ହୋଇଥିବା ବାଛୁରୀଟି କୋନାର୍‌ର ଅବସ୍ଥା ଦେଖି ବୋଧହୁଏ ଖୁସି ହେଉଥାଏ। ଦଉଡ଼ି ଛିଣେଇ ଗୋଟିଏ ଧାଁରେ ମା'ର ଗୋଡ଼ ତଳେ ପହଞ୍ଚିଲା . ସେ ଆଡ଼ ପ୍ରତି ମଧ୍ୟ କୋନାର୍‌ର ଦୃଷ୍ଟି ନାହିଁ

ସବୁଦିନ ଭଳି ସକାଳୁ ପ୍ରଥମେ ଗୋ-ଦର୍ଶନ କରିବା ଇଚ୍ଛାରେ କୁଞ୍ଜମଣି ଝରକା ଖୋଲି ବାହାରକୁ ଅନେଇଲା ବେଳକୁ ପ୍ରଥମେ ଦେଖିଲା ସେଇ ମସ୍‌ଲିନ୍ କୁର୍ତ୍ତା ପିନ୍ଧା ଲୋକକୁ। କୁଆମାନଙ୍କ ନୀଡ଼ଭଳି ମୁଣ୍ଡରେ ଗୋଛାଏ ବାଳ ଆଉ ସେମିତି ଗାଲମୁଛା ଭଳି ଦେଖି ରାଗରେ ଆଖି ବନ୍ଦ କରିଦେଲା। ଆଖି ବନ୍ଦକଲା ମାତ୍ରେ ହିଁ ସେ ଲୋକଟିକୁ ଚିହ୍ନିଗଲା। ଆଉଥରେ ଆଖି ଖୋଲିଲା ହିଁ ସେଇ ଲୋକଟି ?

କେହି ତାର ପିଛା କରୁ ନାହିଁ ତ ? କୁଞ୍ଜମଣି କୌତୂହଳବଶତଃ ଦୌଡ଼ି ଦୌଡ଼ି ଘର ଆଗକୁ ଆସିଲା। ସେତେବେଳକୁ ଲୋକଟି ଚାଲିଗଲାଣି। ବାହାରକୁ ଆସି କୁଞ୍ଜମଣି ଗାଈର ବନ୍ଧାଗୋଡ଼ର ଦଉଡ଼ି ଓ ଚଉରେ ନିଜ ଗୋଡ଼କୁ ବାନ୍ଧି ଭୂତଭଳି ଛିଡ଼ା ହୋଇଥିବା ଖୁଣ୍ଟକୋନାରକୁ ଦେଖିଲା। ତା ପଛପଟେ, ଗେଟ୍ ପାଖରେ ଟାଙ୍ଗା ଗାଡ଼ିଟିଏ ଥାଏ। ଲୋକଟି ସେଇଠୁ ବୋଧହୁଏ ଓହ୍ଲାଇଲା କୁଞ୍ଜମଣି କିଛି ଭାବି ପାରୁ ନଥାଏ କାହିଁକିନା ଟାଙ୍ଗାର ଘୋଡ଼ାଟିଏ ଗୋଡ଼ ମୋଡ଼ି ଭୂଇଁ ଉପରେ ପରିଶ୍ରାକରି ଓଦା କରିବା ପରେ ଗଳାର ଘୁଙ୍ଗୁର ହଲେଇ ଚାଲିବା ଆରମ୍ଭ କରିଥାଏ। ସେଥିପାଇଁ ସମ୍ଭବତଃ ଯାଉ ଯାଉ ଟାଙ୍ଗାଟି ଅଟକି ଥାଇପାରେ।

ସକାଳୁ ସକାଳୁ ଗୋଟିକ ପରେ ଗୋଟାଏ ସବୁ ଦର୍ଶନ କଥା ମନେ ପଡ଼ିବା ମାତ୍ରେ କୁଞ୍ଜମଣି ଗଳାଖଙ୍କାରି ମାଟି ଉପରେ ଛେପ ପକେଇଲା। ଛେପ ପକେଇବା ମାତ୍ରେ ହିଁ ଡରିଗଲା। ସେ ଲୋକଟି ଯଦି ଦେଖି ପକାଏ ? ତାକୁ ଦେଖି ଯେ ଛେପ ପକେଇ ନାହିଁ, ଏ କଥା ଜଣାଇବା ଲାଗି, ଆଉ ଦୁଇଥର ଥୁ ଥୁ କରି କହିଉଠିଲା, ''ନିଆଁଲଗା ମାଛିଟା ସକାଳୁ ସକାଳୁ ପାଟି ଭିତରେ ପଶିଗଲା।''

ଦୁଇଧାଡ଼ିରେ ରହିଥିବା ଘରଗୁଡ଼ିକ ଆଡ଼େ ଆଖି ଟେକି ବୁଢ଼ା ଲୋକଟି ଦେଖିଲା ନାହିଁ। ତାର ଆସିବାରେ ଏ ଅଞ୍ଚଳର ଲୋକମାନେ ଯେ ଆଶ୍ଚର୍ଯ୍ୟ, ବ୍ୟସ୍ତ ଏବଂ ଚିନ୍ତା ଓ ଆଶଙ୍କାଗ୍ରସ୍ତ ହୋଇ ଉଠିଛନ୍ତି, ଏ କଥା ସେ ଜାଣେ ନାହିଁ। ଜାଣିଲେ ବି ପରବାଏ ନ କରି ଲୋକଟି ଚାଲିଥାଏ। ତାର ମୌନ ସ୍ଥିତିରେ ସେ ବୋଧହୁଏ ଜଣାଇବାକୁ ଚାହୁଁଥାଏ ଯେ, ଅନ୍ୟ ସଭିଙ୍କ ଭଳି ଏ ରାସ୍ତାରେ ଯିବାର ଅଧିକାର ତାର ମଧ୍ୟ ଅଛି। ଦୁଇହାତରେ ପିଠିଆଡ଼େ ଧରିଥିବା ମୁଣାଟି କୁକୁଡ଼ା ଲାଞ୍ଜ ଭଳି ହଲେଇ ଚିନ୍ତାମଗ୍ନ ଭାବେ ମୁଣ୍ଡ ତଳକୁ କରି ସେ ଚୁପ୍‌ଚାପ୍ ଧୀରେ ଧୀରେ ଚାଲିଥାଏ। ତାର ଅହଙ୍କାର ଓ ମୌନ ଉପସ୍ଥିତି କୁଞ୍ଜମଣି ସହିପାରୁ ନଥାଏ। ହେଲେ ନସହି ବା ଚାରା ଆଉ କଣ ? ଆଗରୁ ଡରରେ କମ୍ପୁଥିବା ଛାତି ଏବେ ଖାଲି ରାଗରେ ଥରି ଉଠୁଥାଏ। ତଥାପି ଶଙ୍କଭାବେ ଚିନ୍ତାକରୁଥାଏ।

''ଲୋକଟି ଏଠିକି କିଆଁ ଆସୁଛି ? ଚୋରି କରିବା ଭଳି ଜଣା ପଡୁନି। କାହାପ୍ରତି ପ୍ରତିହିଂସାର ପ୍ରତୀକ୍ଷାରେ ଥିଲେ, ଏତେ ଶାନ୍ତଶିଷ୍ଟ ଭାବେ ଯାଆନ୍ତାନି।. . ଆଗ ଅପେକ୍ଷା ଖୁବ୍ ମୋଟା ହୋଇଯାଇଛି। ସେତେବେଳେ କଣ କମ୍ ଥିଲା କି ? .. ବାଡ଼ ଉପରୁ ଭିତରକୁ ଡେଇଁଲା ବେଳେ ତା ଆଣ୍ଠୁରେ ଆଘାତ ଲାଗି ନଥିଲେ, ଲୋକକୁ ବି ହାତରେ ଟେକି ଖାଲି ପିନ୍ଧୁ ଥାଆନ୍ତା। ଆଣ୍ଠୁରୁ ବାହାରୁଥିବା ରକ୍ତ ଓ

ମାଡ଼ ଦେଖି ମୁଁ ଭାବୁଥିଲି ଆଉ ସେ ଚାଲି ପାରିବ ନାହିଁ। ଏବେ ତ କ'ଣ ଖୁବ୍ ଠାଣିରେ ଚାଲୁଛି। ହେଲେ ଏ ରାସ୍ତାରେ କାହିଁକି ଆସୁଛି? ଏଠାରୁ କେମିତି ଯିବ? କଣ କରାଯାଏ? ତାର ଏଇଠି ରହିବା ଠିକ୍ ହେବ ନାହିଁ ସକାଳ ପହରୁ କାହାର ମୁହଁ ଦେଖିଛି ଯେ ଆରେ ଯା'ର ମୁହଁ ଦେଖିନି ତ?" ଆତଙ୍କିତ ହୋଇ ଚିନ୍ତା କରୁ କରୁ କୃଷ୍ଣମଣି କୋନାର ଆଡ଼କୁ ଦେଖି ତାର ଦେହ ସହ ସେଇ ଲୋକର ଦେହ ତୁଳନା କରୁଥାଏ।

"କୋନାର ସ୍ୱାସ୍ଥ୍ୟବାନ ଦହି, ଦୁଧ, ଘିଅ, ଛେନା ଭିତରେ ହିଁ ବଢ଼ି ଆସିଛି। ହେଲେ ମାଡ଼ କ'ଣ ସହି ପାରିବ? ସେଦିନ ତାର ଗୋଡ଼ ଭାଙ୍ଗି ନଥିଲେ ଖୁଦୁର କ'ଣ ଦମ୍ଭଥିଲା ଯେ ତାକୁ ପାଣିଟଣା ଦଉଡ଼ିରେ ବାଡ଼େଇଥାନ୍ତା? ଦଉଡ଼ିଟି ରକ୍ତରେ ପୂରାପୂରି ଭିଜି ଯାଇଥିଲା। ତାର ରକ୍ତାକ୍ତ ଗୋଡ଼ ଉପରେ ମଧ୍ୟ ଥରେ ଦଉଡ଼ିର କୋଡ଼ା ମାରିଥିଲା ବାସ୍ ତାପରେ ଦେଖେ କିଏ? ବିଚରା ପୁରା ବେହୋସ ହୋଇ ପଡ଼ିଗଲା। ତାପରେ ଆମେ ତାକୁ ମୁର୍ଦ୍ଦାର ଭଳି ଘୋଷାରି ଆଣିଥିଲୁ ସେଇ ନିମଗଛ ତଳକୁ। ନିମଗଛରେ ଠିଆ କରି ତାକୁ ଦଉଡ଼ିରେ ବାନ୍ଧି ଦିଆଯାଇଥିଲା। ବହୁ ଡେରିରେ ତା ଆଖି ଖୋଲିଲା ପରେ ଜଣାଗଲା ଯେ ସେ ବଞ୍ଚିଛି ବୋଲି। ଦୁଧ ଢ଼ାଳି ମୁଁ ତାକୁ ପାଣି ପିଆଇଥିଲି। ଚୁପ୍‌ଚାପ୍ ପାଣି ଦେଇଥିଲେ, ଏତେ ବିପଦ ପଡ଼ନ୍ତା ନାହିଁ। 'ଚୋର କେଉଁଠିକାର- ତୋତେ ଦୟା ଦେଖାଇବା ହିଁ ପାପ ।' ଯୋର୍‌ରେ କହି ଢ଼ାଳଟି ତା ମୁହଁ ଉପରକୁ ଫିଙ୍ଗିଥିଲି। ଯେଉଁ ମୁହଁରେ ପାଣି ପିଇଥିଲା, ସେଇଠୁ ଧାର ଧାର ହୋଇ ରକ୍ତ ନିଗିଡ଼ି ପଡ଼ିଲା। କଳା ଆଖି ଯୋଡ଼ିକ ବନ୍ଦ କଲା ପୂର୍ବରୁ ମୋତେ ଦେଖିଥିଲା ଏବେ ଜାଣୁଛି ସେ 'ଦେଖା'ର ମତଲବ

ତାର ଆଖି ଯେମିତି କହୁଥିଲା, "ଆବେ ଏ ପାସ୍ପାନ (ଆବେ ଏ ବ୍ରାହ୍ମଣ) ରହ, ତତେ ଦେଖିନେବି।" ଏବେ ସେ ଆସିଛି। ମୁଁ ପାଣି ପିଆଇବା କଥା କ'ଣ ସେ ଭୁଲି ଯାଇଥିବ? ଅନ୍ୟମାନଙ୍କ ଭଳି, ହାତ ପାଖରେ ପାଇ ଜଣେ ଲୋକକୁ ମାରିବାର ଯୋଜନା ମୋର ନଥିଲା। ମୁଁ ଭାବୁଥିଲି, ହାଏରେ ଅଭାଗା। ତୋ କପାଳ ଏମିତି ଫଟା ଯେ, ଚୋରି କରି ପଳେଇଲା ବେଳେ ଏ ଲୋକଙ୍କ ହାତରେ ଧରାପଡ଼ି କୋରଡ଼ା ଖାଉଛୁ ଆଉ ବିକଳରେ କହୁଛୁ 'ପାଣି ମୁନ୍ଦିଏ '

ମୁଁ ମାନୁଛି ମୁଁ ତାକୁ ପିଟିଥିଲି ହେଲେ ଖାଲି ମୋ କଥା ମନେ ରଖି ସେ କ'ଣ ବଦଲା ନେବାପାଇଁ ଆସୁଛି? ମୁଁ ସବୁ ଜାଣୁଛି ତା ଚାଲିବା ଢ଼ଙ୍ଗରୁ ସବୁ ଜାଣୁଛି ଜେଲ୍‌ରେ ଖାଇ ଖାଇ ମସ୍ତ ହୋଇ ଆସିଛି। ବଦଲା ନେବା ପାଇଁ ଖାଲି ଆସିଛି ବିଚରା ଖୁଦୁକୋନାରକୁ ଦେଖି ମୋତେ ଖାଲି ଦୟା ଲାଗୁଛି ଦେଖ –କେମିତି ଦାରୁଭୂତ ମୁରାରୀ ଭଳି ଠିଆ ହୋଇଛି। ତା ଯୋଗୁହିଁ ଖୁବ୍ ମାଡ଼ ପଡ଼ିଲା। ବାପ୍‌ରେ କୋନାର ବି କେତେ ପିଟିଥିଲା। ସେତେବେଳେ ଖୁବ୍ ମଜା ଲାଗୁଥିଲା ଏବେ ମଜା ଚାଖି ସବୁ ଶୁଝେଇବା ପାଇଁ ଆସୁଛି ମୋତେ ବି ତ ମୋ

ପାଇଁ ଖାଲି ଚାପୁଡ଼ାଟିଏ ହେଲେ ସେଇ ଚାପୁଡ଼ାଟି ସହି ପାରିଲେ ସିନା ! ସେ ଦିନ କଲୋନୀର ସବୁଲୋକ ନିଜର କରି ଗୋଟାଏ ଲେଖା ଚାପୁଡ଼ା ଅନୁଦାନ ଭାବେ ଲଦି ଦେଇଗଲେ ତା' ହେଲେ ବି କ'ଣ ହେଲା ? ଛାତୀ ଆସୁଛି ମହାସୁର ! ସମସ୍ତଙ୍କୁ ମାରିବା କ'ଣ ସହଜ ହୋଇଛି ?'' ଏଭଳି ନାନାକଥା ଚିନ୍ତାକରି କୁଞ୍ଜମଣି ପୁଣି ଖୁବୁକୋନାର୍‌ର ସ୍ୱାସ୍ଥ୍ୟ ଦେହକୁ ଗଭୀର ଦୃଷ୍ଟିରେ ନିରୀକ୍ଷଣ କଲା । କଥା ଅଛି —ରାମଚନ୍ଦ୍ର ସେତୁବନ୍ଧ ବାନ୍ଧିଲା ବେଳେ ଗୁଣ୍ଡୁଚି ମୂଷାଟିଏ ସାହାଯ୍ୟ କରିଥିଲା । ସେଇଭଳି କୁଞ୍ଜମଣି ଖୁବୁକୋନାର ସହ ନିଜ ଶକ୍ତିର ତୁଳନା କଲା । ହିସାବ କଲା ଦିହେଁ ମିଶି ପାଟିତୁଣ୍ଡ କଲେ କେତେ ଲୋକ ଆସିବେ ଓ କେତେ ଶକ୍ତି ହୋଇ ପାରେ ? ହିସାବ ପରେ କୁଞ୍ଜମଣି କିଛିଟା ଆଶ୍ୱସ୍ତ ହେଲା ଆଉ ସାହସ କରି ଖୁବ୍ ଯୋର୍‌ରେ ଗଳାଖଙ୍କାର ମାରିଲାବେଳକୁ କାଶ ଆସିଗଲା । ବିଚାରୀ ! ନିଜେ ଚାହୁଁଥିଲା ଏମିତି ଖୁବ୍ ଗୋଟାଏ ଆବାଜରେ ଲୋକଟିକୁ ଧମକଟିଏ ଦେବ । ହେଲେ ଧମକ ଦେବାର ଅଭ୍ୟାସ ନଥିବାରୁ ବା ଦିନସାରା 'ନଟରାଜ ବିଳାସ'ରେ ଚରକୁ ମାଷ୍ଟର (ହୋଟେଲର ଟେବୁଲ ସଫାକରୁଥିବା)ର କାମ କରି ସେଇଠି ଚିନାବାଦାମ ତେଲରେ ଛାଣୁଥିବା ତେନ୍ତୁଳୀ ପୋଡ଼ାଗନ୍ଧ ଯୋଗୁଁ ବାହାରି ଆସୁଥିବା କାଶ ଯୋଗୁଁ ଧମକ ଦେବା କାମଟା ତା ଦେଇ ହୋଇ ପାରିଲା ନାହିଁ । ଧମକ ଦେବା ଇଚ୍ଛାରେ ଗଳାଖଙ୍କାର ମାରିଲାବେଳକୁ ଖାଲି କାଶ ବାହାରି ପଡ଼ିଲା ।

ଲୋକଟି କୁଞ୍ଜମଣି ବା କାଶ ଆଡ଼କୁ ଧ୍ୟାନ ନ ଦେଇ ସିଧାଯାଇ ତାଲାବନ୍ଦ ପଡ଼ିଆ ଘରର ଶିଡ଼ି ଉପରେ ଚଢ଼ିଗଲା ।

''ଶଳା, ସବୁ ଜାଗା ଦେଖୁଛି ! ଏଇଲେ ଯାଇ 'ଠିଣ୍ଢେ' (ବସିବା ପାଇଁ ପଥରର ଗୋଲେଇ) ଉପରେ ବସି ରହିବ । ସେ ପାଖର କଳରୁ ସାହିର ଝିଅମାନେ ପାଣି କେମିତି ନେବେ ? ଆଉ କିଛି ସମୟ ପରେ ମା ଆସି ଠିଣ୍ଢେ ଉପରେ ମାଠିଆ ରଖି କହିବ, ''ଆଲୋ କୁଞ୍ଜମଣି ! ଝିଅ, ମୋ ପାଇଁ ଖାଲି ଦି ମାଠିଆ ପାଣି ଆଣି ଦେବୁ ।'' ବିଚାରୀ ପାଣି ମାଠିଆ ବୋହି ପାରିଲେ ତ ! ଦୁଇ ମାଠିଆ ନେଇ ମୋତେ ହିଁ କଳ ପାଖକୁ ଯିବାକୁ ପଡ଼ିବ । ଆଉ ସେଇଠି ସେ 'ଲୋକ'ଟି ଥିବ ବାସ୍ ମୋତେ ଖାଲି ଉପରକୁ ଟେକି ଦେବ ଦି ହାତରେ ମୁଁ କିନ୍ତୁ କହିବି ''ଭାଇ, ମୋତେ ତ ଖାଲି ଚାପୁଡ଼ାଟାଏ ଯଥେଷ୍ଟ । ସେଇତକ ଦେଇ ମୋତେ ଛାଡ଼ିଦେ ।'' ନ୍ୟାୟତଃ ଦେଖିଲେ ପହିଲେ ଖୁବୁକୋନାରକୁ ପିଟିବା କଥା . ବୋଧହୁଏ ଏ ନିର୍ବୁଦ୍ଧିଆ କୋନାରକୁ ଚିହ୍ନି ନାହିଁ ।

'ଏ ଖୁବୁ' ଦେଖୁଛୁ କ'ଣ ? 'ବଟୁ'କୁ କଣ ଚିହ୍ନିନୁ ? ' ଖୁବ୍ ଧୀର ଗଳାରେ କୁଞ୍ଜମଣି ପଚାରିଲା ।

ଖୁବୁକୋନାର ବି ଫିସ୍ ଫିସ୍ କରି କହିଲା, ''ଚିହ୍ନିନି ? ଠିକ୍ ଚିହ୍ନିଛି । ଖାଲି ଭାବୁଛି, ମୋତେ ସେ ଚିହ୍ନିପାରିଲା ନା ନାହିଁ ।''

ଠିକ୍ ସେଇ ସମୟରେ କୁଞ୍ଜମଣିର ମା ସୀତାମ୍ମା ହାତରେ ଦୁଧ ଗଡୁଟି ଧରି ବାହାରକୁ ଆସି ଦେଖିଲା, ଖୁବ୍ ଦୁଧ ଦୁହିଁବା ଛାଡ଼ି ତା ଝିଅ ସହ ଗପରେ ମାତିଛି। ସେମାନଙ୍କ ଭିତରେ କ'ଣ ଫୁସ୍ ଫାସ୍ ଚାଲିଛି, ତା ଶୁଣିବା ପାଇଁ ଓଢ଼ଣାକୁ କାନ ପଛକୁ କରି ସେଇ ନିମଗଛ ପାଖକୁ ଆସିଲା।

ସାଧାରଣତଃ କୁଞ୍ଜମଣି କାହା ସହିତ ସେତେ କଥାବାର୍ତ୍ତା କରେନି। ସକାଳୁ ଉଠିଲା ମାତ୍ରେ ହିଁ ଝରକା ଖୋଲି 'ଗୋ-ଦର୍ଶନ' ପରେ ବାରଣ୍ଡାରେ 'ଠିଣ୍ଡେ' ଉପରେ ବସି ପାନ ଚୋବାଇବାକୁ ଲାଗେ। ଏତେବେଳକୁ କୁଞ୍ଜମଣି ଦି'ଥର ପାନ ଖାଇ ସାରନ୍ତାଣି। କଟି ପିନ୍ଧିସାରିବା ପରେ ପୁଣି ବିଡ଼ାଏ ପାନ ଖାଇଥାନ୍ତା। ପୁଣି ପାନ ଓ ତା ସାଙ୍ଗକୁ ଭାଙ୍ଗ। ମୁହଁରେ ସୁପାରୀ ଗୁଣ୍ଡ ଯାକି, ଦୁଇ ମାଠିଆ ଧରି ନଳ ପାଖକୁ ଯାଇଥାନ୍ତା। ଖାଲି 'ହୁଁ ହାଁ' ଶବ୍ଦରେ ସେ ତାର କାମ କରିନିଏ।

ଆଜି ପାନ ନ ଖାଇ କୁଞ୍ଜମଣି ଏ କୋନାର ପିଲାସହ ଫୁସ୍ ଫାସ୍ କଥାରେ ମାତିବାର ଢଙ୍ଗରୁ ସୀତାମ୍ମା ଅନୁମାନ କଲା ନିଶ୍ଚୟ କିଛି ଗୁରୁତର କଥା ଅଛି —ହୁଏତ ଖୁସି ଗପ ବି ହୋଇପାରେ। କୌଣସି ଜିନିଷ ଶୁଙ୍ଘିବା ଭଳି କରି ନିମଗଛ ମୂଳକୁ ଚାଲିଗଲା। ଠିକ୍ ସେତିକି ବେଳେ ତା ଘର ଆଗରେ ଠିଆ ହୋଇଥିବା 'ସେଇ ଲୋକଟି' ଏ ତିନି ଜଣଙ୍କୁ ଦେଖି ପକେଇଲା।

ଦାନ୍ତ ଚିପି କହିଲା, "ଆମ ଆଡ଼େ ଦେଖୁଛି ମା। ତୁ କାହିଁକି ସେ ଆଡ଼େ ଦେଖୁଛୁ?" "କିଏ କିରେ? ସେଇ ବନ୍ଦ୍ ଘରେ ତାର କି କାମ? କେହି ତ ପଚାରିବାବାଲା ନାହାନ୍ତି। ଆରେ ତୁ କିଏ କିରେ?" ସେ ଲୋକଟାକୁ ଦେଖିବା ମାତ୍ରେ ସୀତାମ୍ମା ହାତର ଦୁଧଗଡୁ ହଲେଇ ବଡ଼ ପାଟିରେ ଭଡ୍ ଭଡ୍ ହେଲା। ତା ଆଡ଼କୁ ବାହାରିଲା। କିନ୍ତୁ କୁଞ୍ଜମଣି ମା'ର ପଣତକାନି ଟାଣି ଅଟକେଇ ଦେଲା।

"ଜାଣିଛୁ ସେ କିଏ? ଥରେ ଜଣେ ଚୋରିକରି ଆମ ବାଡ଼ ଡେଇଁ ପଳେଇଲା ବେଳେ ତା ଗୋଡ଼ ଭାଙ୍ଗିଥିଲା। ଜାଣିଛୁ? ଲୋକେ ତା ପଛେ ପଛେ ଗୋଡ଼ାଇଥିଲେ ଆଉ ଏ କୋନାର ତାକୁ ଖୁବ୍ ପିଟିଥିଲା।"

'ହଁ.ହଁ ମନେ ପଡୁଛି।'

"ମୁଁ ଦୁଧଗଡୁରେ ତା ମୁହଁକୁ ମାରିଥିଲି ସେଇ ଲୋକଟି ସେଇ ଚୋର ଆସିଛି। 'ଚୋରି ପାଇଁ ନୁହେଁ. ତାର ପ୍ରତିଶୋଧ ନେବା ପାଇଁ ସମସ୍ତଙ୍କୁ ନିଜ ନିଜର ପାଉଣା ଶୁଝେଇ ଦେବ।' 'ହଁ ଗୋ ହଁ' ସେ ଖାଲି ମାରି ଯାଇଥିବ ଆଉ ଲୋକେ ହାତରେ ଚୁଡ଼ି ପିନ୍ଧିଥିବେ? ଚୋରକୁ ଧରି ମାରନ୍ତି ନାହିଁ ଯେ ଆଉ କଣ ଗେଲ କରନ୍ତି? କ'ଣ କୋନାର ବାବୁ! ଏସବୁ ଅନ୍ୟାୟ ଦେଖି ତେମେ କାହିଁକି ଚୁପ୍‌ଚାପ୍ ଛିଡ଼ା ହୋଇଛ? ତାକୁ କହିଦିଅ ସେ ଚୁପ୍‌ଚାପ୍ ଯାଇ କେଉଁଠି ସରାଇଘର ବା ଧରମଶାଳା ଖୋଜୁ 'ନୋହିଲେ ପୋଲିସ ଡାକିବି' ବୋଲି କୁହ "

ସୀତାମ୍ମା ଲୋକ ଡାକିବା ପାଇଁ ଏତେ ବଡ଼ ପାଟିରେ କଥା କହିବା ଭଳି ଜଣା ପଡୁଥାଏ। କିନ୍ତୁ ତାର କଥା ଶୁଣିବା ଆଗରୁ ଦୁଧ ଆଣିବା ପାଇଁ ବା ନଳରୁ ପାଣି ନେବା ଲାଗି ଗୋଟିଏ ଗୋଟିଏ ହୋଇ ଲୋକ ଜମା ହେବାକୁ ଲାଗିଥିଲେ।

ସୀତାମ୍ମାର ପାଟି ଶୁଣି ସଭିଏଁ ସେଇ ବନ୍ଦ ଘରର ବାରଣ୍ଡାରେ ଆସି ବସିଥିବା ଲୋକଟି ଆଡ଼କୁ ଦେଖି ତାକୁ ଚିହ୍ନିଗଲେ। କୁଞ୍ଜୁମଣି ଓ ଖୁବ୍‌କୋନାର ଭଳି ସେମାନେ ସଭିଏଁ ମଧ୍ୟ ଡରି ଯାଇଥାନ୍ତି।

ଲୋକ ଜମିଯିବା ଦେଖି କୋନାରର ଟିକିଏ ସାହସ ଦେଲା, "କିଏ ଏଇ ଲୋକଟା? ମନେ ମନେ ବଡ଼ଲୋକ ଚୋର ପୁଅ ତ? ସେ ଦିନର ମାଡ଼ ବୋଧହୁଏ ଏ ଭୁଲିଗଲାଣି ମୁଁ ଖାଲି ଭାବୁଥିଲି ଲୋକଟା କାହିଁକି ଆସିଛି ବୋଲି ।"

ମୁଣ୍ଡରୁ ମଫଲର ଖୋଲି ତାକୁ କାନ୍ଧରେ ପକେଇ କୋନାର୍ ଖୁବ୍ ଯୋର୍‌ରେ ଥରେ ଗଳା ଖଙ୍କାର ମାରିଲା।

କୁଞ୍ଜୁମଣି ମନକୁ ତା ସହ ଏକମତ ହେଲା 'ହଁ ସେମିତି '

ସାହସ ବାନ୍ଧି ଧମକ ଦେବା ମତଲବରେ କୋନାର ବାରଣ୍ଡା ଉପରକୁ ଉଠିଲା। କାଳେ ତା ଉପରେ କିଛି ହେଲେ ଧାଇଁ ପଳେଇବା ବା ପାଟି କରିବା ଲାଗି କୁଞ୍ଜୁମଣି ମଧ୍ୟ ଖୁବ୍ ଗମ୍ଭୀର ଭାବେ ତା ପଛେ ପଛେ ଗଲା।

"ଆବେ ଏ। ଏଇଠି ସଭିଏଁ ଜାଣନ୍ତି ତୁ କିଏ ରାସ୍ତା ଭୁଲି ବୋଧହୁଏ ଆସିଗଲୁ କୌଣସି ଅସୁବିଧା ହେବା ଆଗରୁ ଚୁପ୍‌ଚାପ୍ ଏ ଜାଗା ଖାଲି କରି କମ୍ପାଉଣ୍ଡ ବାହାରକୁ ଚାଲିଯା—।"

କୋନାର ସହ କୁଞ୍ଜୁମଣି ମଧ୍ୟ ପାଳି ଧରିଲା, "ହଁ ବାବା ଚୁପ୍‌ଚାପ୍ ଚାଲିଯାଅ ରହିବା ପାଇଁ ତୁମକୁ କଣ ଯାଗା ମିଳିବନି?"

ଲୋକଟି ଚୁପ୍‌ଚାପ୍ କୁର୍ତ୍ତା ଭିତରୁ ବିଡ଼ିଟିଏ ବାହାର କରି ପିଇଲା।

ପୁଣି, ଅଣ୍ଟାରେ ବନ୍ଧାହୋଇଥିବା ବେଲ୍ଟ ସହ ସିଲାଇ ହୋଇଥିବା ବଟୁଆ ଭିତରୁ ଲେଖା କାଗଜଟିଏ କାଢ଼ି ଚୁପ୍‌ଚାପ୍ କୋନାର ହାତକୁ ବଢ଼େଇ ଦେଲା। ସେଇ ବଟୁଆ ଭିତରୁ ଚାବି କାଢ଼ି ସେଇ ଚାବିରେ କବାଟର ତାଲା ଖୋଲି ଘର ଭିତରକୁ ପଶିଗଲା।

କାଗଜଖଣ୍ଡକୁ କୋନାର ବଢ଼େଇ ଦେଲା କୁଞ୍ଜୁମଣି ହାତକୁ।

କାଗଜଟିକୁ ପଢ଼ି, ଦୀର୍ଘଶ୍ୱାସ ଟାଣି କୁଞ୍ଜୁମଣି କହିଲା, "କୋନାର ବାବୁ! ସବୁ ସରିଗଲା। ଘରେ ଦୁଇମାସ ପାଇଁ ରହିବା ଲାଗି ଲୋକଟି ମୁଦ୍‌ଲିୟାର ବାବୁଙ୍କୁ ପଚାଶ ଟଙ୍କା ଆଡ୍‌ଭାନ୍ସ ଦେଇ ତାର ରସିଦ ଆଣିଛି ଏବେ ଆଉ କ'ଣ କରିବ?" /

ସିତାମ୍ମା ଗର୍ଜିଉଠିଲା, "ଏଇଟା କି କଥା ଗୋ? ଚାରୋଟି ଭଦ୍ରଲୋକ ଘର ଭିତରେ ଚୋରଟିକୁ ଆଣି ରଖୁଛନ୍ତି। ମୁଦ୍‌ଲିୟାରଙ୍କ କ'ଣ ବୁଦ୍ଧିଶୁଦ୍ଧି ହଜିଗଲାଣି?

କ'ଣରେ କୁଙ୍କୁମଣି ? ଘର ଖାଲି ହେବାର ପନ୍ଦରଦିନ ହୋଇଗଲା । ସେତେବେଳୁ ତତେ କହୁଥିଲି ଆମର ସୁପ୍ରଭୁଣୀ ପିଲେଇର ଚିହ୍ନାଲୋକ ଏଠାକୁ କୋଆପ୍ରେଟୀ ପରୀକ୍ଷା ଦେବାକୁ ଆସିବ । କେତେଥର ତତେ କହିଲି ମୁଦ୍ଲିଯାଙ୍କର ମୁହଁ ଉପରେ ପଚାଶଟଙ୍କା ଆଡ୍‌ଭାନ୍ସ ପିଙ୍ଗି ଘରକୁ ନିଜ ପାଖରେ ରଖ । ଶୁଣିଲୁ ମୋ କଥା ? ମୁଁ ତ ଆଗରୁ ଡରୁଥିଲି ଝିଅ ବୋହୂ ଥିବା ଯାଗାକୁ ବଜାରୀ ଲଫଙ୍ଗାଟିଏ ଆସିଲେ ଚଳିବେ କେମିତି ଦେଖ୍ ଏଇନେ ମଜା ତା ମୁହଁରେ ନିଆଁଲାଗି ମରୁ । ଅଇପେଇସା ସିଗାରେଟ ପିଇ ମରୁଛି କେଉଁ ଜନମର ଶତ୍ରୁ ଆସିଛି କେଜାଣି ।''

ସୀତାମ୍ମାର ମୁହଁରେ ବାଟୁଳି ବାଜୁନି । ତାକୁ ଏମିତି ବକ୍ ବକ୍ ହେବା ଦେଖି କୁଙ୍କୁମଣି ଭାବୁଥାଏ ତା ମୁହଁରେ ହାତଦେଇ ମୁହଁ ବନ୍ଦ କରିବ ବା ସବୁଦିନ ପାଇଁ ତାର ଗଳା ବନ୍ଦ କରିଦେବ । କିଛି ଭାବି ପାରୁନି । ଖୁବ୍ ରାଗରେ ମା'ର ମୁହଁ ପାଖକୁ ହାତ ନେଇ କହିଲା, ''ମା ଚୁପ୍ ପଡ୍ ଭଲା ସେ ଯଦି ଶୁଣିନିଏ ତାହେଲେ ଜାଣିବି ଯେ, ମୋତେ ମାରିବୁ ବୋଲି ରାଣ ଖାଇଛୁ ଯିଏ ଯେଉଁଠି ରହୁ ଆମର ସେଥିରେ ଯାଏ ଆସେ କେତେ ?'' କହି କୁଙ୍କୁମଣି ମା'ର ପଣତ କାନି ଟାଣି ଘର ଭିତରକୁ ଯିବାକୁ ଲାଗିଲା ।

''ମୁଁ କାହାକୁ ଡରେନି ତତେ ଡ଼ର ଲାଗୁଥିଲେ ଘର ଭିତରେ ରହ ସବୁ ମିଣିପି ଲୋକେ ଚାଲିଗଲା ପରେ ବିପଦ ଆମ ମାଇପିମାନଙ୍କ ଉପରେ ପଡ଼ିବ ତ ଏବେଠୁଁ ନଳ ପାଖରୁ ମାଠିଆ ଦଉଡ଼ି ଉପରୁ କପଡ଼ା ଉଭେଇ ଯାଉଛି ଏତିକି ହେଲା ପରେ ବି ଚୋରକୁ ପଡ଼ୋଶୀ କରି ସାହି ଭିତରେ ରଖିଲେ ତ ସବୁ ଶେଷ ଦି ଚାରିଟା ଗହଣା ନାଇ ଝିଅ ବୋହୂ ତ ଘରୁ ବାହାରି ପାରିବେ ନାହିଁ ଆହେ ଏ କୋନାର ବାବୁ ସିଧା ପୁଲିସ୍ ଇଷ୍ଟେସନ୍ ଯାଇ ରିପୋର୍ଟ ଗୋଟେ ଲେଖିଆସ ଆଗରୁ ଆମେ ଏଠାରେ ଲୋକଟାକୁ ପଗଡ଼ିଥିଲୁ ''

ତା ମୁହଁକୁ ବନ୍ଦ କରିବାକୁ ଆସୁଥିବା କୁଙ୍କୁମଣିର ହାତ ଛିଞ୍ଚାଡ଼ି, ସୀତାମ୍ମା ଖୁବ୍ ବଡ଼ ପାଟିରେ ବକର୍ ବକର୍ ହେଉଥାଏ । ଘର ଭିତରକୁ ଆସି ସାରିଲାପରେ ବଡ଼ପାଟିରେ ଅନାଗତ ବିପଦ ପାଇଁ ଲୋକମାନଙ୍କୁ ସତର୍କ କରିବାରେ ଲାଗିଥାଏ ।

ଏ ମଧ୍ୟରେ ଖୁବୁକୋନାର ଦେଖିଲା, ବାଛୁରୀଟି ତା ଦଉଡ଼ି ଖୋଲି ମା'ର ପହ୍ନାରୁ ମନଇଚ୍ଛା ଦୁଧ ପିଉଛି । ରାଗରେ ଗାଳି ଦେଇଁ ଦେଇଁ ଖୁବୁ ଜୋରରେ ଧାଇଁ ଧାଇଁ ପହଞ୍ଚିଲା । ବାଛୁରୀଟି ଟୋପାଏ ହେଲେ ଦୁଧ ଛାଡ଼ିନି । ତା ମୁହଁରେ ଦୁଧର ସଫେଦ ଫେଣ ଲାଗିଛି । ମନଇଚ୍ଛା ପେଟେ ଦୁଧ ପିଇ ବିଚାରୀ ଖୁବ୍ ଆନନ୍ଦରେ ଡେଇଁଥାଏ । ଗାଇଟି ଚୋରଣୀ ଭଳି କଣେଇ ଅନେଇଲା କୋନାର ଆଡ଼େ । କୋନାର ରାଗରେ ଲାଲ ପଡ଼ିଯାଇଥାଏ । ଗାଇର ଗୋଡ଼ ବାନ୍ଧିଥିବା ଦଉଡ଼ି ଖୋଲି, ସେଇ ଦଉଡ଼ିରେ ଗାଇ ପିଠିରେ କସିକରି ଦି' କୋଡ଼ା ବସେଇ ଦେଲା । ଆଉ ଦୁଇକୋଡ଼ା ବାଛୁରୀର ପିଠି ଉପରେ ପଡ଼ିଲା । ଗାଇ ବାଛୁରୀ ଦିହେଁ ଆଗପଛ ହୋଇ କମାଉଣ୍ଡ ବାହାରକୁ ଧାଇଁଲେ ।

ଦୁଧ ନେବା ପାଇଁ ହାତରେ ବାସନ ଧରି ଆସୁଥିବା ସୀତାମ୍ମାକୁ ଦେଖି କୋନାର ପାଟିକଲା, "ଦୁଧ ନାହିଁ ଟୋପାଏ ସୁଦ୍ଧା ନାହିଁ ବାଛୁରୀ ପିଇଗଲା ଶଳା ସକାଳୁ ତ ଚୋରର ମୁହଁ ଦେଖିବ ଆଉ କ'ଣ ହେବ ?"

ଠିକ୍ ସେଇ ସମୟରେ 'ଚୋର' ଉପରେ ସବୁ ଦୋଷ ଲଦି ଦେଇ କୋନାର ଖସିଗଲା ।

ବାରଣ୍ଡା ଉପରେ ପାନ ଓ ଭାଙ୍ଗ ଖାଇଁ ଖାଇଁ କୁଞ୍ଜୁମଣି କୋନାରକୁ କହିଲା, "ଉପର ଓଳି ଜଲ୍‌ଦି ଆସିବ କ'ଣ ଯେ ଘଟିବ କହି ହେଉନି।"

ତା ମନ ଭିତରେ ଏକ ବ୍ୟାକୁଳ ବିଚାର ଫୁଟି ଉଠୁଥାଏ ।

କିଛି ସମୟ ମଧ୍ୟରେ କଲୋନୀ ଭିତରେ ପ୍ରଚାର ହୋଇଗଲା ଯେ, ଏତେ ଦିନଧରି ତାଲା ପଡ଼ିଥିବା ସେଇ ଘରର ପଛଭାଗଟିକୁ (ପୂର୍ବରୁ କଲେଜରେ ପଢୁଥିବା ଗୋଟାଏ ପିଲା ସେଇଠି ରହୁଥିଲା) ଗୋଟାଏ ଚୋରକୁ ଭଡ଼ାରେ ଦିଆଯାଇଛି। ଏହି ଚୋରଟି ଛ'ମାସ ଆଗରୁ ଚୋରି କରି ପଳେଇବା ବେଳେ କଲୋନୀ କମ୍ପାଉଣ୍ଡ ଉପରୁ ଖସିପଡ଼ି ଗୋଡ଼ ଭାଙ୍ଗିଥିଲା ଓ ତା ଉପରେ ଖୁବ୍ ମାଡ଼ ହୋଇ ପରେ ପୋଲିସର ଜିମ୍ମା କରି ଦିଆଯାଇଥିଲା ।

ବାରଣ୍ଡାରେ ବସି ପାନ ଚୋବାଇଲା ବେଳେ କୁଞ୍ଜୁମଣି ମନକୁ ମନ ଏଇ ଚୋର ସଂପର୍କରେ ଭୟଙ୍କର କଥା ସବୁ ଚିନ୍ତା କରୁଥାଏ। ସେଇ କଲୋନୀ ଭିତରେ ବୁଲୁଥିବା ପ୍ରତ୍ୟେକ ଲୋକଙ୍କ ସହ ସେଇ ଚୋରର ସଂପର୍କ ଖୋଜିଲା ପ୍ରତ୍ୟେକଙ୍କ କିଛି ନା କିଛି ସଂପର୍କ ଅଛି। ତା ହେଲେ ଦୁଧଗଚ୍ଛରେ ତା ମୁହଁରେ ମାରିଥିବା ବ୍ୟକ୍ତି ସେ ଏକାକୀ ନୁହେଁ। ଏ କଥା ଭାବି ମନରେ ସାମାନ୍ୟ ସାନ୍ତ୍ୱନା ଆସିଲା। ମନେ ପକାଉଥାଏ, ଆଉ ବାକି ଲୋକ କିଏ କେତେ ପିଟିଥିଲେ। ଲୋକଟି ମାଡ଼ର ମୂଳସୁଧ ଯଦି ଦିଏ ତା ହେଲେ କାହା ଉପରେ କେତେ ପଡ଼ିବ ? ଭାବୁ ଭାବୁ ଏକ ଅଜଣା ଭୟରେ କୁଞ୍ଜୁମଣି ଶିହରି ଉଠୁଥାଏ ।

"ସେଇ ସତର ନମ୍ବର ଘରେ ରହୁଥିବା ଡାକବାଲା ନାୟଡୁ ସେ ତ ସାଇକେଲ ଉପରୁ ଗୋଟିଏ ଗୋଡ଼ ତଳେ ରଖି ଆଉ ଗୋଟିଏ ଗୋଡ଼ରେ ଲୋକଟିର ପେଟରେ ଖୁବ୍ ଯୋର୍‌ରେ ମାଡ଼ ଦେଇଥିଲା। ଲୋକଟା ମଇଁଷୀ ଭଳି ଖାଲି ଗାଁ ଗାଁ ହୋଇଥିଲା। ଚାରିପାଞ୍ଚ ମିନିଟ ଯାଏଁ ତାରି ନାକବାଟେ ପବନ ଯିବା ଆସିବା ବନ୍ଦ ହୋଇ ଯାଇଥିଲା। ଭାବୁଥିଲା ଲୋକଟା ଆଉ ବଞ୍ଚିବ ନାହିଁ ହେଲେ, ଏଇଲେ ଦେଖ –ଲୋକଟି କେମିତି ଫେରି ଆସିଛି। ନାୟଡୁକୁ କ'ଣ ଖାଲି ସେମିତି ଛାଡ଼ିଦେବ ? ଦେଖିଲେ ଲୋକଟି ଖାଲି ଡକାୟତ ନୁହେଁ, ଏକ ଭୟଙ୍କର ଖୁଣୀ ଭଳି ଜଣାପଡ଼େ।" କୁଞ୍ଜୁମଣି ଏ କଥା ଭାବିଲା ବେଳକୁ ତାର ଧାରଣା ଦୃଢ଼କରି, ହାତରେ ଛୁରାଟି ଧରି ଲୋକଟି ସେ ଘରୁ ବାହାରକୁ ଆସିଲା। ଏବେ ଦେହରେ ମସ୍‌ଲିନ୍ କୁର୍ତ୍ତା ବି ନାହିଁ। ଗଞ୍ଜିର ଉପର ପାଖରୁ ଛାତିର ବାଳ ଜଙ୍ଗଲି ଘାସ ଭଳି ବାହାରି ପଡ଼ିଛି। ଗଳା, କାନ୍ଧ ଓ ହାତକୁ ଦେଖିଲେ ଲୋକଟି ଠିକ୍ ଗୋଟେ ଗଣ୍ଡାର ଭଳି ଦିଶୁଥାଏ ।

"ଆରେ ବାପ୍‌ରେ ସେ ଜଣ ଛୁରା ନେଇ ଏ ପଟକୁ ଆସୁଛି ମୁଁ ତ ତାକୁ ଖାଲି ଦୁଧ ଗଡୁରେ ମାରିଥିଲି ହଁ ଏ ଆଡ଼କୁ ଆଉଛି ହଡ଼ବଡ଼େଇ କୁଞ୍ଜମଣି ଭଟି ହଠାତ୍ କୌଣସି ଜରୁରୀ କାମଥିଲା ଭଳି ଘର ଭିତରକୁ ପଶିଯାଇ ଧଡ଼ାଶ୍ କିନା କବାଟ ବନ୍ଦ କରିଦେଲା। ହେଲେ ଏତିକିରେ କ'ଣ ସବୁ ସମାଧାନ ହେଲା ?

ଝରକା କୋଣରୁ ଲୋକଟିର ଗତିବିଧି ଦେଖିବାକୁ ଲାଗିଲା।

ଲୋକଟି ନିମଗଛ ତଳେ ଆସି ଛିଡ଼ା ହୋଇଥିଲା। ନିମଗଛଟି ଠିକ୍ କୁଞ୍ଜମଣିର ଘର ସାମ୍ନାରେ।

କୁଞ୍ଜମଣି ମନକୁମନ ଭାବୁଥାଏ "ଆରେ ହେ ବାବା—କେତେ ନାହିଁ କେତେ ଲୋକ ଆସି ତୋ ଉପରେ ମାଡ଼ଦେଲେ ସେ ସମସ୍ତଙ୍କୁ ଛାଡ଼ି ମୋ ପଛରେ ଛାଇ ଭଳି ଲାଗିଛୁ କାହିଁକି ? ମା ବି କେମିତିକା କ'ଣ ନାଇଁ ଜଣ ବଳି ଜଳନ୍ତା ନିଆଁରେ ତେଲ ଢ଼ାଳୁଛି ମୁଁ ସବୁ ବୁଝୁଛି ମଣିଷ ରାଗିଗଲେ ପ୍ରତିଶୋଧ ନ ନେଇ ଛାଡ଼େନି ଆଉ ତୋ ଭଳି ଲୋକ ତ ଗୋଟାଏ ପ୍ରଶ୍ନର ଶହେ ଉତ୍ତର ଦେବ ତୁ ଯଦି କହିବୁ ଏବେ ଯାଉଛି ସେ କୋନାର ପାଖକୁ ସେଇ ଦୁଧଗଡୁ ତୋ ହାତରେ ଦେଉଛି ଯଦି ଇଚ୍ଛା ଠିକ୍ ସେମିତି ଦୁଧଗଡୁରେ ମୋ ଗାଲରେ ଥର୍‌କିନା ଚାପଡ଼ ଗୋଟେ ଲଗା। ଆଉ ମୋତେ ଛାଡ଼ିଦେ ହାତରେ ଛୁରା, ତାକୁ ଧରି ଏମିତି କାଇଁକି ଘୂରି ବୁଲୁଛୁ ?"

ଠିକ୍ ସେଇ ସମୟରେ ଡାକଘରେ କାମକରି ସତର ନମ୍ବର ଘରେ ରହୁଥିବା ସାଇକେଲବାଲା ନାୟଡୁ ଘର ଆଗରେ ଓହ୍ଲାଇଲା ବ୍ୟସ୍ତ ହୋଇ କୁଞ୍ଜମଣି ଅସ୍ପଷ୍ଟ ଭାବେ କହିଲା, "ଆରେ ଏ ଗଧ ଚୁପ୍‌ଚାପ୍, ଘର ଭିତରକୁ ଚାଲିଯା। ଲୋକଟି ଦେଖିଲେ ତୋର ଗୋଡ଼ ଭାଙ୍ଗିଦେବ "

"ଯିଏ ଯେଉଁଠି ରହୁ ହେ, ମୋ'ର କ'ଣ ଅଛି ? ଏପରି ବେଖାତିର ମନରେ ନାୟଡୁ ସାଇକେଲ ଚଳାଉଥାଏ ? କିନ୍ତୁ ହଠାତ୍ ଲୋକଟିକୁ ଛୁରା ଧରି ନିମଗଛ ମୂଳେ ଯେମିତି ଦେଖିଛି, ତା ସାଇକେଲ୍‌ର ପେଡ଼ାଲ ଆଉ ଚାଲିଲା ନାହିଁ। ସାଇକେଲର ଗତି ଧିମେଇ ଦେଲା। କୁଞ୍ଜମଣିର ଦୃଷ୍ଟି ଥାଏ ଲୋକଟି ଧରିଥିବା ଛୁରା ଉପରେ। ଛୁରାର ମୂଠି ଦବେଇ ଦେଲା ଲୋକଟି। 'ଫଟ୍' କରି ଅଧଫୁଟ୍ ଲମ୍ବର ଛୁରୀଟିଏ ଚକ୍ ଚକ୍ କରି ଉଠିଲା। ଅନାଗତ ମୃତ୍ୟୁ ଭୟରେ ଆତଙ୍କିତ ହୋଇ କୁଞ୍ଜମଣି ଖୁବ୍ ଯୋର୍‌ରେ ଆଖି ବନ୍ଦ କରିଦେଲା। ସେଇ ସତର ନମ୍ବର ବାଲା ଲୋକଟି ଅର୍ଦ୍ଧବର୍ତ୍ତୁଳାକାର ଚକ୍କର କାଟି ସାଇକେଲ ବୁଲେଇ ଖୁବ୍ ଯୋର୍‌ରେ ସାଇକେଲ ଚଳେଇଲା ଘରଆଡ଼େ।

କୁଞ୍ଜମଣି ଧିରେ ଆଖି ଖୋଲି ଦେଖିଲା ଘର ଭିତରକୁ ନାୟଡୁ ପଶିଯାଉଛି। "ହେ ଭଗବାନ୍! ଅଳ୍ପକେ ବଞ୍ଚିଗଲା ଆଉ ଘରୁ ବାହାର ନା ନୋହିଲେ ବଳି ପଡ଼ିବୁ। ବୁଝିଲୁ।"

ଲୋକଟି ନିମଗଛର ଗୋଟାଏ ଶାଖା ନୁଆଁଇ ପତଳା ଡାଳଟିଏ କାଟିଲା। ତାର ପତ୍ରଗୁଡ଼ିକୁ ଛିଣ୍ଡେଇ ଛୋଟଖଣ୍ଡ କରି କାଠ ଭାବେ ଦାନ୍ତ ଘଷି ଫେରିଆସିଲା। ତାର ଦୃଷ୍ଟିରୁ ବାହାର ହୋଇଯିବା ମାତ୍ରେ କୁଞ୍ଜମଣି ଗଳିଆଡ଼ର କବାଟ ପଟୁ ବାରଣ୍ଡାକୁ ଆସି 'ଠିଣ୍ଡେ' ଉପରେ ବସି ପାନ ଚୋବାଇବାକୁ ଲାଗିଲା।

ଲୋକଟି ବି ନିଜ ଘର ବାରଣ୍ଡାରେ ବସି ବହୁତ ବେଳ ଯାଏଁ ଦାନ୍ତ ଘଷୁଥାଏ। ସେ ନିମଗଛ ତଳେ ଥିଲାବେଳେ କେଇଜଣ ଯୁବତୀ ସେଇ ଲୋକର ଘର ପାଖ ନଳକୁ ତରବରରେ ଆସି ଗରାଏ ଲେଖାଏଁ ପାଣିଧରି ପୁଣି ଧାଇଁ ଧାଇଁ ଚାଲିଗଲେ। ପୁଣି ବାରଣ୍ଡା ଉପରେ ବସିବା ଦେଖି ନଳ ପାଖକୁ ଆସିବା ପାଇଁ ଆଉ କେହି ସାହସ କଲେ ନାହିଁ। ତାକୁ ଦେଖି, ଆଉ କେହି ପାଣି ନ ନେବାର ଦେଖି, ଲୋକଟି ନିଜେ ନିଜ ଘର ଭିତରକୁ ଚାଲିଗଲା।

ମାଇପିମାନେ ପାଣି ନେଇସାରିବା ପର୍ଯ୍ୟନ୍ତ ସେ ଆଉ ବାହାରକୁ ବାହାରିଲା ନାହିଁ।

ସେଇ ସମୟ ଭିତରେ କୁଞ୍ଜମଣି ଘର ଘର ବୁଲି ସମସ୍ତଙ୍କୁ ଦେଖା କରୁଥାଏ। ପ୍ରାୟ ସଭିଏଁ —କିଏ ବେଶୀ ବା କିଏ କମ୍ —ଡା ଭଳି ଡରିଯାଇଥିଲେ। ପରିଶେଷରେ ସେ ସମସ୍ତଙ୍କୁ ଅନୁରୋଧ କଲା ଯେ, କେହି ଘରେ ବିଚାରୀ ଝିଅମାନଙ୍କୁ ଏକା ଛାଡ଼ି କୁଆଡ଼େ ଯିବେ ନାହିଁ।

କୁଞ୍ଜମଣି କଥାରେ ସଭିଏଁ ହଁ ଭରିଲେ। ଆଉ କେତେ ଲୋକ, ଛୁଟୀ ମଞ୍ଜୁର କରୁନଥିବା ଉପରିସ୍ଥ ଅଫିସରମାନଙ୍କୁ ନାନା ଗାଳି ଦେଇ, ବହୁତ ସତର୍କ ଓ ସାବଧାନ ହୋଇ ରହିବା ଲାଗି ଘର ଲୋକଙ୍କୁ ପରାମର୍ଶ ଦେଇ ଡରି ଡରି ନିଜ ନିଜର ଅଫିସ ଚାଲିଗଲେ।

ତହସିଲ ଅଫିସର ହେଡକ୍ଲର୍କ ଦେବ ସହାୟମ ପିଲ୍ଲେର ମନେ ପଡ଼ିଲା ପୁଲିସ ଥାନାରେ ରାଇଟର କାମ କରୁଥିବା ନିଜ ବନ୍ଧୁ କଥା। ଅଫିସ ଗଲାବେଳେ ସେ ବାଟରେ ଏ ସଂପର୍କରେ ପୋଲିସ୍ ଥାନାରେ ଏକ ରିପୋର୍ଟ ମଧ୍ୟ କରି ଦେଇଗଲା।

ସକାଳ ଏଗାରଟା ସୁଦ୍ଧା 'ଲୋକଟି' ଘରୁ ବାହାରିଲା ନାହିଁ। ପରେ ଯେତେବେଳେ ତାର ବିଶ୍ୱାସ ହେଲା ଯେ ପାଣିନଳ ଖାଲି ହୋଇଗଲାଣି, ସେତେବେଳେ ଗାଧୋଇବା ଲାଗି ସେ ବାହାରି ପଡ଼ିଲା।

ଘରେ ତାଲା ନ ପକାଇ, ଲୋକଟି କଲୋନୀ କମ୍ପାଉଣ୍ଡ କାନ୍ଥକୁ ଲାଗିଥିବା ସେଇ ଛୋଟ ଦୋକାନଟିରୁ କପଡ଼ାକଚା ସାବୁନ ଓ କିଛି ବିଡ଼ି କିଣି ଆଣିଲା।

ଅଣ୍ଟାରେ ଗାମୁଛା ପିନ୍ଧି, ଲୁଙ୍ଗି, ଗଞ୍ଜି, କୁର୍ତ୍ତା ଆଉ ସବୁ କପଡ଼ା ନଳ ତଳ ଚଟାଣରେ ବିଛେଇ ସାବୁନରେ ଧୋଇ ନିମଗଛରେ ଟାଙ୍ଗି ଶୁଖେଇ ଦେଲା।

କଲୋନୀର ଲୋକ ଚଳପ୍ରଚଳ ପୂରାପୂରି ବନ୍ଦ। ସଭିଏଁ ଘର ଭିତରେ ବସିଛନ୍ତି। କପଡ଼ା ଶୁଖେଇ ଲୋକଟି ଖୁବ୍‌ବେଳ ଯାଏଁ ନଳ ତଳେ ଚୁପ୍‌ଚାପ୍ ଗାଧୋଇବାକୁ ଲାଗିଲା।

ସେତେବେଳେ ହଠାତ୍ ଏକ ଶିଶୁକଣ୍ଠର କୋମଳ ସ୍ୱର ତା କାନରେ ବାଜିଲା ''ମାମା ମାମା ତମ ଗଞ୍ଜି ଧୂଳିରେ ପଡ଼ିଯାଇଛି ''

ଦେଖିଲା ଜଙ୍ଘିଆଟେ ପିନ୍ଧି, ହାତରେ ଧୂଳିଧୂସରିତ ଗଞ୍ଜିଟିଏ ଧରି ଚାରିବର୍ଷର ଝିଅଟିଏ ତା ପାଖରେ ଛିଡ଼ା ହୋଇଛି।

ପ୍ରଥମ ଥର ପାଇଁ ନିଜକୁ କେମିତି ଡର ଡର ଲାଗିଲା। ଭାବିଲା ମୋ ସହ ଏକ ମମତାବିଦ୍ଧ କଣ୍ଠରେ କଥା ହେଉଥିବା ଝିଅଟିକୁ କେହି ଦେଖି ନାହାନ୍ତି ତ! ତାକୁ କେମିତି ଡର ଡର ଲାଗୁଥାଏ।

''ତୁ ତୁ କ'ଣ ଏଠାକୁ ଚୋରି କରିଆସିଥିବା ଆମର ନୂଆ ମାମା? ତୋ ଆଗକୁ ନ ଆସିବା ଲାଗି ମା ମୋତେ ଘରେ ବନ୍ଦ କରି ଦେଇଥିଲା। ମା ବାହାର ଘରେ ଶୋଇ ପଡ଼ିବା ପରେ, ମୁଁ ଚୁପ୍‌ଚାପ୍ ଚାଲିଆସିଛି ମତେ ଚକ୍‌ଲେଟ୍ ଆଣି ଦେବ? ଚୋରିକରି ଧରି ଆ ସେ ଆଗର ଦୋକାନରେ ଏତେ ବେଶି ଚକ୍‌ଲେଟ୍ ଅଛି।'

ଲୋକଟି ହଠାତ ହସିଉଠିଲା। ଝିଅଟିର ଗାଲରେ ହାତ ମାରିଲା। ଝିଅଟି କାନ୍ଦି ଉଠିଲା। ଶୀଘ୍ର ଶୀଘ୍ର ଦେହ ପୋଛି, ସେଇ ତଉଲିଆ ପିନ୍ଧି ଦୋକାନ ଆଡ଼କୁ ବାହାରି ପଡ଼ିଲା। ଝିଅଟି ତାର ତଉଲିଆ ଧରି କହିଲା ''ମା ଦେଖିଲେ ମୋତେ ମାରିବ ମୁଁ ଲୁଚି ଯାଉଛି।''

ଲୋକଟି ପିଲାଙ୍କ ଭଳି 'ହଁ' କହି ଦୋକାନ ଆଡ଼କୁ ଗଲା।

ତାର ଚୋର ହେବାର ରହସ୍ୟର ଅଂଶୀଦାର ହେବାଲାଗି ତାକୁ ଜଣେ ସାଥୀ ମିଳିଗଲା। ସେଥିପାଇଁ ବୋଧହୁଏ ଖୁବ୍ ଖୁସିଥିଲା। ତାର ମନେ ହେଲା ସମଗ୍ର ସମାଜ ସେଇ ଛୋଟ ଝିଅଟିର ରୂପରେ ତାକୁ କହୁଛି ''ଏଇଟା ତୋ ଘର। ଏଥିରେ ତୋର ପୁରା ଅଧିକାର ଅଛି।''

କ୍ଷଣିକ ଭିତରେ ସେ ହାତରେ ମୁଠାଏ ଚକ୍‌ଲେଟ୍ ଧରି ଆସିଲା।

ଖୁବ୍ ଖୁସିରେ ଘରେ ପହଞ୍ଚିଲା ମାତ୍ରେ ତାକୁ ଯେମିତି ଜଣାଗଲା ଯେ ଛୁଆଟିକୁ ପିଟି ପିଟି କେହି ନିଜ ଘରକୁ ନେଇ ଯାଉଛି।

ସନ୍ତର୍ପଣରେ ଡାକିଲା 'ମୁନି ମୁନି '

'ସ ସ'। ଓଠ ଉପରେ ଆଙ୍ଗୁଳି ରଖି ଝିଅଟି କବାଟ କୋଣରୁ ବାହାରି ପଡ଼ିଲା। କହିଲା ''ଏଇଠି ଲୁଚିଛି। ତମ ପାଟିଶୁଣି ଭାବିଲି ମା ଆସିଗଲା ବୋଲି ବସି ପଡ଼ ନା '' ଲୋକଟାର ହାତ ଟାଣି ବସେଇ ଦେଇ ଝିଅଟି ନିଜେ ମଧ ବସିପଡ଼ିଲା।

ଝିଅଟିର ହାତରେ ଲୋକ ଜଣକ ଚକ୍‌ଲେଟ୍ ଧରେଇ ଦେଲା। ହାତ ପୁରା ହୋଇଯିବା ପରେ ଘର ଚଟାଣରେ ମଧ କେତୋଟି ଚକ୍‌ଲେଟ୍ ପଡ଼ିଗଲା।

ଝିଅଟି ଆଶ୍ଚର୍ଯ୍ୟରେ ପଚାରିଲା 'ଏତେ ଗୁଡ଼ିଏ ଖାଲି ମୋ ପାଇଁ?'

'ହଁ '

ଦୁଇ ତିନୋଟି ଚକ୍‌ଲେଟ କାଗଜ ଖୋଲି ଏକସଙ୍ଗରେ ମୁହଁରେ ପକେଇଦେଲା ଝିଅଟି। ଓଠ କୋଣରୁ ଲାଳର ଧାର ବାହାରି ପଡ଼ିଲା। ବହୁତ ଉଦାରତା ଦେଖାଇ ଗୋଟାଏ ଚକ୍‌ଲେଟ୍ ବଢ଼େଇ ଦେଲା ତା ଆଡ଼େ, "ନେ ଏଇଟା ତୋ ପାଇଁ ଖା "

'ରାନି ରାନି ' ଡାକରେ ମୁନି ସତର୍କ ହୋଇ ଛିଡ଼ା ହୋଇଗଲା। ଏକ ଭୟାର୍ତ୍ତ ସ୍ୱରରେ କହିଲା, "ମା ଖୋଜୁଛି।" ତା ସଙ୍ଗେସଙ୍ଗେ ଜବାବ ଦେଲା, 'ମା, ମୁଁ ଏଇଠି ଅଛି।'

"କେଉଁଠି?"

"ଏଇଠି ଚୋରି କରିବା ପାଇଁ ଯେଉଁ ମାମା ଆଇଚି ତା ଘରେ "

ଲୋକଟା ହସି ଉଠିଲା। ସବୁ ଚକ୍‌ଲେଟକ ଝିଅଟିର ହାତରେ ଦେଇ କହିଲା, "ଯା ଯା ମା ମାରିବେ। ପରେ ଆସିବୁ।"

"ସବୁ ଚକ୍‌ଲେଟ ସଙ୍ଗରେ ନେଲେ ମା ମାରିବ। ନେ ସବୁ ଆଲମାରୀରେ ରଖିଥିବୁ। ମୁଁ ଫେର୍ ଆସିବି କାହାକୁ ଆଉ ଦେବୁନି ରମେଶକୁ ବି ନାଇଁ "

"ହଁ ଅଁ "

ମୁନି ଚାଲିଯିବା ପରେ ଲୋକଟି ଭାତଖାଇ ଚାଲିଆସି, ବାହାର କବାଟ ଖୋଲାରଖି, ମୁଚୁଳା ତଳେ ଚାବିପେଛା, ବିଡ଼ି, ଛୁରୀ ରଖି କିଛି ସମୟ ପଢ଼ିସାରିଲା ପରେ ଶୋଇପଡ଼ିଲା।

ଚାରିଟା ବେଳକୁ ତାକୁ ବୋଧହୁଏ କିଏ ବାଡ଼ି ସାହାଯ୍ୟରେ ଉଠାଇବାର ଚେଷ୍ଟା କରୁଥାଏ। ଦେହରେ କ'ଣ ବାଜିବା ମାତ୍ରେ ନିଜର ରକ୍ତାକ୍ତ ଆଖି ଖୋଲି ଦେଖିଲା। ଆଗରେ ପୋଲିସ ଦେଖି ଠିଆ ହୋଇ ନମସ୍କାର କଲା।

ନଳ ପାଖରେ କୋନାର, କୁଞ୍ଜମଣି ଓ ସୀତାମ୍ମା ଆଦିଙ୍କ ନେତୃତ୍ୱରେ ଏକ ବଡ଼ ଭିଡ଼ ଜମା ହୋଇ ସାରିଥାଏ।

ପ୍ରଣାମ କରି ସାରିଲା ପରେ ବେଲ୍ଟର ବଟୁଆରୁ ସେଇ କାଗଜଟି କାଢ଼ି ପୁଲିସବାଲା ହାତକୁ ବଢ଼େଇ ଦେଲା।

"ହଁ ହବେ କାଗଜି ବଡ଼ ରସିଦ ଦେଖେଇଲାବାଲା ପଚାଶଟଙ୍କା ଆଡ୍‌ଭାନ୍ସ ଦେଇଦେଲେ ତୁ କଣ ଭଦ୍ରଲୋକ ହୋଇଯିବୁ? କାନ ଖୋଲି ଶୁଣିଥା —ଆଜି ହିଁ ଘର ଖାଲିକରି ଯେଉଁଠୁ ଆସିଥିଲୁ, ସେଠାକୁ ଚାଲିଯା କଣ କହୁଛୁ? କାଲି ଯଦି ଶୁଣିବି ଯେ ତୁ ଯାଇନୁ ତୋ ଛାଲ ଉତାରି ଦେବି ବୁଝିଲୁ? ଆବେ ଏ କେବେ ଜେଲଖାନାରୁ ବାହାରିଲୁ?" ଧମକ ଦେଇ ପୁଣି ପୁଲିସ୍‌ବାଲା ପଚାରିଲା।

ହାତଯୋଡ଼ି ବିନମ୍ର ଭାବେ କହିଲା, "ଗଲା ପନ୍ଦରଦିନ ସାହେବ।" କହୁ କହୁ ତା ଆଖିରେ ଲୁହ ଆସିଗଲା।

ସେଇ ସମୟରେ ସଡ଼କ ଉପରେ କାର୍‌ରେ ଯାଉଥିଲେ କଲୋନୀର ମାଲିକ ସୋମ ସୁନ୍ଦର ମୁଦ୍‌ଲିୟାର୍। କଲୋନୀ ଭିତରେ ଭିଡ଼ଦେଖି ଗାଡ଼ି ରଖିଲେ। ମୁଦ୍‌ଲିୟାର୍‌ଙ୍କୁ

ଦେଖି କୁଙ୍କୁମଣି ଧାଇଁ ଧାଇଁ ତାଙ୍କ ପାଖକୁ ଆସିଗଲା। କହିଲା "ଆପଣ ଏ କଣ କଲେ ? ଚାରିଜଣ ଘରବାଲାଙ୍କ ଭିତରେ ଗୋଟାଏ ଦାଗୀକୁ କେମିତି ଜାଗା ଦେଲେ ?"

ବୁଲାବାଡ଼ିକୁ ଭୂଇଁ ଉପରେ ରଖି, କେଉଁ ଦୂର ଜାଗାକୁ ଦେଖୁ ଦେଖୁ ମୁଦ୍‌ଲିୟାର୍ ନିଜର ନିଶ ସାଉଁଳୁ ଥା'ନ୍ତି।

ସୀତାମ୍ମା କୁଙ୍କୁମଣିକୁ ସାନ୍ତ୍ୱନା ଦେଉଁ ଦେଉଁ କହିଲା, "ଆଲୋ ଝିଅ ମୁଦ୍‌ଲିୟାର୍ ବାବୁ କଣ ଜାଣିବେ ତା ବିଷୟରେ। ଚୋର ବୋଲି ଜାଣିଥିଲେ, ତାକୁ କଣ ଜାଗା ଦେଇଥାନ୍ତେ ? ପୋଲିସ ହାବିଲଦାର୍ ତ ଆସି ଘର ଛାଡ଼ିବା ପାଇଁ କହିଗଲାଣି –ଛାଡ଼୍ ବାବୁଙ୍କ ପାଖରେ ଆଉ ଗୁହାରି କରୁନି "

ରାଗରେ ମୁଦ୍‌ଲିୟାର୍‌ଙ୍କ ଆଖି ଲାଲ ପଡ଼ିଯାଇଥାଏ। ସେଇ ଶେଷ ଘରଟି ଆଡ଼େ ଦ୍ରୁତ ପଦକ୍ଷେପରେ ଆଗେଇ ଗଲେ। ତାଙ୍କୁ ଦେଖିଲାମାତ୍ରେ ପୋଲିସବାଲାଟି ବାହାରକୁ ଆସି ସାଲ୍ୟୁଟ ଦେଲା।

ପୁଲିସ ଦେଖି ରାଗରେ ମୁଦ୍‌ଲିୟାର୍ ପଚାରିଲେ "ଏଠି ତମେ କଣ କରୁଛ ?"

"ଆଜ୍ଞା ଲୋକଟି ଏକ ନମ୍ବର ବଦମାସ୍। ଥାନାରେ ଜଣେ କେହି ରିପୋର୍ଟ ଦେଇଛି। ଘର ଖାଲି କରିବା ପାଇଁ ତାକୁ କହୁଛି।"

ମୁଦ୍‌ଲିୟାର୍ ପ୍ରଥମେ ଲୋକଟିକୁ ଦେଖି, ତା'ପରେ ପୁଲିସ ତଥା ଅନ୍ୟାନ୍ୟମାନଙ୍କୁ ଦେଖିବାକୁ ଲାଗିଲେ।

"ମୋର ଟେନେଣ୍ଟ୍‌କୁ ବାହାର କରିବା ଲାଗି ତମେ କିଏ ? ଗେଟ୍ ଆଉଟ୍" ମୁଦ୍‌ଲିୟାର୍‌ଙ୍କ ରାଗ ଦେଖି ପୋଲିସ ଜଣକ ଖୁବ୍ ଡରିଗଲା।

ସାଲ୍ୟୁଟ୍ ମାରି କହିଲା 'ୟେସ୍ ସାର୍।'

"ଅଧିକାରକୁ ଅପବ୍ୟବହାର କରିବା ଠିକ୍ ନୁହେଁ। ସେ ଚୋରି କଲା ବୋଲି ଜେଲ୍ ଗଲା। ତା ହେଲେ ତାକୁ ବାହାରକୁ କାହିଁ ଛଡ଼ାଗଲା? ସେ ଚୋରି ନ କଲା ପର୍ଯ୍ୟନ୍ତ ଯିବ କୁଆଡ଼େ ? ଯଦି ଚୋରି କରେ ତା ହେଲେ ତାକୁ ଧରିନିଅ–" ଏତକ କହି ମୁଦ୍‌ଲିୟାର୍ (ପୋଲିସ ଲୋକଟିକୁ) ବାହାରକୁ ପଠେଇ ଦେଲେ।

"କୁଙ୍କୁମଣି ଦେବୀ –ପାଖକୁ ଆସନ୍ତୁ। ଆପଣଙ୍କ ଭଳି ଏଇ ଲୋକଟି ମଧ୍ୟ ମୋର ଭଡ଼ାଟିଆ। ମୋର ଭଡ଼ା ଦରକାର। ଆପଣ ଚୋରିକରି ନା ଜୁଆଖେଳି ଭଡ଼ା ଦିଅନ୍ତି, ମୁଁ ସେ ସବୁ ଜାଣେନା। ଠିକ୍ ସେ ଭଳି ଭାବେ ଏଇ ଲୋକଟିକୁ ନେଇ ମୋର କୌଣସି ଚିନ୍ତା ନାହିଁ। ଜେଲ୍‌ର ପବନ୍ ଖାଇଥିବା ଚୋରକୁ ଦେଖି ଆପଣ ଡରୁଛନ୍ତି। ହେଲେ ଜେଲ୍ ବାହାରେ ଥିବା ବହୁତ ଚୋରଙ୍କୁ ମୁଁ ପ୍ରତ୍ୟହ ଦେଖୁଛି। ସେ ଏଇଠି ରହିବ। ବୁଝିଲେ ? ଆପଣ ଖାଲିଟାରେ ବ୍ୟସ୍ତ ହୁଅନ୍ତୁ ନାହିଁ।"

ମୁଦ୍‌ଲିୟାର୍ ବାବୁ କୁଙ୍କୁମଣିକୁ ଏତକ କହିସାରିଲା ପରେ କୋନାର ଆଡ଼କୁ ଦେଖିଲେ।

"କଣ ରେ କୋନାର? ତୁ କଣ ଭଦ୍ରଲୋକ ଭଳି କହିଯାଉଛୁ? ଚାରିବର୍ଷ ତଳେ ଦୁଧରେ ପାଣି ମିଶେଇବା ଅଭିଯୋଗରେ ତୁ ଜୋରିମାନା ଦେଇଥିଲୁ ନା —ମନେ ଅଛି?" ମୁଦ୍‌ଲିୟାର୍‌ଙ୍କ ପ୍ରଶ୍ନରେ କୋନାର ମୁଣ୍ଡ ତଳକୁ କଲା।

ଶେଷରେ ନିଜର ନୂଆ ଭଡ଼ାଟିଆକୁ ମୁଦ୍‌ଲିୟାର କହିଲେ, "ଶୁଣ୍‌ ଭାଇ, ତୋ ପାଖରୁ ମୁଁ ଦି ମାସର ଆଡଭାନ୍ସ ନେଇ ରସିଦ୍‌ ଲେଖି ଦେଇଛି କେହି ତତେ ଧମକ ଦେଲେ ମତେ କହିବୁ। ମୁଁ ତାଙ୍କୁ ଦେଖିନେବି।" ଏତକ କହି ମୁଦ୍‌ଲିୟାର୍ ଗାଡି ପାଖକୁ ଚାଲିଗଲେ।

ସେ ଦିନ ଅର୍ଦ୍ଧରାତ୍ରି ଯାଏ ଲୋକଟି ସେଇଠି ରହିଲା। କୋଠରୀରେ ତାଲା ଲଗାଇ କେତେବେଳେ ଯେ ବାହାରକୁ ଚାଲିଗଲା କେହି ଜାଣି ପାରିଲେ ନାହିଁ।

ସକାଳୁ ଦୁଧ ଦୁହିଁବା ଲାଗି ଆସିଲା ବେଳକୁ କୋନାର ଭାବିଲା ବୋଧହୁଏ ଲୋକଟି ଘର ଭିତରେ ଅଛି।

କାଳେ ସକାଳୁ ସକାଳୁ ଗୋଟାଏ ଚୋରର ମୁହଁ ଦର୍ଶନ ହେବ, ଏଇ ଡରରେ କୁଙ୍କୁମଣି ଅନ୍ଧଭାବେ ଝରକା ଖୋଲି ଗୋ-ଦର୍ଶନ କଲା।

ପାଣି ନେବାପାଇଁ କଳ ପାଖରେ ରୁଣ୍ଡ ହୋଇଥିବା ମହିଳାମାନେ ସେଇ ଶେଷ ଘରଟିରେ ତାଲା ପଡ଼ିଥିବା ଦେଖି କିଛିଟା ସାହସ ପାଇ ସେଇ ଲୋକ ଓ ମୁଦଲିୟାର୍‌ଙ୍କ ସଂପର୍କରେ ଏକ ପରିଚର୍ଚ୍ଚା ଆରମ୍ଭ କରିଥିଲେ। ସବୁଠୁଁ ସୀତାମ୍ମାର ପାଟି ଖୁବ୍ ଉଚ୍ଚ ଜଣା ପଡୁଥାଏ।

ଘରେ ତାଲା ପଡ଼ିଥିବା ଶୁଣି କୁଙ୍କୁମଣି ଓ କୋନାର ଭାବିଲେ ଯେ ଲୋକଟି ଡକାୟତି କରିବାଲାଗି ନିଶ୍ଚିତ ଭାବେ ରାତିରେ ଯାଇଛି। ଦିହେଁ ତ୍ରସ୍ତ ଅଥଚ ଉତ୍କଣ୍ଠାଗ୍ରସ୍ତ ଭାବରେ ତାର ଫେରିବା ପାଇଁ ଅପେକ୍ଷା କଲେ।

ଦି-ପହର ଯାଇ ସଂଧ୍ୟା ବି ଗଲା। ଆଉ ଦିନେ ବି ଚାଲିଗଲା। ଦୁଇଦିନ ପର୍ଯ୍ୟନ୍ତ ତାର ଫେରିବା ନ ଦେଖି କୁଙ୍କୁମଣି ଓ କୋନାର ହର୍ଷୋତ୍‌ଫୁଲ୍ଲିତ ଭାବେ ଅନୁମାନ କଲେ ନିଶ୍ଚୟ ଲୋକଟି ଚୋରିକରିବା ସମୟରେ ଧରା ପଡ଼ିଯାଇଛି।

କେବଳ ସେଇ ଚାରିବର୍ଷିଆ ମୁନ୍ନି ଦିନେ ଦ୍ୱି-ପହରରେ ସେଇ ତାଲାବନ୍ଦ ଘର ପିଣ୍ଡାରେ ଏକେଲା ଛିଡ଼ା ହୋଇ, ଝରକାବାଟୁ ଦିଶୁଥିବା ଆଲମିରା ଭିତରେ ରଖାଯାଇଥିବା ଚକ୍‌ଲେଟ୍ ଗୁଡ଼ିକୁ ଦେଖି କାନ୍ଦି ଉଠୁଥାଏ—

"ଚକ୍‌ଲେଟ୍ ମାମା ଆରେ ଏ ଚକ୍‌ଲେଟ ମାମା ତୁ କେବେ ଆଉ ଫେରିବୁ ନାହିଁ ?"

କ୍ରୁଶ

ଟ୍ରଙ୍କ୍ ରୋଡ୍ ଉପରେ ଘରର୍ ଘରର୍ କରି ବସ୍‌ଟି ଦୌଡୁଥିଲା। ଠିକ୍ ଆଗରେ, [ବସ୍‌ର] ତିନୋଟି ଧାଡ଼ି ଛାଡ଼ି ଚତୁର୍ଥ ଧାଡ଼ିର ଝରକା ପାଖରେ ବସିଥିବା ଯୁବକ ଆଡ଼କୁ ଆଦୌ ଦୃଷ୍ଟି ନ ପକେଇବାର ମନସ୍ଥକରି ସେଇ ଯୁବତୀ ଜଣକ ଝରକା ଦେଇ ବାହାରର ଦୃଶ୍ୟ ଦେଖୁଥିଲା। ଠିକ୍ ସେତେବେଳେ ତାର ଦୃଷ୍ଟି ପଡ଼ିଲା ସେଇ ଶ୍ରମିକ ସ୍ତ୍ରୀଟି ଉପରେ।

ସ୍ତ୍ରୀ ଲୋକଟିର ମୁଣ୍ଡ ଉପରେ ଘାସ ବୋଝ। କାଖ ହୋଇଥିବା ଛୁଆଟି ମା'ର ସ୍ତନରେ ମୁହଁ ଲଗାଇ ଦୁଧ ପିଉଥାଏ। ଦୁଧ ପିଉ ପିଉ ବୋଧହୁଏ ଶୋଇଗଲାଣି। ଢଳିଯାଉଥିବା ସୂର୍ଯ୍ୟର ତିର୍ଯ୍ୟକ୍ ରଶ୍ମିରୁ ରକ୍ଷା ପାଇବା ଲାଗି ସେ ଗୋଟାଏ ହାତ ଆଖି ଆଗରେ, ଆଉ ଗୋଟିଏ ହାତରେ ଛୁଆଟିକୁ ଧରି ଛିଡ଼ା ହୋଇଥାଏ। ଆଉ ଦୁଇଜଣ ନନ୍ (ମଠବାସିନୀ) ବସ୍ ଯିବା ଆଡକୁ ପଛ କରି ସିଟ୍ ଉପରେ ବସିଛନ୍ତି।

ପିଲାଟିକୁ ଧରି ଛିଡ଼ାହୋଇଥିବା ସ୍ତ୍ରୀ ଲୋକଟିକୁ ଦେଖି କେଜାଣି କାହିଁକି ସେଇ ଯୌବନ ବିଦ୍ଧା ନନ୍‌ଟିକୁ ଖୁବ୍ ଭଲ ଲାଗିଲା। ଝରକା ବାହାରକୁ ନିଜର ଗୌରୋଜ୍ଜ୍ୱଳ ମୁହଁ ବାହାର କରି ଦେଖିଲା। ମୁଣ୍ଡରେ ବାନ୍ଧିଥିବା ନୀଳ କପଡ଼ାଟି ଝଲସି ଉଠୁଛି। ତା ଆଡ଼କୁ ନନ୍‌ଟି ଦେଖିଥିବା ଦେଖି ଶ୍ରମିକ ସ୍ତ୍ରୀଟି ହସିଦେଲା। ଯୁବତୀଟି ନିଜ ମୁଣ୍ଡ ହଲାଇ ଗୁଣୁ ଗୁଣୁ ହେଲା

'କୁଆଁରୀ ମା ହୋଇ
ବିନା ଗର୍ଭରେ ଜନ୍ମଦେଇ
ପ୍ରେରିତ କଲେ ନିରାକାର ଈଶ୍ୱରଙ୍କୁ
ମାନବ ରୂପରେ—
ଏଇ ପୃଥିବୀକୁ ପବିତ୍ର କରିବା ଲାଗି'

ସେଇ ଶ୍ରମିକ ସ୍ତ୍ରୀଟିର ଚିତ୍ର, ମଠସ୍ଥିତ ହାତରେ ଈଶ୍ୱର ପୁତ୍ରଙ୍କୁ ଧରି ଛିଡ଼ା ହୋଇଥିବା ପବିତ୍ରକାରିଣୀ ମରିଅମ୍‌ଙ୍କ ଚିତ୍ର ଭଳି ତାର ମନ ପଟଳରେ ଅଙ୍କିତ ହୋଇଗଲା। ଧିରେ ଧିରେ ଆଖି ଉପରୁ ସେଇ ଚିତ୍ରଟି ଝାପ୍‌ସା ହୋଇ ଉଠିଲା। ଦୃଷ୍ଟି ମଧ ପଡ଼ିଲା ଚତୁର୍ଥ ଧାଡ଼ିରେ ବସିଥିବା ସେଇ ଯୁବକ ଉପରେ।

ଯୁବକଟି ତା ଆଡ଼କୁ ଦେଖୁଥିଲା । ନୀଳକୃଷ୍ଣ କପଡ଼ା ଭିତରୁ ଫୁଟିଉଠୁଥିବା ମଠବାସିନୀର ଗୌରୋଜ୍ଜ୍ୱଳ ଚେହେରା ଉପରେ ତାର ଆଖି ଲାଖି ରହିଛି ।

ଯୁବତୀଟି ଶିହରୀ ଉଠିଲା । ଆଖିପତା ତଳକୁ ନଇଁଗଲା । ଯୁବକଟି ମୁହଁ ବୁଲେଇ ନେଲା ।

ସେ ତ ସୁନ୍ଦର ଏଥିରେ ଖରାପ କ'ଣ? ସେଇଟା ହିଁ ପାପ । ପାପର ଫଳ ବୋଝେଇ ହୋଇଯାଏ । ନିଜର ପାପ ଯୋଗୁଁ ହିଁ ମଣିଷ ଏ ଭୂପୃଷ୍ଠରେ ଜନ୍ମ ହୋଇଛି । ନିଷିଦ୍ଧ ଫଳଟିକୁ ଆଦମ୍ ଖାଇ ନଥିଲେ(?)ଆଦାମ୍ ଓ ଇଭ୍‌ର ସନ୍ତାନ ସନ୍ତତି କୁଆଡୁ ଆସି ଥାଆନ୍ତେ?

ସୃଷ୍ଟିକର୍ତ୍ତା, ଆଦମ୍ ଓ ଇଭ୍‌ଙ୍କୁ ପବିତ୍ର ଜନମ ତ ଦେଇଥିଲେ !!

''ହେଲେ ସେମାନେ କ'ଣ କଲେ ? ତାଙ୍କ ପାଇଁ ନିଷିଦ୍ଧ ଫଳଟିକୁ ଖାଇ ପାପଗ୍ରସ୍ତ ହୋଇଗଲେ । ସେମାନଙ୍କ ପାପର ଫଳର ପ୍ରତୀକ ମୁଁ । ବାପ- ମା ଦ୍ୱାରା ପରିତ୍ୟକ୍ତା ମୋ ଭଳି ଜଣକୁ ଜନ୍ମର ତିନିଦିନ ପରେ ପାଳି, ବଡ଼କରି, ଏଇ ମଠରେ ରଖିଥିବା ମୋର ମା ଇନ୍‌ଭିଲିଟୀ ରାସ୍ତାର ସେଇ ଶ୍ରମିକ ସ୍ତ୍ରୀ ମୋ ଆଡ଼କୁ ବାରମ୍ୱାର ଦେଖୁଥିବା ସେଇ ଯୁବକଟି ଆମ ସଭିଙ୍କ ଜନ୍ମ ହେଲା । ପାପୀ ଲୋକେ ମଣିଷ ମାତ୍ରେ ହିଁ ପାପୀ ନିଷିଦ୍ଧ ଫଳ ଭିତରର ସାଲୁବାଲୁ ହେଉଥିବା ପୋକ ଆମେ । ବିଷାକ୍ତ ପୋକ ହଳାହଳ ବିଷଗର୍ଭା ଭୁଜଙ୍ଗ ।'

ଘର୍‌ର୍ ଘର୍‌ର୍ ଶବ୍ଦକରି ବସ୍‌ଟି ଦୌଡ଼ୁଥିଲା ।

ନନ୍‌ର ଦୃଷ୍ଟି ପଡ଼ିଲା ପୁଣି ସେଇ ଯୁବକଟି ଉପରେ । ଚଟ୍‌କିନା ତାର ଦୃଷ୍ଟି ଫେରେଇ ନେଲାବେଳେ ଆଖିପଡ଼ିଲା ଆଗରେ ବସିଥିବା ସ୍ତ୍ରୀର କୋଳରେ ଥିବା ସେଇ ଶିଶୁଟି ଉପରେ । ନିଷ୍ପାପ ପିଲାଟିର ଓଠରେ ଥିଲା ମହକଭରା ହସ । ପିଲାକୁ ଦେଖି ନିଜେ ବି ହସି ଉଠିଲା । ତା ଆଡ଼କୁ ହାତଟେକି ପିଲାଟି ଝୁଙ୍କି ପଡ଼ିଲା । ମା'ର କୋଳରୁ ଓହ୍ଲାଇ ତା ପାଖରେ ବସିଥିବା ବୁଢ଼ୀ ଇନ୍‌ଭିଲିଟୀର ଓଢ଼ଣା ଟାଣି ତା ପାଖରେ ଛିଡ଼ା ହେଲା । ବୁଢ଼ୀ ଇନ୍‌ଭିଲିଟୀର ଗଳାର ମଣିଯୁକ୍ତ ହାରରେ ଗୁନ୍ଥା ଯାଇଥିବା କ୍ରୁଶ ଦେଖିବାରେ ବ୍ୟସ୍ତ ଥାଏ ।

ବସ୍ ଭିତରେ ବସିଥିବା ଲୋକଙ୍କ ଭିତରୁ ଯିଏ ବି ଦେଖିବ, ସହଜରେ ବୁଝି ପାରିଥିବ ଯେ, ସେଇଟା ବୁଢ଼ୀର ଏକ ଅଭ୍ୟାସ । ପିଲା ଦୁଇଘଣ୍ଟା ଧରି ସେ କ୍ରୁଶ ଦେଖିବାରେ ବ୍ୟସ୍ତ ଥିଲା । ସେଇ ରୁପାର କ୍ରୁଶ ଉପରେ ଯୀଶୁଖ୍ରୀଷ୍ଟଙ୍କ ଚିତ୍ର ଥାଏ ।

ପିଲାଟିର ଚିବୁକ ଧରି ବୁଢ଼ୀଟି ତା ଆଡ଼କୁ ଦେଖି ହସିଲା । ପିଲାଟା କ୍ରୁଶଟିକୁ ହାତରେ ଧରି ଟାଣିବାକୁ ଲାଗିଲା । ପିଲାର ହାତରେ କ୍ରୁଶଟିକୁ ଦେଖି ବୁଢ଼ୀ ତାର ହାତ ଯୋଡ଼ି ଶିଖେଇଲା –''ପ୍ରାର୍ଥନା କର ହେ ଭଗବାନ ! ପ୍ରାର୍ଥନା କର ''

ହାତ ଯୋଡ଼ିବା ମାତ୍ରେ ପିଲାଟି ଯୁବତୀ ଆଡ଼କୁ ଦେଖି ମନଭରି ହସି ତା ଆଡ଼କୁ ନଇଁଗଲା । ଯୁବତୀଟି ତାକୁ ଉଠେଇ ଯାକି ଧରିଲା ବୁକୁରେ । ପିଲାଟି ଅଣନିଃଶ୍ୱାସୀ ହୋଇ ଉଠିଲା । ଆଖି ଅନ୍ଧାରିଆ ଦିଶି, ଆଖିପତା ଭିଜିଗଲା ।

ବୁଢ଼ୀ ଇନ୍‌ଭିଲିଟା ପୁଣି ମଜ୍ଜିଗଲା କ୍ରୁଶ ଦେଖାରେ। କ୍ରୁଶ ଦେଖି ଦେଖି ପଚାରିଲା "କେଥରୀନ୍ କେତେଟା ବାଜିଛି ?"

ପିଲାଟିର ସଞ୍ଜ ଭଳି ଗାଲରେ ନିଜର ଗାଲ ରଖି ସାରା ଦୁନିଆକୁ କ୍ଷଣିକ ପାଇଁ ଭୁଲିଯାଇଥିବା ଯୁବତୀର କାନ ପାଖେ ବୁଢ଼ୀ ଇନ୍‌ଭିଲିଟାର ପ୍ରଶ୍ନ ପହଞ୍ଚି ପାରିଲା ନାହିଁ।

"କେଥରୀନ୍। କେଥରୀନ୍ ଶୋଇଗଲୁ କିରେ ? ପିଲାକୁ ପକେଇ ଦେବୁ କେତୁଟା ବାଜିଲାଣି ?"

'ପାଞ୍ଚଟା ହେଲାଣି ମା।' କହି କେଥ୍‌ରୀନ୍ ପିଲାଟିକୁ ତଳକୁ ଓହ୍ଲାଇ ଦେଇ, ତାର ହାତ ଯୋଡ଼ିଦେଇ କହିଲା, "ପ୍ରାର୍ଥନା କର। ହେ ଭଗବାନ !" ପିଲାଟି ହାତ ଯୋଡ଼ିଲା। କେଥରୀନ୍ ମଧ। ପୁଣି କେଜାଣି କେମିତି ତାର ଦୃଷ୍ଟି ପଡ଼ିଲା ଚାରିନମ୍ବର ଧାଡ଼ିରେ ବସିଥିବା ସେଇ ଯୁବକ ଉପରେ

ଏଥରକ ଦୃଷ୍ଟି ନ ହଟାଇ ଖୁବ୍ ଧ୍ୟାନରେ ତା ଆଡ଼କୁ ଦେଖିଲା। ସତେ ଯେମିତି ଆମ୍ଭ ପାଶୋରା ହୋଇ ଯାଇଛି।

ଯୁବକଟିର ବୟସ ପ୍ରାୟ କୋଡ଼ିଏ ହେବ। ଗୋରା ରଙ୍ଗ। ପୁରିଲା ଦେହ। ଗମ୍ଭୀର ଓ ଶାନ୍ତ ଚେହେରା। ବସ୍‌ରେ ଆଗ ହୋଇ ମୁହଁକରି ଝରକା ପାଖରେ ବସିଥିବା ଯୋଗୁଁ କୁର୍ତ୍ତାର ସଫେଦ୍ କଲର ସଙ୍ଗରେ ଚକ୍ ଚକ୍ ନୀଳରଙ୍ଗର ଟାଇଟି ମଧ ପବନରେ ଉଡୁଥାଏ। ବାଳ ଫୁରୁଫୁରୁ ଉଡ଼ି କପାଳ ସ୍ପର୍ଶ କରୁଥାଏ। କେଥରୀନ୍‌କୁ ମୁହଁ ବୁଲେଇ ଦେଖିବା ଦେଖି ତା ଓଠରେ ହସ ଭଳୁଟି ଉଠିଲା। ସେଇ ହସ କେଥରୀନ୍‌କୁ ମଧ ବାଧକଲା କିଛିଟା ହସିବା ପାଇଁ।

କେଥରୀନ୍ ହସିବା ବେଳେ ସ୍ୱର୍ଗ ରାଇଜର ପରୀଭଳି ଜଣାପଡ଼େ। ସମସ୍ତ ଜୀବାତ୍ମା, ସମସ୍ତ ମଣିଷଙ୍କୁ ପ୍ରେମ ଶିକ୍ଷା ଦେଉଥିବା ସଂସ୍କାରରେ ବଢ଼ି ଉଠିଥିବା ଯୋଗୁଁ ତାର ମୁଖମଣ୍ଡଳରେ କୌଣସି ଏକ ପରମା ଦେବୀଙ୍କ ଛାଇ ସର୍ବଦା ଭଳୁଟି ଉଠେ।

କେଥ୍‌ରୀନ୍ ଭାବିବାକୁ ଲାଗିଲା ସେଇ ଯୁବକଟି ମୋ ସଂପର୍କରେ କ'ଣ ଭାବୁଥିବ? 'ଓଃ ତାର ସେଇ ଦୃଷ୍ଟି ' କେଥରୀନ୍‌ର ଚେହେରା ଶୁଖିଯାଇ ଓଠ କମ୍ପିଉଠିଲା। ସତେ ଯେମିତି କାନ୍ଦି ଉଠିବ। ତଳ ଓଠକୁ ଦାନ୍ତ ତଳେ ଦବେଇ ଦେଲା। ଯୁବକଟି ମଧ ଓଠ ଦବେଇଲା ଖୁବ୍ ହାଲୁକା ଭାବେ। ଦୁଇବୁନ୍ଦା ଅଶ୍ରୁ କେଥରୀନ୍‌ର କପଡ଼ା ଉପରେ ପଡ଼ିଗଲା। ଯୁବକଟି କେବଳ ଏତକ ଦେଖୁଥାଏ।

"ମୋ ବିଷୟରେ ସେ କଣ ଭାବୁଥିବ? ଭାବୁଥିବ ଯେ, ମୁଁ କାହିଁକି ନନ୍ ହୋଇଗଲି? ନା କହିବ ଯେ ମୁଁ ପାଗଳି ବୋଲି? ଏଥିରେ ଚିନ୍ତାଧାରା ଉପରେ ଦୃଢ଼ତା ନ ରଖି, ନିଜର କର୍ତ୍ତବ୍ୟ ପୁରା କରାଯାଇ ପାରିବନି। ନା ଭାବିବ ଯେ କେବଳ ପାପ ଚିନ୍ତା କରୁଥିବା ମୁଁ ଖାଲି ଏକ ଦୁର୍ବଳ, ଡରୁଆ ସ୍ତ୍ରୀ ବୋଲି?"

ମୁହଁ ବୁଲାଇ କେଥରୀନ୍ ବୁଢ଼ୀ ଇନ୍‌ଭିଲିଟା ଆଡ଼କୁ ଦେଖିଲା। ତାର ମୁହଁରେ ହସର ପତଳା ସର୍ଶ। ସମଗ୍ର ଦୁନିଆକୁ ଭୁଲି ବୁଢ଼ୀ ମଜି ଯାଇଥିଲା କ୍ରୁଶ ଦେଖାରେ।

ମଝିରେ ମଝିରେ ଗୁଣୁ ଗୁଣୁ ହେଉଥାଏ। ତାହା ବୋଧହୁଏ ପ୍ରାର୍ଥନାର ସ୍ୱର।

କେଥରୀନ୍ ମନେ ମନେ ମା ସହିତ ନିଜକୁ ତୁଳନା କଲା।

'ଓଃ ମା କେଉଁଠି, ଆଉ ମୁଁ '

ଏଇ ଅଠର ବର୍ଷ ଭିତରେ କେତେଥର ମୁଁ ନିଜ ପାପର କ୍ଷମାଲାଗି ପବିତ୍ର ପିତାଙ୍କ ସମ୍ମୁଖରେ ପଣତ କାନି ମୁକ୍ତ କରି ଦେଇଛି।

'ମା।'

କ୍ରୁଶ ଦେଖାରେ ମଜିଯାଇଥିବା ବୁଢ଼ୀ ଇନ୍‌ଭିଲିଟା ନିଜର ଶୁଖିଲାମୁହଁ କେଥରୀନ୍ ଆଡ଼କୁ କରି ପଚାରିଲା 'ହଁ କ'ଣ କିରେ?'

"ମା ଆପଣ କେବେ କନ୍‌ଫେଶନ୍ କରିଛନ୍ତି?"

"ହଁ ଝିଅ। ଆମେ ସବୁ ପାପୀ ମଣିଷ ତା ହେଲେ ଆମେ ମନଖୋଲି ସ୍ୱୀକାର କରିଗଲେ ରକ୍ଷା ପାଇଯିବା। ଆମର ପାପ ସବୁ ଭଗବାନ ଜାଣୁଛନ୍ତି। ତେଣୁ ତ ସବୁଦିନ ରାତି ଶୋଇଲା ପୂର୍ବରୁ ଦିନର ପାପସବୁ ଭଗବାନଙ୍କ ଆଗରେ ସ୍ୱୀକାର କରୁ। ତଦ୍ୱାରା ଆମର ଆତ୍ମା ପବିତ୍ର ହୁଏ। ତା ସତ୍ତ୍ୱେ ବି ପାପ ଆମ ମନକୁ ଦଂଶନ କରେ। ଭଗବାନ ସବୁ ଶୁଣିଲା ପରେ ଆମେ ତାଙ୍କଠାରୁ କ୍ଷମା ପାଉଥାଉ। ଈଶ୍ୱର ପୁତ୍ର ଆମ ଲାଗି ସର୍ବନିୟନ୍ତାଙ୍କ ଆଗରେ ସର୍ବଦା ପ୍ରାର୍ଥନାରତ। ମୁଁ ମୁଁ ବି ଏମିତି ପାପ କରିଛି " କହୁ କହୁ ବୁଢ଼ୀ ଇନ୍‌ଭିଲିଟା ଆଖି ପୋଛିଲା।

କେଥ୍ରୀନ୍ ଦ୍ୱନ୍ଦ୍ୱରେ ପଡ଼ିଥିଲା "ମା ଇନ୍‌ଭିଲିଟା କଣ କେବେ ମୋ ଭଳି ଥିଲେ?"

"କେଥ୍ରୀନ୍ ସେତେବେଳେ ତୋ ଭଳି ମୋ ବୟସ। ସପନଟିଏ ଦେଖିଥିଲି —ମୋର ବାହାଘର ହେଉଛି। କେତେ ପାପୀ ସପନ। ଚେଇଁଉଠି ସାରା ରାତି କାନ୍ଦିଛି। କୁଆଁରୀ କନ୍ୟାଟିଏ ଏମିତି ସ୍ୱପ୍ନ କେମିତି ଦେଖିଲା? ସ୍ୱପ୍ନରେ ଆନନ୍ଦ ବିଭୋର ହୋଇ ଉଠିଥିଲି। ଛି! ତା ଆରଦିନ ପିତାଙ୍କ ପାଖକୁ ଯାଇ ଏଇ ପାପ ଲାଗି କ୍ଷମା ମାଗିଲି। ସେ ଦିନ ସାରା ନିର୍ଜଳା ଭାବେ ଖାଲି ଭଗବାନଙ୍କ ନାମ ନେଉଥାଏ।"

ଟିକିଏ ରହି ବୁଢ଼ୀ ପୁଣି ଶାନ୍ତ ଭାବରେ କହିଲା, "ଆଉଥରେ, ଗୋଟିଏ ଝିଅ ଉପରେ ରାଗି ଖୁବ୍ ପିଟିଲି। ସ୍କେଲ୍‌ରେ ତା ଗାଲ ଉପେର ମାଡ଼ ବସେଇଲି ସାରାଦିନ ସେ କଥା ଭାବି ଖୁବ୍ ମନସ୍ତାପ କରିଛି। ଆଉ ତା ପାଇଁ କନ୍‌ଫେଶନ୍ କଲି। ଏମିତି ପାଞ୍ଚ ଛ'ଥର କନ୍‌ଫେଶନ୍ କରିଛି।"

ବାସ୍ .' ଏତିକି ମାତ୍ର? ସବୁ ମିଶି କେବଳ ଏତିକି ମାତ୍ର ପାପ!!!

ଭାବି ଭାବି ବ୍ୟସ୍ତ ହୋଇ ଉଠିଲା କେଥରୀନ୍। କେଥ୍ରୀନ୍‌ର ଶଙ୍କା ସମାଧାନ କରି ଇନ୍‌ଭିଲିଟା ପୁଣି କହିଲା

"ପାପକୁ ଲୁଚେଇବାଟା ସୈତାନର କାମ। ଆମେ ସବୁ ପାପ ଭଗବାନଙ୍କ ଚରଣ ତଳେ ଅର୍ପଣ କରିବା ଦରକାର ଈଶ୍ୱରଙ୍କ ପାଖରୁ ଆମେ କିଛି ଲୁଚେଇ ପାରିବାନି "

"ହଁ ଭଗବାନଙ୍କ ପାଖରୁ କିଛି ଲୁଚେଇ ପାରିବାନି " କହି କେଥରୀନ୍ ମୁଣ୍ଡ ହଲେଇଲା। (ହାତ) ବ୍ୟାଗ୍‌ରୁ ବହିଟିଏ କାଢ଼ି କରି ପଢ଼ିବାକୁ ଲାଗିଲା। ଦୃଷ୍ଟି ପୃଷ୍ଠାରେ ପଡ଼ିଲା ବସ୍‌ର ସେଇ ଝରକା ଆଡ଼େ, ଚାରିନମ୍ବର ଧାଡ଼ିରେ

'ଓଃ ତାର ସେଇ ଦୃଷ୍ଟି !' କେଥ୍ରୀନ ପୁଣି ସେଇ ବହିପଢ଼ାରେ ମନ ଦେଲା। "ନାରୀକୁ ଲାଳସାପୂର୍ଣ୍ଣ ଦୃଷ୍ଟିରେ ଦେଖୁଥିବା ବ୍ୟକ୍ତି, ମନ ଭିତରେ ହିଁ ତା ସହିତ ବ୍ୟଭିଚାର କରେ। ଯଦି ବାଁ ଆଖି ଯଦି ତୋର ସାଧନା ପଥ ଅବରୁଦ୍ଧ କରେ ତା ହେଲେ ସେ ଆଖି ଉପାଡ଼ି ଦେ। ସମଗ୍ର ଶରୀରଟି ନର୍କକୁ ଯିବା ଅପେକ୍ଷା ତୁମର କୌଣସି ଗୋଟାଏ ଅଙ୍ଗ କଟିଯିବା ହିଁ ଭଲ। ତୋ ପାଇଁ ସେଇଟା ହିଁ ମଙ୍ଗଳମୟ "

କେଥ୍ରୀନ୍ ଆଉ ଆଗକୁ ପଢ଼ିପାରିଲା ନାହିଁ। ଆଖି ବନ୍ଦ କରିଦେଲା। ଖୋଲା ବହି, ହେଲେ ମୁଦ୍ରିତ ଚକ୍ଷୁ!

'ଏ କଣ? କେତେ ପାପଗ୍ରସ୍ତ ଚିନ୍ତା ମନ ଭିତରକୁ ଆସୁଛି।' କେଥ୍ରୀନ୍ ଭାବୁଥାଏ "ଲୋକଟି ଏ ଯାଏଁ ବସ୍‌ରୁ ଓହ୍ଲାଇଲା ନାହିଁ କାହିଁକି? କାହିଁକି ବସିରହିଛି? ଲୋକଟି କ'ଣ ସୈତାନର ପ୍ରତିରୂପ? ସେ ତ ଆଜ ମୋର ପରୀକ୍ଷା ନେଉ ନାହିଁ? ମୁଁ କାହିଁକି ତାର ଚିନ୍ତାକରୁଛି? ହେ ପରମ ପିତା "

କେଥ୍ରୀନ୍ ପବିତ୍ର କ୍ରୁଶକୁ ମନେ ପକାଇ ଜପ କରିବାକୁ ଲାଗିଲା।

"ପରିମଣ୍ଡଳର ହେ ପରମପିତା! ଆମକୁ ଦୁଃଖରୁ ପରିତ୍ରାଣ କର ପରିତ୍ରାଣ କର।"

ତଥାପି ଲାଭ କଣ? ଆଖି ଖୋଲିଲା ମାତ୍ରେ ଦୃଷ୍ଟି ଖୋଜି ବୁଲିଲା ସେଇ ଯୁବକଟିକୁ।

"ମଣିଷ କଣ କେବେ ପାପରୁ ମୁକ୍ତ ହେବ ନାହିଁ? ଆଦମ୍ ପାଇଁ ଭଗବାନଙ୍କ ଦ୍ୱାରା ନିର୍ମିତ ଇଡେନ୍‌ର ନନ୍ଦନକାନନ ଭିତରକୁ ବହିଷ୍କୃତ ବୃକ୍ଷ ଓ ସର୍ପ କୁଆଡୁ ଆସିଲେ? ଭଗବାନ ମଣିଷର ସୃଷ୍ଟି ସଙ୍ଗେ ସଙ୍ଗେ ପାପର ସୃଷ୍ଟି କାହିଁକି କଲେ? ପାପ ଭିତରେ ପ୍ରାପ୍ତ ସୁଖ କଣ ଖାଲି ଏକ ଭ୍ରମ? ନା ସୁଖର ଅନ୍ୟ ନାମ ପାପ? ସଂସାରର ଲୋକେ କ'ଣ ଖାଲି ନର୍କକୁ ଯାଆନ୍ତି? ମୁଁ ଖାଲି ପାପକୁ ଏତେ ଡରୁଛି କାହିଁକି? ଏଇ ଯୁବକଟି ଖୁବ୍ ନିରେଖି ମତେ ଦେଖୁଛି ସବୁ ମଣିଷ ସବୁ ଝିଅ ତ ମୋ ଭଳି "

କେଥ୍ରୀନ୍ ଆଗରେ ବସିଥିବା ଯୁବଦମ୍ପତିକୁ ଦେଖିଲା। ଯୁବତୀଟି ଗର୍ଭବତୀ। ପ୍ରେମରେ ହେଉ ବା ଅବଶତା ଯୋଗୁଁ ସ୍ୱାମୀର କାନ୍ଧ ଉପରେ ମୁଣ୍ଡରଖି ଆଖି ବନ୍ଦ କରିଛି। ସେଇ ଦୃଶ୍ୟ ଦେଖିବା ମାତ୍ରେ କେଥ୍ରୀନ୍‌ର ହୃଦୟରେ ଗୁଞ୍ଜରିତ ହୋଇ ଉଠିଲା ସଇତାନର ଭାଷା।

"ସେଇ ସ୍ତ୍ରୀଟି ଓ ମୋ ଭିତରେ କେବଳ ପୋଷାକର ତଫାତ୍ ତା ଏଇ ପୋଷାକଟି ଓହ୍ଲାଇ ମୁଁ ଯଦି ସେଇ ଯୁବକର କାନ୍ଧଉପରେ ମୋ ମୁଣ୍ଡ ଆଉଜାଇ ଦିଏଁ.. .?"

"ଓଃ ହେ ପରମପିତା ମୁଁ ଖାଲି ପାପଚିନ୍ତା କରୁଛି। ମୋତେ କ୍ଷମାକର "

ବସ୍‌ଟି ଅଟକିଗଲା। ଷ୍ଟାଣ୍ଡ ଉପରେ ବେଶ୍ ଭିଡ଼। ବସ୍‌ରୁ ଓହ୍ଲାଇଥିବା ଲୋକେ ମଧ୍ୟ ସେଇ ଭିଡ଼ରେ ମିଶି ଗଲେଣି। ସମସ୍ତେ ନିଷ୍କ୍ରାନ୍ତ ହେବା ଯାଏଁ ଇନ୍‌ଭିଲିଟା ଓ କେଥ୍‌ରୀନ୍ ଅପେକ୍ଷା କଲେ। ପରିଶେଷରେ ଦିହେଁ ଓହ୍ଲାଇଗଲେ।

ରିକ୍ସାବାଲାଟି ଧାଇଁ ଧାଇଁ ଆସି ପଚାରିଲା

"ଚର୍ଚ୍ଚ ପାଖକୁ ଯିବେ? ଆସନ୍ତୁ. "

ସେତେବେଳେ ସଂଧ୍ୟାର ସେଇ ଅସ୍ତଗାମୀ ସୂର୍ଯ୍ୟର କିରଣ[ରଙ୍ଗ]ତଳେ ନୀଳ ସୁଟ୍ ଧଳା କାମିଜ୍, ନୀଳ ଟାଇ ପିନ୍ଧି, ହାତରେ ସୁଟ୍‌କେଶ୍‌ଟି ଧରି ସେଇ ଯୁବକଟି ସୁନ୍ଦର ଯୁବକଟି ସଇତାନର ଦୂତଭଳି ଛିଡ଼ା ହୋଇଥାଏ।

କେଥ୍‌ରୀନ୍ ହସିଲା। ଯୁବକଟି ବି ହସିଲା। ପାଖକୁ ଆସି ପ୍ରଥମେ ସେ ଇନ୍‌ଭିଲିଟା ଓ ପରେ କେଥ୍‌ରୀନ୍‌କୁ ପ୍ରଣାମ କଲା। ଇନ୍‌ଭିଲିଟା ହାତ ଯୋଡ଼ିଲା। କିନ୍ତୁ ହାତ ଯୋଡ଼ିଲା ବେଳକୁ କେଥ୍‌ରୀନ୍‌ର ହାତ ଥରି ଉଠୁଛି। ଗଳାରୁଦ୍ଧ ହୋଇ ଆଖି ସଜଳ ହୋଇଗଲା।

ଦିହେଁ ରିକ୍ସାରେ ବସିଲା ପରେ ଯୁବକଟି ହାତ ହଲେଇ ସେମାନଙ୍କୁ ବିଦାୟ ଦେଲା। କେଥ୍‌ରୀନ୍ ମଧ୍ୟ ହାତ ହଲେଇଲା। ରିକ୍ସା ଆଗେଇବା ମାତ୍ରେ ଯୁବକଟି ଆଖିର ସୀମା ପାର ହୋଇ ଝାପ୍‌ସା ହୋଇଗଲା କେଥ୍‌ରୀନ୍‌ର ହାତ ତଳକୁ ଖସି ଆସିଲା କେମିତି ସେ ଅଣନିଃଶ୍ୱାସୀ ହୋଇ ଉଠିଲା।

"କେଥ୍‌ରୀନ୍। ସେ କିଏ କିରେ? ମୁଁ ତ ମୋଟେ ଚିହ୍ନିପାରିଲି ନାହିଁ।"

'ହଁ ' ମିଛରେ କେଥ୍‌ରୀନ୍ ହସିଉଠିଲା। "ମା ମୁଁ ବି ପ୍ରଥମେ ତାକୁ ଚିହ୍ନିପାରିଲି ନାହିଁ କ୍ଲାସ୍‌ରେ ମୋ ସହିତ ପଢ଼ାବେଲା ପଢ଼େ ସେ ତାର ବଡ଼ଭାଇ "

'ଓ ଆଚ୍ଛା ଆଚ୍ଛା।'

'ହେ ପିତା। ମୋତେ ରକ୍ଷାକର। ଓଃ କେତେ ପାପ ' ଯୁବକଟି ଉପରେ ମନକୁ ମନ ରାଗୁଥିଲେ ସୁଦ୍ଧା ହାତ ହଲେଇ ବିଦାୟ ଦେବାର ଦୃଶ୍ୟ ବାରମ୍ବାର ମାନସପଟକୁ ଆସି ତାକୁ ରୋମାଞ୍ଚିତ କରୁଥାଏ।

"ସେ କିଏ କେଜାଣି? ତା ସହିତ ଦେଖା ହେବାର ସୌଭାଗ୍ୟ ସେଇ ସୌଭାଗ୍ୟ କ'ଣ ମିଳିବ? . ନା ପୁଣି ମୋର କପାଳରେ ପାପ ଓ କଳଙ୍କର କାଦୁଅ ଛିଟା ପଡ଼ିବ?" କେଥ୍‌ରୀନ୍‌ର ହୃଦୟ ଥରି ଉଠୁଥାଏ। ପାପ କରିବାର ଅଧିକାର ସୁଦ୍ଧା ନାହିଁ ଏ କଥା ଭାବି ଆଖି ସଜଳ ହୋଇ ଉଠୁଥାଏ। ଗଳାରୁଦ୍ଧ ହୋଇ ଅଣନିଃଶ୍ୱାସୀ ହୋଇ ପଡୁଥାଏ ସେ କ'ଣ ହେଲେ କାନ୍ଦି ପାରୁଛି? କାନ୍ଦିବାର ସୁଦ୍ଧା ତାର ଅଧିକାର ନାହିଁ।

ମୁଣ୍ଡରେ ବାନ୍ଧିଥିବା କପଡ଼ା ଖସି ମୁହଁ ଉପରେ ପଡ଼ିଛି। ରକ୍ଷା ହୋଇଗଲା। ସେଇ ନୀଳ କପଡ଼ାର ଆବରଣ ତଳେ ତାର ମନ ଓ ଦେହ ଝିମ୍ ଝିମ୍ କରି ଉଠୁଛି।

ଗାଡ଼ି ଆଗକୁ ଦୌଡ଼ୁଥାଏ।

ବୁଢ଼ୀ ଇନ୍‌ଭିଲିଟା ହାତରେ କ୍ରୁଶ ଧରି ଜପ କରିବାରେ ବ୍ୟସ୍ତ ଥାଏ।

ସେ ଦିନସାରା ନିଜ ଖଟ ଉପରେ ଶୋଇ ନିଜ ପାପ ଲାଗି ଭଗବାନଙ୍କୁ କ୍ଷମା ମାଗୁଥାଏ। ମଝିରେ ମଝିରେ ଯୁବକଟିର ସ୍ମୃତି ମାଡ଼ି ଆସି ଆଖିପତା ଓଦା କରୁଥାଏ।

ପୁଣି, ଗଭୀର ନିଦରେ ଶୋଇଯିବା ପରେ, କେଥରୀନ୍ ଏକ ସ୍ୱପ୍ନ ଦେଖିଲା

ଏକ ଖୁବ୍ ବଡ଼ କ୍ରୁଶ। ବୁଢ଼ୀ ଇନ୍‌ଭିଲିଟା ସେଇ କ୍ରୁଶଟିକୁ କାନ୍ଧରେ ବୋହି ଚାଲିଛି। ଖୁବ୍ ବାଟ ଯିବାପରେ ଇନ୍‌ଭିଲିଟାର ଆକାର ଚର୍ଚ୍ଚ ଭଳି ଖୁବ୍ ବଡ଼ ହୋଇଗଲା। ବଡ଼ କ୍ରୁଶଟି ତାର [ହାତ] ବ୍ୟାଗ୍ ଭିତରେ ଥିଲା। ତାକୁ ଦେଖି, ସେ ଜପ କରିବାରେ ମଜି ଯାଉଥାଏ। ଚର୍ଚ୍ଚର ଘଣ୍ଟା ବାଜୁଥାଏ ଆକାଶର ପବିତ୍ର କିରଣ ଆସି ଇନ୍‌ଭିଲିଟାକୁ ଉଜ୍ଜ୍ୱଳ କରିବାକୁ ଲାଗିଲା।

ଘଣ୍ଟା ବାଜୁଥାଏ।

ଆଉ ଏକ ବଡ଼ କ୍ରୁଶ ତାକୁ ଉଠାଇବା ଲାଗି କେଥରୀନ୍ ଆସିଲା। ନଇଁପଡ଼ି ଟେକିବାକୁ ଲାଗିଲା କିନ୍ତୁ ତାକୁ ହଲେଇ ମଧ୍ୟ ପାରୁନି। ବହୁତ ଚେଷ୍ଟା କଲା। ପିଠି ଉପରେ ତାର କିଏ ଚାବୁକ ମାରୁଛି ତଥାପି କ୍ରୁଶ ଉଠାଇ ପାରୁନି ଖୁବ୍ ଦୂରରୁ ଗୋଟାଏ ଶବ୍ଦ ଶୁଭିଲା

"କେଥରୀନ୍। ପ୍ରିୟତମା! କେଥରୀନ୍ "

କେଥରୀନ୍ ମୁହଁ ଟେକି ଦେଖିଲା ଯୁବକଟି ଧାଇଁ ଧାଇଁ ତା ପାଖକୁ ଆସୁଛି। କେଥରୀନ୍ ମଧ୍ୟ କ୍ରୁଶକୁ ଛାଡ଼ି ତା ଆଡ଼କୁ ଦୌଡ଼ି ତାର ପ୍ରସାରିତ ବାହୁ ଯୁଗଳ ଭିତରେ ଆବଦ୍ଧ ହୋଇଗଲା। ଛାତି ଭିତରେ ମୁହଁ ଗୁଞ୍ଜି କାନ୍ଦି ଉଠିଲା। ଯୁବକଟି ତା ମୁହଁ ଟେକି, ତାର ଓଠରେ ଖୁବ୍ ଯୋର୍‌ରେ ଚୁମ୍ବନର ସ୍ପର୍ଶ ଦେବାକୁ ଲାଗିଲା।

ଆଃ ଚୁମ୍ବନ

"ଏଇଟା ପାପ? ତା ହେଲେ ମୁଁ ପାପୀ ଭାବରେ ଜୀଇଁବାକୁ ଚାହେଁ " କେଥରୀନ୍ କହିଲା।

ଚର୍ଚ୍ଚର ଘଣ୍ଟା ତଥାପି ବାଜୁଥାଏ।

ତା'ପରେ କେଥରୀନ୍‌ର ନିଦ ଭାଙ୍ଗିଗଲା। ଆଖିରେ ଆଖିଏ ଲୁହ . ମନରେ ଏକ ଅପରାଧ ବୋଧର ଗ୍ଳାନି ଚିନ୍ତା

ମୁଣ୍ଡ ତଳକୁ କରି, ଓଢ଼ଣା ଟେକି ଭଗବାନଙ୍କୁ ପ୍ରାର୍ଥନା କରିବାର ସମୟ।

ହାୟ! ପାପ .

ମନଭରି ଲୁହ ଝରେଇବାର ସମୟ।

ମନର ପାପ କ'ଣ ଆଖିବାଟ ଦେଇ ଲୁହ ଭାବେ ଝରିଯାଏ?

ସେ ଦିନ ପରମ ପିତାଙ୍କୁ କ୍ଷମା ମାଗିବା ଲାଗି କେଥିରୀନ୍ ଯାଇଥାଏ। ସଫେଦ ପୋଷାକ ପିନ୍ଧି କରୁଣାମୟ ଆଖିରେ। ମୁହଁରେ ଶିଶୁ ସୁଲଭ ନିଷ୍ପାପ ହସର ରେଖା। ଫାଦର୍‌ଙ୍କ ପାଖରେ ସଂକୁଚିତ ହୋଇ ଛିଡ଼ା ହୋଇଗଲା।

'ଫାଦର୍ '

'ହଁଅ?'

"ମୁଁ ମହାପାପୀ . ବହୁତ ବଡ଼ ପାପ କରିଛି। ମୁଁ ପାପୀ "

'ପାପୀମାନଙ୍କୁ ଈଶ୍ୱର କ୍ଷମା କରନ୍ତି। ସେମାନଙ୍କୁ ରକ୍ଷା କରନ୍ତି। ତୁ ପଢ଼ିନୁ ଝିଅ —ଈଶ୍ୱରଙ୍କ ପୁତ୍ର ଯୀଶୁଖ୍ରୀଷ୍ଟ କହିଥିଲେ, "ମୁଁ ପାପୀମାନଙ୍କୁ [ଡାକି]ଆସିଛି ସେମାନଙ୍କୁ ସୁଧାରିବା ଲାଗି। ନୀତିବାନ ଲୋକଙ୍କ ପାଇଁ ଆସିନି। .ନିଜ ମୁହଁରେ ନିଜର ପାପ କହି ତୁ ଯଦି ପ୍ରାୟଶ୍ଚିତ କରିବୁ ତୋର ରକ୍ଷା ହୋଇଯିବ "

କେଥିରୀନ୍ ନଇଁପଡ଼ି ଫାଦର୍‌ଙ୍କ କାନରେ ଚୁପ୍ ଚୁପ୍ ସବୁ କଥା କହିଗଲା। ଫାଦର୍ ଚମକି ପଡ଼ିଲେ।

କେଥିରୀନ୍ ତୁହେଇ ତୁହେଇ କାନ୍ଦୁଥାଏ।

"ଫାଦର୍ ମୁଁ ମହାପାପ କରିଛି କୁମାରୀ ସ୍ତ୍ରୀ ହେବାର ପାପ ଆଃ "

ସେ କାନ୍ଦୁଥାଏ। ମନର ଅନେକ ଯନ୍ତ୍ରଣାରେ ଛଟପଟ ହେଉଥାଏ। ସତେ ଯେମିତି କ୍ରୁଶ ଉପରେ ତାକୁ ଚଢ଼େଇ କିଏ ଖାଲି ଲୁହାକଣ୍ଟା ବାଡ଼େଇ ଯାଉଛି।

ଆପଣ କୁହନ୍ତୁ, ମୁଁ କ'ଣ କରିବି ?

ଏ ଘରକୁ ବୋହୂ ହୋଇ ଆସିବାର ଚାଳିଶ ବର୍ଷ ହୋଇଗଲା। ହାତରେ କଣ୍ଢେଇ ଧରି ବାପାଙ୍କ କାନ୍ଧରେ ବସି ଆସିଥିଲି ବୋହୂ ହୋଇ। ସେତେବେଳେ ମୋର ଶାଶୂ ବି ଥିଲେ। ଶାଶୂ ତ ନୁହନ୍ତି ନିଜ ମା' ଭଳି ସେମିତି ଏକ ଶାଶୂ--ମାଙ୍କ ଝିଅ ହୋଇ ପାଞ୍ଚ ବରଷ ଚାଲିଯାଇଥିଲା। ବାକି ସମୟତକ ଶାଶୁଙ୍କ ଅତି ଅଲିଅଳ ବୋହୂ ହୋଇ ଚାଲିଗଲା। ବାପା ବାହାର ବୈଠକୀରେ ବସି ତଣ୍ଟିଆରେ ମୁହଁ ଢ଼ାଙ୍କି କାହିଁକି ଯେ କାନ୍ଦୁଥିଲେ ସେତେବେଳେ ବୁଝି ପାରିନଥିଲି ଏଇ ଜାଗାରେ ଏଇ ଇଟା ଚଟାଣରେ ପାଟିତୁଣ୍ଡକରି ଲଟୁ ଖେଳୁଥିବା ଜିଦ୍‌ଖୋର ପିଲାଟି ମୋର 'ସେ' ଥିଲେ। ଏ ବିଷୟ ବହୁଦିନ ପରେ ବୁଝିଥିଲି। ଇଚ୍ଛା ହେଲେ ମୋ ଗାଲରେ ଚଟକଣା ବସଉଥିଲେ ଦିନେ ରାଗରେ ମୁଁ ଗାଳି ଦେଲି 'ଆରେ ଯା '। ମା ରନ୍ଧାଘରୁ ଧାଇଁ ଆସି କହିଥିଲେ ''ଆଲୋ ଝିଅ ତୁ କାହାକୁ 'ଆରେ ଯା ' କହୁଛୁ?''

'ସେ ମୋତେ କାହିଁକି ମାରିଲା?'

ମା ହସୁଥିଲେ। ମୋତେ ଛାତିରେ ଯାକି ଧରି ବୁଝେଇଥିଲେ ଯେ, ମୋର ଓ 'ସେ' ପିଲାର ସଂପର୍କ କଅଣ। ହେଲେ କରିବି କଣ? ବୁଝିବା ବୟସର ହେଲେ ସିନା ବୁଝନ୍ତି ଏବେ ମନେ ପଡ଼ିଲେ ଖୁବ୍ ବ୍ୟସ୍ତ ଲାଗେ। ମୁଁ ତା'ଙ୍କୁ କେବେ ଏମିତି ଭାବେ ଡ଼ରିଲି? ଏଭଳି ଏକ ଡ଼ର ମେଣ୍ଟଁଥିପାଇଁ ଖୁବ୍ ଆନନ୍ଦ ଲାଗେ ସେଇଟା ଗୋଟେ ଆଜ୍ଞାକାରିତା ତାକୁ ଡ଼ର କହିବାଟା ଠିକ୍ ହେବନି ଗୋଟାଏ ଭକ୍ତି କେଜାଣି କେମିତି ଆସିଗଲା।

ହଁ ଏବେ ଚାଳିଶ ବର୍ଷ ବିତିଗଲାଣି କେତେକ ସ୍ତ୍ରୀ ବଡ଼ ବିଚିତ୍ର ତାଙ୍କ ସହ ଆଖି ମିଳେଇ ମୁଁ କ'ଣ ପାଇଲି ନା ଏପାଖ ନା ସେପାଖ [ଏଭଳି କିଛି ପ୍ରତ୍ୟହ ନିଜ ପତି ବିରୁଦ୍ଧରେ ବଜର୍ ବଜର୍ ହୋଇ ନଦୀରୁ ପାଣି ନେଇ ମନ୍ଦିର ବେଢ଼ାବୁଲା ଶେଷ ହେବାପାଏଁ ନାନା ଅଭିଯୋଗ ବାଢ଼େ]

''[ମୋର ତ ବାବା କିଛି ଭ ଭଣା ହୋଇନି।] ଯେ କୌଣସି ମନ୍ଦିରକୁ ନେଇ ଚାଲ ଭଗବାନଙ୍କୁ ସାକ୍ଷୀରଖି କହିବି ମୋର କିଛି ଭଣା ନାହିଁ କେତେ ଲୋକ ନିଶ୍ଚିତ ଭାବେ କହୁଥିବେ ମୁଁ ନିଃସନ୍ତାନ। ସେଥିପାଇଁ କହୁଥିବେ ଯେ ମୋ ଜୀବନରେ ମସ୍ତବଡ଼ ଅଭାବ ରହିଗଲା ସେ କଥା ନିଜ କାନରେ ଶୁଣିଛି .ମିଛ

କାହିଁକି କହିବି? କିଛି ଦିନ ପର୍ଯ୍ୟନ୍ତ ମୁଁ ବି ସେଇ ଅଭାବ ଅନୁଭବ କରିଥିଲି ପରେ ଭାବିଲି, ଛି ଏସବୁ ପାଗଳା କଥା। ସେ ମୋତେ ବୁଝେଇଥିଲେ ସେ ଭଲ ବୁଝାନ୍ତି .କହିବାକୁ ଆରମ୍ଭ କଲେ କେଜାଣି କେମିତି ଠିକ ଯାଗାରେ ପଦଗୁଡ଼ିକ ଠକ୍ ଠକ୍ ତାଙ୍କ ପାଟିରୁ ବାହାରି ପଡ଼େ . ବେଦ. ପୁରାଣ . ନିରୁପଣ ପ୍ରଭୃତି ଅନେକ ଉଦାହରଣ ଦିଅନ୍ତି କୌଣସି ସନ୍ଦେହ, କୌଣସି ଆଶଙ୍କା, ଆକୁଳତା . ତାଙ୍କ କଥା ଶୁଣି ଉଭେଇ ଯାଏ। ଯେମିତି ବାକ୍‌ଚାତୁର୍ଯ୍ୟ, ସେମିତି ଜ୍ଞାନର ଅଧିକାରୀ ଅନେକ କଥା ଜାଣିଛନ୍ତି। ସେ ମୋର ସ୍ୱାମୀ ବୋଲି ଯେ ମୁଁ ପ୍ରଶଂସା କରୁଛି, ସେକଥା ଭାବନ୍ତୁ ନାହିଁ.. ତାଙ୍କୁ ପ୍ରଶଂସା କରିବା ଲାଗି ମୋ ପାଖରେ ବୁଦ୍ଧି ଓ ଜ୍ଞାନ କାହିଁ? ଦେଖନ୍ତୁ ନା .ଆମର ଯୋଟକ କେମିତି ବିଚିତ୍ର। ସେ ତ ଏତେ ବିରାଟ ପଣ୍ଡିତ . ଆଉ ମୁଁ ତାଙ୍କର ସହଧର୍ମିଣୀ ଅ ଅକ୍ଷର ବେଣ୍ଟ ବି ଜାଣିନି ଏକଥା ଦିନେ ତାଙ୍କୁ ବି କହିଥିଲି ଶୁଣିକରି ପାଟି କରିଥିଲେ ଖୁବ୍ ଲମ୍ବା ଭାଷଣଟିଏ ଦେଇ ମୋତେ ଖୁବ୍ ଡେରିଯାଏ ବୁଝେଇଥିଲେ ତାଙ୍କ ସହଧର୍ମିଣୀ ହେବାରେ ମୋର ଯେମିତି ଯୋଗ୍ୟତା ଅଛି ଆଉ, ମୋତେ ସ୍ତ୍ରୀ ଭାବେ ପାଇ ସେ ନିଜକୁ କେମିତି ଧନ୍ୟ ମନେ କରନ୍ତି ମୋତେ କ'ଣ କ'ଣ କହିଲେ ଯେ, ସେ କଥା କହିହେବନି . ବର୍ତ୍ତମାନ ମାନୁଚି, ମୁଁ ତାଙ୍କ ସ୍ତ୍ରୀ ହେବାର ଯୋଗ୍ୟା ତଥାପି ତାଦ୍ୱାରା ତାଙ୍କ ସ୍ତୁତି କରିବା ଯୋଗ୍ୟତା କ'ଣ ମୋର ହୋଇଯିବ?

ମହାବିଦ୍ୱାନ ଶ୍ରୀମାନ୍‌ଙ୍କ ନାଁ ପଚାରିଲେ ଏ ରାଜଧାନୀରେ ଯେ କେହିହେଲେ କହିଦେବ ଏ ସହରର କଥା ଛାଡ଼ନ୍ତୁ ତାଙ୍କ ଖ୍ୟାତି ତ କାଶୀଯାଏ ପହଞ୍ଚିଛି । ଜାଣନ୍ତି, ତାଙ୍କ ପାଖେ ପଢୁଥିବା ଆମ ଘର କାମଧନ୍ଦାରେ ସାହାଯ୍ୟ କରିଥିବା କେତେ ଛାତ୍ର, ଆଜି କଲେକ୍ଟର ବା ସେ ଭଳି ବଡ଼ବଡ଼ ଅଫିସର ହେଲେଣି।

ପିଲା ଜନ୍ମକରି, ହାତରେ ପାଳି ପୋଷି ତାପରେ ଶତ୍ରୁ ଭାବେ ଯଦି ଝଗଡ଼ା ହୁଏ ତାହେଲେ ପିଲା ଜନମ କରିବାର ଲାଭ?

ହେଇ ଦେଖ .. ଏବେ ସୁଦ୍ଧା ତାଙ୍କର ମଠ ବାରଣ୍ଡାରେ ପିଲାମାନଙ୍କୁ ଆଗରେ ବସେଇ କେମିତି ବେଦାଭ୍ୟାସ କରାଉଛନ୍ତି। ସମସ୍ତଙ୍କଠୁଁ ଅଲଗା ତାଙ୍କର ଗମ୍ଭୀର ଶ୍ଳୋକାବୃତ୍ତି ଶୁଣିଲେ ଦେହ ରୋମାଞ୍ଚିତ ହୋଇ ଉଠେ। ସେତେ ଗମ୍ଭୀର ନ ହେଲେ ସୁଦ୍ଧା ପିଲାମାନେ ସେତିକି ଉଚ୍ଚ ସ୍ୱରରେ ବଡ଼ ଶ୍ରଦ୍ଧା ଓ ଭକ୍ତି ସହ ଛାତି ଉପରେ ହାତ ଛନ୍ଦି, ମୁଣ୍ଡ ଉଠେଇ ତାଙ୍କର ଅନୁକରଣ କରି ଠିକ୍ ସେଇଭଳି ଉଚ୍ଚାରଣ ପ୍ରଚେଷ୍ଟାରେ, ଏକ ସୁରରେ, ଏକ ତାଳରେ, କୋମଳ ସ୍ୱରରେ ମନ୍ତ୍ର କହିକହି ବେଦପାଠ କଲାବେଳେ ମୋ ଭିତରେ ଯେଉଁ ପୁଲକ ଦେଖାଦିଏ, ତା କ'ଣ କେବଳ ପିଲା ପ୍ରସବ କଲାବେଳେ ହୁଏ? ସେ କହନ୍ତି। "ପିଲା ଜନମ କରିବା ବଡ଼ କଥା ନୁହେଁ. . ପିଲା ପେଟରେ ଖାଇବା ଜିନିଷ ଭରି ତାକୁ ପାଳିବା ମଧ୍ୟ ବଡ଼ କଥା ନୁହେଁ....ଜ୍ଞାନ ଦେଇ, ସଚ୍ଚୋଟ ପଣିଆ ଶିଖାଇ ପିଲାକୁ ବୁଦ୍ଧିମାନ ଓ ବିବେକୀ କରିବା ସବୁଠୁଁ ମହାନ୍ ଓ କଠିନ କଥା "

"ସାଧାରଣ ପିଲାର ମା, ବାପ ହେବା ଅପେକ୍ଷା ଏଇ ଭଳି ବୁଦ୍ଧିମାନ, ବିଦ୍ବାନ, ଅସାଧାରଣ ମଣିଷ ଗଠନ କରିବା ଆମ ପାଇଁ ଗୌରବର କଥା " ସେ ଆହୁରି ବହୁତ କଥା କହନ୍ତି। ମୁଁ ସେ ସବୁ କହିପାରୁନି କିନ୍ତୁ ଏତକ ବୁଝୁଛି ଯେ, ସେ କେତେ ଖାସ୍ କଥା କହନ୍ତି.

ଯା'ଙ୍କ ପାଖରେ ପଢ଼ି ସୀମାଜୁ ଏବେ ମାନ୍ଦ୍ରାଜର କେଉଁ କଲେଜରେ ସଂସ୍କୃତ ପ୍ରଫେସର ହୋଇଛି ଶୁଣିଛି, ତାଙ୍କୁ ଶ୍ରୀନିବାସ ଶାସ୍ତ୍ରୀ କହନ୍ତି। ଏକଥା ଶୁଣି ମନ ଆନନ୍ଦରେ ବିଭୋର ହୋଇଯାଏ। ସେଥିପାଇଁ ମା ହେବାରେ କଣ ଖାସ୍ ଜରୁରୀ ଅଛି? ତା'ର ମା କଥା ଦେଖ ଏଇଠି ରୁହେ ପୁଅ ପଚାରୁନି ବୋଲି ସବୁଦିନ ଗାଳିଦିଏ

ସେ ପ୍ରତ୍ୟେକ କଥା କହିଲାବେଳେ ଜଣାପଡ଼େ ଯେମିତି କିଛି ଅସାଧାରଣ ଚମତ୍କାରିତା ଦେଖାଉଛନ୍ତି କେବେ କେବେ ହଠାତ୍ ଏମିତି କିଛି ଘଟିଯାଏ। ତାଙ୍କ କଥା ମନେ ପଡ଼େ। ଭାବେ "ଆହା ସେ ଦିନ ସେ କେତେ ଠିକ୍ କଥା କହିଥିଲେ ।"

ସେଦିନ ମନ୍ଦିରରୁ ଫେରିବା ବାଟରେ ସୀମାଜୁର ମା ସହ ଦେଖାହେଲା। ବୁଢ଼ୀ ପୁଅକୁ ମନଇଚ୍ଛା ଗାଳି ଦେଉଥାଏ କହୁଥିଲା, ପୁଅ କେମିତି ବାପ ମାକୁ ଭୁଲି ଶଶୁର ଘରେ ଘର ଜ୍ବାଇଁ ହୋଇ ରହୁଛି। କେତେ କଷ୍ଟରେ ସେମାନେ ତାକୁ ପଢ଼େଇଲେ, ମଣିଷ କଲେ ପୁଅ ସବୁ କଥା ଭୁଲିଗଲାଣି! କହୁ କହୁ ଭର୍ତ୍ସନା ବି କରୁଥାଏ । ସେ ଦିନ ତା କଥା ଶୁଣି ଭାବୁଥାଏ ପିଲା ଜନମ ନ ହେବା କଥା। ତାକୁ ଏମିତି ଗାଳି ଦେବାକୁ ନ ପଡୁ

ବୁଢ଼ୀର ମନ ବୁଝାଇବା ଲାଗି ତା କଥାରେ ହଁ ଭରି ଖାଲି ମୁଣ୍ଡ ଟୁଙ୍କାରୁ ଥାଏ। କିନ୍ତୁ ପୁଅ ପାଇଁ ଯେ ବୁଢ଼ୀର ଈର୍ଷା ହେଉଛି, ସେ କଥା ଜାଣୁଥାଏ। ତା ପାଇଁ କିଛି କମ୍ ନାହିଁ। ବୁଢ଼ୀ ନିଜେ ଭଲରେ ଅଛି। ତାର ଖାଲି ରାଗ ଯେ, ତା ପୁଅଦ୍ବାରା ଅନ୍ୟମାନେ ସୁଖୀ ହୋଇଛନ୍ତି .। [ଏମିତି ହକ୍ ଦାବୀ କରୁଥିବା ଲୋକେ ତାକୁ ଭଲ ପାଇଁ ମଣିଷ କଲେ ନାହିଁ କାହିଁକି?]

ଏ ସବୁକଥା ମୋତେ ତ ଭଏ ଶିଖାଇଥିଲେ ନୋହିଲେ ମୁଁ ବି ବୁଢ଼ୀସହ ସୀମାଜୁକୁ ଗାଳି ଦେଇ ଆସିଥାନ୍ତି

ପ୍ରତ୍ୟେକ କଥାକୁ, ଏପରିକି ନିଗୂଢ଼ ତତ୍ତ୍ବର କଥାକୁ ଖୁବ୍ ସହଜରେ ବୁଝାନ୍ତି। ସେଥିରେ ନିଜର ଲାଭ କ୍ଷତି ପ୍ରତି ତାଙ୍କର ମୋଟେଇ ନଜର ନାହିଁ। ତାଙ୍କର ମତ ସହ କେତେ ଲୋକ ରାଜି ଆଉ କେତେ ଅସହମତ, ସେଥିପ୍ରତି ତାଙ୍କର ନଜର ନାହିଁ। ତାଙ୍କର ଧାରଣା ଯେ, ସାରା ଦୁନିଆ ଯଦି କୌଣସି ବିପରୀତ କଥାକୁ ତାଙ୍କ ଉପରେ ଲଦି ଦେବାର ଚେଷ୍ଟା କରିବ, ତାକୁ ବି ଗୋଟିଏ ଗୋଇଠାରେ ସେ ଆଡ଼େଇଦେବେ। ଏ ଗୋଇଠା ମାରି ଫିଙ୍ଗିବାଟା ଯେ କେତେ ତର୍କ ସଙ୍ଗତ, କେତେ ଠିକ୍, ତାକୁ ବୁଝେଇବା ଲାଗି ଦୁନିଆ ଲୋକଙ୍କ ସହ ଯୁକ୍ତି କରିବା ଲାଗି ପ୍ରସ୍ତୁତ ହୋଇଥିବେ... ମୁଁ ବି ବହୁତ ଦିନରୁ ଦେଖୁଛି... "ଆପଣ ଯାହା କହନ୍ତୁ,

ଆପଣଙ୍କ କଥା ଠିକ୍ ଲାଗୁନି " କହି ଜଣେ ହେଲେ ଲୋକ ତାଙ୍କ ପାଖରୁ ଫେରିନି। ଅଥଚ ସେଭଳି ଉତ୍ତର ଦେବା ପାଇଁ ପ୍ରସ୍ତୁତ ହୋଇ ଆସିଥାନ୍ତି। ଅଥଚ ଫେରିଲାବେଳେ ସେ କଥା ଆଉ ନଥାଏ

ଲୋକଙ୍କ ସହ କଥା ହେଲାବେଳେ ମୁଁ ପଛପଟ କୋଠରୀରେ ବସି ସବୁ ଶୁଣେ। କିଛିଟା ବୁଝେ, ଆଉ କିଛି କଥା ବୁଝିବି ପାରେନି। ସେ କେତେ ସୁନ୍ଦର ଇଂରାଜୀ କହନ୍ତି। ମୁଁ ଦେଖିଛି, ତାଙ୍କୁ କୋଡ଼ିଏ ବର୍ଷ ବେଳକୁ ଗୋଟାଏ ଲୋକଠୁଁ ଇଂରାଜୀ ଶିଖିଲେ। ବୟସରେ ଲୋକଟି ତାଙ୍କଠୁଁ ବଡ଼। ତାଙ୍କୁ ସଂସ୍କୃତ ଶିଖେଇ ତା ବଦଳରେ ଇଂରାଜୀ ଶିଖିଲେ। ଏଠାରୁ କୁମ୍ଭକୋଣମ୍ ଯାଇ କଣ ସବୁ ପରୀକ୍ଷା ବି ଦେଲେ। ଏବେ ଶୁଣୁଛି ତାଙ୍କର ଲେଖା ବହି ସେଇଠି ପିଲାଙ୍କୁ ପଢ଼ା ହେଉଛି।

ଦଶବର୍ଷ ତଳର କଥା। ସମ୍ମିଳନରେ ଯୋଗ ଦେବାପାଇଁ କାଶୀ ଯାଇଥାନ୍ତି। ମୁଁ ବି ସାଙ୍ଗରେ ଥିଲି ତାଙ୍କୁ ବହୁତ ଉପାଧି ଦିଆଗଲା। ତାଙ୍କ ଉପରେ ମୋର ଖୁବ୍ ଗର୍ବ ହେଉଥାଏ। ରୁପା ଗରିଆରେ ଗଂଗାଜଳ ଆଣି ଗାଁ ସାରା ଲୋକଙ୍କୁ ଦେଇଥିଲି ମୋର କଣ କିଛି ଊଣା ଅଛି?

କାଶୀରୁ ଫେରିବା ବାଟରେ ଆମେ ସୀମାଙ୍କୁ ଘରେ ଓହ୍ଲାଇଥିଲୁ। ମାଡ୍ରାସର ବହୁ ରେଲ୍‌ଲାଇନ୍ ଥିବା ଷ୍ଟେସନକୁ ସୀମାଚୁ ଆସିଥିଲା ନିଜ ମୋଟର କାର୍ ନେଇ। ଷ୍ଟେସନ ଉପରେ ଆମ ଦୁହିଁଙ୍କୁ ଛିଡ଼ା କରେଇ ସାଷ୍ଟାଙ୍ଗ ପ୍ରଣାମ କରିଥିଲା। ସମୁଦ୍ର କୂଳକୁ ଆମକୁ ବୁଲେଇ ନେଇଥିଲା। ବିନା ମୋଟର କାର୍‌ରେ ଯେ ମାଡ୍ରାଜରେ ଚଳି ହେବନି, ଏକଥା ବୁଝେଇଥିଲା ସେତେବେଳେ ବି ସେ ଛାତି ଉପରେ ହାତ ଛନ୍ଦି ନିଜ ଶଂକାର ସମାଧାନ ପଚାରେ। କିନ୍ତୁ ସେ କଲେଜ ଗଲାବେଳେ, ତାଙ୍କୁ ଦେଖି ମୁଁ ତ ଡ଼ରିଗଲି। 'ସାଇବ'ଙ୍କ ଭଳି କଣ ସବୁ ପିନ୍ଧିଥାଏ। ମାତ୍ର ସେ ତ ତାଙ୍କୁ ଦେଖି ଖାଲି 'ହୋ ହୋ' ହୋଇ ହସି ଉଠିଥିଲେ ଖୁବ୍ ଯୋର୍‌ରେ।

ତାପରେ ଏଇ ଘର ଆଗରେ ଦିନେ ବଡ଼ ମଟର ଗାଡ଼ି ଆସି ଛିଡ଼ା ହେଲା। ବଡ଼ ବଡ଼ 'ସାଇବ' ଆସିଥାନ୍ତି ସୀମାଚୁର କଲେଜର ଲୋକ ଏ ଘରର ବାରଣ୍ଡା ଉପରେ ବସିଲେ। ସୀମାଚୁ ଖାଲି ରନ୍ଧାଘର ଭିତରକୁ ପଶିଆସିଥିଲା। ମୁଁ ତାକୁ ପଚାରିଲି, "ମଝିରେ ମଝିରେ କେବେ କେମିତି ମା ପାଖରେ ଆସି ରହ " ସୀମାଚୁ ଉତ୍ତର ଦେଇଥିଲା "ମୋତେ ସମୟ ମିଳୁନି। ପାଖରେ ଆସି ରହିବା ପାଇଁ କହିଲେ ମନା କରୁଚି। ମୁଁ କଣ କରିବି? ଏଥିପାଇଁ ବିଚରା ଖୁବ୍ ଦୁଃଖୀତ ଥିଲା। ତାର ଆସିବା କାରଣ କହିଥିଲା କଲେଜରେ ତାଙ୍କୁ ଖୁବ୍ ଭଲ ସମ୍ମାନ ଦେବାର ଆୟୋଜନ ହୋଇଛି। କିନ୍ତୁ 'ତାଙ୍କୁ' ପଚାରିବା ପାଇଁ ସେ ଡରୁଛି। ତଥାପି ତାଙ୍କୁ ରାଜି କରେଇବା ଲାଗି ସୀମାଚୁର ଏକା ଜିଦ୍ ତେଣୁ ଏତେ ଲୋକଙ୍କୁ ସାଙ୍ଗରେ ଆଣିଛି। ମୁଁ ବି ଚାହୁଁଥିଲି 'ସେ' ଏଥିରେ ରାଜି ହୁଅନ୍ତୁ।

'ସେ' ଆସିବା ପରେ ସେମାନେ ବାରଣ୍ଡାରେ ବସି ଖାଲି କଥାବାର୍ତ୍ତା କଲେ, ଖୁବ୍ ଡେରି ଯାଏଁ। ମୁଁ କୋଠରୀରେ ବସି ସବୁ ଶୁଣୁଥାଏ .. କିଛି ବି ବୁଝୁ ନଥାଏ। କିନ୍ତୁ ଏତକ ବୁଝିଲି ଯେ,ସେମାନେ ତାଙ୍କୁ ରାଜି କରେଇ ପାରି ନାହାନ୍ତି।

ଶେଷରେ ସେମାନେ ଚାଲିଯିବା ପରେ ମୁଁ ପଚାରିଲି, "ଏଥିପାଇଁ ଆପଣ ରାଜି ହେଉ ନାହାନ୍ତି କାହିଁକି? ସେଠାରେ ପଢ଼େଇବା ପାଇଁ ଛାତ୍ର ଅଛନ୍ତି। ପାଠବି ତ ସେଇ ପ୍ରକାରର ପାଠ। ଏତେ ଜିଦ୍ କାହିଁକି କରୁଛନ୍ତି? ବିଚରା ସୀମାକୁ କେତେ ଆଶା ନେଇ ଆପଣଙ୍କ ପାଖକୁ ଆସିଥିଲା।" ସେ ମୋ'କଥା ଶୁଣି ଖାଲି ହସିଥିଲେ। ତାଙ୍କର ସ୍ୱଭାବ ସେଇଆ। ପ୍ରତ୍ୟେକ କଥାରେ ହସନ୍ତି। ବିଶେଷ କରି ମୋର ପ୍ରତ୍ୟେକ କଥାରେ ହସିବାଟା ତାଙ୍କର ଗୋଟେ ଅଭ୍ୟାସ

"ତୁ କଣ ଚାହୁଁଛୁ, ମୁଁ ସୀମାକୁ ଭଳି ସୁଆଙ୍ଗ କରେଁ? ତୁ କଣ ଜାଣିନୁ ବିଦ୍ୟାଭ୍ୟାସ କରେଇବା ଲାଗି ପଇସାନେବା ଉଚିତ ନୁହେଁ ଗୁରୁଙ୍କୁ ପଇସା ଦେଇଦେଲେ ବିଦ୍ୟାର୍ଥୀର ହୃଦୟରେ ତାଙ୍କ ପାଇଁ ଆଉ ସ୍ଥାନ କାହିଁ? ପଇସା ନେଲେ ଗୁରୁ ତ ଖାଲି ଶ୍ରମିକ ହୋଇଯାଆନ୍ତି।" 'ଦରମା ବଢ଼ାଅ ବେତନ କମ୍ ଅଛି'ର ସ୍ଲୋଗାନ ଦେଇ ସେମାନେ ଯେ ତାଙ୍କ ଭିଡ଼ରେ ମୋତେ ସାମିଲ କରିବେ, ସେକଥା ନୁହଁ। ତଥାପି ଅତି କମ୍‌ରେ ତାଙ୍କର ନେତା ହେବା ପାଇଁ ମୋତେ କହିବେ। ମୁଁ ଏକଥା କରିବି କେମିତି? ତୁ କହ

ମୁଁ ଆଉ କଣ କହନ୍ତି? ସେ ଯାହା କହୁଥିଲେ ମୁଁ ଖାଲି ଚୁପ୍‌ଚାପ୍ ଶୁଣୁଥାଏ 'ସେ' କାମିଜ ପିନ୍ଧିବା କଥା ପଡ଼ିଲେ ଖୁବ୍ ହସ ମାଡ଼େ। ଭାବିବାକୁ ମଧ୍ୟ ଖରାପ ଲାଗେ। ସେଥିପାଇଁ ମୁଁ ମଧ୍ୟ ହସିଦେଇ କଥା ସେଇଠି ବନ୍ଦ କଲି।

ତାଙ୍କ ବିଷୟରେ ଖୁବ୍ ଭଲଭାବେ ସବୁ ଜାଣିସୁଦ୍ଧା, ତାଙ୍କୁ ଏସବୁ ପଚାରିବାର ଭୁଲ୍ ଯୋଗୁଁ ମୁଁ ଲଜ୍ଜିତ ଥିଲି। ହେଲେ ଏଇଟା ତ ନୂଆକଥା ନୁହେଁ। ଚାଳିଶ ବର୍ଷ ହେଲା ଏମିତି ପାଗଳାମି କରେ ସେ ହସି ଦିଅନ୍ତି। ଏବେ ତାହା ନିତିଦିନିଆ କଥା ହୋଇଗଲାଣି।

ଆଉ ଗୋଟେ କଥା ଦଶଦିନ ଆଗର ତାଙ୍କ ପାଖକୁ ଛାତ୍ରଟିଏ ଆସିଥାଏ। କହିଲା, "ମାମୀ ମାମୀ ଏଇଟା ସରକାରଙ୍କ 'ପ୍ରାଇଜ୍' ନା ସେମିତି କିଛି ଟିକଟ ଟିଏ।" ଆଉ କିଛି ଉଚାରଣ କରି କହିଲା "ଖାଲି ଗୋଟିଏ ଟଙ୍କା ନିଅନ୍ତୁ ନା। ବଡ଼ କଷ୍ଟରେ ମିଳିଲା। ମୁଁ ଗୋଟିଏ ଗୋଟିଏ କରି ପଇସା ଜମେଇ ଆପଣଙ୍କ ପାଇଁ କିଣି ଆଣିଛି।"

ଟିକଟଟି ମୋ ହାତରେ ଦେଇଦେଲା। ସେତେବେଳେ ଖାଲି ଭାବିଥିଲି ଯେ, ପୁଅ ଯଦି ମୋପାଇଁ ଏତେ କଷ୍ଟ କରି ଟିକଟ ଆଣିଛି, ତାକୁ ନେବାରେ କ୍ଷତି କଣ?

ପିଲାଟି ସେ ଟିକଟ ବାବଦରେ ଏକ ଲମ୍ବା ଭାଷଣ ଦେଇଥିଲା। ଏଇ ଟିକଟରୁ ପ୍ରାଇଜ ପାଇ କେତେ ଲୋକ ଲକ୍ଷପତି ହେଲେଣି । ଆଉ ବି ବହୁତ କିଛି କହୁଥିଲା ମୁଁ ତା କଥା ରଖି ଟିକଟଟା ଆଣିଥିଲି।

କିନ୍ତୁ ସେ ଦିନ ସଂଧ୍ୟାରେ ବାରଣ୍ଡାରେ ବସି ସେ ଚାରିପାଞ୍ଚ .ଲୋକଙ୍କ ଆଗରେ ସେ କାଗଜଟିକୁ ଚିରି ପକେଇଥିଲେ।

ଘର ଭିତରୁ ତାଙ୍କର କଥା ଶୁଣି ମୋତେ ଜଣାଗଲା, ଯେମିତି କେହି ମୋ ଗାଲ ଉପରେ ଖୁବ୍ ଯୋର୍‌ରେ ଚଟକଣାଟିଏ ମାରିଲା।

ଖାସ୍ କରି ସେଦିନ ତାଙ୍କ କଥାବାର୍ତ୍ତା ଶାନ୍ତ ବା ଯୁକ୍ତି ସଙ୍ଗତ ନଥିଲା। ଏତେ ଯୋର୍‌ରେ କଥାବାର୍ତ୍ତା କରୁଥାନ୍ତି ଯେ, ସତେ ଯେମିତି ସାରା ଦୁନିଆରେ ନିଆଁ ଲଗେଇ ଦେବେ।

ଏ କଥାରେ ଯେ ଏତେ ରାଗିବା କ'ଣ ଅଛି, ମୁଁ ବୁଝିପାରୁ ନଥାଏ। "ମୁଁ ପଚାରୁଛି ଏ ଦେଶରେ ଏମିତି କଥା କାହିଁକି ହେଉଛି। ଜୁଆରୀ ଜୁଆ ଖେଳୁ। କିନ୍ତୁ ଶାସକ? ପ୍ରଜାପାଳକ ଏମିତି ଚିନ୍ତା କରୁଛନ୍ତି କେମିତି? ଏକଥାରୁ ଜଣାଯାଉଛି ଯେ, କଳିଯୁଗ ଶେଷ ହେବା ଉପରେ ଆମେ ଧ୍ୱଂସ ମୁଖକୁ ଯାଉଛୁ। ଦକ୍ଷ ପ୍ରଶାସକ ଯୁଧିଷ୍ଠିର କେମିତି ବରବାଦ୍ ହେଲେ? ବୁଝିବିଚାରି ଦେଖନ୍ତୁ ଜୁଆଖେଳରୁ ତ ମହାରାଜ ଯୁଧିଷ୍ଠିର ବରବାଦ୍ ହେଲେ। ମହାଭାରତ କଣ କୁହେ? ଜୁଆରେ ହାରିବା ଲୋକ, ଜିଣିବା ଲୋକ, କେହି ବଞ୍ଚନ୍ତି ନାହିଁ। ଜୁଆ ଖେଳର ମଧ୍ୟ ନିୟମ ଅଛି। ସମାନ ଆୟ କରୁଥିବା ଲୋକଙ୍କ ମଧ୍ୟରେ ଏ ଖେଳ ହେବା ଉଚିତ। ସେଇଟା ମଧ୍ୟ ପାପ। ପାପ ପାଇଁ ମଧ୍ୟ ନିୟମ ବନ୍ଧା ଯାଇଛି। ମାତ୍ର ଆଜି ତ ପ୍ରଜାପାଳକ ଅଜ୍ଞାନୀ ସାଧାରଣ ଲୋକଙ୍କୁ ଭୁଲେଇ ଜୁଆ ଖେଳଉଛି। ଏଇଟା କ'ଣ ଅନ୍ୟାୟ ନୁହେଁ? ଏବେ ସବୁ କିଛି ଶେଷ ହୋଇଗଲା। ଆଉ କିଛି ନାହିଁ। ଲୋକଙ୍କ ଭିତରେ ଆଉ କିଏ ନୀତି ନିୟମ ବାଲା ରହିବେ ନାହିଁ। ଦାରିଦ୍ର୍ୟ ଯୋଗୁଁ ସମାଜ ଶେଷ ହେଉଥିଲେ ମଧ୍ୟ ଜୁଆ ଯୋଗୁଁ ସମାଜ ଧ୍ୱଂସ ହୋଇ ବସିଲାଣି। ସ୍ଥାନେ ସ୍ଥାନେ ତିରୁବଲ୍ଲୁବର ଭୂତ ଛିଡ଼ା କଲେ କଣ ହେବ? ସେ ଯେ ଜୁଆ ବିଷୟରେ କଣ କହିଥିଲେ, ତା କିଏ ଜାଣେ? .ଫେର୍ ତିରୁବଲ୍ଲୁରଙ୍କ ଦଶଟି କବିତା ଗାଇଗଲେ. ମହାଭାରତରୁ କେତୋଟି ଶ୍ଳୋକ ଆବୃତ୍ତି କଲେ ଆଉ ତୁମେମାନେ ନଷ୍ଟ ହୋଇଗଲ ଶେଷ ହୋଇଗଲ କହି ମୁଣ୍ଡ ବାଡ଼େଇବାକୁ ଲାଗିଲେ।

ମୋ ପେଟରେ ଅନ୍ତନାଡ଼ୀକୁ କିଏ ଯେମିତି ମୋଡୁଥାଏ। ଭାରୀ ଖରାପ ଲାଗୁଥାଏ, କାହିଁକି ମୁଁ ମୁହଁପୋଡି ସେ କାଗଜଟି ରଖିଲି। ହେଲେ ବୁଝି ପାରୁ ନଥାଏ ଖାଲି ଏତକ ପାଇଁ ସେ କାହିଁକି ଏତେ ପାଟିତୁଣ୍ଡ କରୁଛନ୍ତି? ମନକୁ ମନ ନିଜ ପକ୍ଷନେଇ ନିଜକୁ ବୁଝଉଥିଲି ଯେ, ସେତ କାମିଜ ବି ପିନ୍ଧନ୍ତି ନାହିଁ। ତା ମାନେ ନୁହେଁ ଯେ, ସାରା ଦୁନିଆଟା ତାଙ୍କ ଭଳି ଖାଲି ପାଦ ଆଉ ମୁକୁଳା ଦେହରେ ଚାଲିବ। ଚୁଟି ରଖି ବାଳ କଟେଇବା ଲାଗି ସୁନ୍ଦା ପାଞ୍ଜିରୁ ତିଥିବାର ଦେଖିବ .।

ନିଜକୁ ବୁଝଉଥିଲି, ଟିକଟଟି ପାଖରେ ରଖିଲେ କ୍ଷତି କଣ? ପୁଣି ମନେ ପଡ଼ିଲା ଧର ଅଚାନକ ଭାବେ ଶହ ଶହ ଟଙ୍କା ମିଳିଗଲା ଗାଁ ସାରା ଏହାର ଚର୍ଚ୍ଚା ଚାଲିବ।

ସେଇ ପିଲାଟି କହିଥିଲା ଖବର କାଗଜବାଲା ସଂଗରେ ଫଟୋ ଚୋଳାକାଙ୍କୁ ଧରି ଟଙ୍କା ପାଇଥିବା ଲୋକ ଘରକୁ ଆସନ୍ତି ବୋଲି ସେ ଯେତେ ଗରିବ ହୋଇଥାଉନା କାହିଁକି... ସହର ସାରା ତା ପାଇଁ ଆନନ୍ଦ ଉତ୍ସବ ହୁଏ .ବଡ଼ ବଡ଼ ଲୋକଙ୍କ

ହାତରେ ତାକୁ ପୁରସ୍କାର ଦିଆଯାଏ। ବାପ୍‌ରେ। ତାହେଲେ ସେଇଟା ତ ବଡ଼ ବିପଦ।

ଯାଃ ଯେତେ ବାଜେ ଚିନ୍ତା ସବୁ ଆସୁଛି। କିଣିଛି ତ କିଣିଛି ତୁଚ୍ଛାଟାରେ ମୁଣ୍ଡ ଖରାପ କରିବି କାହିଁକି? ମୁଁ ତାଙ୍କୁ ସେ ବିଷୟରେ କିଛି କହିଲି ନାହିଁ।

ଆଜ ସେ ଦିନ ଭାତ ବାଢ଼ିଲା ବେଳେ ଜାଣିଶୁଣି କଥା ପକେଇଲି। "ସେଇଟା କଣ କି? ଲଟେରୀ ଟିକଟ .। ଟଙ୍କାଟିଏ ଦେଇଥିଲେ, ଭାଗ୍ୟରେ ଥିଲେ କୁଆଡ଼େ ଲକ୍ଷେ ଟଙ୍କା ମିଳେ। ସରକାରୀ କାମ। ଏଥିରେ ଛନ୍ଦ ଫିକର୍ କିଛି ନାହିଁ। ପଡ଼ିଶା ଘର ଝିଅ ତ ଦଶଟଙ୍କାର ଟିକଟ କିଣିଛି ସେଇଟା କଣ କି?"

"ଆଚ୍ଛା ଆଚ୍ଛା ତା ହେଲେ କଥାଟି ଆମ ରନ୍ଧାଘର ପର୍ଯ୍ୟନ୍ତ ଆସିଗଲାଣି। କିଛି ନୁହେଁ ଯେ -ଏସବୁ ସରକାରୀ ଜୁଆଖେଳ। ଆଉ କିଛି ନୁହେଁ। ଲୋକଙ୍କୁ ଭୁଲେଇ ଭୁଲେଇ ଖାଲି ଫାଶରେ ପକେଇବା କଥା। ଯେଉଁ ସରକାର ରୋଗ ନିରାକରଣ ପାଇଁ ଚିନ୍ତା କରୁଛି ସେ ଏଇକାମ ବି କରୁଛି। ପଚାରିଲେ କହିବେ ସରକାରଙ୍କୁ ଏଥିରୁ ପଇସା ମିଳୁଛି ଗରିବେ ଲକ୍ଷପତି ହେଉଛନ୍ତି। ଯାଃ ଆମେ ତ ଆଉ ଲକ୍ଷପତି ହେବାର ସପନ ଦେଖୁନୁ ଏଥିରେ ଆମର କଣ ଅଛି?"

ମୋତେ ଦେଖି ସେ ହସିଲେ। ମୁଁ ଡରରେ ସଂକୁଚିତ ହୋଇଗଲି। ତାଙ୍କ ହସ ଯେମିତି କହୁଥିଲା ଏଇଟା ତୁ ମୋତେ ପଚାରୁଛୁ। ମୋ ସହିତ ଚାଳିଶବର୍ଷ ରହିବା ପରେ ମୋତେ ସଂଦେହ କରୁଛୁ?

"ମୁଁ ଜାଣେ ଆପଣ ମାନିବେନି। କିନ୍ତୁ କାହିଁକି? ଆପଣଙ୍କ ପଣଅଜାଙ୍କୁ ଦାନ ମିଳିଥିବା ଏ ଘରର ପଛପଟ କାନ୍ଥ ଫାଟି ଗଲାଣି। ଘର ଭିତରକୁ ବର୍ଷାପାଣି ଆସି, ପୁରାଘର ତିନ୍ତିଯାଏ। ତିନିବର୍ଷ ହେଲା ଆମେ ଘର ମରାମତି କରିପାରିନୁ। ଆମର ବି ତ ପଇସା ଦରକାର। ଭାଗ୍ୟ ଲକ୍ଷ୍ମୀଙ୍କୁ ଅପମାନ କରିବା କାହିଁକି?"

"ତୋ କଥାରୁ ଜଣା ପଡୁଛି ତୁ ସେ ଟିକଟ ନେବାକୁ ଚାହୁଁଛୁ। କଣ ଠିକ୍ ନା?" ସେ ପଚାରିଲେ।

ମୁଁ ଚୁପ୍ ପଡ଼ିଥାଏ।

"ଆରେ ପାଗଳୀ। ଇଜଗତର ସବୁଠୁ ବଡ଼ ଶତ୍ରୁ ହେଉଛି ଇଚ୍ଛା। ଆମକୁ ପ୍ରାଇଜ୍ ଯେ ମିଳିବନି ସେ ଦୃଷ୍ଟିରୁ ମୁଁ କହୁନାହିଁ .ମିଳିଲେ ବି ହଜାରେ ଲୋକଙ୍କ ଈର୍ଷା ହେବ। ସେଇଟା ଅଧର୍ମର ପଇସା ସେଥିପାଇଁ କହୁଛି .ଅଧର୍ମ ରାସ୍ତାର ଆୟ ଧନ ନୁହେଁ ପାପର ବୋଝ। ମୋ ପଣଅଜାଙ୍କ କଥା କହୁଥିଲୁ ନା, ଭିକ ମାଗି ସେମାନେ ମହାମେଧାବୀ ଥିଲେ .ମୋର ଠିକ୍ ମନେ ଅଛି ଏଇ ଶଙ୍କର ମଠରେ ବାପା ସବୁଦିନର ବେଦାଭ୍ୟାସ କରାନ୍ତି ସଂଧ୍ୟାରେ ହରିକଥା କୀର୍ତ୍ତନ କରନ୍ତି, ସକାଳୁ ଭିକ୍ଷାମାଗି ଯାଆନ୍ତି। ଯେତେ ଚାଉଳ ଆଣନ୍ତି ଉପର ଓଳିକୁ ବି ଅଣ୍ଟେନି। ମୁହଁରେ ଶ୍ଲୋକ ଗାଇ ସଡ଼କ ମଝିରେ ଚାଲିଥାନ୍ତି.. ପାଖ ପଡ଼ିଶାଘରୁ କେଉଁ ପିଲା ମୁଠାଏ ଚାଉଳ ଆଣି ମୁଣାରେ ପକାଏ। ପିଲାଙ୍କ ହାତରେ ଲୋକେ କାହିଁ

ଚାଉଳ ମୁଠାଏ ପଠାନ୍ତି ଜାଣିଛୁ? ବଡ଼ ଲୋକଙ୍କ ହାତରେ ମୁଠାଏ ଚାଉଳ ଦେଲେ ମୁଣା ଜଲ୍‌ଦି ଭର୍ତ୍ତି ହୋଇ ଯିବ ଅନ୍ୟ ଲୋକେ ଭିକ୍ଷାଦାନରୁ ବଞ୍ଚିତ ହେବେ। ସେମାନଙ୍କ ଅଧିକାର ଟାଣିନେବାର ପାପ ଲୋକଙ୍କ ଉପରେ ପଡ଼ିବ, ସେଥିପାଇଁ ପିଲାଙ୍କୁ ପଠାଉଥିଲେ।''

ମୁଣା ଭର୍ତ୍ତି ହୋଇଯିବା ପରେ ସେମାନେ ଆଉ ଭିକ୍ଷା ନେଉ ନଥିଲେ। ଭିକ୍ଷାଦେଇ ଆସିଥିବା ପିଲାର ମୁଣ୍ଡ ଉପରେ ଚାରୋଟି ଅକ୍ଷତ ଚାଉଳ ରଖି ଖାଲି ଆଶୀର୍ବାଦ ଦେଇ ଚାଲି ଆସୁଥିଲେ ଏଇ ଦୃଶ୍ୟ ପରମ୍ପରା କାରଣ ଯୋଗୁଁ ହିଁ ଏତେ ବିଦ୍ୟା ହାସଲ ହୋଇ ପାରିଛି. ଏଥିରୁ ବଳି ଆଉ କଣ ସୌଭାଗ୍ୟ ହୋଇପାରେ? କହିପାରିବୁ? ତୁ କହ କେତେ ଲକ୍ଷ ଟଙ୍କାରେ ଏତେ ଶାନ୍ତି, ଏତେ ନିରୋଗୀ ମନ ମିଳି ପାରିବ? ଜୁଆ ଖେଳରେ ସରକାର ଯେତେ ଲକ୍ଷପତି ଗଢ଼ିପାରେ. ଏକ ମହାନ୍ ପଣ୍ଡିତ ଗଢ଼ିବା ପାଇଁ ତାକୁ କହ। ଦେଖିବା ତା ହୋଇ ପାରିବ ତ?''

ସେ ଦିନ ବାରମ୍ବାର ମୋତେ ଏ କଥା କହିଥିଲେ।

ଏ ସବୁ ଘଟିବାର ଦଶଦିନ ହୋଇଗଲାଣି। ମୁଁ ସେ ସବୁ ପ୍ରାୟ ଭୁଲି ଯାଇଥିଲି

ଗଲାକାଲି ପିଲାଟି ଖବର କାଗଜ ଧରି ଦୌଡ଼ି ଦୌଡ଼ି ମୋ ପାଖକୁ ଆସିଲା। ''କହିଲା ଲଟେରୀ ପାଇଥିବା ଲୋକଙ୍କ ନମ୍ବର ବାହାରିଛି ଆପଣ ଟିକଟ ଆଣନ୍ତୁ ଦେଖିବା ।''

ସେତେବେଳେ ସେ ଘରେ ନଥିଲେ।

ମୋ ମନ ଭିତରେ କେତେ ବ୍ୟଗ୍ରତା, ବ୍ୟସ୍ତତା। ହେ ଭଗବାନ! ମୋ ଇଜତ ରଖ! ହଠାତ୍ ମୋତେ ଗୋଟେ ବୁଦ୍ଧି ଜୁଟିଲା। କହିଲି, ''କେଉଁଠି ଟିକଟଟି ରଖିଛି ପାଉନି!'' ମୋ ଉତ୍ତର ଶୁଣି ପିଲାଟି ଚୁପ୍ ହୋଇଗଲା। ମନ ଦୁଃଖରେ ଖବର କାଗଜଟି ସେଇଠି ପକେଇ ଦେଇ ଫେରିଗଲା।

ପିଲାଟି ଚାଲିଯିବା ପରେ ଖବର କାଗଜଟିକୁ ଗୋଟେଇ ଭିତର ଘରେ ଦେଖିବାକୁ ଲାଗିଲି। ଅକ୍ଷର ଥିଲା। ସେଇଟା କ'ଣ ଯେ ବୁଝି ପାରିଲି ନାହିଁ। ପୁଣି ଦେଖିଲି ଟିକଟ ନମ୍ବରରେ ସେମିତି ଅକ୍ଷର ଅଛି ନା ନାହିଁ।

ହେ ଭଗବାନ! ସବା ଆଗରେ ସେଇ ଦୁଇଟି ଅକ୍ଷର –ତା'ପରେ ସେଇଭଳି ତିନି. ସାତ ଶୁନ୍ . ଏକ ଏକ ଛ'

ଦ୍ୱି-ପହର ଓଳି ସେ ଆସିବା ପରେ ଟିକଟ ମୁଁ ତାଙ୍କ ପାଦତଳେ ରଖିଦେଲି।

'ମୋତେ କ୍ଷମା କରନ୍ତୁ' କହି କାନ୍ଦିଉଠିଲି। ''ମୁଁ ଖାଲି ମଜାରେ ଟିକଟ ନେଇଥିଲି ପିଲାଟି ଖୁବ୍ ବାଧ କଲା। ଆପଣ ଏ କଥାରେ ଯେ ଏତେ ନାରାଜ ହେବେ, ସେ କଥା ପରେ ଜାଣିଲି। କିଛି ଭାବି ପାରିଲି ନାହିଁ। ଭାବୁଥିଲି ମୋ ଭାଗ୍ୟରେ ଏ ସବୁ ନଥିବ. ଭଗବାନଙ୍କୁ ଡାକିଲି ଏ ପୁରସ୍କାର ନ ଦେବା ପାଇଁ। ଏବେ . ଏବେ ସେଇଆ ଘଟିଲା ମୋତେ କ୍ଷମା କରନ୍ତୁ। ଏଇଟା ଆପଣ ରଖନ୍ତୁ।'' ମୁଁ ତଥାପି କାନ୍ଦୁଥାଏ।

ସେ ଠିକ୍ ଆଗଭଳି ହସୁଥାନ୍ତି। ହସି ହସି ମୋତେ ଠିଆ କରେଇ ଦେଲେ। କହିଲେ –"ଧେତ୍ ପାଗଳୀ ଆରେ ତୁ ତ ସଂପତ୍ତି ପାଇଛୁ ମୋ ପାଦରେ ଏସବୁ ରଖି ମୋ ମୁଣ୍ଡରେ ପାପ କାହିଁ ଲଦୁଛୁ? ମୁଁ କଣ ମଜାରେ କହୁଥିଲି ଯେ, ଲକ୍ଷେ ଟଙ୍କା ମୋର ଦରକାର ନାହିଁ ବୋଲି ପ୍ରକୃତରେ ଟଙ୍କା ମୋର ଦରକାର ନାହିଁ। ମୋର ଏବେ ବି ସେଇ ପୁରୁଣା ଚିନ୍ତା ବେଦାଭ୍ୟାସ କରୁଥିବା ପିଲାଙ୍କ ସଂଖ୍ୟା ଦିନକୁ ଦିନ କମିଯାଉଛି ଆଉ ଦଶଟି ପିଲା ମିଳିଗଲେ ଯଥେଷ୍ଟ। କିନ୍ତୁ ସେମାନେ ସାଙ୍ଗରେ ପଇସା ଧରି ଆସିବେ ନାହିଁ। ପଇସା ପାଇଁ ବି ନୁହେଁ। ଏ ସବୁ ତୁ ବୁଝି ପାରିବୁ ନାହିଁ। ଛାଡ଼ୁ ପୁରସ୍କାର ପାଇବାଟା ତୋର ସମସ୍ୟା। ମୁଁ ତ ଖାଲି 'ଭିକ୍ଷାଂଦେହି' କହି ଭିକମାଗି ବୁଲିବା ବ୍ରାହ୍ମଣ ହୋଇ ରହିବି। ମୋର ବାପା, ଜେଜେବାପା, ଜେଜେବା'ଙ୍କ ବାପା ସମସ୍ତେ ସେଇ ପରମ୍ପରାର ଦାୟାଦ ଜଣେ ଲକ୍ଷପତି ସ୍ତ୍ରୀର ସ୍ୱାମୀ ହେବାର ଗୁଣ ବା ଯୋଗ୍ୟତା ମୋ ପାଖରେ କିଛି ନାହିଁ " ସେ କହି ଚାଲିଥିଲେ।

"ଆପଣ ପରଭଳି କୁହନ୍ତୁ ନାହିଁ। ମୁଁ କଣ କରିବି ଏଇଲେ? ଯାହା ଚାହିଁ ନଥିଲି ତାହା ହେଲା କୁହନ୍ତୁ କଣ କରିବି ଏଇଲେ?" ମୁଁ ବାରମ୍ବାର ତାଙ୍କୁ ପଚାରୁଥାଏ।

ତାଙ୍କ ମନରେ ଦୟା ମୋଟେ ନଥିଲା। ନିର୍ଦ୍ଦୟ ଭାବରେ ହସୁଥାନ୍ତି।

ଶେଷରେ କହିଲେ "ମୋର ଡେରି ହେଲାଣି, ପାଠଶାଳା ଯାଉଛି " ଗଲାବେଳକୁ ଠିକ୍ ସେମିତି ହସି ହସି କହିଲେ—

"ଏଇ ଟିକଟର ଉପଯୋଗ କଥା ତୁ ଚିନ୍ତା କରିବୁ ତୋର ଖୁସୀ ଫଟୋ ଉଠେଇ ତୁ ଖୁବ୍ ଆରାମରେ ରହିପାରୁ ହେଲେ କେଉଁଠି କହିବୁ ନାହିଁ ଯେ,. ତୁ ଅମୁକ ଲୋକର ସ୍ତ୍ରୀ ବୋଲି। ନିଜକୁ ସାନ୍ତ୍ୱନା ଦେବାଲାଗି ତୁ ମିଛ କହି ଦିନ କାଟି ପାରୁ ନାହିଁ ତ, ଏ ମାୟାଜାଲରେ ଛନ୍ଦି ହେବାପାଇଁ ମନା କରିଦେ। ଆଉ ସେ ଟିକଟ କାଗଜଟିକୁ ଚିରିପକା 'ହଁ, ଚିରି ପୋପାଡ଼ି ଦେ। ଆଉ କାହାକୁ ଦେଇ ତା ପାଖରୁ ସୁଧ ନେବାଟା ବି ପାପ। ତା ପାଇଁ କୃତଜ୍ଞତା ପାଇବାଟା ମଧ୍ୟ ପାପ ବେଇମାନ୍ ମନରେ ଏମିତି ଚିନ୍ତା ଆସେ। ଏ ଭିତରେ କୌଣସି ବିଷୟର ଶୀକାର ନ ହୋଇ, ଏ ଜୁଆଖେଳରେ କୌଣସି ପ୍ରକାର ଭାଗ ନ ନେବା ପାଇଁ ସେ ଟିକଟ ଚିରିପକା ଦୁଇ କଥା ତୋ ହାତରେ। ତୋ ଖୁସି ଏଇଟା ପାପ ନା ସୌଭାଗ୍ୟ ତାର ବିଚାର ତୁ କରିବୁ ମୋର ଡେରି ହେଲାଣି.. ପାଠଶାଳା ଯାଉଛି।"

ସେ ତରତରରେ ଚାଲିଗଲେ। ଏବେ ମୁଁ କ'ଣ କରିବି, ଆପଣ କୁହନ୍ତୁ। ହେ ଭଗବାନ! ଏକ ଲକ୍ଷ ଟଙ୍କା। ଏକ ଲକ୍ଷ ଟଙ୍କା .ଏଇ ଭାଗ୍ୟଲକ୍ଷ୍ମୀଙ୍କୁ ଏମିତି ନିର୍ମମ ଭାବେ କେମିତି ଚିରି ପୋପାଡ଼ି ଦେବି। ତାଙ୍କ ହାତରେ ଦେଲେ, ସେ ଚିରିଦେବେ। ତାଙ୍କ ଭଳି ଜ୍ଞାନୀମାନଙ୍କ ପାଇଁ ଏଇଟା ଖୁବ୍ ସହଜ କଥା।

ହେଲେ ଆମଭଳି ଅଜ୍ଞାନୀଙ୍କ ପାଇଁ ଏ କ'ଣ ସହଜ କଥା?

ତାଙ୍କ ମୂଲ୍ୟ ଯେ ଲକ୍ଷ ଲକ୍ଷ ଟଙ୍କା ଅପେକ୍ଷା ଖୁବ୍ ବେଶୀ, ମାନୁଛି ସେ କଥା। ଲକ୍ଷେ ଟଙ୍କା ପାଦରେ ଆଡ଼େଇ ଦେଇ ପୁଣି ଭିକ୍ଷା ମାଗିବା ଏକ ଗୌରବର କଥା ହେବ। ଆଉ ସେ ଭଳି ଲୋକର ପତ୍ନୀ ହୋଇ ରହିବାରେ ମୋର ମଧ ଗୌରବ ହେବ।

ଟଙ୍କା ମହାନ୍ ନା ବିଦ୍ୟା? ମୁଁ ଏ କଥା ବୁଝିପାରେ ନି କିନ୍ତୁ ଯେତେ ଟଙ୍କା ହେଲେ ବି ତା ଶାଶ୍ୱତ ନୁହେଁ . ସେଭଳି ଭାବେ ମଣିଷ ବି ଶାଶ୍ୱତ ନୁହେଁ। ସେ ଯେତେ ବଡ଼ ପଣ୍ଡିତ ହେଲେ ମଧ —ତା ଜୀବନ ବି ତ ଶାଶ୍ୱତ ନୁହେଁ।

ଏପରି କଥା ଚିନ୍ତା କରିବା ବି ମହାପାପ। ହେଲେ ଆଜି ଦୁନିଆରେ ମହା ପତିବ୍ରତା ବି ସତୀ ହୋଇ ଯାଏନି ଯଦି ତାଙ୍କ ପରେ ଜୀଇଁବାର ଯୋଗ ମୋର ହୁଏ. ରାମ୍ ରାମ୍।

ଭିକ୍ଷା ମାଗିବାରେ ମୋର କ'ଣ ଗୌରବ ହୋଇପାରେ ସମସ୍ତେ ମୋତେ 'ଭିକାରୁଣୀ' କହିବେ। ତାଙ୍କ ବିଷୟରେ ବି କହିବେ ଯେ, ଏତେ ମହାନ୍ ପଣ୍ଡିତ ହୋଇ, ସ୍ତ୍ରୀକୁ ଭିକାରୁଣୀ କରିଦେଲା।

ଟିକଟଟି ତ ସେ ଚିରି ଫୋପାଡ଼ି ପାରିବେ। ମୁଁ ସେଇଆ କରିବା କ'ଣ ଠିକ୍ ହେବ? ହେଲେ ସେ ତ ସେଇଆ କହିଯାଇଛନ୍ତି।

ମୁଁ ହାତରେ ଟିକଟଟି ଧରି ଛିଡ଼ା ହୋଇଛି। ଖୁବ୍ ଭାରୀ ଜଣାପଡୁଛି। ତା ପାଇଁ ମୁଁ କଣ କରିପାରେ?

ଆପଣ କୁହନ୍ତୁ ।

ନୂଆ ଜୋତା

ତା ମୁହଁ ଉପରେ ଯୋର୍‌କରି ଚଟକଣାଟିଏ ମାରିବା କଳ୍ପନାରେ ନନ୍ଦଗୋପାଳ ଧଡ଼ାଣ୍ କରି କବାଟ ବନ୍ଦ କରିଦେଇ ବାହାରେ ଆସି ଛିଡ଼ାହେଲା। କବାଟ ବନ୍ଦ କରିବା ପର୍ଯ୍ୟନ୍ତ ଭାବି ନଥିଲା ଯେ, କୁଆଡ଼େ ଯିବ ବା ତାକୁ କେଉଁଠାକୁ ଯିବାର ଅଛି। ବହୁ ଆତୁରତା ସହ ପ୍ରତୀକ୍ଷା କରିଥିଲା ତା ପାଖରୁ ପଦୁଟିଏ କଥା ଶୁଣିବ "ଆପଣ ଏ ଯାଏଁ ଶୋଇ ନାହାନ୍ତି?" କିନ୍ତୁ ତାର ସବୁ ଆଶା ଭାଙ୍ଗି, କାନ୍ଥ ଆଡ଼କୁ ମୁହଁକରି ବିଘୋଡ଼ ନିଦରେ ସେ ଶୋଇଛି। ଆଉ ଅପମାନ ସହ୍ୟ କରିହେଉନି। ବିବଶ ଭାବେ ବାହାରକୁ ଆସି ଯୋର୍‌ରେ କବାଟ ବନ୍ଦ କରିଦେଇଥିଲା।

ପ୍ରକୃତରେ ଶୋଇ ପଡ଼ିନଥିଲେ କବାଟ କିଳାର ଶବ୍ଦରେ ସେ ଉଠି ପଡ଼ିବ।

ନଇଁପଡ଼ି ଅନେଇଲା। ପାଖ ପଡ଼ିଶା ଘରେ କେହି ଚେଇଁ ନାହାନ୍ତି ତ? ସେଇ ନିରନ୍ଧ୍ର ଅନ୍ଧାର ଭିତରେ ଘରଗୁଡ଼ିକର ଭେଣ୍ଟିଲେଟରଗୁଡ଼ିକରୁ କୋଠରୀ ଭିତରେ ଜଳୁଥିବା ନିଷ୍ପ୍ରଭ ଆଲୋକ ଦିଶୁଛି। ଟେବୁଲ ପଙ୍ଖାର ଘୁଁ ଘୁଁ ଶବ୍ଦ ଶୁଭୁଛି। ରାତିର ଏଗାରଟା ହେବ ବୋଧହୁଏ। ହାତଘଣ୍ଟା ଦେଖିଲା। ଅନ୍ଧାରରେ କିଛି ବି ଦିଶୁନାହିଁ। ଭାବିଲା, କୁଆଡ଼େ ଯାଇ ସକାଳୁ ଫେରି ଆସିଲେ କେମିତି ହୁଅନ୍ତା? ହେଲେ. ତାକୁ ଖୋଲା ଘରେ ଏକା ଛାଡ଼ି ଯିବ କେମିତି? ସେ ଯେ ଜାଣି ଶୁଣି ଜିଦ୍ କରୁଛି, ଏକଥା ସ୍ପଷ୍ଟ ଭାବେ ବୁଝି ପାରିଥିଲା।

କଣ କରାଯିବ ଭାବିପାରୁ ନଥାଏ। ମନରେ ଅନୁଶୋଚନା ବି ଆସୁଛି। ଜାଣିଶୁଣି ଏ ମୁଣ୍ଡ ଦରଦ ସେ ଡାକି ଆଣିଲା କାହିଁକି? ପୂର୍ବରୁ ଜୀବନ କେତେ ସୁନ୍ଦର ଥିଲା। ସେ ନିଜେ, ଚାକିରି, ନିଜର ଆମଦାନୀ . ବାସ୍ ଆଉ କିଛି ନାହିଁ। କେତେ ସ୍ୱାଧୀନ ଜୀବନ। ଠିକ୍ ବି କରିନେଇଥିଲା ସାରା ଜୀବନ ଏମିତି ରହିବା ପାଇଁ। ହେଲେ ରାକ୍ଷାସୀଟି ତ ଆସି ସବୁ ଶେଷ କରିଦେଲା। ତାର ଯୋଗୁଁ ହିଁ ସେ ବିବାହ ଆଉ ଘର-ପରିବାର ଇତ୍ୟାଦି। କଳ୍ପନାରେ ଏତେ ସପନ ଦେଖିଲା ଯେ,ସତେ ଯେମିତି ଏ ସବୁହିଁ ଜୀବନର ସବୁ ସୁଖ।

ନନ୍ଦଗୋପାଳ କିଂକର୍ତ୍ତବ୍ୟବିମୂଢ଼ ହୋଇ ଛିଡ଼ା ହୋଇଥାଏ। ଘର ପାଉଞ୍ଚ ଉପରେ ଛିଡ଼ା ହୋଇ ସିଗାରେଟ ଲଗାଇଲା। ଅନ୍ଧାର ଆକାଶରେ ଛିଟିକିଛି ବିଚ୍ଛୁରିତ ତାରାଗୁଡ଼ିକୁ ଖାଲି ଦେଖୁଥାଏ।

ଗିରିଜାର କଥା ମନେ ପଡ଼ିଲା। ମନେ ପଡ଼ିବା ମାତ୍ରେ ଗିରିଜା ଉପରେ ରାଗ ବି ଆସିଲା। ପୁଣି ଭାବିଲା "ଛାଡ଼ ଗିରିଜା କେତେ ସୁଚତୁରୀ। ତାର ସଂସାର କେତେ ଭଲ। ହେଲେ ମୁଁ ଯାର ହାତଧରି ଘରକୁ ଆଣିଛି ସେ ଅସଲ ସଇତାନ୍। ତଥାପି ତାର ବିବାହ ଲାଗି ଗିରିଜା ଥିଲା ଦାୟୀ–" ତେଣୁ ତା ସହିତ ହେଉଥିବା ଅନ୍ୟାୟରେ ସେ ଗିରିଜାକୁ ଦୋଷୀ ଭାବିବା ସ୍ୱାଭାବିକ।

ହଠାତ୍ ନନ୍ଦଗୋପାଳର ମନକୁ ବିଚାରଟିଏ ଯୁଟିଲା। ଏଇଲେ ଯାଇ ଗିରିଜାକୁ ଦେଖାକଲେ କ୍ଷତି କଣ? ତାକୁ ତ ଯେତେବେଳେ ହେଲେ ସାକ୍ଷାତ କରାଯାଇପାରେ। ଏଇ ଛ ମାସ ଭିତରେ –ବିବାହ ପରେ ସବୁଦିନ ସ୍ତ୍ରୀ ସହ ଝଗଡ଼ା ହେଲାପରେ କେତେଥର ଗିରିଜାର କଥା ମନେ ପଡ଼ିଛି। ସବୁଦିନ ଖାଲି ଭାବିଛି ତ୍ରୁଙ୍କାଟାରେ ହେଲେ ଝିନ୍‌ଝଟ୍‌ରେ ସେ ଛନ୍ଦି ହେଲା କାହିଁକି? ହେଲେ ତା ପାଖକୁ ଯିବାକଥା ଆଜି କେବଳ ଭାବିଲା।

ପୁଣି ଭାବିଲା ତାର ସ୍ତ୍ରୀ ବିବାହ ପୂର୍ବରୁ କେମିତି ରହୁଥିଲା କେଜାଣି, ହେଲେ ଆଜି ତାକୁ ଏମିତି ଏକା ଛାଡ଼ି ଗଲେ, ତା ସହ ଅନ୍ୟାୟ ହେବନି? ସେ ଯେତେ ଜିଦ୍‌ଖୋର୍, କଳିହୁଡ଼ି ହେଉନା କାହିଁକି, ଏକାକୀ ଛାଡ଼ି ଯିବାଟା ଠିକ୍ ହେବନି। ତା ଉପରେ ପ୍ରଚଣ୍ଡ ରାଗ ଯୋଗୁଁ ସେ ଯଦି କିଛି କରି ବସେ ସେ କ'ଣ ସହି ପାରିବ? ସେତିକ ଭାବିବା ମଧ୍ୟ ତା ଲାଗି ଅସହ୍ୟ ହୋଇ ଉଠୁଛି। ବ୍ୟସ୍ତ ହୋଇ ନିଜ ମୁଣ୍ଡ ଆମ୍ପୁଡ଼ିବାକୁ ଲାଗିଲା।

କେଉଁ ଦୂରରୁ 'ଠନ୍' କରି ଘଣ୍ଟା ବାଜିବାର ଶବ୍ଦ ଶୁଭିଲା। ରୁଦ୍ଧ ଝରକାକୁ ଅଳ୍ପ ଖୋଲି ଘର ଭିତରୁ ଆସୁଥିବା ଆଲୁଅ ରେଖାରେ ହାତଘଣ୍ଟା ଦେଖିଲା। ନିଜ ଘଣ୍ଟାରେ ବର୍ତ୍ତମାନ ସାଢ଼େ ଏଗାରଟା ବି ହୋଇନି। ଭାବିଲା, ବୋଧହୁଏ ସାଢ଼େ ଏଗାରଟା ବାଜିବଣି। ଘର ଭିତରେ ବର୍ତ୍ତମାନ ସୁଦ୍ଧା ସେ ସେମିତି କାନ୍ଥ ଆଡ଼କୁ ମୁହଁକରି ଶୋଇଛି। ନନ୍ଦଗୋପାଳ ରାଗିଉଠିଲା। ଭିତରକୁ ଯାଇ ତା ପିଠି ଉପରେ ଖୁବ୍ ଯୋର୍‌ରେ ଦୁଇ ବିଧା ବା ଲାତଟିଏ ମାରିବାର ପ୍ରବଳ ଇଚ୍ଛା ହେଉଥାଏ। ତଥାପି ତାର ବିଚାରଧାରା ବଦଳାଇ ଦେଲା।

ଛୋଟ ଥିଲାବେଳେ ଏଭଳି ବହୁ କ୍ରୁର ଓ ବିଭତ୍ସ ଘଟଣା ତାର ଜୀବନରେ ଦେଖିଛି। ହଠାତ୍ ରାତି ଅଧରେ ମା'ର ବିକଳ ଚିତ୍କାର ଶୁଭେ। ବାପା ମା'ର ମୁହଁରେ ଚଟକଣା, ବିଧା, ଗୋଇଠା ମାରୁଥାନ୍ତି। କାନ୍ଦି କାନ୍ଦି ମା ରାଗରେ କହୁଥାଏ 'ପାପୀ ଚଣ୍ଡାଳ ..'

ତାର ଗାଳି ସାଙ୍ଗକୁ ମାଡ଼ର ମାତ୍ରା ମଧ୍ୟ ବଢ଼ିଯାଏ।

କେତେ ଯାତନାପୂର୍ଣ୍ଣ ସେଇ ଦିନଗୁଡ଼ାକ। ତା ଆରଦିନ ଦିହେଁ ପୁଣି ଏମିତି କଥାବାର୍ତ୍ତା ହୁଅନ୍ତି ଯେ, ସତେ ଯେମିତି ଗଲା ରାତିରେ କିଛି ବି ହୋଇନି।. ମା ତାକୁ ଖୁବ୍ ସମ୍ମାନ ଦିଏ, ବାପା ବି ଭାରୀ ଖେଲରେ ମା'ର ନା ଧରି ଡାକନ୍ତି। ଦୁହେଁ ଖୁସି ଗପ କରନ୍ତି। ଏସବୁ ଦେଖି ନନ୍ଦଗୋପାଳର ମନ ଘୃଣାରେ ଭରି ଉଠୁଥିଲା।

ଜୀବନର ପ୍ରଥମ ପନ୍ଦର ବର୍ଷ ଏମିତି ଅନୁଭବରେ ହିଁ କଟିଗଲା। ବାପା ମା'ଙ୍କ ଝଗଡ଼ା ଅପେକ୍ଷା ସେମାନଙ୍କ ମିଳାମିଶା ଯୋଗୁଁ ସେମାନଙ୍କୁ କେଜାଣି କେମିତି ଘୃଣା କରିବାକୁ ଲାଗିଲା। ବାପାଙ୍କୁ ତ ମନଭରି ଘୃଣା କରୁଥାଏ। ଏଇ ଅନୁଭବ ଯୋଗୁଁ ବୋଧହୁଏ ପିଲାଦିନରୁ ତାର ମନରେ ବଦ୍ଧ ଧାରଣା ରହିଗଲା ଯେ, ପରିବାର ଓ ଦାମ୍ପତ୍ୟ ଜୀବନ ଏକ ଘୃଣ୍ୟ ଜିନିଷ।

ବର୍ତ୍ତମାନ ବାପା ମଲେଣି। ଏ ବୃଦ୍ଧା ବୟସରେ ମା ଗାଁରେ ଦିନ କାଟେ। ଆଖି ବୁଜିବା ଆଗରୁ ନନ୍ଦଗୋପାଳର ବାହା କଥା ମା ଯେତେବେଳେ କୁହେ, ନନ୍ଦଗୋପାଳ ବାପ ମା'ର ଉଦାହରଣ ଦେଇ ବ୍ୟଙ୍ଗ କରେ। ମା ଦୁଃଖିତ ହେବା ସଙ୍ଗେ ସଙ୍ଗେ ରାଗି ଉଠେ। ଗର୍ଜିଉଠି କୁହେ "ହେ କଣ ହୋଇଗଲା ସେଇଟୁ ମୋର କଣ ଜଣା ହୋଇଛି ରେ?"

ଶେଷରେ ସେ ଯେ ବିବାହ ହେବ ନାହିଁ ଏ କଥାଟିକୁ ନନ୍ଦଗୋପାଳ ଦୃଢଟି ପଦରେ ଶୁଣାଇ ଦେଇ ଚାଲିଆସେ।

ମାନ୍ଦ୍ରାଜରେ ଜୀବନର ତିରିଶ ବର୍ଷଯାଏଁ ଚାକିରି କଲାବେଳେ, ସ୍ୱାଧୀନ ଓ ସ୍ୱଚ୍ଛନ୍ଦ ଜୀବନ ସହ ନନ୍ଦଗୋପାଳ ଅଭ୍ୟସ୍ତ ହୋଇପଡ଼ିଲା। ଗିରିଜା ସହ ସଂପର୍କ ହେବା ପରେ, ତା ମନରେ ବିବାହର ଇଚ୍ଛା ଆଉ ଦାମ୍ପତ୍ୟ ଜୀବନର ମଙ୍ଗଳ-କଳ୍ପନା-ସୌଧ ନିର୍ମାଣ କରିଥିଲା ଗିରିଜା ଆଉ ଶେଷରେ ତାକୁ ରାଜି ମଧ୍ୟ କରେଇଥିଲା। ଗିରିଜା ପୂର୍ବରୁ କୌଣସି ଝିଅ ସହିତ ତାର ସଂପର୍କ ନଥିଲା। ନନ୍ଦଗୋପାଳ ଲାଗି ଗିରିଜା ଥିଲା ଏକ ନୂତନ ଅନୁଭବ। ହେଲେ ନନ୍ଦଗୋପାଳ ବ୍ୟତୀତ ଅନ୍ୟ ସଭିଏଁ ଜାଣିଥିଲେ ଯେ, ସେ ଗିରିଜାର ପ୍ରଥମ ପୁରୁଷ ନୁହେଁ। ଗିରିଜା ମଧ୍ୟ ତା ଜୀବନର ସବୁ ଲୁଚେଇ ଦେବାର ଅବସ୍ଥାରେ ନଥିଲା। ତଥାପି ତା ସହ ଏକାଠି ରହିବାପରେ ନନ୍ଦଗୋପାଳକୁ ଖୁବ୍ ଭଲପାଇ ତାର ମନରେ ବିଶ୍ୱାସ ଦେଇଥିଲା ଯେ, ପୁରୁଷ ପାଇଁ ନାରୀର ସାହଚର୍ଯ୍ୟ କେତେ ସୁନ୍ଦର, କେତେ ସୁବିଧାଜନକ। ତା ସହ ବିତିଯାଇଥିବା ଦୁଇ ମାସର ପାରିବାରିକ ଜୀବନ କେତେ ସୁନ୍ଦର ଥିଲା. । ଅତୀତ ସ୍ମୃତିର ରୋମନ୍ଥନରେ ନନ୍ଦଗୋପାଳ ଦୀର୍ଘଶ୍ୱାସଟିଏ ଟାଣିଥିଲା। ତାକୁ ଅପମାନିତ କରି, ଏଇ ଅର୍ଦ୍ଧରାତ୍ରରେ ଦୁଆର ବାହାରେ ଛିଡ଼ାକରି ଘର ଭିତରେ ଶୋଇ ପଡ଼ିଥିବା ପତ୍ନୀ ଉପରେ ଖୁବ୍ ରାଗ ଲାଗୁଥାଏ। କବାଟ ଆଢ଼େଇ ଦେଇ ପୂର୍ଣ୍ଣିମାରେ ସଜଳ ଆଖିରେ ଭିତରକୁ ଦେଖିଲା।

କୌଣସି ପରିସ୍ଥିତିରେ ବି ମିଳାମିଶା ହେବା ତା ପକ୍ଷରେ ଅସମ୍ଭବ। ଗଲା ଛ'ମାସଧରି ପରିସ୍ଥିତି ସହିତ ଅଭ୍ୟସ୍ତ ହୋଇ ଗଲାଣି। କେଉଁ କଥା କେମିତି ଆରମ୍ଭ ହୋଇ କେମିତି ଶେଷ ହେବ ଏକଥା ସେ ମୂଳରୁ ଜାଣିପାରେ। ତଥାପି କୌଣସି ଘଟଣାକୁ ସେ ବନ୍ଦ କରିପାରେନି। ସେଇଟା ହିଁ ତାକୁ ବିବଶ କରିପକାଏ। ମଝିରେ ମଝିରେ ଭାବେ ତାର ସ୍ତ୍ରୀ ବୁଝିବା ଭଳି ଏ ଝାମେଲା ତା ନିଜ ନ୍ୟାୟ ଅନ୍ୟାୟର କଷଟିରେ ଠିକ୍ ହେଉନି... ତଥାପି ଦିନକୁ ଦିନ ଅପମାନ ଓ ଦୁଃଖରେ ପରିବର୍ତ୍ତିତ ହେଉଥିବା ଜୀବନ ନେଇ ସେ ଚଳିବ କେମିତି, ସେ ବୁଝିପାରେନି।

ଘର ଭିତରର ସ୍ତିମୀତ ଆଲୁଅ, ଦଉଡ଼ିରେ ଶୁଖୁଥିବା କପଡ଼ା। ରନ୍ଧାଘରେ ଥିବା ବାସନ ଇତ୍ୟାଦିର ଚକ୍ ଚକ୍ କିରଣ, ସେଗୁଡ଼ିକୁ ବେପରୁଆ ଢଙ୍ଗରେ ରଖାଯାଇଥିବା ଇତ୍ୟାଦି ଦୃଶ୍ୟ ତାକୁ ଆହୁରି ଉଦାସ କରି ଦେଉଥିଲା।

ରହିବା ଲାଗି ଗୋଟିଏ ମାତ୍ର ବଖରା। ସେଥିରୁ ଫାଙ୍କରେ ବିନା କବାଟରେ ରନ୍ଧାଘର କରାଯାଇଛି। ତା ଭିତରେ ଜଳ ଢୋଇ ଜାଗାଟିଏ। ସେଥିରେ ଗାଧୁଆ କାମ ଚଳେ। ଏତକ ଘର ପାଇଁ ମାସକୁ ପଇଁଚାଳିଶ ଟଙ୍କା ଭଡ଼ା। ଘର ଖର୍ଚ୍ଚ ପାଇଁ ଦେଢ଼ଶ ଟଙ୍କା ଲାଗେ। ଦରମା ତିନିଶ ପାଖା ପାଖି। ସ୍ୱାମୀ ସ୍ତ୍ରୀ ଭିତରେ ଭଲ ପଡୁଥିଲେ, ଘର ଚଳେଇବା ସହଜ ହୁଅନ୍ତା। ଚାରିପାଞ୍ଚ ଲୋକ ପ୍ରତ୍ୟେକ ଶହେ ଟଙ୍କାଏ ଲେଖା ଦେଇ ବଡ଼ ଆରାମରେ ଚଳୁଥିଲେ। ଖୁବ୍ ଯୋର୍‌ରେ ମନେ ପଡ଼ିଲା ମେସ୍ ଜୀବନ କଥା। ଭାବି ଭାବି ନିଜ ଉପରେ ଦୟା ଆସୁଥାଏ ନନ୍ଦଗୋପାଳର।

ଦୀର୍ଘଶ୍ୱାସଟିଏ ଛାଡ଼ି ଛିଡ଼ାହେଲା ନନ୍ଦଗୋପାଳ। ଗିରିଜା ସହ ରାତି କଟେଇଲେ ହୁଏତ ତାକୁ ଶାନ୍ତି ମିଳନ୍ତା। ଅପରାଧବୋଧରେ ଦଂଶିତ ମନକୁ ବୁଝେଇବା ଲାଗି ଭାବିଲା ଗିରିଜା ସହ ଆଉ କିଛି ନ କରି ଖାଲି କଥା ହେଲେ ହିଁ ଯଥେଷ୍ଟ। ଭିତରକୁ ଯାଇ କୁର୍ତ୍ତାଟି ପିନ୍ଧିଲା। ଲାଇଟ ଲ୍ୟାମ୍ପର ନିଷ୍ପ୍ରଭ ଆଲୁଅ ବଦଳରେ ଚାଳିଶ ୱାଟ୍‌ର ବଲ୍‌ବ୍‌ଟି ଜଳାଇବା ମାତ୍ରେ ଆଖି ଝଲସି ଉଠିଲା।

'ଏ' ତାର ଦେହରେ ହାତଦେଲା। କିନ୍ତୁ ତାର ସ୍ତ୍ରୀ ଟିକେହେଲେ ହଲିଲା ନାହିଁ। ଯୋର୍‌ରେ ସ୍ତ୍ରୀ ହାତଚିପି, ନିଜଆଡ଼କୁ ଘୁରାଇ କହିଲା "ପ୍ରେମ କରିବା ପାଇଁ ତତେ ଉଠାଉନି ମୁଁ ବାହାରକୁ ଯାଉଛି "

ତାର ସ୍ତ୍ରୀ ଉଠିବସି ଅଧଖୋଲା ଆଖିରେ ତାକୁ ଦେଖିବାକୁ ଲାଗିଲା।

ଏତେ ନିଘୋଡ଼ ନିଦରେ ଏଇନେ ଶୋଇଥିଲା। ତାର କଥା ଶୁଣିବା ମାତ୍ରେ କବାଟ ବନ୍ଦ କରିବା ଲାଗି ଚେଇଁଉଠିବା ଦେଖି ନନ୍ଦଗୋପାଳ ରାଗି ଉଠିଲା।

ତାର ପଚାରିବା ଉଚିତ ଥିଲା –ସେ ଏତେ ରାତିରେ କୁଆଡ଼େ ଯାଉଛି? କିନ୍ତୁ ସ୍ତ୍ରୀ କିଛିଇ ପଚାରିଲା ନାହିଁ। ତାର ପ୍ରଜ୍ୱଳିତ ଦୃଷ୍ଟି ଯେମିତି କହୁଛି "କୁଆଡ଼େ ଯିବା କଥା ଯାଉନ। ମୋ ନିଦ କାହିଁକି ମାଟି କରୁଛ?" ଅଙ୍ଗ୍ ଅଙ୍ଗ୍ ଚେହେରା ନେଇ ସେ ପଲଙ୍କ ଉପରେ ବସିଛି। ପଲଙ୍କ ତଳେ ନନ୍ଦଗୋପାଳ ନିଜର ଜୋତା ଖୋଜିଲା। ତାର ପଣତ କାନି ବାଧା ଦେଉଥାଏ। ଜୋତା ଖୋଜିବା ବେଳେ ସ୍ତ୍ରୀର ଏମିତି ବସିବା ଢଙ୍ଗ ନନ୍ଦ ଗୋପାଳକୁ ଖୁବ୍ ଖରାପ ଜଣାଗଲା। ସେଇ ରାଗରେ ଜୋତା ଖୋଜି ବାହାର କଲା ବେଳକୁ ପଲଙ୍କ କାଠରେ ମୁଣ୍ଡ ଢ଼ୋ କିନା ପିଟିହେଲା। ଖୁବ୍ ଦରଜ ହେଉଥାଏ। ହେଲେ କାନ୍ଦିପାରିଲା ନାହିଁ। ତଥାପି ତାର ସ୍ତ୍ରୀ ଅବିଚଳିତ। ତାର ମୁଣ୍ଡ ଏଭଳି ବାଜିଥିଲେ ବା ଆଙ୍ଗୁଠିର କେଉଁଠି ଟିକେ କଟିଗଲେ ସେ ଏମିତି ଚୁପ୍ ବସନ୍ତା ନାହିଁ। ଖୁବ୍ ରାଗିଗଲେ ବି ନନ୍ଦଗୋପାଳ ନିଜକୁ ନିଜେ ଦୟାକରି ଜୋତା ପିନ୍ଧି ବାହାରି ପଡ଼ିଲା।

ଖୋଲା କବାଟକୁ ବନ୍ଦ ନକରି ବାଟଘରୁ ସାଇକେଲ୍‌ଟି ବାହାର କଲା। ସେଇ ଅନ୍ଧାରରେ କବାଟ ଆଡ଼କୁ ଦେଖିଲା, ସ୍ତ୍ରୀ ବାହାରକୁ ଅନେଇ ଦେଖୁଛି ନା ନାହିଁ। ତାକୁ ନିରାଶ କରି ସେ ଫଟ୍‌କିନା କବାଟ ବନ୍ଦ କରିଦେଲା।

ଭିତରେ ଚାଳିଶ ୱାଟ୍‌ର ବଲ୍‌ବ୍ ବଦଳରେ ଖାଲି ନାଇଟ୍ ଲ୍ୟାମ୍ପର ଦରମଲା ଆଲୁଅ ଦିଶୁଥାଏ।

ସାଇକେଲ୍‌ଟି ଠେଲି ଠେଲି ନନ୍ଦ ଗୋପାଳ ବାହାରିଲା। ବାହାର କବାଟ ପାଖରେ ବସିଥିବା ବୁଢ଼ୀଟି ପଚାରିଲା 'କେତେବେଳେ ଫେରିବ ପୁଅ?'

ନନ୍ଦଗୋପାଳ ଉତ୍ତର ଦେଲା 'ଫେରୁନି '

ବୁଢ଼ୀ କବାଟ ବନ୍ଦ କରିଦେଲା। ନନ୍ଦଗୋପାଳ ପୁଣିଥରେ ସିଗାରେଟ ଲଗେଇଲା। ସେତେବେଳେ ହଠାତ୍ ରାସ୍ତାର ସବୁ ଆଲୁଅ ଏକାଥରକେ ଲିଭିଗଲା। ସାଇକେଲ ଡାଇନମାର ଆଲୁଅରେ ସେ ସାଇକେଲ୍ ଚଳାଇବାକୁ ଲାଗିଲା।

ପଶ୍ଚିମ ମାମ୍ବଲମ୍‌ର ଚଢ଼ା ଉତୁରା ଜାଗା, ମଇଳା ନାଳ ସେ ପଟକୁ ମଇଁଷୀ ରଖିଥିବା ଲୋକଙ୍କ ଗଳିରେ ଗିରିଜାର ଘର। ଗଲା ଡିସେମ୍ବର ମାସରେ ସେଇଠି କାମ କଲାବେଳେ ଗିରିଜା ସହ ତାର ଦେଖା। ଗୋଟିଏ ଘରର ଉପର କୋଠରୀରେ ସେ ଏକା ରହୁଥାଏ। ତା ପାଖକୁ ଯିବାଲାଗି ଗଳିପାଖରୁ ଶିଡ଼ିଟିଏ ଉପରକୁ ଲମ୍ବି ଯାଇଥିଲା। ଗିରିଜାର ମା ଥିଲା। ବୁଢ଼ୀ କେଉଁ ଏକ ଧନୀ ଘରେ ଆୟା କାମ କରେ। ବୁଢ଼ୀ କେବେ କେମିତି ଝିଅକୁ ଦେଖିଆସେ। ଯା' ଘରେ କାମ କରେ, ସେମାନେ ଶାକାହାରୀ, ତେଣୁ ବୁଢ଼ୀ ଝିଅ ପାଖକୁ ଆସିଲେ ମାଂସାହାରୀ ଭୋଜନଟିଏ କରି ପୁଣି ଚାଲିଯାଏ। ଗିରିଜାର ପଚିଶ ବର୍ଷର ଭାଇଟିଏ ବି ଅଛି। ସେ କୌଣସି ଏକ ସିନେମା କମ୍ପାନୀରେ କାମ କରେ। ସେ ବି କେବେ କେମିତି ଆସେ। ଗିରିଜା ନବମ ଶ୍ରେଣୀଯାଏଁ ପଢ଼ିଛି। ସ୍ଥାୟୀ ଚାକିରି ନ ହେବା ଯୋଗୁଁ ଭିନ୍ନ ଭିନ୍ନ ଜାଗାରେ 'ଟେମ୍ପରାରି' କାମ କରିବାକୁ ପଡ଼େ। ଏବେ ଗିରିଜାର ବୟସ ତିରିଶ ପାଖାପାଖି। ଏଇ ଅସହାୟ ଓ ବେସାହାରା ଜୀବନରେ ମଧ୍ୟ ସେ ଖୁବ୍ ସନ୍ତୁଷ୍ଟ ଆଉ ଖୁସି ଥିଲା।

ନନ୍ଦଗୋପାଳ କାମ କରୁଥିବା 'କସ୍‌ମେଟିକ୍' କମ୍ପାନୀ ପ୍ରଦର୍ଶନୀରେ ଏକ ଷ୍ଟଲ ଖୋଲିଥାନ୍ତି। ଗଲା ଡିସେମ୍ବରରେ ସେଇଠି କାମ କଲାବେଳେ ଗିରିଜା ସହ ତାର ପ୍ରଥମ ସାକ୍ଷାତ ହୋଇଥିଲା। ପ୍ରଥମ ଦେଖାରେ ଗିରିଜାର ଚେହେରା କେମିତି ତାକୁ ଚିହ୍ନା ଚିହ୍ନା ଓ କେଉଁଠି ଦେଖିଥିବା ଭଳି ମନେ ହୋଇଥିଲା। ପରେ ଜାଣିଲା ଯେ 'ଡେସ୍‌ପାଚିଙ୍ଗ୍' କ୍ଲର୍କ ଭାବରେ ସେ ପ୍ରତ୍ୟହ ପଠଉଥିବା ପାଉଡ଼ର ଡିବାଗୁଡ଼ିକରେ ଥିବା ଚିତ୍ରଟି ହେଉଛି ଗିରିଜାର ଫଟୋ। ଦୁଇମାସଯାଏଁ ନନ୍ଦଗୋପାଳ ଅଳ୍ପ ବହୁତ ଗିରିଜା ସଂପର୍କରେ ଜାଣିଲା। ଭଲ ଓ ସ୍ଥାୟୀ ଚାକିରି ପାଇଁ ଯେ କୌଣସି ଲୋକକୁ ଗିରିଜା ନିବେଦନ କରିବା ଦେଖିଲେ ତା ଉପରେ ନନ୍ଦଗୋପାଳର ଦୟା ଆସେ। ସେ ଜାଣିଥିଲା, ତାକୁ ସେ ସାହାଯ୍ୟ କରିପାରିବ ନାହିଁ, ତେଣୁ ସେ ସଂପର୍କୀୟ କଥାରେ ତାଠୁଁ ଦୂରେଇ ରହେ।

ଗିରିଜା ସଭିଙ୍କ ସାଙ୍ଗେ ଖୁବ୍ ନିଃସଂକୋଚରେ କଥାବାର୍ତ୍ତା କରେ। ଦିନେ ଗିରିଜା ହିଁ ନନ୍ଦଗୋପାଳଙ୍କୁ ଚା' ପିଇବା ଲାଗି ନିମନ୍ତ୍ରଣ ଦେଇଥିଲା। ପ୍ରଥମେ ସେ ହିଁ କଥାବାର୍ତ୍ତା ଆରମ୍ଭ କଲା। ଦିନେ ଦିନେ ରାତି ଏଗାରଟା ବେଳେ ସେଲ୍ସ୍ ମ୍ୟାନେଜର ଗିରିଜାକୁ ନିଜ କାର୍‌ରେ ବସେଇ ଘରେ ଛାଡ଼ିଦିଅନ୍ତି। ଏ ସଂପର୍କରେ ଅଫିସ୍‌ରେ ନାନା ଗୁଜବ ଶୁଣାଯାଏ। ତାଙ୍କ ସହିତ ଗିରିଜା ଗଲାବେଳେ, ନନ୍ଦଗୋପାଳଙ୍କୁ କେମିତି କେମିତି ଲାଗେ। ଆଜିଦିନେ ତାକୁ ସେଲ୍ସ୍ ମ୍ୟାନେଜର ଡାକିଲା ବେଳେ ନନ୍ଦଗୋପାଳ ଆଡ଼କୁ ଇଙ୍ଗିତ କରି ଗିରିଜା କହିଲା "ମି ନନ୍ଦଗୋପାଳଙ୍କ ଘର ଆମ ରାସ୍ତାରେ ସାର୍। ଆମେ ଦିହେଁ ଚାଲିଯିବୁ। କଣ ମି ନନ୍ଦଗୋପାଳ?"

ତା ଆଡ଼କୁ ଦେଖି ଫିକ୍ କିନା ହସିଥିଲା ଗିରିଜା।

ଗିରିଜାର କଥା କହିବା ଭଙ୍ଗୀ ନନ୍ଦଗୋପାଳଙ୍କୁ ଖୁବ୍ ମଜାଲାଗେ। 'ଏନ୍ନା' , ରୋ , ସରୀ ଗୋ, ଆମାଙ୍ଗୋ ' ଶବ୍ଦଗୁଡ଼ିକୁ ଟାଣି ଦୀର୍ଘ ଉଚ୍ଚାରଣ କରେ ଗିରିଜା। ପରେ ଜଣାପଡ଼ିଲା ଯେ, ସେ ଘରେ ତେଲୁଗୁ କୁହେ। ମାତ୍ର ସେ ପାଠ ପଢ଼ିଥିଲା ତାମିଲ୍‌ରେ। ତେଲୁଗୁରେ ମାଡ୍ରାସର ତାମିଲ ମିଶେଇ, ତାମିଲ ଭଳି ମାଡ୍ରାସର ତେଲୁଗୁ ଉଚ୍ଚାରଣରେ ସେ କହେ।

"ଆଃ ଗିରିଜା କେତେ ମଜା ମଜା କଥା କୁହେ "

ନନ୍ଦଗୋପାଳ ଯୋର୍‌ରେ ସାଇକେଲ ଚଳେଇଲା।

ନିବିଡ଼ ପରିଚୟ ହୋଇଗଲା ପରେ ନନ୍ଦଗୋପାଳ ଜାଣିଲା, ପ୍ରକୃତରେ ଗିରିଜା ଖୁବ୍ ଖୁସିରେ ରୁହେ। ପ୍ରଦର୍ଶନୀ ଶେଷ ହୋଇଯିବା ପରେ, ଟେଲିଫୋନ୍ ସଫା କରୁଥିବା କୌଣସି କମ୍ପାନୀ ତରଫରୁ ଘରଘର ବୁଲି ସେଣ୍ଟ୍ ପକେଇବା କାମ କରିବା ସମୟରେ, ହଠାତ୍ ଦିନେ ରାସ୍ତାରେ ନନ୍ଦଗୋପାଳ ସହ ତାର ସାକ୍ଷାତ ହେଲା। ଏମିତି ଛୋଟ ଛୋଟ କାମ କରି ଗିରିଜା ପଇସା କମାଏ। ବୟସ ତିରିଶ ପାଖାପାଖି ହୋଇ ଯାଇଥିଲା। ଏ ମଧ୍ୟରେ ବିଶ୍ୱାସ ବା ଆବଶ୍ୟକତା ଯୋଗୁଁ କେଇଜଣ ପୁରୁଷମାନଙ୍କ ସହ ତାର ସଂପର୍କ ଗଢ଼ିଉଠିଥିଲା। ସେଇ ସଂପର୍କକୁ ପେଶା କରିବାର ନିମ୍ନଗାମୀ ଚିନ୍ତା ତଥାପି ତା ମନରେ କେବେ ହୋଇ ନଥିଲା।

କେବେ କେମିତି ନନ୍ଦଗୋପାଳ ତା ପାଖକୁ ଯାଏ। ଦୁହେଁ ହସ ଖୁସିରେ ଗପ ସପ କରନ୍ତି। ଗିରିଜା କଫି ତିଆରି କରେ। ଗିରିଜା ଫିଲ୍ମ ପତ୍ରିକା ପଢ଼େ। ସମୟ ମିଳିଲେ, ଫିଲ୍ମ ବା ତା ସହିତ ସଂପର୍କିତ ଲୋକଙ୍କ ସଂପର୍କରେ କୁହେ। ହାତରେ ପଇସା ଥିଲେ ସିନେମା ଦେଖିଯାଏ। ସିନେମା କମ୍ପାନୀରେ କାମ କରୁଥିବା ତାର ଭାଇ କହିଥିବା କଥା ଗିରିଜା କହିଥିଲା। 'ତୋ ଇଚ୍ଛା ତୁ ଯେଉଁ କାମ କରିପାରୁ। ମାତ୍ର ସିନେମାରେ କାମ ଦେବା ଲାଗି ତତେ ଯଦି କିଏ କୁହେ, ତୁ ଭୁଲ୍‌ରେ ସୁଦ୍ଧା ତା ଉପରେ ବିଶ୍ୱାସ କରିବୁନି। ମୋ ଇଜ୍ଜତ ରଖିବା ଲାଗି ମୋ କମ୍ପାନୀର ଘର ପାଖରେ ମଧ୍ୟ ବୁଲିବୁନି ' ଭାଇର ଏ କଥା ହଁ କରି ଗିରିଜା ଶୁଣିଥିଲା।

ଗିରିଜା ସହ ନନ୍ଦଗୋପାଳ ଦୁଇମାସ ରହିଥିଲା। ଭାବିଲା ବେଳକୁ ନନ୍ଦଗୋପାଳ ଖୁବ୍ ପୁଲକିତ ହେଉଥାଏ

ସାଇକେଲ ଚଳେଇଲା ବେଳେ ଭାବୁଥାଏ କେତେ ସୁନ୍ଦର ଜୀବନ ଛାଡ଼ି କାହିଁକି ବାହାହେଲା? ସେଇ ଅପରାଧ ଲାଗି ଏଇଲେ ଶାସ୍ତି ଭୋଗୁଛି।

ଗିରିଜାର ଘର ଆଉ ମାଇଲିଏ ହେବ।

କିଛିଦିନ ହେଲା ଗିରିଜା ପୂରାପୂରି ବେକାର। ଦିନେ ସେ ନନ୍ଦଗୋପାଳର ଅଫିସରେ ପହଞ୍ଚିଲା। ସେତେବେଳେ ଅଫିସ ବନ୍ଦ ହେବାର ସମୟ ହୋଇଯାଇଥାଏ। ତାକୁ କିଛି ସମୟ ଅଟକେଇ, ଅଫିସ ବନ୍ଦ ହେବା ମାତ୍ରେ ନନ୍ଦଗୋପାଳ ତା ସଙ୍ଗେ ବାହାରି ପଡ଼ିଲା। ଦୁହେଁ ହୋଟେଲ୍‌କୁ ପଶିଲେ। ନନ୍ଦଗୋପାଳ କଫି ଅର୍ଡ଼ର ଦେବାପାଇଁ ଗଲାବେଳେ, ଜାଣିପାରି ଗିରିଜା କହିଲା "ଖାଲି କଫିରେ ଚଳିବନି ମି । ମୋତେ ଭାରୀ ଭୋକ ଲାଗୁଛି " ଗିରିଜା ଖୁବ୍ ଥକି ପଡ଼ିଥିବା ଭଳି ଜଣାପଡୁଥାଏ। ତଥାପି ତାର ସରଳ ବ୍ୟବହାର ଦେଖି ନନ୍ଦଗୋପାଳର ମନ ଦୟାରେ ଭରି ଉଠିଲା। ଖୁବ୍ ଆଗ୍ରହରେ ଗିରିଜା ପାଇଁ ଖାଇବା ଜିନିଷ ମଗେଇଲା। ଦିନସାରା ଗିରିଜା କିଛି ଖାଇ ନଥାଏ। କିଛିଦିନ ହେବ ବେକାର ରହିବା ଫଳରେ ତାର ଅବସ୍ଥା ଖରାପ ହୋଇ ଯାଇଥାଏ ଏକଥା ଶୁଣି ନନ୍ଦଗୋପାଳର ମନ ଦୁଃଖରେ ଭରି ଉଠିଲା। ଗିରିଜା ତା ପାଇଁ କାହାକୁ ସୁପାରିଶ କରିବା ଲାଗି ଅନୁରୋଧ କଲା। କୌଣସି ଆଶା ନଥିଲେ ବି ନନ୍ଦଗୋପାଳ ନିର୍ଭର ପ୍ରତିଶ୍ରୁତି ଦେଲା।

ସଂଧ୍ୟାବେଳେ ମଧ୍ୟ ଗିରିଜା ସହ ତା ଘରକୁ ଗଲା। ରାସ୍ତାରେ ଗିରିଜା ପାଇଁ କିଛି ରନ୍ଧା ଜିନିଷ କିଣିଲା ନନ୍ଦଗୋପାଳ। ରାତିରେ ତା ଘରେ ଖାଇବାଲାଗି ଗିରିଜାର ନିମନ୍ତ୍ରଣକୁ ଆଉ ଏଡ଼େଇ ପାରିଲା ନାହିଁ।

ଗିରିଜା ପାଖରେ ଛିଡ଼ା ହୋଇ ସେ ରନ୍ଧାକାମ ଦେଖୁଥାଏ। ରାତି ଖାଇବା ସେଇଠି ହିଁ ହୋଇଗଲା। ନିଜ ମା'ର ମମତା ଓ ତା ହାତର ରନ୍ଧା ଜିନିଷ କଥା ମନେ ପଡ଼ିଗଲା। ରନ୍ଧା ଜିନିଷର ରଚି ସଂପର୍କରେ ଗିରିଜା ଖୁବ୍ ଆଗ୍ରହାନ୍ୱିତ ହୋଇ ପଚାରୁଥାଏ।

ଅଗତ୍ୟା ରାତିରେ ବାଧ୍ୟ ହୋଇ ନନ୍ଦଗୋପାଳ ଗିରିଜା ଘରେ ରହିଲା। ସେଇ ରାତିରେ ଗିରିଜା ମନଖୋଲା ଭାବେ ନିଜକଥା, ନିଜ ଭାଇ, ମା, ପରିବାର, ଘରର ଅବସ୍ଥା ସଂପର୍କରେ ଗପିଚାଲିଲା। କହୁ କହୁ ହଠାତ୍ ତା ମନକୁ କଣ ଗୋଟେ ଫୁଟିଗଲା। କହିଲା "ଆପଣ ଯେଉଁ ପଇସା ମେସ୍‌କୁ ଦିଅନ୍ତି, ତା ମୋତେ ଦିଅନ୍ତୁ। ମୁଁ ଆପଣଙ୍କ ପାଇଁ ରାନ୍ଧିଦେବି ଆପଣଙ୍କର ଯଦି ଅସୁବିଧା ନ ହୁଏ " ଖୁବ୍ ଡେରି ଯାଏଁ ଚିନ୍ତା କଲାପରେ ନନ୍ଦଗୋପାଳ ସମ୍ମତି ଦେଲା। ଆଜି ପର୍ଯ୍ୟନ୍ତ ଥିବା ବନ୍ଧୁତା ଦିହିଁଙ୍କ ପାଇଁ ଏକ ନୂତନ ବନ୍ଧନ ଓ ଅନୁଭବରେ ପରିଣତ ହେଲା। ସମଗ୍ର ଅନୁଭୂତିଟି ନନ୍ଦଗୋପାଳ ପାଇଁ ନୂଆ। ଗିରିଜା ପାଇଁ ମଧ୍ୟ ନନ୍ଦଗୋପାଳ ଓ ତା ସହିତ ବସବାସ ଥିଲା ଏକ ଉନ୍ମାଦଭରା ଅନୁଭୂତି।

ନନ୍ଦଗୋପାଳ ଅନୁଭବ କରୁଥିଲା, ନାରୀର ସହବାସ କେତେ ସୁଖକର, ରତିପୂର୍ଣ୍ଣ ଆଉ ଅର୍ଥଭରା। ଯେଉଁ ପାରିବାରିକ ଜୀବନକୁ ସେ ଆଜିଯାଏଁ ମନାକରି ଆସିଥିଲା, ସେଥିରେ ଆଜି ତାର ମନ ମଜ୍ଜିଯାଇଛି।

ସେଇ ଘର ଆଉ ସେଇ ଜୀବନ ଖୁବ୍ ସରଳ ଥିଲା। ଘରର ଉପର ମହଲାର ଖପରଛୁଆଁ ଗୋଟାଏ କୋଠରୀରେ ହିଁ ଖାଇବା, ଶୋଇବା ସବୁକିଛି ଚଳିଯାଏ। ଗାଧୋଇବା ପାଇଁ ଖାଲି ତଳକୁ ଯିବାକୁ ପଡ଼େ। ଅସମତଳ ଚଟାଣ ଉପରେ ମଶିଣା ବିଛେଇ ଶୋଇବାକୁ ପଡ଼େ। ମା ଓ ଭାଇ କେବେ କେବେ ଦିନବେଳା ଆସନ୍ତି। ଯଦି ବା କେବେ ସେମାନଙ୍କୁ ରାତିରେ ରହିବାକୁ ପଡ଼େ ତା ହେଲେ ଗିରିଜା ଓ ନନ୍ଦଗୋପାଳଙ୍କୁ ଅଭିନୟ କରିବାକୁ ପଡ଼େ –ସତେ ଯେମିତି ନନ୍ଦଗୋପାଳ ଏଇମାତ୍ର ଆସିଛି !

ଏ ସବୁ ନନ୍ଦଗୋପାଳକୁ ଭାରୀ ଖୁସି ଲାଗୁଥାଏ।

ନନ୍ଦଗୋପାଳ ଯେ ବିବାହକୁ ଘୃଣାକରି ବାହା ନ ହେବାର ନିର୍ଣ୍ଣୟ କରିଛି, ସେ କଥା ଗିରିଜାକୁ କହିଥିଲା। ଗିରିଜା ହସିଦିଏ। କୁହେ—

" ତାହେଲେ ଆପଣଙ୍କ ମା'ଙ୍କୁ ବାପା ପିଟୁଥିଲେ। ସେଥିପାଇଁ ଆପଣ ଡରିଯାଉଛନ୍ତି। ଏବେ ଯଦି ଝିଅଟିଏ ଏମିତି ଡରେ, ତାହେଲେ ଭିନ୍ନ କଥା। ମାତ୍ର ଆପଣ ହେଲେ ପୁରୁଷ। ଆପଣ ଡରିବେ କାହିଁକି? ବାପାଙ୍କ ଭଳି ଆପଣ ନିଜ ସ୍ତ୍ରୀକୁ ପିଟିବେ ନାହିଁ ସବୁ ଠିକ୍ ହୋଇଯିବ।"

[ଗାଁରେ ରହୁଥିବା ବିଧବା ମା ଆଉ ବିବାହ ବିଷୟରେ ନନ୍ଦଗୋପାଳ କହିଥିଲା।]

ଦିହେଁ ଏକା ସାଥିରେ ରହୁଥାନ୍ତି। ତଥାପି ନିଜର ବାହାଘର ସଂପର୍କରେ ନନ୍ଦଗୋପାଳ କହିବା ଆଉ ତାକୁ ଗିରିଜା ସମ୍ମତିସହ ପ୍ରୋତ୍ସାହନ ଦେବା କଥା ଦିହିଙ୍କ ଭିତରୁ କାହାକୁ ହେଲେ ବିଚିତ୍ର ବା ଅସଙ୍ଗତ ଜଣା ପଡୁ ନଥାଏ। ଦିହେଁ ବୋଧହୁଏ ହୃଦୟର କେଉଁ ଗଭୀର କୋଣରେ ଏ ଅସଙ୍ଗତିକୁ ଉପଲବ୍ଧି କରୁଥିଲେ ତେଣୁ ଖୁବ୍ ସହଜଭାବେ ସେ ସଂପର୍କରେ ଗପି ଚାଲିଥିଲେ।

ଶେଷରେ ଦିନେ ନନ୍ଦଗୋପାଳ ଖବର ଆଣିଲା। ଗାଁରେ ବନ୍ଧୁ ବାନ୍ଧବ ଘରେ ଆ ଏକ ଝିଅ ଠିକ୍ କରିଛି। ନନ୍ଦଗୋପାଳ ତାକୁ କେବେ ଦେଖି 'ସୁନ୍ଦର' ବୋଲି କହିଥିଲା। ଝିଅଟି ଦଶମ ଯାଏ ପଢ଼ିଛି –ବାପା ମା'ଙ୍କର ଗୋଟିଏ ବୋଲି ଝିଅ। ଟି ବଢ଼ଲା। ନିଜର ସମ୍ମତି ଜଣାଇ ଚିଠି ବି ଲେଖି ଦେଇଥିଲା।

ନିଜର ଅଜାଣତରେ ଗିରିଜାର ହୃଦୟ ଭିତରେ ଧକ୍କା ଲାଗିଥିଲା, ନିଶ୍ଚୟ। ତଥାପି ଖୋଲାମନରେ ସେ ତାକୁ ଅଭିନନ୍ଦନ ଜଣାଇଥିଲା। 'ଜୋଇଁ ସାହେବ' କହି ତାକୁ ଚିଡ଼େଇଥିଲା। ବହୁତ କଥା ବୁଝେଇଥିଲା। ଏ ସବୁ କଥା ଲାଗି ନନ୍ଦଗୋପାଳ ଧ କୃତଜ୍ଞତା ଜଣାଇଥିଲା। ଝିଅମାନଙ୍କ ଛାଇ ଦେଖି ଡରୁଥିବା ନନ୍ଦଗୋପାଳକୁ ଗିରିଜା ହିଁ ବାହା ପାଇଁ ରାଜି କରେଇଥିଲା। ସେତେବେଳେ ସେ କେଜାଣି କେମିତି କ ଅଜଣା ଭାବନା ବିଧୂତ ହୋଇ ହସିଦିଏ।

ଏକାସାଥିରେ ଦୁଇମାସ ରହିବା ଭିତରେ ଗିରିଜା ଘରପାଖର କୌଣସି ଏକ ନର୍ସରୀ ସ୍କୁଲରେ ନିଯୁକ୍ତି ପାଇଥିଲା ଅନ୍‌ଟ୍ରେଣ୍ଡ୍ ଶିକ୍ଷୟିତ୍ରୀ ଭାବେ। ସଂଧ୍ୟାରେ 'ଟେଲରିଙ୍ଗ୍' କାମ ଶିଖୁଥାଏ। ସେମିତି ଆଗରୁ କିଛି କିଛି ସିଲେଇ କାମ ଜାଣିଥିଲା।

ବିବାହ ତାରିଖ ବାହାରିବା ଯାଏଁ ନନ୍ଦଗୋପାଳ ଗିରିଜା ପାଖରେ ଥିଲା। ଦିନେ ଗିରିଜା କହିଲା –''ମୋ କଥା ଶୁଣି ଖରାପ ଭାବନ୍ତୁ ନାହିଁ। ବାହାଘର ପାଇଁ ମଝିରେ ଆଉ ମାସେ ରହିଲା ଆପଣ ମେସ୍‌କୁ ଫେରିଯାଆନ୍ତୁ। ନିଜ ଦେହ ନିଜ ଇଜ୍ଜତର ଯତ୍ନ ନିଅନ୍ତୁ। ବିବାହ ପରେ ଜଣେ ବନ୍ଧୁ ଭାବରେ ମୋ ସହିତ ମିଳାମିଶା କରନ୍ତୁ। ମୁଁ ଖୁବ୍ ଖୁସି ହେବି।''

ଏତକ କହିଲା ବେଳକୁ ଗିରିଜାର ଆଖିପତା ଭିଜି ଯାଇଥାଏ।

ଏସବୁ ମନେପଡ଼ି ନନ୍ଦଗୋପାଳର ହୃଦୟ ବି କ୍ଷଣିକ ଲାଗି ବେଦନାଗ୍ରସ୍ତ ହେଲା।

ଘରଆଗରେ ନିଜେ ସାଇକେଲ୍‌ଟି ରଖି, ମୁଣ୍ଡ ଉଠେଇ ଉପରକୁ ଦେଖିଲା। ଛାତର ଖପର କୋଣରୁ ଭିତର ଆଲୁଅ ଦିଶୁଥାଏ।

ଡିଆସିଲି ଜାଳି ପୁଣିଥରେ ହାତଘଣ୍ଟାକୁ ଦେଖିଲା। ବାରଟା ବାଜିଲାଣି।

ତାକୁ ହଠାତ୍ ଦେଖି ଆଶ୍ଚର୍ଯ୍ୟାନ୍ୱିତ ଏକ ଗିରିଜାର ମୁହଁ କଳ୍ପନା କଲାବେଳକୁ ତାର ଛାତି ଧଡ଼୍ ଧଡ଼୍ କରୁଥାଏ। ଶିଡ଼ି ଉପରେ ପାଦଦେଲା।

ଉପରେ ପହଞ୍ଚିଲା ବେଳକୁ କାହାର ପାଦଶବ୍ଦ ଶୁଣି ପାଖ ଟୁଲ୍‌ରେ ବସି ହାତରେ କପଡ଼ା ଧରିଥିବା ଗିରିଜା ଧମକାଇ ପଚାରିଲା –'କିଏ?' ଗିରିଜା ଉଠିପଡ଼ିଲା।

'ମୁଁ ମୁଁ ନନ୍ଦଗୋପାଳ'

ତାକୁ ଦେଖି ଗିରିଜା ଆନନ୍ଦିତ ହୋଇ ଉଠିଲା 'ଆରେ ଆପଣ? ଏତେ ରାତିରେ? ବସନ୍ତୁ ଖାଇ ସାରିଲେଣି?' ଗିରିଜା ଚଟାଣ ଉପରେ ମଶିଣା ପକେଇଲା।

''ହଠାତ୍ ତୁମକୁ ଦେଖିବାର ଇଚ୍ଛା ହେଲା ।''

ନନ୍ଦଗୋପାଳର କଣ୍ଠସ୍ୱର ଶୁଣି ଗିରିଜା ଡରିଯାଇଥାଏ। ତଥାପି ସେଇଟା ପ୍ରକାଶ ନକରି ହସିଦେଲା।

'ଆପଣଙ୍କୁ ଶୋଷ ହେଉଥିବ ' କହି ଗିରିଜା ପାଣି ଗ୍ଲାସ ବଢ଼େଇଲା।

ଆଶ୍ଚର୍ଯ୍ୟ ଓ ଆବେଗକୁ ସମ୍ଭାଳିବା ଲାଗି ଦିହିଁକୁ କିଛି ଡେରି ଲାଗିଲା। ନନ୍ଦଗୋପାଳ 'ଟେଲରିଂ' ମେସିନ୍ ସଂପର୍କରେ ପଚାରିଲା। ଗିରିଜା କହିଲା ସେ ଏ ଭିତରେ 'ଟେଲରିଂ' ପାଶ୍ କରିଯାଇଛି ଇନ୍‌ଷ୍ଟଲ୍‌ମେଣ୍ଟ୍‌ରେ ଗୋଟିଏ ନୂଆ ମେସିନ୍ କିଣିଛି। ଆଜିକାଲି ସିଲେଇକାମ ବହୁତ ଆସୁଛି। ଏ ମାସରେ ସେ ତିନୋଟି ରୋଲ୍ଡ ଗୋଲ୍ଡର ଚେନ୍ ତିଆରି କରିଛି। ସ୍କୁଲରେ ବି ଚାକିରି କରୁଛି। ତାର ଆର୍ଥିକ ଅବସ୍ଥାରେ ଉନ୍ନତି ଦେଖି ନନ୍ଦଗୋପାଳ ଖୁସି ହେଲା।

ଖୁବ୍ ଉତ୍ସାହରେ ଗିରିଜା ପଚାରିଲା –ଆପଣ କେମିତି ଅଛନ୍ତି? ଆପଣଙ୍କ ସ୍ତ୍ରୀ କେମିତି?'

ଏକ ଦୀର୍ଘଶ୍ୱାସ ଟାଣି ନନ୍ଦଗୋପାଳ ଖାଲି ଉଦାସ ଭାବେ ହସିଥିଲା।

ମେସିନ୍ ଉପରେ ବହୁ ଟୁକୁରା କପଡ଼ାକୁ ଗୋଟି ଗୋଟି କରି ସମାନ କରି ରଖୁଥାଏ। ନନ୍ଦଗୋପାଳର ମନ ଯେ ଖୁବ୍ ଦୁଃଖ ଅଛି, ଗିରିଜା ବୁଝି ପାରିଥିଲା। ତେଣୁ ସେ ଆସିବା ମାତ୍ରେ ଖାଲି ଖୁସି ଖବର ଶୁଣେଇଥିଲା। ବୁଦ୍ଧି ପ୍ରୟୋଗ କରି ଯେ ଏ କଥା କହିଥିଲା, ତା ନୁହେଁ ଜଣେ ଦରଦୀ ମଣିଷ ଭାବରେ କହି ଦେଇଥିଲା। ସେଥିପାଇଁ ନନ୍ଦଗୋପାଳକୁ ଦୁଃଖୀ ଦେଖି, ତାର ହୃଦୟ ମଧ୍ୟ ଦୁଃଖରେ ଭରିଗଲା।

ନନ୍ଦଗୋପାଳର ଛାତି ଭିତରକୁ ଜୋର୍‌ରେ ସିଗାରେଟ ଧୂଆଁ ଟାଣିଲା। ଛାତ ଆଡ଼କୁ ଦେଖି ପୁଣି ଧୂଆଁ ସବୁ ଛାଡ଼ିଲା। ସିଗାରେଟ୍‌ରୁ ପାଉଁଶ ଛାଡ଼ି, ଗିରିଜା ଆଡ଼କୁ ଦେଖି କହିଲା "ତୁମ ସାଙ୍ଗରେ କରିଥିବା ଅନ୍ୟାୟର ଫଳ ଭୋଗୁଛି। ତମ ସହ ବାହା ହୋଇଥିଲେ ଭଲ ହୋଇଥାନ୍ତା। ଏବେ ସବୁ ଶେଷ ।"

କହିଚାଲିଥିବା ନନ୍ଦଗୋପାଳ ପାଖରେ ଆସି ଛିଡ଼ାହେଲା ଗିରିଜା।

ନନ୍ଦଗୋପାଳ କହୁଥାଏ —ବିବାହ ବେଳର କାନ୍ଦବୋବାଳି ସରିନାହିଁ। ବସଳା ସହ ବାହା ହୋଇ ସେ ସୁଖି ହୋଇନି। ବସଳା ବରାବର ତାକୁ ଅପମାନ କରେ ଆଜି ବି ମୁଣ୍ଡ ବାଡ଼େଇଥିଲା।

ବାରମ୍ବାର କଥା କହି ବସଳା ବିରୁଦ୍ଧରେ ଅଭିଯୋଗ କଲାବେଳେ, ମନ ଆହୁରି ଭାରୀ ହୋଇ ଉଠୁଥାଏ।

ମେସିନ୍ ପେଡ଼ଲ୍ ପାଖରେ ତେଲ ଲଗାଉ ଲଗାଉ ଗିରିଜା ଚୁପ୍‌ଚାପ୍ ତା କଥା ଶୁଣୁଥାଏ। 'ବିଚାରୀ ଅବୁଝା ଝିଅ।'

ଗିରିଜାର କଥା ଶୁଣି ନନ୍ଦଗୋପାଳ ମୁଣ୍ଡଟେକି ତା ଆଡ଼କୁ ଦେଖିଲା। ଗିରିଜା କହିଲା —

"ଆପଣଙ୍କୁ ବାହାହେଲା ସଙ୍ଗେ ସଙ୍ଗେ ଜଣ ସେ ଆପଣଙ୍କ ଭଳି ହୋଇଯିବ? ଆପଣ ତ କହିଥିଲେ ସେ ବାପା ମା'ଙ୍କ ଗୋଟିଏ ବୋଲି ଝିଅ। ସମସ୍ତଙ୍କୁ ଛାଡ଼ି ଏକା ଆପଣଙ୍କ ସଙ୍ଗେ ରହିଲାବେଳକୁ ତାକୁ କେମିତି ଲାଗୁଥିବ? ସବୁ ବୁଝି ଆପଣଙ୍କୁ 'ଏଡ଼ଜଷ୍ଟ' କରିବାକୁ ପଡ଼ିବ। ଆପଣ ଏ ବିଷୟରେ 'ଫ୍ରେଶ୍' ହେଲେ ପୁରୁଷର ସଙ୍ଗ ତା ପାଇଁ ପୂରାପୂରି ନୂତନ ଅନୁଭୂତି। ତାକୁ ଡର ଲାଗୁଥିବ। ଘୃଣା ବି ଲାଗୁଥିବ। ମୁଁ ଆପଣଙ୍କ ସହ ସେ ସବୁ କରିପାରୁଥିଲି କାହିଁକି? 'ମୁଁ ଏକ୍ସପେରିଏନ୍ସଡ଼୍'। ସେଥିପାଇଁ ୱାଇଫ୍ ଆଣିଲା ବେଳେ କିଏ 'ଫ୍ରେଶ୍ ହ୍ୟାଣ୍ଡ୍' ଚାହେଁ? ଆପଣ ଏବେ କହୁଛନ୍ତି ମୋତେ ବାହାହୋଇଥିଲେ ଭଲ ହୋଇଥାନ୍ତା ପ୍ରଥମରୁ ଏ କଥା ଭାବିଲେନି? ମୁଁ ଆଗରୁ ଏ ବିଷୟରେ 'ଫ୍ରେଶ୍' ଥିଲି। ସେଇଟା ମୋର 'ଡିସ୍‌କ୍ୱାଲିଫିକେଶନ୍'। ଆପଣ ବୁଝିବା ଉଚିତ. ସେ ବର୍ତ୍ତମାନ କଅଁଳି ଝିଅଟିଏ। ମୁଁ ଯେମିତି ଆପଣଙ୍କ ପାଖକୁ ଆସୁଥିଲି, ଆପଣ ସେମିତି ତା ପାଖକୁ ଯିବା ଉଚିତ। ଏମିତି କଲେ ଧିରେ ଧିରେ ସବୁ ଭଲ ହୋଇଯିବ।

କଥାଟିକୁ ଏତେ ସହଜ କରିଦେବା ଦେଖି ନନ୍ଦଗୋପାଳକୁ ଆଶ୍ଚର୍ଯ୍ୟ ଲାଗୁଥାଏ। ଭାବିଲା ଏଠିକି ଆସି ସେ ଠିକ୍ କରିଛି।

ଏତେ ସମୟ ଧରି କହିବା ଯୋଗୁଁ ଗିରିଜାର ହାତ ବନ୍ଦଥାଏ। ପୁଣି ମେସିନ୍‌ରେ ତେଲ ଦେବାକୁ ଲାଗିଲା।

ନନ୍ଦଗୋପାଳର ଆଖି ପଡ଼ିଲା ଗିରିଜାର ପାଦ ଉପରେ। ଗିରିଜା ପାଖରେ ନଇଁପଡ଼ି ପଚାରିଲା "ତମ ଗୋଡରେ କ'ଣ ହେଲା?"

"ଗଲା ସପ୍ତାହରେ ନୂଆ ଜୋତା କିଣିଥିଲି। ଗୋଡ଼ କାଟି ଦେଇଛି। ମେସିନ୍ ସିଲେଇ କରିବାକୁ ପଡୁଛି ତ ଜଲ୍‌ଦି ଶୁଖୁନି ", ପୁଣି ହଠାତ୍ ନନ୍ଦଗୋପାଳ ଆଡ଼କୁ ଦେଖି ହସି ହସି କହିଲା 'ଦେଖିଲେ ତ! ଜୋତା ନୂଆଥିଲେ କାଟେ। ସେଥିପାଇଁ କିଏ କଣ ପୁରୁଣା ଜୋତା କିଣେ ?'

ଗିରିଜା ହସୁଥାଏ।

ନନ୍ଦଗୋପାଳ ଗିରିଜାର ହାତଧରି ହଠାତ୍ କାନ୍ଦିଉଠିଲା।

ନୀକି

ଧୀବର ବସ୍ତି। ଗଲା ଦୁଇଦିନ ହେଲା ଖାଲି ବର୍ଷା। ସବୁଆଡ଼େ କାଦୁଅ ଆଉ ସନ୍ତସନ୍ତିଆ।

ଗୋଟିଏ ନଇଁପଡ଼ିଥିବା କୁଡ଼ିଆ ଘରର ପଛପାଖ। କୁଡ଼ିଆ ଘରଗୁଡ଼ିକର ଛାତ ପ୍ରାୟ ଲଗାଲଗି ଥାଏ। ତେଣୁ ଦୁଇଟି କୁଡ଼ିଆଘର ମଝିରେ ଯେଉଁ ଛୋଟିଆ ଜାଗା ଟିକେ ଥାଏ, ତାହା ପ୍ରାୟତଃ ଶୁଖିଲା। ସେ ପାଖରେ କିଛି ମାଟି ଆମ୍ଭୁତି, ସାମାନ୍ୟ ଖାଲୁଆ କରି ବସ୍ତିର କୁକୁରୀଟିଏ ରହୁଥାଏ। ଅଳ୍ପ ଦିନତଳେ ଜନମ ଦେଇଥିବା ଚାରିପାଞ୍ଚୋଟି ଛୁଆଙ୍କୁ ମାତୃସୁଲଭ ଯତ୍ନନେଇ ଖୁବ୍ ବ୍ୟସ୍ତ ଭାବେ ବସ୍ତିର ଏପଟ ସେପଟ ବୁଲୁଥିବା କୁକୁରୀଟିର ଆଜି ସକାଳୁ ପତ୍ତା ମିଳୁନି।

ବସ୍ତି ଭିତରର ପିଲାଟିଏ ଖବର ଦେଲା ଯେ, କୁକୁରୀଟି ଆଉ ଫେରିବ ନାହିଁ। ବରଫକଳ ପାଖେ ଗୋଟେ ବସ୍ ଚାପାରେ ମରିଯାଇଛି।

ଖବର ପାଇଲା ମାତ୍ରେ ନିଶ୍ଚିନ୍ତ ହୋଇ ବସ୍ତିର ପିଲାମାନେ କୁକୁର ଛୁଆମାନଙ୍କ ପାଖକୁ ଆସିବାକୁ ଲାଗିଲେ। ପ୍ରତ୍ୟେକ, ଗୋଟେ ଗୋଟେ ଛୁଆ ଧରିଲେ। ଖାଲି ଗୋଟେ ଛୁଆ ସେଇଠି ପଡ଼ି ରହିଲା। ସେଇ କୁକୁର ଛୁଆଟିର ରଙ୍ଗ କଳା। କାନ ଆଉ ଲାଞ୍ଜରେ ଧଳାରଙ୍ଗର ଛିଟ ପଡ଼ିଥାଏ।

ସେଇ କୁକୁର ଛୁଆଟି ମାଟିକାଦୁଅରେ ପୋକ ଭଳି ପଡ଼ିଥାଏ। ଆଜି ହିଁ ଆଖି ଖୋଲି ପ୍ରଥମ ଥର ପାଇଁ ଦୁନିଆଁର ଆଲୁଅ ଦେଖିଲା। ଭୋକ ଯୋଗୁଁ କୁଁ କୁଁ ହେଉଥାଏ। ଚାଲିବାର ଅଭ୍ୟାସ ନଥିଲେ ବି ଗୋଡ଼ଗୁଡ଼ିକୁ ଘୋଷାରି ଘୋଷାରି ଯେମିତି ସେମିତି ଚାଲିବା ଚେଷ୍ଟା କଲା। ବୋଧହୁଏ ବୁଝିପାରିଲା, ତାର ଦେଖାଶୁଣା କରିବା ଲାଗି ଏ ଦୁନିଆରେ କେହି ନାହାନ୍ତି। ଆଉ ସେଭଳି ଭାବେ ତାର ଜୀବନ ଆରମ୍ଭ ହୋଇଗଲା।

କୁକୁର ଛୁଆଟି ସେଇ ନଇଁପଡ଼ିଥିବା କୁଡ଼ିଆ ମଝିରୁ ବାହାରକୁ ଆସି ଭିଜାମାଟିର କାଦୁଅରେ ପଡ଼ିଉଠି ଆସିବା ଦେଖି ପିଲାମାନଙ୍କ ଭିଡ଼ ଜମା ହୋଇଗଲା। ତାର ଛୋଟେଇ ଛୋଟେଇ ଚାଲିବା ଢଙ୍ଗ ପିଲାମାନଙ୍କୁ ବେଶ୍ ମଜା ଲାଗୁଥାଏ।

ସେଇ ପିଲାମାନଙ୍କ ମଧ୍ୟରୁ ନିଜର ଏକ ମାଲିକ ଖୋଜି ଖୋଜି କୁକୁର ଛୁଆଟି ବିଚିତ୍ର ସ୍ୱରରେ କାନ୍ଦେ। କୁକୁର ଛୁଆର ବିକଳ ଅବସ୍ଥାରେ ବସ୍ତିର ସେଇ ଛୋଟ ପିଲାଟିର ଦୟା ହେଲା। ଗୋଟିଏ କୁଡ଼ିଆର ବାରଣ୍ଡା ତଳକୁ ତା ପାଇଁ ଟିକିଏ

ଜାଗା କରିଦେଇ, ତାକୁ କାଞ୍ଜି, ଚାଉଳ, ଚା' ଇତ୍ୟାଦି ଖୁଆଇ ପିଲାଟି ନିଜର ଦାରିଦ୍ର୍ୟ ସହ କୁକୁର ଛୁଆଟିର ପରିଚୟ କରେଇଲା।

ଦିନକ ଭିତରେ କୁକୁର ଛୁଆ ଖେଳରୁ ପିଲାଙ୍କ ମନ ସରିଗଲା। କାହୁଁଅଘଣ୍ଟା ଏଇ କୁକୁର ଛୁଆଟି ବାରଣ୍ଡା ମଇଳା କରୁଥିବା ଦେଖି ଘରର ମାଲିକାଣୀ ମନରେ ଖୁବ୍ ରାଗ। ବାରଣ୍ଡା ଝାଡୁ କରୁକରୁ ସବୁ ମଇଳା ସାଙ୍ଗେ କୁକୁର ପିଲାଟାକୁ ମଧ୍ୟ ତଳେ ପକାଇ ଦେଲା। ମାଡ଼ ଖାଇ, କେଁ କେଁ କରି କୁକୁର ପିଲାଟି ବାରଣ୍ଡା ଉପରୁ ସିଧା ଯାଇ ପଡ଼ିଲା ଗଳି ଭିତରେ।

ମାଡ଼ ବି ଭଲ ବାଜିଥିଲା। ଯୋର୍‌ରେ କେଁ କେଁ କରି କୁକୁର ପିଲାଟି ଗୋଟିଏ ଗୋଡ଼ ଟେକି ବଡ଼ କଷ୍ଟରେ ପୁଣି ତାର ଯାତ୍ରା ଆରମ୍ଭ କଲା।

କିଛିବାଟ ଯିବା ପରେ ତାର କେଁ କେଁ ଶବ୍ଦ ବନ୍ଦ ହୋଇଗଲା। ଏ ଗଳିରୁ ଭାଗିବା ପାଇଁ ଯେମିତି ବ୍ୟସ୍ତ ହେଉଥାଏ। ସେଥିପାଇଁ ବୋଧହୁଏ ଚୁପ୍‌ଚାପ୍ ଚାଲିଲା। ଗୋଡ଼ଗୁଡ଼ିକୁ ଆଉ ଘୋଷାରୁ ନାହିଁ, ଥଙ୍ଗେଇ ଥଙ୍ଗେଇ ଚାଲୁଛି। କୁଡ଼ିଆଘରର କାନ୍ଥ ସାହାରାରେ ଧୀରେ ଧୀରେ ବସ୍ତି ପାରି ହୋଇ ବସ୍ତି ଆଉ ମେନ୍‌ରୋଡ଼ ମଝିରେ ଥିବା ନାଳ ପୋଲ ଉପରେ ଛିଡ଼ା ହୋଇଗଲା। ତା'ପରେ କିଛି ଠିକ୍ କରିପାରିନି। ଦିନେ ଅଧେ ଶୁଆଉଠା ଓ ଯୋର୍‌ରେ ରଡ଼ି ଛାଡ଼ିବାରେ କଟିଗଲା। ରଡ଼ି ରଡ଼ି ଥକିଯିବା ପରେ ସାହାସ ବାନ୍ଧି ପୋଲ ପାରିହୋଇ ମେନ୍‌ରୋଡ଼କୁ ଆସିଗଲା।

ପ୍ରଶସ୍ତ ରାସ୍ତା। ରାସ୍ତାର ଦୁଇ ପାଖରେ ବିରାଟ ବିରାଟ ଘର। ରାକ୍ଷାସ ଭଳି ଟ୍ରକ ଓ ବସ୍ ଖୁବ୍ ଯୋର୍‌ରେ ଧାଉଁଥାନ୍ତି। ବଳଟେ ଭଳି କୁକୁର ଛୁଆଟି ନିର୍ଭୟରେ ସଡ଼କ ପାରି ହୋଇ ଅନ୍ୟପଟକୁ ଯିବାକୁ ଲାଗିଲା। ଏକ ଉତ୍ସାହରେ ଏ ବିରାଟ ପୃଥିବୀରେ ମଣିଷ ଯଦି ଆଶ୍ଚର୍ଯ୍ୟ କାମ କରିପାରେ, କୁକୁର ଛୁଆଟି କ'ଣ ସଡ଼କ ପାରି ହୋଇ ପାରିବନି ? ପୁଣି ଚାଲିବାକୁ ଲାଗିଲା।

ଗୋଟାଏ ବିରାଟ ଡ଼ବଲ୍ ଡେକର ବସ୍‌ଟିଏ ଆସିଗଲା। ଡ୍ରାଇଭରଟି ବିଚାରା ଭଲ ଲୋକଟିଏ। ଏତେ ଛୋଟ କୁକୁର ପିଲା ଲାଗି, ବସ୍‌ଟିକୁ ବନ୍ଦ କରୁ କରୁ ଭାବିଲା "ଛୋଟିଆ କୁକୁର ଛୁଆଟେ ମରିଗଲେ ପାପ ମୋ ମୁଣ୍ଡରେ ପଡ଼ିବ ।" ବସ୍ ଆଗପଟ ଦେଇ କୁକୁର ଛୁଆଟି ଯିବାପରେ ବସ୍ ପୁଣି ଷ୍ଟାର୍ଟ କଲା।

ମାଇ କୁକୁର ଛୁଆଟି ରାସ୍ତା ପାରି ହୋଇଗଲା। ଏବେ କୁଆଡ଼େ ଯିବ ? ତଥାପି କୁଆଡ଼କୁ ହେଲେ ତ ଯିବ ? ପୁଣି ଚାଲିବାକୁ ଲାଗିଲା।

ମେନ୍‌ରୋଡ୍ ପାର ହୋଇ ଗଳି ଭିତରେ ପଶିଲା। କୁଡ଼ିଆ ଘର ନଥିଲେ ବି ସେମିତି ଏକ ବସ୍ତି। ସେ ମଧ୍ୟରେ ଛୋଟ ଗଳିଟିଏ। ଚାଲୁ ଚାଲୁ ହଠାତ୍ ତା ଆଗରେ 'ଛପ୍' କରି ଏକ ପତର ପଡ଼ିଲା। ପତର ଦେଖିବା ମାତ୍ରେ କୁଦିପଡ଼ି ତାକୁ ଚାଟିବାର ଅଭ୍ୟାସ ତାର ହୋଇନି। ସେତକ ବୁଝି ବି ପାରିନି। ସୁତରାଂ 'ଛପ୍' ଶବ୍ଦ ଶୁଣିବା ମାତ୍ରେ ଡରିଯାଇ ପଛକୁ ଘୁଞ୍ଚିଗଲା।

କୁଆଡୁ ବଡ଼ କୁକୁରଟିଏ ଦୌଡ଼ିଆସିଲା ସେ ଜାଗାକୁ। ସେ ଯେ ତା ଜାତିର ହୋଇଥିବ, ଛୋଟ କୁକୁରୀଟି ମୋଟେ ଭାବି ପାରିଲା ନାହିଁ। ଭୟଭୀତ ଦୃଷ୍ଟିରେ ତା ଆଡ଼କୁ ଦେଖିବାକୁ ଲାଗିଲା। ଜାଣ୍ଟ ଦେହରେ ନେସି ହୋଇ ଖାଲି ବଡ଼ କୁକୁରର ପତର ଚାଟିବା କଥା ଦେଖୁଥାଏ। ସେତେବେଳେ ହିଁ ସେ ଜାଣି ପାରିଲା ଯେ, ପତର ଠୁଙ୍ଗା ଭିତରେ କିଛି ଖାଇବା ଜିନିଷ ଥାଏ।

ତା ପରେ ମଧ୍ୟ ଛୁଆ କୁକୁରୀ ପାଖେ ଆଉ କେତୋଟି ପତର ଠୁଙ୍ଗା 'ଛପ୍' 'ଛପ୍' ହୋଇ ପଡ଼ିଲା। କିନ୍ତୁ ପ୍ରତ୍ୟେକଥର ବଡ଼ କୁକୁରମାନେ ସେ ଗୁଡ଼ିକୁ ନିଜର ଅକ୍ତିଆର କରିନିଅନ୍ତି। ପତର ଭିତରେ ନିଶ୍ଚୟ କିଛି ଖାଇବା ଜିନିଷ ଅଛି, ବର୍ତ୍ତମାନ ସୁଦ୍ଧା ଛୁଆ କୁକୁରୀଟି ଜାଣି ଯାଇଥାଏ। କିନ୍ତୁ ତା ମଜା ଚାଖିବାର ମଉକା ମିଳିନି। ପେଟରେ ଖାଲି ଭୋକ।

ବର୍ଷା ଥଣ୍ଡାରେ କୁଁ କୁଁ ହୋଇ ଛୁଆ କୁକୁରୀଟିର ସେଇ ଗଳିରେ କିଛିଦିନ କଟିଗଲା। ପାଖରେ କୌଣସି ପ୍ରତିଦ୍ୱନ୍ଦୀ ନଥିଲେ, ରାସ୍ତାକଡକୁ ବହୁଥିବା ମଇଳାପାଣି ପାଖରେ ଯାହା ମିଳେ, ତାକୁ ଖାଇ କିଛିଦିନ କଟିଗଲା।

ଦିନେ, ଆକାଶରେ ସୂର୍ଯ୍ୟ ଦିଶିଲା। ଖରାରେ ତାର ଭିଜିଲା ଦେହ ଶୁଖିଯାଇଥାଏ। ବସ୍ତିର ଷଢ଼ାପଚା ଜିନିଷ ଖାଇ ଦେହରେ ସାମାନ୍ୟ ଶକ୍ତି ଓ ସ୍ଫୁର୍ତ୍ତି ବି ଆସି ଯାଇଥାଏ। ଛୋଟଗଳିଟି ଛାଡ଼ି ଛୁଆ କୁକୁରୀଟି ଅନ୍ୟ ଏକ ବଡ଼ ଗଳିକୁ ଆସିଗଲା।

ସେଇଠୁ ଆରମ୍ଭ ହେଲା ଜୀବନ ଯାତ୍ରା।

ସେଇ ଦିନଟି ଥିଲା ତା ପାଇଁ ଏକ ସୁବର୍ଣ୍ଣର ଦିନ।

ଜିଦ୍‌କରି କାନ୍ଦୁଥିବା ପିଲାକୁ ତା ମା ଜବରଦସ୍ତ ଟାଣି ନେଉଥାଏ। ପିଲାଟି ହାତଗୋଡ଼ ହଲେଇ ମା'ର କବଳରୁ ଖସିଯିବା ପାଇଁ ଚେଷ୍ଟା କରୁଥାଏ।

ମା'ର ଗୋଟାଏ ହାତରେ ସ୍ଲେଟ ଓ ସ୍କୁଲକୁ ଯିବା ବ୍ୟାଗ୍। ଅନ୍ୟ ହାତରେ ପିଲାକୁ ସମ୍ଭାଳି ପାରୁନି। ରାଗରେ ପିଲାଟାର ଗାଲରେ ଚଟକଣାଟିଏ ମାରିଲା। ପିଲାଟି କାନ୍ଦି ଉଠିଲା। ଆହୁରି ଯୋର୍‌ରେ। ମା ପୁଣି ଚେଷ୍ଟାକଲା ପିଲାଟାକୁ ବୁଝେଇବା ପାଇଁ। ଠିକ୍ ସେତିକିବେଳେ ସେ ଛୁଆ କୁକୁରୀଟି ସେଇ ପାଖରେ ପହଞ୍ଚିଗଲା। ମା, ପିଲାଟାକୁ ବୁଝେଇବା ପାଇଁ କହିଲା "ହେଇରେ ଦେଖ୍ କୁକୁର ଛୁଆ ଦେଖ୍।"

ଏଇନେ ପିଲାଟି ଜିଦିକଲା କୁକୁର ଛୁଆଟି ନେବାପାଇଁ। ଛୁଆ କୁକୁରୀଟି ପିଲାଟିର ମମତା ବୁଝିଲା ବୋଧହୁଏ। କୁଁ କୁଁ ହୋଇ ଲାଞ୍ଜ ହଲେଇବାକୁ ଲାଗିଲା।

ସୌଭାଗ୍ୟବଶତଃ ବର୍ଷା ବନ୍ଦ ହୋଇଯିବା ପରେ ଦେହ ଶୁଖିଯାଇ କୁକୁର ଛୁଆଟି ସଫା ଦିଶୁଥାଏ। ଗଲା କାଲିଯାଏଁ ମଣିଷର ଅଇଁଠା ଖାଇ ସେ ବଢ଼ିଆସିଛି !!

ସ୍ତ୍ରୀଟି କୁକୁର ଛୁଆକୁ ଉଠେଇ ଚୁମାଦେଇ ତାକୁ ପିଲା ହାତରେ ଦେଇଦେଲା। ଛୁଆ କୁକୁରୀଟି ଅନୁଭବ କଲା, ସତେ ଯେମିତି ତାର ଜୀବନ ଧନ୍ୟ ହୋଇଯାଇଛି। କିଛିଦିନ ଯାଏଁ ଘର ବାରଣ୍ଡା ଉପରେ ମୋଟା ଦଉଡ଼ି ଲାଗି ସେଇ ପିଲାଟିର

କଣେଇ ଭାବେ ତାକୁ ରହିବାକୁ ପଡ଼ିଲା। ପିଲାଟି ତାର ଭଙ୍ଗା କଥାରେ ତାକୁ 'ପପି' ବା 'ନୀକି' ବା ସେମିତି କିଛି ନାଁରେ ଡାକିବାକୁ ଲାଗିଲା।

ନୀକି ଏବେ ଖୁବ୍ ବଡ଼ ହୋଇଗଲାଣି। ଦିନେ ଘରର ମାଲିକାଣୀ ବାହାରକୁ ଯିବା ଦେଖି, ସେ ମଧ ତାଙ୍କ ପଛେ ପଛେ ବାହାରିଲା। ମାଲିକାଣୀ କେତେଥର ତାକୁ ଘଉଡ଼ାଇବାକୁ ଲାଗିଲେ। ତଥାପି, ଲାଞ୍ଜ ହଲେଇ ନୀକି ତାଙ୍କ ପଛରେ ଧାଇଁବାକୁ ଲାଗିଲା। ମାଲିକାଣୀ ଘଉଡ଼ାଇବା, ତାପରେ କିଛି ସମୟ ପାଇଁ ଲୁଚିଯାଇ ତାଙ୍କ ପଛରେ ଧାଇଁବା –ଏ ସବୁ ନୀକିକୁ ଖୁବ୍ ଭଲ ଲାଗୁଥାଏ। ମାଲିକାଣୀଙ୍କ ଅନ୍ୟ କାମ ଥାଏ। ଶେଷରେ ବସ୍ ଉପରେ ଚଢ଼ିଯାଇ ଶାନ୍ତିରେ ନିଶ୍ୱାସ ମାରିଲେ। ଭାବୁଥିଲେ ଏଇନେ ନୀକି ଘରକୁ ଫେରିଯିବ।

କିଛି ସମୟ ପର୍ଯ୍ୟନ୍ତ ନୀକି ବସ୍ ପଛେ ଖୁବ୍ ଯୋର୍‌ରେ ଦୌଡ଼ୁଥାଏ। କିନ୍ତୁ ସେଇ ଚଉଡ଼ା ରାସ୍ତାରେ ଖୁବ୍ ଯୋର୍‌ରେ ଧାଉଁଥିବା ବସ୍‌କୁ (ପହୁଞ୍ଚାଇବା), ନୀକି ପକ୍ଷରେ ସମ୍ଭବ ହେଲାନି। ଶେଷରେ ବହୁଦୂର ଯାଇ ଗୋଟିଏ ମୋଡ଼ ପାଖରେ ବସ୍‌ଟି ଅଦୃଶ୍ୟ ହୋଇଗଲା। କେଉଁ ଏକ ଅନ୍ଧବିଶ୍ୱାସରେ ନୀକି ମଧ ସେଇ ମୋଡ଼ ପାଖରେ ପହଞ୍ଚିଗଲା।

ବସ୍‌ଟିର ଆଉ ପତ୍ତା ନାହିଁ। ରାସ୍ତା ଉପରେ ଆଉ ଅନେକ ବସ୍, କାର୍ ଆଉ ଲୋକ ଭିଡ଼। ଘରମୁହାଁ ହୋଇ ନୀକି ସେଇ ରାସ୍ତାରେ ଫେରିଲା। ଲମ୍ବା ସଡ଼କ ଉପରେ କିଛିଦୂର ଯିବା ପରେ ହଠାତ୍ ଗୋଟିଏ ଗଳି ପାଖରେ ଅଟକିଗଲା।

ସେଇ ଗଳିରୁ ମସଲାଦିଆ ବରାର ଗନ୍ଧ ଭାସି ଆସୁଥାଏ। ନୀକିର କାନ ଟାଣିହୋଇ ଛିଡ଼ା ହୋଇଗଲା। ନାକ ଫୁଲେଇ, ମାଟି ଶୁଙ୍ଘି ଗୋଟିଏ ଲମ୍ଫରେ ଗଳି ଭିତରେ ପଶିଗଲା।

ଗଛତଳେ ବୁଢ଼ୀଟିଏ ବସି ଟିଣ ଷ୍ଟୋଭ ଉପରେ ବରା ଛାଣୁଥାଏ। ତା ପାଖରେ ଏକ ମଇଳାଗଦା ଉପରେ ଚଢ଼ି, ଜିଭରୁ ଲାଳ ଗଡେଇ, ନୀକି ବରାର କଡ଼ାଗନ୍ଧର ମଜା ଉପଲବ୍ଧି କଲା। ମାଲିକାଣୀ ଭଳି ବୁଢ଼ୀ କାଳେ ଖଣ୍ଡେ ଅଧେ ବରା ଫିଙ୍ଗିଦେବ, ଏଇ ଆଶାରେ ନୀକି ଲାଞ୍ଜ ହଲାଉଥାଏ।

ବୁଢ଼ୀ ଥରେ ବରା ଫାଳେ ନୀକି ଆଡ଼କୁ ଫିଙ୍ଗିଲା। ଆନନ୍ଦରେ ବିଭୋର ହୋଇ ଉଠିଲା ନୀକି। ଘୁରିଘୁରି ନାଚିବାକୁ ଲାଗିଲା। ବରା ଫାଳକୁ ହଠାତ୍ ନଖାଇ, ସାମାନ୍ୟ ପଛକୁ ଘୁଞ୍ଚିଯାଇ କିଛି ସମୟ ପର୍ଯ୍ୟନ୍ତ ଖୁବ୍ ପ୍ରଶଂସାପୂର୍ଣ୍ଣ ଦୃଷ୍ଟିରେ ଦେଖିବାକୁ ଲାଗିଲା। ସତେ ଯେମିତି ତାର ବରାଖଣ୍ଡକୁ ଅନ୍ୟ କେହି ନେବାକୁ ଆସୁଛି, ଏଇ ଭଙ୍ଗୀରେ ବରାଖଣ୍ଡକୁ ମୁହଁରେ ଯାବୁଡ଼ି ଧରିଲା। ପୁଣି ଯୁଦ୍ଧ ଜିଣିବା ଭଳି ବରାକୁ ଭୂଇଁରେ ପକାଇ ଦେଇ ତାର ଚାରିପାଖେ ଘୂରିବାକୁ ଲାଗିଲା।

ହଠାତ୍ କୁଆଡୁ ବର୍ଷା ଆସିଗଲା। ବୁଢ଼ୀ ତାର ଷ୍ଟୋଭ ଆଉ ବାକିତକ ସାମାନ ଧରି ପାଖଘର ବାରଣ୍ଡାକୁ ଉଠିଗଲା। ବର୍ଷାମାଡ଼ରୁ ରକ୍ଷା ପାଇବା ପାଇଁ ନୀକି ମଧ ବାରଣ୍ଡା ତଳେ ଛିଡ଼ା ହୋଇଗଲା। କିଛିବେଳଯାଏ ବର୍ଷା ହୋଇ ପୁଣି ବନ୍ଦ

ହୋଇଗଲା। ବର୍ଷା ପରେ ରାସ୍ତା ଉପରେ ପୁଣି ଚହଳ ଆରମ୍ଭ ହୋଇଗଲା। ସ୍କୁଲରୁ ବି ପିଲାମାନେ ଫେରୁଥିଲେ।

ମାଲିକାଣୀ ଆଉ ତାଙ୍କ ପୁଅ କଥା ମନେ ପଡ଼ିଲା ନୀକିର। ମୁନ୍ନାର କଥା ମନେ ପଡ଼ିଲା ପରେ, ସେଇଠି ରହିବାକୁ ଆଉ ମୋଟେ ଇଚ୍ଛା ହେଲାନି। ଖୁବ୍ ଯୋର୍ ସେ ଧାଇଁ ସେଇଠୁ ବାହାରି ପଡ଼ିଲା।

ଛକ ଯାଗାରୁ ରାସ୍ତା ଅଲଗା ଅଲଗା ଦିଗକୁ ମାଡ଼ି ଯାଇଛି।

ନୀକି ହଠାତ୍ ଆଜି ରାସ୍ତା ଭୁଲିଗଲା। ମୁନ୍ନା ଘରଚ ରାସ୍ତା ଆଉ ବାରି ପାରୁନି। ଏ ରାସ୍ତା, ସେ ରାସ୍ତା ଖାଲି ଧାଇଁବାକୁ ଲାଗିଲା। ମାଲିକାଣୀଙ୍କ ପଛରେ ଗୋଡ଼ାଇଲା ବେଳେ ହରବରରେ ମଧ୍ୟ ସେ ମଝିରେ ମଝିରେ ରାସ୍ତା ଉପରେ ପରିସ୍ରା କରି ଚିହ୍ନ ଛାଡ଼ି ଆସିଥାଏ। କିନ୍ତୁ କିଛି ସମୟ ପୂର୍ବରୁ ହୋଇଥିବା ବର୍ଷାମାଡ଼ରେ ସେ ଚିହ୍ନତକ ସୁଦ୍ଧା ଧୋଇ ହୋଇଗଲାଣି।

ନୀକି ତଥାପି ଧୈର୍ଯ୍ୟ ହାରିନି। ସେମିତି ଦୌଡୁଥାଏ। ସଂଧ୍ୟାହୋଇ ରାତି ବି ହେଲା। ରାସ୍ତାଉପର ବତୀଗୁଡ଼ିକ ଜଳି ଉଠିଲା। ସାମାନ୍ୟ ଡର ଲାଗିଲା ନୀକିକୁ। ତାକୁ କେମିତି ଜଣାଗଲା, ଆଉ ବୋଧହୁଏ କେବେ ମାଲିକାଣୀ ବା ମୁନ୍ନା ସହ ଦେଖାହୋଇ ପାରିବ ନାହିଁ। ନିରାଶ ହୋଇ ଆକାଶ ଆଡ଼କୁ ଦେଖି କାନ୍ଦିବାକୁ ଲାଗିଲା। ରାତିସାରା କାନ୍ଦି କାନ୍ଦି କେଉଁ ଏକ ଗଳି ଭିତରେ ଶୋଇ ପଡ଼ିଲା।

ସକାଳ ହେଲାବେଳକୁ ନୀକି ପୁଣିଥରେ ଅନାଥ ହୋଇ ସାରିଥାଏ।

ଗଳି ଭିତରେ ଯାଉଥିବା ସ୍ତ୍ରୀମାନଙ୍କୁ ନିଜ ମାଲିକାଣୀ ଭାବି ପଛେ ପଛେ ଧାଏଁ। ଘଉଡ଼େଇ ଦେଲେ ପୁଣି ନିରାଶ ହୋଇ ଫେରିଆସେ।

ନୀକି ଖୁବ୍ ବଡ଼ ହୋଇଗଲାଣି। ଏବେ ଅଇଁଠା ଜିନିଷ ମିଳିଲେ ନିର୍ଭୟରେ ଅନ୍ୟ କୁକୁରମାନଙ୍କ ସହ ଲଢ଼େଇକରି ନିଜର ଭାଗ ହାସଲ କରେ। ପେଟର ସମସ୍ୟା କିଛିଟା କମିଯାଇଛି।

କିନ୍ତୁ ପେଟ ସମସ୍ୟା ତ ଆଉ ଏକମାତ୍ର ସମସ୍ୟା ନୁହେଁ। କ୍ଷୁଧାଭଳି ମଣିଷ ପ୍ରେମର ଆବଶ୍ୟକତା ଉପଲବ୍ଧି କରେ। ସବୁଦିନ ରାତିରେ ମାଲିକାଣୀ ଆଉ ମୁନ୍ନା ମନେ ପଡ଼ି ରାତିସାରା କୁଁ କୁଁ ହୋଇ କାନ୍ଦେ।

ସଡ଼କ ଉପରେ ଗଳାରେ ଶିକୁଳି ଲଗାଇ ମାଲିକ ପଛରେ ଧାଉଁଥିବା ଚଞ୍ଚଳ କୁକୁର, ମାଲିକଙ୍କ ଆଗରେ ଚାଲି ତାଙ୍କୁ ଟାଣୁଥିବା ଗମ୍ଭୀର କୁକୁର, କିମ୍ବା କାର୍‌ରେ ମାଲିକଙ୍କ ସାଙ୍ଗରେ ତାଙ୍କ ଭଳି ବସି ଝରକା ବାହାରକୁ ମୁହଁ ଗଳାଇଥିବା କୁକୁର ଦେଖିଲେ, ଇର୍ଷାରେ ନୀକିର ମନ ଦୁଃଖଭରା ହୋଇ ଉଠେ। ସେମାନଙ୍କୁ ଦେଖି ହଠାତ୍ ନୀକି କାନ୍ଦିଉଠେ।

କେବେ କେମିତି ଏମିତି କୁକୁର ନୀକିକୁ ଦେଖି, ଦାନ୍ତ ଦେଖାଇ, ଗର୍ଜନ କରି ତା ଉପରେ କୁଦି ପଡ଼ିବା ଲାଗି ଦୌଡ଼ନ୍ତି। ସେତେବେଳେ ମାଲିକ ନୀକିକୁ ହିଁ ପଥର ମାରି ଘଉଡ଼ାଇ ଦେବାରେ ଲାଗନ୍ତି। ନୀକି ଖାଲି କିଛିବାଟ ଘୁଞ୍ଚିଯାଇ, ମୁହଁ ମୋଡ଼ି, ଖୁବ୍ ଯୋର୍‌ରେ ଭୁକିଉଠେ, ସେଇଠୁ ଚାଲିଯାଏ।

ଆଉ ଦିନକର କଥା। ଦ୍ୱି-ପହର ସମୟ। ଦି ପାଖରେ ସୁନ୍ଦର ବଙ୍ଗଳାଗୁଡ଼ିଏ, ମଝିରେ ସଡ଼କଟିଏ ଯାଇଛି। ନିଶୂନ୍ ସଡ଼କ। ମୁଣ୍ଡ ଉପରେ ପ୍ରଚଣ୍ଡ ଖରା। ଦିନ ତମାମ ସହର ସାରା ବୁଲି ଅଇଁଠା ପତର ଚାଟିଥିବା ଯୋଗୁଁ ନୀକିର ପେଟ ଭରିଯାଇଥାଏ। ଭଲ ଜାଗାଟିଏ ବାଛି, ଶୋଇଯିବା ଲାଗି ନୀକି ବୁଲୁଥାଏ।

ହଠାତ୍ ଜଣାଗଲା ତାକୁ ଯେମିତି କିଏ ଡାକୁଛି ଖୁବ୍ ଆଦରରେ। ଟାଲୁ ଟାଲୁ ଉଠିଯାଇ କାନ ଠିଆକରି ନୀକି ଏପାଖ ସେପାଖ ଦେଖିଲା। ପାଖ ବଙ୍ଗଳାର ବନ୍ଦ ଲୁହା ଗେଟ ସେ ପାଖରେ କୁକୁରଟିଏ ଦରବାଜା ଭିତରେର ଦୁଇଟି ଗୋଡ଼ ଟେକି ମୁହଁ ଉଠେଇ ତାକୁ ଡାକୁଛି।

ଖୁବ୍ ଧଳାରଙ୍ଗର ମସ୍ତ କୁକୁରଟିଏ। ରୂପାଭଳି ଦେହର ବାଳ ଚିକ୍ ଚିକ୍ କରୁଥାଏ। କୁକୁରଟି ଅସ୍ଥିର ଭାବେ ଲୁହା ଗେଟକୁ ନଖରେ ଆମ୍ପୁଡ଼ି ଭୁକିବା ଆଉ ବ୍ୟସ୍ତ ହେବା ଦେଖି, ନୀକିକୁ ଖୁବ୍ ମଜା ଲାଗୁଥାଏ। ନୀକି ଅନୁଭବ କଲା ଅନ୍ୟମାନଙ୍କ ଭଳି ଏଇ କୁକୁରଟି ଗର୍ଜୁ ନାହିଁ, ବରଂ ଖୁବ୍ ଆଦରରେ ତାକୁ ଡାକୁଛି।

ନୀକି ଖୁବ୍ ଧିରେ ନିଜ ଲାଞ୍ଜ ହଲେଇଲା। ନୀକିର ସମ୍ମତି ଦେଖି ସେଇ କୁକୁରଟି ବ୍ୟଗ୍ର ଭାବେ ଲୁହାଗେଟକୁ ଖୁବ୍ ଯୋର୍‌ରେ ଆମ୍ପୁଡ଼ିବାକୁ ଲାଗିଲା। ଗେଟ୍ ଓ ଭୂଇଁ ମଝିରେ ପଶି ବାହାରକୁ ଆସିବାପାଇଁ ଚେଷ୍ଟା କଲା। କିନ୍ତୁ କିଛି ହୋଇ ପାରିଲା ନାହିଁ। କୁକୁରଟି ଖୁବ୍ ମୋଟା ଥିବାରୁ ସେ ଭିତରକୁ ଗଳି ପାରିଲା ନାହିଁ। ଉଚ୍ଚବଂଶୀୟ କୁକୁରଟି ଦୀନ ଭାବରେ ନୀକିକୁ ଡାକିବାକୁ ଲାଗିଲା।

ତା ପାଖକୁ ଯିବାପାଇଁ ନୀକିର ମଧ୍ୟ ଇଚ୍ଛା ହେଉଥାଏ। ନୀକି ବୁଝିପାରିଲା, ସେ ନିଜେ ଯେମିତି ମଣିଷର ମମତା ପାଇଁ ବିକଳ ହୁଏ, ଠିକ୍ ସେମିତି କୁକୁରଟି କୁକୁରୀର ପ୍ରେମଲାଗି ବିକଳ ହୋଇ ଉଠିଛି। ତା ପାଇଁ କୁକୁରଟି ବ୍ୟସ୍ତ ହେବା ଦେଖି ନୀକି ଖୁବ୍ ଖୁସି ହେଲା। ଏତେ ବଡ଼ଘରର ଉଚ୍ଚବଂଶୀୟ କୁକୁରର ପ୍ରେମଭରା ଆମନ୍ତ୍ରଣକୁ ଅନାଥିନୀ ନୀକି କେମିତି ଟାଳି ପାରନ୍ତା?

ନୀକି ତା ପାଖକୁ ଗଲା। ଗେଟ୍ ତଳେ କୁକୁର ଗଳି ପାରୁନଥିଲା, କିନ୍ତୁ ନୀକି ସେ ଭିତରେ ଗଳି ପାରିବ। ନୀକିର ଆଗଗୋଡ଼ ଉପରେ ନିଜର ପନ୍ଝାରଖି କୁକୁରଟି ତାକୁ ଭିତରପଟକୁ ଟାଣିଲା।

କୌଣସି ମତେ ନୀକି ବଙ୍ଗଳାର କମ୍ପାଉଣ୍ଡ ଭିତରେ ପଶିଗଲା। ଖୁସିରେ ଦିହେଁ ଦିହିଙ୍କ ଉପରେ ଗଡ଼ାଗଡ଼ି ହେଉଥାନ୍ତି। ସେଇ କୁକୁରର କାବୁରୁ ନୀକି ଖସିଯାଇ ଡେଇଁଥାଏ। ମୋଟା କୁକୁରଟି ଘୁଞ୍ଚିଆସି କିଛି ସମୟ ପର୍ଯ୍ୟନ୍ତ ନୀକିର ଡିଆଁଡେଇଁ ଦେଖିଲା। ପୁଣି ସୁବିଧା ଦେଖି ନୀକି ଉପରେ ଏମିତି ମାଡ଼ିବସିଲା ଯେ, ନୀକି ଆଉ ତା କବଳରୁ ଖସି ପାରିଲା ନାହିଁ।

ଘରର କବାଟ ଖୋଲି କୁକୁରକୁ ନେବା ପାଇଁ ମାଲିକାଣୀ ବାହାରକୁ ଆସିଲେ। ଏମାନଙ୍କ ଏ ଦୃଶ୍ୟ ଦେଖି ପାଟିକଲେ 'ଛି ସର୍‌ଦାର୍ ଏଇଟା କଣ? ସର୍‌ଦାର୍ ' କିନ୍ତୁ ଦିହିଙ୍କୁ ଅଲଗା କରିପାରିଲେ ନାହିଁ। କାଳେ କିଏ ଦେଖୁଥିବ ଭାବି ସବୁଆଡ଼େ ଥରେ ଦେଖି ଘର ଭିତରକୁ ଯାଇ ପୁଣି କବାଟ ବନ୍ଦ କଲେ।

ଏବେ ନୀକି ଯେଉଁଆଡ଼େ ଯାଏ, ସଭିଏଁ ତାକୁ ଘଉଡ଼େଇ ଦିଅନ୍ତି। ବଙ୍ଗଳା ପାଖରେ ବୁଲିବା ପାଇଁ କେହି ତାକୁ ସୁଯୋଗ ଦିଅନ୍ତି ନାହିଁ।

କାଳେ ସେ ଘର ପାଖେ ଛୁଆ ଜନ୍ମ ଦେବ, ଏଇ ଡରରେ ତାକୁ କେହି ଜାଗା ଦେଉ ନଥିଲେ। ହେଲେ ନୀକି ସେ କଥା ମୋଟେ ବୁଝିପାରୁ ନଥାଏ। ଘଉଡ଼ାଇବା ଓ ତାପରେ ସେ ନିଜେ ଚାଲିଯିବା, ଏସବୁ ନୀକି ପାଇଁ ଏବେ ଏକ ପୁରୁଣା ଅନୁଭୂତି। ତଥାପି ଆଜିକାଲି ଏମିତି ଦୌଡ଼ିଲେ ତାକୁ କେମିତି କଷ୍ଟ ହୁଏ ଏଭଳି ଥକି ଯିବାଟା ହିଁ ତା ପାଇଁ ଏକ ନୂତନ ଅନୁଭୂତି।

ସଫାସୁତୁରା ବାରଣ୍ଡା କିମ୍ବା ଅଗଣାରେ ଜାଗା ନ ପାଇବାରୁ, ଶେଷରେ ଭୀଷଣ ଯନ୍ତ୍ରଣାରେ ଛଟପଟ ହୋଇ ବାଧ୍ୟ ହୋଇ ନୀକି ପୁଣି ଏକ ବସ୍ତି ଭିତରର ଗଳି ଭିତରେ ପଶିଗଲା।

ଏଭଳି ଏକ ମଇଳା ବସ୍ତିରେ ତାର ଜନ୍ମ ହୋଇଥିଲା।

ଗୋଟିଏ କୁଡ଼ିଆର ପଛପାଖ କାନ୍ଥତଳେ ନୀକି ପାଞ୍ଚୋଟି ଛୁଆଙ୍କୁ ଜନ୍ମଦେଲା।

ଯିଏ ଦେଖିଲା, କୁକୁର ଛୁଆଗୁଡ଼ିକର ପ୍ରଶଂସା କଲା। ଉଚ୍ଚବଂଶୀୟ କୁକୁରର ଛୁଆ ବୋଲି କହିଲେ। କିଛି ଦିନପରେ ସବୁ ଛୁଆଗୁଡ଼ିକ ନୀଙ୍କ ପାଖରୁ ବିଚ୍ଛେଦ ହୋଇଗଲେ।

କୁକୁର ଜୀବନରେ ବି ଉତ୍‌ଥାନ ପତନ, ମାନ ଅପମାନ, ଦୁଃଖ ଓ ହର୍ଷ ଗାଡ଼ିଚକ ଭଳି ଓଲଟ ପାଲଟ ହୋଇ ଆସେ!!

କାର୍‌ରେ ଯାଉଥିବା, ଗଳାରେ ଚେନ୍ ବନ୍ଧା, ମାଲିକଙ୍କୁ ଟାଣି ନେଉଥିବା ମୋଟା କୁକୁର ଦେଖିଲେ ନୀକି ତା ଆଡ଼କୁ ଥରେ 'ଧାଏଁ'। ସତେ ଯେମିତି ତା ନିଜ ଛୁଆମାନଙ୍କୁ ଖୋଜେ। ଖାଲି ତା ପେଟରୁ ଜନମ ହେଲେ ସେମାନଙ୍କ ଚେହେରା ବଦଳିଯିବ ?

ଏବେ ବଙ୍ଗଳାରେ ରହୁଥିବା ସଡ଼କ ଉପରେ ବୁଲୁଥିବା ବା ଆଉ କୌଣସି କୁକୁରକୁ ଗଳି ଗଳି ବୁଲି ନୀକି ଖୋଜି ବସେ। ତା ପାଇଁ ଆଉ ଏକ କୁକୁରର ଉଷ୍ମ ସ୍ପର୍ଶ ଦରକାର — ଏ କଥା ନୀକି ବୁଝେ।

ଆଉ ନିହାତି ଜରୁରୀ ହେଲେ, କିଏ କଣ ଜାତି ବାରୁଥାଏ ??

Lazer typesetting by Jagannath Laminators, Badam Badi, Cuttack and printed at
I.M.H. Press (P) Ltd, Okhla Industrial Area, Phase-I, New Delhi